# ଏମ୍. ଏ.

# ଓଡ଼ିଆ ପାଠ୍ୟକ୍ରମ

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା

## ଅଷ୍ଟାଦଶ ପତ୍ର


ଆଲୋଚକ

**ଦିଲ୍ଲିପ କୁମାର ସ୍ୱାଇଁ**

ଅଧ୍ୟାପକ, ଓଡ଼ିଆ ବିଭାଗ

ଏସ୍.ସି.ଏସ୍. ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀ



**D D C E**

**Education for All**

# ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

**ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର**

**ଭୁବନେଶ୍ୱର**

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା

ଅଷ୍ଟାଦଶ ପତ୍ର

***Published by :***
**Directorate of Distance & Continuing Education**
**Utkal University, Vani Vihar, Bhubaneswar**

**First Edition : 2014**

© Directorate, DDCE, Utkal University

***No. of Copies*** : ............ Copies

View expressed are those of the authors and DDCE takes no responsibility for the same.

***Printed at :***
*inte*CAD
442, Saheed Nagar, Bhubaneswar-751007
Ph. : 0674-2544631, Mob.- 9437044631

This SIM has been prepared exclusively by Directorate of Distance & Continuing Education (DDCE), Utkal University, It conforms to the syllabi and contents as approved by the Utkal University.

# ସୂଚୀପତ୍ର

ୟୁନିଟ୍ -୧

ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତାର ସ୍ୱରୂପ ଓ ପୃଷ୍ଠଭୂମି ୫

ୟୁନିଟ୍-୨

ମାଟି ୨୦

ୟୁନିଟ୍-୩

ଗୃହ ପ୍ରବେଶ ୬୩

ୟୁନିଟ୍-୪

ଶ୍ରୀରାଧା ୧୦୦

ୟୁନିଟ୍-୫

ଶବରୀ

*****

# ଏମ୍.ଏ. ଓଡ଼ିଆ ପାଠ୍ୟକ୍ରମ

## ଅଷ୍ଟାଦଶ ପତ୍ର

## ପ୍ରଥମ ୟୁନିଟ୍

# ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତାର ସ୍ୱରୂପ ଓ ପୃଷ୍ଠଭୂମି

ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତା ବହୁ ବର୍ଣ୍ଣିଳ ଭାବଭୂମି ଉପରେ ଦଣ୍ଡାୟମାନ । ଏଥିରେ ଭାରତୀୟତା ଯେତିକି ପଶ୍ଚିମ ପାଣିପାଗର ପ୍ରଭାବ ସେତିକି । ସମାଜ ଜୀବନଠାରୁ ଆରଂଭକରି ବ୍ୟକ୍ତିଜୀବନର ସାମଗ୍ରିକ ଅଧ୍ୟୟନରେ ଏହି ସମୟର କବିତା ରୂପବଂତ ହୋଇଛି । କବିତାର ଏହି ଭାବଭୂମି ଓ ସ୍ୱରୂପ ଗୁଡିକୁ ନିମ୍ନରେ ବିଶ୍ଳେଷଣ କରାଯାଉଛି ।

୧:୦ ଆଧୁନିକ ଓଡ଼ିଆ କବିତାର ଉନ୍ମେଷ ଓ ବିକାଶ

୧:୧ ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତାର ପୃଷ୍ଠଭୂମି ବିଶ୍ଳେଷଣ

୧:୨ ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓନିଆ କବିତାର ସ୍ୱରୂପ ନିର୍ଣ୍ଣୟ

୧:୩ ନିଷ୍କର୍ଷ

ଆଧୁନିକ ଓଡ଼ିଆ କବିତାର ସରଳ ଅବବୋଧ ନିମନ୍ତେ ଏହିପରି ଏକ ବିଶ୍ଳେଷଣ ସାରଣୀ କ୍ରମରେ ଅଧ୍ୟୟନ କରାଯାଇ ପାରିବ । ଏହି ଆଲୋଚନାରୁ ଆଧୁନିକ ଓଡ଼ିଆ କବିତାର ପୃଷ୍ଠଭୂମି ଓ ସ୍ୱରୂପ ସଂପର୍କରେ ସଠିକ୍ ଧାରଣା କରାଯାଇ ପାରିବ ।

### ୧:୦ ଆଧୁନିକ ଓଡ଼ିଆ କବିତାର ଉନ୍ମେଷ ଓ ବିକାଶ

ସାମାଜିକ ସ୍ତରରେ ପରିବର୍ତ୍ତନ ସୃଷ୍ଟିହେଲେ ଏହାର ସ୍ୱର ସର୍ଜନ ଶୀଳତାରେ ଲକ୍ଷ୍ୟ କରାଯାଏ । ଆମ ଚାରିକଡରେ ଘଟୁଥିବା ସାମାଜିକ, ରାଜନୈତିକ ଘଟଣାକ୍ରମ ଗୁଡିକ ନୂଆ ।ଜୀବନ ବୋଧ ସୃଷ୍ଟିକରନ୍ତି । ଏହି ନୂତନ ଘଟଣା କ୍ରମରୁ ଏକ ନୂଆ ସାଂସ୍କୃତିକ ସଂରଚନା ଜନ୍ମନିଏ । ଏପରି ପରିବର୍ତ୍ତନରୁ ଯେଉଁ ନୂତନ ଜୀବନ ବୋଧର ଜନ୍ମହୁଏ, ଆମେ ତାହାକୁ ଆଧୁନିକତା ବୋଲି କହିଥାଉ । ଏହି ଆଧୁନିକ ଚେତନାଟି ସାହିତ୍ୟ ସୃଷ୍ଟି ଭିତରେ ପ୍ରକାଶ କରି ଆଧୁନିକ ଚେତନାର ପ୍ରୟୋଗ ସୃଷ୍ଟିକରେ । ସାହିତ୍ୟରେ ଆଧୁନିକତା ଆସିବାର ଅର୍ଥ ନୁହେଁ ଯେ ପ୍ରଚଳିତ ସାହିତ୍ୟ ଓ ପ୍ରାଚୀନ ସାହିତ୍ୟ ସବୁ ପୁରୁଣା ବା ଅଚଳ ହୋଇଗଲେ । ପ୍ରଚଳିତ ସାହିତ୍ୟ ଉପରେ ଆଧୁନିକତା ଏକ ନୂତନ ପ୍ରଲେପ । ନୂଆ ଭାବ ବୋଧର ପରି ପ୍ରକାଶ । ବ୍ୟବ୍‌ହାରିକ ଜୀବନବୋଧ ଓ ସମକାଳୀନତାର ସଂଯୋଗ । 'ଆଧୁନିକ' ଏକ ଆପେକ୍ଷିକ ଶବ୍ଦ । ପ୍ରତିଟି ସାହିତ୍ୟ ତା' ନିଜ ସମୟରେ ଆଧୁନିକ । ଏହି ଅର୍ଥରେ ଆଧୁନିକ ଏକ ପ୍ରବାହମାନ ଧାରାକୁ ବୁଝାଏ । ଏଥିରେ ବ୍ୟକ୍ତି, ସମାଜ, ସଭ୍ୟତା ଓ ସଂସ୍କୃତି ସମାନ ଭାବରେ ପରିବର୍ତ୍ତିତ ହୋଇ ଚାଲନ୍ତି । ଓଡ଼ିଆ କାବ୍ୟ ସାହିତ୍ୟର ସୁଦୀର୍ଘ ପରଂପରାକୁ

ଆଲୋଚନା କଲେ ଭିନ୍ନ ଭିନ୍ନ ସମୟରେ ନୂଆ ନୂଆ ଚେତନାମାନଙ୍କ ଦ୍ୱାରା ଆମ କାବ୍ୟ ଧାରାରେ ଆଧୁନିକତାର ପ୍ରକାଶ ଘଟିଛି । ଏସବୁ ପରିବର୍ତ୍ତନର ମୁଖ୍ୟ କାରଣ ଭାବରେ ଇଂରେଜମାନଙ୍କ ଓଡ଼ିଶା ଆଗମନ (୧୮୦୩) ଓ ପଶ୍ଚିମ ସାହିତ୍ୟ ସହ ଆମ ସ୍ରଷ୍ଟାମାନଙ୍କ ସଂପର୍କକୁ ବୁଝିବାକୁ ପଡ଼ିବ ।

ଇଂରେଜମାନେ ଓଡ଼ିଶା ଅଧିଗ୍ରହଣ କରିବା ପରେ ନୂଆ ରାଜସ୍ୱନୀତି, ଶାସନ ନୀତି ଦ୍ୱାରା ଓଡ଼ିଶା ଶାସନ ଆରଂଭ କଲେ । ଜମିଦାର ଓ ରାଜାମାନଙ୍କ ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ସହ ସେମାନଙ୍କର କାର୍ଯ୍ୟ ପରିସରରେ ହସ୍ତକ୍ଷେପ କଲେ । ଗଡ଼ଜାତ ରାଜାମାନଙ୍କ ପାଖରେ ନିଜର ପଲିଟିକାଲ ଏଜେଣ୍ଟ ନିଯୁକ୍ତ କରି ଗଡଜାତ ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କଲେ । ଇଂରେଜମାନଙ୍କ ଏହିକାର୍ଯ୍ୟ ବ୍ୟବସ୍ଥା ବିରୁଦ୍ଧରେ ୧୮୧୭ ମସିହାରେ ପାଇକ ବିଦ୍ରୋହ ଆରମ୍ଭ ହେଲା । ନିଜର ଅସ୍ମିତା ଓ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଥିବା ଏ 'ପାଇକ ବିଦ୍ରୋହ'କୁ ଇଂରେଜମାନେ ଦମନ କରି ଓଡ଼ିଶାକୁ ସଂପୂର୍ଣ୍ଣ ଭାବରେ କବଳିତ କଲେ । ଓଡ଼ିଶାର ଶାସନ ସଂସ୍କାର କରିବା ସହିତ ଏହାର ଭାଷା, ସାହିତ୍ୟ ଓ ଜୀବନ ବୋଧକୁ ସଜାଡ଼ିବା ପାଇଁ ଇଂରେଜ ସରକାର ଅନେକ ଗଠନ ମୂଳକ କାର୍ଯ୍ୟ କରିଛନ୍ତି । ପାଇକ ବିଦ୍ରୋହ ପରେ ମିଶ୍ନାରୀମାନଙ୍କ ଦ୍ୱାରା ଓଡ଼ିଶାର ବନାଞ୍ଚଳରେ ସାହାର୍ଯ୍ୟ, ସୁରକ୍ଷା ସହ ଖ୍ରୀଷ୍ଟଧର୍ମର ପ୍ରଚାର ଓ ପ୍ରସାର ଆରମ୍ଭ ହୋଇଛି । ମିଶନାରୀମାନେ ସମାଜରେ ପ୍ରଚଳିତ ଥିବା ଧାର୍ମିକ ଅଂଧବିଶ୍ୱାସକୁ ଦୂର କରିବାକୁ ପ୍ରୟାସ କରିଛନ୍ତି । ହିନ୍ଦୁ ଧର୍ମରେ ଥିବା ବିଭିନ୍ନ ଭୌତିକ ପଦ୍ଧତିକୁ ବିରୋଧ କରିବା ସହ ଏକ ଆଧୁନିକ ପ୍ରଗତିଶୀଳ ମନୋଭାବ ସମାଜରେ ସୃଷ୍ଟି କରିଛନ୍ତି । ଖୀଷ୍ଟିୟାନ ଧର୍ମର ପ୍ରସାର ଓ ସମାଜ ସଂସ୍କାର ଆଭିମୁଖ୍ୟରୁ ଭାରତରେ ଆଧୁନିକତା ପ୍ରବେଶ କରିଛି । କ୍ରମଶଃ 'ବ୍ରାହ୍ମସମାଜ' ସୃଷ୍ଟି ହେବା ଦ୍ୱାରା ଭାରତର ପ୍ରାଚୀନ ହିନ୍ଦୁ ଧର୍ମରେ ନୂତନ ସଂସ୍କାର ଆସିଛି । ବ୍ରହ୍ମଉପସନା  କରିବା ପାଇଁ ବ୍ରାହ୍ମଧର୍ମ ସୃଷ୍ଟି ହୋଇଛି । କେଶବ ଚନ୍ଦ୍ରସେନ, ଦୟାନନ୍ଦ ସରସ୍ୱତୀ, ରାମକୃଷ୍ଣ ପରମହଂସ, ରାମମୋହନ ରାୟ, ବିବେକାନନ୍ଦ ଆଦି ସନ୍ଥପୁରୁଷ ମାନଙ୍କ ଦ୍ୱାରା ଭାରତୀୟ ସମାଜରେ ଆଧାତ୍ମିକ ଆଧୁନିକତା ଆରମ୍ଭ ହୋଇଛି ।

ଇଂରେଜ ସରକାରଙ୍କ ଗଠନ ମୂଳ କାର୍ଯ୍ୟନୀତି ଦ୍ୱାରା ଭାରତ ତଥା ଓଡ଼ିଶାରେ ଆଧୁନିକତାର ପ୍ରବେଶ ଘଟିଛି । ଲର୍ଡ ମାକେଲ୍‌ଙ୍କ ଦ୍ୱାରା ପ୍ରବର୍ତ୍ତିତ ନୂତନ ଶିକ୍ଷାନୀତି (୧୮୩୫) ପ୍ରଚଳନ ଯୋଗୁ ଭର୍ଣ୍ଣାକୁଲାର ସ୍କୁଲମାନ ସ୍ଥାପନ ହୋଇ ଭାଷାଶିକ୍ଷାର ସୁଯୋଗ ସୃଷ୍ଟି ହୋଇଛି । କଟକ, ପୁରୀ, ବାଲେଶ୍ୱରରେ ଜିଲ୍ଲା ସ୍କୁଲମାନ ସ୍ଥାପନ ହୋଇ ଇଂରେଜ ଭାଷା ଅଧ୍ୟୟନର ସୁଯୋଗ ସୃଷ୍ଟି ହୋଇଛି । ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ ୧୮୬୮ ମସିହାର ଓଡ଼ିଆ ଭାଷା ବିଲୋପ ଜନିତ ଚକ୍ରାନ୍ତ ଓଡ଼ିଆ ଜାତିର ଜାତୀୟ ଜୀବନକୁ ବିପନ୍ନ କରି ବସିଛି । ଏପରି ଅନ୍ଧାରର ଆଁ ଭିତରୁ ଉତ୍କଳ ଦୀପିକା, ରେଭେନ୍‌ସା ମହାବିଦ୍ୟାଳୟ ସ୍ଥାପନା ହେବା ସହ ଓଡ଼ିଆ ଭାଷା ସୁରକ୍ଷା ପାଇଁ ଗଠନ ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଗୌରୀଶଙ୍କର ରାୟ,  ଫକୀର ମୋହନ ସେନାପତି ପ୍ରମୁଖଙ୍କ ଉଦ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟର  ବିକାଶ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ପାଠ୍ୟପୁସ୍ତକ ରଚନା, ଓଡ଼ିଆ ପତ୍ରିକା ପ୍ରକାଶନ, ଆଧୁନିକ ନାଟକ, ଗଳ୍ପ, ଉପନ୍ୟାସ, ପ୍ରବଂଧ ରଚନା ସହ ପାଶ୍ଚାତ୍ୟ ସାହିତ୍ୟର ଅନୁବାଦ କ୍ରମରେ ଓଡ଼ିଆ ସାହିତ୍ୟରେ ଆଧୁନିକତାର ସୂତ୍ରପାତ ଘଟିଛି । ଓଡ଼ିଆ ସମାଜ ଓ ସାହିତ୍ୟ ପାଇଁ ଏହି ଆଧୁନିକତା ଥିଲା ଆତ୍ମଜାଗୃତି ମୂଳକ ଆଧୁନିକତା ।

'ଉତ୍କଳ ସମ୍ମିଳନୀ' ମାଧମରେ ମଧୁସୂଦନ ଦାସ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ଯେଉଁ ଜାତୀୟବାଦୀ ଆହ୍ୱାନ ଦେଇଥିଲେ, ସେଥିରୁ ସୃଷ୍ଟି ଆଧୁନିକ ଚିନ୍ତନ ଓଡ଼ିଆ ଜନଜୀବନ ଉପରେ ଗଭୀର ରେଖାପାତ କଲା । ଓଡ଼ିଆ ସାହିତ୍ୟ ଏହିଆଧୁନିକ ଚିନ୍ତନକୁ କେନ୍ଦ୍ର କରି ବିକଶିତ ହେଲା । ସତ୍ୟବାଦୀ ବନ ବିଦ୍ୟାଳୟ (୧୮୦୯) ପ୍ରତିଷ୍ଠାସହ ଗୋପବଂଧୁ ଦାସଙ୍କ ସମାଜ ନିର୍ମାଣ ଓ ସଂସ୍କାରବାଦୀ ଆଭିମୁଖ୍ୟ ଓଡ଼ିଆ କବିତାକୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କଲା ।

ଓଡ଼ିଆ କାବ୍ୟ ଧାରାରେ କବି ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠ ନାଥ ପଟ୍ଟନାୟକ, କାଳିନ୍ଦୀ ଚରଣ ପାଣିଗ୍ରାହୀ ନୂଆ ପ୍ରଣୟ କବିତା ରଚନା କରି ସବୁଜ ଚେତନାସୃଷ୍ଟି କଲେ । ବଙ୍ଗଳା କବି ରବୀନ୍ଦ୍ରନାଥ ଠାକୁରଙ୍କ ପ୍ରେରଣାରେ ସୃଷ୍ଟି ଏସବୁ କବିତା ଥିଲା । ଯୌବନ ଛଳଛଳ ପ୍ରେମାନୁଭୂତିର ସ୍ୱରୂପ । କବି ଅନ୍ନଦା ଶଙ୍କର ପ୍ରେମ ଓ ପ୍ରିୟା ପାଇଁ ମାଟି ଛାଡି ପଳାଇ ଯିବା ପାଇଁ ଘୋଷଣା କରିଛନ୍ତି –

‘ଯିବି ପଳାଇ ଦୂରେ ସୁଦୂରେ
ସପନ ଲୋକ ଗୋପନ ପୁରେ
ଗ୍ରହ ତାରକା ଏଡ଼ାଇ
ଯଉବନର ଝରଣା କୂଳେ
ମଳୟ ଯହିଁ ନିୟତ ବୁଲେ
କୁସୁମ କେତୁ ଉଡ଼ାଇ ।’
(ସୃଜନ ସ୍ୱପ୍ନ : ଅନ୍ନଦା ଶଙ୍କର ରାୟ)

କବି ଭଗବତୀ ଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଓଡ଼ିଶାରେ ନବ ଯୁଗ ସାହିତ୍ୟ ସଂସଦ ୧୯୩୫ ମସିହାରେ ଗଠିତ ହୋଇଛି । ଏହାର ମୁଖପତ୍ର ‘ଆଧୁନିକ’ ପତ୍ରିକା ମାଧ୍ୟମରେ ନୂଆ ପ୍ରାଣ ଚେତନାର ସାହିତ୍ୟ ସୃଷ୍ଟି କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । କାର୍ଲ ମାକ୍ସଙ୍କ ପ୍ରବର୍ତ୍ତିତ ସାମ୍ୟବାଦୀ ଚେତନା ଆଧାରରେ ଏହି ନୂଆ ଚେତନାଟି ଓଡ଼ିଆ ଲେଖକଙ୍କୁ ଆକୃଷ୍ଟ କରିଛି । ଭଗବତୀ ଚରଣ ପାଣିଗ୍ରାହୀ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ, ମନମୋହନ ମିଶ୍ର, ରଘୁନାଥ ଦାସ ପ୍ରମୁଖ ସ୍ରଷ୍ଟାମାନେ ବାମପନ୍ଥୀ ବିଚାର ଧାରାରରେ ଉଦ୍‌ବୁଦ୍ଧହୋଇ ସର୍ବହରା ମଣିଷର ମୌଳିକ ଆବଶ୍ୟକତା ଗୁଡିକୁ ନେଇ ସାହିତ୍ୟ ରଚନା କରିବାକୁ ପ୍ରୟାସ କରିଛନ୍ତି । ଏହି ପ୍ରଗତିଶୀଳ କବିତାର ଆଭିମୁଖ୍ୟ ସଂପର୍କରେ କବି କାଳିନ୍ଦୀ ଚରଣ ପାଣିଗ୍ରାହୀ କହିଛନ୍ତି –

‘କବିତା ଗଢ଼େ ଏକ ବିରାଟ ସମାଜର
ସବୁରି ପାଇଁ ଯହିଁ ବଖୁରେ ହେଲେ ଘର ।
ସକଳେ ଲଭିବାକୁ ମୁଠାଏ ଦୁଧଭାତ
ଯୋଗ୍ୟ ଯେତେ ତହିଁ ବାଳକ ବାଳିକାତ ।
ଦୁଇଟିଲୁଗା ଜାମା ସବୁରି ପାଇଁ ମିଳେ
ପଢ଼ିବା ପାଇଁ ବାଧା କାହାର ନାହିଁ ତିଳେ ।
ବେକାର ରହିବାକୁ ନାହିଁ ଅଧିକାର
ସବୁରି ପାଇଁ କାମ ଯୋଗାଏ ସରକାର ।
କହିବା ପାଇଁ କଥା ସବୁରି ଦାବି ଅଛି
ମୁଁ ସେଇ ସମାଜରେ କବିତା ରଚେ ବସି ।’
(ଆଗାମୀ : କାଳିନ୍ଦୀ ଚରଣ ପାଣିଗ୍ରାହୀ)

ଏହି ପ୍ରଗତିଶୀଳ ଚେତନାଟି ଓଡ଼ିଆ କବିତାରେ ସ୍ୱାଧୀନତା ପର୍ଯ୍ୟନ୍ତ ଦେଖାଦେଇଛି । ୧୮୮୦ ମସିହାଠାରୁ ଓଡ଼ିଆ କବିତାକୁ ଲକ୍ଷ୍ୟକଲେ ଜଣାପଡ଼ିବ ଯେ ଏଥିରେ ସ୍ୱଦେଶ, ପ୍ରେମ, ଓଡ଼ିଆ ପ୍ରୀତି, ପ୍ରେମଚେତନା ଓ ପ୍ରଗତି ବାଦୀ ଚିନ୍ତନ ପର୍ଯ୍ୟାୟକ୍ରମେ ପ୍ରବେଶ କରିଛି । ଏହିସବୁ ଚେତନା ପ୍ରବାହରେ ଓଡ଼ିଆ କବିତାରେ ଆଧୁନିକତାର ପ୍ରକାଶ ଘଟିଛି । ଏହି ପୃଷ୍ଠଭୂମି ଉପରେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ସ୍ୱରୂପ ଓ ପୃଷ୍ଠଭୂମି ବିଶ୍ଳେଷଣ କରାଯାଇ ପାରିବ ।

## ୧:୧ ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତାର ପୃଷ୍ଠଭୂମି ବିଶ୍ଳେଷଣ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ପ୍ରାକ୍ ସ୍ୱାଧୀନତା କାଳୀନ କାବ୍ୟଧାରାର ପୃଷ୍ଠଭୂମିରୁ ଆଉ ଏକ ନୂଆ ପୃଷ୍ଠଭୂମି ଆଡ଼କୁ ପ୍ରଭାବିତ ହୋଇଛି । ଦେଶର ସ୍ୱାଧୀନତା ପ୍ରାପ୍ତି ସହ ଭାରତୀୟମାନଙ୍କ ଚିନ୍ତାଧାରା ଓ ଜୀବନ ଧାରଣରେ ପରିବର୍ତ୍ତନ ଆସିଛି । ଦେଶର ସ୍ୱାଧୀନତା ସହ ଏଦେଶ ପାଇଛି ଜାତି ଓ ଧର୍ମଦଙ୍ଗା । ଦେଶ ବିଭାଜନର ଅସଂତୋଷରୁ ମହାତ୍ମା ଗାନ୍ଧିଙ୍କର ହତ୍ୟା ହୋଇଛି । ଦେଶର ନୂତନ ସଂବିଧାନ ପ୍ରସ୍ତୁତ ହୋଇଛି । ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଛି । ପଂଚବାର୍ଷିକ ଯୋଜନା ପ୍ରଣୟନ କରି ରାଷ୍ଟ୍ର ଓ ବ୍ୟକ୍ତିର ସମୃଦ୍ଧି କାମନା କରାଯାଇଛି । ଏସବୁ ଦେଶ ନିର୍ମାଣ କାର୍ଯ୍ୟଧାରା ସହ ସମାନ୍ତରାଳ ଭାବରେ ରାଜନୈତିକ-ସାମାଜିକ ଅସ୍ଥିରତା ସୃଷ୍ଟି ହୋଇଛି । ୧୯୬୧ ମସିହାର ଭାରତ -ଚୀନ୍ ଯୁଦ୍ଧ, ୧୯୭୧ ମସିହାର ଭାରତ-ପାକିସ୍ଥାନ ଯୁଦ୍ଧ ଓ ୧୯୯୯ର କାରଗିଲ୍ ସମର ଭାରତୀୟ ଜୀବନ ଧାରାକୁ ପ୍ରଭାବିତ କରିଛି । ବିଭିନ୍ନ ସମୟରେ ସ୍ୱାଧୀନ ଭାରତରେ ଧର୍ମ ନାମରେ ଦଙ୍ଗା ରାଜନୈତିକ ସଂତ୍ରାସବାଦ ସାଧାରଣ ମଣିଷର ଜୀବନ ଧାରାକୁ ଉତ୍କଟ କରିବସିଛି । ରାଜନୀତିରେ କ୍ରମଶଃ ଅପରାଧିକରଣ ବୃଦ୍ଧି ପାଇଛି । ଦେଶ ସ୍ୱାଧୀନତା ସହିତ ରାଜନୀତିଜ୍ଞ ମାନଙ୍କର ସେବା ଓ ତ୍ୟାଗ ମନୋଭାବ ଅପସରି ଯିବାରେ ଲାଗିଛି । ୧୯୭୫ ମସିହାରେ ଜାତୀୟ ଜରୁରୀ ଘୋଷଣା ପରିସ୍ଥିତିକୁ ଆହୁରି ଉତ୍କଟ କରିଛି । ଆମ ଜୀବନ ଧାରାରେ ଏହିସବୁ ଘଟଣା ଗୁଡ଼ିକ ପ୍ରତିକ୍ରିୟା ସୃଷ୍ଟି କରିଛି । ଆମ ସମାଜ ଜୀବନରେ ଓ ସାହିତ୍ୟରେ ଆଧୁନିକତା ଏପରି ପୃଷ୍ଠଭୂମିରୁ ଆସିଛି ।

ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତାର ପୃଷ୍ଠଭୂମି ଆକଳନ ପର୍ଯ୍ୟାୟରେ ପଶ୍ଚିମ ପୃଷ୍ଠଭୂମିର ପ୍ରଭାବ ଗୁରୁତ୍ୱ ପୂର୍ଣ୍ଣ ମନେହୁଏ । ପ୍ରଥମ ବିଶ୍ୱ ସମର (୧୯୧୪-୧୮) ଠାରୁ ଦ୍ୱିତୀୟ ବିଶ୍ୱ ସମର (୧୯୩୯-୪୫) ଭିତରେ ପରିବର୍ତ୍ତିତ ୟୁରୋପୀୟ ଜୀବନଧାରା, ସଂସ୍କୃତି ଓ ଚିନ୍ତାଦର୍ଶ ଗୁଡ଼ିକ ଓଡ଼ିଆ କାବ୍ୟଧାରାରେ ପ୍ରଭାବ ବିସ୍ତାର କରିଛି । ୧୯୪୫ ମସିହାରେ ହିରୋସୀମା ଓ ନାଗାଶାଖିରେ ପରମାଣୁ ବୋମା ନିକ୍ଷେପତା ଦ୍ୱାରା ସୃଷ୍ଟ ମୃତ୍ୟୁ ବୋଧ, ଅମଙ୍ଗଳ ଭାବନା ବିଶ୍ୱ ସାହିତ୍ୟରେ ପ୍ରବେଶ କରିଛି । କବି ଟି.ଏସ୍. ଇଲିଅଟ୍ ପ୍ରଥମ ବିଶ୍ୱସମରରୁ ଉତ୍ପନ୍ନ ନୟାନ୍ତକ ଜୀବନବୋଧ ଗୁଡ଼ିକ 'ଓ୍ୱେଷ୍ଟଲ୍ୟାଣ୍ଡ'ର କବିତାମାନଙ୍କରେ ପ୍ରକାଶ କରିଥିଲେ । ଯୁଦ୍ଧ ବିଭୀଷିକା ସବୁଜ ମାଟିର ସୌନ୍ଦର୍ଯ୍ୟକୁ ନଷ୍ଟ କରି ବସୁଛି । ଏଥି ସହିତ ତାଳ ଦେଇ ମଣିଷ କ୍ରମଶଃ ପଙ୍ଗୁ, ନଂପୁସକ ହେବାକୁ ବସିଛି । ମାଟି ହରାଉଛି ଉର୍ବରତା ମଣିଷ ତାର ମୂଲ୍ୟବୋଧ । ଏହି ଚିନ୍ତାଦର୍ଶର ପ୍ରଭାବ ସମଗ୍ର ବିଶ୍ୱ ସାହିତ୍ୟରେ ପ୍ରକାଶ ପାଇଲା । ଇଲିଅଟ୍‌ଙ୍କ ଏହି ଅସହାୟତା ବୋଧ ସହ କାର୍ଲ ମାକ୍ସଙ୍କ 'ଦ୍ୱନ୍ଦାତ୍ମକ ବସ୍ତୁବାଦ', ଫ୍ରଏଡ୍‌ଙ୍କ 'ଅବଚେତନ ମନର ଯୌନ ବିଶ୍ଳେଷଣ', ଡାଇଉନ୍‌ଙ୍କ 'ଯୋଗ୍ୟତମର ଅବସ୍ଥିତି' ବିଓଶେଙ୍କ 'ଈଶ୍ୱରମୃତ ଭାବନା' ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ପ୍ରଭାବ ବିସ୍ତାର କଲା । ଗାଆଁ ମଣିଷ ଦେଶକୁ ନେଇ ଲେଖା ଯାଉଥିବା ପ୍ରାକ୍ ସ୍ୱାଧୀନତା କାଳୀନ କବିତା, ଏସବୁ ଆଧୁନିକ ଚିନ୍ତା ଦର୍ଶନ ଦ୍ୱାରା ପ୍ରଭାବିତ ହେଲା । ଗାଁ ବଦଳରେ ନଗର ଆସିଲା । ମଣିଷ ବଦଳରେ ଯନ୍ତ୍ର ସୁଖ ଖୋଜି ଖୋଜି ମଣିଷ ପହଞ୍ଚି ଗଲା ନର୍କର ନନ୍ଦନକାନନରେ । ମୃତ୍ୟୁ ଓ ବିଷାଦର ଛାୟାରେ ସେ ଦିଶିଲା ପାଳଭୂତ ପରି । ଡାରଉଇନ୍‌ଙ୍କ ଠାରୁ ସେ ଶିଖିଲା ସଂଘର୍ଷ । ଫ୍ରଏଡ୍‌ଙ୍କ ଠାରୁ ପ୍ରଣୟ । କାବ୍ୟ ନାୟକ ବୁଝିଲା ମୃତ୍ୟୁ ଯେ କୌଣସି ସମୟରେ ଆସିପାରେ । ଏହି

କ୍ଷଣିକ ଜୀବନକୁ ନେଇ ସେ ସୁଖ ସଂଧାନ କଲା । ସୁଖ ପାଇଁ ନୀତି–ନିୟମ ପରଂପରା ଭାଙ୍ଗିବାକୁ ସେ ପଛାଇଲା ନାହିଁ । ସ୍ଥିତିବାଦୀ ଦର୍ଶନିକ କାମ୍ୟୁ, କାପ୍‌କା, କିର୍‌କେଗାର୍ଡଙ୍କ ଧାରଣା ସମାଜ ଜୀବନରେ ନୂଆ ବଂଚିବାର ବିକଳ୍ପ ସୃଷ୍ଟିକଲା । ମଣିଷ ବଂଚିବା ଦର୍କାର । ତା'ର ସୁଖ ଓ ସୌନ୍ଦର୍ଯ୍ୟ ଲୋଡ଼ା । ଏଥିପାଇଁ ତା ପାଇଁ ଯାହା କରଣୀୟ, ସେ ତାହା କରିବା ସମାଜ, ସଙ୍ଗଠନ, ରୀତି, ସଂସ୍କୃତିର ପ୍ରଭାବକୁ ସ୍ଥିତିବାଦୀମାନେ ଘୃଣା କରନ୍ତି । ମଣିଷର ଯଥାର୍ଥ ଅସନ୍ତୋଷରୁ ସ୍ଥିତିବାଦ ଜନ୍ମନେଲା । ଜାଁପଲ ସାର୍ତେ ଘୋଷଣା କଲେ 'Existialism is humanism' ସ୍ଥିତିବାଦ ହିଁ ମାନବବାଦ । ସେ ପୁଣି କହିଲେ ଶୂନ୍ୟତା ହିଁ ଈଶ୍ୱର (Nothing reu is God) କାଫକା ଘୋଷଣା କଲେ ମୁଁ ହେଉଛି ସାହିତ୍ୟ (I am literature) ସ୍ଥିତିବାଦୀ ଦାର୍ଶନିକ କାମ୍ୟୁ ଘୋଷଣା କଲେ, 'ମୁଁ ମଣିଷର ଗୋଟିଏ କର୍ତ୍ତବ୍ୟ ଜାଣେ ତାହା ହେଉଛି ଅନ୍ୟଙ୍କୁ ଭଲ ପାଇବା (I know one duty of men, that is loving other) ଏହିସବୁ ସ୍ଥିତିବାଦୀ ଚେତନା ଗୁଡିକର ପ୍ରୟୋଗ ସ୍ୱାଧୀନତାର ପରବର୍ତ୍ତୀ ଓଡ଼ିଆ କବିତାରେ ପରିଲକ୍ଷିତ ହୋଇଛି । ପଶ୍ଚିମର ଯୁଦ୍ଧୋତ୍ତର ପୃଷ୍ଠଭୂମି ଏସବୁ ଚେତନା ପ୍ରୟୋଗ ପାଇଁ ସୁଯୋଗ ସୃଷ୍ଟି କରିଛି । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ଗୁଡିକ ମୁଖ୍ୟତଃ ସ୍ଥିତିବାଦୀ କବିତା । ଏହି କବିତାରେ ପ୍ରକାଶ ପାଇଥିବା ନିଃସଙ୍ଗତା, ମୃତ୍ୟୁ, ଈଶ୍ୱର ହୀନତା, ପାପବୋଧ, ପରକୀୟା, ଯୌନ ଭାବନା, ମୃତ୍ୟୁବ୍ୟାକୁଳତା ଗୁଡିକ ଏହି ସ୍ଥିତିବାଦୀ ଚେତନାରୁ ସୃଷ୍ଟି । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ପୃଷ୍ଠଭୂମିଟି ଭାରତୀୟ ଓ ପଶ୍ଚିମ ପୃଷ୍ଠଭୂମି ଦ୍ୱାରା ବିକଶିତ ହୋଇଛି ।

### ୧:୨ ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତାରା ସ୍ୱରୂପ ନିର୍ଣ୍ଣୟ

ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତାର ସ୍ୱରୂପ ନିର୍ଣ୍ଣୟ କରିବାବେଳେ ଏହାର ଆତ୍ମିକ ଚେତନା ଓ ଆଙ୍ଗିକ ପ୍ରୟୋଗ ଗୁଡିକ ଉପରେ ଦୃଷ୍ଟିଦେବାକୁ ପଡ଼ିବ । ଏହି ସମୟର କବିତା ପୂର୍ବ କାବ୍ୟ ପରଂପରାକୁ ମାନ୍ୟତା ଦେବା ସହଦେଶ ବିଦେଶର ଅର୍ଥନୀତିକ–ସାମାଜିକ–ରାଜନୈତିକ–ସାଂସ୍କୃତିକ ପରିବର୍ତ୍ତନରୁ ସୃଷ୍ଟି ହୋଇଛି । ସ୍ୱାଧୀନତା ପରବର୍ତ୍ତୀ କବିତାର କେତେଗୁଡିଏ ଗୁରୁତ୍ୱ ପୂର୍ଣ୍ଣ ସ୍ୱରୂପ ସଂପର୍କରେ ନିମ୍ନରେ ଚର୍ଚ୍ଚା କରାଯାଉଛି ।

୧. ଏହି କାବ୍ୟ ଧାରାରେ 'ସମାଜବାଦୀ ବାସ୍ତବତା'ର ପ୍ରୟୋଗ କ୍ରମରେ ସ୍ୱାଧୀନତାର ମୋହନଭଙ୍ଗ ଜନିତ କ୍ଷୋଭ, ସାମାଜିକ ନ୍ୟାୟ ଓ ମଣିଷର ମୌଳିକ ଅଧିକାରକୁ ନେଇ କବିତା ରଚନା କରାଯାଇଛି । ଦେଶ ନିର୍ମାଣସହ ସର୍ବହରା ମଣିଷକୁ ତାର ପ୍ରାପ୍ୟ ପ୍ରଦାନ ଏପରି କବିତାର ଉଦ୍ଦେଶ୍ୟ ।

୨. ପାଶ୍ଚାତ୍ୟ ଚିନ୍ତାଦର୍ଶର ଅନୁପ୍ରବେଶ କ୍ରମରେ କାବ୍ୟ ଚେତନାରେ ଫ୍ରଏଡ, କାମ୍ୟୁ, କାଫକା, ନିତ୍‌ଶେ, ଆଇନ୍‌ଷ୍ଟାଇନ୍, ରଷୋ, ଇଲିଅଟ୍‌ଙ୍କ ପ୍ରଭାବ ଯୋଗୁ କାବ୍ୟ ଚେତନା କ୍ରମରେ ଅସହାୟତା ବୋଧ, ନିଃସଙ୍ଗତା, ପାପବୋଧ, ମୃତ୍ୟୁ ଭାବନା, ଯୌନ ପିପାସା, ଛିନ୍ନ ମୂଳ ଭାବନା, ଈଶ୍ୱର ହୀନତା ଆଦି ଚେତନା ଗୁଡିକର ପ୍ରୟୋଗ ଘଟିଛି । ଏହିସବୁ ପ୍ରାୟୋଗିକ ଦର୍ଶନ ଗୁଡିକ ଯୋଗୁ ଏସବୁ କବିତାକୁ ପ୍ରୟୋଗବାଦୀ କବିତା କୁହାଯାଏ ।

୩. ଭାରତୀୟ ଶାସ୍ତ୍ରଦର୍ଶନ, ପ୍ରାଚୀନ କାବ୍ୟ ପରଂପରା କ୍ରମରେ ଯନ୍ତ୍ରଣାର ମୁକ୍ତି ବ୍ୟାକୁଳତା । ଏହି ସମୟର କବିତାରେ ଲକ୍ଷ୍ୟ କରାଯାଏ । ବୁଦ୍ଧ, ବିବେକାନନ୍ଦ, ପରମହଂସ, ଗାନ୍ଧି, ଗୋପବଂଧୁଙ୍କ ଚିନ୍ତାଦର୍ଶ ଚେତନା କ୍ରମରେ ପରିଲକ୍ଷିତ ହୁଏ ।

୪. କବିତା ମାନଙ୍କର କଳାପ୍ରକରଣ ଏହାର ସ୍ୱତନ୍ତ୍ର ସ୍ୱରୂପକୁ ଉନ୍ମୋଚନ କରେ । ଚିତ୍ରକଳ୍ପ, ରୂପକ, ମିଥ୍, ପ୍ରତୀକ, ଆର୍କିଟାଇପ୍ ମାନଙ୍କର ପ୍ରୟୋଗ ଯୋଗୁ କବିତା ଅଧିକ ଅର୍ଥବାହୀ ଓ ଅର୍ନ୍ତଭେଦୀ ।

୫. ଏ ସବୁ କବିତାର ଭାଷା, ଛନ୍ଦ, ଶୈଳୀ ବିନ୍ୟାସ ସ୍ୱତନ୍ତ୍ର । ମୁକ୍ତଛନ୍ଦ, ଗଦ୍ୟଛନ୍ଦରେ ରଚିତ ଏସବୁ କବିତା ନୂତନ କାବ୍ୟ ଭାଷା ସୃଷ୍ଟି କରନ୍ତି । ଅପାରଂପାରିକ କାବ୍ୟ ଭାଷା ସହିତ, ଲୋକ କଥା, ଲୋକ ଭାଷା ସମ୍ମିଶ୍ରଣରେ ଏହି ସମୟର କାବ୍ୟ ଭାଷାର ସ୍ୱରୂପ ସମୃଦ୍ଧ । ଏକବିତାର କୌଣସି ନିର୍ଦ୍ଦିଷ୍ଟ ଶୈଳୀ ନାହିଁ । ମୁକ୍ତଶୈଳୀ ଓ ମୁକ୍ତଛନ୍ଦ (Free verse) ଏହାର ବୈଶିଷ୍ଟ୍ୟ ।

୬. ଏ ସବୁ କବିତା ଦୁର୍ବୋଧ କବିତା । ଗଦ୍ୟ କବିତା । ବର୍ହିଜଗତରୁ ଅଦୃଶ୍ୟ ଜଗତ ଓ ଅର୍ନ୍ତଜଗତ ସହ ପ୍ରତୀକ ଓ ରୂପ କଳ୍ପ ମାଧ୍ୟମରେ ଯୋଡ଼ା ହୋଇଥିବାରୁ ଏହାର ପାଠକୀୟତା ଦୁର୍ବୋଧ ।

୭. କ୍ଷେତ୍ର କବିତା (ପୁରୀ-କଟକ-ଭୁବନେଶ୍ୱର-କଳାହାଣ୍ଡି) ଚରିତ୍ର କବିତା (ଦୁର୍ଯ୍ୟୋଧନ-କର୍ଣ୍ଣ-ସନାତନ-ପୂତନା) ଦୀର୍ଘ କବିତା (ଶବରୀ-ଶ୍ରୀରାଧା-ଯଯାତି-ମନିକା) ହାଇକୁ କବିତା, ମିନି କବିତା, ଗୀତି କବିତା ଆଦି ବିଭିନ୍ନ ରୂପରେ ସ୍ୱାଧୀନତା ପରବର୍ତ୍ତୀ କବିତା ଉପଲବ୍ଧ ।

୮. ନାରୀଚରିତ୍ର, ବାମା ଚେତନାକୁ ନେଇ ଏହି ସମୟରେ ସ୍ୱତନ୍ତ୍ର୍ୟ କବିତା ରଚନା କରାଯାଇଛି ।

୯. ଜଗତୀକରଣ (୧୯୯୧) ପରବର୍ତ୍ତୀ ଭାରତ ତଥା ଓଡ଼ିଶାର ସାମାଜିକ, ସାଂସ୍କୃତିକ ସ୍ୱରୂପ କବିତା ଭିତରେ ପ୍ରକାଶ ପାଇଛି ।

୧୦. ନିଜ ମାଟି, ମଣିଷମାନଙ୍କର କଥାକୁ ଜାତୀୟ ଓ ଆନ୍ତର୍ଜାତୀୟ ପ୍ରେକ୍ଷାପଟ୍ଟରେ ପ୍ରକାଶ କରିବା ଏହି ସମୟ କବିତାମାନଙ୍କର ଏକ ବୃହତ ବିଶେଷତ୍ୱ ।

### ୧:୩ ନିଷ୍କର୍ଷ

ଉପରୋକ୍ତ ଆଲୋଚନାରୁ ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ଓଡ଼ିଆ କବିତାର ଉତ୍ପତ୍ତି, କ୍ରମବିକାଶ ଓ ବୈଶିଷ୍ଟ୍ୟ ସଂପର୍କରେ ପାଠକର ଅବବୋଧ ସ୍ପଷ୍ଟ ହୋଇପାରିବ । ଏହି ସମୟର କବିତା ପୂର୍ବ କାବ୍ୟ ପରପେରା ଠାରୁ ବିଚ୍ୟୁତ ନୁହେଁ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶା, ଭାରତ ତଥା ବିଶ୍ୱ ପରିପ୍ରେକ୍ଷୀରେ ଯେଉଁସବୁ ସାମାଜିକ-ସାଂସ୍କୃତିକ ପରିବର୍ତ୍ତନ ଗୁଡିକ ଆସିଛି, ସେହି ସବୁର ଆଧାରରେ ଏସବୁ କବିତାର ପ୍ରାଣ ପ୍ରତିଷ୍ଠା ପାଇଛି । ୧୯୮୦ ମସିହା ପରବର୍ତ୍ତୀ ସମୟରେ ଓଡ଼ିଆ କାବ୍ୟଧାରାରେ ପରିବର୍ତ୍ତନ ସୃଷ୍ଟି ହୋଇଛି । କବିତା ପାଠକପାଇଁ ପୁଣି ସହଜ ହୋଇ ପଡିଛି । ଏ କବିତା ଭିତରକୁ ଆଉଥରେ ଗାଁ-ମା-ମାଟି-ଧାନ-ପାନ-ମୀନ-ନଈ- ପ୍ରକୃତି-ସାଧାରଣ ମଣିଷ ଫେରି ଆସିଛି । ମଣିଷର କଥା କହିଛି କବିତା । ସାଧାରଣ କଥିତ ଭାଷା ସହ ସହଜ ଶୈଳୀରେ କବିତା ପାଠକକୁ ଆକୃଷ୍ଟ କରିଛି । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ତାର ବ୍ୟାପ୍ତି ଓ ବୈଚିତ୍ର୍ୟ ପାଇଁ ବେଶ୍ ଚର୍ଚ୍ଚିତ ।

## ଆଧୁନିକ ଓଡ଼ିଆ କବିତାର ବିବିଧ ପ୍ରୟୋଗ

ଆଧୁନିକ ଓନିଆ କବିତାର ବିବିଧ ପ୍ରୟୋଗ ବିଚାର କଲାବେଳେ ଆମକୁ ସ୍ୱାଧୀନତା ପରବର୍ତ୍ତୀ କାବ୍ୟଧାରାକୁ ବିଶ୍ଳେଷଣ କରିବାକୁ ପଡିବ । ଚେତନା ଦୃଷ୍ଟିରୁ ବିଚାର କଲେ ଏହି ସମୟରେ କବିତା ମାଧମରେ ଅନେକ ତତ୍ତ୍ୱ, ତଥ୍ୟ ଓ ଜୀବନ ଜିଜ୍ଞାଷାର ପ୍ରୟୋଗ ଘଟିଛି । ଏହି ସମୟର କବିତାରେ ଆନ୍ତର୍ଜାତିକ ଜୀବନଜିଜ୍ଞାସା ଠାରୁ ଆରମ୍ଭ କରି ଭାରତୀୟ ଦିବ୍ୟ ଚେତନା ବୋଧର ସମନ୍ୱୟ ଘଟିଛି । ଅତଏବ ମାର୍କସ୍-ଫ୍ରୟଡେ-ନିତ୍‌ଶେ-କାମ୍ୟୁ-କିର୍‌କଗାର୍ଡ-

ଆମିଲ୍‌ଜୋଲାଙ୍କ ସହ ବୁଦ୍ଧ-ବିବେକାନନ୍ଦ-ଗାନ୍ଧୀବାଦର ସମନ୍ୱୟ ଘଟିଛି । ଦ୍ୱିତୀୟ ବିଶ୍ୱଯୁଦ୍ଧତ୍ରସ୍ତ ୟୁରୋପୀୟ ସଭ୍ୟତା ଓ ପରିବର୍ତ୍ତିତ ଜୀବନ ଦର୍ଶନ ଭାରତୀୟ ପାଣିପାଗରେ ବିକଶିତ ହୋଇଛି । ସ୍ୱାଧୀନତା ପରେ ଭାରତର ଜୀବନଧାରା ଦ୍ରୁତଗତିରେ ବଦଳିବାରେ ଲାଗିଛି । ଗାଁରୁ ସହର ଅଭିମୁଖେ ପଳାୟନ ଆରମ୍ଭ ହୋଇଛି । ସହରର ଜନ ସଂଖ୍ୟାବୃଦ୍ଧି ହେବାସହ ଶିକ୍ଷା, ସ୍ୱାସ୍ଥ, କର୍ମ ସଂସ୍ଥାନ ଓ ମନୋରଞ୍ଜନ ପାଇଁ ଏହା ଏକପ୍ରମୁଖ ସ୍ଥାନ ପାଲଟିଛି । ସ୍ୱାଧୀନତା ପରେ ଧନୀ ଆହୁରି ଧନୀ ଓ ଗରିବ ଅଧିକ ଗରିବ ହୋଇଛି । କିଛି ଲୋକ ଜୀବନକୁ ଉପଭୋଗ କରୁଥିବା ବେଳେ ଅଧିକ ଲୋକ ବଂଚିବା ପାଇଁ ସଂଘର୍ଷ କରୁଛନ୍ତି । ଉପଭୋଗୀମାନଙ୍କ ପାଇଁ ପାପପୁଣ୍ୟ, ନୈତିକତା, ପବିତ୍ରତା ଅର୍ଥ ହରେଇଛି । ଏମାନେ କେବଳ ଆନନ୍ଦ ପଥର ଯାତ୍ରୀ । ଏହି ଆନନ୍ଦ ଅଛି ବସ୍ତୁ ଭିତରେ ନାରୀର ଦେହରେ, ପରକୀୟା ପ୍ରେମରେ, ନିଜର ସ୍ଥିତିର ସୁରକ୍ଷା କରି ସମାଜରେ କ୍ଷମତା ଓ ପ୍ରତିପତ୍ତି ଜାହିର୍ କରିବା ଏ ମାନଙ୍କର ଉଦ୍ଦେଶ୍ୟ ପ୍ରଚୁର କ୍ଷମତା ନିଶା, ପ୍ରଚଣ୍ଡ ଉପଭୋଗ ପିପାସା ଭିତରେ ବଂଚୁଥିବା ଏହି ନଗର ମଣିରେ ମାନସିକ ବ୍ୟର୍ଥତା, ଅମଙ୍ଗଳ ଭାବନା, ନିଃସଙ୍ଗତା ବୋଧ ଓ ମୃତ୍ୟୁ ଭାବନାରୁ କବିତା ସୃଷ୍ଟି ହୋଇଛି । ମୃତ୍ୟୁର ଦିନ ସରିଯିବାର ଆଶଙ୍କାରେ ତାର ସମସ୍ତ ବିଡମ୍ବିତ ଭାବନା ରୂପ ପାଇଛି କବିତାରେ । ସ୍ୱାଧୀନତା ପରବର୍ତ୍ତୀ ତେତିଶି ବର୍ଷର କବିତା (୧୯୪୭-୮୦)କୁ ଏହି ମର୍ମରେ ବୁଝାଯାଇ ପାରିବ । ନଗର ମଣିଷର ସ୍ୱପ୍ନ, ସ୍ୱପ୍ନ ଭଙ୍ଗର ବିବରଣୀରୁ ଏହି ସମୟର କବିତାରେ ନୂଆ ନୂଆ ଚେତନା ଧାରାର ପ୍ରୟୋଗ ଘଟିଛି ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଆତ୍ମିକ ଓ ଆଙ୍ଗିକ ପ୍ରକରଣରେ ୧୯୮୦ ମସିହାପରେ କେତକ ନୂତନ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ୧୯୭୫-୮୦ ସମୟରେ ଓଡ଼ିଶା ତଥା ଭାରତର ଆର୍ଥ-ସାମାଜିକ ଭୂମିରେ ପରିବର୍ତ୍ତନ ଆସିବାରୁ କବିତା ରଚନାରେ ମଧ ପରିବର୍ତ୍ତନ ଆସିଛି । ଏହି ପରିବର୍ତ୍ତନଗୁଡିକ ଅନେକ ଭାବରେ ପୂର୍ବବର୍ତ୍ତୀ ପ୍ରୟୋଗ ବାଦୀ କାବ୍ୟ ଚେତନାଠାରୁ ଭିନ୍ନ । କବିତା ରଚନାରେ କବିମାନେ ଅଧିକ ସ୍ୱାଧୀନ, ମୁକ୍ତି ଓ ପ୍ରଶସ୍ତ ହେବା ପରି ମନେହୁଏ । କବିତା ମୁଷ୍ଟିମେୟ ମଣିଷଙ୍କ ମାନସିକ ମନୋରଂଜନ ନ ହୋଇ ଗଣ ମଣିଷର କଥା କହିବା ଆରଂଭ କରିଛି । ଓଡ଼ିଶାର ଆର୍ଥିକ ପାଣିପାାଗ ଓ ସାମାଜିକ ସଂରଚନା ଭିତରୁ କବିତା ସୃଷ୍ଟି ହୋଇଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ କାବ୍ୟ ଧାରାରେ ଆସିଥିବା ଏହି ଗୁରୁତ୍ୱପୂର୍ଣ୍ଣ ଆତ୍ମିକ ଓ ଆଙ୍ଗିକ ପରିବର୍ତ୍ତନ ଗୁଡିକୁ ନିମ୍ନରେ ଆଲୋଚନା କରାଯାଉଛି ।

**ଆତ୍ମିକ ପ୍ରୟୋଗ :**

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କାବ୍ୟ ଧାରାରେ ଆତ୍ମିକ ପ୍ରୟୋଗ କ୍ଷେତ୍ରରେ ବେଶ୍ କିଛି ନୂତନତା ପରିଲକ୍ଷିତ ହୁଏ । ଏହି ସବୁ ଆତ୍ମିକ ପ୍ରୟୋଗ ଗୁଡିକ ସ୍ୱାଧୀନତା ପୂର୍ବବର୍ତ୍ତୀ କବିତା ଠାରୁ ଭିନ୍ନ, ସବୁଠାରୁ ଉଲ୍ଲେଖନୀୟ କଥାଟି ହେଉଛି ଦେଶ ସ୍ୱାଧୀନତା ହେବା ପରେ କବିମାନେ ସେମାନଙ୍କର ଦେଶ ପ୍ରେମ ସଂଜାଜତ ଆଭିମୁଖ୍ୟଟିକୁ ବଦଳାଇଦେଲେ । ଯେଉଁ ଦେଶର ନାଗରିକମାନେ ବଳିଦାନ ଦେଇ ସ୍ୱାଧୀନତାର ସ୍ୱାଦକୁ ଅପେକ୍ଷା କରିଥିଲେ, ସେମାନଙ୍କ ପାଇଁ ସ୍ୱାଧୀନତାର ସ୍ୱପ୍ନ ଭଙ୍ଗ ଘଟିଲା । ନିଜ ଲୋକମାନଙ୍କ ଦ୍ୱାରା ଲୁଣ୍ଠିତ ଗଣତନ୍ତ୍ର, ଦୁର୍ନୀତି, ଆଇନର ଅପାରଗତା ସମାଜରେ ନୂତନ ଭେଦ ଭାବକୁ ବୃଦ୍ଧି କରାଇଲା, ଏହି ପରିପ୍ରେକ୍ଷୀରେ ଗୋଟିଏ ସଂଭ୍ରାନ୍ତ ଗୋଷ୍ଠୀ ବ୍ୟକ୍ତିଗତ ଉନ୍ମାଦନାରେ ନିମଜ୍ଜିତ ହେବାବେଳେ ଏକ ବୃହତ ଜନସଂଖ୍ୟା ବଂଚିବା ପାଇଁ ସଂଗ୍ରାମ କଲେ । ଗୋଟିଏ ପକ୍ଷରେ ମାନସିକ ସୁଖ ଓ ବିଷାଦ ଅପର ପକ୍ଷରେ ମୌଳିକ ବିଷାଦ କବିତା ରଚନା ପାଇଁ ନୂଆ ନୂଆ । ଉପକ୍ରମ ସୃଷ୍ଟି କଲା । କବିତାର କାହାଣୀ, ଚରିତ୍ର ଓ ବକ୍ତବ୍ୟରେ ପରିବର୍ତ୍ତନ ଆସିଲା । ଏସବୁ କବିତାର ଗୋଡ଼ ମାଟିରେ ପୋତା ହୋଇଥିବାବେଳେ ଏହାର ମସ୍ତିଷ୍କରେ ପଶ୍ଚିମର ବୌଦ୍ଧିକ

ପ୍ରବାହ ଘଟିଲା । କବିତା ମଧୁରାଓଙ୍କ ବର୍ଣ୍ଣବୋଧ ପାଖରୁ କବି ଇଲିୟଟ୍‌ଙ୍କ 'ୱେଷ୍ଟଲ୍ୟାଣ୍ଡ' ପର୍ଯ୍ୟନ୍ତ ଲଂଘିଗଲା । ଏହି କ୍ରମରେ ରଚିତ କବିତାମାନଙ୍କରୁ କେତୋଟି ଗୁରୁତ୍ୱପୂର୍ଣ୍ଣ ଆତ୍ମିକ ପ୍ରସଙ୍ଗଗୁଡିକୁ ନିମ୍ନରେ ଆଲୋଚନା କରାଯାଉଅଛି ।

### (କ) ପାପବୋଧ ଓ ଅମଙ୍ଗଳ ଭାବନା –

ସ୍ୱାଧୀନତା ପରବର୍ତ୍ତୀ କବିତାରେ ଏପରି ଏକ ଚେତନାର ବହୁଳ ପ୍ରୟୋଗ ଲକ୍ଷ୍ୟ କରାଯାଏ । କାବ୍ୟ ନାୟକ ଜୀବନର ପରିପୂର୍ଣ୍ଣ ଆନନ୍ଦ ଲକ୍ଷ୍ୟରେ ଆଦର୍ଶ ବିଚ୍ୟୁତ ହୁଏ । ପ୍ରେମରେ ପରକୀୟା ସହ ଉପଭୋଗ ଓ କ୍ଷମତା ପାଇଁ ସେ ନିଜର ବ୍ୟକ୍ତିତ୍ୱ ଓ ପବିତ୍ରତା ହରେଇ ବସେ, ଯେତେବେଳେ ଜୀବନରୁ ଉପଭୋଗର ନିଶା ଖସିଯାଏ ସେତେବେଳେ ସିଏ ନିଜର କୃତକର୍ମ ପାଇଁ ଅବସୋସ କରେ । ପାପବୋଧ ଓ ଅମଙ୍ଗଳ ଭାବନାରେ ସନ୍ତୁଳିତ ହେବାପରେ ଜୀବନପ୍ରତି ଏକ ୟୋନ୍ତକ ଦୃଷ୍ଟିକୋଣର ବିକାଶ ହୁଏ । ଗୋଟିଏ ମନୋରମ ସଂଜବେଳେ ଭଗବତ୍ ଭାବନା ବାହାରେ ନାୟକ କିପରି ବିଷାଦଗ୍ରସ୍ତ ହୋଇ ପଡିଛି ଲକ୍ଷ୍ୟ କରନ୍ତୁ ।

> 'ଅନ୍ୟ ଗୋଟିଏ ସନ୍ଧ୍ୟାବେଳେ ବି ସେୟୋହେବ
> ସମତଳ ଭୂମିରୁ ଅକସ୍ମାତ୍ ଠିଆ ହୋଇ ପଡିବେ
> ବଣ ପାହାଡ଼, ଭଙ୍ଗା ପ୍ରସାଦର ଖମ୍ବ
> ଏକ ଗୋଡ଼ିଆ ଚାଲିବାକୁ ପଡ଼ିବ କାରଣ
> ଆର ଗୋଡ଼ ଜାବୁଡ଼ିଧରି ଘୋଷାରୁ ଥିବ
> ଖଣ୍ଡିଆ ଖାବରା ହୋଇ ମାତାଲ ଦରିଦ୍ର ଭାଗ୍ୟ ।'
> (ଅର୍ଥ ! ମଣିକର୍ଣ୍ଣିକା ! ସୌଭାଗ୍ୟ କୁମାର ମିଶ୍ର)

ନିଜର କୃତକର୍ମର ଅନୁଶୋଚନା ଓ ଭୟବୋଧ କାବ୍ୟନାୟକକୁ ଗୋଡେଇ ଚାଲିଛି । ନିଜର ପାପ ଓ ଅମଙ୍ଗଳ ଭାବନାରୁ ତାର ମୁକ୍ତି ନାହିଁ । ଭୋଗବାଦୀ ଜୀବନର ଅବଶିଷ୍ଟ ଅଂଶ କିପରି ଭୟ ବ୍ୟାକୁଳତା ଭିତରେ କଟେ, ଏହି କବିତାଟି ତାର ଉଦାହରଣ । ପ୍ରୟୋଗ ବାଦୀ କାବ୍ୟଧାରାରେ ରଚିତ କବି ଗୁରୁ ପ୍ରସାଦ ମହାନ୍ତିଙ୍କ 'କାଳପୁରୁଷ' ରମାକାନ୍ତ ରଥଙ୍କ 'ସପ୍ତମ ଋତୁ' ସୀତାକାନ୍ତ ମହାପାତ୍ରଙ୍କ 'ସମୁଦ୍ର' ଆଦି କବିତା ମାନଙ୍କରେ ଏହି ଚେତନାର ବିସ୍ତୃତ ପ୍ରୟୋଗ ରହିଛି ।

### (ଖ) ଯୌନ ଚେତନା !

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଉଶୃଙ୍ଖଳ ଜୀବନ ବୋଧରୁ ଯୌନ ଚେତନାର ବିକାଶ । ଯୁଦ୍ଧଗ୍ରସ୍ତ ୟୁରୋପୀୟ ମାନସିକତାରେ ବଂଚିବା ସହ ଉପଭୋଗ ହେଲା ମୁଖ୍ୟ ଅବଲଂବନ । ମଦ୍ୟ ଓ ନାରୀ ଏଥିପାଇଁ ଦୁଇଟି ଅତି ଆବଶ୍ୟକୀୟ ଉପାଦାନ ପାଲଟିଗଲେ । ପାରଂପରିକ ପ୍ରେମ ତଥାକଥିତ ମୂଲ୍ୟବୋଧକୁ ଅସ୍ୱୀକାର କରି ନୂଆ ନୂଆ ନାରୀ ସହିତ ସୁଖ ସହବାସ ପାଇଁ ସାମାଜିକ ଜୀବନରେ ଉତ୍ସହ ପରିଲକ୍ଷିତ ହେଲଣ । ପଶ୍ଚିମରେ ଏଥିପାଇଁ ଘର ଭାଙ୍ଗିଲା । ଛାଡପତ୍ର, ଚୁକ୍ତି ବିବାହ ବଢ଼ିଲା । ଫ୍ରୟଡ୍‌ଙ୍କ ଯୌନ ବିଶ୍ଲେଷଣ ଓ ଅବଚେତନ ମନର ଉନ୍ମୋଚନ ଯୋଗୁ ମଣିରେ ଯୌନ ଦମ୍ଭଭାଙ୍ଗିଗଲା । ଭାରତରେ ସ୍ୱାଧୀନତା ପରେ ନଗର ଜୀବନରେ ଏପରି ଯୌନ ପୀଡା ଉଚ୍ଚ ଆୟକାରୀ ବ୍ୟକ୍ତିମାନଙ୍କ ଠାରେ ପରିଲକ୍ଷିତ ହେଲା । ପ୍ରେମ ନୁହେଁ ଦେହ ସର୍ବସ୍ୱ ଯୌନ ଚିନ୍ତାରେ କାବ୍ୟ ନାୟକ

ମଗ୍ନ ହେଲା । ଦେହ ସୁଖ ପାଇଁ ପବିତ୍ରତା ମୂଲ୍ୟ ହରେଇଲା । ନାରୀର ରୂପ ବର୍ଣ୍ଣନାରେ କବିମାନେ ଅଧିକ ଯୌନ ଉତ୍ତେଜିତ ଓ ଦେହ ବିଳାସୀ ହୋଇ ପଡିଲେ ।

‘ଅକାଳେ ସକାଳେ ଯଦି ମନେ ପଡ଼େ
ପଦ୍ମିନୀ ! ତୁମ ଛଳନା ହୀନ ସ୍ତନର
ନୈଋତ କୋଣରେ ଥିବା ସୂକ୍ଷ୍ମ କାଳିଜାଇ ଚିହ୍ନ
ଯେଉଁଠି ଅଟକି ଥାଏ
ମୋ ଲାଳସାର ଅପାର ସଂଭ୍ରମ
ଓ ତୁମର ସେଇ ନାଭିନିମ୍ନ ମସୃଣ ମସିଣା
ପରିଏତେ ଥଣ୍ଡା ଯେ ଆଖିପତା ଛାଏଁ ନଇଁ ଯାଏ ।
(ନିତମ୍ବ ପଦାବଳୀ : ସପ୍ତମ ପୃଥିବୀ ! ଦୀପକ ମିଶ୍ର)

ନାରୀର ଗୋପନୀୟ ଲାବଣ୍ୟ ଗୁଡିକୁ କବି ଦୀପକ ମିଶ୍ର ଏଠାରେ ଯେପରି ଉଗ୍ର ଆଲେଖ୍ୟ ଆଙ୍କିଛନ୍ତି ଏଥିରେ କବିଙ୍କର ଅବଦମିତ ଯୌନ କାମନା ହିଁ ପ୍ରକାଶ ପାଇଛି । ନାରୀ କେବଳ ଉପଭୋଗର ସାମଗ୍ରୀ–ଏହି ସମୟର କବିତାରେ ଏପରି ଏକ ମାନସିକ ବିଭ୍ରମ ପ୍ରକାଶ ପାଇଛି । ନାରୀର ଓଠ, ନଖ, ଆଖି, ସ୍ତନ, ଭ୍ରୁଲତା ଆଦି ଯୌନ ଚେତନାର ଉଗ୍ର ଆଗ୍ରହ ଭାବରେ ଉଲ୍ଲେଖ ହୋଇଛି । କବି ରମାକାନ୍ତ ରଥ, ରାଜେନ୍ଦ୍ର କିଶୋର ପଣ୍ଡା, ସଚ୍ଚିଦା ନନ୍ଦ ରାଉତରାୟ, ବିନୋଦ ଚନ୍ଦ୍ର ନାୟକଙ୍କ କବିତାରେ ଏହି ଚେତନାର ଅଧିକ ପ୍ରୟୋଗ ଲକ୍ଷ୍ୟ କରାଯାଇପାରିବ ।

### (ଗ) ସମୟ ଚେତନା :

ସ୍ୱାଧୀନତା ପରବର୍ତ୍ତୀ କବିତଦାରେ ସମୟ ବିରୁଦ୍ଧରେ ପ୍ରଚୁର ଅଭିଯୋଗ । ଏ ସମୟ ମଣିଷକୁ ସୁନ୍ଦର ଓ ସବୁଜ ଜୀବନ ଧାରଣ କରିବା ପାଇଁ ସହଯୋଗ କରୁନାହିଁ ବୋଲି କବିମାନେ ଫେରାଦ ହୋଇଛନ୍ତି । ସବୁଠି ଛଳନା, ପ୍ରତାରଣା, ଆମ୍ ଅହଂକାରର ବାତାବରଣ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ୟୁରୋପୀୟ ବିଧ୍ୱଂସ ଜୀବନ ଧାରା ସ୍ୱାଧୀନତା ପରବର୍ତ୍ତୀ ଭାରତ ବର୍ଷରେ ବିକଶିତ ହୋଇଛି । ଏହି ସମୟରେ ନାନ୍ଦନିକତା ନାହିଁ କି ମୂଲ୍ୟବୋଧ ନାହିଁ । ଆଦର୍ଶ ଚ୍ୟୁତ ଏ ସମୟ ସମାଜ ଜୀବନରୁ ଓ ବ୍ୟକ୍ତି ଜୀବନରୁ ସମସ୍ତ ସୁଖ ସଂପଦ ପୋଛି ଦେଇଛି । ଇଲିଅଟଙ୍କ ପୋଡ଼ା ଭୂଇଁ (Waste Land)ର ଛାଇ ସବୁଠି । ଏହି ଅମଙ୍ଗଳଦାୟୀ ସମୟରୁ ସୃଷ୍ଟି ଅସ୍ଥିର ଜୀବନର ଚିତ୍ର ଏହି ସମୟର କବିତାରେ ପ୍ରକାଶ ପାଇଛି ।

‘ଏବେ ଖରାବେଳ କେଡ଼େ ଲଂବା ମନେହୁଏ
ସତେ ଅବା କେବେହେଲେ ଆଉ ସରିବନି
ଅନ୍ତହୀନ କ୍ଳାନ୍ତି ପରି ଆକାଶରୁ ସୂର୍ଯ୍ୟ ଝୁଲି ରହେ
ଗଛରେ ଚଢ଼େଇଟିଏ ଡାକିଦେଲେ
ତୋ କାନରେ ଆଉ କାହା ସ୍ୱର ଶୁଭିଯାଏ ।’
( ଏ କୂଳ ସେକୂଳ : ସମୟର ଶେଷନାମ : ସୀତାକାନ୍ତ ମହାପାତ୍ର)

ଖରାବେଳ ଲମ୍ବା ମନେ ହେବା ଅର୍ଥ ଏଠାରେ ଦୁଃଖର ଆୟୁଷ ବଢ଼ିବା । ଜୀବନ ଖରାବେଳ ପରି ଦୁର୍ବିସହ ହୋଇପଡ଼ିବା କଥା ଏଠାରେ କୁହାଯାଇଛି । ଏ ସମୟରେ ଖାଲି ଖରା ଅଛି–ଛାଇ ଟିକିଏ ନାହିଁ । ଏ ସମୟରେ କଣ ଛାଇ ମିଳିବା ସମ୍ଭବ ? କବି ରମାକାନ୍ତ ରଥ ଏହି ଖରାବେଳ ସମୟରେ ମଣିଷର ଯୌନକାମନାକୁ ପ୍ରକାଶ କରିଛନ୍ତି ।

'ଖରାବେଳେ ନିଛାଟିଆ
ବୃନ୍ଦାବନ ସହରର ବାଟ
ଉତ୍ତାପର ଟହ ଟହ
ହସ ମଧ୍ୟେ ପ୍ରେମିକ ସମ୍ରାଟ
ଆଖିରେ ପ୍ରଚକ୍ଷୁ ଏବଂ ହାତରେ ମୁରଲୀ
ଧରି ଡାକୁଛନ୍ତି ରାଧା ଆସ ଆସ ବୋଲି ।'
(ସୂର୍ଯ୍ୟାସ୍ତର ଖରା ଶେଷ ନୁହେଁ : ସଂଦିଗ୍ଧ ମୃଗୟା)

ଖରାବେଳେ କଣ ପ୍ରେମ କରାଯାଏ ? ବୃନ୍ଦାବନ ସହର ଏଠି ଯେ କୌଣସି ସହର ସହ ତୁଳନୀୟ । ଏବେ ସହର ସାରା ଯୌନ କାମନା । ପ୍ରେମ ପାଲଟି ଯାଇଛି ଘଣ୍ୟ । ଏପରି ସମୟରେ ପ୍ରେମର ଚିରନ୍ତନ ସୌନ୍ଦର୍ଯ୍ୟ ଏଠି ମୂଲ୍ୟହୀନ । ସମୟର ନଗ୍ନ ବାସ୍ତବତା ପାଖରେ ପ୍ରେମ, ମୂଲ୍ୟବୋଧ, ସଂସ୍କୃତି, ଜୀବନ ବୋଧ ଆଦି ପ୍ରସଙ୍ଗ ଗୁଡିକ ମୂଲ୍ୟ ହରେଇ ବସିଛନ୍ତି । ଏ ସମୟ କେବଳ ଯନ୍ତ୍ରଣାରେ ପରିପୂର୍ଣ୍ଣ ।

'ଅସରନ୍ତି ଯନ୍ତ୍ରଣାରେ ପରିପୂର୍ଣ୍ଣ ଦିଶେ ଝଲମଲ
ମଲାଗଛଙ୍କ ଡାଳରୁ ଝରିପଡ଼େ ଅବିଶ୍ୱାସର ପେଣ୍ଠା ପେଣ୍ଠା ଫୁଲ ।
(ଚଢ଼େଇ ଓ ନିଷିଦ୍ଧ ଫଳ : ବିଦୀର୍ଣ୍ଣ ମରାଳ : ନିତ୍ୟାନନ୍ଦ ନାୟକ)

ସମୟକୁ ନେଇ କବି ଆଦୌ ସନ୍ତୁଷ୍ଟ ନୁହେଁ । ଏହି ମାନସିକତାରୁ ଉତ୍ପନ୍ନ କବିତା ଗୁଡିକ ଜୀବନର ଜୟଗାନ କରିପାରି ନାହାଁନ୍ତି ।

## (ଘ) ମୃତ୍ୟୁ ଚେତନା :

ଖରାପ ସମୟରେ ଦୁଃଖ ଓ ଯନ୍ତ୍ରଣା ସହ ବଂଚିବା ଅପେକ୍ଷା ମରି ଯିବା ଭଲ–ଏକଥା ସ୍ୱାଧୀନତା ପରବର୍ତ୍ତୀ କବିତାରେ ଲକ୍ଷ୍ୟ କରାଯାଏ । ସୁଖ ଅନ୍ୱେଷଣରେ ଯାଇ ଯେଉଁଠି ଦୁଃଖ ମିଳେ ସେଇଠି ମୃତ୍ୟୁକଥା ମନେ ପକାଏ କବି । ନିଜର ସ୍ଥିତିହାନୀ ଘଟିବା ଆଶଂକାରେ ସ୍ଥିତି ଜାବୁଡ଼ି ଧରିଥିବା ମଣିଷ ଅଂଧାରର ସିଡ଼ି ଚଢ଼ି ପହଂଚିଯାଏ ମୃତ୍ୟୁ ପାଖରେ । ସ୍ୱାଧୀନତା ପରବର୍ତ୍ତୀ ସମସ୍ତ ପ୍ରମୁଖ କବିମାନଙ୍କ କବିତାରେ ମୃତ୍ୟୁ ଏକସୁଖ୍ୟ କାବ୍ୟ ଚେତନା ଭାବରେ ପ୍ରକାଶ ପାଇଛି । କବି ରମାକାନ୍ତଙ୍କ ପାଇଁ ମୃତ୍ୟୁ ଅକସ୍ମାତ୍ ଆସେ । ଯେଉଁଠି ମୃତ୍ୟୁ ଆସିବାର ସମୟସ୍ଥିର ନୁହେଁ, ସେଠି ମଣିଷ କିପରି ନିଜ ଜୀବନ ନକ୍ସା ଆଙ୍କି ସୁଖ ଅନ୍ୱେଷଣରେ ବଂଚି ପାରିବା ଗୁରୁ ପ୍ରସାଦ କହନ୍ତି –

'ଏ ମୃତ୍ୟୁ କେବଳ ଠିକ୍
ସହରର ସବୁ ଫ୍ୟୁଜ୍ ଅକସ୍ମାତ୍ ଜଳିଗଲା ପରି

ଏ ମୃତ୍ୟୁ ବା କାହାପାଇଁ ଚାକିରୀରୁ
ଅକସ୍ମାତ୍ ଛୁଟି ନେଲା ପରି ।'
(ମୃତ୍ୟୁ : ଆଶ୍ଚର୍ଯ୍ୟ ଅଭିସାର : ଗୁରୁ ପ୍ରସାଦ ମହାନ୍ତି)

ମୃତ୍ୟୁ ପ୍ରତି କବି ରମାକାନ୍ତଙ୍କ ପ୍ରସ୍ତୁତି ପାଠକକୁ ହଠାତ୍ ଜୀବନ ମନସ୍କ କରିପକାଏ । କବି ସଂସାରୀ ଜୀବନରୁ ମୁକୁଳିବାକୁ ମୃତ୍ୟୁକୁ ଆଶ୍ରା କରନ୍ତି ।

'ଝିଅଲୋ ଗାଆ ସେ ଗୀତ ଗାଆନ୍ତି ଯାହାକୁ
ଲୋକମାନେ ପ୍ରିୟଜନ ମରିଯିବା ପରେ
ଯେଉଁ ଗୀତ ମୂର୍କି ହସ ବିଛାଏ ବୁଢ଼ାଙ୍କ
ଧୁଡୁ ଧୁଡୁ ଚମବେଢ଼ା ଦଦରା ମୁହଁରେ ।'
(ବନ୍ଦୀର କାୟାକଳ୍ପ : ସପ୍ତମରତୁ ! ରାମାକାନ୍ତ ରଥ)

ଓଡ଼ିଆ କବିମାନେ କାହିଁକି ମୃତ୍ୟୁ ଚେତନା ପ୍ରତି ଏତେ ଆଗ୍ରହ ପ୍ରକାଶ କରିଛନ୍ତି ତାହା ପାଠକଙ୍କୁ ଆଶ୍ଚର୍ଯ୍ୟ କରେ । ଜୀବନର ବ୍ୟର୍ଥତା, ବିମର୍ଷ ସହ ମୁକାବିଲା କରି ନପାରି ମୃତ୍ୟୁକୁ ଏକ ବିକଳ୍ପ ମାର୍ଗ ଭାବରେ କବିମାନେ ବାଛି ନେଇଛନ୍ତି । ମୃତ୍ୟୁ କବିପାଇଁ ରମଣୀର କୋଳପରି ପ୍ରିୟ ପ୍ରତ୍ୟୟ ହୋଇଛି ।

'ମୃତ୍ୟୁ ଏକ ରମଣୀୟ
ନିରାପଦ ସ୍ଥାନ
ରମଣୀର କୋଳପରି
ତାର ନାହିଁ କୌଣସି ପ୍ରସ୍ଥାନ ।'
(ପାଞ୍ଚୋଟି କାହାଣୀ : ମଧ୍ୟାହ୍ନର ଛାଇ : ଦୀପକ ମିଶ୍ର)

ସ୍ୱାଧୀନତା ପରବର୍ତ୍ତୀ କବିତାରେ ମୃତ୍ୟୁ ଏକ ପ୍ରମୁଖ ଚେତନା ଭାବରେ ବ୍ୟେବହୃତ ହୋଇଛି । ୧୯୪୭-୮୦ ମସିହା ମଧ୍ୟରେ ରେଚିତ କବିତା ମାନଙ୍କରେ ଅନ୍ୟ କାବ୍ୟ ଚେତନା ଅପେକ୍ଷା ମୃତ୍ୟୁ ଚେତନା ପ୍ରାଧାନ୍ୟ ବିସ୍ତାର କରିଛି ।

**(ଙ) ସମାଜ କଥା :**

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ସମାଜ କଥା ପ୍ରମୁଖତା ସହ ପ୍ରକାଶ ପାଇ ନାହିଁ । ବ୍ୟକ୍ତି ଜୀବନର ବିମର୍ଷ ପ୍ରତି କବିମାନେ ଯେତିକି ଆଗ୍ରହ ପ୍ରକାଶ କରିଛନ୍ତି, ସାମାଜିକ ସମସ୍ୟାପ୍ରତି ସେତିକି କ୍ରିୟାଶୀଳତା ଲକ୍ଷ୍ୟ କରାଯାଏ ନାହିଁ । ସ୍ୱାଧୀନତା ପରବର୍ତ୍ତୀ ସମୟର ଓଡ଼ିଶା ତଥା ଭାରତରେ ବହୁବିଧ ଅର୍ଥ ସାମାଜିକ ସମସ୍ୟା ଦେଖା ଦେଇଛି । ସାଧାରଣ ମଣିଷର ଖାଦ୍ୟ-ବସ୍ତ୍ର-ବାସଗୃହ ଆଦି ମୌଳିକ ସମସ୍ୟା ଗୁଡିକ କବିତା ମାଧ୍ୟମରେ ପ୍ରକାଶ ପାଇଛି । ପ୍ରଗତିବାଦୀ ସାହିତ୍ୟ ଚେତନା କ୍ରମରେ ସ୍ୱାଧୀନତା ପୂର୍ବରୁ ପ୍ରକାଶିତ ଏକ ସମାଜ କେନ୍ଦ୍ରିକ ବାସ୍ତବତାର ସ୍ୱର ଏହି ସମୟର କବିତାରେ ପ୍ରକାଶ ପାଇଛି । ଓଡ଼ିଆମାନେ ବଂଚିବା ପାଇଁ ସଂଘର୍ଷ କରିବା ସହିତ ଗାଁ ଛାଡି ଅନ୍ୟ ସହରକୁ ଦାଦନ ଖଟି ଯିବାର ଚିତ୍ର ଏହି ସମୟର କବିତାରେ ପ୍ରକାଶ ପାଇଛି ।

'ଟ୍ରକ୍ ଡାଲାରେ ବସି କୁଆଡ଼େ ଯାଉଛୁରେ ସନାତନ ?
ଥେରୁଭାଲି ନା ଦାମନଯୋଡ଼ି ?
ଯୁଆଡ଼େ ଯା' ସବୁଠି ପାହାଡ଼
ସବୁଠି ପାହାଡ଼ ଭାଙ୍ଗି କରିବାକୁ ହେବ ଧୂଳି ।
(ଟ୍ରକ୍ ଡାଲାରେ ସନାତନ : ପ୍ରସନ୍ନ କୁମାର ମିଶ୍ର)

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ଏହି ବିଡ଼ମ୍ବିତ ଚିତ୍ରଟି ଆମର ଅର୍ଥନୀତି ସଂପର୍କରେ ଅବତାରଣା କରେ । ସ୍ୱାଧୀନତା ପୂର୍ବରୁ ଆସାମ, ରେଙ୍ଗୁନ୍, କଲିକତା ମୂଳ ଲାଗି ଯାଉଥିବା ଓଡ଼ିଆ ମାନଙ୍କ ପରି ଆଜିବି ଓଡ଼ିଆ ପୁଅ ଦାଦନ ଖଟିବାକୁ ବାହାରକୁ ଯାଏ । ଏହାର କାରଣ କଣ ? ଆମ ସ୍ୱାଧୀନତା ଓ ଶାସନ ବ୍ୟବସ୍ଥା କାହିଁକି ଆମକୁ ଆର୍ଥିକ ସୁରକ୍ଷା ଦେଇ ପାରୁ ନାହିଁ ? ଗଣତନ୍ତ୍ରର ଏହି ପରାଜୟକୁ କବି ବ୍ୟଙ୍ଗ କରିଛି ।

'ହେ ଗଣତନ୍ତ୍ର, ତମେ ମରିଯାଅ
ତୁମକୁ ପୋଡ଼ିବାକୁ ମୁଁ ଅପେକ୍ଷା କରିଛି ।'
(ଆକାଶର କାଠ ଗଡାରେ ବନ୍ଦୀ ସୂର୍ଯ୍ୟଙ୍କୁ ଜେରା : ପ୍ରସନ୍ନ ପାଟ୍ଟଶାଣୀ)

ଆମ ସମାଜରେ ଗରିବର ଦୟନୀୟ ଦୁଃସ୍ଥିତିକୁ ନେଇ କବିତା ରଚନା କରାଯାଇଛି । ଚାଷୀ ମୃତ୍ୟୁ-ଖାଦ୍ୟ ସଙ୍କଟ ଯୁଦ୍ଧ ଓ ସଂତ୍ରାସ, ଶିଶୁ ମୃତ୍ୟୁ-ଅନାହାର-ବେକାରୀ-ସାଂପ୍ରଦାୟିକତା-ଦୁର୍ନୀତି-ସ୍ୱପ୍ନଭଙ୍ଗ ଆଦି ପ୍ରସଙ୍ଗ ଗୁଡ଼ିକ କବିତାରେ ସମାଜ ଚେତନା କ୍ରମରେ ପ୍ରକାଶିତ ହୋଇଛନ୍ତି ।

'ଅନ୍ଧାରରେ କିଏ ଲୁଚାଇ ଦେଇଛି
ଅଳିଆ ଗଦା ଭିତରେ ଭାତର ଥାଳିକୁ ?
ଗାଈର ପହ୍ନା ଶୁଖେଇ
କିଏ ଦୁହିଁ ନେଇ ଯାଇଛି କ୍ଷୀର ?
(ଅନ୍ଧାର ଅନ୍ୟ ଦୃଶ୍ୟ : ଇପ୍‌ସିତ କ୍ରୋଧ : ଆଶୁତୋଷ ପରିଡ଼ା)

ସମାଜରେ ଅଭାବୀ ମଣିଷର କଥା କହିବାରେ ଏହି ସମୟର କବିତାରେ ଯେଉଁ କାବ୍ୟିକ ଉଦ୍ୟମ ହୋଇଛି, ତାହା ଓଡ଼ିଆ କବିତାରେ ସାମାଜିକ ବାସ୍ତବତାର ଅଧ୍ୟୟନ ପାଇଁ ବାଟ ଫିଟାଇଛି । କ୍ଷେତ୍ର, କ୍ଷେତୁଆଳର ଦୁଃଖକୁ ନେଇ ହୃଷୀକେଶ ମଲ୍ଲିକଙ୍କର ଗୋଟିଏ କବିତା ଏଠାରେ ଆଲୋଚନା କରାଯାଇ ପାରେ ।

'ମୋ କ୍ଷେତ ଉଜୁଡି ଗଲା ସାଆଂତେ
ମୋ କ୍ଷେତ ଉଜୁଡି ଗଲା
ବୁଲା ଷଣ୍ଢର ପାହୁଲଚିହ୍ନଟିଏ ନାହିଁକି
ଦନ୍ତା ହାତୀର ଖୋଜଟିଏ ବି ପହିନି
ଉଡୁମାନ୍‌କୁ ଉଜୁଡିଗଲା ମୋ' ଫଳନ୍ତା କ୍ଷେତ
ଉଭାନ୍ ହୋଇଗଲା ମୋ ହାଣ୍ଡିର ଫୁଟନ୍ତା ଭାତ ।'
(ଉଜୁଡା କ୍ଷେତର ଗୀତ : ହୃଷୀକେଶ ମଲ୍ଲିକ୍)

ଶ୍ରମିକ, କୃଷକ, ନିମ୍ନବର୍ଗ ମଣିଷର ବେଦନା ବିଧୁରତାରେ ଏହି ସମୟର କବିତାରେ ସେମାଜ ଚିତ୍ରଟି ପ୍ରକାଶ ପାଇଛି । କବି ରବି ସିଂହ, ବ୍ରଜନାଥ ରଥ, ଆଶୁତୋଷ ପରିଡା, ପ୍ରସନ୍ନ ପାଟ୍ଟଶାଣୀ, ପ୍ରସନ୍ନ କୁମାର ମିଶ୍ର ଆଦି କବିମାନେ ସମାଜ କଥାକୁ ପ୍ରମୁଖତାର ସହ ନିଜ କବିତା ମାନଙ୍କରେ ପ୍ରୟୋଗ କରିଛନ୍ତି ।

## (ଚ) ଦଳିତ ଚେତନା :

ଦଳିତ ଚେତନା ଉତ୍ତର ଅଶି ଓଡ଼ିଆ କାବ୍ୟ ଧାରାରେ ସଚେତନ ଭାବରେ ପ୍ରୟୋଗ ମାନ୍ୟତା ପାଇଛି । ସମାଜର ହରିଜନ ଓ ଗିରିଜନ ମରିଷ ମାନଙ୍କର ସାମୂହିକ ସାମାଜିକ ସମସ୍ୟା ଗୁଡିକୁ ବୃହତ୍ତର ସମାଜ ବ୍ୟବସ୍ଥା ଆଗରେ ଉତ୍‌ଥାପନ କରି, ସେଥିରୁ ଏକ ଫଳପ୍ରଦ ନିଷ୍କର୍ଷ ସୃଷ୍ଟି କରିବା ଏହି କବିତା ମାନଙ୍କର ଉଦ୍ଦେଶ୍ୟ । ଏଥିରେ ସମାଜର ଅର୍ତନୈତିକ ଅନଗ୍ରସର ବର୍ଗଙ୍କ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ କରାଯାଇଥାଏ । ମହାରାଷ୍ଟ୍ରର ଦଳିତ ସମାଜରେ ମହାତ୍ମା ଫୁଲେ, ବାବା ସାହେବ ଆମ୍ବେଦକର ଯେଉଁ ସାମାଜିକ ଆନ୍ଦୋଳନ ଆରମ୍ଭ କରିଥିଲେ, ଦଳିତ ସାହିତ୍ୟ ସେହି ଆନ୍ଦୋଳନର ଏନ୍ତୁଡ଼ି ଭିତରୁ ସୃଷ୍ଟି ହୋଇଛି । ଓଡ଼ିଆ କବିତାରେ ଏହା ବିଶେଷତଃ ଦଳିତମାନଙ୍କର ଆତ୍ମ ପରିଚୟ ପ୍ରତିଷ୍ଠା ଓ ଅର୍ଥନୀତି ଉପରେ ପର୍ଯ୍ୟବେସିତ । ଦଳିତ ମଣିଷ ପ୍ରତି ସଂବେଦନା ଅଧିକାଂଶ ଦଳିତ ଚେତନା ପର୍ଯ୍ୟାୟର କବିତା ମାନଙ୍କରେ ଲକ୍ଷ୍ୟ କରାଯାଏ ।

‘ମୁଁ ଗୋଟି ଗୋଟି ପୃଷ୍ଠା ଓଲଟାଏ
ଯେଉଁମାନଙ୍କ ଝାଳରେ ଓ ରକ୍ତରେ
ଗଢ଼ା ଯାଇଛି ଆମ ଘରର ପିଢ଼ି ଉପରେ ପିଢ଼ି
ମୋ ଆଖି ଲୁହରେ ଛଳ ଛଳ ହୋଇପଡ଼େ ।
(ମୂଳିଆ ଖାତା : ଝର୍କା ବାହାରେ : ବ୍ରହ୍ମାନନ୍ଦ ଦାସ)

ଦଳିତ ଜୀବନର ବିଡମ୍ବନା ଓ ଉଚ୍ଚଜାତିର ମଣିଷ ମାନଙ୍କଠାରେ ସେ ପାଉଥିବା ଲାଂଛନାକୁ ନେଇ ଓଡ଼ିଆ ଦଳିତ କବିତାରେପ୍ରତିନିଧିତ୍ୱ ରହିଛି । ସର୍କାରୀ ସହଯୋଗ, ଆଇନ୍ କାନୁନ୍ ସତ୍ତ୍ୱେ ଦଳିତ ଆଜିବି ଅସ୍ପୃଶ୍ୟ ହୋଇ ସମାଜରେ ରହିଛି ।

‘ମତେ ଗୋଇଠା ମାରିଲେ
ଗଛରୁ ଖସିପଡ଼େ ପତ୍ର
ଆକାଶରୁ ଖସିପଡ଼େ ତାରା
ମୋ ଛାତି ଫାଡିଦେଲେ
ବାହାରି ଆସେ ମଣିଷ ।’
(ଚଣ୍ଡାଳ : ଆଶୁତୋଷ ପରିଡ଼ା)

‘ଦଳିତ ଚେତନା’ ଏକ ନୂଆ ଅନୁଭବ ଓ ପ୍ରୟୋଗ କାମରେ ସମକାଳୀନା ଓଡ଼ିଆ କବିତାରେ ପ୍ରକାଶ ପାଉଛି । ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗର ସାମାଜିକ ସ୍ଥିତି ନିରୂପଣ ଓ ଆତ୍ମପ୍ରତିଷ୍ଠାରେ ଏହା ବେଶ୍ ସହାୟକ ହୋଇ ପାରିଛି ।

**(ଛ) ବାମାବାଦୀ ଚେତନା :**

ପୁରୁଷ ପ୍ରାଧାନ୍ୟ ସମାଜ ବ୍ୟବସ୍ଥାରେ ନାରୀକୁ ସମାନ ସ୍ଥିତି ଯୋଗାଇ ଦେବା ପାଇଁ ବାମାବାଦୀମାନେ ଯୁକ୍ତି କରନ୍ତି । ସୃଷ୍ଟିର ଆରମ୍ଭରୁ ପୁରୁଷମାନେ ହିଁ ସମଗ୍ର ସମାଜ ବ୍ୟବସ୍ଥାକୁ ନିୟନ୍ତ୍ରଣ କରି ଆସୁଛନ୍ତି । ଏହି ପରିପ୍ରେକ୍ଷୀରେ ନାରୀର ସ୍ୱପ୍ନ, ସଂଭାବନା, ମାନସିକ ସ୍ଥିତି, ସାମାଜିକ ପ୍ରତିଷ୍ଠା, ଦାମ୍ପତ୍ୟ, ଯୌନଜୀବନ ବାରମ୍ବାର ବିପର୍ଯ୍ୟସ୍ତ ହେଉଛି, ପୁରୁଷ ବିରୁଦ୍ଧରେ ଜାଗରଣ ସୃଷ୍ଟିକରି ସମାଜରେ ନିଜର ସ୍ଥିତି ସୁରକ୍ଷା କରିବା ପାଇଁ ବାମାବାଦୀ ସାହିତ୍ୟ ଲକ୍ଷ୍ୟ ରଖେ । ୧୯୬୦ ମସିହାରୁ ପଶ୍ଚିମ ଦେଶ ମାନଙ୍କରେ ବାମାବାଦୀ ଆନ୍ଦୋଳନ ମାଧ୍ୟମରେ ନାରୀମାନଙ୍କର ଜୀବନ ଧାରଣ ମାନରେ ପରିବର୍ତ୍ତନ ଆସିଛି । ଓଡ଼ିଶାରେ ।ଜଗତୀକରଣ ପରବର୍ତ୍ତୀ ସମୟରେ ନାରୀମାନଙ୍କର ମାନସିକତା, ଆର୍ଥିକ ଓ ସାମାଜିକ ସ୍ଥିତିରେ ପରିବର୍ତ୍ତନ ଆସିଛି । ଏହି ମାନସିକ ମୁକ୍ତି ଭିତରୁ ବାମାବାଦୀ ଚେତନାର ବିକାଶ ଘଟିଛି । ନାରୀ ନିଜକୁ ସମାଜରେ ପୁରୁଷର ପ୍ରତିପକ୍ଷ ଭାବରେ ଉପସ୍ଥାପିତ କରିଛି ।

‘ତୁମ ଅହଂକାର ଦେଇ ମୋତେ
ଆୟତ୍ତ କରିବ
ଏତେଟା ସୁଲଭ ନୁହେଁ ପ୍ରକୃତି
ମୁଁ ପ୍ରୀତିର ପରମ ତୁମ ମାତାସମ
ଅନାଦରେ ପ୍ରଳୟର ସାକ୍ଷାତ୍ ମୂରତି ।’
(ସ୍ତ୍ରୀଲୋକ-୩ : ସ୍ତ୍ରୀ ଲୋକ : ଗିରିବାଳା ମହାନ୍ତି)

ପୁରୁଷ ବିନା ନିଜେ ନିଜକୁ ତିଆରି କରିବାର କଳା ନାରୀ ଜାଣେ ବୋଲଲି ଏକ ପ୍ରତିବଦ୍ଧ ଅଙ୍ଗୀକାର କବିତାରେ ପ୍ରକାଶ ପାଏ ।

‘ଲୋଡ଼ା ନାହିଁ ଏବେ ଆଉ କାହା ପାଦସ୍ପର୍ଶ
ଏଥର ଉତ୍‌କୀର୍ଣ୍ଣ ହେବ ସେ ନିଜ ଇଚ୍ଛାରେ
ପ୍ରାଣ ସ୍ପନ୍ଦନରେ ଉଠିବ ସେ ପାଷାଣ ଦେହରୁ
ବନ୍ଦନୀୟ ବରଣୀୟ ରତ୍ନଗର୍ଭ ଭୂମାର ତନୟା ।
(ଅହଲ୍ୟା, ସ୍ୱୟଂ ସିଦ୍ଧା : ଅର୍ଦ୍ଧନାରୀଶ୍ୱର : ମନୋରମା ମହାପାତ୍ର)

ବାମାବାଦୀ ଚେତନା ଏକ ନୂତନ ଆତ୍ମିକ ବିଭବ ଭାବରେ ସମକାଳୀନ ଓଡ଼ିଆ କବିତାରେ ପ୍ରକାଶ ପାଉଛି । ହାତଗଣତି କେତେଜଣ କବିଙ୍କ ଦ୍ୱାରା ଏହି ଚେତନାଟି ଏବେ ସିମୀତ ଭାବରେ ପ୍ରତିନିଧିତ୍ୱ କରୁଛି । ସମକାଳୀନ ନାରୀ ଜୀବନର ଅଧ୍ୟୟନ ଓ ଆତ୍ମ ପ୍ରତିଷ୍ଠା ବିକାଶରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ କାବ୍ୟ ଚେତନା ଭାବରେ ସ୍ୱୀକୃତି ପାଇଛି ।

**(ଜ) ଐଶୀ ଚେତନା :**

ଈଶ୍ୱରଙ୍କୁ ନେଇ ପ୍ରୟୋଗ ବାଦୀ କବିତା ଆଦୌ ସନ୍ତୁଷ୍ଟ ନୁହେଁ । ଈଶ୍ୱର କାବ୍ୟ ନାୟକର କୌଣସି ଦୁଃଖ ଦୂର କରିପାରନ୍ତି ନାହିଁ ବୋଲି ପ୍ରୟୋଗବାଦୀ କବି ଅଭିଯୋଗ କରେ । ନିତ୍‌ଶେଙ୍କ ଈଶ୍ୱର ମୃତ (God is dead) ଦର୍ଶନରେ ସ୍ୱାଧୀନତା ପରବର୍ତ୍ତୀ କବିମାନେ ବିଶ୍ୱାସ କରନ୍ତି । ଅତଏବ ଏହି ସମୟର କବିତାରେ ମଣିଷ ପରି ଈଶ୍ୱରଙ୍କ ବିଷାଦ,

ବ୍ୟର୍ଥତା ଓ ଅସହାୟତା ସଂପର୍କରେ ଆଲୋଚନା କରାଯାଇଥାଏ । ଗୋଟିଏ ନିଃସଙ୍ଗ ଓ ଅସହାୟ ଈଶ୍ୱର କିପରି ଅନ୍ୟକୁ ଉଦ୍ଧାର କରିପାରିବ ବୋଲି କବିମାନେ ବାରମ୍ବାର ଆକ୍ଷେପ କରନ୍ତି । ଏଥିପାଇଁ ଏହି କବିମାନେ ଈଶ୍ୱରଙ୍କ ଅପେକ୍ଷା ମୃତ୍ୟୁକୁ ଅଧିକ ପସନ୍ଦ କରନ୍ତି ।

'କିଏ ଅଛ ମୋ ହାତରେ ଭରିଦିଅ ଆଣ ଗଙ୍ଗାଜଳ
ସହରଟା ମଶାଣି ହେଲାଣି
ସିନ୍ଦୁକରେ ଅନେକ କଙ୍କାଳ
ପ୍ରାର୍ଥନା କରିବା ଆସ ଆଜି ଆମେ
ମୁକ୍ତିପାଇଁ ସେମାନଙ୍କ ଅତୃପ୍ତ ଆତ୍ମାର ।'
(ଶେଷ ସୀମାନ୍ତ : ପ୍ରଥମ ପୁରୁଷ : ଜଗନ୍ନାଥ ପ୍ରସାଦ ଦାସ)

ପ୍ରୟୋଗବାଦୀ କବି ଈଶ୍ୱରଙ୍କୁ ପ୍ରାର୍ଥନା କରିବା କଥା କହୁଥିବା ବେଳେ ପ୍ରକୃତ ପକ୍ଷରେ ଈଶ୍ୱରଙ୍କ କ୍ଷମତା ନେଇ ତା' ମନରେ ଅନେକ ପ୍ରଶ୍ନ । ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରି ବିଫଳ ମନୋରଥ ହେବା ପରେ ଈଶ୍ୱରଙ୍କ ପ୍ରତି ତାର ଅବବୋଧ ବି ଲକ୍ଷ୍ୟ କରନ୍ତୁ ।

'ଆପଣ ବି ନିରୁପାୟ ଈଶ୍ୱର
ଆପଣ ଆମ ବାଡ଼ି ପଟର ମାତାଲ ବୁଢ଼ା
ତେଲଙ୍ଗା ଧୋବା ପରି ନିରୁପାୟ ।'
(ଗେଣ୍ଡା : ବଜ୍ରଯାନ : ସୌଭାଗ୍ୟ କୁମାର ମିଶ୍ର)

ଈଶ୍ୱରଙ୍କ ସ୍ଥିତିକୁ ଅସ୍ୱୀକାର କରିବା ଅର୍ଥ ତାଙ୍କୁ ଆମ ଠାରୁ ଅଧିକ ଦୟନୀୟ ଭାବରେ ଚିତ୍ରଣ କରିବା । ନିଜର ଭାଗ୍ୟ ବିପର୍ଯ୍ୟୟ ପାଇଁ ଈଶ୍ୱରଙ୍କୁ ଦାୟୀକରି କବି କେମିତି ତାଙ୍କୁ ଜଣେ ସାଧାରଣ ଗୃହସ୍ଥ ପରି ଚିତ୍ରଣ କରିଛି, ତାହା ଲକ୍ଷ୍ୟ କରିବାର କଥା ।

'ହେ ପ୍ରଭୁ, ତୁମେ ଆଜି ଗୋଟା ଉପାସରେ ଚୁଲି ଫୁଙ୍କୁଥିବ
ତୁମେ ବୋଧହୁଏ ରାଗଟାରେ ହାଂଡ଼ିକୁଂଡ଼ି ସବୁ ଛେଚୁଥିବ
ବର୍ଷାଟାରେ ଆପଣାକୁ ଆପେ ଆପେଶୋଧିବା ବ୍ୟତୀତ
ଜନ୍ମଠୁ ମୃତ୍ୟୁକୁ ଏକ ସିଡ଼ି ବାଂଧୁଥିବ ।'
(କ୍ରମଶଃ ବର୍ଷା, ବିବକ୍ତ ମନ ଓ ଈଶ୍ୱର : ସ୍ରୋତର ନାମ ରତ୍ନ : କମଳାକାନ୍ତ ଲେଙ୍କା)

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ଈଶ୍ୱର ଅନ୍ୱେଷାଟି ଆଦୌ ଉତ୍ସାହଜନକ ନୁହେଁ । ଏହି ସ୍ୱରର ପରିବର୍ତ୍ତନ ଆସିଛି ଉତ୍ତର ଅଶୀ ଓଡ଼ିଆ କବିତାରେ । ଓଡ଼ିଆ କବିତା କ୍ରମଶଃ ଈଶ୍ୱରଙ୍କ ପ୍ରତି ଆସକ୍ତ ହେବା ସହ ମୁକ୍ତି ବ୍ୟାକୁଳତାରେ ଦୀକ୍ଷିତ ହୋଇଛି ।

## (୯) ଉତ୍ତର ଆଧୁନିକ ଚେତନା :

ସ୍ୱାଧୀନତା ପରବର୍ତ୍ତୀ କାବ୍ୟ ଧାରାରେ ୧୯୮୦ ମସିହା ପରବର୍ତ୍ତୀ ସମୟ ଖଣ୍ଡରେ ଉତ୍ତର ଆଧୁନିକ ଚେତନା ପ୍ରବାହର ଧାରା ପରିଲକ୍ଷିତ ହୁଏ । ଏହି କାବ୍ୟ ଚେତନାଟି ଅନ୍ୟାନ୍ୟ କାବ୍ୟ ଚେତନା ସହ ମିଶି କେତେଜଣ କବିଙ୍କ କବିତାରେ ଦେଖା ଦେଇଛି । ଉତ୍ତର ଆଧୁନିକତା କହିଲେ ଆଧୁନିକତାର ଶେଷ ବା ପରବର୍ତ୍ତୀ ଅବସ୍ଥାକୁ ବୁଝାଏ ନାହିଁ । ଏହା ଆଧୁନିକତାର ପୃଷ୍ଠଭୂମିରେ ଆସିଥିବା ବୈଷୟିକ ପରିବର୍ତ୍ତନରୁ ସୃଷ୍ଟି । ପ୍ରାଚୀନ ପରଂପରା, ମିଥ୍, ଇତିହାସ, ସମାଜ ବ୍ୟବସ୍ଥାକୁ ଭାଙ୍ଗି ଏକ ନୂତନ ଉଦାର ଦୃଷ୍ଟିକୋଣର ପ୍ରତିପୋଷଣ କରିବା ଉତ୍ତର ଆଧୁନିକତାର ଉଦ୍ଦେଶ୍ୟ । ଉତ୍ତର ଆଧୁନିକତାର ଜଣେ ଆଲୋଚକ ଫେଡ୍‌ରିକ୍ ଜମସନ୍ ଏହାକୁ ପ୍ରତିଷ୍ଠିତ ପ୍ରଥା ଓ ସିଦ୍ଧାନ୍ତ ବିରୁଦ୍ଧରୁ ସୃଷ୍ଟି ବୋଲି ମତ ଦିଅନ୍ତି । 'Post modernism emerges as a specific reaction against the established form of high modernism' । ଆଧୁନିକତାର ପ୍ରବାହ ଭିତରେ ଆସିଥିବା ପରିବର୍ତ୍ତନରୁ ଏହାର ସୃଷ୍ଟି । ଜଗତୀକରଣ ଦ୍ୱାରା ସୃଷ୍ଟି ଉପଭୋକ୍ତା ବାଦ, ବଜାରୀ କରଣ ଅର୍ଥନୀତି, ବିଶ୍ୱାୟନ ବ୍ୟବସ୍ଥା, ମହିଳା ସଶକ୍ତିକରଣ, କ୍ଷେତ୍ରବାଦ, ବୈଷୟିକ ସଂସ୍କୃତିରୁ ଏହି ଚେତନାର ଜନ୍ମ । ଜୀବନକୁ ନୂଆ କରି ଆବିଷ୍କାର କରିବା ସହ ଅନେକ ଅବହେଳିତ, ଅବଦମିତ ଘଟଣା ଓ ଆବେଗ ଗୁଡିକୁ ପ୍ରାଧାନ୍ୟ ସହ ସାହିତ୍ୟରେ ପ୍ରୟୋଗ କରିବାକୁ ଉତ୍ତର ଆଧୁନିକ ବିଶେଷଜ୍ଞମାନେ ଗୁରୁତ୍ୱ ଦେଇଥାଆନ୍ତି । ଅଶୀ ମସିହା ପରବର୍ତ୍ତୀ ଓଡ଼ିଆ କବିତାରେ ପ୍ରୟୋଗିତ ମିଥ୍‌ର ବିଘଟନ, ନୟାନ୍ତକ ଚରିତ୍ରର ନୂଆ ନାୟକ ରୂପ, କ୍ଷେତ୍ର କବିତା ଆଦିକୁ ଏହି ଚେତନାର ପ୍ରୟୋଗାତ୍ମକ ସ୍ୱରୂପ ଭାବରେ ବିଶ୍ଳେଷଣ କରାଯାଇ ପାରିବ । ନୟାନ୍ତକ ।ଚରିତ୍ରର ନୂଆ ରୂପକୁ ଲକ୍ଷ୍ୟ କରାଯାଉ ।

'କାଳେ କାଳେ ଏୟା ଥିଲା, ଆଜି ବି
କ୍ଷମତାଶାଳୀ ବ୍ୟକ୍ତି ଅନ୍ୟ ଘରେ ପଶି
ଧର୍ଷଣ କରେ ତା ଏକାକୀ ସ୍ତ୍ରୀକୁ
ଆଉ ହସି ହସି କହେ
ଏ ଏକ ପୁଣ୍ୟ କାର୍ଯ୍ୟ
ତା' ବିଦ୍ରୋହୀ ସ୍ୱାମୀର ନିଧନ ପୂର୍ବରୁ ।'
(ଜଳନ୍ଧର ବଧ : ମାଟିର ମହୁରୀ : ବ୍ରହ୍ମାନନ୍ଦ ଦାସ)

ଏହି କବିତାରେ ଜେନଳନ୍ଧର ବଧ କାହାଣୀକୁ ଭାଙ୍ଗି ଦେଇ କବି ବ୍ରହ୍ମାନନ୍ଦ ଦାସ କୃଷ୍ଣଙ୍କୁ ଜଣେ ଲଂପଟ ବୋଲି ଚିତ୍ରଣ କରିଛନ୍ତି । ପରଂପରାକୁ ଭାଙ୍ଗି ନୂଆ ପରଂପରା ନିର୍ମାଣରେ ଉତ୍ତର ଆଧୁନିକ ଚେତନା ବିଶ୍ୱାସ କରେ । ଏହି କବିତାରେ ସେହି ଚେତନାର ପ୍ରୟୋଗ ରହିଛି । ପ୍ରଚଳିତ ମିଥ୍ ଓ କିମ୍ବଦନ୍ତିକୁ ଭାଙ୍ଗି ତା' ଭିତରେ ଆତ୍ମ ଗୋପନ କରିଥିବା ସତ୍ୟକୁ ଲୋକ ଲୋଚନକୁ ଆଣିବାରେ ଏହାଏକ ନୂତନ କଳାତ୍ମକ ପ୍ରୟୋଗ । ଓଡ଼ିଶାର ଆଧ୍ୟାତ୍ମିକ ଚେତନା ସହ ଜଡିତ ।ପୁରୁଷୋତ୍ତମ ଦେବ ଓ ପଦ୍ମାବତୀ ପ୍ରସଙ୍ଗଟିକୁ କବି ପ୍ରସନ୍ନ ମିଶ୍ର କିପରି ଅବତାରଣା କରିଛନ୍ତି, ଲକ୍ଷ୍ୟ କରନ୍ତୁ ।

'ଦିନେ ସନାତନ ରକ୍ତରେ
ଗାଧୋଇ ଥିଲା ଚଣ୍ଡାଶୋକ

ସନାତନ ରକ୍ତ ଦେଲା ବୋଲି
ପୁରୁଷୋତ୍ତମ ଭୋଗ କଲା ପଦ୍ମବତୀ ।'
(ଟ୍ରକ୍ ଡାଲାରେ ସନାତନ : ପ୍ରସନ୍ନ କୁମାର ମିଶ୍ର)

ପୁରୁଷୋତ୍ତମ ଦେବ ଏଠାରେ ପଦ୍ମାବତୀକୁ ବିବାହ କରିବା ମୁଖ୍ୟକଥା । ଯୁଦ୍ଧ, ରାଜ୍ୟଜୟ, ଠାକୁରଙ୍କ ଯୁଦ୍ଧରେ ଅଂଶ ଗ୍ରହଣ ସବୁ ମିଛକଥା । ଅନେକ ସାଧାରଣ ମଣିଷଙ୍କ ବଳିଦାନ ଯୋଗୁ ପଦ୍ମାବତୀଙ୍କୁ ପୁରୁଷୋତ୍ତମ ଦେବ ବିବାହ କେଲେ । ଏହା କାହାଣୀ ଭିତରର କାହାଣୀ, ଉତ୍ତର ଆଧୁନିକ ଚେତନା ଅଂଧାର ଭିତରେ ଆତ୍ମଗୋପନ କରିଥିବା ଅନେକ ଘଟଣାକୁ ଆଲୋକିତ କରେ । ସମକାଳୀନ ଓଡ଼ିଆ କବିତାରେ ଏହି ଚେତନାର ପ୍ରୟୋଗ ଯୋଗୁ ଓଡ଼ିଆ କବିତା ସମୃଦ୍ଧ ହୋଇ ପାରିଛି ।

**(ଈ) ପଲ୍ଲୀ ପ୍ରତ୍ୟୟବୋଧ :**

ସ୍ୱାଧୀନତା ପରବର୍ତ୍ତୀ ତିରିଶି ବର୍ଷର କବିତାରେ ପଲ୍ଲୀର ପ୍ରତିନିଧିତ୍ୱ ଆପାତଃତ ନ ଥିଲା । କବିମାନେ ନଗର ଜୀବନର ଧୂସରତା, ବ୍ୟର୍ଥତା ପାଖରେ ନିଜକୁ ସମର୍ପି ଦେଇଥିଲେ । ଏହି ଜୀବନ ଧାରାର ପରିବର୍ତ୍ତନ ନବମ ଦଶକଠାରୁ ଆରମ୍ଭ ହେଲା । ସହର ଜୀବନର ଧୂଆଁଳିଆ ବାସ୍ତବତା ଠାରୁ ରକ୍ଷା ପାଇବା ପାଇଁ କବିତା ପଲ୍ଲୀକୁ ଫେରିଲା । ଗାଁର ସବୁଜିମା, ପିଲାଦିନ, ନଈ, ଜହ୍ନରାତି,  ବାପା, ବୋଉ ସବୁ ଫେରି ଆସିଲା । ୧୯୮୦ ପରବର୍ତ୍ତୀ ସମୟରେ ପଲ୍ଲୀ ପ୍ରୀତି ବୋଧରେ ଓଡ଼ିଆ କବିତା ସମୃଦ୍ଧ ହେବାକୁ ଆରମ୍ଭ କଲା । ଜରି ଫୁଲ, କାଗଜଫୁଲ, ସିଗାରେଟ୍ ଧୂଆଁ ପରି ସହର ଜୀବନର କଥା କହୁଥିବା କବି ଗୁରୁ ପ୍ରସାଦ ମହାନ୍ତି କିପରି ପଲ୍ଲୀର ପ୍ରିୟ ସକାଳ ପ୍ରତି ଆବେଗ ମୟ ହୋଇପଡିଛନ୍ତି ଦେଖନ୍ତୁ ।

'ଏଠିତ ସକାଳ ଆସେ ହଳଦୀ ବସନ୍ତ ପରି
କାକର ଓ ଖରା ଛିଞ୍ଚି ଘାସରେ ପତ୍ରରେ
ସକାଳ ଖରାରେ ତ ଏଠି ନାଲି ହାତ ପାପୁଲିରେ
କୁହୁଡ଼ି ଆଡ଼େଇ ଯାଏ ଆମ୍ବତୋଟା ଖଜୁରି ଗଛରୁ ।'
(ମାର୍ଶାଘାଇ : ଆଶ୍ଚର୍ଯ୍ୟ ଅଭିସାର : ଗୁରୁ ପ୍ରସାଦ ମହାନ୍ତି)

ପଲ୍ଲୀକୁ ଭଲ ପାଇବା ମାଧ୍ୟମରେ କବିତାକୁ ପିଲାଦିନ ଫେରି ଆସିଛି । ଗାଁ, ମାଟି, ମାନବିକତା, ପ୍ରକୃତି ଫେରି ଆସିଛି । ଅଣନିଃଶ୍ୱାସୀ ଓଡ଼ିଆ କବିତା ପଲ୍ଲୀର ସବୁଜ ବଳୟରେ ଖୁବ୍ ଆଶ୍ୱସ୍ତ ହୋଇଛି । ଗାଁ ପ୍ରତି ମା' ପ୍ରତି କବିର ଆବେଗକୁ ଲକ୍ଷ୍ୟ କରନ୍ତୁ ।

'ଏମିତିବି ଆଉ ବେଳେ ବେଳେ ହୁଏ କ'ଣ ?
ଜହ୍ନ, ପୋଡ଼ା ପିଠାବାସ୍ନା, ଗେଣ୍ଡୁ ଫୁଲ
ବୋଉ ଛାଇ ପରି ଏପଟୁ ସେପଟ, ଦାଣ୍ଡର ଦୁଆର
ଆକାଶରେ ଚଢ଼େଇ ଓ ଚିତ୍ରୋପ୍ଳଳା
କାହା ବଂଶୀ ସ୍ୱର ।'
(ଅବାକ୍ ମୁହୂର୍ତ୍ତ : ଆରଦୃଶ୍ୟ : ସୀତାକାନ୍ତ ମହାପାତ୍ର)

ଓଡ଼ିଆ କାବ୍ୟ ଧାରାରେ କବି ମନୋରମା ବିଶ୍ୱାଳ ମହାପାତ୍ର, ସୌରୀନ୍ଦ୍ର ବାରିକ, ବ୍ରହ୍ମାନନ୍ଦ ଦାସ, ସୀତାକାନ୍ତ ମହାପାତ୍ର ପ୍ରମୁଖ କବିମାନେ ପଲ୍ଲୀ ଚେତନା ଆଧାରରେ ଅନେକ ଉଚ୍ଚାଙ୍ଗ କବିତା ରଚନା କରିଛନ୍ତି ।

## (ଟ) ଉତ୍ତରଣ ପିପାସା :

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ 'ଉତ୍ତରତା ପିପାସା' କବିତାର ଅନ୍ୟାନ୍ୟ କାବ୍ୟଗୁଣ ସହ ସମାନ୍ତରଳ ଭାବରେ ପ୍ରବାହିତ । କବି ଯେଉଁଠି ଦୁଃଖ, ବେଦନାର କଥା କହିଛି, ସେଇଠି ପରବର୍ତ୍ତୀ ସମୟରେ ଏହି ଯନ୍ତ୍ରଣା ବୃତ୍ତରୁ ମୁକ୍ତିର  ସ୍ୱର ପ୍ରକାଶ ପାଇଛି । ଜୀବନର ସମସ୍ତ ବସ୍ତୁ ସୁଖ, ମୋହ ମାୟା, ସାଂସାରିକ ଉପଲବ୍ଧି ଗୁଡ଼ିକୁ ପଛରେ ପକାଇ ଅନନ୍ତସତ୍ତା ସହ ତଲ୍ଲୀନ ହୋଇଯିବା ପାଇଁ କବି ଚିତ୍ତର ପ୍ରଗଳଭତା ପ୍ରକାଶ ପାଇଛି । ଏହି ଚେତନାଟି ଓଡ଼ିଆ କବିତାର ଏକ ପାରମ୍ପାରିକ ଚେତନା, ପଞ୍ଚସଖାର କବିତା, ଭଜନ, ଗୀତା ଓ ବୈଷ୍ଣବୀୟ କାବ୍ୟ, ପଦାବଳୀ ମାନଙ୍କରେ ଏହି ସମର୍ପଣ ଓ ସମାଧି ମନୋଭାବର ଉଚ୍ଚାଙ୍ଗ ଉଲ୍ଲେଖ ରହିଛି । ଆଧୁନିକ କବିତାରେ ଏହି ପୃଷ୍ଠ ଭୂମିଟିକୁ ଅଧିକ କ୍ରିୟାଶୀଳ କରାଇ ଏହାକୁ ଯନ୍ତ୍ରଣାର ଏକ ନିଦାନ ରୂପେ ପ୍ରୟୋଗ କରାଯାଇଛି । ଯନ୍ତ୍ରଣାର 'କାଳପୁରୁଷ' ପାଖରୁ ମୁକ୍ତିର ପରମେଶ୍ୱରଙ୍କୁ ସଂଧାନ କରିବା ପାଇଁ କାବ୍ୟ ନାୟକ କିପରି ବ୍ୟାକୁଳ ଦେଖନ୍ତୁ ।

'ହେ ଅକ୍ରୁର ହେ ଉଦ୍ଧବ ସଖା ମୋର ପ୍ରାଣର ଦୋସର
ରୁହ ରୁହ ଛିଡା ରୁହ ପିଠିରେ ମୋ ତୁମପରି ବୋଝ
ମୁଁ ଯିବି ତୁମରି ପରି ତାରା ଖୋଜି, ଜହ୍ନ ଖୋଜି
ଖୋଜି ଖୋଜି ଝରଣାର ସୁଅ
ମୁଁ ଯିବି ତୁମରି ପରି ଖୋଜି ମୋରା ପିତାମାତା
ନିମୂଳି ଲତାରେ ଖୋଜି ଅରୁନ୍ଧତୀ ତାରାର ଆଲଜୁଅ ।'
(କାଳା ପୁରୁଷ : ଗୁରୁ ପ୍ରସାଦ ମହାନ୍ତି)

ଆଜି ମଣିଷ ବ୍ୟସ୍ତ ବହୁଳ ଜୀବନ ଯନ୍ତ୍ରଣାରୁ ଚାହେଁ ମୁକ୍ତି । ସଂସାର ଓ ସାମ୍ରାଜ୍ୟ ତାର ଏକାନ୍ତ କାମନା ନୁହେଁ । ଭୋଗ ରାଜ୍ୟରୁ ତ୍ୟାଗ ରାଜ୍ୟକୁ ଯାତ୍ରାର ସୂଚନା ଏହି କବିତାରେ ରହିଛି । କବି ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ପ୍ରତିଭା ଶତପଥୀ, ରୋଜେନ୍ଦ୍ର କିଶୋର ପଣ୍ଡା ଆଦି କବିମାନେ ଏହି ଭାବବୋଧକୁ ନେଇ ଅନେକ ଉଚ୍ଚ କୋଟୀର କବିତା ରଚନା କରିଛନ୍ତି । କବି ରମାକାନ୍ତ ରଥଙ୍କ 'ସପ୍ତମ ଋତୁ', 'ଶ୍ରୀରାଧା', 'ସୀମାନ୍ତ ବାସ' ସୀତାକାନ୍ତ ମହାପାତ୍ରଙ୍କ 'ସମୁଦ୍ର' ପ୍ରତିଭା ଶତପଥୀଙ୍କ 'ଶବରୀ', 'ମହାମେଘ', 'ତନ୍ମୟଧୂଳି'  ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ଶୈଳକଳ୍ପ' କବିତା ସଂଗ୍ରହ ମାନଙ୍କରେ ଏହି ଚେତନାର କବିତା ପ୍ରକାଶ ପାଇଛି । ୧୯୮୦ ମସିହା ପରବର୍ତ୍ତୀ ସମୟରେ ଏହି ଉତ୍ତରଣ ପିପାସା ଅନୁଭବଟି କବି ପ୍ରହରାଜ ସତ୍ୟନାରାୟଣ  ନନ୍ଦ (ହିରଣ୍ମୟେନ ସବିତାରଥେନ) ବଂଶୀଧର ଷଡଙ୍ଗୀ (ଶବରୀ ଚର୍ଯ୍ୟା) ଦିଲୀପ ଦାସ (ବିଲୁପ୍ତ ସାମ୍ରାଜ୍ୟ) ନିତ୍ୟାନନ୍ଦ ନାୟକ (କନ୍ୟାକୁମାରୀ) ନୃସିଂହ ତ୍ରିପାଠୀ (ପର୍ବ) ମମତା ଦାଶ (ଏକତ୍ର ଚନ୍ଦ୍ର ସୂର୍ଯ୍ୟଙ୍କ ଦ୍ୱାରା ଅଧିକ ପ୍ରତିଷ୍ଠା ପାଇଛି ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କାବ୍ୟଧାରାରେ ଆତ୍ମିକ ଚେତନା କ୍ରମରେ ଅନ୍ୟାନ୍ୟ ଚିନ୍ତା ଚେତନା ପ୍ରକାଶ ପାଇଥିଲେ ହେଁ ଏହି ପ୍ରମୁଖ କାବ୍ୟ ଆତ୍ମିକ ଅନୁଭବ ଗୁଡ଼ିକ ସ୍ୱାଧୀନତା ପରବର୍ତ୍ତୀ ସମୟରେ ପ୍ରଭାବ ବିସ୍ତାର କରିଛି ।

**ଆଙ୍ଗିକ ପ୍ରୟୋଗ :**

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଆଙ୍ଗିକ ବିଚାର କ୍ରମେ ଯେଉଁ କେତୋଟି ପ୍ରସଙ୍ଗ ବିଚାରକୁ ଆସେ, ସେଥି ମଧ୍ୟରୁ କବିତାର ଗେଦ୍ୟଛନ୍ଦ, ଭାଷାପ୍ରୟୋଗ ଓ ଶୈଳୀ ପୟୋଗ ବିଧି, ପ୍ରମୁଖ । ଏହି ସମୟର କବିତାରୁ ସାଙ୍ଗୀତିକତା ବିଦାୟ ନେଇଛି । ଚେତନା ପ୍ରବାହୀ କବିତା ଗୁଡିକର ଭାଷା ଶାଣଦିଆ ଓ ଗଦ୍ୟମୟ ପାଲଟି ଯାଇଛି । ଏହିସବୁ କବିତା ଗୁଡିକ କ୍ଷୁବ୍ଧ ବିକ୍ଷୁବ୍ଧ ନଗର ରାଜ୍ୟ ମଣିଷମାନଙ୍କର ଉଚ୍ଚ ବିଫଳତାର କଥା କହୁଥିବାରୁ, ଏସବୁ କବି ତାର ଭାଷା ଓ ଶୈଳୀ କଂକ୍ରିଟ୍ ପରି ସୃଷ୍ଟି ହୋଇଛି । ନିମ୍ନରେ କେତୋଟି ପ୍ରମୁଖ କାବ୍ୟ ଆଙ୍ଗିକ ସଂପର୍କରେ ଆଲୋଚନା କରାଯାଉଛି ।

**(କ) ଦୀର୍ଘ କବିତା ରଚନା :**

ଦୀର୍ଘ କବିତା ରଚନା ସ୍ୱାଧୀନତା ପରବର୍ତ୍ତୀ ସମୟର ଏକ ପ୍ରମୁଖ କାବ୍ୟ ଆଙ୍ଗିକ । ଗୋଟିଏ ମୂଳ ଓ ମୁଖ୍ୟ ଘଟଣାକୁ ବିଶ୍ଲେଷଣ କରି ସେଥିରୁ ଅନେକ ସମଧର୍ମୀ କବିତାର ସୂତ୍ର ଉନ୍ମୋଚନ ମାଧମରେ ବିଶ୍ଲେଷଣ କରିବା ଏହିସବୁ କବିତାର ଉଦ୍ଦେଶ୍ୟ । ପ୍ରାଚୀନ ସାହିତ୍ୟରେ ଗୀତା, ସଂହିତା, ଚଉତିଶା ମାନ ଗୋଟିଏ କାହାଣୀକୁ ଦୀର୍ଘତମ ଭାବରେ ପରିବେଷଣ କରିବାର ନଜର ରହିଛି । ଦୀର୍ଘ କବିତାରେ ମୂଳ କାହାଣୀରୁ ଅନୁ କାହାଣୀ ନୁହେଁ ବରଂ ପାରିପାଶ୍ୱିକ ବିଶ୍ଲେଷଣ ମାଧମରେ ନୂତନ କାହାଣୀ ସୃଷ୍ଟିହୁଏ । ଏହା ମୂଳ ଘଟଣାକୁ ସମୃଦ୍ଧି ପ୍ରଦାନ କରେ । କବି ସୀତାକାନ୍ତ ମହାପାତ୍ରଙ୍କ 'ଅଷ୍ଟପଦୀ' ଗୁରୁପ୍ରସାଦ ମହାନ୍ତିଙ୍କ 'କାଳପୁରୁଷ' ପ୍ରସନ୍ନ କୁମାର ପାଟ୍ଟଶାଣୀଙ୍କ 'ବର୍ଷା' ରମାକାନ୍ତ ରଥଙ୍କ 'ଶ୍ରୀରାଧା' ପ୍ରତିଭା ଶତପଥୀଙ୍କ ''ପ୍ରିୟତମା'' ପ୍ରସନ୍ନ କୁମାର ମିଶ୍ରଙ୍କ 'ମନିକାର ପ୍ରିୟ' ଏହି ଧାରାର ରଚନା । ଏହି ସବୁ ଦୀର୍ଘ କବିତା ଗୁଡିକରେ ବିଭକ୍ତି କରଣ, ଅଧ୍ୟାୟ ଓ ଭିନ୍ନ ଶିରୋନାମା ଥିଲେ କିଏ ସବୁ ମୂଳ ଶିରୋନାମା ଓ କାହାଣୀର ଅଂଶ ବିଶେଷ । ଦୀର୍ଘ କବିତା ରଚନା ଶୈଳୀ ଏକ ନୂତନ କାବ୍ୟ ଆଙ୍ଗିକ ଯାହା ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାକୁ ନୂତନ ଦିଶା ପ୍ରଦାନ କରିଛି ।

**(ଖ) ହାଇକୁ କବିତା :**

ହାଇକୁ କବିତା ସାଧାରଣତଃ ତିନି ପାଦରେ ଗୋଟିଏ ପଦ ହୋଇଥାଏ । ହାଇକୁ କବିତାର ପ୍ରଚଳନ ଜାପାନ ଓ ଚୀନ୍‌ରେ ଅଧିକ । ସୋଭିଏତ୍ ସାହିତ୍ୟରେ ମଧ ହାଇକୁ କବିତା ଦେଖାଯାଏ । ତିନି ଧାଡି ଭିତରେ ଗୋଟିଏ ବିମ୍ବ ପ୍ରୟୋଗ କରି ଗୋଟାଏ ଘଟଣାକୁ ପ୍ରତିନିଧିତ୍ୱ ଦେବାକୁ ହାଇକୁ କବିତା ଗୁରୁତ୍ୱ ଦିଏ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କାବ୍ୟ ଧାରାରେ କବି ବ୍ରହ୍ମାନନ୍ଦ ଦାସ, ବଂଶୀଧର ଷଡ଼ଙ୍ଗୀ ପ୍ରମୁଖ କବିମାନେ ହାଇକୁ କବିତା ପାଠକ ପ୍ରିୟ କରିପାରିଛନ୍ତି ।

(୧) 'ଧନ କଟାବେଳରା ସକାଳ
ଗିଲାସରେ ନାଲି 'ଚା'
ଅଣ୍ଟାରେ ଅଣ୍ଡା 'ଦା' ।
(ଯାତ୍ରା ସରେନା : ବ୍ରହ୍ମାନନ୍ଦ ଦାସ)

(୨) 'ତୁମ ଘର ସାମ୍ନାବଗିରେ ତୁମେ ଫୁଲଗଛ ଲଗେଇଚ
ମୁଁ ଭାବୁଚି, ସମସ୍ତ ଦୁଃଖକୁ
ତୁମେ ଯେମିତି ଲୁଚେଇବାକୁ ଚେଷ୍ଟା କରୁଚ ।'
(ହାଇକୁ : ସମୟ ଅସମୟ : ବଂଶୀଧର ଷଡଙ୍ଗୀ)

ହାଇକୁ କବିତା ପ୍ରାଚୀନ ଓଡ଼ିଆ 'ପଦିଆ କବିତା'କୁ ମନେ ପକେଇଦିଏ । ଓଡ଼ିଆ ଦୁଇ, ତିନି,ଚାରି ପଦୀ ପରି ଆଧୁନିକ ଓଡ଼ିଆ କବିତାରେ ଏହି ଶୈଳୀକୁ ପ୍ରୟୋଗ କରାଯାଇଛି । ହାଇକୁ କବିତା ଏକ ବିଦେଶୀ କାବ୍ୟ ଆଙ୍ଗିକ ହେଲେ ମଧ୍ୟ ଏହାର ପ୍ରାଚୀନ ଓଡ଼ିଆ ପ୍ରୟୋଗ ରହିଛି ।

## (ଗ) ଚିତ୍ରକଳ୍ପ ପ୍ରୟୋଗ :

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଏକ ପ୍ରମୁଖ ପ୍ରୟୋଗ ହେଲା ଚିତକଳ୍ପ । ଉତ୍କୃଷ୍ଟ ଓ ଉପଯୁକ୍ତ ଚିତ୍ର ପ୍ରୟୋଗ ମାଧ୍ୟମରେ କବିତାର ଚେତନା ବିସ୍ତାର କରିବା ପାଇଁ କବିମାନେ ଗୁରୁତ୍ୱ ଦେଇ ଥାଆନ୍ତି । ଚିତ୍ରକଳ୍ପ ପ୍ରୟୋଗର ଏ,କ ପ୍ରାଚୀନ ପ୍ରବିଧି ଓଡ଼ିଆ କବିତାରେ ଉପଲବ୍ଧ ହୁଏ । ଭାଗବତରେ କବି ଜଗନ୍ନାଥ ଦାସ ଅନେକ ଗୁରୁତ୍ୱ ପୂର୍ଣ୍ଣ ବିମ୍ବ ପ୍ରୟୋଗ କରିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ଏପରି ବିମ୍ବ ପ୍ରୟୋଗ ବଦଳରେ ବିମ୍ବବଂଧ ସୃଷ୍ଟିକରେ । ସମଗ୍ର କବିତାର ଆବେଗ, ବକ୍ତବ୍ୟ ଗୋଟିଏ ଚିତ୍ରକଳ୍ପ ଦେଇ ପ୍ରକାଶ ପାଏ । ଏପରି ଚିତ୍ରମାନଙ୍କରେ ବର୍ହିବ୍ୟର୍ଥତା ସହ ଅର୍ନ୍ତବେଦନାର ସମନ୍ୱୟ ଘଟେ ।

'ଶୀତର ଯନ୍ତ୍ରଣା ପରେ ଦେହ ଧୋଇ ଉଷୁମ ପାଣିରେ
ଶେଯରେ ପକାଇ ସଫା ଚାଦର ଓ
ଧଳା ନର୍ସପରି ବସଂତ ଆସିଛି ।'
(ବସନ୍ତ ଋତୁ : ସଂଦିଗ୍ଧ ମୃଗୟା : ରମାକାନ୍ତ ରଥ)

ଦୁର୍ଦ୍ଧର୍ଷ ଶୀତ ତାପ ପରେ ରୋମାଣ୍ଟିକ୍ ବସନ୍ତର ଆଗମନକୁ ଜଣେ ଯନ୍ତ୍ରଣାକ୍ତ ରୋଗୀ ନର୍ସର ସେବା ପାଇବା ପରିମନେ କରିଛନ୍ତି । ସମଗ୍ର କବିତାର ବକ୍ତବ୍ୟ ଗୋଟିଏ ଚିତ୍ର ଭିତରେ ବଂଧା ପଡିଛି । ନାରୀ ଜୀବନର ଅସହାୟତାର ଗୋଟିଏ ଚିତ୍ର ଦେଖିବା ।

'ଭାଗ୍ୟ
ଦି ହାତ ପାପୁଲି ଠୋଲାରେ
ଧରିଥିବା କର୍କଟିର ପରକୁ ଛିଣ୍ଡାଇ ଦେଲେ ତାର କଲବଲ
କୌତୁହଳେ ଦେଖୁଥିବା ଦୁରନ୍ତ ଶିଶୁଟି
ତୋର ଭାଗ୍ୟ ।'
(ସାହାଡ଼ା ସୁନ୍ଦରୀ : ପ୍ରତିଭା ଶତପଥୀ)

କର୍କଟର ଅସହାୟତା ସହ ନାରୀର ଅସହାୟତାକୁ ଏକାତ୍ମ କରି ଏଠାରେ ଚିତ୍ରଚେତନାଟିଏ ସୃଷ୍ଟି ହୋଇଛି । ସ୍ୱାଧୀନତା ପରବର୍ତ୍ତୀ କବିତା ଚିତ୍ର ପ୍ରୟୋଗରେ ଅଧିକ ବିଶ୍ୱାସ କରିଛି । କବି ଦୀପକ ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ସୌଭାଗ୍ୟ କୁମାର ମିଶ୍ର ଅନେକ ସଫଳ ଚିତ୍ର କଳ୍ପ ସୃଷ୍ଟି କରିଛନ୍ତି ।

## (ଘ) ପ୍ରତୀକ ପ୍ରୟୋଗ :

କବିତାର ଭାବବୋଧକୁ ଶକ୍ତିଶାଳୀ କରିବା ସହ ଏହାର ବୌଦ୍ଧିକ ସାମ୍ରାଜ୍ୟକୁ ଅଧିକ ବିସ୍ତୃତ କରିବା ପାଇଁ ପ୍ରତୀକ ପ୍ରୟୋଗ କରାଯାଇଥାଏ । ପ୍ରତୀକ ମଣିଷର ଚିନ୍ତାରାଜ୍ୟକୁ ବର୍ତ୍ତମାନରୁ ଅବର୍ତ୍ତମାନ ସହ ଓ ଅଂଧାରରୁ ଆଲୋକସହିତ

ଯୋଡ଼ିଦିଏ । ଚେତନ ରାଜ୍ୟରୁ ଅବଚେତନୀୟ ଇଲାକା ଆଡ଼କୁ ପ୍ରତୀକ ବାଟ ଦେଖାଏ । ଆମ ମନର ଲୁକ୍କାୟିତ ଅନେକ ଭାବବୋଧକୁ ପ୍ରତୀକ ଆଲୋକିତ କରେ । କବି ସଚ୍ଚିଦାନନ୍ଦ ରାଉତରାୟଙ୍କ 'କବିତା-୧୯୬୨' 'କବିତା-୧୯୭୧', ରମାକାନ୍ତ ରଥଙ୍କ 'ଅନେକ କୋଠରୀ', 'ସଂଦିଗ୍ଧ ମୃଗୟା' ସୀତାକାନ୍ତ ମହାପାତ୍ରଙ୍କ 'ଆରଦୃଶ୍ୟ' 'ସମୁଦ୍ର' ଦୀପକ ମିଶ୍ରଙ୍କ 'ନିତି ନକ୍ଷେତ୍ର' 'ଅରଣା ମଇଁଷି' ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ଚୌକାଠରେ ଚିରକାଳ' ବଂଶୀଧର ଷଡ଼ଙ୍ଗୀଙ୍କ 'ସମୟ ଅସମୟ' ନିତ୍ୟାନନ୍ଦ ନାୟକଙ୍କ 'ବିଦୀର୍ଣ୍ଣ ମରାଳ' ଦିଲୀପ ଦାସଙ୍କ 'ନୀଳ ମାଧବ' ଆଦି କବିତା ଗ୍ରନ୍ଥରେ ଅନେକ ଉତ୍କୃଷ୍ଟ ପ୍ରତୀକମାନଙ୍କର ସମାବେଶ ଘଟିଛି ।

'ସେ ମଇଁଷି ଆଖିରେ ନିଦ କେବେ ଆସେ ନାହିଁ
ସର୍ବଦା ସେ ରହିଛି ଅନାଇ
ଯଦିବା ବେଳ ଆସିଗଲେ
ଶୋଇପଡ଼େ ନିବୋଧ ଦନାଇ ।'
(ଅରଣା ମଇଁଷି : ଦୀପକ ମିଶ୍ର)

ଏଠାରେ ମଇଁଷି ମୃତ୍ୟୁର ପ୍ରତୀକ । ଦନାଇ ସାଧାରଣ ଜୀବନ ଭୋଗୁଥିବା ମଣିରେ ପ୍ରତୀକ । ଜୀବନ, ମୃତ୍ୟୁ ଓ ଯନ୍ତ୍ରଣା ବୋଧକୁ ନେଇ ଦୀପକ ମିଶ୍ର ଏଠାରେ ପ୍ରତୀକ ପ୍ରୟୋଗ କରିଛନ୍ତି । ଏହି ସମୟର କବିତାରେ ଜୀବନ, ମୃତ୍ୟୁ, ପାଗବୋଧ, ଯୌନ ଜିଜ୍ଞାସା, ପରମାର୍ଥ ପିପାସା, ଅବଚେତନର ବିଶ୍ଳେଷଣକୁ ଭିନ୍ନ ଭିନ୍ନ ପ୍ରତୀକ ମାନଙ୍କର ସଫଳ ପ୍ରୟୋଗ ଘଟିଛି ।

**(ଙ) କବିତାର ଭାଷା :**

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଭାଷା ପ୍ରୟୋଗ କ୍ଷେତ୍ରରେ ନୂତନତ୍ୱ ପରିଲକ୍ଷିତ ହୁଏ । କବିତାରେ ମୁକ୍ତଛନ୍ଦ, ଗଦ୍ୟଛନ୍ଦ, ପୟାର ଛନ୍ଦ, ପ୍ରତୀକ ଓ ଚିତ୍ର କଳ୍ପ ପ୍ରୟୋଗ ଯୋଗୁ କବିତାର ଭାଷା ବ୍ୟଞ୍ଜନା ଧର୍ମୀ ଓ ଶାଣିତ ହୋଇଛି । ପାରଂପାରିକ ଭାଷା ଗୁଡିକୁ କବି ବର୍ଜନ କରି ନୂତନ କାବ୍ୟ ଭାଷା ସୃଷ୍ଟି କରିଛି । ଏଥିରେ ଉପଭାଷା, ଗ୍ରାମ୍ୟଭାଷା, ବଣ ପାହାଡ଼ର ଭାଷାକୁ ଗ୍ରହଣ କରାଯାଇଛି । କବିତାରେ ପ୍ରକୃତି ବୋଧର ପ୍ରୟୋଗ ଯୋଗୁ କବିତାର ଭାଷା ଚିତ୍ରମୟ ହୋଇଛି । ଗୋଟିଏ ଚିତ୍ର ଭାଷାର ପ୍ରୟୋଗ ଦେଖାଯାଉ –

'ତମେ ନୀଳକଇଁ ରଙ୍ଗର ଛୁରୀ
ମତେ ଚିରି ଦେଇ ଯାଅ
ଚାହିଁଲା ବେଳକୁ
ମୁଁ ନୁହେଁ ତୁମେ ହିଁ
ରକ୍ତରେ ବୁଡ଼ିଥାଅ ।'
(ଶ୍ରୀରାଧା : ରମାକାନ୍ତ ରଥ )

ଏହି କାବ୍ୟ ଭାଷା ଯେତିକି ଚିତ୍ରମୟ ସେତିକି ଗୀତିମୟ । ସଙ୍ଗୀତ ଯୁଗର କବିମାନଙ୍କ ପରି ଆଜିର ଆଧୁନିକ କବି ନିଜ କବିତାରେ ସଙ୍ଗୀତର ତରୁଣ ଓ କୋମଳ ଭାଷାକୁ କବିତାରେ ପ୍ରୟୋଗ କରିଛନ୍ତି ।

‘ବର୍ଷାକୁ କହିବ ଅଳ୍ପ ଅଳ୍ପ ଝରିବାକୁ
ଦୂର ପାହାଡକୁ କହିବ ସ୍ପଷ୍ଟ ଦିଶିବ ଆଗ ଅପେକ୍ଷା
ଓ ଉଦାସ ନ ହେବା ପାଇଁ ନଈକୁ କହିବ ।’
(ଦେଖାହେଲେ କହିବି ସେ କଥା : ପ୍ରସନ୍ନ ପାଟ୍ଟଶାଣୀ)

କବିତାରେ ଯତିପାତ ମେଳକ ନକରି ମଧ୍ୟ ଗୀତିମୟତା ସୃଷ୍ଟି କରାଯାଇ ପାରେ ଏହା ଆଧୁନିକ କବି ଦେଖାଇ ଦେଇଛନ୍ତି । ସଙ୍ଗୀତ ଅନୁକୂଳ ଭାଷା ଯୋଗୁ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ସମୃଦ୍ଧି ଆସିଛି । ଏହି ସମୟର କବିତାର ଭାଷା ପ୍ରତୀକ ପ୍ରୟୋଗ ଦ୍ୱାରା ସମୃଦ୍ଧ ହୋଇଛି । ପ୍ରତୀକାତ୍ମକ ଭାଷା କବିତାର ଗଠନ ପାଟବତାକୁ ମଜବୁତ୍ ପ୍ରଦାନ କରିଛି । ଅନେକ ସମାଞ୍ଜସ୍ୟହୀନ ପ୍ରତୀକର ସମନ୍ୱୟରେ କବିତାରେ ପ୍ରତୀକିତ ଭାଷା ପ୍ରୟୋଗ ସୃଷ୍ଟି ହୋଇଛି । କବି ସୌଭାଗ୍ୟ କୁମାର ମିଶ୍ରଙ୍କ କବିତାରେ ପ୍ରତୀକିତ ଭାଷା ପ୍ରୟୋଗର ଉର୍ବର ଉଦାହରଣ ରହିଛି ।

‘ସବୁଠି ମହୁ, କଟକରେ, କଦମ୍ବରେ, ଖଟରେ, ଖଳାରେ
ଗୁମାନରେ, ଗୁରୁଡ ସ୍ତମ୍ଭରେ, ଘଣ୍ଟାରେ, ଘିଅରେ, ଚେରରେ, ଚିନ୍ତାରେ,
(ଅନ୍ଧମହୁ ମାଛି : ସୌଭାଗ୍ୟ କୁମାର ମିଶ୍ର)

ପ୍ରତୀକାତ୍ମକ ଭାଷା ପରି ଲୋକ ଭାଷାର ପ୍ରୟୋଗରେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ କବିତାର ଭାଷା ପ୍ରଭାବିତ ହୋଇଛି । ପ୍ରାଚୀନ ଜୀବନ ଧାରାରୁ ସଂଗୃହୀତ ପ୍ରବାଦ, ପ୍ରବଚନ, ବୋଲି ଲୋକକଥା ଗୁଡ଼ିକୁ ଆଧୁନିକ କବିତାରେ ଚେତନା ପ୍ରୟୋଗ ପାଇଁ ବ୍ୟବହାର କରାଯାଇଛି । କବି ଶରତ ଚନ୍ଦ୍ର ପ୍ରଧାନଙ୍କ ‘ଯଯାତି’ ଦୀର୍ଘ କବିତାରେ ପ୍ରୟୋଗିତ ଲୋକ ଭାଷାଗୁଡ଼ିକୁ ଲକ୍ଷ୍ୟ କରନ୍ତୁ ।

(୧) କଂସାରୀ ଘରର ପାରା
ପାଳଭୂତ ମୁହିଁ
ମେଦିନୀ ଗୋଟାର
ଖେତଜଗେ ରାତି ସାରା ।

(୨) ‘ମଦରଙ୍ଗା ଶାଗ ରାଇ
ତୁମେ ହୋଇଗଲେ
ରାଇ ବିନୋଦିନୀ
ଲଂବିଯାଏ ମୋର ଛାଇ ।’

ଲୋକ ଭାଷା ପ୍ରୟୋଗ କ୍ଷେତ୍ରରେ କବି କମଳାକାନ୍ତ ଲେଙ୍କା, ସୀତାକାନ୍ତ ମହାପାତ୍ର, ହୃଷୀକେଶ ମଲ୍ଲିକଙ୍କ ଭୂମିକା ପ୍ରଣିଧାନ ଯୋଗ୍ୟ । ଏପରି ଲୋକଭାଷା ପ୍ରୟୋଗରୁ ଏହି ସମୟର କବିତାରେ ‘ଲୋକଶୈଳୀ’ର ପ୍ରୟୋଗ ଘଟିଛି । ଏହି ଶୈଳୀରେ କବି ପ୍ରସନ୍ନ କୁମାର ମିଶ୍ର ଓ ବ୍ରହ୍ମାନନ୍ଦ ଦାସ ଉଲ୍ଲେଖନୀୟ କବିତା ରଚନା କରିଛନ୍ତି । କବି ପ୍ରସନ୍ନ ମିଶ୍ରଙ୍କ ଲୋକ କଥାର ପ୍ରୟୋଗରୁ ସୃଷ୍ଟି ଭାଷାକୁ ଦେଖିବା –

'ଶୁଆ ପଚାରିବ ଶାରୀଲୋ
କହନି
ଯେ ମରିବନା ବଂଚିବ
ମରିବ ଯାଇ ଯେ ତରିବ ।'
(ଟ୍ରକ ଡାଲାରେ ସନାତନ : ପ୍ରସନ୍ନ କୁମାର ମିଶ୍ର)

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଭାଷା ବହୁବିଧ ପ୍ରୟୋଗରେ ଏକ ସମୃଦ୍ଧ ଆଙ୍ଗିକରେ ପରିଣତ ହୋଇଛି । ସଙ୍ଗୀତ ନୈପୁଣ୍ୟ ଭାଷା, ଚିତ୍ରଭାଷା, ପ୍ରତୀକାତ୍ମକ ଭାଷା, ଲୋକ ଭାଷାର ସମନ୍ୱୟରେ ଏହି ସମୟର କବିତାର ଭାଷା ପାଠକ ପ୍ରିୟ ହୋଇ ପାରିଛି ।

**(ଚ) ଗଦ୍ୟ କବିତା :**

ଗଦ୍ୟ କବିତାର ରଚନା ଠିକ୍ ଗଳ୍ପ ବା ପ୍ରବଂଧ ପରି । ଏହା ଅନ୍ୟାନ୍ୟ ଗଦ୍ୟପରି ସିଧାସଳଖ ପୂର୍ଣ୍ଣଚ୍ଛେଦ ପର୍ଯ୍ୟନ୍ତ ରନତ ହୋଇଥାଏ । ଏହାର ଭାଷା ମଧ୍ୟ ଗଦ୍ୟ ପରି ଆବେଗହୀନ । ସ୍ୱାଧୀନତା ପରବର୍ତ୍ତୀ କାବ୍ୟ ଧାରାରେ ଏପରି ନିରୁତା ଗଦ୍ୟ କବିତା ରଚନାର ଉଦାହରଣ ରହିଛି।

'ସାଢ଼େ ପାଂଚ ଫୁଟ ଶ୍ୟାମଳ । ଆକ୍ଷିରେ ମାଇନ୍‌ସ ଦୁଇ ଚଷମା
ସେ 'ମୁଁ' ର ବିଜ୍ଞାପନ ଦେଇଦେଇ ଚାଲେ–ରାଜେନ୍ଦ୍ର ପଣ୍ଡା ।
ହେଇ ଅଛି ହେଇ ନାହିଁର ବ୍ୟବଧାନ ଭିତରେ ।'
(ବିଭିନ୍ନ ବକ୍ତବ୍ୟ  ଅନବତାର ଓ ଅନ୍ୟ ଅନ୍ୟ : ରାଜେନ୍ଦ୍ର କିଶୋର ପଣ୍ଡା)

ଏପରି ଗଦ୍ୟ ଶୈଳୀର କବିତା ସଚ୍ଚିଦାନନ୍ଦ ରାଉତରାୟ, ରମାକାନ୍ତ ରଥ, ସୌଭାଗ୍ୟ କୁମାର ମିଶ୍ରଙ୍କ ଠାରେ ମଧ୍ୟ ଲକ୍ଷ୍ୟ କରାଯାଏ । ଗଦ୍ୟ କବିତା ପାଠକଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ଥିଲେ ମଧ୍ୟ ଏହା ଏହି ସମୟ ପାଇଁ ଏକ ଚର୍ଚ୍ଚିତ କାବ୍ୟ ଆଙ୍ଗିକ ଭାବରେ ପରିଚୟ ପାଇଥିଲା ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଆଙ୍ଗିକ କ୍ଷେତ୍ରରେ ବିଭିନ୍ନ ପରିବର୍ତ୍ତନ ଆସିଛି । ଭାଷା ପ୍ରୟୋଗ ଓ ଶୈଳୀ ବିନ୍ୟାସ କ୍ଷେତ୍ରରେ ନୂତନତା ଆସିଛି । ପାରଂପାରିକ ଓଡ଼ିଆ କବିତାର ଭାଷା ଓ ଶୈଳୀରୁ ଓହରି ଆସି ଏହା ଏକ ନୂତନ ପରିଚୟ ସୃଷ୍ଟି କରିପାରିଛି ।

**ସଂକ୍ଷିପ୍ତ ପ୍ରଶ୍ନବଳୀ:–**

୧. ସ୍ୱାଧୀନତା ପରବର୍ତ୍ତୀ କବିତାର ପୃଷ୍ଠଭୂମି ଓ ବିକାଶ ଧାରା ବିଶ୍ଲେଷର କର ।

୨. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଆତ୍ମିକ ପ୍ରକରଣ ଗୁଡିକୁ ଆଲୋଚନା କର ।

୩. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ସ୍ୱର ଓ ସ୍ୱରୂପ ନିର୍ଣ୍ଣୟ କର ।

–୦–

## ଅଷ୍ଟାଦଶ ପତ୍ର

## ଦ୍ୱିତୀୟ ୟୁନିଟ୍

# ମାଟି

### କବି : ରାଧା ମୋହନ ଗଡ଼ନାୟକ

**ସୂଚନା :**

କବି ରାଧାମୋହନ ଗଡ଼ନାୟକ ଓଡ଼ିଆ ସାହିତ୍ୟରେ ଏକ ପରିଚିତ ନାମ । କବି ଗୁଣାତ୍ମକ ଦୃଷ୍ଟି ନେଇ ଅନେକ ଉଚ୍ଚାଙ୍ଗ କବିତା ରଚନା କରିଛନ୍ତି । ଓଡ଼ିଶାର ସାମାଜିକ ଓ ସଂସ୍କୃତିକ ଘଟଣାବଳୀ, ଚରିତ୍ର, ସ୍ଥାନମାନଙ୍କୁ ନେଇ କବିଙ୍କ କବିତା ସମୃଦ୍ଧ ହୋଇଛି । ଭାରତର ପୁରାଣ, କିମ୍ୱଦନ୍ତି, ସ୍ୱାଧୀନତା ସଂଗ୍ରାମ ଓ ସ୍ମରଣୀୟ ବ୍ୟକ୍ତିତ୍ୱମାନଙ୍କର ଚର୍ଚ୍ଚା ତାଙ୍କ କବିତା ମାନଙ୍କରେ ଲକ୍ଷ୍ୟ କରାଯାଏ । ରାଧା ମୋହନ ଗଡ଼ନାୟକ ଜଣେ ସକରାତ୍ମକ ଚିନ୍ତାଧାରାରା କବି । ମାଟି ଓ ମଣିଷର ଜୟଗାନ କରିବା ସହ ମଣିଷ ସମାଜର ମୁକ୍ତି କାମନା କରି ତାଙ୍କ କବିତା ଗୁଡିକ ରୂପବଂତ ହୋଇଛନ୍ତି । ଜଣେ ସଫଳ ଗାଥାକବି ଭାବରେ ଓଡ଼ିଆ ସାହିତ୍ୟରେ ରାଧାମୋହନ ପ୍ରତିଷ୍ଠା ପାଇଛନ୍ତି । ଅତୀତର ଅନେକ ବୀରତ୍ୱପୂର୍ଣ୍ଣ ଘଟଣା, ଯୁଦ୍ଧ, ଇତିହାସକୁ ଆଧାର କରି କବି ଗାଥା କବିତା ରଚନା କରିଛନ୍ତି । କବିଙ୍କ ଗାଥା କବିତା ଗୁଡିକର ଅନ୍ତରରେ ସାଙ୍ଗୀତିକତାର ପ୍ରାଣ ପ୍ରବାହ ପରିଲକ୍ଷିତ ହୁଏ । କବିତାର ନିର୍ମାଣ କଳରେ ରାଦାମୋହନ ଯେମିତି ପ୍ରାଣବନ୍ତ କବିତାର କଥାଭାଗ ପ୍ରକାଶରେ ସେତିକି ଆବେଗ ବିହ୍ୱଳ । ଆଲୋଚ୍ୟ କବିତା 'ମାଟି' କବିଙ୍କ 'କାବ୍ୟ ନାୟିକା' କବିତା ସଂଗ୍ରହରୁ ଆସିଅଛି । ଏହି କବିତାରେ ମାଟିର ମହନୀୟତା ସହ ଜଣେ ଜନନୀ ଭାବରେ ତାର ତ୍ୟାଗ ଓ ପ୍ରେମକୁ କବି ଗଭୀର ସଂବେଦନା ସହ ବିଶ୍ଲେଷଣ କରିଛନ୍ତି ।

### ୧.୦ କବି ରାଧାମୋହନ ଗଡ଼ନାୟକଙ୍କ ପରିଚୟ

କବି ରାଧାମୋହନ ଗଡ଼ାୟକ ଓନିଆ କାବ୍ୟ ଧାରାରେ ନିଜେ ଗୋଟିଏ ମୌଳିକ ସୃଜନ ପ୍ରବାହ । ଜଣେ ସବୁଜ ଚେତନାର ପରବର୍ତ୍ତୀ କବି ଭାବରେ ଆତ୍ମପ୍ରକାଶ କରି ନିଜ କବିତା ମାନଙ୍କରେ ବାମପନ୍ଥୀ ଚେତନାକୁ କଳାତ୍ମକ ଭାବରେ ପ୍ରୟୋଗ ପରୀକ୍ଷା କରିଛନ୍ତି । ଯେଉଁ ସମୟରେ କବି ସଚ୍ଚିଦାନନ୍ଦ ରାଉତରାୟ, କାଳନ୍ଦୀ ଚରଣ ପାଣିଗ୍ରାହୀ, ଅନନ୍ତ ପଟ୍ଟନାୟକ ସାମ୍ୟବାଦୀ ଚେତନାର କବିତା ରଚନା କରି କାବ୍ୟ ଧାରାରେ ପରିବର୍ତ୍ତନର ସୂତ୍ରପାତ କରିଥିଲେ, ସେହି ସମୟରେ ଗଡ଼ ନାୟକ ଏହିକାବ୍ୟ ଧାରାରୁ ଦୂରରେ ରହି ନିଜସ୍ୱ କଳା ନୈପୁଣ୍ୟ ମାଧ୍ୟମରେ ବାମବାଦୀ ଚେତନାକୁ କବିତାରେ ପ୍ରୟୋଗ କରିଥିଲେ । ଏହାହିଁ କବିଙ୍କର ମୌଳିକ କାବ୍ୟଗୁଣର ପରିଚୟ । ଜଣେ ବିଶିଷ୍ଟ ଗାଥା କବିତାର ଲେଖକ ଭାବରେ ଓଡ଼ିଆ ସାହିତ୍ୟରେ ତାଙ୍କର ପରିଚୟ ସ୍ୱତନ୍ତ୍ର । ବିଗତ ଦିନମାନଙ୍କର ଘଟଣା ଓ ଚରିତ୍ର ସହ କବି ସମସାମୟିକ ଘଟଣା ଓ ଚରିତ୍ରମାନଙ୍କୁ ନେଇ ବିରଳ ଗାଥା କବିତା ରଚନା କରିଛନ୍ତି । କବିଙ୍କ ଦ୍ୱାରା ରଚିତ 'କାଳିଦାସ' 'ବିପ୍ଳବୀ ରାଧାନାଥ' 'ମେଘଦୂତ' 'ପଶୁପକ୍ଷୀର କାବ୍ୟ' 'ଧୂସର ଭୂମିକା' 'ଶାମୁକାର ସ୍ୱପ୍ନ' 'ଦୁଇଟି ତାହାର ଡେଣା' 'କୁମାର ସମ୍ଭବ' 'ସୋରାବ ଓ ରସ୍ତମ' 'କୈଶୋରିକା' 'ଦୀପଶିଖା' 'ବନରାଜିନୀଳା' ଆଦି କବିତା ସଙ୍କଳନଗୁଡିକ ତାଙ୍କ

ବିପୁଳ କବି ପ୍ରତିଭାରା ପରିଚୟ ବହନକରେ । ପରିମାଣ ଦୃଷ୍ଟିରୁ ଓ ଗୁଣାତ୍ମକ ଦୃଷ୍ଟି କୋଣରୁ ଜଣେ ପାଠକ ପ୍ରିୟ କବି ଭାବରେ କବି ଗଡ଼ନାୟକ ଓଡ଼ିଆ କବିତାକୁ ବହୁମତେ ସମୃଦ୍ଧ କରିଛନ୍ତି । କବିଙ୍କ ଗୀତି କବିତା ଗୁଡିକ ଦେଶପ୍ରେମ ଜାଗରୂକ କରିବା ପାଇଁ ଉଦ୍ଦିଷ୍ଟ । 'ସେନାନୀ ସୁଭାଷ' 'ଉଦ୍ଦାମ ସିଂହ' କବିତା ଦୁଇଟିକୁ ଏହାର ଉଦାହରଣ ଭାବରେ ଗ୍ରହଣ କରାଯାଇ ପାରିବ ।

'ମାଟିରୁ ମୁଠାଏ ଘେନି ସଂଭ୍ରମେ ଚିପୁଡିଲି ମୁହିଁ ଜୋରକରି
ରକ୍ତର ରାଗେ କରତଳ ମୋର ଲୋହିତ ହୋଇଲା ଜବାପରି
କେଉଁଠି ଧୋଇବି ଏହି ଦାଗ ମୋର ?
କେଉଁଠି ଧୋଇବି କରତଳ ?
ଧୋଇ ପାରିବସେ କେଉଁ ଶାଡ଼ଲେକ୍-ସିନ୍ଧୁ-ଝିଲମ-ନଦୀଜଳ ?
ଶପଥ କଲି ମୁଁ ଥରି ଥରି
ଧୋଇବି ନାହିଁ ମୁଁ ଏହାତ ମୋହର
ରହି ଥାଉ ଏହା ଏଇ ପରି ।'

(ଉଦ୍ଦାମ ସିଂ : ମୌସୁମୀ)

ଏହି କବିତାରେ ଉଦ୍ଦାମ ସିଂର ଚରିତ୍ର ଓ ଦେଶ ।ଭକ୍ତି ସହ କବି ରାଧା ମୋହନ ଗଡ଼ନାୟକ ଏକାକାର ହୋଇଯାଇଛନ୍ତି । କବିର ବ୍ୟକ୍ତିଗତ ପରିଚୟ ଉଦ୍ଦାମ ସିଂହଙ୍କ ବ୍ୟକ୍ତିତ୍ୱ ସହ ମିଶି ସମଗ୍ର କବିତାକୁ ଗୋଟିଏ ରକ୍ତ ପ୍ରତିଶୋଧ ଆଡ଼କୁ ଅଗ୍ରସର କରି ପାରିଛି । ଗଡ଼ ନାୟକଙ୍କ କବିତା ମାନଙ୍କରେ ଘଟଣା ଓ ଚରିତ୍ର ସହ ଏକାତ୍ମ୍ ହୋଇ ଆବେଗ ଦୀପ୍ତ ଚେତନା ପ୍ରକାଶ କରିବା ପରିଲକ୍ଷିତ ହୁଏ । ଓଡ଼ିଶାର ଇତିହାସ, ଯୁଦ୍ଧ ସଂସ୍କୃତି ଓ ଘଟଣା ପ୍ରବାହକୁ ଗାଥା କବିତା ରୂପରେ ପ୍ରକାଶ କରିବାରେ ଗଡ଼ନାୟକଙ୍କ 'ଉତ୍କଳିକା' ଗ୍ରନ୍ଥର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ,ଥିରେ ଥିବା 'ବୀର ରାଣୀ ଶୁକଦେଇ' 'ମରିନାହିଁ ସେତ ମରଣ ଜୟୀ' 'ବାଇମୁଣ୍ଡି' 'ଚାଖି ଖୁଣ୍ଟିଆ' ଆଦି କବିତା ଗୁଡିକ ଓଡ଼ିଶାର ଇତିହାସ ସହ ଆତ୍ମତ୍ୟାଗ ଓ ବୀରତ୍ୱକୁ ମନେ ପକାଇ ଦିଏ । ଏହି ଗ୍ରନ୍ଥରେ ଥିବା 'ବିଶ୍ୱଜୀବନେ ପଥେ' କବିତାରେ ଗୋପବଂଧୁଙ୍କ ବନ୍ୟାପୀଡ଼ିତ ନିମାପଡ଼ା ଅଞ୍ଚଳରେ ବନ୍ୟାଦୁର୍ଗତଙ୍କ ନିମନ୍ତେ କରିଥିବା ସମାଜ ସେବାର ବିବରଣୀ ରହିଛି । ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ସମଗ୍ର ବିଶ୍ୱର ସ୍ୱାର୍ଥପାଇଁ ଗୋପବଂଧୁଙ୍କ ତ୍ୟାଗ ଓ ଯୁକ୍ତିକୁ ଏହି କବିତାରେ ପ୍ରକାଶ କରାଯାଇଛି ।

'ଗୃହର ଜୀବନ ପରିଧିରେ ରଚି ସମ୍ମୋହ-କାରାପୁରୀ
ବାହାରେ ଅଛି ଯେ ବିପୁଳ ଜୀବନ ମୁଁ ତ ନ ପାରିବି ଭୁଲି
ଏକର ସକାଶେ ଅନେକର ଡାକ ମୁଁ ତ ନ ପାରିବି ଏଡି
ଛଳନା ଏବେ ଚରଣେ ମୋହର ଅନ୍ଧ ମମତା ବେଢ଼ି ।
(ବିଶ୍ୱ ଜୀବନ ପଥେ : ଉତ୍କଳିକା)

ମଣିଷ ଜୀବନ କ୍ଷୁଦ୍ରତାରୁ ବିଶ୍ୱ ଚେତନା ଆଡ଼କୁ ପ୍ରବାହିତ ହେବା ଉଚିତ୍ ବୋଲି କବି ଗଡ଼ନାୟକ ମନେ କରନ୍ତି । ଏହି ମର୍ମରେ ତାଙ୍କର କବିତା ଗୁଡିକ ରୂପ ପାଆନ୍ତି । ମଣିଷ ଭିତରେ ଥିବା ମାନବିକତା, ଆବେଗ, ତ୍ୟାଗ, ଭଲ ପାଇବା

ଗୁଡିକର ସକରାତ୍ମକ ସୁବିନିଯୋଗ ହିଁ ତାଙ୍କ କବିତାର ମୌଳିକ ସାଫଲ୍ୟ । ମଣିଷ, ପ୍ରକୃତି ପରି ପଶୁପକ୍ଷୀମାନେ ମଧ ତାଙ୍କ କବିତାରେ ପ୍ରମୁଖତା ପାଇଥାଆନ୍ତି । କବିଙ୍କ ଦ୍ୱାରା ରଚିତ 'ପଶୁ ପକ୍ଷୀର କାବ୍ୟ' ଗ୍ରନ୍ଥରେ ଏହି ମର୍ମରେ ଅନେକ କବିତା ରହିଛି । ରାବଣ ସହିତ ଯୁଦ୍ଧକ୍ଳାନ୍ତ ଜଟାୟୁ ଶ୍ରୀରାମଙ୍କ ପାଖରେ। ଜାନକୀଙ୍କ ସଂବାଦ ଦେଇ ପ୍ରାଣତ୍ୟାଗ କରିଛି । ଶ୍ରୀରାମ ଜଟାୟୁ ପ୍ରତି ନିଜର ସମବେଦନା ଜଣାଇବା ବେଳକୁ ଏହା ତାହାର କର୍ତ୍ତବ୍ୟ କହି ଜଟାୟୁ ପ୍ରାଣତ୍ୟାଗ କରିଛି ।

'ଦଶା ନୁହେ ଏତ ଧର୍ମ ମୋହର
ଆପେ ଆପେ ମୁହିଁ ନେଇଚି ବରି
ସେଥିପାଇଁ କିପାଁ ଜଳି ଉଠୁଅଛି
ଅନଳ ପରି ?'
(ଜଟାୟୁ : ପଶୁ ପକ୍ଷୀର କାବ୍ୟ)

ନିଜ କବିତାରେ ଈଶ୍ୱର-ପ୍ରକୃତି-ମଣିଷ-ପଶୁପକ୍ଷୀଙ୍କୁ ଏକାଠି କରି ଏକ ମାନବୀୟ ସଂପ୍ରୀତି ମାଧ୍ୟମରେ ସମସ୍ତଙ୍କୁ ବାନ୍ଧି ରଖିବାରେ କବି ଗଡ଼ନାୟକ ବିଶ୍ୱାସ କରନ୍ତି । ଏହାହିଁ କବିଙ୍କ କାବ୍ୟ କଳାର ଏକ ବିଶିଷ୍ଟ ବିଭବ । କବି ରାଧା ମୋହନ ଏହି ସବୁ କାରୁକାର୍ଯ୍ୟ ଓ ଚେତନା ପ୍ରୟୋଗ ପାଇଁ ଓଡ଼ିଆ କାବ୍ୟ ପରଂପରାରେ ସ୍ୱତନ୍ତ୍ର ସ୍ଥାନ ପାଆନ୍ତି । ଆଲୋଚ୍ୟ କବିତା 'ମାଟି' । ଏହିପରି ବିରଳ କାବ୍ୟିକତାରୁ ସୃଷ୍ଟି ହୋଇଛି ।

**୧:୧ ମୂଳ ପାଠ ଅଧ୍ୟୟନ :**

'କାବ୍ୟନାୟିକା' କବିତା ଗ୍ରନ୍ଥରେ ଗ୍ରଥିତ ହୋଇଥିବା 'ମାଟି' କବିତାଟି କବି ରାଧା ମୋହନ ଗଡ଼ନାୟକଙ୍କର ଏକ ସଫଳ କବିତା ଭାବରେ ସୀକୃତ । ଏହି କବିତାର ସାଙ୍ଗୀତିକତା ସହିତ ଅର୍ନ୍ତଦୃଷ୍ଟି ସଂପନ୍ନ ବିଶ୍ଳେଷର ପାଠକଙ୍କୁ ମୁଗ୍ଧ କରିଥାଏ । ଈଶ୍ୱରଙ୍କ ସୃଷ୍ଟିରେ ସମସ୍ତଙ୍କର ନିଜ ନିଜର ଭୂମିକା, ଉଚ୍ଚପଦ ଓ ଆଭିଜାତ୍ୟ ନେଇ ଈଶ୍ୱରଙ୍କ ପାଖରେ ଦାବି ଉପସ୍ଥାପିତ ହୋଇଛି । ନିଜ ପାଇଁ କ୍ଷମତା, ଐଶ୍ୱର୍ଯ୍ୟ, ସୁଖ ସଂପଦର ଅଧିକାରୀ ହେବାପାଇଁ ପାଣି, ପବନ, ଅଗ୍ନି, ଚନ୍ଦ୍ର, ସୂର୍ଯ୍ୟ ସମସ୍ତେ ଈଶ୍ୱରଙ୍କ ଠାରେ ନିଜର ଦାବି ଉପସ୍ଥାପନ କରିଛନ୍ତି । ଏ କ୍ଷେତ୍ରରେ ଧରଣୀ ନିଜର ସୁଖ ସ୍ୱାଚ୍ଛନ୍ଦ ପାଇଁ ବିଶ୍ୱ ନିୟନ୍ତାଙ୍କ ଠାରେ କିଛି ଦାବି ଉପସ୍ଥାପନା କରିନାହିଁ । ନିଜକୁ ଅନ୍ୟମାନଙ୍କ ପାଖରେ ସମର୍ପି ଦେଇ ସମସ୍ତଙ୍କର ସୁଖ ଦୁଃଖରେ ସମଭାଗୀ ହେବା ପାଇଁ 'ମାଟି' କାମନା କରିଛି । ମାଟିର ଏହି ମାନସିକତାକୁ ଈଶ୍ୱର ପ୍ରଶଂସା କରିଛନ୍ତି । ଯିଏ ଅନ୍ୟପାଇଁ ନିଜର ଜୀବନକୁ ଉତ୍ସର୍ଗ କରେ ତାଠାରୁ ବଡ଼ ଆଉ କେହି ନାହିଁ ବୋଲି ଈଶ୍ୱର କହିଛନ୍ତି । ଗୋଟିଏ ପାଖରେ ବ୍ୟକ୍ତି ସ୍ୱାର୍ଥ ଅନ୍ୟପାଖରେ ବିଶ୍ୱସ୍ୱାର୍ଥ ଏହାରିଭିତରେ ସମଗ୍ର କବିତା ଗତି କରିଛି । କବି ରାଧାମୋହନ ଗଡ଼ନାୟକ ଏହି ପ୍ରସଙ୍ଗଟିକୁ ନାଟକୀୟ ଭଙ୍ଗୀରେ ଉପସ୍ଥାପନ କରିଛନ୍ତି । ସୃଷ୍ଟି ଆରମ୍ଭରୁ 'ସୂର୍ଯ୍ୟ' କିପରି ଈଶ୍ୱରଙ୍କ ପାଖରେ ନିଜ ପାଇଁ କ୍ଷମତା ମାଗି ନେଲେ ତାହା ଲକ୍ଷ୍ୟ କରନ୍ତୁ,

'ଅଂଶୁମାନ କିବସ୍ୱାନ କଲେ ଆବେଦନ
ମୋହର ବିହାର ଲାଗି ମିଳୁ ତେବେ ଅନନ୍ତ ଅଙ୍ଗନ
ଏଇ ଗଗନର ବକ୍ଷ
ସାଧିବି ମୁଁ ତୁମର ଯା ଲକ୍ଷ୍ୟ ।'

ସୂର୍ଯ୍ୟ ତାଙ୍କ ପାଇଁ ଅନନ୍ତ ଆକାଶର କକ୍ଷ ପଥ ମାଗିନେଲେ । ଚନ୍ଦ୍ର ତାଙ୍କ ପାଇଁ ରାତିର ଆକାଶ ମାଗିନେଲେ । ବାରିଦ ଏ ଦୁହିଁଙ୍କର କ୍ଷମତା ହ୍ରାସ କରିବା ସହ ନିଜର ସ୍ଥିତି ଜାହାର୍ କରିବାର ଅଧିକାର ମାଗିଲେ ।

'ବାରିଦ ମାଗିଲେ ମତେ ଦିଅ ଏଇବର
ମତେ ସୂର୍ଯ୍ୟ–ଚନ୍ଦ୍ର ଜୟୀକର
ଦିବା ରାତ୍ରୀ ଯେବେ ଉଇଁ
ଦେଖା ଦେବି ମୁହିଁ
ସବିତା ଶଶାଙ୍କ ଯେହ୍ନେ ରହିବେ ସନ୍ତାସେ
ଅପ୍ରକାଶେ ।'

ଦିନ ଓ ରାତି ଉଭୟରେ ଆତଯାତ ହେବାସହ ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ମ୍ଳାନ କରି ଦେବାର କ୍ଷମତା ଈଶ୍ୱରଙ୍କ ଠାରୁ ବାରିଦ ମାଗିନେଲେ । ଏପରି ପ୍ରତିଯୋଗିତା ଏହି ପ୍ରାକୃତିକ ଶକ୍ତିମାନଙ୍କ ଭିତରେ ବଢ଼ି ଚାଲିଲା । ପବନ ନିଜକୁ ବାରିଦ ଠାରୁ ଆହୁରି ଶକ୍ତିଶାଳୀ ହେବା ପାଇଁ କାମନା କଲେ । ବଜ୍ର ବିଦ୍ୟୁତ୍ ଧରି ଘନକୁ ଜୟ କରିବା ପାଇଁ ବାହାରିଲେ । ପ୍ରଚୁର ଶକ୍ତି ଧାରଣ କରି ଆକାଶ ପଥରୁ ମେଘମାଳାକୁ ଉଡ଼େଇ ଦେବାର ସାମର୍ଥ୍ୟ ପବନ ଈଶ୍ୱରଙ୍କ ଠାରୁ ହାସଲ କରି ନେଲେ ।

''ହେଉ ପଛେ ଘନ
ବକ୍ଷେ ତାର ଜଗାଇ କମ୍ପନ
ଉଡ଼ାଇବି ଯେହ୍ନେ ତାରେ ମୋର ଇଚ୍ଛାମତେ
ବିଶ୍ୱପଥେ ।''

ସ୍ରଷ୍ଟାଙ୍କ ପାଖରେ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ସମସ୍ତ ପ୍ରାକୃତିକ ଶକ୍ତିମାନେ ନିଜକୁ ଅନ୍ୟଠାରୁ ଅଧିକ ପରାକ୍ରମୀ କରିବା ପାଇଁ ଶକ୍ତି ମାଗିନେଲେ । ଅଥଚ ଏପରି ଏକ ପ୍ରତିଯୋଗୀତା ମୂଳକ ମନଭାବ ଠାରୁ ଦୂରରେ ରହି ମୌନାବତୀ ମାଟି ନିଜକୁ ଜଗତ କଲ୍ୟାଣ ପାଇଁ ସମର୍ପି ଦେଇଛି । ଈଶ୍ୱରଙ୍କ ପାଖରେ ମାଟି ତାର ମନକଥାକୁ ବ୍ୟକ୍ତ କରି ଈଶ୍ୱରଙ୍କ ଇଚ୍ଛାରେ ନିଜକୁ ନିର୍ମାଣ କରିବାକୁ ଚାହିଁଛି । ସେ ଈଶ୍ୱରଙ୍କର ସୃଷ୍ଟି । ଈଶ୍ୱର ଯାହା ଚାହିଁବେ ତା' ସଂପର୍କରେ ନିଷ୍ପତ୍ତି ନେଇ ପାରିବେ । 'ମାଟି'ର ଏପରି ସମର୍ପିତ ଇଚ୍ଛାର ଉତ୍ତରରେ ଈଶ୍ୱର ତା' ପାଇଁ ଏକ ସ୍ୱତନ୍ତ୍ର ଭୂମିକା ପ୍ରସ୍ତୁତ କରିଛନ୍ତି ।

'ମୋର ଇଚ୍ଛା ଭୟଙ୍କର, ଜୟଙ୍କର ଅତି
ସମ୍ଭାଳି ପାରିବ ଟିକି ଅୟି ମାଟି, ଅୟି ବସୁମତୀ ?
ସୃଜିବ ଯେ ଜୀବଜନ୍ତୁ ବିହଙ୍ଗମ, ପତଙ୍ଗମ ତୁମ ପକ୍ଷପରେ
ଦିବସ ରଜନୀ ସଦା ଲୀଳାଖେଳା ।ରଚିବେ ସାଦରେ
ନିଖିଳ ସେ ଚରଣର ଭାର
ସହିପାରିବ କି ତୁମ ଅଙ୍ଗକାଳ କାଳ ?
ସୃଷ୍ଟିର ମୋ ଶ୍ରେଷ୍ଠ କରି ସୃଜିବି ଯେ ନର

ଦୁର୍ଦ୍ଧର୍ଷ, ଦୁର୍ଦ୍ଧର,
କର୍ଷି ପାଇଁ କୃଷ୍ଟି ପାଇଁ ଉଦଗ୍ର, ନିୟତ
କରିବେ ତୁମର ବକ୍ଷ ବିକ୍ଷତ, ବିହତ
ସେତେବେଳେ ବିଚଳିତ ହେବ ନାହିଁ ଜୀବନ-ସଂଗ୍ରାମୁଁ ?

ଈଶ୍ୱରଙ୍କର ଏ ପ୍ରଶ୍ନର ଉତ୍ତର ମାଟି ଅମିୟ ଚାହାଣୀ ମାଧ୍ୟମରେ ଫେରାଇଛି । କୃଷକର ମାଟି କର୍ଷଣ, ପଶୁ ପକ୍ଷୀ, ମଣିଷର ସମସ୍ତ ଅର୍ଦ୍ଦଳି ସହିବା ପାଇଁ ଶକ୍ତି ଈଶ୍ୱର ତାକୁ ପ୍ରଦାନ କରନ୍ତୁ ବୋଲି କାମନା କରିଛି । ଅନ୍ୟମାନଙ୍କ ବଂଚିବାର ଏକ କାରଣ ହେବା ପାଇଁ ମାଟି କାମନା କରିଛି । ମାଟିର ଏହି ମହନୀୟତାରେ ସ୍ୱୟଂ ଈଶ୍ୱର ସନ୍ତୁଷ୍ଟ ହୋଇଛନ୍ତି । ନିଜକୁ ଅନ୍ୟଠାରୁ ଅଧିକ ଶକ୍ତିଶାଳୀ ହେବାପାଇଁ ଇଚ୍ଛା କରୁଥିବା ସୂର୍ଯ୍ୟ, ଚନ୍ଦ୍ର, ବାରି ଓ ପବନଙ୍କୁ 'ମାଟି'ର ସେବା କରିବା ପାଇଁ ପରାମର୍ଶ ଦେଇଛନ୍ତି । ସୂର୍ଯ୍ୟ ନିଜ କିରଣରେ ମାଟିର ମଥା ଓ ପାଦକୁ ଆଲୋକିତ କରିଛନ୍ତି । ଜହ୍ନ ନିଜ କିରଣରେ ମାଯିର ରାତିକୁ ସୁନ୍ଦର କରିଛନ୍ତି । ବର୍ଷାର ମୂର୍ଚ୍ଛନା ଓ ପବନର ହିଲ୍ଲୋଳରେ ମାଟି ସବୁଜିମାମୟ ହୋଇ ଈଶ୍ୱରଙ୍କ ସୃଜନକୁ ପୁଲକିତ କରିବା ସହ ଜଗତ କଲ୍ୟାଣରେ ସହାୟକ ହୋଇଛି ।

'ସଳୀଳ ହିଲ୍ଲୋଳେ କଲେ ଚାମର ବ୍ୟଜନ,
ସେବା ବାସ ପରି ସର୍ବେ ଚରଣେ ତୁମରି
ସେବିଲେ ପରମାନନ୍ଦେ  ଦିବସ ଶର୍ବରୀ
ଉତ୍ତୋଳିଲେ ମୁଗ୍ଧ ଜୈତ୍ରବାଣୀ
ଜୟ ମାଟି, ଜଗତର ରାଣୀ ।'

ଯେଉଁ ସୂର୍ଯ୍ୟ, ଚନ୍ଦ୍ର, ବାରିଦ, ପବନ ନିଜକୁ ଶ୍ରେଷ୍ଠ ଭାବରେ ସମାଜରେ ପ୍ରତିଷ୍ଠା ଦେବାକୁ ବାହାରିଥିଲେ, ସେମାନେ ଆଜି ମାଟିର ଚରଣ ବନ୍ଦନା କରିବାକୁ ଆଗେଇ ଆସିଲେ । 'ମାଟି' ନିଜର ସେବା, ତ୍ୟାଗ ଓ ଉଦାରତା ପାଇଁ ଅନ୍ୟର ପୂଜ୍ୟ ହୋଇ ପାରିଲା । ଏହି କବିତାରେ 'ମାଟି'ର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରାଯାଇଛି । ମାଟି ହେଉଛି ଆମର 'ମା' । ନିଜ 'ମା' ଯେପରି ତା ପିଲାମାନଙ୍କର ସକଳ ଅତ୍ୟାଚାର ସହି କେବେ ବି ପ୍ରତିକ୍ରିୟା ପ୍ରକାଶ କରେନାହିଁ, ଏହି କବିତାରେ ଅନୁରୂପ ଚିତ୍ରଣ 'ମାଟି' ସମ୍ପର୍କରେ କରାଯାଇଛି । କବିତାର କାହାଣୀ ଭାଗ ଓ କଳା ପ୍ରକରଣର ଉର୍ବର ପ୍ରୟୋଗ ଯୋଗୁ ଏହା ପାଠକୀୟ ସଫଳତା ପାଇ ପାରିଛି ।

### ୧:୨  କବିତାର ଆତ୍ମିକ ବିନ୍ୟାସ :

'ମାଟି' ଏକ ପ୍ରତୀକାତ୍ମକ କବିତା । ଏଠାରେ ମାଟି ଏକ ମହାନ୍ ଗୁଣର ପ୍ରତୀକ । ଯେଉଁ ବ୍ୟକ୍ତି ମାଟିପରି ଅନ୍ୟମାନଙ୍କର ସୁକ ସୁବିଧା ପାଇଁ ନିଜକୁ ଉତ୍ସର୍ଗ କରି ପାରିବ - ସେହିଁ ହେବ 'ମାଟି' । 'ମାଟି' ଏକ ନିର୍ବିକାର ନିର୍ବିକଳ୍ପୀୟ ଜୀବନ ବୋଧର ପ୍ରତୀକ । କାମନା ବସନା ବର୍ଜିତ ବ୍ୟକ୍ତି ଜୀବନରୁ ବିଶ୍ୱ ଜୀବନରେ ପରିଣତ ହେବାର ତନ୍ମୟ ବ୍ୟାକୁଳତା । 'ମାଟି' ଗୋଟିଏ ଅବସ୍ଥା । ଯେଉଁ ଅବସ୍ଥାକୁ ପ୍ରାପ୍ତ ହେଲେ ମଣିଷ ନିଜର ସମସ୍ତ କ୍ଷୁଦ୍ରତା ପରିହାର କରି ସୃଷ୍ଟିକୁ ସମୃଦ୍ଧ କରିବାକୁ ଆଗେଇ ଆସେ । ଯିଏ ମାଟିପରି ନିଜକୁ ନିର୍ମାଣ କରେ, ସେହି ଈଶ୍ୱର ପ୍ରାପ୍ତ ହୋଇଥାଏ । ମାଟିହିଁ ଈଶ୍ୱରଙ୍କ ସୃଷ୍ଟିକୁ ସବୁଜ ବୈଚିତ୍ର୍ୟରେ ପୂର୍ଣ୍ଣ କରେ । ମଣିଷ ଥରେ 'ମାଟି' ପରି ହେଲେ ତା ଭିତରର ସମସ୍ତ କ୍ଷୁଦ୍ରତା

ଅପସରି ଯାଇ ଏକ ବୃହତ୍ତମ ପରମାର୍ଥିକ ଆନନ୍ଦର ବିକାଶ ହୋଇଥାଏ । ଏହି କବିତାରେ 'ମାଟି'କୁ ଏହିସବୁ ଘଟଣାା ପ୍ରବାହ ଓ ଚେତନା କ୍ରମେରେ କବି ରାଧା ମୋହନ ଗଡ଼ନାୟକ ପ୍ରୟୋଗ କରିଛନ୍ତି । ଯିଏ ଈଶ୍ୱରଙ୍କର ପ୍ରିୟପାତ୍ର ହୁଏ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ସକଳ ବସ୍ତୁ ତା ନିକଟରେ ନିଜକୁ ସମର୍ପଣ କରି ଦିଅନ୍ତି । 'ମାଟି' କବିତାର ବାହ୍ୟ ଅର୍ଥ ବସୁଧାର ଜନନୀ ବୋଧକୁ ବ୍ୟକ୍ତ କରୁଥିବାବେଳେ ଏହାର ଅଭ୍ୟନ୍ତର ଅର୍ଥ ମଣିଷକୁ ମାଟିଗୁଣ ଅଧିଗ୍ରହଣ କରିବାପାଇଁ ଆହ୍ୱାନ ଦେଇଛି । ସମାଜରେ ମଣିଷର ବ୍ୟକ୍ତିଚରିତ୍ର ନିର୍ମାଣ କରି ଏକ ସୁସ୍ଥ ପରମାର୍ଥିକ ବାତାବରଣ ସୃଷ୍ଟି କରିବାରେ 'ମାଟି' କବିତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

### **୧:୩ ନିଷ୍କର୍ଷ :**

'ମାଟି' କବିତାରେ କବି ରାଧାମୋହନ ଗଡ଼ନାୟକ ଈଶ୍ୱରଙ୍କ ସୃଷ୍ଟି ସମସ୍ତ ପ୍ରାକୃତିକ ପଞ୍ଚଭୂତ ମଧ୍ୟରେ 'ମାଟି'କୁ ଶ୍ରେଷ୍ଠ ସ୍ଥାନ ପ୍ରଦାନ କରିଛନ୍ତି । ପାଣି, ପବନ, ସୂର୍ଯ୍ୟ, ଚନ୍ଦ୍ରଙ୍କ ଠାରୁ ମାଟି ଶକ୍ତିଶାଳୀ ହେବାର କାରଣଟି କଣ ? ସହନଶୀଳତା ଓ ଭଲ ପାଇବା ଏହାର ଏକମାତ୍ର କାରଣ ବୋଲି କବି କହିଛନ୍ତି । ନିଜର ବ୍ୟକ୍ତିଗତ ସ୍ୱାର୍ଥ ଭୁଲି ମାଟି ଅନ୍ୟମାନଙ୍କର ଜୀବନ ସମୃଦ୍ଧିର କାରଣ ହୋଇଛି । ଅହଂକାର ଶୂନ୍ୟତା, ନିରୁତା ପ୍ରେମ ସହ ଜନନୀ ପଣରେ ସମଗ୍ର ବିଶ୍ୱକୁ ମାଟି ବାଂଧି ରଖିଛି । ମଣିଷ ଯଦି ନିଜକୁ ମାଟି ଗୁଣରେ ବିକଶିତ କରାଏ, ତେବେ ସେ ଈଶ୍ୱରଙ୍କର ପ୍ରିୟ ହେବା ସହ ମାଟିପରି ମହାନ୍ ହୋଇ ପାରିବ ବୋଲି କବି ଏହି କବିତାରେ ପ୍ରକାଶ କରିଛନ୍ତି ।

### **୧:୪ ଆଦର୍ଶ ପ୍ରଶ୍ନାବଳୀ**

**ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ**

୧. 'ମାଟି' କବିତା ଅବଲମ୍ବନରେ ଈଶ୍ୱରଙ୍କ ସୃଷ୍ଟିର ରହସ୍ୟମୟ ସଂଯୋଗ ସଂପର୍କରେ ଆଲୋଚନା କର ।

୨. 'ଜୟମାଟି ଜଗତର ରାଣୀ' – ଏହି ଉକ୍ତିର ବାସ୍ତବତା ପଠିତ କବିତା ଭିତ୍ତିରେ ବିଶ୍ଳେଷଣ କର ।

୩. 'ମାଟି କାହିଁକି ଈଶ୍ୱରଙ୍କର ପ୍ରିୟ' – ବିଶ୍ଳେଷଣ କର ।

ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ

୪. କବି ରାଦାମୋହନଗଡ଼ନାୟକଙ୍କ ପରିଚୟ ପ୍ରଦାନ କର ।

୫. ସୂର୍ଯ୍ୟ ଚନ୍ଦ୍ର କାହିଁକି ମାଯିର ପାଦ ଚୁଂବନ କଲେ ?

୬. ବାରିଦ ଈଶ୍ୱରଙ୍କୁ କି ବର ମାଗିଲା ?

୭. ମାଟି ପ୍ରତି ଈଶ୍ୱରଙ୍କର ବକ୍ତବ୍ୟ କଣ ?

୮. 'ତୁମର କି ନାହିଁ କିଛି ଭିକ୍ଷା' – ଏ କଥା କିଏ, କାହାକୁ କାହିଁକି କହିଛି ?

–୦–

# ଅଳକା ସାନ୍ୟାଲ

## କବି : ଗୁରୁ ପ୍ରସାଦ ମହାନ୍ତି

**ସୂଚନା :**

କବି ଗୁରୁପ୍ରସାଦ ମହାନ୍ତିଙ୍କ 'ଅଳକା ସାନ୍ୟାଲ' ଏକ ବହୁ ଚର୍ଚ୍ଚିତ କବିତା । ସ୍ୱାଧୀନତା ପରବର୍ତ୍ତୀ ନଗର ସଂସ୍କୃତି ଓ ତଦ୍‌ଉତ୍ପନ୍ନ ବ୍ୟକ୍ତି ଚରିତ୍ରର ଉପଭୋଗ ସର୍ବସ୍ୱ ଜୀବନର ଚିତ୍ର ଏଥିରେ ପ୍ରକାଶ ପାଇଛି । ନାରୀ ଜୀବନର ସଂଘର୍ଷ, ପ୍ରଣୟ ବ୍ୟାପର ସହ ତା'ର ଜୀବନ ସଂଘର୍ଷର କଳାତ୍ମକ ବାସ୍ତବତା ଏହି କବିତାରେ ପ୍ରକାଶ ପାଇଛି । ଗୁରୁ ପ୍ରସାଦ ମହାନ୍ତିଙ୍କ କବିତାରେ ପାଠକ ଆଧୁନିକ ଜୀବନର ବସ୍ତୁସର୍ବସ୍ୱ ନିଷ୍ଠା ଓ ତଦ୍ ଉତ୍ପନ୍ନ ଏକ ଭୋଗବାଦୀ ନିଃସଙ୍ଗତାକୁ ଲକ୍ଷ୍ୟ କରେ । ଏପରି ଜୀବନ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଜୀବନ । ୟୁରୋପ ଓ ଆମେରିକାରେ ଏପରି ଜୀବନ ବୋଧର ପ୍ରସାର ୧୯୪୫ ମସିହା ପରେ ଘଟିଛି । ଗୁରୁ ପ୍ରସାଦଙ୍କ କବିତାରେ ଏହି ୟୁରୋପୀୟ ପୃଷ୍ଠ ଭୂମିଟି ପ୍ରକାଶ ପାଇଛି । ଭାରତୀୟ ଜୀବନ ଧାରା କ୍ରମଶଃ ନଗର ସର୍ବସ୍ୱ ଓ ଭୋଗ ସର୍ବସ୍ୱ ହୋଇ ପଡୁଥିବା ଏ କବିତାରୁ ଲକ୍ଷ୍ୟ କରାଯାଇ ପାରିବ । ଆଧୁନିକ ନାରୀ ଚରିତ୍ର ଅଧ୍ୟୟନରେ ଏ କବିତାଟି ବିଶେଷ ମହତ୍ତ୍ୱ ରଖେ । ଗୁରୁପ୍ରସାଦଙ୍କ କବିତାରେ ନାରୀଚରିତ୍ରମାନେ ବାହାରକୁ ଯେତେ ରୋମାଣ୍ଟିକ୍ ମନେହୁଅନ୍ତି, ବାସ୍ତବ ପକ୍ଷରେ ସେମାନେ ତାଠାରୁ ବେଶୀ ବାସ୍ତବବାଦୀ, ସଂଘର୍ଷ ଓ ବିମର୍ଷ ଭିତରେ ଗୁରୁ ପ୍ରସାଦଙ୍କ ଚରିତ୍ର ଗୁଡିକ ଆତ୍ମ ପ୍ରକାଶ କରନ୍ତି । 'ଅଳକା ସାନ୍ୟାଲ' ଏହି ଭାବ ଭୂମିର ଅନ୍ୟତମ ଶ୍ରେଷ୍ଠ ଉଦାହରଣ ।

**୧:୦ : କବି ଗୁରୁପ୍ରସାଦ ମହାନ୍ତିଙ୍କ କବି ପରିଚୟ –**

କବି ଗୁରୁପ୍ରସାଦ ମହାନ୍ତି ଓଡ଼ିଆ କବିତା କ୍ଷେତ୍ରରେ ବହୁ ପ୍ରତିଷ୍ଠିତ ଓ ଚର୍ଚ୍ଚିତ ବ୍ୟକ୍ତିତ୍ୱ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାକୁ ନୂତନ ଚେତନା ଧର୍ମୀତାରେ ପ୍ରତିଷ୍ଠା ଦେବାରେ କବିଙ୍କର ଗୁରୁତ୍ୱପୂର୍ଣ୍ଣ ସହଯୋଗ ରହିଛି । କବିଙ୍କ ନୂତନ କବିତା (୧୯୫୫) ସମୁଦ୍ର ସ୍ନାନ (୧୯୭୦) ଆଶ୍ଚର୍ଯ୍ୟ ଅଭିସାର (୧୯୮୮) କବିତା ସଙ୍କଳନ ତିନୋଟି ତାଙ୍କ ଉର୍ବର କବିପ୍ରତିଭାର ପ୍ରମାଣ । ଗୁରୁ ପ୍ରସାଦ 'ନୂତନ କବିତା' ଗ୍ରନ୍ଥଟିକୁ କବି ଭାନୁଜୀ ରାଓଙ୍କ ସହ ମିଶି ରଚନା କରିଥିଲେ । ଏଥିରେ ପ୍ରକାଶ ପାଇଥିବା କବିତା ଗୁଡିକ ପ୍ରକୃତରେ ଓଡ଼ିଆ କବିତା ପାଇଁ ଥିଲା ନୂଆ । ପ୍ରଣୟ ଓ ସୌନ୍ଦର୍ଯ୍ୟ ବୋଧର ସ୍ୱର ଶୁଭୁଥିବା ଏ କବିତା ସବୁ ବାସ୍ତବରେ ଧୂଆଁଳିଆ ବାସ୍ତବତାରୁ ହିଁ ସୃଷ୍ଟି । ମଣିଷ ଭିତରେ ଆତ୍ମଗୋପନ ହତାଶା, ପାପବୋଧ, ସ୍ୱପ୍ନ ଓ ଯୌନ ଭାବନା ଗୁଡିକର ଏହା ନିଚ୍ଛକ ପରିପ୍ରକାଶ । ଆଧୁନିକ ମଣିଷଟି ବାହାରକୁ ଯେତିକି ମାର୍ଜିତ ଓ ସୁନ୍ଦର ଜଣାପଡେ, ପ୍ରକୃତରେ ତାର ଭିତର ବ୍ୟକ୍ତିତ୍ୱଟି ଠିକ୍ ସେୟା ନୁହେଁ । ସହର ଜୀବନର ଉପଭୋଗର ତୃଷ୍ଣା ତାକୁ ଜାବୁଡ଼ି ଧରିଥାଏ । ଏହି ସୁଖ ପାଇବା ପାଇଁ ତାକୁ ପାପ, ପରକୀୟା, ଈଶ୍ୱରଙ୍କ ପାଖରେ ସମର୍ପିତ ହେବାକୁ ପଡ଼େ । ଯେଉଁଠି ସୁଖ ସ୍ୱପ୍ନ ଭାଙ୍ଗିଯାଏ ସେଇଠି ସେ ଈଶ୍ୱରଙ୍କୁ ଅସ୍ୱୀକାର  କାରେ, ମୃତ୍ୟୁକୁ ଆହ୍ୱାନ ଜଣାଏ । ଏପରି ସଂଘର୍ଷ ଓ ବିମର୍ଷ ଦେଇ ଗୁରୁ ପ୍ରସାଦଙ୍କ କାବ୍ୟ ନାୟକ, ନାୟିକାମାନେ ଜୀବନ ବଂଚି ଥାଆନ୍ତି । ଏହି ଜୀବନ ଧାରାଟି ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ନଗ୍ର ଜୀବନରୁ କିଂଚିତ୍‌ମାତ୍ରାରେ ସଂଧାନ କରାଯାଇ ପାରିବ । କବି ଟି.ଏସ୍, ଇଲିଅଟ୍‌ଙ୍କ 'ୱେଟେଲ୍ୟାଣ୍ଡ', କବିତା ଗ୍ରନ୍ଥ ଦ୍ୱାରା ଅନୁପ୍ରେରିତ ଗୁରୁପ୍ରସାଦ  'ଲଣ୍ଡନ'

ସହରକୁ ଓଡ଼ିଶାର କଟକ, ଭିତରେ ସଂଧାନ କରିଛନ୍ତି । କବି ଇଲିଅଟ୍ 'London bridge falling falling' କହି ଯେପରି ପ୍ରାଚୀନ ମୂଲ୍ୟବୋଧ, ସଂସ୍କୃତିର ସେତୁକୁ ଭାଙ୍ଗି ଦେଇଛନ୍ତି, ଗୁରୁ ପ୍ରସାଦ ତାଙ୍କ କବିତା ମାନଙ୍କରେ ଓଡ଼ିଶାର ପ୍ରାଚୀନ ଜୀବନ ଧାରାର ଅବକ୍ଷୟ ସହ ଏକ ନୂତନ ଜୀବନ ଅନ୍ୱେଷଣର କଥା କହିଛନ୍ତି । ପ୍ରେମ, ପ୍ରଣୟ, ମୃତ୍ୟୁ, ଈଶ୍ୱରଙ୍କୁ ନେଇ ରଚିତ କବିତା ମାନଙ୍କରେ ଏହି ନୂତନ ଅନୁଭବଟି ରହିଛି । କବି 'ଗୋବର ଗଣେଶ' କବିତାରେ ଧୂପ, ଚୁଂବନର ନାୟକ ନୁହଁନ୍ତି ଆଜିର ମଣିଷ ବୋଲି ଘୋଷଣା କରିଛନ୍ତି ।

'ମୁଁ ନୁହେଁ ଧୂପର ହିରୋ, ଗାର୍ଲସ୍କୁଲ୍, ଚୁମ୍ବନ ବା ଚଂପୁର ନାୟକ
ଚାରୁକଳା ଅଭାବ ମୋ ଠାରେ
ତାର ସିଲକ ଲୁଗାତଳୁ ଗୋଲଛାଡି ଯେବେ ଉଙ୍କିମାରେ ।
ଧନୁରେ ମୁଁ ଯୋଖିନାହିଁ କାଗଜ ବା କ୍ରୋଟନ ସୀୟକ
ମୁଁ ଜାଣେନା ବିକାହୁଏ କଟକର କେଉଁ ଦୋକାନରେ
ପ୍ରେମର ପ୍ରଥମ ଫୁଲ ନିଳୋତ୍ପଳ, ବକୁଳ, ଅଶୋକ,
ନାଟର ଦୂତ ମୁଁ ମୋର ନିଶ ମୋଡ଼ି ମୋଡ଼ି ଧରି ଢ଼ୋକ ଗିଳି ଗିଳି
ଆଣିଦେବା ରାଜ୍ୟର ଖବର
ଥିଏଟର ସିନେମାରେ ନୂଆ ଫେସନ ଶାଢ଼ୀ ବ୍ଲାଉଜର
ଖୁବ୍ ବେଶୀ ହେଲେ କେବେ ଟେଲିଫୋନ କିମ୍ବା ଡାକଘର ।
(ଗୋବର ଗଣେଶ)

ବର୍ତ୍ତମାନର ସମୟ ଓ ଆମେ ବଂଚୁଥିବା ଜୀବନ ସଂପର୍କରେ ଗୁରୁପ୍ରସାଦ ଏଠାରେ ବାସ୍ତବତାକୁ ବ୍ୟଙ୍ଗାତ୍ମକ ଭାବରେ ଉପସ୍ଥାପନା କରିଛନ୍ତି । ପ୍ରେମିକାର ଯୌବନର ନିମନ୍ତ୍ରଣ ସତ୍ତ୍ୱେ ସେ ନାୟକ ପାଲଟି ପାରୁନାହିଁ । ମାନସିଂଙ୍କ 'ଧୂପ' ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ 'ଗାର୍ଲସ୍କୁଲ୍' ପରି ରୋମାଣ୍ଟିକ୍ କୃତୀ ଗୁଡିକର ନାୟକ ହେବାର ସାମର୍ଥ୍ୟ ଆଜିର ନାୟକର ନାହିଁ, ତାର ପ୍ରେମ ଟେଲିଫୋନ୍ ଓ ଡାକଘର ପତ୍ର ବିନିମୟରେ ସିମୀତ । ସେ ଗୋଟିଏ ବିଷାଦବାଦୀ ବ୍ୟକ୍ତିତ୍ୱ । ଫମ୍ପା ମଣିଷ – ଗୋବର ଗଣେଶ, ଅତଏବ ଚିରନ୍ତନ ପ୍ରେମ ବଦଳରେ ତା ଦେହରେ ଯୌନ କାମନା, ପରକୀୟ, ଅଭିଶାପ ପ୍ରବଣତା ଉଙ୍କିମାରେ । ଗୋଟିଏ କାମଚଳା ସଂପର୍କ ଓ ସୁଖ ସହିତ ତାର ବୁଝାମଣା । ଏପରି ଏକ ଯୌନବୋଧରୁ ନାୟକ ଦୁଃଖ ପାଏ – ଯନ୍ତ୍ରଣା ପାଏ । ନୀଳକଣ୍ଠ ପରି ସେ ଦୁଃଖତକ ପିଇପିଇ ବଂଚିରହେ । ବ୍ୟକ୍ତି ଜୀବନର ବିମର୍ଷ ଚିତ୍ର ସହିତ ଦୁଃସହ ସମୟର ଚିତ୍ର ଆଙ୍କିଛନ୍ତି ଗୁରୁ ପ୍ରସାଦ। ଗୋଟିଏ ଅବିଶ୍ୱସ୍ତ ସମୟ ପ୍ରେମବୋଧ ଓ ସୌନ୍ଦର୍ଯ୍ୟ ଚେତନା ପାଇଁ ଆଦୌ ଉପଯୁକ୍ତ ନୁହେଁ ବୋଲି କବି ପ୍ରକାଶା କରିଛନ୍ତି । ଏଠି ଗାଆଁ ଓ ସହର ସବୁ ଏକାପରି । ପୃଥିବୀରୁ ଶ୍ୟାମଳ ସୁଖ ସବୁ ନଷ୍ଟ ହୋଇ ଯାଉଛି । ଭାଙ୍ଗି ପଡୁଚି ମୂଲ୍ୟବୋଧ ଓ ସଂସ୍କୃତି ।

'ଚୁପ୍‌ଚାପ୍ ବାଲିରେ, ଗାଁ ସ୍କୁଲ୍, ଡାକା ପିଅନ ସାଇକେଲ ଘଣ୍ଟି
କେଉଟ ସାଇର ଢ଼ିଙ୍କି ଚୁପ୍‌ଚାପ୍, ଲୁଗାନାହିଁ ଧୋବାତୁଠ ଆଡ଼େ

ଗୁରୁବାର ଚିତା ନାହିଁ ମାଣ ବସା ହୁଳୁ ହୁଳୁ ସଉତୁଣୀ ଶାଶୁ ବୋହୂ କଳି
ଶୂନ୍‌ଶାନ ତୁମ ଗାଆଁ ଆମ ଗାଆଁ
ବିଷର୍ଣ୍ଣ ଏ ଶ୍ରୀହୀନ ଖରାରେ ।'

(ଛୁଟିର ଖରା)

ଓଡ଼ିଆ ସଂସ୍କୃତି କ୍ରମଶଃ ଆଧୁନିକତାର ଅବହାଓ୍ୱାରେ ବଦଳୁ ଯାଉଥିବା ଏହି କବିତାରୁ ଲକ୍ଷ୍ୟ କରାଯାଇପାରିବା ଗୋଯାଏ ଅସାଂସ୍କୃତିକ ସମୟରୁ କିପରି ଉଦ୍‌ଉର୍ଦ୍ଧଚିନ୍ତା ଧାରା ଜନ୍ମ ଲାଭ କରେ ଗୁରୁ ପ୍ରସାଦ ତାର ସୂଚନା ପ୍ରଦାନ କରିଛନ୍ତି । ଗୁରୁ ପ୍ରସାଦ ଯେଉଁ ସମୟର କଥା ଏଠାରେ କହିଛନ୍ତି ତାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସଂଲଗ୍ନ ୟୁରୋପୀୟ ସଭ୍ୟତାର ସମୟ । ଯେଉଁଠି ବଂଚିବାର ଏକମାତ୍ର ଲକ୍ଷ୍ୟ ହେଉଛି ଉପଭୋଗ । ଏହି ଉପଭୋଗ ଯେତେବେଳେ ଅତି ଉତ୍କଟ ହୋଇଯାଏ, ନାୟକ ଖୋଜେ ସେଥିରୁ ମୁକ୍ତି । ସେତେବେଳେ ମନେ ପଡ଼ନ୍ତି ଈଶ୍ୱର ମୁକ୍ତି ପାଇଁ ସେ ବିକଳ ପ୍ରାର୍ଥନା କରେ ।

'ହେ ଅକ୍ରୂର ହେ ଉଦ୍ଧବ ସଖା ମୋର ପ୍ରାଣର ଦୋସର
ରୁହ ରୁହ ଛିଡା ରୁହ ପିଠିରେ ମୋ ତୁମପରି ବୋଝ
ମୁଁ ଯିବି ତୁମରି ପରି ତାରା ଖୋଜି ଜହ୍ନ ଖୋଜି
ଖୋଜି ଖୋଜି ଝରଣାର ସୁଅ
ମୁଁ ଯିବି ତୁମରି ପରି ଖୋଜି ମୋର ପିତା ମାତା
ନିମୂଳି ନଟାରେ ଖୋଜି ଅରୁନ୍ଧତୀ ତାରାର ଆଲୁଅ ।'

(କାଳ ପୁରୁଷ)

ଗୁରୁ ପ୍ରସାଦଙ୍କ କବିତା ପ୍ରେମ ଓ ଦେହ ଅନ୍ୱେଷଣ କରୁ କରୁ ମୃତ୍ୟୁର ଦର୍ଜା ଡେଇଁ ଶେଷରେ ଆସି ପହଂଚିଯାଏ ଈଶ୍ୱରଙ୍କ ପାଖରେ । କାବ୍ୟ ନାୟକ ଅନୁଭବ କରେ ଯେଉଁ ଜୀବନ ନେଇ ସେ ବଂଚୁଥିଲା ତାହା ଥିଲା ଅଳୀକ । ପୂର୍ଣ୍ଣ ଜୀବନର ଆନନ୍ଦବୋଧକୁ ଧରିବାକୁ ତାହା ଅସମର୍ଥ । ଅତଏବଗୁରୁ ପ୍ରସାଦଙ୍କ କବିତାରେ ଦେହ ବ୍ୟାକୁଳତା ଯେତିକି ତୀବ୍ର ମୁକ୍ତି ବ୍ୟାକୁଳତା । ତତୋଃଧିକ । କବି ମୃତ୍ୟୁ ଅପେକ୍ଷା ଅମୃତ ଏଷଣାକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

'ଏ ମୃତ୍ୟୁ କେବଳ ଠିକ୍ ସହରର ସବୁ ଫ୍ୟୁଜ୍
ଅକସ୍ମାତ୍ ପୋଡ଼ିଗଲା ପରି
ଏ ମୃତ୍ୟୁ ବା କାହା ପାଇଁ ଚାକିରୀରୁ
ଅକସ୍ମାତ୍ ଛୁଟି ନେଲାା ପରି ।
ମହାଶୟ
ମୁଁ ଯଦି ପାରନ୍ତି ରଖି ଆପଣଙ୍କ 'ଅମୃତ' ଓ 'ଶିଶିର'ର ଆଶା ।'

(ମୃତ୍ୟୁ)

ଏହି ଅମୃତ ଏଷଣା ଗୁରୁ ପ୍ରସାଦଙ୍କ କବିତାର ସୌନ୍ଦର୍ଯ୍ୟ ବୃଦ୍ଧି କରିଛି । କବି ଜୀବନର ତମାମ ସୁଖକୁ ଡଉଲି ଡଉଲି ପରମାର୍ଥିକ ଅବବୋଧକୁ ଶ୍ରେୟ ପ୍ରଦାନ କରିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ ନଗର ଜୀବନର ସଂଘର୍ଷଶୀଳ ସ୍ଥିତିତ୍ୱ ଓ ବଂଚିବାର ଚିତ୍ର ପ୍ରମୁଖତା ସହ ଗୁରୁ ପ୍ରସାଦଙ୍କ କବିତାରେ ପ୍ରକାଶ ପାଇଛି । ନାରୀ ଜୀବନ ଧାରା ପୁରୁଷ ପ୍ରାଧାନ୍ୟ ବ୍ୟବସ୍ଥା ପାଖରେ ବଂଧା ପଡିଛି । ନିଜର ସାମାଜିକ ସ୍ଥିତିର ସୁଧାର ଓ ସୁରକ୍ଷା ପାଇଁ ନାରୀର ଦେହ ତାର ପୂର୍ବ ଗୌରବ ହରେଇ ବସିଛି । କବିଙ୍କ 'କାଳପୁରୁଷ' କବିତାରେ ସ୍ଥାନିତ ମିନତୀ, ମୀରା, ପ୍ରତିମା ଆଦି ଚରିତ୍ର ଗୁଡିକ ଏହି ପର୍ଯ୍ୟାୟର ।

'ସହର ଉପରେ ଯାଏ ଭାସି ଭାସି ଅସରନ୍ତି ଧୂସର ବଉଦ
ଧୂସର ଏ ଆକାଶରେ ନେଶି ହୋଇ ରହିଯାଏ
ପ୍ରତିମା, ମିନତୀ, ମୀରା
ରୁଜ୍, ବ୍ରଣ, ଚକୋଲେଟ, ଲାଲ ଛେପ ରଖିଯାଏ ଦାଗ
ସ୍ମାର୍ତ୍ତଦାସ ଛିଡାହୁଏ କାର ରଖି କାନ ଡେରି ଶୁଣେ
ସମୟର କ୍ଷୟକାଶ ଶ୍ରାବଣିର ଝିପିଝିପି ମର୍ମାନ୍ତିକ ଚେଷ୍ଟାର ଶବ୍ଦ ।'

(କାଳପୁରୁଷ)

ଏହି କବିତାରେ ଯେଉଁ ନାରୀଚରିତ୍ରମାନଙ୍କ କଥା କୁହାଯାଇଛି ସେମାନେ କୌଣସି ନିଷ୍ଠାବାନ ଜୀବନର ନାୟିକା ନୁହଁନ୍ତି । ଧୂସର ବଉଦ ସହିତ ସେମାନଙ୍କ ଜୀବନର ଧୂସରତା ହିଁ ଏହି କବିତାର ମୁଖ୍ୟ ଉପଜୀବ୍ୟ । ଗୁରୁ ପ୍ରସାଦଙ୍କ କବିତାରେ ନାରୀ ଜୀବନର ବାସ୍ତବ ପୃଷ୍ଠଭୂମି ଅଧ୍ୟୟନ ସହ ତାର ବିଫଳତା ବୋଧକୁ ନେଇ କବି କାବ୍ୟ ନାୟିକା ପ୍ରସ୍ତୁତ କରିଥାଆନ୍ତି । ଗୁରୁ ପ୍ରସାଦଙ୍କ 'ଅଳକାସାନ୍ୟାଲ' କବିତାଟି ନାରୀ ଜୀବନର ଏହି ଧୂଆଁଳିଆ ସଂଦିଗ୍ଧତାକୁ ନେଇ ପ୍ରସ୍ତୁତ ହୋଇଛି । ଆଧୁନିକତମ ଜୀବନ ବୋଧର ଜଣେ ନିଷ୍ଠାବାନ କବି ଭାବରେ ଗୁରୁ ପ୍ରସାଦଙ୍କୁ ଗ୍ରହଣ କରାଯିବ ।

### ୧:୧: କବିତାର ପୃଷ୍ଠଭୂମି ଅଧ୍ୟୟନ

'ଅଳକା ସାନ୍ୟାଲ' କବିତାର ପୃଷ୍ଠଭୂମି ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଓ ତଦ୍‌ଜନିତ ସାଂପ୍ରଦାୟିକ ହିଂସାପାତ ସହ ଜଡ଼ିତ । ଦେଶ ସ୍ୱାଧୀନତା ପୂର୍ବରୁ କଲିକତାର ମାଟିଆ ବୁରୁଜ, ନୂଆଖଲି ଆଦିସ୍ଥାନ ମାନଙ୍କରେ ହୋଇଥିବା ଜାତିଆଣା ଦଙ୍ଗାରେ ହଜାର ହଜାର ନରନାରୀଙ୍କୁ ହତ୍ୟା କରାଯାଇଥିଲା । ଏଥିରେ ନାରୀର ଓ ଶିଶୁ ସନ୍ତାନମାନେ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ । ନାରୀମାନଙ୍କୁ ବଳପୂର୍ବକ ଧର୍ଷଣ, ଯୌନାଙ୍ଗ ଛେଦନ, ଯୌନ ନିର୍ଯ୍ୟାତନା ଦିଆଯାଇଥିଲା । ଏଥିରେ ସବୁ ଧର୍ମ ଓ ବର୍ଗର ନାରୀ କ୍ଷତିଗ୍ରସ୍ତ ହୋଇଥିଲେ । ଭାରତର ଅତୀତ ଇତିହାସକୁ ଆଲୋଚନା କଲେ ଜଣାଯିବ ଯେ ଏତେ ସଂଖ୍ୟକ ନାରୀ କେବେ ବି ପୂର୍ବରୁ କାମୁକ ପୁରୁଷ ମାନଙ୍କର ପାଶବିକତାର ଶିକାର ହୋଇନଥିଲେ । ନାରୀ ନିର୍ଯ୍ୟାତନାର ଏହି ରକ୍ତାକ୍ତ ପୃଷ୍ଠଭୂମିକୁ ନେଇ କବି ସଚ୍ଚିଦାନନ୍ଦ ରାଉତରାୟ 'ଅଳକା ସାନ୍ୟାଲ' କବିତା ପ୍ରଥମେ ରଚନା କରିଥିଲେ । ଏହି କବିତାଟି 'ନବଭାରତ' ପତ୍ରିକାରେ ମକର ସଂଖ୍ୟା ଫେବୃଆରୀ, ୧୯୪୭ ମସିହାରେ ପ୍ରକାଶ ପାଇଥିଲା । ବଂଗୀୟ କବି ଜୀବନାନନ୍ଦ ଦାସ 'ବନଲତା ସେନ' ନାମକୁ ଏକ କବିତା ରଚନା କରିଥିଲେ । ଏହି କବିତାରେ ଦଙ୍ଗା ପିଡ଼ୀତ ନାରୀମାନଙ୍କର ଯନ୍ତ୍ରଣାର କଥା ଲେଖା ଯାଇଥିଲା । ସଚ୍ଚିଦାନନ୍ଦ 'ବନଲତା ସେନ' କବିତାକୁ ଗ୍ରହଣ କରି ଏହାର ପୃଷ୍ଠଭୂମି ଓ କାହାଣୀକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ପୁରାଣ ଓ ଇତିହାସର ପୃଷ୍ଠା ଉନ୍ମୋଚନ କରିଛନ୍ତି । ନାରୀର

ଯନ୍ତ୍ରଣା ସବୁ ସମୟରେ ରହିଛି ଓ ପ୍ରତିଥର ସେ ପୁରୁଷ ଦ୍ୱାରା ନିର୍ଯ୍ୟାତିତା, ଏହା କହିବା ଥିଲା ସଚ୍ଚିଦାନନ୍ଦଙ୍କ 'ଅଳକା ସାନ୍ୟାଲ' କବିତାରା ମୂଳଲକ୍ଷ୍ୟ । ସଚ୍ଚିଦାନନ୍ଦ କହିଛନ୍ତି :

'ହୁଏତ ବା ଦେଖା ଆମ ହୋଇଥିଲା ବାରୁଣାବଂତର
ନିର୍ଜନ ପ୍ରାସାଦ ଏକ, ଝଲମଲ ଜଡ଼ଉ ସଂଜରେ
ତୁମରି ଧର୍ଷିତ ଛାଇ ଫାଙ୍କା ଦେଇ ଦୃଷ୍ଟି ପ୍ରଦୀପରେ
କ୍ଷଣକେ ଉଭେଇଗଲା, କାହିଁଗଲ କାହିଁ ଗଲ ପୁଣି
ତୁମ ବିନେ ଶୂନ୍ୟଦିଶେ ଧରଣୀର ବିଚିତ୍ର ଛାଉଣୀ ।
× × ×
ଆଜି କିଂନ୍ତୁ ଦେଖାହେଲା ସମୟର ଡେଇଁ ଚୋରାବାଲି
ତୁମ ଲୁଚାଇଥିଲା ଶ୍ମଶାନିଡ଼, ଭଂଗା ନୂଆଖାଲି ।'
(ଅଳକାସାନ୍ୟାଲ : ସଚ୍ଚିଦାନନ୍ଦ ରାଉତରାୟ)

ସଚ୍ଚିଦାନନ୍ଦ ବିଦେହ, ବାରୁଣାବଂତ, ଚିତ୍ରରଥ ଗନ୍ଧର୍ବି, ନାଳନ୍ଦାରୁ ନୂଆ ଖାଲି ପର୍ଯ୍ୟନ୍ତ ନାରୀ ନିର୍ଯ୍ୟାତନାର କଥା ତାଙ୍କ କବିତାରେ କହିଛନ୍ତି । ନୂଆ ଖଲିର 'ଅଳକାସାନ୍ୟାଲ' ପୂର୍ବରୁ କବି ସୀତା, ଦୌପଦୀ, ଉର୍ବଶୀର କଥା କହିଛନ୍ତି । ସଚ୍ଚିଦାନନ୍ଦ ଯେଉଁଠି ଏହି କବିତାକୁ ଛାଡିଛନ୍ତି କବି ଗୁରୁପ୍ରସାଦ ସେଇଠୁ ନିଜ 'ଅଳକା ସାନ୍ୟାଲ'ର ଆରଂଭ କରିଛନ୍ତି । ଅତଏବ ଏଥିରେ ସ୍ୱାଧୀନତା ପରବର୍ତ୍ତୀ ସମୟର ଚିତ୍ର ପ୍ରକାଶ ପାଇଛି । ଗୁରୁ ପ୍ରସାଦ କବି ସଚ୍ଚିଦାନନ୍ଦଙ୍କ ସ୍ୱୀକାରୋକ୍ତି ସହ ତାଙ୍କ କବିତାର ଦୃଶ୍ୟ ସଂଯୋଜନା କରିଛନ୍ତି । ଗୁରୁ ପ୍ରସାଦ ଅଳକା ଅଧିକ ଶିକ୍ଷିତ, ସହରୀ ଓ ବିକଶିତ । ତାର ଦୁଃଖ ଓ ଯନ୍ତ୍ରଣା ନିଆରା । ସେ ଏକ ନୂଆ ଜୀବନ ବୋଧର ପ୍ରତୀକ । ଗୁରୁ ପ୍ରସାଦଙ୍କ 'ଅଳକା' ଏହି ନୂତନ ଜୀବନ ବୋଧର ପ୍ରତିନିଧି ଗୁରୁ ପ୍ରସାଦଙ୍କ 'ଅଳକା ସାନ୍ୟାଲ' କବିତା ରଚନା ପରେ ଆଉ କେତୋଟି 'ଅଳକାସାନ୍ୟାଲ' ଭିନ୍ନ ଭିନ୍ନ କବିମାନଙ୍କ ଦ୍ୱାରା ରଚନା କରାଯାଇଛି । ଏହି ପୃଷ୍ଠଭୂମିରେ ରଚିତ କବିତାମାନଙ୍କ ମଧ୍ୟରେ ଗୁରୁ ପ୍ରସାଦଙ୍କ 'ଅଳକାସାନ୍ୟାଲ' ଅନ୍ୟ ଅପେକ୍ଷା ସ୍ୱତନ୍ତ୍ର୍ୟସିଦ୍ଧି ଅର୍ଜନ କରିଛି ।

### ୧ : ୨ : ମୂଳପାଠ ଅଧ୍ୟୟନ

ଅଳକାସାନ୍ୟାଲ କବିତାର ଆରମ୍ଭ ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଅଳକାସାନ୍ୟାଲ' ଉଲ୍ଲେଖରୁ ହୋଇଛି । କବି ସଚ୍ଚିଦାନନ୍ଦ ଅଳକାକୁ ଯେଉଁଠି ଛାଡି ଦେଇଥିଲେ ଗୁରୁପ୍ରସାଦଙ୍କ ଅନ୍ୱେଷଣ ସେଇଠୁ ଆରମ୍ଭ ହୋଇଛି । ସଚ୍ଚିରାଉତରାୟଙ୍କ ସମୟର ସ୍ୱର୍ଣ୍ଣାଭ ଦିନ ଗୁଡିକ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆଉ ଉପଲବ୍ଧ ହୁଏନାହିଁ । ଅତଏବ ଗୁରୁପ୍ରସାଦଙ୍କ କବିତାର ପୃଷ୍ଠଭୂମି ଅଧିକ ଧୂସରସ ସ୍ୱପ୍ନହୀନା। ଏହି ଦୁଇ କବିତାର ପୃଷ୍ଠଭୂମି ଗତ ପାର୍ଥକ୍ୟକୁ ଲକ୍ଷ୍ୟ କରିବା ।

'ତୁମକୁ ବା ସଚ୍ଚିବାବୁ ଦେଖିଥିଲେ କେବେ
ଜାଣେ ନାହିଁ ଅଳକାସାନ୍ୟାଲ
ସେତେବେଳେ ଆକାଶରେ ସ୍ୱର୍ଣ୍ଣ ଚିତାବାଘ ଅବା ହରିଣର ଛାଲ
ଅବା ଥିଲା ଗୋଲ ହୋଇ ହଳଦିଆ ଜହ୍ନର ମଶାଲ ।

ମୁଁ ତୁମକୁ ଦେଖେ ଆଜି ତୁମେ ଦିଅ ବ୍ଲାଉଜର ବୋତାମ
ତା ଦାଗ ତୁମେ ଧୂଅ ସେମିଜରୁ ଗରମ ପାଣିରେ
ତୁମୋପୁଣି କଥା କୁହ ମୁହିଁ ପୋତି ଟେବୁଲ ସେପାଖେ
ତୁମେ ପୁଣି ଉଠି ଆସି ଆସ୍ତେ ବସ ପାଖ ଚଉକିରେ ।'

କବିତାର ପ୍ରଥମ ଚାରିଧାଡି ସଚ୍ଚିଦାନନ୍ଦଙ୍କ ଅଳକାସାନ୍ୟାଲ କବିତା ପାଇଁ ପ୍ରୟୋଗ ହୋଇଛି । ସଚ୍ଚିଦାନନ୍ଦ ବିଦେହ, ବାରୁଣାବନ୍ତ, ନାଳନ୍ଦା, ସ୍ୱର୍ଗର କଥା ତାଙ୍କ କବିତାରେ କହିଥିବାରୁ 'ଜହ୍ନର ମଶାଲ' 'ହରିଣର ଛାଲ' ସେହିସବୁ ରୋମାଣ୍ଟିକ୍ ନେୟକୁ ପ୍ରତୀକାୟିତ କରୁଚି । ଉପରୋକ୍ତ କାବ୍ୟାଂଶର ଶେଷ ଚାରି ଧାଡ଼ି ଗୁରୁ ପ୍ରସାଦଙ୍କ ଅଳକାସାନ୍ୟାଲ'ର କାବ୍ୟ ଭୂମି ସଂପର୍କରେ ସୂଚନା ପ୍ରଦାନ କରୁଚି । ସୀତା, ଦ୍ରୌପଦୀ, ଉର୍ବଶୀଙ୍କପରି ଚିରନ୍ତନ ନାୟିକାଙ୍କ ବଦଳରେ ବ୍ଲାଉଜର ବୋତାମ ଦେଉଥିବା ଉତ୍ତେଜନା ପ୍ରଶମିନୀ ନାରୀକୁ ପାଠକ ସାମ୍ନାକରେ । ଯୁଦ୍ଧୋତ୍ତର ସମୟରେ ନାରୀ ଜୀବନରେ ଆସିଥିବା ଅବକ୍ଷୟର ସୂଚନା ଏଇଠୁ ମିଳେ । ନାରୀ ଜୀବନର ଏହି ନିର୍ଲଜ ଦେହ ସମର୍ପଣ ପଛରେ ରହିଛି ବିଷାଦ ଉତ୍ପନ୍ନକାରୀ ସମୟ । ଗୁରୁପ୍ରସାଦ ସମୟର ଭୟାବହତାକୁ ଏହି କବିତାରେ ରୂପ ଦେଇଛନ୍ତି । ଅମଙ୍ଗଳ ସମୟ ଭାବନା ସହ ଚରିତ୍ର ମାନଙ୍କର ପିପାସାବୋଧ ଏକାତ୍ମହୋଇ ଏକ କ୍ଷୟିଷ୍ଣୁ ଉପଭୋଗ ପ୍ରବଣତା ସୃଷ୍ଟି ହୋଇଛି ।

''ଦିପହର ଧୂଳି ଉଡ଼େ 'ଖାକି ଆଉ ଫିଲ୍ଡ଼ ଗ୍ରେଧଳି'
ସିଗାରେଟ୍ ଧୂଆଁ ପୁଣି ଭାରି ହୋଇ ବସିଯାଏ
ଜରିଫୁଲ କାଗଜ ଫୁଲରେ
କାଉ ଆଉ ବାଦୁଡିର ଚେଁଚାଁ ମିଶିଯାଏ ଏକାଠି ବାହାରେ
କୋଇଲାର ଧୂଆଁ ପୁଣି ନିଶ ମୋଡ଼ି ଉଠେ
ରିକ୍ସାବାଲା ବାଟ ଯାଏ ଭୁଲି ।''

ଜୀବନ ଏଠି ଖାଲି ଧୂଳି ଝଡ଼ରେ ପରିପୂର୍ଣ୍ଣ । ଧୂଆଁଳିଆ ସଂଦିଗ୍ଧତା ଭିତରେ ଜୀବନର ଗତି । ଏଠି କୌଣସି ସ୍ୱପ୍ନ ବା ସବୁଜିମା ବିରଳ । ସିଗାରେଟ୍ ଧୂଆଁ ଭଲପାଏ ଜରି ଫୁଲ ଓ କାଗଜ ଫୁଲକୁ । ସିଗାରେଟ୍ ଧୂଆଁ ଭଲପାଏ ଜରିଫୁଲ ଓ କାଗଜଫୁଲକୁ । ସିଗାରେଟ୍ ଧୂଆଁ ଗୋଟିଏ ଭ୍ରଷ୍ଟ ନିଃସଙ୍ଗ ବ୍ୟକ୍ତିର ପ୍ରତୀକ । ଜରିଫୁଲ ଓ କାଗଜ ଫୁଲ ବାସ୍ନାହୀନ, କୃତ୍ରିମ ଯୌନ ଉତ୍ତେଜନ ଓ ବୃତ୍ତିଗତ ଯୌନ କର୍ମୀର ପ୍ରତୀକ । ଏବେ ସୁଖ ଓ ଆବଶ୍ୟକତା ଦୃଷ୍ଟିରୁ ଏମାନେ ଏକାଠି । ପୁରୁଷ ଗୋଟିଏ ଜଳନ୍ତା ସିଗାରେଟ- ନାରୀ ଗୋଟିଏ ଜରିଫୁଲ । ସିଗାରେଟ୍ + ଜରିଫୁଲ = କାଗଜ ଫୁଲ (ବାସ୍ନାହୀନ) ଏ ପ୍ରଣୟରେ ଆକର୍ଷଣ ନାହିଁ, ଉଦ୍ଦୀପନା ନାହିଁ । କଳା କି କୌଶଳ ନାହିଁ । ଏଠି ଜଣେ ଆଉ ଜଣଙ୍କର ଆବଶ୍ୟକତା । ଏମାନେ ଅଧୁନାତନ ସମୟର ସଂପତ୍ତି ଏହା କେବଳ ବିଳାସୀ ଅଭିଜାତବର୍ଗର ଘଟଣା ନୁହଁ । ସହରତଳି ଅଂଚଳରେ କୋଇଲା ଧୂଆଁ ଉଠୁଥିବା ସ୍ଥାନରେ ରିକ୍ସାବାଲା ବାଟ ଭୁଲି ପହଁଚି ଯାଏ । କୋଇଲା ଧୂଆଁ ନିଶ ମୋଡ଼ିବା ଅର୍ଥାତ୍ ଜଣେ ଦିନ ମଜୁରିଆ ପରିଶ୍ରମୀ ମଣିଷ ଭିତରେ ଯୌନ କାମନା । ପାକଳେଇ ଯିବାକୁ ବୁଝାଉଛି । ଗୁରୁପ୍ରସାଦ ସହର ଓ ସହରତଳି ମଣିଏ ମାନଙ୍କର ଏହି ଅବକ୍ଷୟକୁ ପ୍ରତିନିଧିତ୍ୱ ଦେଇଛନ୍ତି । 'ଅଳକାସାନ୍ୟାଲ' ପରି ନାରୀର ଅଭିଜାତ ରୂପ ଓ ଅଭାବୀ ରୂପ ଉଭୟକୁ କବି ଏହି କବିତାରେ ପ୍ରୟୋଗ କରିଛନ୍ତି । ଯେଉଁ ଅଳକା ବ୍ଲାଉଜର ବୋତାମ ଖୋଲି ଟେବୁଲ୍ ସେପାଖରେ ବସେ, ସିଏ ପୁଣି ଟାଉନ ହଲ୍ ସଭାରେ ଝଡପରି ଭାଷର ବକ୍ତୃତା ପ୍ରଦାନ କରେ । ସିଏ ପୁଣି ପ୍ରେମକରି

ଗର୍ଭବତୀ ହୁଏ ଓ ଅଦରକାରୀ କାଗଜ ପରି ରାସ୍ତାରେ ଉଡିବୁଲେ । ଅନ୍ୟପକ୍ଷରେ ସହରତଳି କୌଣସି କୋଇଲା ଭାଟି, ରେଳ ଲାଇନ୍ କଡ଼ରେ ବସି ଅଳକା ତାର ପ୍ରତିଦିନର ଗୁଜୁରାଣ ମେଣ୍ଟାଇବା ପାଇଁ ଦେହ ସେମର୍ପିଦିଏ । କେବେ କେବେ ପଦ, ପ୍ରାଚୁର୍ଯ୍ୟ, ପ୍ରତିଷ୍ଠା ପାଇଁତ ପୁଣି କେବେ ବଂଚିବା ପାଇଁ ଅଳକା ବାରଂବାର ପୁରୁଷମାନଙ୍କ ପାଖରେ ବିବସ୍ତ୍ର ହୁଏ । କବିତାର ଶେଷ ଭାଗରେ ଅଳକାପ୍ରତି କବି ହୃଦୟର ସମବେଦନା, ଅନୁକଂପା ପ୍ରକାଶ ପାଇଛି।

> 'ପବନ ତୁମକୁ ଯେବେ ଆସ୍ତେ ନିଏ ବାଲିରୁ ସାଉଁଟି
> ମୁଁ ତୁମକୁ ସ୍ୱପ୍ନ ଦେଖେ ମୋର ଢ଼ିଲା ପାଇ ଜାମା
> କାମିଜର ଅମରାବତୀରେ ।'

ନାରୀ ଜୀବନର ଅବକ୍ଷୟ ଓ ପୁରୁଷ ଦ୍ୱାରା ତାର ଯୌନ ଶୋଷଣକୁ କବି ଗୁରୁପ୍ରସାଦ ବାସ୍ତବବାଦୀ ପୃଷ୍ଠଭୂମିରେ ବିଶ୍ଳେଷର କରିଛନ୍ତି । ଏହି ଉପସ୍ଥାପନା ଓ କାହାଣୀ ସଚ୍ଚିଦାନନ୍ଦ ରାଉତରାୟଙ୍କ କବିତା ଠାରୁ ସଂପୂର୍ଣ୍ଣ ଭିନ୍ନ ଓ ନୂତନ । ସ୍ୱାଧୀନତା ପରବର୍ତ୍ତୀ ଭାରତର ନଗର ଜୀବନର ଅଭ୍ୟୁଦୟ ଓ ତହ ସଂଜାତ ଉପଭୋଗବାଦ ପାଖରେ ନାରୀ ଜୀବନର ବାସ୍ତବିକତାକୁ କବି ଗୁରୁ ପ୍ରସାଦ ଏହି କବିତାରେ ଚିତ୍ରଣ କରିଛନ୍ତି ।

### ୧:୩: ଅଳକାସାନ୍ୟାଲ କବିତାର ଆତ୍ମିକ ବିସ୍ତାର :

'ଅଳକାସାନ୍ୟାଲ' କବିତାରେ ନାରୀ ଜୀବନର ଅବକ୍ଷୟ କଥା ମୁଖ୍ୟତଃ କୁହାଯାଇଛି । ପ୍ରକୃତରେ ଏହି ନାରୀ ଜଣେ ନୁହେଁ । ଅଳକାସାନ୍ୟାଲ ଅନେକ ପୀଡ଼ିତ, ଦୁଷ୍କର୍ମର ଶିକାର ହୋଇଥିବା ନାରୀମାନଙ୍କର ପ୍ରତିନିଧି । ଏହି ଦୃଷ୍ଟିରେ 'ଅଳକା' ଗୋଟିଏ ପ୍ରତୀକ । ସମୟ ଓ ପୁରୁଷ ଦ୍ୱାରା ପୀଡ଼ିତ ମହିଳା ବର୍ଗର ସେ ପ୍ରତୀକ । ଅନେକ ସମୟରେ ନାରୀର ଉଚ୍ଚକାଙ୍କ୍ଷା ତାର ଅବକ୍ଷୟର କାରଣ ହୋଇଥାଏ । ସମାଜରେ ପ୍ରାଚୁର୍ଯ୍ୟ ଓ ପ୍ରତିଷ୍ଠା ପାଇବା ପାଇଁ ସେ ନୀଜର ସୌନ୍ଦର୍ଯ୍ୟ ବିନିମୟରେ ପୁରୁଷକୁ ଜୟ କରିଥାଏ । ନାରୀର ଏହି ନଗ୍ନତମ ନମୁନା ଏହି କବିତାରେ ପ୍ରକାଶ ପାଇଛି । ଜଣେ ଅଭିଜାତ ବର୍ଗର ନାରୀ ଯିଏକି ଟାଉନହଲ୍ ସଭାରେ ଭାଷଣ ଦେବାର ଯୋଗ୍ୟତା ସ ସାମର୍ଥ୍ୟ ରଖେ, ସିଏ ଜଣେ ପୁରୁଷ ପାଖରେ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ନିଜକୁ ସମର୍ପି ଦିଏ ।

> 'ତମକୁ ମୁଁ ଦେଖିପାରେ ଯୋତାଷ୍ଟ୍ରାପ ତୁମେ ଧୀରେ ଖୋଲ
> ତୁମେ ଆସି ଲୋଟିପଡ଼ ବିଛଣାରେ ବେଣୀ ଆଇ ଶାଢ଼ୀ ଅସଂଯତ
> ତୁମେ ପୁଣି ଆସ୍ତେ ଉଠ ଲୁଗାପଦଟା ଠିକ୍‌ଠାକ୍ କରି
> ଟାଉନ ହଲ୍ ସଭାରେ ମୁଁ ପାଏ ପୁଣି ତୁମର ସାକ୍ଷାତ ।'

ଏ 'ଅଳକା' ସୀତା, ଦୌପଦୀ, ଉର୍ବଶୀ ନୁହେଁ । ସୀତାଙ୍କର ସ୍ୱାମୀଙ୍କ ସନ୍ଦେହ ମୋଚନ ପାଇଁ ଅଗ୍ନିପରୀକ୍ଷା, ଦୌପଦୀଙ୍କ ସ୍ୱାମୀଙ୍କ ଜୁଆଖେଳ ପାଇଁ ବସ୍ତ୍ର ହରଣ ଓ ଉର୍ବଶୀଙ୍କ ସ୍ୱାମୀଙ୍କ ତ୍ରୁଟି ପାଇଁ ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନର ଭିନ୍ନ ଭିନ୍ନ ଯୁକ୍ତିଯୁକ୍ତ ପୃଷ୍ଠଭୂମି ରହିଛି । ଏଠାରେ ନାରୀ ନିର୍ଯ୍ୟାତନାର ସ୍ୱରୂପଟି ଶାସ୍ତ୍ରୀୟ ଓ ବିଧି ନିର୍ଦ୍ଧିଷ୍ଟ । ନାରୀର ଚାରିତ୍ରିକ ସ୍ଖଳନ ଏଂରେ ନାହିଁ । ପରନ୍ତୁ 'ଅଳକା ସାନ୍ୟାଲ' ନିଜର ସ୍ଥିତିକୁ ସମାଜରେ ସୁଦୃଢ଼ କରିବା ପାଇଁ ନିଜ ଦେହକୁ ସିଢ଼ି କରି ପ୍ରତିଷ୍ଠା ଅର୍ଜିବା ଲକ୍ଷ୍ୟ କରାଯାଏ । ଗୁରୁପ୍ରସାଦ ମହାନ୍ତିଙ୍କ 'ଅଳକାସାନ୍ୟାଲ' ଏହି ମର୍ମରେ ଆତମିକସ୍ତରରେ ସଚ୍ଚିଦାନନ୍ଦଙ୍କ ଅଳକାଠାରୁ ପୃଥକ ସମଗ୍ର କବିତାରେ ପୁରୁଷର ନିର୍ଯ୍ୟାତନା ଅପେକ୍ଷା ନାରୀହିଁ ନିଜେ ନିଜର ଅଧ୍ୟଃପତର କାରଣ କବି ଗୁରୁ ପ୍ରସାଦ ପୁନଶ୍ଚ ନୂଆଖାଲି, ନୂଆଦିଲ୍ଲୀ, କଲିକତା ସହ କଟକ ନଗରକୁ ଯୋଡ଼ି ଦେଇଛନ୍ତି । ଯେଉଁଠି କାଉ ଓ ବାଦୁଡ଼ି ଏକାଠି ଚେଁ ଚାଁ ହୁଅନ୍ତି ଓ ସକାଳୁ ଏପରି ଯୌନ ସଂଭୋଗରୁ ରୁଗ୍ଣ ଶିଶୁଟିଏ ଜନ୍ମହୁଏ ।

'କଟକର ଗଳି ଗଳି ରାସ୍ତା ଛକରେ ଛକରେ
ରାତିର  ପ୍ରସୂତିକଷ୍ଟ ସକାଳର ରୁଗ୍‌ଣ ଜନ୍ମ ହେବା ।

ଏପରି ଦେହ ଆକର୍ଷଣ ଜଠର ଯନ୍ତ୍ରଣାର ଉପଶମ ପାଇଁ ଉଦ୍ଦିଷ୍ଟ, ଅଭାବୀ ନାରୀ ମାନଙ୍କ ପାଇଁ ଏହା ଏକ ଅବଲମ୍ବନ, 'ଅଳକା' ଏଇଠି ସମାଜ ଦ୍ୱାରା ଧର୍ଷିତା । ଏଠି ଦେହ ତା' ପାଇଁ ଆବଶ୍ୟକତା । ଅଳକାର ଅନ୍ୟତମ ରୂପଟିକୁ ମଧ୍ୟ କବି ଧରା ପକେଇଛନ୍ତି ।

'ସିଗାରେଟ୍ ଧୂଆଁ ହୁଏ ଆହୁରି ଜମାଟ ପୁରି
ନରଗିସ୍ ନେତାଜୀ ଫଟୋରେ
ଆକାଶରେ ଜହ୍ନ ପୁଣି ଦେଖାଦିଏ
ଅକସ୍ମାତ ଗୋଲ ତାର ତଳ ଓଠ ରାଗରେ କାମୁଡ଼ି ।'

ନରଗିସ୍ ଓ ନେତାଜୀଙ୍କ ଫଟୋ ଯେଉଁଠୁ ଏକତ୍ର ଝୁଲିପାରୁଛି, ସେଠି ଆଦର୍ଶ ଓ ନୈତିକତା ନାହିଁ ବୋଲି ସୂଚନା ମିଳୁଛି । ଆଜିର ଜନନେତାଙ୍କ ସୌନ୍ଦର୍ଯ୍ୟ ଓ ଯୌନ ତୃଷ୍ଣାଙ୍କୁ ପ୍ରକାଶ କରିବାରେ ଏହା ଏକ ବ୍ୟଙ୍ଗାତ୍ମକ ପ୍ରତୀକ । ଏ ଅଳକା । 'କାଉ ଓ ବାଦୁଡ଼ିର ଚେଁ ଚାଁ, ଶୁଣୁଥିବା ଅଳକା ନୁହେଁ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତର ସହର ଓ ସହରତଳି ନାରୀ ଜୀବନର ସମାନ୍ତରାଳ ଅଧ୍ୟୟନ ଏହି କବିତାର ଆତ୍ମିକ ଚେତନା ଭାବରେ ପ୍ରକାଶ ପାଇଛି ।

### ୧:୪: ନିଷ୍କର୍ଷ

ଓଡ଼ିଆ କାବ୍ୟ ଧାରାରେ 'ଅଳକାସାନ୍ୟାଲ' କବିତାର ସ୍ୱତନ୍ତ୍ର ପାଠକୀୟ ପ୍ରସିଦ୍ଧ ରହିଛି । ଗୁରୁପ୍ରସାଦଙ୍କ ଦ୍ୱାରା ଏହି କବିତାଟି ରଚିତ ହେବାଯୋଗୁ ପୂର୍ବ ରଚିତ ସଚ୍ଚିଦାନନ୍ଦଙ୍କ 'ଅଳକାସାନ୍ୟାଲ' କବିତାଟି ଚର୍ଚ୍ଚାର ପରିସର ଭିତରକୁ ଆସିଛି । ନଗଦ ସ୍ୱାଧୀନତା ପାଇଥିବା ଭାରତର ପରବର୍ତ୍ତିତ ଜୀବନଧାରା ଭିତରୁ ନାରୀ ଜୀବନର ସ୍ଥିତି-ସାଫଲ୍ୟ-ସଙ୍କଟ ଗୁଡିକରୁ ଅଧ୍ୟୟନ ଏହି କବିତାର ଉଦ୍ଦେଶ୍ୟ । ଏଥିରେ ପ୍ରୟୋଗ କରାଯାଇଥିବା ପ୍ରତୀକ ଓ ଚିତ୍ରକଳ୍ପ ଗୁଡ଼ିକ କବିତାଟିକୁ ଅଧିକ ବୌଦ୍ଧିକ ଓ ରସଗ୍ରାହୀ କରି ପାରିଛି । ସାମାଜିକ ଆବେଦନ ଥିବା ଏହାଏକ ରସସିକ୍ତ କବିତା-ଏହା ସ୍ୱୀକାର୍ଯ୍ୟ ।

### ୧:୫: ଆଦର୍ଶ ପ୍ରଶ୍ନବଳୀ

#### ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧. ଅଳକାସାନ୍ୟାଲା କବିତାରୁ ନାରୀ ଜୀବନର ଯେଉଁ ବାସ୍ତବ ଅଧ୍ୟୟନ ହୋଇଛି, ସେ ସବୁର ଆଲୋଚନା କର ।
୨. ପୂର୍ବାପର ପ୍ରସଙ୍ଗ ସହ 'ଅଳକାସାନ୍ୟାଲ' କବିତା ସଂପର୍କରେ ବିଶ୍ଳେଷଣ କର ।
୩. ନଗର ଜୀବନର ବସ୍ତୁବିଳାସ କିପରି 'ଅଳକାସାନ୍ୟାଲ' କବିତାରେ ରୂପ ପାଇଛି, ଆଲୋଚନାକର ।

#### ସଂକ୍ଷିପତ ଉତ୍ତର ମୂଳକ ପ୍ରଶ୍ନ

୪. କବି ଗରୁ ପ୍ରସାଦ ମହାନ୍ତିଙ୍କ କବିପରିଚୟ ।
୫. ସଚ୍ଚିଦାନନ୍ଦ ରାଉତ ରାୟଙ୍କ 'ଅଳକା ସାନ୍ୟାଲ' ।
୬. 'ଆକାଶରେ ଜହ୍ନ ପୁଣି ଦେଖାଦିଏ, ଅକସ୍ମାତ୍ ଗୋଲ ତାର ତଳ ଓଠ ରାଗରେ କାମୁଡି' ।
ଏହି ପଦଟିର ବାଖ୍ୟା ପ୍ରସ୍ତୁତ କର ।

-୦-

# ମାଟି ଓ ମଣିଷ

### କବି : ସୀତାକାନ୍ତ ମହାପାତ୍ର

**ସୂଚନା :**

'ମାଟି ଓ ମଣିଷ' କବିତାଯି କବି ସୀତାକାନ୍ତ ମହାପାତ୍ରଙ୍କ 'ଅଷ୍ଟପଦୀ' କବିତା ସଂଗ୍ରହରୁ ଆସିଅଛି । କବି ସୀତାକନ୍ତ ମହାପାତ୍ର ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା କ୍ଷେତ୍ରରେ ଜଣେ ଶକ୍ତିଶାଳୀ କବି ଭାବରେ ଆତ୍ମ ପ୍ରକାଶ କରି କାବ୍ୟ ଚେତନା ପ୍ରୟୋଗରେ ନୂତନ ସିଦ୍ଧି ଅର୍ଜନ କରିଛନ୍ତି । ସୀତାକାନ୍ତଙ୍କ କାବ୍ୟ ଭୂମିଟି ଯୁଦ୍ଧବିଧ୍ୱସ୍ତ ସଭ୍ୟତା ଓ ଜୀବନ ପ୍ରବାହର କଥା କହିବାରେ ପ୍ରୟାସ କରିଥାଏ । ଆଧୁନିକ ମଣିଷର ମନ ଭିତରୁ କ୍ରମଶଃ ସରି ଆସୁଥିବା ସ୍ୱପ୍ନ ଓ ସଂଭାବନାର କଥା କହେ । ଅମଙ୍ଗଳ ଜୀବନ ବଂଚୁଥିବା ମଣିଷର ମୃତ୍ୟୁ ସଂଭାବନା କଥା କହେ । ଏସବୁ କଥା ଗୁଡିକୁ କବିତାରେ କହିବା ବେଳେ କବି ସୀତାକାନ୍ତ ଭାରତୀୟ ବେଦାନ୍ତ ଦର୍ଶନ ସହ ପାଶ୍ଚାତ୍ୟ ଚିନ୍ତାନାୟକ ମାନଙ୍କର ଚିନ୍ତାଦର୍ଶର ସମନ୍ୱୟ କରିଥାଆନ୍ତି । ଭାରତୀୟ ପାରଂପାରିକ ଜୀବନ ଧାରା ଆଧୁନିକତା ଅବହାଓ୍ୱାରେ ପାପବିଦ୍ଧ ପାଲଟି ଯାଉଥିବାର ସୂଚନା ତାଙ୍କ କବିତାମାନଙ୍କରୁ ମିଳେ । 'ଅଷ୍ଟପଦୀ' କବିତା ସଂଗ୍ରହରେ ଥିବା 'ମାଟି ଓ ମରିଷ' କବିତାଟି ଏହିପରି ଏକ ସାମାଜିକ । ଭୂିରୁ ଅଙ୍କୁରିତ । ଏଥିରେ 'କାରାଗାର' 'ମହାକାଳର ମୃତ୍ୟୁ' 'ପ୍ରେତାତ୍ମାର ଶୋଭାଯାତ୍ରା ଓ ପରାବୃତ୍ତି' ଦୁଃସ୍ୱପ୍ନର ରାତ୍ରି' ଆଦି ଉପଶୀର୍ଷକ ରହିଛି । ଆଧୁନିକ ମଣିଷର ମୃତ୍ୟୁ, ବ୍ୟର୍ଥତା ଓ ଅସହାୟତା ଭିତରେ ଈଶ୍ୱର ଅନୁରକ୍ତିର ଛୋଟତମ ବିଶ୍ୱାସକୁ ନେଇ ସମଗ୍ର କବିତାଟି ରଚିତ ହୋଇଛି ।

**୧:୦ : କବି ସୀତାକାନ୍ତ ମହାପାତ୍ରଙ୍କ କବି ପରିଚୟ :**

ଯେଉଁ କେତେଜଣ କବିତାକୁ ନିଜସ୍ୱ ପ୍ରତିଭାରେ ସମୃଦ୍ଧ କରିଛନ୍ତି, ସେମାନଙ୍କ ଭିତରୁ କବି ସୀତାକାନ୍ତ ମହାପାତ୍ର ଅନ୍ୟତମ । ସୀତାକାନ୍ତଙ୍କ କବିତାର ବିଶେଷତ୍ୱ ହେଉଛି ଯେ କବି ନିଜର ସ୍ୱତନ୍ତ୍ର ଗଦ୍ୟ ଆଡ଼ମ୍ବର ଓ ଶବ୍ଦ ବସାଣକୁ ଭିତିକରି କବିତା ରଚନା କରନ୍ତି । ତାଙ୍କ କବିତାରେ କାବ୍ୟକଳା ଅପେକ୍ଷା କାବ୍ୟ ଚେତନାର ସୁରକ୍ଷା ଅଧିକ । କବିତାର ଚିନ୍ତାରାଜ୍ୟରେ ସେ ବିଜ୍ଞାନ, ଇତିହାସ, ପୁରାକଳ୍ପ, ନୃତତ୍ତ୍ୱ, ଲୋକକଳା ଓ ଲୋକ ସାହିତ୍ୟର ବହୁଳ ପ୍ରୟୋଗ କରନ୍ତି । ଅତଏବ ସୀତାକାନ୍ତଙ୍କ କବିତାରୁ ପାଠକ କାବ୍ୟରସ ଆସ୍ୱାଦନ ସହିତ ଚିନ୍ତା ରାଜ୍ୟରେ ବିଚରଣ କରିବା ପାଇଁ ଅବକାଶ ପାଇବ । କବିଙ୍କ ପ୍ରଥମ କବିତା ସଙ୍କଳନ 'ଦୀପ୍ତି ଓ ଦ୍ୟୁତି ୧୯୬୨ ମସିହାରେ ପ୍ରକାଶ ପାଏ । କବିଙ୍କ 'ଅଷ୍ଟପଦୀ' ୧୯୬୭ ମସିହାରେ ପ୍ରକାଶିତ ହେବା ପରେ କବି ସୀତାକାନ୍ତଙ୍କ ସ୍ଥିତି ଓଡ଼ିଆ କବିତାରେ ସୁଦୃଢ଼ ହୋଇଛି । 'ଅଷ୍ଟପଦୀ'ର ଆଠଟି ଦୀର୍ଘ କବିତାର ଭିତରେ ସୀତାକାନ୍ତ ପ୍ରୟୋଗବାଦୀ ଚେତନାର ଯେଉଁ ସମନ୍ୱୟ ସୃଷ୍ଟି କରିଛନ୍ତି, ତାହା ଓଡ଼ିଆ କବିତା ପାଇଁ ନୂଆ ଓ ଉପଯୋଗୀ ସାବ୍ୟସ୍ତ ହୋଇଛି । ଏହାପରେ କବି 'ଶବ୍ଦର ଆକାଶ' 'ସମୁଦ୍ର' 'ଚିତ୍ରନଦୀ' 'ଆରଦୃଶ୍ୟ' 'କାହାକୁ ପୁଚ୍ଛିବା କୁହ' 'ଚଢ଼େଇରେ ଡୁକି ଜାଣୁ' 'ଫେରି ଆସିବାର ବେଳ' 'ସମୟର ଶେନୋମ' 'ବର୍ଷା ସକାଳ' 'ପଦଚିହ୍ନ' 'କପଟ ପଶା' ପରି କବିତା ସଙ୍କଳନ ଗୁଡିକୁ ରଚନା କରିଛନ୍ତି । ଏହି ସବୁ କବିତା ଗୁଡିକ ମଣିଷର ବିପର୍ଯ୍ୟୟକୁ ନେଇ ସମୃଦ୍ଧ ହେବା ସହ ସମକାଳୀନ ଭାରତୀୟ ଜନ ଜୀବନର କଥା କହିବାରେ ସମର୍ଥ ହୋଇଛି । ସୀତାକାନ୍ତଙ୍କ ୧୯୮୦ ମସିହା ପର୍ଯ୍ୟନ୍ତ ରଚିତ କବିତାରେ ଯନ୍ତ୍ରଣାରୁ ମୁକ୍ତିର ବ୍ୟାକୁଳତା ପରିଲକ୍ଷିତ ହୁଏ । ନିଜର

ବିପର୍ଯ୍ୟୟ ସହ ଯୁଝୁଥିବା ମଣିଷ ଜୀବନର ଶେଷ ପର୍ଯ୍ୟନ୍ତ ମୁକ୍ତି ପାଇ ପାରେନା । ସୀତାକାନ୍ତ ଏକ ବହ୍ନିମାନ ବୈଶାଖୀ ସମୟର କଥା ଏହି ସମୟରେ କହନ୍ତି ।

'ଆକାଶ ଜଳୁଛି ଖାଲି ନାଲି ଚହ ଚହ
ଆହା ଏଇ ନୀଳିମ ଜଳୁଛି
ଜଳିଯାଏ ରାଶି ରାଶି ବର୍ଷା-ପ୍ରତିଶ୍ରୁତି ଭରା
କଳା ଘୁମ ବଉଦର ଗଦା
ପାହାଡ଼ ଜଳୁଛି ଏଇ ସନ୍ଧ୍ୟା ମୁଖେ
ଜଳିଯାଏ ରକ୍ତ, ମାଂସ, ହୃଦୟ-ନର୍ମଦା ।'
(ମୃତ୍ୟୁ ନାଚ : ଅଷ୍ଟପଦୀ)

ସୀତାକାନ୍ତଙ୍କ କାବ୍ୟଜୀବନର ଆରମ୍ଭରୁ ଏପରି ଏକ ଅସୁରକ୍ଷିତ ଜୀବନ ବୋଧର କଥା ତାଙ୍କର ସମସ୍ତ କବିତାମାନଙ୍କରୁ ଲକ୍ଷ୍ୟ କରାଯାଏ । ୧୯୪୫ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ପର୍ଯ୍ୟାୟରେ ଜାପାନର ହିରୋସିମା ଓ ନାଗାଶାକି ସହରର ପରମାଣୁ ଜ୍ୱଳନ ଓ ତଦ୍‌ଉତ୍ପନ୍ନ ବିକଳାଙ୍ଗ, ବିକୃତ ଜୀବନର ହାହାକାର ଏହିସବୁ କବିତା ମାନଙ୍କରୁ ଶୁଣିବାକୁ ମିଳେ । ସୀତାକାନ୍ତଙ୍କ କବିତାରେ ଯନ୍ତ୍ରଣା ଯେତିକି ତୀବ୍ର ମୁକ୍ତିପାଇଁ ବ୍ୟାକୁଳତା ମଧ୍ୟ ସେତିକି ଆବେଗଦୀପ୍ତ । ଅଥଚ ଯନ୍ତ୍ରଣାରୁ ମୁକ୍ତି ମିଳେନାହିଁ । ମଲାହାଡ଼ରୁ ଓଁକାର ଖୋଜୁଥିବା କାବ୍ୟନାୟକ ପାଇଁ ସହଜ ହୁଏ ନାହିଁ ମୁକ୍ତିର ଠିକଣା । ଏ ମୁକ୍ତି ମଠ କି ମନ୍ଦିରରେ ମିଳେ ନାହିଁ । କବି ଖୋଜନ୍ତି ଏକ ନିର୍ବିକଳ୍ପୀୟ ମୁକ୍ତି । ଲୋଭ, ମାୟା, ଯନ୍ତ୍ରଣା ମୁକ୍ତ ଦୁନିଆ । ସବୁ ଦୃଶ୍ୟ ଭିତରେ ସେ ଅନୁଭବ କରନ୍ତି ଯନ୍ତ୍ରଣା । ଦୃଶ୍ୟରୁ ଦୃଶ୍ୟାନ୍ତରକୁ ଆରମ୍ଭ ହୁଏ କବିତାର ଅନ୍ୱେଷଣ । ଏପରି ଅନ୍ୱେଷାରୁ କବି ପହଂଚି ଯାଆନ୍ତି 'ଆରଦୃଶ୍ୟ' ପାଖରେ ।

'ଅଚାନକ, ଅଦ୍ଭୁତ କଳା-ସମୁଦ୍ର ଉଜାଣି ଲହରୀ
ମାଡ଼ିଆସେ ଏବଂ ତାର କଳାମେଘି ଅନ୍ଧାରିଜାଲରେ
ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା, ପାହାଡ଼ ଓ ବଣ
ମାଛ ପରି କଲିବିଲି ହା ହା କାର ହେଉଥାନ୍ତି
ଅଘଟଣ ଯେଉଁପରି ଦେଖିଥିଲି ତା' ପାଟିରେ ସେ କଳାଦିନରେ ।'
(ଆର ଦୃଶ୍ୟ : ସୀତାକାନ୍ତ ମହାପାତ୍ର)

ଏହି ଚିରନ୍ତନ ଅନୁଭବଟି ପ୍ରାପ୍ତ ହେବା ପରେ ସୀତାକାନ୍ତଙ୍କ କବିତାର ଧାରା ବଦଳି ଯାଏ । ଉତ୍ତର ଅଶୀ କାଳରେ କବିଙ୍କ ଦ୍ୱାରା ରଚିତ କବିତା ମାନଙ୍କରେ ମାଟି, ମଣିଷ, ସାମାଜିକ ସମସ୍ୟା, ରାଜନୈତିକ ବ୍ୟଙ୍ଗ ସହ ଓଡ଼ିଶାର କଥା ଅଧିକ ମାତ୍ରାରେ ପ୍ରକାଶ ପାଇଛି । ଜଣେ ଖାଣ୍ଟି ଓଡ଼ିଆ କବି ଭାବରେ ସୀତାକାନ୍ତ ଓଡ଼ିଶାର ପରଂପରା ଓ ଜୀବନ ଧାରାକୁ ତାଙ୍କ କବିତାରେ ଗ୍ରହଣ କରିଛନ୍ତି ।

'ସାଙ୍ଗରେ ନେଇଯାଏ
ହଳଦୀ ପତ୍ରର ବାସ୍ନା, କାକରା, ଛୁଞ୍ଚିପତର

ସଞ୍ଜ ଅନ୍ଧାରରେ ଦେବୀପରି ପିଣ୍ଡାକୁ
ଆଉଜି ବସିଥିବା ଜେଜେମା
ଝୋଟିଚିତା, ଦଶରା ନହବତ
ଲକ୍ଷ୍ମୀପାଦ ଦାଣ୍ଡ ଦୁଆରୁ ଘର ଭିତର
ନେଇଯାଏ ଭାଗବତର କୁନିକୁନି ଧାଡ଼ି
ନିର୍ମାଲ୍ୟ କଣିକା ଓ ଦୁଇଚକା ଆଖିର
ଅଭୟକର ।
ଏତିକି ମୋ ପାଇଁ ଓଡ଼ିଶା ।'
(ଓଡ଼ିଶା : କପଟପାଶା)

ଓଡ଼ିଶାର ପରଂପରା ଓ ଲୋକ ଜୀବନ ସୀତାକାନ୍ତଙ୍କ କବିତା ଭିତରକୁ ପେରିଆସିଛି । ଯେଉଁ କବି ମୃତ୍ୟୁ ଓ ଯନ୍ତ୍ରଣାକୁ ନେଇ ପଶ୍ଚିମ ପ୍ରେରିତ ପୃଷ୍ଠଭୂମିରେ କବିତା ରଚନା କରୁଥିଲେ, ସେହି କବି କାବ୍ୟ ଜୀବନର ମାଧ୍ୟାହ୍ନରେ ରାସ୍ତାଭାଙ୍ଗି ନିଜ ଗାଆଁ, ନଈ, କ୍ଷେତ, ପ୍ରିୟ ମଣିଷ ଓ ପରଂପରାକୁ ଉପସ୍ଥାପନ କରିଛନ୍ତି । ଏହାହିଁ କବି ସୀତାକାନ୍ତ ମହାପାତ୍ରଙ୍କ ବିଶେଷତ୍ୱ ।

**୧ : ୧ : ମାଟି ଓ ମଣିଷ କବିତାର ପୃଷ୍ଠଭୂମି :**

'ମାଟି ଓ ମଣିଷ' କବିତାର ପୃଷ୍ଠଭୂମି 'ଅଷ୍ଟପଦୀ'ର କାବ୍ୟଭୂମି ସହ ସଂଯୋଜିତ । ଏହି ସଙ୍କଳନର ପ୍ରଥମ କବିତା 'ମୃତ୍ୟୁ-ନାଚ'ରେ କବି ପୋଡ଼ି ଯାଉଥିବା ବସୁଧାର କଥା କହିଛନ୍ତି । ଗୋଟାଏ ଜ୍ୱାଳା ମୁଖୀରେ ଜୀବନ ଧାରଣ କଣ ସଂଭବ ? ମଣିଷର ସମସ୍ତ ସଂଚିତ ପୁଣ୍ୟଫଳ, ଅବଶିଷ୍ଟ ଆୟୁଷ ପୋଡ଼ି ଯାଉଛି । ମଣିଷ କେବଳ ଅପେକ୍ଷା କରିଛି ମୃତ୍ୟୁକୁ । ସୀତାକାନ୍ତଙ୍କ ଏହି କବିତାର ଚେର ଅଛି ୟୁରୋପୀୟ ଆଧୁନିକତା ପାଖରେ । ପଶ୍ଚିମର ଆଧୁନିକତାରୁ ସୃଷ୍ଟି ଉଦ୍‌ଭଟ ଜୀବନ ବଂଚିବା ପାଇଁ ଯେତେବେଳେ ସୁଖ ନିଅଣ୍ଟ ପଡ଼େ, ସେତେବେଳେ ବ୍ୟକ୍ତି ଚେତନା ବିମର୍ଷ ମଣ୍ଡିତ ହୁଏ, ଅପ୍ରାପ୍ତିରୁ ସୃଷ୍ଟିହୁଏ ଅସହାୟତା । ଏହି ଅସହାୟତାରୁ ଆସେ ମୃତ୍ୟୁ । ପୂର୍ବରୁ ସେ ନିଜର ସଂସ୍କୃତି, ଭଗବତ୍ ବୋଧକୁ ପୋଡ଼ି ସାରିଥାଏ । ବଂଚିବା ପାଇଁ ସବୁ ବିକଳ୍ପ ବଂଦ ହୋଇ ସାରିଥାଏ । କେବଳ ମୃତ୍ୟୁଛଡ଼ା ଏ ପୃଥିବୀରେ ଆଉ କିଛି ବାକି ନ ଥାଏ । ସୀତାକାନ୍ତ ଏହି ଭୟାବହତାକୁ ବ୍ୟକ୍ତ କଲାବେଳେ ସମଗ୍ର ସଭ୍ୟତା ବ୍ୟକ୍ତି ଚେତନାରୁ ବିଚ୍ଛିନ୍ନ ହୋଇ ପଡିଛି । କାବ୍ୟ ନାୟକର ଜୀବନଠାରୁ ପଳାୟନ ଓ ନିରନ୍ତର ବ୍ୟାକୁଳତାକୁ ଏଥିରୁ ଲକ୍ଷ୍ୟ କରାଯାଇ ପାରିବ । ଏଥିରେ ଥିବା 'ସ୍ତନଂଧୟର ଉପକଥା' 'ତ୍ରିଶଙ୍କୁର ମଧ୍ୟ ସ୍ୱର୍ଗ' 'ରକ୍ତନଦୀ ସଂତରଣ ପରେ' ଆଦି କବିତା ମାନଙ୍କରେ ଏହି ଜ୍ୱଳମାନ ବୀଭତ୍ସତାର କଥା କୁହା ଯାଇଛି ।

'ଯେହେତୁ ପ୍ରତ୍ୟେକ ରାସ୍ତା ଶେଷେସରେ ଲକ୍ଷ୍ୟହୀନ ତାରେ
ଯେହେତୁ ଆକାଶ ଶେଷ ଯେଉଁଠାରେ ମୃତ୍ୟୁ ହାଇମାରେ
କାହିଁ କିବା ଏତେ ଚିନ୍ତା କେଉଁ ରାସ୍ତାତୁମେ ନେବ ବାଛି
ଅସଲ ସତ୍ୟ ହେଉଛି ଭିତରର ଅସହାୟତା ଲକ୍ଷ୍ୟହୀନଗତି ।
(ତ୍ରିଶଂକୁର ମଧ୍ୟ ସ୍ୱର୍ଗ : ଅଷ୍ଟପଦୀ)

ଆଧୁନିକ ଜୀବନ ବୋଧକୁ ବୁଝିବା ପାଇଁ ଉପରୋକ୍ତ ଚାରିଧାଡ଼ି କବିତା ଯଥେଷ୍ଟ । ଆକାଶର ଶେଷରେ ଏଠି ମୃତ୍ୟୁ ଛିଡ଼ା ହୋଇଛି । ଜୀବନର ଲକ୍ଷ୍ୟ ଏଠି କିଛି ନାହିଁ । ମଣିଷ ପ୍ରକୃତରେ ଅସହାୟ ଓ ଲକ୍ଷ୍ୟହୀନ ଏପରି ମଣିଷ ପାଇଁ ଏ ସମୟରେ ଜୀବନ ଧାରଣ କରିବା ବଡ଼ କଷ୍ଟ, ସୀତାକାନ୍ତଙ୍କ ଏସବୁ କବିତା ଉତ୍କଟ ଆଧୁନିକତାର ଜ୍ୱଳନରୁ ସୃଷ୍ଟି । ଜୀବନକୁ ମଦ, ନାରୀ, ପାର୍ଟି, କାଫେ, ପରକୀୟା, ଯୌନ ଉଦ୍ଦାମତା ଭିତରେ ବଂଚୁଥିବା ମଣିଷ – କେବଳ ନିଜେହିଁ ବଂଚିବା ଜାଣେ । ପୃଥିବୀକୁ ଧ୍ୱଂସ ମୁହଁକୁ ଠେଲି ନିଜେ ବଂଚିବାକୁ ଚାହେଁ । ଯେତେବେଳେ ନିଜର ବଂଚିବା ବେଲଗାମ ହୋଇଯାଏ, ସେଇଠି ତାର ଅପ୍ରାପ୍ତିଗତ ଅସହାୟତା ଜରିପଡ଼େ । 'ମାଟି ଓ ମଣିଷ' କବିତା ଏହିପରି ଏକ ପାପବିଦ୍ଧ ମରିଷର କଥା କହେ । କାରାଗାର ଭିତରୁ କୁଆଁ ତାରା ଦେଖିବା ପାଇଁ ପ୍ରୟାସ କରେ । ପାପରୁ ପୁଣ୍ୟ ଆଡ଼କୁ ରାସ୍ତା ଦେଖାଏ । ଶ୍ମଶାନକୁ ପୁଣି ଥରେ ସବୁଜିମାରେ ପୂର୍ଣ୍ଣ କରିବାର ପ୍ରତ୍ୟୟ ରଖେ ।

## ୧ : ୨ : ମୂଳପାଠ ଅଧ୍ୟୟନ

'ମାଟି ଓ ମଣିଷ' ଏକ ଦୀର୍ଘ କବିତା । ଏହି କବିତାଟି କାରାଗାର, ମହାକାଳର ମୃତ୍ୟୁ, ପ୍ରେତାତ୍ମାର ଶୋଭାଯାତ୍ରା ଓ ପରାବଅଭି, ଦୁଃସ୍ୱପ୍ନର ରାତ୍ରି କ୍ରମରେ ପାଞ୍ଚ ଭାଗରେ ବିଭକ୍ତ । ଏହି କବିତାର ପାଞ୍ଚଭାଗ ପ୍ରକୃତର ଗୋଟିଏ ବୃହତ ଚିନ୍ତାଦର୍ଶର ପଞ୍ଚ ଅବସ୍ଥା । ଏହି କବିତାରେ ମୂଳ ଚେତନାର ବିଚ୍ଛେଦ୍ରୀ କରଣକୁ ପାଠକ ଲକ୍ଷ୍ୟ କରିପାରିବ । କବି ମାଟି ଓ ମଣିଷକୁ ନେଇ ଯେଉଁ କଥାଟି କହିବାକୁ ଚାହାଁନ୍ତି, ତାକୁ ନୂଆ ନୂଆ ପ୍ରୟୋଗ ମାଧ୍ୟମରେ ଉପସ୍ଥାପନା କରିଛନ୍ତି । 'ମାଟି ଓ ମଣିଷ' ଦୀର୍ଘ କବିତାର ପ୍ରଥମ କବିତା ହେଉଛି 'କାରାଗାର' । ଏହି କବିତାରେ ବସୁଦେବ ଓ ଦେବକୀଙ୍କ କାରାବାସ ଜୀବନର ବ୍ୟର୍ଥତା ଓ ଅସହାୟତା ବ୍ୟକ୍ତ କରାଯାଇଛି । ଗୋଟାଏ ପିତୁଳା (କୃଷ୍ଣ)ର ଜନ୍ମ ପାଇଁ ସେମାନେ ସମୟ – ସମୟାନ୍ତର ହେଲା ଯନ୍ତ୍ରଣା ଭୋଗି ଆସୁଛନ୍ତି । ପ୍ରକୃତରେ କଣ କୃଷ୍ଣ ଆସିବ । ଏଠାରେ କୃଷ୍ଣ ଗୋଟାଏ ମୁକ୍ତିର ପ୍ରତୀକ। କାରାଗାର ସଂସାର ରୂପକ ଯନ୍ତ୍ରଣାର ଘର । ବସୁଦେବମାନେ ପ୍ରତିଥର ଏହି ମଧୁର ମାୟାରୁ ମୁକୁଳି ଯିବାକୁ ଚାହାଁନ୍ତି, ଅଥଚ ମୁକୁଳି ପାରନ୍ତି ନାହିଁ ।

'ଥରକୁ ଥର ଜରାୟୁ ଫୁଲି ଫୁଲି ସଙ୍କୁଚିତ ହୁଏ
କ୍ଷୀର ଖାଲି ଝରିଆସେ, କିଂତୁ ଏଠି ଝରିବା ଆଗରୁ
ଶୁଖିଯାଏ ଛାଟି ହୋଇ ନିର୍ଲିପ୍ତ ଶିକାର ସେଇ ବିଚ୍ଛୁରିତ ରକ୍ତଧାରେ
ଛେଚାମାଂସ, ଭଂଗାତୁଟା ପ୍ରତି ମାର ସାଥେ ।

ଏପରି ଯନ୍ତ୍ରଣା ଦେବକୀ ଭୋଗେ । ତା'ର ପ୍ରତିଟି ପିଲାକୁ କଂସ ହତ୍ୟା କରେ । ତା' ସ୍ତନରୁ କ୍ଷୀର ଝରେ । ଅଥଚ ସେ କ୍ଷୀର ଖାଇବାକୁ ପିଲାଟି ବଂଚି ନଥାଏ । ବସୁଦେବ ଓ ଦେବକୀମାନେ କିଏ ? ସଂସାର, ଶୃଙ୍ଗାର, ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖୁଥିବା ଜଣେ ଜଣେ ଭୌତିକ ବ୍ୟକ୍ତିତ୍ୱ । ଜୀବନର ଶେଷ ପର୍ଯ୍ୟାୟରେ ଏମାନେ ଚାହାଁନ୍ତି ଏହି ବସ୍ତୁବୋଧ ଭିତରୁ ମୁକ୍ତି । ଏହା କଣ ଏତେ ସହଜ ? କବି ସୀତାକାନ୍ତ ବସୁଦେବର ଯନ୍ତ୍ରଣାକୁ ଆହୁରି ତୀବ୍ରତର କରିଛନ୍ତି, ସମୟର ନୟାନ୍ତକ ରୂପ ବର୍ଣ୍ଣନାରେ । ଗୋଟାଏ ବିଧବା ସମୟରେ କର କୃଷ୍ଣ ଜନ୍ମ ସଂଭବ ବୋଲି କବି ପ୍ରଶ୍ନ କରିଛନ୍ତି । ମଥୁରାରେ ଆଶ୍ୱିନ ମାସର ଜହ୍ନ ରାତି ଓ ଆକାଶର ବିଳପିତ ନୀଳନୀରବତା ଭିତରେ ଦେବକୀର ମାତୃତ୍ୱ ଭାଙ୍ଗି ପଡୁଛି । ସ୍ୱପ୍ନ ସବୁ କାରାଗାରର ପଥର କାନ୍ଥରେ ଚୁନା ହୋଇ ଯାଉଛି ।

‘ସ୍ୱପ୍ନ ସବୁ ଚିତ୍ରିତ କଂକିର ପରି
ମଥା ପିଟି, ଡେଣା ପିଟି ବଂଧ୍ୟା ବିସ୍ତାରରେ
ଝରିପଡ଼ି ମଲେ ।’

ସ୍ୱପ୍ନ ସବୁ ମରିଯିବାର କାରଣ ହେଉଛି ମହାକାଳର ବିଭ୍ରାଟ । ଏହି ମର୍ମରେ ଦ୍ୱିତୀୟ କବିତା ‘ମହାକାର ମୃତ୍ୟୁ’ ସଂଯୋଜିତ। ଏହି କବିତାରେ କବି ସୀତାକାନ୍ତ ମହାକାଳ ମରିଯିବା ଓ ତା’ର ମୃତ୍ୟୁ ଶୋଭାଯାତ୍ରାର କାହାଣୀ ପ୍ରକାଶ କରିଛନ୍ତି ।

‘ସେଦିନ ସେମାନେ ସବୁ ପୋତୁଥିଲେ ମହାକାଳ ଶବ
ମାଟିବାଲି ନଖରେ ବିଦାରି
ତଳକୁ ମୁହଁକୁ ପୋତି, ଲଜ୍ଜା କିଂବା ଭୟରେ ଆକୁଳ
ବିଦଗ୍ଧ, ବିମୌନ ଏକ ଶରତର ରାତି–ପାହାନ୍ତାରେ ।
ଆକାଶେ ଶାଗୁଣାଦଳ କୁତ୍ସିତ ବିରୂପ
ଡେଣା ଢ଼ାଙ୍କ ମାଙ୍କୁ ଥିଲା ଚନ୍ଦ୍ର ଆଉ ଆକାଶର ନୀଳ
ନିସ୍ତବ୍ଧ ଥରିଲା ରାତି, ଶାଗୁଣାର ଡେଣା ଫଡ଼୍ ଫଡ଼୍
ଥିଲା ବେଶ୍ ଭୟଙ୍କର, ବିକୃତ ନିଗୂଢ଼ ।’

ମହାକାଳର ଶବକୁ ପୋଡ଼ିବା ଅର୍ଥ ସମୟର ଅମଙ୍ଗଳ ବୋଧ ଓ ପାପବୋଧକୁ ରୂପଦେବା, ଯେଉଁ ସମୟରେ ପାପ ପୁଣ୍ୟ, ପ୍ରେମ ପ୍ରତାରଣା, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ସବୁ ଏକା ଅର୍ଥରେ ବଦଳି ଯାଆନ୍ତି, ସେଇଠି ମହାକାଳ ମରିଯାଏ । ପାପର ଭାରାବଢ଼ି ଚାଲିଥାଏ ଅଥଚ ଈଶ୍ୱର ଶତ୍ରୁ ସଂହାର କରିବା ପାଇଁ ଅବତାର ଗ୍ରହଣ କରିପାରନ୍ତି ନାହିଁ । ଏ ସମୟ ଈଶ୍ୱରଙ୍କୁ ମଧ୍ୟ ମଧ୍ୟସ୍ୱର୍ଗରେ ଅଟକାଇ ଦିଏ । ଏଠି ଚନ୍ଦ୍ରରାତି ଆକାଶରେ ଥରି ଉଠେ ଓ ଶାଗୁଣାର ସ୍ୱର ମାଟିକୁ ଥରାଇ ଦିଏ । ଏପରି ଗୋଟେ ସମୟରେ ଈଶ୍ୱର ମୃତ । ଋତୁମାନେ ବଂଧ୍ୟା । ନଈ ଶୁଖିଲି । ଆକାଶ ଫାଟି ଦିଫାଳ । ଠିକ୍ ଏତିକି ବେଳେ ମାଟିରେ ମହାକାଳର ଶବ ପୋଡ଼ାଯାଏ । ପ୍ରଥମ କବିତାର ନାୟକ ବସୁଦେବ । ସହିତ କବି ଏହି କବିତାକୁ ସଂଯୋଗ କରି ବସୁଦେବର ଦୁଃଖ ହିଁ ଜଗତର ଦୁଃଖ ବୋଲି ଘୋଷଣା କରିଛନ୍ତି ।

‘ବସୁଦେବ ଭାବି କିଛି ଲାଭ ନାହିଁ ସେ ପୁରୁଣା କଥା
ତମର ବା ମୋର ଅବା କେହି ସଂତାନର
ବିସ୍ତୀର୍ଣ୍ଣ ବତିମାନର ଓସାରିଆ ବାଇଶି ପାହାଚେ
ଗଡ଼ି ଗଡ଼ି କିଏ କେବେ ଜାଣିପାରିଥିଲା
ସେଇଦିନ ଶିଖଂଡ଼ୀ ତା ଆଗେ ଦେଖାଦେବ
ରଥଚକ ଧସିଯିବ ମାଟି ତଳେ, ସାପ କାମୁଡିବ
ଅଥବା ସେ ଲଟରୀର ମୋଟା କିଛି ଟଂକା ପାଇଯିବ ?

ବସୁଦେବର ସ୍ୱପ୍ନ ମୃତ୍ୟୁର କାରଣ ରହିଛି ଏହି କବିତାରେ । 'ମହାକାଳର ମୃତ୍ୟୁ' ହୋଇ ଥିବାରୁ ଏସବୁ ଅଘଟଣ ଘଟି ଚାଲିଛି ପୃଥିବୀରେ । କବି ସୀତାକାନ୍ତ ପ୍ରଥମ ଓ ଦ୍ୱିତୀୟ କବିତାକୁ ଭାବାନୁପୂରକ କରି ଉପସ୍ଥାପନ କରିଛନ୍ତି । ତୃତୀୟ କବିତା 'ପ୍ରେତାତ୍ମାର ଶୋଭା ଯାତ୍ରା ଓ ପରାବୃତ୍ତ'ରେ ବ୍ୟକ୍ତି ଅନୁଭବର ପରିବର୍ତ୍ତନ ପରିଲକ୍ଷିତ ହୁଏ । ଏ ସ୍ୱର ଯନ୍ତ୍ରଣାରୁ ମୁକ୍ତି ଆଡ଼କୁ ଅଧିକ ପ୍ରଖର । ମହାକାଳର ମୃତ୍ୟୁପରେ ବ୍ୟକ୍ତି ସଭାରେ ଯେଉଁ ଚୈତନ୍ୟ ଉଦୟ ହୋଇଛି, ତାହାର ଧାବମାନ ପ୍ରତିକ୍ରିୟା ଏହି କବିତାରେ ପ୍ରକାଶ ପାଇଛି । ବସୁଦେବ ଏ ପୃଥିବୀକୁ ପ୍ରଶ୍ନ କରିଛି କେଉଁଠି ଅଛନ୍ତି ଆଦିମାତା ଓ ଈଶ୍ୱର । ଏପ୍ରଶ୍ନ ଆଦିବାସୀ ସଂପ୍ରଦାୟର 'ଶାମାନ୍' 'କିଟୁଂ' ଠାରୁ ଆରମ୍ଭ କରି ହିନ୍ଦୁ ଦେବତା 'ମଧୁକ୍ଷରା' 'ବସୁଧା' ପାଖରୁ ଖ୍ରୀଷ୍ଟ ସଂପ୍ରଦାର 'ସିବଲ' 'ରୀଆ' ଓ ସନ୍ତର, ପର୍ଯ୍ୟନ୍ତ ପରିବ୍ୟାପ୍ତ । 'ଦେବକୀ' ଆଜି ଏକା ନୁହେଁ । ପୃଥିବୀର ସବୁ ମାଆମାନେ ଏକାଠି ହୋଇଛନ୍ତି – ଅଥଚ ଏ ବିଧବା ଭୂମିରେ ବୀଜଟିଏ କଅଁଳି ପାରୁନାହିଁ ।

> 'କିନ୍ତୁ ଦାୟ, ଶୂନ୍ୟ ଏ କିଆରି
> ସ୍ୱପ୍ନ କିଛି ଫଳିନାହିଁ, ରଂଗ କିଛି ଝଳି ନାହିଁ
> ଶୂନ୍ୟ ତେଣୁ ମୋ ପ୍ରଥମ ଖଳା ।'

ଜଣେ ଅତି ଦୁର୍ଦ୍ଧର୍ଷ ବ୍ୟକ୍ତି (କଂସ) ଏ ପୃଥିବୀରୁ ସବୁଜିମା ହରଣ କରି ରକ୍ତପାତ, ଭ୍ରୁଣହତ୍ୟା, ଗୋହତ୍ୟା, ବ୍ରହ୍ମହତ୍ୟା, ଦଂଗାରେ ପୃଥିବୀକୁ ସଜେଇ ଦେଇଛି । ଏପରି ସମୟରେ ଏକାଠି  ଥାଇବି ସମସ୍ତେ ଏକା ଏକା ।

> 'ଏକାଠି ରହିବି ଆମେ ସବୁ ଏକାଟିଆ
> ଭାରି ଏକାଟିଆ ସତେ, ଅତି ନିଛାଟିଆ
> ବରଡ଼ାପତର ପରି ଥରି ଥରି ଅଂଧାରିଆ ସଂକୀର୍ଣ୍ଣ ଗଳିରେ
> ଅଧିଭୂତ, ଅଧିଦୈବ ଅଧ୍ୟାତ୍ମ ରୀତିରେ
> ଭୟର ଜୀବାଣୁ ସବୁ ଦେହସାରା ।'

ଏ ଦୁଃଖ କେବଳ ବସୁଦେବ ଓ ଦେବକୀର ନୁହେଁ । ପୃଥିବୀର ସବୁ ଏକାଠି ଥିବା ଲୋକମାନେ ନିର୍ଜନତାକୁ ଭୋଗ କରନ୍ତି । ଜଣେ ଆଉଜଣକୁ ଛାଡ଼ି ଆର ପାରିକୁ ଚାଲିଯାଏ । ଏଠି କେହି କାହାକୁ ପ୍ରତୀକ୍ଷାକାର ନାହିଁ ଦେବକୀ, ବସୁଦେବକୁ ବି ନୁହେଁ  । ଯିବା ଲୋକମାନେ ଛାଡ଼ି ଆସିଥିବା ବ୍ୟକ୍ତିଙ୍କ ସହ କଥା ହୁଅନ୍ତି ନାହିଁ ।

> 'ସେମାନେ ଯାଉ ଅଛନ୍ତି ଧୀରେ ଧୀରେ ପଦଚାଳି
> ଅଶରୀରୀ ପ୍ରେତାତ୍ମାର ଦଳ
> ଲଂବା ଲଂବା ଛାଇ ପଡ଼େ ମଉଳା ଜହ୍ନରେ
> ଆଶ୍ୱିନ ରାତ୍ରି ଶେଷ ଆକାଶ ଘୁମାଉ ଅଛି ବସି ମଉନରେ

ପ୍ରତାତ୍ମାମାନଙ୍କର ଶୋଭା ଯାତ୍ରା ଦେଖି 'ବସୁଦେବ'ର ଚିତ୍ତବୃତ୍ତିରେ ପରିବର୍ତ୍ତନ ଆସିଛି । ବନ୍ଦୀଶାଳା ଭିତ୍ରୁ କ୍ରମଶଃ ଏକ ନୂଆ ବସୁଦେବର ଜନ୍ମ ଆରମ୍ଭ ହୋଇଛି । ପରବର୍ତ୍ତୀ କବିତା 'ଦୁଃସ୍ୱପ୍ନର ରାତ୍ରି'ରେ ଏହି ଭାବଧାରା ଅଧିକ ସ୍ପଷ୍ଟ । 'ଅଷ୍ଟମଗର୍ଭ'ର ପୁତ୍ର ସନ୍ତାନ ପାଇଁ ବ୍ୟଗ୍ର ବସୁଦେବ ନୂଆ ନୂଆ ସ୍ୱପ୍ନରେ ଅଧିର ହୋଇଛି । ଅଷ୍ଟମଗର୍ଭ ଯେତିକି ପାଖେଇ ଆସୁଚି ତାର ଜନ୍ମ ଲଗ୍ନ ଓ ଆଶଙ୍କାରେ ବସୁଦେବ ସ୍ୱପ୍ନମୟ ହୋଇ ପଡ଼ିଚି । ଏସବୁ ସ୍ୱପ୍ନ ଭିତରେ କବି 'ବସୁଦେବ'ର

ରୂପାନ୍ତରର ସୂଚନା ପ୍ରଦାନ କରିଛନ୍ତି । ପ୍ରେତାତ୍ମାମାନଙ୍କର ଶୋଭାଯାତ୍ରାର ସ୍ୱପ୍ନ ଦେଖାରୁ ନୂଆ ନୂଆ ସ୍ୱପ୍ନ ବାନା ବାଂଧିଛି । ପ୍ରଥମ ରାତିର ସ୍ୱପ୍ନରେ ଯୁବତୀମାନଙ୍କ ଭିତରେ ଦେବତୀ ଅଛି । ଯିଏ ପରୀ ପରି ସୁନ୍ଦରୀ ସମ୍ମୋହନରେ ତାଙ୍କୁ ଆକ୍ରାନ୍ତ କରୁଚି ଅଥଚ ରମଣ ପର୍ବରେ ଦାନ୍ତ କଡ଼ ମଡ଼ ଓ ନଖରିତ ମାଙ୍କଡ଼ରେ ବଦଳି ଯାଉଛି । ଦ୍ୱିତୀୟ ରାତିର ସ୍ୱପ୍ନର ନୀଳମେଘହୀନ ଆକାଶରେ ମୟୂରର ଗ୍ରୀବାରୁ ଅଗ୍ନି ସଂଯୋଗ ହୋି ଆକାଶା ଜଳୁଛି । ତୃତୀୟ ରାତିର ସ୍ୱପ୍ନରେ ଜଳକେଳି ପାଇଁ ପାଣିରେ ପଶିଥିବା ବସୁଦେବର ମୁଣ୍ଡ ହିଁ ନାହିଁ । ଚତୁର୍ଥ ରାତିର ସ୍ୱପ୍ନରେ ଏକ ଘୁଷୁରୀ ଦ୍ୱାରା ସେ ମୃତ୍ୟୁର ମୁହଁରେ ପହଂଚୁଛନ୍ତି । ପଞ୍ଚମ ରାତିରେ ବସୁଦେବ ଭୟ ଜଡ଼ିତ ଭାବରେ। ମୃତ୍ୟୁ ରାଜ୍ୟରେ ବିଚରଣ କରୁଛନ୍ତି । ଷଷ୍ଠ ରାତିରେ ଗୋଟିଏ ମହିଷି ପିଠିରେ ବସି ଦକ୍ଷିଣ ଦିଗକୁ ଯାତ୍ରା କରୁଛନ୍ତି । ଶେଷ ରାତିରେ ସେ ପୁତ୍ର ସନ୍ତାନ (ଅଷ୍ଟମଗର୍ଭ) ପ୍ରାପ୍ତ ହୋଇଛନ୍ତି । ସମଗ୍ର କବିତାରେ ଛଅଟି ସ୍ୱପ୍ନିଳ ରାତି ଭିତରେ ବସୁଦେବ ଜୀବନ-ଶୃଙ୍ଗାର-ସୌନ୍ଦର୍ଯ୍ୟ-ସମ୍ମୋହନ-ମୃତ୍ୟୁ-ପରଜନ୍ମକୁ ବୁଝିବାକୁ ସମର୍ଥ ହୋଇଛନ୍ତି । ଯେଉଁ ଦୃଶ୍ୟ ଯଶୋଦା କୃଷ୍ଣଙ୍କ ପାଟିରେ ଦେଖିଥିଲେ ସେହି ଦୃଶ୍ୟ ଛଅଟି ସ୍ୱପ୍ନ ଭିତରେ ବସୁଦେବ ଦର୍ଶନ କରିଛନ୍ତି । ମଣିଷର ଯେଉଁ ରୂପାନ୍ତର ବାସ୍ତବ ଜଗତରେ ହୋଇ ପାରିନାହିଁ, ତାହା କୁହୁକ ଜଗତରେ ସଂଘଟିତ ହୋଇଛି । ଯନ୍ତ୍ରଣାର ଛାତିଚିରି ଆନନ୍ଦର ଯାତ୍ରାଟି କେତେ ସୁନ୍ଦର ତାହା ଏଠାରେ ଲକ୍ଷ୍ୟ କରିବାର କଥା ।

'କଳାଗାଈ ଓ କଳା ବାଛୁରୀ
ରକ୍ତ ଛିଟିକା ମୋ ଅଂଗେ ହାତେ ମୋର ଝଲସିତ ଛୁରୀ
ନିଦ୍ରାଶେଷେ ପୁଣି ସେଇ କାରାଗାର
ଅଂଧାର ସ ଶତେକ ପ୍ରହରୀ ।'

କୃଷ୍ଣଙ୍କ କାଳ୍ପନିକ ଜନ୍ମ ପରେ ଶେଷ କବିତା 'ପ୍ରତିଧ୍ୱନି' ମାଟି ଓ ମଣିଷର ନୈସର୍ଗିକ ସତ୍ୟକୁ ଉନ୍ମୋଚନ କରିଛି । ସମୟ ସୁଅରେ ବସୁଦେବ, କୃଷ୍ଣ ସମସ୍ତେ ଅପସରି ଯିବେ । ଏ ମାଟିକୁ ମଣିଷମାନଙ୍କର ଯିବା ଆସିବା ନିରନ୍ତର ଲାଗିଥିବା ମାଟି ପୁଣି ମଧୁମତୀ ହେବା ପ୍ରେତାତ୍ମାମାନେ ପୁଣି ଫେରି ଆସିବେ ମାଟିକୁ । କବର ଫିଟାଇ ପୁଣି ମହାକାଳ ଫେରିବା କଂସ ସଂଗରୁ ପଡ଼ି ମରି ସାରିଥିବ ସେତେବେଳେକୁ ମାଟିକୁ ଫେରି ଆସିଥିବ ପ୍ରେମ-ଦୟା-ଭଲ ପାଇବାର ଭାଷା । ସୀତାକାନ୍ତ ଏହି ଫେରନ୍ତା ପ୍ରତିଧ୍ୱନିକୁ ରୂପ ଦେଇ କହିଛନ୍ତି ।

'ପ୍ରତିଧ୍ୱନି ଫେରି ଆସେ ଦୂରୁ ଗୋଟେ ହଜିଥିବା
ଆଶ୍ଚର୍ଯ୍ୟ ଓ ପରିଚିତ ସ୍ୱର
ଅପହୃତ ମୂରତିର, ବିଦଗ୍ଧ ପ୍ରତିଛବିର
ବାଲିବଂତ ସମୁଦ୍ର ତରଂଗ ଆଉ ଆକାଶ ଜଡ଼ାଇ
ଧସାବାଲି, ଅଂକରାନ୍ତି ଫୁଲ ଆଉ ଫଳରେ ବୁଡ଼ାଇ ।'

କବିତାର ଶେଷ ପର୍ଯ୍ୟାୟ ଗଭୀର ଆଶାବୋଧରେ ଶେଷ ହୋଇଛି । ସମସ୍ତ ପାପବୋଧ, ଅମଙ୍ଗଳତା, ଭୟାତୁରତା ସତ୍ତେ୍ୱ ଏ ପୃଥିବୀ ସଭ୍ୟତା ଉପରେ କବି ଆସ୍ଥା ପୋଷଣ କରିଛନ୍ତି । ଯନ୍ତ୍ରଣାର କାରାଗାରରୁ ଅଷ୍ଟମ ଗର୍ଭର ଆଲୋକ। ପୃଥିବୀକୁ ଫିଟି ପଡ଼ିବ ବୋଲି କବି ଇଚ୍ଛା ପୋଷଣ କରିଛନ୍ତି ।

## ୧ : ୩ : କବିତାର ଚେତନା ପକ୍ଷ ବିଶ୍ଳେଷଣ

'ମାଟି ଓ ମଣିଷ' କବିତା ପାଞ୍ଚଭାଗ ହୋଇ ଭିନ୍ନ ଭିନ୍ନ ଶିରୋନାମା ମଣ୍ଡିତ ହୋଇଥିଲେ ହେଁ ଏହା ପ୍ରକୃତରେ ଗୋଟିଏ କେନ୍ଦ୍ର ଚେତନାର ପାରିପାର୍ଶ୍ୱିକ ପ୍ରତିକ୍ରିୟା । ସମଗ୍ର କବିତା ଗୁଡ଼ିକ ଗୋଟିଏ ମୁଖ୍ୟ ଚେତନା ଉପରେ ପର୍ଯ୍ୟବେସିତ । ଏହି ଧାରଣାଟି କାଫ୍ କାଙ୍କ ନିସଙ୍ଗତା କାମ୍ୟୁଙ୍କ ସ୍ଥିତିବାଦୀତା, ଫ୍ରୟଡ଼ଙ୍କ ଯୌନ ନିଦର୍ଶନ, ନିତ୍ସେଙ୍କ ଈଶ୍ୱରବାଦ ଓ ଆଇଲ ଷ୍ଟାଇନ୍‌ଙ୍କ ଆପେକ୍ଷିକତତ୍ତ୍ୱ ଉପରେ ପର୍ଯ୍ୟବେସିତା କବି ସୀତାକାନ୍ତ ଏ ସବୁ ଧାରଣା ଗୁଡିକ ଭାରତୀୟ ରୂପଗଂଧ ଦେବାରପ୍ରୟାସ କରିଛନ୍ତି । ଏଥିପାଇଁ ଭାରତୀୟ ହିନ୍ଦୁ ଶାସାତ୍ର, ଦେବୀତତ୍ତ୍ୱ ସହ ଆଦିବାସୀ ସଂପ୍ରଦାୟର ଜନ୍ମ-ମୃତ୍ୟୁ-ଦେବତ୍ତୋର ଅନୁଭବ ଗୁଡିକୁ ଯୋଡ଼ିଛନ୍ତି । ଏହି ଭାବନାଟି ପୁଣି ଖ୍ରୀଷ୍ଟଧର୍ମତତ୍ତ୍ୱ ଓ ଇସ୍‌ଲାମୀୟ ଚିନ୍ତନ ଦେଇ ଏକ ସାର୍ବଜନୀତ ଚିରନ୍ତନ ଚିନ୍ତନରେ ପରିଣତ ହୋଇଛି । ଏହି ସମଗ୍ର ଅନୁଭବ ଓ ଚିନ୍ତନର ନିଷ୍କର୍ଷ ହେଉଛି ଯନ୍ତ୍ରଣାରେ ବଂଚୁଥିବା ପୃଥିବୀ ଓ ମଣିଷ ପାଇଁ ସବୁ ସ୍ୱପ୍ନ ଓ ସଂଭାବନା ଶେଷ ହୋଇଯାଇ ନାହିଁ । ଅଂଧାର ରାତିର ଛାତି ଚିରି ପୁଣି ଜନ୍ମ ଉଇଁବ 'କାରାଗାର'ର ପଥୁରିତ ଯନ୍ତ୍ରଣା ଯେଉଁ 'ମହାକାଳର ମୃତ୍ୟୁ'ରେ ଆହୁରି ତୀବ୍ରତର ଜ୍ୱଳନରେ 'ପ୍ରେତାତ୍ମାର ଶୋଭାଯାତ୍ରା ଓ ପରାବୃତ୍ତି'ରେ ସାମିଲ୍ ହୋଇଛି - ସେଇଠୁ ପୁଣି ଚିତ୍ତ ବୃତ୍ତିର ପରିବର୍ତ୍ତନ ଆସିବ । ବୌଦ୍ଧତତ୍ତ୍ୱରେ 'ପରାବୃତ୍ତି'ର ଅର୍ଥ ହେଉଛି ବିବେକ ଓ ବ୍ୟକ୍ତିସତ୍ତାର ପୁର୍ନଜାଗରଣ । ଏହା ଜୀବନର ଏକ ନୂତନ ଉଜ୍ଜୀବନ ଅବସ୍ଥା । ମଣିଷର ଥରେ ଏଇ ବିନ୍ଦୁରେ ପହଂଚି ଗଲେ 'ଦୁଃସ୍ୱପ୍ନର ରାତି' ଦୂରେଇ ଯିବ । ଯନ୍ତ୍ରଣାର ଜରାୟୁରୁ ଜନ୍ମ ହେବ ଅଷ୍ଟମଗର୍ଭ । ଥରେ 'ପଦ୍ମପାଦ' ମାଟିକୁ ସ୍ପର୍ଶ କଲେ ଜୀବନ ବଂଚିବାର ଓଁକାରମୟ । 'ପ୍ରତିଧ୍ୱନି' ମାଟି ଓ ଆକାଶରେ ସଂଚରି ଯିବ । ସମଗ୍ର କବିତାଟି ଏହି ଭାବଭୂମି ଉପରେ ପର୍ଯ୍ୟବେସିତ । ଯନ୍ତ୍ରଣା ପାଖରୁ ମୁକ୍ତି ଆଡକୁ ଏକ ରକ୍ତପଥ ଲଂବିଛି । ଏହି ପଥର ଯାତ୍ରା ରକ୍ତାକ୍ତ ହେଲେ ହେଁ ଶେଷରେ ଅମୃତର ଅତିଥି ହୋଇ ପାରିବ ବୋଲି କବି କହିଛନ୍ତି ।

'ମୃତ୍ୟୁ ନାହିଁ ଆକାଶର, ଯାଦୁକାରୀ ଆକାଶର
ମୃତ୍ୟୁ ନାହିଁ ଏ ମାଟିର, ତାରା ଆଉ ଫସଲର
ମେଘ ଆଉ ସମୁଦ୍ର ହାୱାର
ବିମଳନ ଆଲୁଅରେ ଆଦିମ ଆକାଶ ତଳେ
ମୃତ୍ୟୁ ନାହିଁ ଏ ମାଟିର ।'

ମଣିଷର ସିନା ମୃତ୍ୟୁ ଅଛି ହେଲେ ପ୍ରକୃତି ଅମୂର୍ତ୍ତ । ପ୍ରତିଟି ଅମୂର୍ତ୍ତ ଭିତରେ ଭରି ରହିଛି ଅମୃତର ଉତ୍ସ । କାରାଗାରରୁ ଫିଟି ମଣିଷ ଲଂବି ଯିବ ସେଇ ଅମୃତର ଠିକଣାକୁ । ସମଗ୍ର କବିତାଟି ଯୁଦ୍ଧ ପରବର୍ତ୍ତୀ ସନ୍ଧିପତ୍ର ପରି ଏକ ପ୍ରଶାନ୍ତଚିତ୍ତର ପ୍ରସନ୍ନତା ବାଖ୍ୟାକରେ । ଏହି କବିତା ମାନଙ୍କରେ ବସୁଦେବ - ଦେବକୀ-ଅଜୁମଗର୍ଡ଼ କଂସ (ଦ୍ୱିତୀୟର ବୋଲି କବିତାରେ ଉଲ୍ଲେଖିତ) କାରାଗାର, ମଥୁରା ଆଦି ନାମ ଓ ସ୍ଥାନର ଉଲ୍ଲେଖ କରି ସୀତାକାନ୍ତ ଏହାକୁ ଭାରତୀୟ ପୁରାଣ, କିଂବଦଂତି ସହ ଯୋଡ଼ିଛନ୍ତି । ପ୍ରତିଟି ସଭ୍ୟତାର ଶେଷ ଓ ଆରମ୍ଭର ପାପବୋଧ, କୁଶାସନ, ଭ୍ରଷ୍ଟାଚାର, ଯୌନାଚାର ଯେମିତି ଆଉ ଏକ ସୂର୍ଯ୍ୟୋଦୟକୁ ଡାକି ଆଣେ - ଏହି କବିତାଟି ସେହି ପୃଷ୍ଠଭୂମିରେ ରେଚିତ । କଂସର କାରାଗାରରୁ ବସୁଦେବ ଓ ଦେବକୀର ଯନ୍ତ୍ରଣାଲବ୍ଧ 'ଅଷ୍ଟମଗର୍ଭ' ସମଗ୍ର ବିଶ୍ୱକୁ ଆଲୋକିତ କରିଛି । ଏ କବିତାର ନାୟକ 'ବସୁଦେବ' ଆଜିବି କାରାଗାରରେ ବନ୍ଦୀ, ଏ ଯନ୍ତ୍ରଣାକୁ ସହିବା ପାଇଁ 'ମଥୁରାର କିମ୍ବଦନ୍ତି' ତା'ପାଇଁ ଉତ୍ସାହ ଓ ଉପଶମ ତିଆରି କରିବ । ଆଧୁନିକ 'ବସୁଦେବ' ମାନେ ଏହା ବୁଝିବା ପାଇଁ ଏପରି କବିତାର ଆବଶ୍ୟକତା ରହିଛି ।

**୧ : ୪ : ନିଷ୍କର୍ଷ :**

'ମାଟି ଓ ମଣିଷ' କବିତା ଦୀର୍ଘ କବିତା ପରଂପରାରେ ଗୋଟିଏ ଚେତନା ପ୍ରବାହୀ କବିତା । ପ୍ରୟୋଗବାଦୀ କବିତାର ଗଦ୍ୟବଂଧ, ଭିନ୍ନ ଭିନ୍ନ ଚେତନା ପ୍ରୟୋଗରେ ଏହା ରସାଣିତ । କବିତାରେ ଚିତ୍ରକଳ୍ପ ଓ ପ୍ରତୀକ ପ୍ରୟୋଗ ସହ କବି ମିଥ୍‌ର ବିପୁଳ ପ୍ରୟୋଗ କରିଛନ୍ତି ଏଥିରେ ପ୍ରୟୋଗ ହୋଇଥିବା ମଇଁଷି, ଘୁଷୁରୀ, ମାଙ୍କଡ଼ ମୃତ୍ୟୁର ପ୍ରତୀକ ଭାବରେ ସ୍ଥାନ ପାଇଛନ୍ତି । ଏହାଛଡ଼ା କବି ତାରା, ନକ୍ଷତ୍ର, ଆକାଶ, ଜହ୍ନ, ବଉଦ ଆଦି ଆର୍କିଟାଇପ୍‌ମାନଙ୍କର ପ୍ରୟୋଗ ଘଟାଇ କବିତାକୁ ଚିରନ୍ତନ ମାନ୍ୟତା ଦେବାର ପ୍ରୟାସ କରିଛନ୍ତି । ଚେତନା ।ପ୍ରୟୋଗ, କାବ୍ୟକଳା ଓ ବକ୍ତବ୍ୟ ବିନ୍ୟାସ ଦୃଷ୍ଟିରୁ ମାଟି ଓ ମଣିଷ ଏକ ସକରାତ୍ମକ କବିତା ।

**୧ : ୫ : ଆଦର୍ଶ ପ୍ରଶ୍ନାବଳୀ :**

**ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ :**

୧. ବସୁଦେବେ ଚରିତ୍ରର ଅସହାୟତା ଓ ମୁକ୍ତି ପ୍ରୟାସ ବିଶ୍ଳେଷଣ କର ।

୨. 'ଏ ଜୀବନ ଏକ କାରାଗାର' – ପଠିତ କବିତାରୁ ଏହି ଉକ୍ତିର ବିଶ୍ଳେଷଣ କର ।

୩. ପ୍ରେତାତ୍ମାର ଶୋଭାଯାତ୍ରାରୁ ସୃଷ୍ଟି ଚିତ୍ତ ପରିବର୍ତ୍ତନର ଯାତ୍ରାକୁ ଆଲୋଚନା କର ।

୪. ମାଟି ଓ ମଣିଷ ହିଁ ଚିରନ୍ତନ ସତ୍ୟ । ପଠିତ କବିତା ଭିତ୍ତିରେ ବିଶ୍ଳେଷଣ କର ।

**ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ :**

୫. 'ପ୍ରତିଧ୍ୱନି'ର ଅର୍ଥ କଣ ?

୬. 'ଅଷ୍ଟମଗର୍ଭ' କହିଲେ କଣ ବୁଝ ?

୭. କବି ସୀତାକାନ୍ତ ମହାପାତ୍ରଙ୍କ ପରିଚୟ ପ୍ରଦାନ କର ।

୮. 'ଦ୍ୱିତୀୟର ମୃତ୍ୟୁ' କହିଲେ କଣ ବୁଝାଯାଏ ?

–୦–

# ନିମନ୍ତ୍ରଣ

## କବି : ଦୀପକ ମିଶ୍ର

**ସୂଚନା :**

କବି ଦୀପକ ମିଶ୍ର ପ୍ରୟୋଗବାଦୀ କାବ୍ୟ ଧାରାରେ ଜଣେ ପ୍ରତିଷ୍ଠିତ କବି । ଜୀବନ ଓ ମୃତ୍ୟୁ ଭିତରେ ଯେଉଁ ଜୀବନ ସ୍ରୋତ ପ୍ରବାହିତ ହୁଏ, ତାର ଜଣେ ବୌଦ୍ଧିକ ଅଥଚ ରସପ୍ରାଣ ବାଖ୍ୟାକାର ଭାବରେ ଦୀପକ ମିଶ୍ରଙ୍କର ପ୍ରତିଷ୍ଠା ରହିଛି । ଦୀପକ ମିଶ୍ରଙ୍କ କବିତାର ବିଶେଷତ୍ୱ ହେଉଛି ତାଙ୍କର ନିର୍ଭୀକ ଶବ୍ଦ ଆଡ଼ମ୍ବର ଓ ଜୀବନ ପ୍ରତି ଏକ ରହସ୍ୟମୁକ୍ତ ଦୃଷ୍ଟିଭଂଗୀ । କବି ଜୀବନ, ଉପଭୋଗ, ଈଶ୍ୱର ଓ ମୃତ୍ୟୁକୁ ନେଇ ତାଙ୍କ କାବ୍ୟ ସାମ୍ରାଜ୍ୟ ନିର୍ମାଣ କରିଛନ୍ତି । ଏଥିରେ ଅନେକ ସମୟରେ ଜୀବନର ଜିତାପଟ ହୁଏତ ପୁଣି କେତେବେଳେ ଜିତେ ମୃତ୍ୟୁ । ଅନ୍ୟ ଅର୍ଥରେ କହିଲେ ଜନ୍ମର ଏନ୍ତୁଡ଼ି ପାଖରୁ ମୃତ୍ୟୁର କୋକେଇ ପର୍ଯ୍ୟନ୍ତ ଏକ ପ୍ରଲମ୍ବିତ ଯାତ୍ରା ହେଉଛି ଦୀପକ ମିଶ୍ରଙ୍କ କବିତା । 'ନିମନ୍ତ୍ରଣ' କବିତା କବିଙ୍କ 'ସପ୍ତମରତୁ' କବିତା ସଂଗ୍ରହଣୁ ଆସିଅଛି । କବି ଏହି କବିତାରେ 'ପକ୍ଷୀକୁ ନାୟକ କରି ନିଜକୁ ପୁନଃଆବିଷ୍କାର କରିବାର ପ୍ରୟାସ କରିଛନ୍ତି । ପକ୍ଷୀସତ୍ତା ଓ କବିସତ୍ତା କବିତା ଭିତରେ ଏକାତ୍ମ ହୋଇ ଯାଇଛନ୍ତି । ଏହି ପକ୍ଷୀଭାବନା ସମଗ୍ର କବିତାକୁ ମାଟି ଓ ଆକାଶର ମିଳନ ମଂଚରେ ପରିଣତ କରିଦେଇଛି । 'ପକ୍ଷୀ'କୁ ପ୍ରତୀକ କରି ପ୍ରାଚୀନଠାରୁ ଆଧୁନିକ ଓଡ଼ିଆ କବିତା ପର୍ଯ୍ୟନ୍ତ ଅନେକ ଉର୍ବର କବିତା ରଚନା କରାଯାଇଛି । ଦୀପକ ମିଶ୍ରଙ୍କ ଆକାଶର ପକ୍ଷୀକୁ 'ନିମନ୍ତ୍ରଣ' ଏ ପରଂପରାରେ ଟିକେ ନିଆରା । ନିମ୍ନରେ କବି ପରିଚୟ ସହ ଏହି କବିତାଟିକୁ ସଂପୂର୍ଣ୍ଣ ବାଖ୍ୟା କରାଯାଉଅଛି ।

### ୧ : ୦ : କବି ଦୀପକ ମିଶ୍ରଙ୍କ ପରିଚୟ

ପ୍ରୟୋଗବାଦୀ ଓଡ଼ିଆ କାବ୍ୟ ଧାରାରେ କବି ଦୀପକ ମିଶ୍ର ଜଣେ ଶ୍ରଦ୍ଧାଶୀଳ କବି ଭାବରେ ପାଠକଙ୍କ ପାଖରେପରିଚିତ । ଷାଠିଏ ଦଶକରୁ ନିରବଧି କବିତା ରଚନା କରି ଆସୁଥିବା ଦୀପକ ମିଶ୍ରଙ୍କ କବିତାରେ ନାରୀ ଓ ଈଶ୍ୱର ହିଁ ମୁଖ୍ୟ କାବ୍ୟ ବିଭବ । ନାରୀକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ତାଙ୍କ କବିତାମାନଙ୍କରେ ପ୍ରଣୟମୁଗ୍ଧ ସୌନ୍ଦର୍ଯ୍ୟ ବୋଧ ସହ ଏକ ଆକ୍ରମଣାତ୍ମକ ଯୌନ ପିପାସା ଲକ୍ଷ୍ୟ କରାଯାଏ । ନାରୀପ୍ରତି ଥିବା ସମସ୍ତ ସୁହାଗ ଓ ସମ୍ମୋହନ ବାସ୍ତବତାର ଭଉଁରୀ ଭିତରେ ଯେତେବେଳେ ବୁଡ଼ିଯାଏ, ଠିକ୍ ସେତିକିବେଳେ ତଦ୍‌ଉପୂନ୍ନ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ କବି ଈଶ୍ୱରଙ୍କ ପାଖକୁ ଫେରିଯାଆନ୍ତି । ଦୀପକ ମିଶ୍ରଙ୍କ କବିତାରେ ଈଶ୍ୱର ମଧ୍ୟ ସହଜରେ ଧରାଦିଅନ୍ତି ନାହିଁ । ଈଶ୍ୱରଙ୍କର ସ୍ଥିତି ନିର୍ଣ୍ଣୟ, କ୍ଷମତା ପରିସର ବର୍ଣ୍ଣନା, ଜନ୍ମ, ମୃତ୍ୟୁର ରହସ୍ୟ ଉନ୍ମୋଚନ ସହ, ଜୋବନର ଅଳୀକତା ପ୍ରତି ତୀର୍ଯ୍ୟକ୍ ବ୍ୟଙ୍ଗ ଦୀପକଙ୍କ ଈଶ୍ୱର ଏଷଣାର ଅନ୍ୟତମ ବିଭବ । ନାରୀର ନାଭିମୂଳ ପାଖରୁ ନିର୍ବାଣ ପର୍ଯ୍ୟନ୍ତ କବିଙ୍କର ଏହି ଯେଉଁ ଅନ୍ୱେଷଣରେ ଯାତ୍ରା ଏଥିରେ ଠାଏ ଠାଏ ମିଳେ ମୃତ୍ୟୁ । ଅରଣା ମଇଁଷିର ପିଠିରେ ବସି ନାୟକ ଖୋଜିଚାଲେ ତାର ନୂତନ ଠିକଣା । ପ୍ରୟୋଗବାଦୀ ଓଡ଼ିଆ କବିତାରେ 'ମୃତ୍ୟୁ'କୁ ନେଇ ଅନେକ କଂକ୍ରିଟ୍ କବିତା ରଚନା କରାଯାଇଛି । କବି ସଚ୍ଚିଦାନନ୍ଦ ରାଉତରାୟ, ଗୁରୁ ପ୍ରସାଦ ମହାନ୍ତି, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର ପ୍ରମୁଖ କବିଙ୍କ କବିତାରେ 'ମୃତ୍ୟୁ' ଏକ ଚେତନା ଭାବରେ ଆତ୍ମପ୍ରକାଶ କରିଛି । ଦୀପକ ମିଶ୍ର ଅନୁରୂପ ଭାବରେ ତାଙ୍କ କବିତାରେ ମୃତ୍ୟୁକୁ ଉପସ୍ଥାପନ କରିଛନ୍ତି ।

'ସତର୍କ ପାଦଥାପି ବାଦଶାହୀ ମୃତ୍ୟୁ ଆସେ ବୈରାଗୀର
ପୋଷାକ ପିନ୍ଧି ଓ ତା'ର ଅତି
ପୁରାତନ ତାମ୍ବୁରା ତାରରେ
ବାଜେ ସେଇ ଅତି ସାଧାରଣ
ସ୍ୱର – 'ଆ, ଆରେ ଦନାଇ'
ବାଲ୍ୟକାଳେ ପଡିଆରେ ପଡ଼ିଥିଲା
ତୋର ଯେଉଁ ଛାଇ
ସେ ବି ମୋର ଛାଇ – କୋମଳ ମୃତ୍ୟୁର
ବାସର ଘର ଫୁଲଶେଯ ଧରିଥିଲା
ତୋର ଯେଉଁ ଛାଇ
ସେ ବି ମୋର ଛାଇ–ଉତ୍ତପ୍ତ ମୃତ୍ୟୁର ।' (ଅରଣା ମଇଁଷି)

ଦୀପକ ମିଶ୍ରଙ୍କ କବିତାରେ ମୃତ୍ୟୁର ସାର୍ବଜନୀନ ଉପସ୍ଥାନ ଲକ୍ଷ୍ୟ କରାଯାଏ । ପ୍ରେମ, ଶୃଙ୍ଗାର, ବିଚ୍ଛେଦ ସବୁଜ ମଅତ୍ୟୁର ଉପସ୍ଥିତି । ଅନେକ ସମୟରେ ପାଠକର ମନେହୁଏ କବି ଦୀପକ ହେଉଛନ୍ତି ମୃତ୍ୟୁର କବି । ପରନ୍ତୁ ଏହି ମୃତ୍ୟୁର ପୃଷ୍ଠ ଭୂମି ଭିତରୁ ମହାକାଳର ଚିତ୍ରଟି ଜଣାପଡ଼େ ।

'ଏତେ ବଡ଼ ଆକାଶର
ଏତେ ଟିକେ କୋଣରେ
ଧୁକୁ ଧୁକୁ ହେଉଥିବା
ମେଘର ଦେହକୁ
ଗୋଧିଜିଭ ଭଳି
ଚାଟି ନେଉଛି ବିଜୁଳି ।
ଏହାର ନାଁ କଣ କାଳ ।' (ପ୍ରଳୟ)

ମୃତ୍ୟୁ ଓ ମହାକାଳ ମଧରେ କବି ଯାହାକୁ ଖୋଜନ୍ତି ତାର ନାଁ ହେଉଛି ପ୍ରେମ । ଏହି ପ୍ରେମ ପାଇବା ପାଇଁ ତାଙ୍କର ସକଳ ପ୍ରାର୍ଥନା ଅନେକ ସମୟରେ ବ୍ୟର୍ଥ ବେଦନା ବିଧିର ହୃଦୟର ଭାଙ୍ଗିବାର ଗୀତ ପରି ଶୁଣାଯାଏ । ଈଶ୍ୱରଙ୍କ ଖୋଜି ଖୋଜି କବି ନୟାନ୍ତ ହୋଇପଡନ୍ତି । ଈଶ୍ୱର ଓ ନାରୀ ଏ ଦୁହେଁ ପୂର୍ଣ୍ଣ ଭାବରେ କବିଙ୍କୁ ମିଳନ୍ତି ନାହିଁ । ଅତଏବ ନାରୀ, ଈଶ୍ୱରଙ୍କ ଅପେକ୍ଷା ମୃତ୍ୟୁ ହିଁ ଅଧିକ ଶ୍ରେୟସ୍କର ବୋଲି ଦୀପକ ମିଶ୍ରଙ୍କ କବିତାରୁ ବୁଝାପଡ଼େ । ନିଜେ କବି ଜୀବନର ଶେଷ ପର୍ଯ୍ୟାୟରେ ଦୀପକ ମିଶ୍ର ନିଜର ପରିବର୍ତ୍ତିତ ଦୃଷ୍ଟି କୋଣ ସଂପର୍କରେ ଏକ ପରିଚୟ ଉପସ୍ଥାପନ କରିଛନ୍ତି ।

'ସାକ୍ଷୀ ରଖି ଅନ୍ତରୀକ୍ଷ
ସାକ୍ଷୀ ରଖି ଯକ୍ଷ–ରକ୍ଷ–ବାସୁକୀ–ତକ୍ଷକ

ଏତିକି ମୁଁ କହିପାରେ
କଳଙ୍କରେ ନାଇଁ ମୁଁ
ପଲଙ୍କରେ ନାଇଁ
ଖେଳୁଥାଏ ନିରୋଳା ପ୍ରେମରେ
ସଂଘରେ ନାଇଁ ମୁଁ
ଶ୍ରମଣରେ ନାଇଁ
ଶୋଇଥାଏ କାମନା ଓ କରୁଣାର କୁଶୀ ନଗରରେ ।'

(ସୁବର୍ଣ୍ଣ ସୁଖ : ସୁଖ ସଂହିତା)

ଦୀପକ ମିଶ୍ରଙ୍କ କବିତାରେ ଏହି ସବୁ ଭାବବାଦୀ ରହସ୍ୟମୟ ବିଶ୍ଳେଷଣ ଛଡ଼ା ମାଟି ଓ ମଣିରେ ସାମାଜିକ ସମସ୍ୟାକୁ ନେଇ କେତୋଟି ଗୁରୁତ୍ୱପୂର୍ଣ୍ଣ କବିତା ରହିଛି । ନିଜର ଆଭିଜାତ୍ୟପୂର୍ଣ୍ଣ ବର୍ଣ୍ଣନା, କବିତାରେ ସ୍ପଷ୍ଟ ବକ୍ତବ୍ୟ ଓ ତତ୍‌ସମ ଶବ୍ଦ ପ୍ରୟୋଗରେ ତାଙ୍କ କବିତା ଗୁଡିକ ଖୁବ୍ ସଂଭ୍ରାନ୍ତ ମନେ ହୁଅନ୍ତି । କବି ଦୀପକ ମିଶ୍ର ଷାଠିଏ ଦଶକରୁ ନିରବଧି କବିତା ରଚନା କରି ପ୍ରୟୋଗ ବାଦୀ ଓ ପରବର୍ତ୍ତୀ ଓଡ଼ିଆ କବିତାକୁ ସମୃଦ୍ଧ କରିଛନ୍ତି । କବିଙ୍କ ଦ୍ୱାରା ରଚିତ ଅନୁଷ୍ଟୁମ୍, ନିଜିନ ନକ୍ଷତ୍ର, ସପତମ ପୃଥିବୀ, ମଧ୍ୟାହ୍ନର ଛାଇ, ନିଷିଦ୍ଧ ଦ୍ରବ, ବୃତ୍ତ, ଦୀପକ ମିଶ୍ରଙ୍କ କେତୋଟି କବିତା, ରକ୍, ସୁଖ ସଂହିତା ଆଦି କବିତା ଗ୍ରନ୍ଥ ଗୁଡିକ ତାଙ୍କ ପ୍ରତିଭାର ପରିଚୟ ଦିଅନ୍ତି । ଆଲୋଚ୍ୟ କବିତା 'ନିମନ୍ତ୍ରଣ' କବିଙ୍କ ସପ୍ତମ ପୃଥିବୀ ଗ୍ରନ୍ଥରୁ ଆସିଅଛି । ଏହି କବିତାଟିରେ ଦୀପକ ମିଶ୍ରଙ୍କ ରହସ୍ୟମୟ ଆତ୍ମଅନ୍ୱେଷର ଓ ମହାକାଳ ସତ୍ତା ସହ ତଲ୍ଲୀନ ହେବାର ଅବକାଶ ପ୍ରକାଶ କରିଛି ।

### ୧:୧: ''ନିମନ୍ତ୍ରଣ' କବିତାର ପୃଷ୍ଠଭୂମି

ଅନ୍ୟ ପ୍ରୟୋଗବାଦୀ କବିତା ପରି 'ନିମନ୍ତ୍ରଣ' କବିତା ସ୍ୱାଧୀନତା ପରବର୍ତ୍ତୀ ନଗର ଜୀବନର ବସ୍ତୁବାଦୀ ବ୍ୟବସ୍ଥା ଜନିତ ଚିତ୍ତ ସଂଘର୍ଷରୁ ସୃଷ୍ଟି ହୋଇଛି । ଏହି ସମୟରେ ରଚିତ ହେଉଥିବା କବିତା ମାନଙ୍କରେ ଜୀବନ ଓ ମୃତ୍ୟୁକୁ ନେଇ ଏକ ରହସ୍ୟମୟ ଉପଲବ୍ଧି ପ୍ରକାଶ ପାଇଥିଲା । କବି ତତ୍କାଳୀନ ମାନସିକ ବ୍ୟର୍ଥତାରୁ ମୁକ୍ତି କାମନା କରି ପରମେଶ୍ୱରଙ୍କ ସତ୍ତା ସହ ଯୋଡ଼ିହେବାକୁ ପ୍ରୟାସ କରୁଥିଲା । ଧୂଆଁଳିଆ ମାଟି ଉପରେ ଠିଆ ହୋଇ ଅକାଶକୁ ଅନେଇଲେ ଈଶ୍ୱର ମିଳୁ ନ ଥିଲେ । ଧୂଆଁଳିଆ ମାଟିର ଦୀର୍ଘ ଶ୍ୱାସରେ ଆକଶବି ଧୂସର ମନେ ହେଉଥିଲା । ଏହି ସମୟରେ ରଚିତ କବିତା ମାନଙ୍କରେ ମୁକ୍ତି ବ୍ୟାକୁଳତା ପ୍ରଚଣ୍ଡ ଥିଲା – ଅଥଚ ମୁକ୍ତି ମିଳୁ ନ ଥିଲା । ରମାକାନ୍ତ ରଥଙ୍କ 'ସପ୍ତମଋତୁ' ସୌଭାଗ୍ୟ କୁମାର ମିଶ୍ରଙ୍କ 'ଅଂଧ ମହୁମାଛି' ସୀତାକାନ୍ତ ମହାପାତ୍ରଙ୍କ 'ସମୁଦ୍ର' ଓ କବି ଦୀପକ ମିଶ୍ରଙ୍କ 'ସପ୍ତମ ପୃଥିବୀ' ୧୯୭୭ ମସିହାରେ ପ୍ରକାଶ ପାଇଛି । ଗୋଟିଏ ବର୍ଷ ଭିତରେ ପ୍ରକାଶ ପାଇଥିବା ଏହି ସମସ୍ତ କବିତା ପୁସ୍ତକର ମୂଳ ଚେତନାଟି ହେଉଛି ଯନ୍ତ୍ରଣାରୁ ମୁକ୍ତି ଅନ୍ୱେଷଣ । ଅନ୍ୟପକ୍ଷରେ ଏହି ସବୁ କବିତା ଗୁଡିକ ସ୍ଥିତିବାଦୀ ଚେତନା ସହ ସିଧାସଳଖ ସଂପର୍କ ରଖିଥିବା ହେତୁ ବ୍ୟକ୍ତିସତ୍ତାର ସ୍ୱତନ୍ତ୍ରତା କୌଣସି ପରିସ୍ଥିତିରେ ବିଲୁପ୍ତ ହେବା କବିମାନେ ଚାହିଁ ନାହାଁନ୍ତି । କାବ୍ୟନାୟକ ତମାମ ଦୁଃଖ ସହ ବଂଚି ରହିଛି । ଏହା ତାର ଅହଙ୍କାର ଓ ଅଳଙ୍କାର । ବଂଚିବାର ମାଧ୍ୟମ କାବ୍ୟ ନାୟକର ଅସ୍ତିତ୍ୱ ଓ ପରିଚୟ । ଯେଉଁ ସମୟରେ ନିଜ ସତ୍ତାରୁ ଓହରି ମହାସତ୍ତା ସହ ମିଳିତ ହେବାର ଆଗ୍ରହ ପ୍ରକାଶ ପାଇଛି, ସେଇଠି କବିର ଚିତ୍ତ ସଂଘର୍ଷ ପ୍ରକାଶ ପାଇଛି । ୧୯୭୭ ମସିହାରେ ପ୍ରକାଶିତ କବିତା ପୁସ୍ତକମାନଙ୍କରେ ଏହି ଚିତ୍ତ ସଂଘର୍ଷର ବାସ୍ନା

ବେଶୀ । 'ନିମନ୍ତ୍ରଣ' କବିତା ଏହି ଚିତ୍ତ ସଂଘର୍ଷର ଫଳଶ୍ରୁତି । ବର୍ତ୍ତମାନର କାବ୍ୟ ନାୟକ ଯେତେ ପଶ୍ଚିମ ଅନୁବର୍ତ୍ତୀ ହେଲେ କଣ ହେବ, ତାର ମୂଳ ଚେରଟି ଭାରତୀୟ ବୁନିଆଦିରେ ପୋତି ହୋଇଛି । ଡାଳପତ୍ର ଗୁଡିକ ଯେତେବେଳେ ପଶ୍ଚିମ ଆଧୁନିକତାରେ ପୋଡ଼ିଯାଏ, ସେତେବେଳେ ତାର ମାଟି ଓ ଚେର ମନେପଡ଼େ । କାବ୍ୟ ନାୟକ ଖୋଜିଯାଏ ତାର ମାଟି ଓ ପରଂପରାକୁ । ଭାଗବତ ଓ ଭଗବତ୍ ବୋଧକୁ । ଏହି ଆତ୍ମ ଅନ୍ୱେଷଣରେ 'ପକ୍ଷୀ' ହୁଏ ଆତ୍ମାର ପ୍ରତୀକ । ପ୍ରାଚୀନ ସାହିତ୍ୟରେ ଆତ୍ମାକୁ ପକ୍ଷୀର ପ୍ରତୀକ ମାଧ୍ୟମରେ ଉପସ୍ଥାପନା କରାଯାଇଛି । ପାରା, ହଂସ, ହଳଦୀବସନ୍ତ ଆଦି ପକ୍ଷୀମାନେ ଆତ୍ମାର ପ୍ରତିନିଧିତ୍ୱ କରିଛନ୍ତି । ପଚଂସଖା ସାହିତ୍ୟ ଓ ପରବର୍ତ୍ତୀ ପଦାବଳୀ ସାହିତ୍ୟରେ ପକ୍ଷୀ ଚେତନାର ପ୍ରୟୋଗ ବଳିଷ୍ଠ ଭାବରେ କରାଯାଇଛି । ଆଧୁନିକ ଓଡ଼ିଆ କବିତାରେ ଏହିଧାରା ଅନୁସୃତ ହୋଇ 'ପକ୍ଷୀ'କୁ ଆତ୍ମା ପରିଭ୍ରମଣର ମାଧ୍ୟମ ଭାବରେ ଗ୍ରହଣ କରାଯାଇଛି । କବି ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ'ମାନସହଂସ' ଗୁରୁ ପ୍ରସାଦ ମହାନ୍ତିଙ୍କ 'ଆଖିର କପୋତ' ବେଣୁଧର ରାଉତଙ୍କ 'ଆକାଶର ପକ୍ଷୀ'କୁ ଏହାର ଉଦାହରଣ ଭାବରେ ଗ୍ରହଣ କରାଯାଇପାରିବ । କବି ଦୀପକ ମିଶ୍ରଙ୍କ 'ନିମନ୍ତ୍ରଣ' କବିତା ଏହି ପୃଷ୍ଠଭୂମି ଉପରେ ରଚିତ । ଏଥିରେ କବିଙ୍କ 'ପକ୍ଷୀ' ପ୍ରୟୋଗ ନିଜର ଆତ୍ମା ସହ ଏକ ପ୍ରତ୍ୟକ୍ଷାନୁଭୂତି । ସମଗ୍ର କବିତାଟିକୁ ଏହି ପୃଷ୍ଠଚେତନା ଆଧାରରେ ବିଶ୍ଳେଷଣ କରାଯାଇ ପାରିବ ।

### ୧:୨: ମୂଳ ପାଠ ଅଧ୍ୟୟନ

'ପକ୍ଷୀ'ଙ୍କୁ ସଂବୋଧନ କରି କବିତାର ଆରମ୍ଭ ହୋଇଛି । ମଉନ ବସିଥିବା ପକ୍ଷୀକୁ ନେଇ କବି ଅନେକ ପ୍ରଶ୍ନ କରିଛନ୍ତି । ପକ୍ଷୀର କୁଟୁମ୍ବ ଛାଡ଼ି ଚାଲିଯିବା (୧) ସେ ବାଟ ହୁଡ଼ି ଅନ୍ୟମନସ୍କ ହୋଇ ଯିବା (୨) କୌଣସି ସୁନ୍ଦର ଭବିଷ୍ୟତର ସ୍ୱପ୍ନରେ ବିଭୋର ହେବା (୩) ଆଦି ପ୍ରଶ୍ନ କରନ୍ତି କବି । ସତରେ କଣ ପକ୍ଷୀ ଏତେ କଥା ବାବୁଚି ? ଏ ପକ୍ଷୀଟି କିଏ ? ଏ ପକ୍ଷୀ ନିଜେ କବି ନୁହଁନ୍ତି ତ ? ନିଜର ଆତ୍ମ ପରିଚୟ ହଜେଇ ସଂସାର ସାଗରରେ ଅତୀତକୁ ରୋମନ୍ଥନ କରୁଥିବା ସବୁ ନିଃସଙ୍ଗ ଓ ଅସହାୟ ବ୍ୟକ୍ତିମାନଙ୍କର ପ୍ରତିନିଧି ନୁହେଁତ ଏ ପକ୍ଷୀ ? କବି ଯେଉଁ ତିନୋଟିପ୍ରଶ୍ନ ପକ୍ଷୀକୁ ପଚାରୁଛନ୍ତି – ପକ୍ଷୀକୁ ନୁହେଁ ନିଜକୁ ପଚାରୁଛନ୍ତି । ନିଜେ ନିଜର ଆତ୍ମ ସମୀକ୍ଷା କରୁଛନ୍ତି । ଏହି ତିନୋଟି ପ୍ରଶ୍ନ ହିଁ ସମଗ୍ର କବିତାର ନକ୍ସା ଓ ନିର୍ମାଣ । ପ୍ରଥମ ପ୍ରଶ୍ନରେ ଅଛି ସଂସାର ମୋହ ମାୟା । ଦ୍ୱିତୀୟ ପ୍ରାନରେ ଅଛି ପ୍ରଥମ ପ୍ରଶ୍ନର ପ୍ରତିକ୍ରିୟା । ତୃତୀୟ ପ୍ରଶ୍ନରେ ଅଛି ପ୍ରଥମ ପ୍ରଶ୍ନର ପଶ୍ଚାତ୍ତାପ ।

∴ ୧ = ୨ + ୩

ପ୍ରଥମ କାରଣ ପାଇଁ (ପକ୍ଷୀର କୁଟୁମ୍ବ ଛାଡ଼ି ଚାଲିଯିବା) ଦ୍ୱିତୀୟ ଓ ତୃତୀୟ କାରଣରସୃଷ୍ଟି । କବି ତୃତୀୟ ଜିଜ୍ଞାସାରେ ଯେଉଁ ନୂତନ ସଂଭାବନାର କଥା କହିଛନ୍ତି, ତାହାହିଁ କବିତାର ନିଷ୍କର୍ଷ । ଜୀବନର ଅପରାହ୍ନରେ ଯେଉଁ ତୃପ୍ତ ବ୍ୟର୍ଥତା ଆସେ, ମଣିଷ ସେଇଠି ପୁଣିଥରେ ଆତ୍ମ ସମୀକ୍ଷା କରେ । ଚାଲିଥିବା ବାଟରୁ ଫେରି ଆସିବାକୁ ଇଚ୍ଛାକରେ । ସତରେ ସେ କଣ ଫେରି ପାରେ ? ଫେରିବା ଓ ନଫେରିବାର ଏହି ଆତ୍ମମନ୍ଥନ ପ୍ରକ୍ରିୟାଟିକୁ କବି ଦୀପକ ମିଶ୍ର କାବ୍ୟିକତାର ସହ ଉପସ୍ଥାପନା କରିଛନ୍ତି ।

'ବୋଧେ ସେଇ ପିଶାଚର ବିସ୍ତାରିତ କାୟା
ତୋ' ଡୋଳାରେ ଲଗାଇଛି ବିପରୀତ ମାୟାର ଅଂଜନ
ତୋ କପାଳରେ ଜଳାଇଛି ଅଶେଷ ଶୋକର ଚିହ୍ନ
ତେଣୁ ତୁକି ମାଟି ଛାଡ଼ି ଅନ୍ତରୀକ୍ଷେ ରଖିଛୁରେ ମନ ?

ନିଜର କାୟା କୁଟୁମ୍ବ (କାମନାର ସମସ୍ତ ଦିଗ୍‌ବାଗ)କୁ ହରେଇ ଆତ୍ମଜ୍ବଳନରେ ଜଳୁଥିବା ପକ୍ଷୀ (ବ୍ୟକ୍ତି) ପାଇଁ ଗୋଟିଏ ମାତ୍ର ନିର୍ଭର ଅଭୟତା ହୋଉଛି କବିର କୋଳ । ଏଇଠୁ ପ୍ରଶ୍ନ ଉଠେ ନୀଳ ଆକାଶ ବଦଳରେ ପକ୍ଷୀ କାହିଁକି କବିର କୋଳରେ ଆଶ୍ରୟ ନେବ ? କବି ନିଜର ବ୍ୟକ୍ତିସତ୍ତା ଭୁଲି ରୂପାନ୍ତରିତ ହୋଇଯାଇଛି ଆକାଶରେ । ଆକାଶ ମନସ୍କ ହେବା ଅର୍ଥାତ୍ ଆକାଶ ପ୍ରତି ଆନୁଗତ୍ୟ ପ୍ରକାଶ ସହ ତାକୁ ଆତ୍ମସ୍ଥ କରିବା ହିଁ ଆକାଶର ଅବସ୍ଥିତି । ଏହା ଗୋଟିଏ ରୂପାନ୍ତରିଣ ପ୍ରକ୍ରିୟା । ଯେମିତି ସଁବାଳୁଆରୁ ପ୍ରଜାପତି ହେବା । ଭୋଗ, କାମ, କ୍ରୋଧ, ମାୟାରେ ବଂଚୁଥିବା କବିର କୋଳ ଏବେ ଗୋପ-ବୃନ୍ଦାବନ ।

‘ଆଉ କ’ଣ ଭାବୁଛୁରେ ଧନ
ମୋ କୋଳରେ ଲୁକ୍‌କାୟିତ ସେଇ ବୃନ୍ଦାବନ
ମୋ ମୁଠାରେ ରାଇ-କମଳିନୀ ରହିଛି ବିଭୋର
ଯଦିଓ ତା’ ଅଙ୍ଗବାସ ପଡ଼ିଅଛି ମଳା-ସାପପରି
କେଉଁଆଡ଼େ ଉଡ଼ିଗଲା ଅହକାରୀ ଧୂର୍ତ୍ତ କର୍ପୂର।

ନିଜକୁ ଅନ୍ୟର ଯୋଗ୍ୟରୂପେ ପ୍ରସ୍ତୁତ କରିବା ସବୁଠାରୁ ବଡ଼କଥା । ବ୍ୟକ୍ତିସତ୍ତାର ଏକ ପ୍ରଶାସ୍ତୀକରଣ ସ୍ୱରୂପ ଏଠାରେ ପ୍ରକାଶ ପାଇଛି । ଆକାଶକୁ ଉଡ଼ିଯିବା ସହଜ ଅଥଚ ନିଜକୁ ଆକାଶରେ ପରିଣତ କରିବା ବଡ଼ କଷ୍ଟ । କବି ଏଠି ନିଜେ ଆକାଶ କବି ପକ୍ଷୀକୁ ନିମନ୍ତ୍ରଣ କରିବାର ଆଉ ଗୋଟିଏ କାରଣ ହେଲା ଯେ ଆକାଶ ମୁଖୀ ପକ୍ଷୀ ତାଙ୍କୁ ଟିକେ ଛୁଇଁ ଦେଇଗଲେ, କବି ନିଜେ ଆକାଶମୁଖୀ ହୋଇପଡିବେ । ଯେଉଁ ଅମୃତ ପିପାସା ପକ୍ଷୀ ଭିତରେ ଜାଗିଛି, ସେ ଅମୃତ କାଣିକାର ଅଂଶୀଦାର ହେବେ କବି, କବି ସେଇଥିପାଇଁ ପକ୍ଷୀକୁ ନିମନ୍ତ୍ରଣ ଜଣାଉଛନ୍ତି ।

‘‘ତୋ’ ପ୍ରସନ୍ନତାର ଆସଙ୍ଗ ଲିପ୍‌ସାରେ
ଏ ସନ୍ଧ୍ୟାର ନିଃସଙ୍ଗତା ଦୂର ହେଉ
ଯେପରି ବର୍ଷାର ଉଲଗ୍ନ ଶୀତଳ ହାତ ଅନ୍ୟକୁ ଦେଇଥାଏ
ଅନନ୍ୟ ଉତ୍ତାପ ।’’

କବି ଦୀପକ ମିଶ୍ର ଏଠାରେ ପ୍ରୟୋଗ କରିଥିବା ଭାବ କଳ୍ପଟି ବେଶ୍ ଗୁରୁତ୍ୱ ପୂର୍ଣ୍ଣ । ବର୍ଷା ଶୀତଳ ହାତ ଅନ୍ୟକୁ ଉଷ୍ଣତା ପ୍ରଦାନ କରିଥାଏ । ପକ୍ଷୀର ସ୍ପର୍ଶରେ କବି ସେହି ଉତ୍ତାପ ଅନୁଭବ କରିବେ । ଏଠାରେ ଉତ୍ତାପ ଅର୍ଥ ଆଲୋକ । ଜୀବନରେ ଉତ୍ତାନପାଦ ଅତିକ୍ରମତାର ଆନନ୍ଦ । ଏଇ ଟିକକ ସ୍ୱାର୍ଥ ପାଇଁ କବି ପକ୍ଷୀକୁ ନିମନ୍ତ୍ରଣ ପଠାନ୍ତି । ଏହି କବିତାରେ କବି ସତ୍ତା, ପକ୍ଷୀସତ୍ତା ଓ ବ୍ରହ୍ମସତ୍ତା ଏକାଠି ଅନୁବଂଧିତ ହୋଇଥିବା ପାଠକ ଲକ୍ଷ୍ୟ କରିବା ସମଗ୍ର କବିତାରେ ପକ୍ଷୀକୁ ସଂବୋଧନ କରାଯାଇ ପକ୍ଷୀ ଓ କବି ଆଉ ଗୋଟିଏ ତୃତୀୟ ସତ୍ତା (ବ୍ରହ୍ମ) ଆଡ଼କୁ ଅଗ୍ରସର ହେବାର ସୂଚନା ରହିଛି । ପୁନଶ୍ଚ ଏହି କବିତାରେ କବି ସତ୍ତା ଓ ବ୍ରହ୍ମସତ୍ତା ଏକ ହୋଇ ପକ୍ଷୀକୁ ଆହ୍ୱାନ କରିଛନ୍ତି । କବି ଦୀପକ ମିଶ୍ର କହିବାକୁ ଚାହାଁନ୍ତି ଏହି ତିନୋଟି ସତ୍ତା ପରସ୍ପର ପରିପୂରକ । ଜଣେ ବାର୍ହ୍ୟକ ଓ ଆଉ ଜଣେ ଅଦୃଶ୍ୟ ରୂପକ । ଦେହ-ମୋହ-ମୋକ୍ଷ ରୂପରେ ଏ ତିନିଜଣଙ୍କ ଅବସ୍ଥାନ, କବି କବିତାର ଶେଷରେ ତୋହାହିଁ କହନ୍ତି-

‘ଡର କ’ଣ, କାହାକୁ ବାଡ଼ର–ଏଇ ଦେଖ,
ଏ ବ୍ରହ୍ମାଣ୍ଡ ହିଁ ମୋର କୋଳା ଆ, ତୁ ଖସିଆ
ନିଃସଙ୍ଗତାର ଦୁର୍ଗ ଭିତରୁ ପିଶାଚରେ ବେକଚିପି
ଓ ମୋ କୋଳରେ ବସିଥା’ତୁ ଅମର ଆୟୁଷନେଇ ।।’

ଏଠାରେ ପ୍ରୟୋଗ ହୋଇଥିବା ‘ନିଃସଙ୍ଗତାର ଦୃର୍ଗ’ ବ୍ୟକ୍ତି ସତ୍ତାର ଆତ୍ମରୋମନ୍ଥନ ଜନିତ ଗୈରିକବିଷାଦ ଓ ‘ପିଶାଚର ବେକଚିପି’ କାମନା ବାସନା ଠାରୁ ମୁକ୍ତିର କଥା କହୁଚି । ଏ ଦୁଇଟି ଘଟଣା ଜୀବନରେ ଗଟିଲେ ଜଣେ ‘ବ୍ରହ୍ମସତ୍ତା’କୁ ଅନୁଭବ କରିପାରିବ, ଯେଉଁଠି ଅଛି ବିକଳ୍ପ ବଂଚିବାର ଠିକଣା । ‘ନିମନ୍ତ୍ରଣ’ କବିତାଟି ଏହି ଭାବବୋଧ ଉପରେ ଠିଆ ହୋଇଛି । କବି ନିଜର ସୁକ୍ଷ୍ମସତ୍ତାକୁ ନିମନ୍ତ୍ରଣ କରନ୍ତି ବାହ୍ୟ ସତ୍ତାକୁ ଧ୍ୱଂସ କରିବା ପାଇଁ । ନଗର ସୁଖ ଭୋଗୁଥିବା ସବୁ ବସ୍ତୁପ୍ରିୟ ମଣିଷମାନଙ୍କର ଜୀବନରେ କେବେନା କେବେ ଏପରି ଅନ୍ୟମନସ୍କତା ଆସେ । ସେହି ସବୁ ଅନ୍ୟମନସ୍କତା ଗୁଡିକୁ ଗୋଟାଏ ଉଚ୍ଚାଙ୍ଗ ମୂଲ୍ୟ ଦେବା ପାଇଁ ‘ନିମନ୍ତ୍ରଣ’ କବିତା ଏକ ବିକଳ୍ପ । ନିମନ୍ତ୍ରଣ କବିତାରେ ଗୋଟିଏ ବୃହତ୍ତର ଜୀବନର ସଂଭାବନା ରହିଛି । ନୀଳ ଆକାଶକୁ ଉଡ଼ିଯିବା ନୁହେଁ ବରଂ ନିଜକୁ ଆକାଶରେ ପରିଣତ କରିବାର ଆହ୍ୱାନ ରହିଛି ।

## ୧:୩ ନିଷ୍କର୍ଷ

ମୂଲ୍ୟବୋଧ ଓ ବକ୍ତବ୍ୟ ଦୃଷ୍ଟିରୁ ବିଚାର କଲେ ‘ନିମନ୍ତ୍ରଣ’ ଗୋଟିଏ ଉଚ୍ଚାଙ୍ଗ କବିତା, ଓଡ଼ିଆ କବିତାରେ ପାପପୋଧ ଓ ଅମଙ୍ଗଳ କାମନାର କବିତା ରଚନା କରାଯାଉଥିବାବେଳେ ‘ନିମନ୍ତ୍ରଣ’ କାୟା ପରିବର୍ତ୍ତନର କଥା କହିଛି । ଜୀବନକୁ ନୂଆ ଭାବରେ ନିର୍ମାଣ କରିବାକୁ ଆହ୍ୱାନ ଦେଇଛି । ଏହାହିଁ ଏହି କବିତାର ସବୁଠାରୁ ବଡ଼ ସଫଳତା । ଅନ୍ୟପକ୍ଷରେ କବିତାର ସ୍ଥାପତ୍ୟ ନିର୍ମାଣ କଳାଟି ବେଶ୍ ମନଲୋଭା । କବି ନିଜକୁ ଦ୍ୱିତୀୟ ପୁରୁଷର ରଖି ପ୍ରଥମ ପୁରୁଷ ଭାବରେ ‘ପକ୍ଷୀ’କୁ ସଂବୋଧନ କରିଛନ୍ତି । ସମଗ୍ର କବିତାଟି ଗୋଟିଏ ସଂବୋଧନ ଭିତ୍ତିରେ ପ୍ରସ୍ତୁତ ହୋଇଛି । ଏହି ସଂବୋଧନର ବଂଧନୀ ଭିତରୁ ତୃତୀୟ ଚରିତ୍ରର ବିଶେଷ ଭୂମିକାଟି ସ୍ପଷ୍ଟବାରି ହୋଇ ପଡୁଚି । କବିତାର ଶେଷ ପର୍ଯ୍ୟାୟରେ ସମସ୍ତ ଚରିତ୍ରଗୁଡିକ କବିସତ୍ତାରେ ତଲ୍ଲୀନ ହୋଇ ଯାଇଛନ୍ତି । କବିତାର ଭାଷା ଗଂଭୀର ଅଥଚ କାବ୍ୟିକ। ଅଯଥା ବିମ୍ବ, ପ୍ରତୀକ ବର୍ଜିତ ଏହି କବିତାଟି ସୁବୋଧ ଓ ଜ୍ଞାନଗର୍ଭକ । ପକ୍ଷୀ ଚେତନାର କ୍ରମ ବିକାଶରେ ଏହି କବିତାଟିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ।

## ୧:୪ ଆଦର୍ଶ ପ୍ରଶ୍ନାବଳୀ

### ଦୀର୍ଘ ଉତ୍ତର ମୂଳକପ୍ରଶ୍ନ

୧. ‘ନିମନ୍ତ୍ରଣ’ କବିତାର ନାମକରଣର ସାର୍ଥକତା ପ୍ରତିପାଦନ କର ।

୨. ‘ପକ୍ଷୀ’ ପ୍ରତି କବିଙ୍କର ଯେଉଁ ଆଶଙ୍କା ସୃଷ୍ଟି ହୋଇଛି ତାର କାରଣ କଣ ?

୩. ଏହି କବିତାରେ ବ୍ୟକ୍ତିସତ୍ତା ଓ ପକ୍ଷୀସତ୍ତାକୁ ନେଇ ଯେଉଁ ସମୀକରଣଟି ରହିଛି ତାହାକୁ ବିଶ୍ଳେଷଣ କର ।

**ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ**

୪. 'ମୋ କୋଳରେ ଲୁକ୍କାୟିତ ସେଇ ବୃନ୍ଦାବନ'ର ଅର୍ଥ ବୁଝାଇ ଲେଖ ।

୫. କବି ଦୀପକ ମିଶ୍ରଙ୍କ ପରିଚୟ ପ୍ରଦାନ କର ।

୬. ପକ୍ଷୀର କେଉଁ ତିନୋଟି ସଂଭାବ୍ୟ ଦୁଃଖ କଥା କୁହାଯାଇଛି ।

୭. 'ନିମନ୍ତ୍ରଣ' କବିତା କେଉଁ ଗ୍ରନ୍ଥରୁ ଆସିଅଛି ।

୮. ୧୯୭୭ ମସିହାରେ ଅନ୍ୟକେଉଁ କବିତା ପୁସ୍ତକ ସବୁ ପ୍ରକାଶ ପାଇଛି ?

–୦–

# ତୃତୀୟ ୟୁନିଟ୍
# ଗୃହ ପ୍ରବେଶ

**କବି : ଜଗନ୍ନାଥ ପ୍ରସାଦ ଦାସ**

**ସୂଚନା :**

କବି ଜଗନ୍ନାଥ ପ୍ରସାଦ ଦାସ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କାବ୍ୟଧାରରେ ଜଣେ ପ୍ରତିଭାବାନ୍ କବି ଭାବରେ ଆତ୍ମପ୍ରକାଶ କରି ଉତ୍ତର ସତୁରୀ ପରବର୍ତ୍ତୀ ପର୍ଯ୍ୟାୟରେ ନିଜକୁ ପ୍ରତିଷ୍ଠା କରି ପାରିଛନ୍ତି । ୧୯୭୦ ମସିହାଟି ଓଡ଼ିଆ କବିତା କ୍ଷେତ୍ରରେ ପ୍ରଚଣ୍ଡ ପରୀକ୍ଷାର କାଳ । କବି ସଚ୍ଚିଦାନନ୍ଦ ରାଉତରାୟ, ଭାନୁଜୀ ରାଓ, ଗୁରୁପ୍ରସାଦ ମହାନ୍ତି, ରମାକାନ୍ତ ରଥ, ପ୍ରମୁଖ କବିମାନଙ୍କ କାବ୍ୟଚେତନା ଓ ଆଙ୍ଗିକ ସ୍ତରରେ ପରୀକ୍ଷା ନିରୀକ୍ଷା ଯୋଗୁ ଓଡ଼ିଆ କବିତା କ୍ରମଶଃ ଦୁର୍ବୋଧ ହୋଇଯିବା ସହ ପାଠକ ଠାରୁ ଦୂରେଇ ଆସୁଥିଲା । ଏହି ସମୟରେ ଜଗନ୍ନାଥ ପ୍ରସାଦ କବିତା ରଚନା କରି ସରଳ ଗଦ୍ୟଛନ୍ଦ ଓ କାବ୍ୟଭାଷା ମାଧମରେ ପାଠକ ମାନଙ୍କୁ ମୋହାବିଷ୍ଟ କରିବାର ପ୍ରୟାସ ଆରମ୍ଭ କଲା । ଜଗନ୍ନାଥ ପ୍ରସାଦ ପ୍ରୟୋଗ ବାଦ ଓ ପରବର୍ତ୍ତୀ ଉତ୍ତର ଅଶିକବିତାରେ  ଜଣେ ପ୍ରମୁଖ କବି ଭାବରେ ଆତ୍ମପ୍ରକାଶ କରି ନିଜସ୍ୱ ମୌଳିକ କାବ୍ୟ ଭାବନା, ଭାଷା ପ୍ରୟୋଗ ଓ ବିମ୍ବ ନିର୍ମାଣ ଦ୍ୱାରା ଓଡ଼ିଆ କବିତାକୁ ସମୃଦ୍ଧ କରିଛନ୍ତି । ସମକାଳୀନ ଜୀବନଧାରାର ଅନେକ ବିମର୍ଷ, ବିତର୍କ, ଗ୍ଲାନି ଓ ଅମଙ୍ଗଳବୋଧ ଜଗନ୍ନାଥ ପ୍ରସାଦଙ୍କ କବିତାରେ ପ୍ରମୁଖତା ସହ ପ୍ରକାଶ ପାଇଥାଏ । କବିଙ୍କ କବିତାର ମୁଖ୍ୟ କାବ୍ୟକେନ୍ଦ୍ରଟି ହେଉଛି ସମାଜ । ପୁରୁଣା ସମାଜ ବ୍ୟବସ୍ଥା ସହ ନୂଆ ସାମାଜିକ ପରିବର୍ତ୍ତନେ କିପରି ଆମ ଜୀବନ ଧାରାକୁ ପ୍ରଭାବିତ କରୁଛି । ସେ ସବୁର ବିଧିବଦ୍ଧ ପ୍ରକାଶ ଜଗନ୍ନାଥ ପ୍ରସାଦଙ୍କ କବିତାରେ ଦେଖାଯାଏ । କବି ଗୋଟାଏ ସାଧାରଣ ଘଟଣା ଭିତରେ ଦାର୍ଶନିକ ସୁଲଭ ବାସ୍ତବ୍ୟର ପ୍ରୟୋଗ କରନ୍ତି । କବିଙ୍କ କାବ୍ୟ ଭାଷା ଚିତ୍ରମୟ । ଜଗନ୍ନାଥ ପ୍ରସାଦଙ୍କ କବିତା ସହ ଗୋଟିଏ ଆଧୁନିକ କଳାକୃତୀର ସମାନ୍ତରଳ ଅଧ୍ୟୟନ କରାଯାଇପାରିବ । କବି କବିତା ଲେଖନ୍ତି ସତ କିନ୍ତୁ ଅନେକ ସମୟରେ ଏହାଚିତ୍ର ଆଙ୍କିବା ତାର ମନେହୁଏ । ଆଲୋଚ୍ୟ କବିତା 'ଗୃହ ପ୍ରବେଶ' ଏହିପରି ମନୋଭୂମିରୁ ବିକଶିତ ହୋଇଛି । କବିଙ୍କ ଯାତ୍ରାର ପ୍ରଥମ ପାଦ (୧୯୮୮) କବିତା ସଂଗ୍ରହରେ ଗ୍ରଥିତ 'ଗୃହ ପ୍ରବେଶ' କବିତା ଆମର ମୃତ୍ୟୁ ବୋଧ ଓ ନୂତନ କାୟାପ୍ରବେଶ ସଂପର୍କିତ ଏକ ଦାର୍ଶନିକ ବିଶ୍ଳେଷଣ । ସମଗ୍ର କବିତାଟିକୁ ଆଲୋଚ୍ନାର ସଂପ୍ରସାରଣତା ଦୃଷ୍ଟିରୁ ନିମ୍ନମତେ ବିଶ୍ଳେଷଣ କରାଯାଇଅଛି ।

୧:୦ କବି ଜଗନ୍ନାଥ ଦାସଙ୍କ କବି ପରିଚ୍ୟ

୧:୧ 'ଗୃହ ପ୍ରବେଶ' କବିତାର ପୃଷ୍ଠଭୂମି ବିଚାର

୧:୨ 'ଗୃହ ପ୍ରବେଶ' ମୂଳପାଠ ଅଧ୍ୟୟନ ।

୧:୩ କବିତାର ଭାବ ବୋଧ ବିଶ୍ଳେଷଣ

୧:୪ ନିଷ୍କଷ

୧:୫ ଆଦର୍ଶ ପ୍ରଶ୍ନାବଳୀ

କବି ଜଗନ୍ନାଥ ପ୍ରସାଦ ଜଣେ ଜୀବନନିଷ୍ଠା କବି ହୋଇଥିବାରୁ ତାଙ୍କ କବିତାରେ ସମାଜ ଉତ୍ପନ୍ନ ବିଭିନ୍ନ ତାତ୍କାଳୀକ ପ୍ରତିକ୍ରିୟା ଉପଲବ୍ଧ ହୋଇଥାଏ । ୧୯୮୦ ମସିହା ପରବର୍ତ୍ତୀ ବିବର୍ତ୍ତିତ ସାଂସ୍କୃତିକ ବ୍ୟବସ୍ଥାରୁ ଆଲୋଚ୍ୟ କବିତାର ସୃଷ୍ଟି । କବିତାର ପ୍ରାଞ୍ଜଳ ଅବବୋଧ ଦୃଷ୍ଟିରୁ ନିମ୍ନରେ ଏହାକୁ ଉପରେ ଲିଖିତ ପର୍ଯ୍ୟାୟ ସୂଚୀ ଅନୁଯାୟୀ ଆଲୋଚନା କରାଯାଇଛି

## ୧.୦ କବି ଜଗନ୍ନାଥ ଦାସଙ୍କ କବି ପରିଚୟ

କବି ଜଗନ୍ନାଥ ପ୍ରସାଦ ଦାସ ଜଣେ ପ୍ରତିଶ୍ରୁତି ବଦ୍ଧ କବି ଭାବରେ ଆତ୍ମପ୍ରକାଶ କରି ଉତ୍ତର ଅଶିସମୟରେ ଓଡ଼ିଆ କବିତା କ୍ଷେତ୍ରରେ ନିଜସ୍ୱ ପରିଚୟ ସୃଷ୍ଟି କାରିବାରେ ସମର୍ଥ ହୋଇଛନ୍ତି । ଆରମ୍ଭରୁ ତାଙ୍କ କାବ୍ୟ ଚେତନା ରୋମାଣ୍ଟିକ୍ ପ୍ରାଣତା ନେଇ ପ୍ରକାଶ ପାଇଥିବାବେଳେ ପରବର୍ତ୍ତୀ ସମୟରେ ଜଣେ ବାସ୍ତବ ଦ୍ରଷ୍ଟା ଭାବରେ ସମକାଳୀନ ସମାଜ ଓ ଜୀବନଧରାର ମୂଲ୍ୟାୟନ କରି ଦାର୍ଶନିକ ଉପଲବ୍ଧି ପ୍ରଦାନ କରିବା ତାଙ୍କର ପ୍ରଧାନ କାବ୍ୟ ଧର୍ମରେ ପରିଣତ ହୋଇଛି । କବିଙ୍କ ପ୍ରଥମ କବିତା ଗ୍ରନ୍ଥ 'ପ୍ରଥମ ପୁରୁଷ' ୧୯୭୧ ମସିହାରେ ପ୍ରକାଶ ପାଇଛି, ପ୍ରେମ, ବିରହ ଓ ତଜ୍ଜନିତ ଦେହନିର୍ଜନତା ଏସବୁ କବିତାର ମୁଖ୍ୟ ଉପାଦାନ । ଜଣେ ପ୍ରେମିକ କିଶୋରର ଅନୁରାଗ, ବ୍ୟର୍ଥତାକୁ ନେଇ ପ୍ରଥମ ପୁରୁଷ ସମୃଦ୍ଧ । ବର୍ଷ ୧୯୭୧ ମସିହାରେ ଅନ୍ୟ ପ୍ରମୁଖ କବିମାନଙ୍କର କଠୋର ପ୍ରୟୋଗବାଦୀ କବିତା ପ୍ରକାଶ ପାଉଥିବା ବେଳେ ତରୁଣ କବି ଭାବରେ କାବ୍ୟଧାରାକୁ ପ୍ରବେଶ କରି ସହଜ ପଦାବଳୀ ମାଧମରେ ପାଠକକୁ ଆକର୍ଷଣ କରିବା ହେଉଛି 'ପ୍ରଥମ ପୁରୁଷ' ର ସାଫଲ୍ୟ । ଏହି କବିତା ଗ୍ରନ୍ଥର ପାଠକୀୟ ସଫଳତା ପରେ କବି ଅଧିକରୁ ଅଧିକ ଜୀବନ ନିଷ୍ଠା ହୋଇ ବୃହତ୍ତର ସମାଜ ବ୍ୟବସ୍ଥାକୁ କବିତାରେ ଗ୍ରହଣ କରିଛନ୍ତି । ପ୍ରେମ ଜନିତ ଅପ୍ରାପ୍ତି କ୍ରମଶଃ ସମକାଳୀନ ଅମଙ୍ଗଳକାମନାରେ ବଦଳି ଯାଇଛି । ଜୀବନ ଓ ସମାଜ ପ୍ରତି ଏହି ପରିବର୍ତ୍ତିତ ଦୃଷ୍ଟି କୋଣକୁ ନେଇ କବିଙ୍କ ପରବର୍ତ୍ତୀ କବିତା ଗୁଡ଼ିକ ସମୃଦ୍ଧ ହୋଇଛି । କବିଙ୍କ 'ଅନ୍ୟ ଦେଶଭିନ୍ନ ସମୟ' (୧୯୮୨) 'ଯାତ୍ରାର ପ୍ରଥମ ପାଦ୍' (୧୯୮୮) 'ଆହ୍ନିକ' (୧୯୯୦) 'ସ୍ଥିରଚ଼ିତ୍ର' (୧୯୮୧) 'ସଚରାଚର' (୧୯୯୪) 'ସୃତିରପ୍ରହର' (୧୯୯୫) 'ପରିକ୍ରମା' (୧୯୯୮) ଏହି କ୍ରମରେ ନୂତନ ଜୀବନବଦୀ ଚ଼େତନା ନେଇ ଆତ୍ମ ପ୍ରକାଶ କରନ୍ତି । କବିଙ୍କ 'ଅନ୍ୟସବୁ ମୃତ୍ୟୁ' (୧୯୭୫) 'ଯେ ଯାହାର ନିର୍ଜନତା' (୧୯୭୯) ଜୀବନର ଅମଙ୍ଗଳ କାମନା ଓ ମୃତ୍ୟୁବୋଧକୁ ନେଇ ଦୁଇଟି ବଳିଷ୍ଠ ଉପଲବ୍ଧି । ଅନ୍ୟ କବିଙ୍କ ପରି ଜଗନ୍ନାଥ ପ୍ରସାଦଙ୍କ କବିତାରେ ମୃତ୍ୟୁ ଜଟିଳତା ନାହିଁ ପରନ୍ତୁ ଅତି ସାଧାସିଧା, ସହଜ ଭାବରେ ମୃତ୍ୟୁ ଓ ଜୀବନ ସଂଲଗ୍ନ ବାସ୍ତବତାର କବିଭାବରେ କବିଙ୍କ ଭୂମିକା ପ୍ରତିଧାନ ଯୋଗ୍ୟ । କବିଙ୍କ ପ୍ରଥମ କବିତା ଗ୍ରନ୍ଥ 'ପ୍ରଥମ ପୁରୁଷ' ରେ ଜଣେ ନିମଜ୍ଜିତ ପ୍ରେମିକର କଣ୍ଠ ସ୍ୱର ଶୁଣାଯାଏ । ଦେହଦାହରେ ଉବୁଚୁବୁ କିଶୋର ପ୍ରେମିକର ରୋମାଣ୍ଟିକ ନିଃସଙ୍ଗତାରୁ ଏକ ବିପ୍ରଲଂବୀୟ ନିମନ୍ତ୍ରଣ ପ୍ରକାଶ ପାଏ ।

'ମଲା ଲୋକମାନଙ୍କ ସହିତ ତମ ମନ୍ତ୍ରଣାର ଶେଷହୋଇ
ତମେ ଆସ ଛମଛମ
ରୂପାର ଘୁଙ୍ଗୁର ପିନ୍ଧି ଆଜି ମୋ ସ୍ୱପ୍ନରେ
ଆଜିସବୁ ଲିଭିଯାଇ ଏ ମନ୍ଦିର ଧୂଳିସାତ୍ ହେଉ
ରାତିସବୁ ଜଳିଯାଉ ଦେହର ଦାହରେ
ସମସ୍ତ ଅବୃତ୍ତ କରୁ ଋପ ବର୍ଣ୍ଣ ସ୍ୱରର ଅନ୍ଧାର

ତମ ହାତ ଅକ୍ଟୋପାସ ହୋଇ ମତେ ନିଷ୍ପେସିତ କରୁ
ତମ ପାଦ କ୍ଷୁପକାଠ ହୋଇ ମତେ ବନ୍ଦ କରୁ
ଚିରି ଯାଉ ମୋ ହାତର  ଦଶକି ପାଖୁଡ଼ା
ତମ ସ୍ତନର କ୍ୟାକ୍‌ଟସ୍ ଲାଗି
ତମ ଦେହ ଚୋରାବାଲି ହୋଇଯାଉ ମତେ ଗ୍ରାସ କରୁ

(ଦେବୀ: ପ୍ରଥମ ପୁରୁଷ)

କବିଙ୍କ ଏହି ବିପ୍ରଲଂବୀୟ ବ୍ୟାକୁଳତା ବିଶ୍ଳେଷଣ ମାତ୍ରେ ସେ ଲକ୍ଷ୍ୟ କରିଛନ୍ତି ଲକ୍ଷ ଲକ୍ଷ କପଟ, ପର୍ବତ ପ୍ରାୟ ଛଳନା । କବି ଦେହ ଅପେକ୍ଷା ମଣିଷର ମାନସିକ ବିମର୍ଷକୁ କବିତାରେ କ୍ରମଶଃ ପ୍ରାଧାନ୍ୟ ଦେବା ଆରମ୍ଭ କରିଛନ୍ତି । ସାମାଜିକ ଘଟଣାକ୍ରମ କବିଙ୍କ କବିତାରେ ନୂତନ ଗୌରବ ବୃଦ୍ଧି କରିଛି ।

'ଏଠାରେ ଆକାଶର ରଙ୍ଗ ବାରୁଦ
ପବନରେ ପୋଡ଼ା ପେଟ୍ରୋଲର ଗନ୍ଧ
ରାସ୍ତାକୁ ଓହ୍ଲାଇଲେ ଦୁର୍ଘଟଣା
ପଛଗଳିର ଉଈଟି ଅନ୍ଧାର ଭିତରେ
ମୁଖାପିନ୍ଧି ବସିଥାଏ ସନ୍ତ୍ରସ
ଅଶ୍ଲୀଳତା ଚଢ଼ିଯାଏ ଝିଅଙ୍କ ବସ୍‌ରେ
ଜୋରକରି ହାତରେ ଛୁରୀ ଧରି ।'

(ମହାନଗର : ପରିକ୍ରମା )

ଜଗନ୍ନାଥ ପ୍ରସାଦଙ୍କ କବିତ୍ୱର ଗୋଟିଏ ବଡ଼ଶକ୍ତି ହେଉଛି ଶବ୍ଦକସାଣ । ନିଜର ବକ୍ତବ୍ୟକୁ ଲକ୍ଷ୍ୟ ଭେଦି କରିବା ପାଇଁ ସେ ଉପଯୁକ୍ତ କାବ୍ୟଭାଷା ବ୍ୟବହାର କରନ୍ତି । ଉପରେ ବର୍ଣ୍ଣିତ କାବ୍ୟାଂଶରେ ଭାଷା ସେହି ଦୃଷ୍ଟିରୁ କାବ୍ୟିକତା ଓ ଆବେଗ ପୂର୍ଣ୍ଣ । ଜଣେ କବିର ପ୍ରାଥମିକ ଦାୟିତ୍ୱ ହେଉଛି ସମାଜ ଓ ବ୍ୟକ୍ତି ଜୀବନର ଚିତ୍ର ପ୍ରକାଶ କରିବା । ଜଗନ୍ନାଥ ପ୍ରସାଦଙ୍କ ଆହ୍ନିକ, ସ୍ଥିରଚିତ୍ର, ପରିକ୍ରମା, ସ୍ମୃତିର  ସହର ଆଜି କବିତା ଗ୍ରନ୍ଥ ମାନଙ୍କର ଏହାର ସଫଳ ପ୍ରୟୋଗ ଲକ୍ଷ୍ୟ କରାଯାଇ ପାରିବ। ଜଣେ ମୃତ୍ୟୁ ସଚେତନ କାବ୍ୟ ଶିଳ୍ପୀ ଭାବରେ କବିଙ୍କର ମୃତ୍ୟୁ ଚେତନାଟି ଅନ୍ୟ ପ୍ରମୁଖ କବିମାନଙ୍କ ପରି ମୃତ୍ୟୁ ଆଡ଼ମ୍ବର ବା ପ୍ରତିକ୍ରିୟା ଧର୍ମୀ ନୁହେଁ । କବି ନିରନ୍ତର ଜୀବନ ଯାତ୍ରାରେ ମୃତ୍ୟୁକୁ ଭେଟନ୍ତି । ସମକାଳୀନ ସମାଜ ବ୍ୟବସ୍ଥାଟି ଏପରି ଜୀବନ ପ୍ରତିକୂଳ ଯେ ମଣିଷ ଯେ କୌଣସି ରୂପରେ ମୃତ୍ୟୁକୁ ଅନୁଭବ କରିପାରେ ।

'କିଛି ବି ଅନ୍ତର ନାହିଁ
ଯେପରିକି ମୃତ୍ୟୁ ଓ ଜନ୍ମ ନହେବାରେ
ଏ ଘର ଯେପରି ଏକ ପ୍ରବେଶ ଓ ପ୍ରସ୍ଥାନର ଦ୍ୱାର
କିଛି ଲୋକ ଆସୁଥିବେ

କିଛି ଲୋକ ରହିଥିବେ ଘରରୁ ବାହାରକୁ
କିଛି ଲୋକ ରହିଥିବେ ଘର ।' (ଅନ୍ୟ ସବୁ ମୃତ୍ୟୁ)

'ଘର' ଏଠାରେ ଗୋଟାଏ ସ୍ଥିତିଶୂନ୍ୟ ଆଦିଶୂନ୍ୟ । ମଣିଷଙ୍କର ଜନ୍ମ, ମୃତ୍ୟୁ ଏଠାରେ ଅର୍ଥହୀନ । ଏହା ଏକ ନିତ୍ୟ ନିରନ୍ତର ପ୍ରବାହ । ଏଥିରେ ନୂତନତା କଣ ଅଛି ? ଜଗନ୍ନାଥ ପ୍ରସାଦ ମୃତ୍ୟୁକୁ ନେଇ କୌଣସି ଆଡ଼ମ୍ବର ବା ଅଜିକ୍ରିୟ ପ୍ରତିକ୍ରିୟା ବ୍ୟକ୍ତ କରନ୍ତି ନାହିଁ ଜୀବନର ନିରନ୍ତର ପ୍ରବାହରେ ଅନେକ ସମୟୟରେ ମୃତ୍ୟୁ ବୋଧଟି ତାର ଗୁରୁତ୍ୱ ହରେଇବସେ ।

ପ୍ରେମ ମୃତ୍ୟୁ ସମାଜବୋଧର କବି ଭାବରେ ଜଗନ୍ନାଥ ପ୍ରସାଦ ଦାସଙ୍କର ଓଡ଼ିଆ କବିତାରେ ସ୍ୱତନ୍ତ୍ର ସିଦ୍ଧି ରହିଛି । ନିଜର ଗୀତ ପ୍ରାଣ ଗଦ୍ୟ ଛନ୍ଦ ସହ ସଂପ୍ରସାରଣଶୀଳ ବକ୍ତବ୍ୟ ଯୋଗୁ ପାଠକଙ୍କ ପାଖରେ କବିଙ୍କର ଲୋକ ପ୍ରିୟତା ସ୍ୱତନ୍ତ୍ର । କବିତା ରଚନା ଛଡ଼ା ଗଳ୍ପ , ନାଟକ , ଗବେଷଣା ଓ ପ୍ରବନ୍ଧ ରଚନାରେ ପଟୁତା ଅର୍ଜନ କରିଛନ୍ତି । କବି ଜଗନ୍ନାଥ ପ୍ରସାଦ ଦାସ ଜଣେ ନିଷ୍ଠାପର ଓ ତାଙ୍କ କବିତା ମାନଙ୍କରେ ପ୍ରକାଶିତ ହୋଇଥାଏ । ଉତ୍ତର ଅଶି ଓଡ଼ିଆ କାବ୍ୟଧାରାରେ ଜଣେ ଅଗ୍ରଗଣ୍ୟ କବି ଭାବରେ ଜଗନ୍ନାଥ ପ୍ରସାଦ ସୁପ୍ରତିଷ୍ଠିତ ।

**୧.୧ 'ଗୃହପ୍ରବେଶ' କବିତାର ପୃଷ୍ଠଭୂମି ବିଚାର :**

'ଗୃହପ୍ରବେଶ' ମୃତ୍ୟୁ ଚେତନା ଆଧାରିତ ଏକ ମନୋଜ୍ଞ କବିତା । ଅତଏବ ଏହି କବିତା ଆଲୋଚନା ପୃଷ୍ଠ ଭୂମିରେ ଓଡ଼ିଆ କବିତାର ପ୍ରବାହିତ ମୃତ୍ୟୁ ଚେତନା ସଂପର୍କରେ ଆଲୋକପାତ କରିବାକୁ ପଡ଼ିବ । 'ମୃତ୍ୟୁ' ଏକ ଚେତନା ଭାବେରେ ସ୍ୱାଧୀନତା ପରବର୍ତ୍ତୀ କବିତାରେ ବ୍ୟବହୃତ ହୋଇଛି । ମୃତ୍ୟୁକୁ ନେଇ ଆରମ୍ଭରୁ ଏତେ ଆଡ଼ମ୍ବରଟି ପ୍ରତିକ୍ରିୟା ନ ଥିଲା । ପ୍ରାଚୀନ ସାହିତ୍ୟରେ ମୃତ୍ୟୁକୁ କାବ୍ୟ କବିତାର ନିଷ୍କଷ, ଭାବଭୂମି, ମୋକ୍ଷର ପୃଷ୍ଠବିଚାର ଭାବରେ ପ୍ରୟୋଗ କରାଯାଉଥିଲା । ପଞ୍ଚସଖା ଭଜନ, ସଂହିତା କାବ୍ୟ ମାନଙ୍କରେ ଏ ସଂପର୍କିତ ବ୍ୟାପକ ସୂଚନା ରହିଛି । 'ଓଲଟ ବୃକ୍ଷେ ଖେଳୁଛି ଲୋଟଣିପାରା', 'ଲୋଟିଗୋ ଯିବା ହଂସକୁ ଦେଖି' ଆଦି ଗୀତିକା ମାଧ୍ୟମରେ ମାୟାସଂସାର ପ୍ରତି ବିମୁଖ୍ୟ ରହିବା ପାଇଁ ମୃତ୍ୟୁକୁ ପ୍ରୟୋଗ କରାଯାଉଥିଲା । କବି ଯୋଗୀନ୍ଦ୍ର ବିପ୍ର ଟୀକାଗୋବିନ୍ଦଚନ୍ଦ୍ର ମାଧ୍ୟମରେ ସଂସାରୀମଣିଷକୁ ମୃତ୍ୟୁର ଭୟାବହତା ସଂପର୍କରେ ସଚେତନ କରାଇ ଦେଇଛନ୍ତି ।

'ଭଜୁକିନା ରାମ ନାମରେ ରାଜନ ବୋଲୁକିନା ରାମ ନାମ
ଭଜି ନ ପାରିଲେ କୁଳଚନ୍ଦ୍ରମାରେ ବାନ୍ଧିନେବ କାଳଯମ ।
ସେହି କାଳଯମ ବଡ଼ ଦାରୁଣରେ ନ ଜାଣଇ ଦୁଃଖ ସୁଖ
ବାଛି ନେବ କଞ୍ଚା ରଖିବ ପାଚିଲା ଦେବଟି ଦାରୁଣ ଦୁଃଖ ।'
(ଟୀକା ଗୋବିନ୍ଦଚନ୍ଦ୍ର)

ଅନେଶତ ରାଣୀଙ୍କ ସହ ଦାମ୍ପତ୍ୟ ସୁଖ ଭୋଗୁଥିବା ରାଜା ଗୋବିନ୍ଦଚନ୍ଦ୍ର ଏସବୁ ରାଜକୀୟତା ତ୍ୟାଗ କରି ଯୋଗୀ ହୋଇଛନ୍ତି । ମୃତ୍ୟୁ ଏଠାରେ ବୈରାଗ୍ୟ ଉଦ୍ରେକ ପାଇଁ ବ୍ୟବହୃତ ହୋଇଛି । ଜୀବନର ସତ୍ୟ ଓ ବାସ୍ତବତା ପ୍ରତି ସଚେତନତା ସୃଷ୍ଟି କରିବା ମୃତ୍ୟୁର ଦାୟିତ୍ୱ । ପଞ୍ଚସଖା ସାହିତ୍ୟରେ ମୃତ୍ୟୁର ଏହି କିୟାଶୀଳ ଭୂମିକା ସଂପର୍କରେ

ପରିଚୟ ମିଳେ । ସମାଜରେ ସମାଜିକ ଧର୍ମ ବ୍ୟାହତ ହେଲେ ଗଣମୃତ୍ୟୁର ସକଳ ସଭ୍ୟତା ନାଶ ଯିବ ବୋଲି ବର୍ଣ୍ଣନା ସବୁ ପ୍ରାଚୀନ ସାହିତ୍ୟରେ ରହିଛି । ଅଚ୍ୟୁତାନନ୍ଦ ଦାସ ଓ ହାଡୁ ଦାସଙ୍କ ମାଳିକାରେ ଆଗାମୀ ସମାଜର ସାମାଜିକ ଅକ୍ଷେୟ ଓ ଭୟଙ୍କର ପଙ୍କିଳ ପାଣିପାଗ ସଂପର୍କରେ ବର୍ଣ୍ଣନା ଅଛି ।

> 'ଦିନୁଦିନୁ ମହାପ୍ରବଳ ଘୋରକଳି ହୋଇବ
> ଦିବସେ ଅନ୍ଧାର କୁହୁଡ଼ି ବଢ଼ି ମାଡ଼ି ଆସିବ ।
> ଧନ୍ଦିହୋଇ ଲୋକେ ମରିବେ ଧର୍ମ ହୋଇବ ନଷ୍ଟ
> ଧୂମ ଉଦେହେବ ଆକାଶୁ ଘୋର ନାନାପ୍ରକଟ ।
> ନୀଚ ଲୋକ ଉଚ୍ଚ ହୋଇବେ ନାମ ଟେକ ଦେଖାଇ
> ଉତ୍ତମ ବଚନ କହିଣ ଜ୍ଞାନ କହିବେ ସେହି ।'
> (ହାଡୁଦାସ ମାଳିକା )

ମାଳିକା ବର୍ଣ୍ଣିତ ଭୟଙ୍କର ସମୟଟିକୁ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଲକ୍ଷ୍ୟ କରାଯିବ । କ୍ଷମତା ଓ ଅର୍ଥ ସର୍ବସ୍ୱ ମଣିଷ ଜୀବନରୁ ଧର୍ମ, ମୋକ୍ଷ, ଦୟା, ନମ୍ରତା ଦୂରେଇ ଯାଉଛି । ମୂଲ୍ୟବୋଧ, ମାନବିକତା, ରକ୍ତ ସଂପର୍କ ସବୁ ଫିକା ପଡ଼ିଯାଉଛି । ଅର୍ଥ ସର୍ବସ୍ୱ ମଣିଷ ଭଲ ପାଇବା ବୁଝେନା । ଉପଭୋଗୀ ଜୀବନ ବଞ୍ଚିବା ପାଇଁ ପରକୀୟା ଓ ପାପବୋଧର ବଳୟରେ ବାନ୍ଧି ହୁଏ । ଦେହରୁ ଦେହକୁ ଉଡ଼ିବୁଲେ ଶୋଷ ବସ୍ତୁବାଦୀ ଜୀବନ ବଞ୍ଚୁଥିବ ଏହି ମଣିଷ ପାଇଁ ପାପ ଓ ପବିତ୍ରତା ଭିତରେ କିଛି ଫରକ ନ ଥାଏ । ଏହି ବସ୍ତୁ ମଣିଷର ଯେତେବେଳେ ଉପଭୋଗ ବିତୃଷ୍ଣା ଓ ସଂସାର ଜୀବନର ମୋହଭଙ୍ଗ ଆସେ, ସେତେବେଳେ ତା' ପାଇଁ ମୁକ୍ତିର ସବୁବାଟ ବନ୍ଦ ହୋଇଯାଇଥାଏ । ସେତେବେଳେ ସେ ଖୋଜେ ଈଶ୍ୱରଙ୍କୁ । ହଜେଇ ଦେଇଥିବା ଈଶ୍ୱର ତାକୁ ମିଳନ୍ତି ନାହିଁ । ମିଳେ କେବଳ ମୃତ୍ୟୁ । ନିଜ ମୃତ୍ୟୁକୁ ନେଇ ତାର ସଜବାଜ ଆରମ୍ଭ ହୋଇଯାଏ । ଏହି ମୃତ୍ୟୁ ପ୍ରସ୍ତୁତିରୁ ଓଡ଼ିଆ କାବ୍ୟ ଧାରାରେ ମୃତ୍ୟୁ ଏକ ଚେତନା ଭାବରେ ପ୍ରୟୋଗ ମାନ୍ୟତା ପାଇଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୪୫) ପରବର୍ତ୍ତୀ ୟୁରୋପୀୟ ଅର୍ଥନୈତିକ ସାମାଜିକ ପାଣିପାଗଟି ସାଧାସିଧା ଜୀବନ ନିର୍ବାହ ପାଇଁ ଅନୁକୂଳ ନ ଥିଲା । ପରମାଣୁ ବିଧ୍ୱସ୍ତ ହିରୋସିମାର ହାହାକାର ମଣିଷର ଅହଂକାର ଭାଙ୍ଗି ଦେଲା । ଯନ୍ତ୍ର ଓ ବୈଷୟିକ ବୃତ୍ତିରେ କ୍ରମଶଃ ସମୃଦ୍ଧ ହେଉଥିବା ବିଶ୍ୱ ମଣିଷର ଜନ୍ମଗତ ନାନ୍ଦନିକତାକୁ ନିୟନ୍ତ୍ରଣ କଲା । ମୃତ୍ୟୁ ଯେ କୌଣସି ସମୟରେ ଆସିପାରେ ଏପରି ଗୋଟିଏ ଧାରଣା ନଗର ମଣିଷ ଭିତରେ ସୃଷ୍ଟି ହେଲା । ପଶ୍ଚିମ ଦେଶର ମଦ୍ୟ ଓ ନାରୀ ଭିତ୍ତିକ ଏକ ଉପଭୋଗୀ ଜୀବନ ଧାରାର ବିକାଶ ଘଟିଲା ।

ଶିଳ୍ପ ନଗରୀ ମାନଙ୍କରେ ଏପରି ଜୀବନ ଧାରା ଆଦୃତ ହେଲା । ପଶ୍ଚିମ ସାହିତ୍ୟ ମାନଙ୍କରେ ଏହି କ୍ଷଣ ଭଙ୍ଗୁର ଜୀବନଧାରାର ବୃହ୍ୟମାନଚିତ୍ର ପ୍ରକାଶ ପାଇଲା । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ପଶ୍ଚିମ ଚିନ୍ତା ଚେ୍ତନାର ଅନୁପ୍ରବେଶ କ୍ରମରେ ଏହି ସବୁ ସ୍ଥିତିବାଦୀ ଚିନ୍ତାଦର୍ଶ ମାନଙ୍କର ପ୍ରୟୋଗ ଘଟିଲା । ଈଶ୍ୱରଙ୍କ ସ୍ଥିତିକୁ ଅସ୍ୱୀକାର କରୁଥିବା ସ୍ଥିତିବାଦୀ ମାନେ ମୃତ୍ୟୁକୁ ଅଧିକ ପସନ୍ଦ କଲେ । ନିତ୍ତଶେ ଈଶ୍ୱରଙ୍କ ମୃତ୍ୟୁ ()ଘୋଷଣା କଲେ । ସ୍ୱାଧୀନତା ପରବର୍ତ୍ତୀ କବିତା ପଶ୍ଚିମର ଏହି ସ୍ଥିତିବାଦୀ ଚେତନା ଦ୍ୱାରା ଆକ୍ରାନ୍ତ ହୋଇ ଈଶ୍ୱରଙ୍କ ବଦଳରେ ମୃତ୍ୟୁକୁ ପ୍ରାଧାନ୍ୟ ଦେଲା । ଏହି

ସମୟରେ ରଚିତ ସମସ୍ତ ଓଡ଼ିଆ କବିତାରେ ମୃତ୍ୟୁ ଏକ ମୁଖ୍ୟ ଚେତନା ଭାବରେ ପ୍ରୟୋଗ ମାନ୍ୟତା ପାଇଛି । କବି ସଚ୍ଚିଦାନନ୍ଦ ରାଉତରାୟଙ୍କ କବିତା ୧୯୬୨, ରମାକାନ୍ତ ରଥଙ୍କ କେତେଦିନର, ସୀତାକାନ୍ତ ମହାପାତ୍ରଙ୍କ ଅଷ୍ଟପଦୀ, ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଗୌଣଦେବତା, ଦୀପକ ମିଶ୍ରଙ୍କ 'ସପ୍ତମ ପୃଥିବୀ' ଆଦି କବିତା ଗ୍ରନ୍ଥ ଗୁଡ଼ିକ ମୃତ୍ୟୁ ଚେତନାକୁ ନେଇ ନୂଆ ନୂଆ ଅନୁଭତି ମାନଙ୍କର ଉପସ୍ଥାପନା କରିଛନ୍ତି । ମୃତ୍ୟୁ ଚେତନାର ସ୍ୱରୂପକୁ ରମାକରନ୍ତ ରଥଙ୍କ 'କେତେଦିନର' ଗ୍ରନ୍ଥରୁ ଲକ୍ଷ୍ୟ କରାଯାଉ ।

'ଏବଂ ମୁଁ ସନ୍ଦେହ କଲି ମୁଁ ହଠାତ୍ ମରିଗଲି ବୋଲି
ସତେଅବା ହଜିଗଲା ମୋର ସବୁ ଦୃଷ୍ଟି ଓ ସ୍ପନ୍ଦନ
ସତେବା ପ୍ରେତାତ୍ମା ମୋର ଘୁରିବୁଲେ ଦିଗ ବିଦିଗରେ
ଏ ପ୍ରଚଣ୍ଡ ମଧ୍ୟାହ୍ନରେ ଲୋଡ଼ି ତମ ସ୍ଥିତିର ସନ୍ଧାନ ।'
(ମଧ୍ୟାହ୍ନ(୧) : ଚଉପହରା : କେତେଦିନର : ରମାକାନ୍ତ ରଥ)

ରମାକାନ୍ତ ଯେଉଁ ମୃତ୍ୟୁ ସଂପର୍କରେ କହିଛନ୍ତି ତାହା ଅତି ଅସ୍ୱାଭାବିକ ମୃତ୍ୟୁ । ମଣିଷର ବର୍ତ୍ତମାନ ବଞ୍ଚିବା ଠିକ୍ ମୃତ୍ୟୁ ପରି ଏକ ସ୍ପନ୍ଦନହୀନ ଜୀବନ ମୃତ୍ୟୁପରି । କବି ସୀତାକାନ୍ତଙ୍କ କାବ୍ୟ ନାୟକତ ଜୀବଶାରେ ଦଶଦାନ କରିବାକୁ ବ୍ରାହ୍ମଣ ମାନଙ୍କୁ ଆଗେଇ ଆସନ୍ତି ।

'ହେ ବ୍ରାହ୍ମଣ ଏଇ ନିଅ, ଦାନ ନିଅ
ନିଅ ନିଅ ଆମଜଶ ଦାନ
ଆଗେ ଜଳେ ଲେଲିହାନ ଅଗ୍ନିଶିଖା ତପ୍ତ ବୈତରଣୀ
ମୁକ୍ତିମାଗେ, ଶକ୍ତିମାଗେ, ଛାୟାମାଗେ, ସ୍ୱପ୍ନମାଗେ,
ଅଭିଶପ୍ତ ସବୁଯଦୁ , ଅଭିଶପ୍ତ ମାନୀ ଦୁର୍ଯ୍ୟୋଧନ ।
(ମୃତ୍ୟୁ ନାଚ : ଅଷ୍ଟପଦୀ : ସୀତାକାନ୍ତ ମହାପାତ୍ର)

ପ୍ରୟୋଗବାଦୀ ଓଡ଼ିଆ କବିତାରେ 'ମୃତ୍ୟୁ'କୁ ଜୀବନର ବିକଳ୍ପ ଭାବରେ ପ୍ରୟୋଗ କରାଯାଇଛି । ଆମେ ବଞ୍ଚୁଥିବା ଜୀବନର ଅନ୍ୟନାମ ମୃତ୍ୟୁ ବୋଲି ଚିତ୍ରଣ କରାଯାଇଛି । ଗୋଟାଏ ବସ୍ତୁ ବିଡ଼ମ୍ବିତ ଓ ଯାପସଂତ୍ରାସ ଗ୍ରାସ ଜୀବନ କଣ ଜୀବନ ? ମଣିଷର ମୋକ୍ଷ ନୁହେଁ ମୃତ୍ୟୁ ଦର୍ଶର । ଯନ୍ତ୍ରଣାରୁ ମୁକ୍ତି ବା ପରମାର୍ଥ ନୁହେଁ ଆମର ଦର୍ଶର ମୃତ୍ୟୁ । ଏ ପରି ଏକ ଚିନ୍ତାଦର୍ଶ ପ୍ରୟୋଗବାଦୀ କାବ୍ୟଧାରାରେ ଦେଖାଯାଏ । ଏପରି ଭାବଭୂମିରୁ କବି ଜଗନ୍ନାଥ ଦାସଙ୍କ ମୃତ୍ୟୁ ଚେତନା ଆଧାରିତ କବିତା ପରିପୁଷ୍ଟ ହୋଇଛି ।

**୧.୨ ଗୃହ ପ୍ରବେଶ ମୂଳପାଠ ଅଧ୍ୟୟନ :**

'ଗୃହ ପ୍ରବେଶ ' କବିତା କବିଙ୍କ ଯାତ୍ରାର ପ୍ରଥମପଦ କବିତା ଗୁଡ଼ିକ ଜୀବନମନସ୍କ ଓ ଜୀବନରୁ ନୂଆ ଏକ ଜଗତକୁ ଯାତ୍ରାର ଉଦ୍ଦେଶ୍ୟ କଣ ? କବି ଅତି ସଚେତନ ଭାବରେ ଆମର ନିରନ୍ତର ଜୀବନରୁ ଅବ୍ୟାହିତ ନେଇ ଆଉ ଗୋଟିଏ ଚେତନ ଜଗତକୁ ଯାତ୍ରା ରଂଭର ସୂଚନା ପ୍ରଦାନ କରିଛନ୍ତି । ମାଟିରୁ ମହାକାଶ ଆଡ଼କୁ ଏଯାତ୍ରାର ଗତି । ଥରେ ଏହି ନୂତନ ଯାତ୍ରାର ସୂଚନା ମିଳିଲେ ଚିରାଚରିତ କର୍ମ ତୁଚ୍ଛ ହୋଇପଡ଼ିବ ।

'ସମସ୍ତେ ଅଚିହ୍ନା ହୋଇଯାନ୍ତି
ଅପରାହ୍ନ ରାସ୍ତା ଲ୍ୟାମ୍ପପୋଷ୍ଟ
କଫିହାଉସ ଶୋଭା ଯାତ୍ରା ଚୁପଚାପ କଥା
ପାର୍ଥକ୍ୟ ବୋଧ ମନୋମାଳିନ୍ୟ
ଏବଂ
ସାକ୍ଷାତ କାରର ସ୍ଥିରୀକୃତ ସମୟ ।'

ଏମିତିକା ଚିର ପରିଚିତ ରାସ୍ତା ମଧ୍ୟ ବାଟ ଭୁଲିଯାଏ ।ପରିଜତ ରାସ୍ତା ଲମ୍ବିଯାଏ ଆଉଗୋଟିଏ ଅଜ୍ଞାତ ସ୍ଥାନକୁ । କବି ଏଠାରେ କଫିହାଉସ, ଶୋଭାଯାତ୍ରା ମାଧ୍ୟମରେ ଏକ ଆଭିଜାତ୍ୟ ଜୀବନ ଓ ଲ୍ୟାମ୍ପପୋଷ୍ଟ ମାଧ୍ୟମରେ ନଗର ସଭ୍ୟତା ସହ ପ୍ରାର୍ଥନା, କ୍ରୋଧ, ମନୋମାଳିନ୍ୟ ମାଧ୍ୟମରେ ଆମର ଐଶୀପ୍ରାଣତା, ଅହଂକାର ଆଦିର ସୂଚନା ଦେଇଛନ୍ତି । କଂକ୍ରିଟ୍‌ର ଘର ତିଆରି କରି ଏସବୁକୁ ସୁରକ୍ଷିତ ରଖିଥିବା ମଣିଷ ପାଇଁ ନୂଆ ଘର ପ୍ରବେଶର ନିମନ୍ତ୍ରଣ ଆସିବା ମାତ୍ର ଏ ସବୁ ତୁଚ୍ଛ ପାଲଟିଯାଏ । ଆଉ ଜୀବନରେ କୌଣସି ଆଶା, ସ୍ୱପ୍ନ ହିଁ ନ ଥାଏ ।

'ଷ୍ଟେସନରେ ଅପେକ୍ଷା ହିଁ ସାର
ଦୂରନ୍ତରୁ ଆସିଥିବା ରେଳ ଗାଡ଼ିରୁ
କେହି ଓହ୍ଲାଏ ନାହିଁ ।'

ଏହି ଚିତ୍ରରେ ଗଭୀର ସ୍ୱପ୍ନ ହୀନତାର ଚିତ୍ର ପ୍ରଦର୍ଶିତ । ଚଳନ୍ତା ଟ୍ରେନ ରୂପକ ଜୀବନରେ ଏବେ ଯାତ୍ରୀ ରୂପକ ସ୍ୱପ୍ନ ଓ ସମ୍ଭାବନା ନାହିଁ । ବୟସ ଏଠାରେ ଷ୍ଟେସନ, ଯେଉଁ ଷ୍ଟେସନରେ ଗାଡ଼ି ରହେ ନାହିଁ କି, ଯାତ୍ରୀ ଟିଏ ଓହ୍ଲାଏ ନାହିଁ ସେପରି ଷ୍ଟେସନ ରହିବାର ଅର୍ଥ ବା କଣ ? କବି ଜଗନ୍ନାଥ ପ୍ରସାଦ ବୟସର ଅପରାହ୍ନରେ ପହଞ୍ଚିଥିବା ବ୍ୟକ୍ତିର ବ୍ୟର୍ଥ ବିଷାଦକୁ ଆହୁରି ବୀଭତ୍ସ ଭାବରେ ରୂପ ଦେଇଛନ୍ତି ପରବର୍ତ୍ତୀ ଚିତ୍ରରେ ।

'ସଂଜ୍ଞବେଳେ ଯେତେବେଳେ
ଚାରିଆଡ଼କୁ ସଂପୂର୍ଣ୍ଣ ଆବୃତ୍ତ କରିଦିଏ
ହସପିଟାଲର ଚାଦର ଭଳି
ସାରା ପ୍ଲାଟଫର୍ମ ଏକ
ଅମୂର୍ତ୍ତ ଚିତ୍ର ପଟ ହୋଇଯାଏ
ଯାହାଭିତରୁ କୌଣସି
ନିର୍ଦ୍ଦିଷ୍ଟ ମୁହଁକୁ ଖୋଜିବା ସମ୍ଭବ ନୁହେଁ ।'

କବି ଜଗନ୍ନାଥ ପ୍ରସାଦ ଏଠାରେ ଚିତ୍ର ପ୍ରତୀକ ପ୍ରୟୋଗ କରି ସମଗ୍ର ପରିବେଶକୁ କିପରି ମୃତ୍ୟୁମୟ କରି ପାରିଛନ୍ତି ଦେଖନ୍ତୁ :

**୧. ହସପିଟାଲର ଚାଦର ଭଳି ସାରା ପ୍ଲାଟଫର୍ମ –**

ଏ ସଂଜ୍ଞାରେ ଆଉ ସୈନ୍ଦର୍ଯ୍ୟ ନାହିଁ । ରୋଗୀ ମାନଙ୍କ ଧଳା ବିଛଣା ଚଦର ପରି ଏ ସଂଜ୍ଞା ରଂଗହୀନ, ଅସୁସ୍ଥ । ଯାଅ ପ୍ଲାଟଫର୍ମ ଏବେ ରୋମାଞ୍ଚହୀନ । ମୃତ୍ୟୁ ପାଇଁ ଅପେକ୍ଷାରତ ।

**୨. ଅମୂର୍ତ୍ତଚିତ୍ରପଟ :**

'ସ୍ଥିର, ସ୍ଥବିର ଜଳହୀନ ଅବସ୍ଥା
ବୟସ୍କବୃଦ୍ଧା ପ୍ରାଣହୀନ ପ୍ରତିମା ।'

**୩. ନିର୍ଦ୍ଦିଷ୍ଟ ମୁହଁକୁ ଖୋଜିବା ସମ୍ଭବ ନୁହେଁ**

ଆଉ କୌଣସି ପ୍ରିୟ ମଣିଷ ମନେ ପଡ଼ନ୍ତି ନାହିଁ ।
ସ୍ମୃତି ଆଉ ପ୍ରେମ ସବୁ ଫେରନ୍ତି ନାହିଁ ।
ସ୍ମୃତି, ଶ୍ରବଣ, ଶକ୍ତିହୀନ ବ୍ୟର୍ଥ ସମୟ ।

∴ ୧+୨+୩=ପ୍ଲାଟଫର୍ମ

∴ ପ୍ଲାଟଫର୍ମ= ଜୀବନ, ବୟସ୍କ ମଣିଷର ଶେଷ ଜୀବନର କ୍ରିୟା କକ୍ଷ । ଅସୁସ୍ଥ ସମୟର ସ୍ୱରଲିପି ।

ଏପରି ଗୋଟିଏ ସମୟରେ ପକ୍ଷୀମାନଙ୍କର କଳରୋଳରେ ମୁକ୍ତିର ବାର୍ତ୍ତା ଆସେ ନାହିଁ । ପାର୍କର ବେଞ୍ଚ ଘାସ ଫୁଲ ସହିତ କଥାବାର୍ତ୍ତା କରେ ନାହିଁ । ଅଭିବାଦନ ଗ୍ରହଣ କରିବାକୁ କେହି ଷ୍ଟେସନରେ ନଆନ୍ତି । ପୁରୋହିତ ନିରାଶାର ସହିତ ସର୍ଜନ ଓ ସଂହାରର ମନ୍ତ୍ର ପଢ଼ିଚାଲିଥାଏ । ଏପରି ସମୟ ଆସେ କେହି କାହା ସହିତ ଯୋଡ଼ି ହୋଇ ପାରନ୍ତିନାହିଁ । ଯିବା ଲୋକର କଣ ସବୁ ଲୋଡ଼ା ହୁଏ ? ସବୁ ମାୟା ତୁଟେଇ ଯାଉଥିବା ଲୋକ ଆଉ କି ଭାବବାନ୍ଧିବା ପ୍ରିୟ ଜନଙ୍କ ସହିତ । ପୂର୍ବ ପ୍ରଚଳିତ ଜୀବନର ଜମାକଥା ମୃତ୍ୟୁର ନିମନ୍ତ୍ରଣରେ ଭୁଲ୍ ହୋଇଥାଏ । ଶେଷ ଯାତ୍ରାର ଏହି ଆବେଗିକ ଅନୁଭବକୁ ଜଗନ୍ନାଥ ପ୍ରସାଦ କାବ୍ୟ ବାସ୍ତବତା ପ୍ରଦାନ କରିଛନ୍ତି ।

' ଭୁଲ ଠିକଣାର ଚିଠି ହାତରେ ଧରି
ଡ଼ାକବାଲା ପଚାରିପଚାରି ଯାଏ
ଘରକୁ ଘରକୁ ଘରକୁ
ଯଦିଓ ଘର ସବୁ ଖାଲି
ଟ୍ରେନ୍ ବାହକ ମାତ୍ର ଲକ୍ଷ୍ୟ ସ୍ଥଳ ନୁହେଁ
ରାସ୍ତା ଉପାୟ ମାତ୍ର ଉପଲବ୍ଧି ନୁହେଁ
ଚିଠି ଏକ ସାଧନ ମାତ୍ର ସିଦ୍ଧି ନୁହେଁ ।'

ଘର ଖାଲି କରି ଗୃହସ୍ଥ ମାନେ ସବୁ କୁଆଡ଼େ ଯାଇଛନ୍ତି ? ଟ୍ରେନ୍‌ରେ ଆଜିପର୍ଯ୍ୟନ୍ତ ଯାତ୍ରା କରୁଥିବା ଲୋକ କେମିତି ପାଇଲେନି ତାଙ୍କର ଲକ୍ଷ୍ୟ ସ୍ଥଳୀ । ରାସ୍ତାତ ଯାତ୍ରାର ପ୍ରଥମ ପାଦ ନୁହେଁ । ଚିଠି କେବେ ଶେଷ ନୁହେଁ ବରଂ ଶେଷରୁ

ଆରମ୍ଭ । ଜୀବନର ଅନେକ ଗୁରୁତ୍ୱ ପୂର୍ଣ୍ଣ ମନେ ହେଉଥିବା ମୁହୂର୍ତ୍ତ ଗୁଡ଼ିକ କେମିତି ମୃତ୍ୟୁର ଆହ୍ୱାନରେ ଗୌରବହୀନ ଦିଶନ୍ତି, ତା'ର ବର୍ଣ୍ଣନା ଏଠାରେ ରହିଛି । ପ୍ରାପ୍ତି ମୁଖର ଜୀବନ ମୃତ୍ୟୁ ସଂଦର୍ଶନ କିପରି ହାହାକାର ମୟ ହୋଇପଡୁଛି । ଯିବା ଲୋକର ପ୍ରସ୍ତୁତି ଆରମ୍ଭ ହୋଇଯାଏ । ଏ ଘର ଗୁଡ଼ି ଆଉ ଏକ ଗୃହ ପ୍ରବେଶ । କବି କହନ୍ତି :–

'ମନ୍ଦିର ଭିତରକୁ ଯାଇଥିବା ଯାତ୍ରୀମାନେ
ଆଉ ଫେରି ଆସନ୍ତି ନାହିଁ
ଷ୍ଟେସନର ଫାଟକରେ ତାଲାବନ୍ଦହୁଏ
ଟ୍ରାଫିକର ସ୍ରୋତ ଶୁଖିଯାଏ
ଖୋଲା ଝରକାକୁ ଅନାଇ
ଲ୍ୟାମ୍ପପୋଷ୍ଟ ବାହୁନେ
ବିନ୍ଦୁ ବିନ୍ଦୁ ବର୍ଷା ଟୁପ୍‌ଟାପ୍ ପଡ଼େ
ମୃତ ଛାଇମାନଙ୍କ ଉପରେ ।'

ମନ୍ଦିର କି ଈଶ୍ୱର ଯିବାଲୋକକୁ ସୁରକ୍ଷା ଦେଇ ପାରନ୍ତି ନାହିଁ । ଜୀବନର ଶେଷ ପ୍ରାଶ୍ୱାସ ବନ୍ଦ ହୁଏ । ରାସ୍ତା ସବୁ ସରିଗଲାପରେ ଟ୍ରାଫିକ୍‌ର ଆଉ କଣ ଲୋଡ଼ା ଯେ ? ଭଲ ପାଉଥିବା ମଣିଷ ମାନେ ପ୍ରିୟଜନଙ୍କୁ ମନେପକାଇ କାନ୍ଦନ୍ତି । ସେମାନଙ୍କର ଲୁହଶଃ ଉପରେ ପଡ଼ିଲେ ମଧ୍ୟ ମୃତବ୍ୟକ୍ତିର କୌଣସି ପ୍ରତିକ୍ରିୟା ସୃଷ୍ଟି ହୁଏ ନାହିଁ । ଯିବା ଲୋକ କଣ ଫେରେ । ପ୍ରିୟଜନପରି ଲାଇଟ୍ ପୋଷ୍ଟ, ଷ୍ଟେସନ, ଦୁବଘାସ, ପକ୍ଷୀଙ୍କ ଗୀତ ଶୁଣିବା ପାଇଁ । ସେତିକି ବେଳେକୁ ତାର ନୂତନ ଗୃହ ପ୍ରବେଶ ସରିଥାଏ । ପୁରୁଣା ଷ୍ଟେସନରେ କୋଳାହଳ ବଢ଼ିଯାଏ । ତାରି ପରି କିଏ ଜଣେ ବସି ଷ୍ଟେସନରେ କାହାକୁ ଖୋଜେ । ଟ୍ରେନ୍ ନ ଅଟକି ଚାଲିଯାଏ । ବସିଥିବା ଲୋକ ଯିବା ପାଇଁ ସଜବାଜ ହୁଏ । ସମଗ୍ର କବିତାର ଅଧ୍ୟୟନରୁ ଏହା ଆମକୁ ଜୀବନର କ୍ଷଣ ଭଙ୍ଗୁରତା ସଂପର୍କରେ ସୂଚନା ଦିଏ । ମୃତ୍ୟୁ ଆଉ ଏକ ଗୃହପ୍ରବେଶ । ପୂରୁଣା କାୟା ଫୋପାଡ଼ି ଆଉ ଏକ କାୟାପ୍ରବେଶ ବୋଲି କବି କହିଛନ୍ତି । ପୁରୁରା ଘରର ମାୟା ନ ତୁଟିଲେ ଜଣେ କଣ ନୂଆ ଘରକୁ ଯାଇପାରେ ! ସମଗ୍ର କବିତାଟି ଏହି ଗୃହ (କାୟା) ବଦଳର ସନ୍ଧିକ୍ଷଣକୁ ନେଇ ସୃଷ୍ଟି ହୋଇଛି ।

### ୧.୩ କବିତାର ଭାବବୋଧ ବିଶ୍ଳେଷଣ

'ଗୃହପ୍ରବେଶ' ଜୀବନର ରୂପାନ୍ତର ଉପରେ ପର୍ଯ୍ୟବେସିତ । ବଞ୍ଚିଥିବା ଜୀବନ ବୃତ୍ତରୁ ପରବର୍ତ୍ତୀ ଜୀବନକୁ ଅତିକ୍ରମଣ ଏହି କବିତାର ବକ୍ତବ୍ୟ । ଏହି ରୂପାନ୍ତରର ସନ୍ଧିକ୍ଷଣରେ ବ୍ୟକ୍ତି ଭୋଗୁଥିବା ତମାମ ଅସହାୟତା ଓ ଅପ୍ରାପ୍ତିର ଏକ ଆବେଗିକ କାବ୍ୟିକ ପ୍ରତିକ୍ରିୟା ଗୃହପ୍ରବେଶ କବିତା । 'ଘର' ଆତ୍ମଚେତନାର ପ୍ରତୀକ ଭାବରେ ଓଡ଼ିଆ କବିତାରେ ବେଶ ପ୍ରତିଷ୍ଠା ପାଇଛି । ଭକ୍ତଚରଣ ଦାସଙ୍କ ' ମନବୋଧଚଉତିଶା' ପାଖରୁ ସ୍ୱାଧୀନତା ପରବର୍ତ୍ତୀ କବିତା ପର୍ଯ୍ୟନ୍ତ 'ଘର' ଦେହ ଓ ଆତ୍ମାର ପ୍ରତିନିଧିତ୍ୱ କରିଆସିଛି । କବି ସୀତାକାନ୍ତଙ୍କ କବିତାରେ 'ଘର' ମଣିଷର ପ୍ରତିନିଧିତ୍ୱ କରେ ।

'ଆମେ ଖାଲି ଭଙ୍ଗା ଘର
ପ୍ରାସାଦର ଜରାଜୀର୍ଣ୍ଣପ୍ରାଚୀର ପରିଖା

ଶୂନ୍‌ଶାନ୍ ଫାଙ୍କା ଘରେ କେଉଁ ରଥେ ଆଲୋକର
କ୍ଷୀଣ ଏକ ରେଖା ।'
(ତ୍ରିଶଂକୁର ମଧ୍ୟସ୍ୱର୍ଗ : ଅଷ୍ଟପଦୀ: ସୀତକାନ୍ତ ମହାପାତ୍ର)

କବି ଜଗନ୍ନାଥ ପ୍ରସାଦ ଦାସଙ୍କ 'ଗୃହ ପ୍ରବେଶ' ର ଗୃହଚେତନାଟି ମଣିଷର ଆଉ ଏକ ନୂତନ କାୟା ପ୍ରବେଶ ଉପରେ ପର୍ଯ୍ୟବେସିତ । ଜୀବନର ପ୍ରବହମାନତା ହଠାତ୍ ଶିଥିଳ ହୋଇଥାଏ । ପ୍ରିୟଜନ ମାନେ ଆଉ ମନେ ପଡ଼ନ୍ତିନାହିଁ । ତାପରେ ଯାତ୍ରା ଆରମ୍ଭ ହୁଏ ଆଉ ଏକ ନୂତନ ଗୃହ ଅଧିଗ୍ରହଣ ପାଇଁ , ଆଜି ପର୍ଯ୍ୟନ୍ତ ସେ ଯାହାକୁ ଘର ବୋଲି ଭାବି ଆସିଥିଲା । ପ୍ରକୃତରେ ତାହା ଥିଲା ଏକ ଅସ୍ଥାୟୀଠିକଣା ଠିକ୍ ପ୍ଲାଟଫର୍ମ ପରି । ପ୍ଲାଟଫର୍ମ କଣ କାହାର ସ୍ଥାୟୀ ଠିକଣା ହୋଇପାରେ ? ଆଜି ପର୍ଯ୍ୟନ୍ତ ଆମେ ଖାଲି ନୂଆ ଗୋଟେ ଘରର ଅନ୍ୱେଷଣରେ ଅଛୁ । ଜନ୍ମରୁ ଯୁଇ ପର୍ଯ୍ୟନ୍ତ ମଣିଷର ଏହି ଅନ୍ୱେଷଣ ଲମ୍ବିଛି । ଯେବେ ମଣିଷର ଏହି ଅନ୍ୱେଷଣର ଉପଲବ୍ଧି ଆସିବ, ସେତିକିବେଳେ ତାର ନୂତନ କାୟା ପ୍ରବେଶ ଆରମ୍ଭ ହେବ । କବି ଏହି କବିତାର ସେହି ଅନ୍ୱେଷଣର କଥା କହିଛନ୍ତି ।

'ପାଣିଭିତରେ ବୁଡ଼ି ରହିଥିବା କଳସ
ପାଣିକୁ ଧରି ରଖିଥାଏ
କାରଣ ତା'ର ଭିତର ଓ ବାହାର
ସବୁଆଡ଼େ ଜଳସ୍ରୋତ
ଏପରି ଘର
କିପରି କାହାକୁ ଧରି ରଖି ପାରିବ
ଯାହାର ଭିତର ଓ ବାହାର ସମସ୍ତ ଶୂନ୍ୟ ।'

ମାୟାମୋହ ସଂସାରରେ ନିମଜ୍ଜିତ ମଣିଷ ଘର ବାନ୍ଧି ପାରେ ନାହିଁ । ଘରତ ନିଜେ ଗୋଟିଏ ମାୟାର ସ୍ୱରୂପ । ଭାରତୀୟ ବ୍ରହ୍ମବାଦ ଅନୁଯାୟୀ ଏଠାରେ କବି ଯେଉଁ ତାତ୍ତ୍ୱିକତା ପ୍ରୟୋଗ କରିଛନ୍ତି, ତାହା 'ବ୍ରହ୍ମସତ ଜଗତ୍‌ମିଥ୍ୟା' ଉପରେ ଠିଆ ହୋଇଛି । ଗୋଟିଏ ମାୟାଜଗତରେ ସତ୍‌ବ୍ରହ୍ମ ରହିପାରିବ ନାହିଁ । ସତ୍‌ବ୍ରହ୍ମ ଗୋଟିଏ ନିର୍ବିକଳ୍ପୀୟ ଘର ସନ୍ଧାନରେ ବାହାରି ଯିବ । ଯେତେବେଳେ କାବନା ରହିତ ଘରର ସନ୍ଧାନ ମିଳିବ, ସେତିକିବେଳେ ଆତ୍ମା ପକ୍ଷୀ ଏ ମାୟା ଘର ତ୍ୟାଗ କରି ନୂତନ ଗୃହ ପ୍ରବେଶ ଆରମ୍ଭ କରିବା ସମଗ୍ର କବିତାଟି ଭାରତୀୟ ବ୍ରହ୍ମ ସିଦ୍ଧାନ୍ତ ଉପରେ ପ୍ରତିଷ୍ଠିତ । ମୃତ୍ୟୁ ଏଠାରେ ରୂପାନ୍ତରୀକ ତାର ମାଧ୍ୟମମାତ୍ର । ମଣିଷ ଭିତରେ ଗୋଟାଏ ନିର୍ଗୁଣୀୟ ଉପଲବ୍ଧି ନ ଆସିଲେ ତାର ପୂର୍ଣ୍ଣତା ଆସେ ନାହିଁ । ଏହି ପୂର୍ଣ୍ଣତା ପ୍ରାପ୍ତି ପର୍ଯ୍ୟନ୍ତ ସମସ୍ତ ପ୍ରାପ୍ତି ତାକୁ ଅପୂର୍ଣ୍ଣ ପରିତୃପ୍ତି ପ୍ରଦାନ କରିଥାଏ । ମିଛ ଖୁସି ଜାହିର୍ କରୁଥିବା ମଣିଷ ମାନଙ୍କ ପାଇଁ କବି କହିଛନ୍ତି :

' ଟ୍ରେନ୍ ବାହନ ମାତ୍ର ଲକ୍ଷ୍ୟସ୍ଥଳ ନୁହେଁ
ରାସ୍ତା ଉପାୟ ମାତ୍ର ଉପଲବ୍ଧି ନୁହେଁ
ଚିଠିଏକ ସାଧନ ମାତ୍ର ସିଦ୍ଧି ନୁହେଁ ।'

'ଘର' ଏକ ଆରାମ ବିରାମ ହୋଇପାରେ ଶେଷ ତମ ଠିକଣା ନୁହେଁ । ଶେଷ ଠିକଣାର ଘର ମଣିଷକୁ ରୂପାନ୍ତରିତ କରିଦିଏ । ପୁରୁଣା ଘର ରାଗ, ମୋହ, ଯଶ, ନିନ୍ଦା, ଧନ, ପୁଣ୍ୟ ଫୋପାଡ଼ି ଦେଇ ନୂଆ ଗୃହ ପ୍ରବେଶ ଆରମ୍ଭ ହୁଏ ।

ଏପରି କବିତାଟି ଭାରତୀୟ ବେଦାନ୍ତ ଦର୍ଶନ ଓ ଭାରତୀୟ ସଂସ୍କୃତି ଉପରେ ନିର୍ଭରଶୀଳ । ଲକ୍ଷ୍ୟ କରିବାର କଥା ପ୍ରୟୋଗବାଦୀ କବିମାନେ ମୃତ୍ୟୁ ଚେତାନର କବିତା ରଚନା କରିବା ପାଇଁ ପଶ୍ଚିମର ସ୍ଥିତିବାଦୀ ସାହିତ୍ୟ ଓ ଯୁକ୍ତିର ପାଣିପାଗ ଉପରେ ନିର୍ଭର କରୁଥିବା ବେଳେ କବି  ଜଗନ୍ନାଥ ପ୍ରସାଦ ଦାସ ଭାରତୀୟ ସିଦ୍ଧାନ୍ତକୁ ଏହି କବିତାରେ ପ୍ରୟୋଗ କରିଛନ୍ତି । ମୃତ୍ୟୁ ହିଁ ଅମୃତର ମାଧ୍ୟମ । ମୃତ୍ୟୁ ଦ୍ୱାରା ନୂତନ ଗୃହପ୍ରବେଶ କାୟାର  ଆରମ୍ଭ ହୁଏ । ଏହି ଚିରନ୍ତରନତା ଏହି କବିତାରେ ପ୍ରତିପାଦ୍ୟ ।

**୧.୪ ନିଷ୍କର୍ଷ :**

ଗୃହପ୍ରବେଶ ମଣିଷର ଉତ୍ତରଣରେ ବିଶ୍ୱାସ ରଖୁଥିବା ଏକ ମୁକ୍ତି କବିତା । ସ୍ୱାଧୀନତା ପରବର୍ତ୍ତୀ ସମୟରେ ପ୍ରୟୋଗବାଦୀ କବିମାନେ ଜୀବନର ନୟାନକ୍ତ ଚିତ୍ର ପ୍ରକାଶ କରିବାକୁ ଯାଇ ଈଶ୍ୱର ହୀନତା, ପାପବୋଧ, ଅମଙ୍ଗଳ ଭାବନା ଗୁଡ଼ିକୁ ଯେପରି କାବ୍ୟ ରୂପ ପ୍ରଦାନ କରିଥିଲେ । ଆଲୋଚ୍ୟ କବକିତାଟି ତାର ଆଡ଼କୁ ଓ ମୃତ୍ୟୁରୁ ଅମୃତ ଆଡ଼କୁ କାବ୍ୟ ନାୟକର ଗୃହ ପ୍ରବେଶ ଏହି କବିତାର ବକ୍ତବ୍ୟ । କାବ୍ୟବକ୍ତବ୍ୟ ସହ ଚିତ୍ର ପ୍ରୟୋଗ ଓ ପ୍ରତୀକ ପ୍ରୟୋଗ ଏହି କବିତାର ନିର୍ମାଣ ଶୈଳୀକୁ ସୌନ୍ଦର୍ଯ୍ୟ ପ୍ରଦାନ କରିଛି । ସମଗ୍ର କବିତାଟି ଏକାଧିକ ଚିତ୍ର ଉପରେ ପ୍ରତିଷ୍ଠିତ ଗୋଟିଏ ଚିତ୍ରକୁ ବିଶ୍ଳେଷଣ କରିବାକୁ ନୂଆ ନୂଆ ଚିତ୍ରର ସଂଯୋଜନା କରାଯାଇଛି । ଏହି ଚିତ୍ର ମାନଙ୍କରୁ ଚିତ୍ର ପ୍ରତୀକର ସୃଷ୍ଟି ହୋଇଛି । 'ଗୃହପ୍ରବେଶ' ଭାଷାପ୍ରୟୋଗ ଓ ବକ୍ତବ୍ୟ ବିନ୍ୟାସ ଦୃଷ୍ଟିରୁ ଏକ ଦୃଷ୍ଟାନ୍ତ ମୂଳକ କବିତା ଭାବରେ ସୀକୃତି ପାଇପାରିବ ।

**୧.୫ ଆଦର୍ଶ ପ୍ରଶ୍ନାବଳୀ :**

**ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ :**

୧. 'ଗୃହପ୍ରବେଶ'ର ଅର୍ଥକଣ ? କବିତାରେ ଏହାର ନାମକରଣର ଯଥାର୍ଥତା ପ୍ରତିପାଦନକରେ ।

୨. ମୃତ୍ୟୁଚେତନା ଧର୍ମ୍ୟ କବିତା ଭାବରେ ପଠିତ କବିତାର ମୂଲ୍ୟାୟନକର ।

୩. 'ଆତ୍ମା ଅବିନେଶ୍ୱର' – ପଠିତ କବିତା ଭିତ୍ତିରେ ବର୍ଣ୍ଣନା କର ।

**ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ ?** ଭାବସଂପ୍ରସାରଣ କର

(କ) ଷ୍ଟେସନରେ ଅପେକ୍ଷା ହିଁ ସାର ଦୂରନ୍ତରୁ ଆସିଥିବା ରେଳଗାଡ଼ିରୁ କେହି ଓହ୍ଲାଏ ନାହିଁ ।

(ଖ) ବିନ୍ଦୁ ବିନ୍ଦୁ ବର୍ଷା ଟୁପଟାପ ପଡ଼େ ମୃଦ ଛାଇ ମାନଙ୍କ ଉପରେ ।

# ବେବି ବରଗଡ଼ରେ

**କବି : ପ୍ରସନ୍ନ କୁମାର ମିଶ୍ର**

**ସୂଚନା :**

କବି ପ୍ରସନ୍ନ କୁମାର ମିଶ୍ରଙ୍କ ଦ୍ୱାରା ରଚିତ କବିତା 'ବେବି ବରଗଡ଼ରେ' ରୋମାଣ୍ଟିକ ବାସ୍ତବତା ଉପରେ ଆଧାରିତ । ଏହି କବିତାଟି କବିଙ୍କ 'ଷଷ୍ଠ ମହଲାର ସ୍ତ୍ରୀ ଲୋକ' (୧୯୯୮) କବିତା ଗ୍ରନ୍ଥରେ ସ୍ଥାନ ପାଇଛି । 'ଷଷ୍ଠ ମହଲାର ସ୍ତ୍ରୀ ଲୋକ' ର କବିତା ଗୁଡ଼ିକ ନାରୀ ଜୀବନ ଅଧ୍ୟୟନର ବାସ୍ତବଚିତ୍ର ପ୍ରଦାନ କରନ୍ତି । ସମକାଳୀନ ସମାଜରେ ନାରୀ ମାନଙ୍କ ଜୀବନ ଧାରାରେ ଆସିଥିବା ବ୍ୟାପକ ପରିବର୍ତ୍ତନ ଏଥିରେ ସ୍ଥାନ ପାଇଛି । ନିଜ ପରିବାର, ସ୍ୱାମୀ, ସନ୍ତାନ ମାନଙ୍କ ପାଇଁ ବହୁଧା ବିଭକ୍ତି ନାରୀ ପ୍ରକୃତରେ ନିଜର ଅସ୍ଥିତବ ପାଶୋରି ପକାଇ ଥାଏ । ନିଜର ସୁଖକୁ ସେ ଅନ୍ୟ ମାନଙ୍କର ଖୁସି ଭିତରେ ଆବିଷ୍କାର କରେ । ଆଧୁନିକତା ସମୟରେ ଶିକ୍ଷିତ ଓ ନଗର କେନ୍ଦ୍ରିକ ନାରୀ ଏକାଧିକ ଦୁଃଖ, ପ୍ରତାରଣା ଓ ନଃସଙ୍ଗତାକୁ ସାମ୍ନାକରେ । ଆକ୍ଷର ଲୁହ ଓଠ ପର୍ଯ୍ୟନ୍ତ ଆସିବା ପୂର୍ବରୁ ବାଟରେ ମିଳେଇ ଯାଏ । ନାରୀ ବର୍ଗର ଏହିସବୁ ନୂଆ ନିଃସଙ୍ଗତାକୁ ନେଇ କବି ପ୍ରସନ୍ନ କୁମାର ମିଶ୍ରଙ୍କ 'ଷଷ୍ଠ ମହଲାର ସ୍ତ୍ରୀ ଲୋକ' ସମୃଦ୍ଧ ହୋଇଛି । ଆଲୋଚ୍ୟ କବିତା 'ବେବି ବରଗଡ଼ରେ' ରେ ଆଧୁନିକ ରୁଚି ସଂପନ୍ନ ଓ ସୌନ୍ଦର୍ଯ୍ୟ ପ୍ରିୟା ବେବିର ଜୀବନ ଶୈଳୀ ବର୍ଣ୍ଣନା କରାଯାଇଛି । 'ବେବି' ଏଠାରେ ଏକ ଚରିତ୍ର ନୁହେଁ ବରଂ ବିବାହ ପୂର୍ବରୁ ନିଜ ଇଚ୍ଛାରେ ବଞ୍ଚିବାକୁ ଚାହୁଁଥିବା ଓ ବାହାଘର ପରେ ସେଥିରୁ ବଞ୍ଚିତ ହୋଇ ମାନସିକ ଦୁଃଖ ଭୋଗୁଥିବା ଏକାଧିକ ନାରୀମାନଙ୍କର ପ୍ରତୀକ । ଜଗତୀକରଣ ପରବର୍ତ୍ତୀ ବ୍ୟବହାରିକ ପରିବର୍ତ୍ତନ ଏହି କବିତାରେ ପ୍ରକାଶ ପାଇଛି । ମଣିଷର ସୌନ୍ଦର୍ଯ୍ୟ ବୋଧ ଉପରେ ବୃତ୍ତି ଓ ବସ୍ତୁ ଗତ ବିଜୟ ଓ ତଦ୍‌ଉତ୍ପନ୍ନ ସାମାଜିକ ନିଃସଙ୍ଗତ । ଏହି କବିତାର କଥାବସ୍ତୁ । କବିତାର ଭାବଧର୍ମ ଓ ଅବବୋଧ ପାଇଁ ସମଗ୍ର ଆଲୋଚନାକୁ ନିମ୍ନକ୍ରମରେ ସଜ୍ଜୀକରଣ କରାଯାଇଛି ।

୧.୦ କବି ପ୍ରସନ୍ନ କୁମାର ମିଶ୍ରଙ୍କ କବିପରିଚୟ

୧.୧ 'ବେବି ବରଗଡ଼ରେ' କବିତାର ପୃଷ୍ଠଭୂମି ବିଚାର

୧.୨ କବିତାର ମୂଳପାଠ ଅଧ୍ୟୟନ

୧.୩ କବିତାର ଆତ୍ମିକ ଚେତନାର ବିଶ୍ଳେଷଣ

୧.୪ ନିଷ୍କର୍ଷ

୧.୫ ଆଦର୍ଶ ପ୍ରଶ୍ନାବଳୀ

ଏହି କବିତାର ରଚନାକାଳ ୧୯୯୮ ମସିହା ହୋଇ ଥିବାରୁ ଏହା ଅନ୍ୟ ଆଧୁନିକ କବିତା ଅପେକ୍ଷା ଅଧିକ ସରଳ ଓ ସୁବୋଧ । କବି ପ୍ରସନ୍ନ କୁମାର ମିଶ୍ରଙ୍କ କବିତାରେ ଶବଦଲାଳିତ୍ୟ ଓ ସାଙ୍ଗୀତିକତାର ସମନ୍ୱୟ ଦେଖାଯାଏ । ରୁପ ପ୍ରାଣତା ଓ ରସ ଚେତନା ଦୃଷ୍ଟିରୁ ଓଡ଼ିଆ କାବ୍ୟ ଧାରାରେ ଏହାଏକ ପ୍ରତିନିଧି ସ୍ଥାନୀୟ କବିତା । ସାଂପ୍ରତିକ ସମୟରେ

ମହିଳାମାନଙ୍କର ସମସ୍ୟା, ସ୍ୱତନ୍ତ୍ରତାକୁ ନେଇ ଅନେକ ବିତର୍କ, ବିଚାର ପରିପେକ୍ଷାରେ ଏହି କବିତାର କାଳପ୍ରାଣତା ଯୁକ୍ତିଯୁକ୍ତ ମନେହୁଏ । ନିମ୍ନରେ ଏହି କବିତାକୁ ଉପରୋକ୍ତ ବିଶ୍ଳେଷଣ ସାରଣୀକ୍ରମରେ ଆଲୋଚନା କରାଯାଇଛି ।

## ୧.୦ କବି ପ୍ରସ୍ନ କୁମାର ମିଶ୍ରଙ୍କ କବି ପରିଚୟ

କବି ପ୍ରସ୍ନ କୁମାର ମିଶ୍ର ଓଡ଼ିଆ କବିତାରେ ପାଠକମାନଙ୍କ ଦ୍ୱାରା ପ୍ରଶଂସିତ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । କଳଙ୍କ କାବ୍ୟ ଜୀବନ ନିରୁତା ରୋମାଣ୍ଟିକ୍ କବିତାକୁ ଆରମ୍ଭ ହୋଇ ପରେ ପରେ ବାସ୍ତବତାର ସରହଦ ଭିତରେ ଜୀବନ ସଂନ୍ଧ୍ୟାରେ ମଗ୍ନ ହୋଇଛି । କବି ଜୀବନର ପାରମ୍ଭରେ ବିକଶିତ ପ୍ରେମ ବୋଧ ଓ ପରେ ପରେ ସ୍ପଷ୍ଟ ବାସ୍ତବଧର୍ମୀ ଚିନ୍ତନ ଓଡ଼ିଆ କବିତାରେ ଏହି ଦୁଇ ସ୍ୱରର ସମନ୍ୱୟ ସ୍ଥପତି ଭବରେ ତାଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ପରବର୍ତ୍ତୀ ସମୟରେ କବିଙ୍କ କବିତାରେ ସାମାଜିକ ଅସଙ୍ଗତି, ତୃଣମୂଳମଣିଷର ସମସ୍ୟା ଶାସନ ବ୍ୟବସ୍ଥାର ଅମଙ୍ଗଳ ଉଦ୍ଦେଶ୍ୟ ଆଦି ବୃହତ ପରିସର ରେ ପ୍ରକାଶ ପାଇଛି । ପ୍ରେମ ଓ ପ୍ରତିରୋଧର କବି ଭାବରେ ପ୍ରସନ୍ନ କୁମାର ମିଶ୍ର ଓଡ଼ିଆ କବିତାରେ  ପ୍ରତିଷ୍ଠା ପାଇଛନ୍ତି । କବିଙ୍କ କାବ୍ୟଯାତ୍ରା 'ଉନ୍ନଦ୍ୱୀପର ମାଝି' (୧୯୬୧) ବସନ୍ତର ସ୍କେଚ୍ (୧୯୬୮) ଅଦୃଶ୍ୟ ସଙ୍ଗମ (୧୯୭୬) ସାରା ଆକାଶରେ ତାରଡ଼ାକ ଆ ପକ୍ଷୀ ଫେରିଆ, ଟ୍ରକ୍ ଡ଼ାଲାରେ ସନାତନ,ଚାଲିବାର ଗୀତ ମନିକାର ପ୍ରିୟ ନିଜ ତରଫରୁ ଶୋକ ପ୍ରସ୍ତାବ, ଷଷ୍ଠମହଲାର ସ୍ତ୍ରୀ ଲୋକ (୧୯୯୮) ପର୍ଯ୍ୟନ୍ତ ପରିବ୍ୟାପ୍ତ । କବି ଏବେବି ଅନେକ କବିତା ରଚନା କରିବା ସହ ସେସବୁକୁ ଗ୍ରନ୍ଥ ମଣ୍ଡନ କରିବାରେ ନିୟୋଜିତ। ଜଣେ ପ୍ରୟୋଗ ବାଦୀ କବି ଭାବରେ କବିତା ରଚନା ଆରମ୍ଭ କରି ପରବର୍ତ୍ତୀ ସମୟରେ ସେହି କ୍ଲିଷ୍ଟ ପରୀକ୍ଷାଧର୍ମୀତାରୁ କବି ମୁକୁଳି ଯାଇଛନ୍ତି । କବିଙ୍କ ପ୍ରଥମ କବିତା ଗ୍ରନ୍ଥ 'ରନ୍ଦ୍ୱୀପର ମାଝି' ରୋମାଣ୍ଟିକ୍ ଭାବବୋଧର ଶିଖର ସ୍ୱର୍ଶ କରିଛି । ତରୁଣ କବିର ସମସ୍ତ ପ୍ରେମବୋଧ ଓ ସୌନ୍ଦର୍ଯ୍ୟ ଦୃଷ୍ଟି ଏଥିରେ ପ୍ରକାଶିତ ହୋଇଛି । କବିଙ୍କ ଦ୍ୱିତୀୟ କବିତା ଗ୍ରନ୍ଥ 'ବସନ୍ତର ସ୍କେଚ୍' ତାଙ୍କ କବି ପ୍ରତିଭାର ଛାପ ସୃଷ୍ଟି କରିଛି । କବି ପ୍ରସନ୍ନ କୁମାର ମିଶ୍ର ଏହି ଗ୍ରନ୍ଥରେ  ଅଧିକ ବାସ୍ତବବାଦୀ ମନେହୁଅନ୍ତି । ଚିତ୍ରକଳ୍ପ ଓ ପ୍ରତୀକ ପ୍ରୟୋଗରେ ଅପାରଂପାରିକତା ପ୍ରଦର୍ଶନ ସହ କାବ୍ୟ ବୋଧରେ ଜୀବନନିଷ୍ଠ ବାସ୍ତବତା ରଚିତ୍ର ଆଙ୍କିଚନ୍ତି । କବିଙ୍କ ପ୍ରକୃତ କାବ୍ୟ ଦକ୍ଷତାର ବିକାଶ ଘଟିଛି ଉତ୍ତର ଅଶିକବିତାରେ । ନିର୍ଦ୍ଦିଷ୍ଟ ଭାବରେ ଗୋଟିଏ କାବ୍ୟ ଯୋଜନାକୁ ହାତକୁ ନେଇ ଦୀର୍ଘ କବିତା ରଚନା କରିବାରେ କବି ମନ ଦେଇଛନ୍ତି । ପ୍ରତିନିଧି ସ୍ଥାନୀୟ ଚରିତ୍ର ଓ ଘଟଣାମାନଙ୍କର ପ୍ରତିନିଧିତ୍ୱ କରିବା, ଏପରି କାବ୍ୟ ନିରୀକ୍ଷାର ଉଦ୍ଦେଶ୍ୟ । ଏହି କ୍ରମରେ କବିଙ୍କର ଦୁଇ ସଫଳ କୃତୀ 'ଟ୍ରକଡ଼ାଲାରେ ସନାତନ' (୧୯୯୨) ଓ 'ମନିକାର ପ୍ରିୟ' (୧୯୯୩) ପ୍ରକାଶ ପାଇଛି । ଟ୍ରକଡ଼ାଲାରେ ସନାତନ ଗ୍ରନ୍ଥରେ କବି 'ସନାତନ' ଚରିତ୍ରଟିକୁ ତୃଣମୂଳସ୍ତରର ସଂଗ୍ରାମୀ ଓଡ଼ିଆ ପ୍ରତିନିଧି ଭାବରେ ସୃଷ୍ଟି କରିଛନ୍ତି । କବି ନିମ୍ନବର୍ଗ ମଣିଷର ଦୁଃଖ ଧାରା ବାହିକ ଭାବରେ ବର୍ଣ୍ଣନା କରିବାକୁ ଯାଇ ପୁରାକଳ୍ପ ଓ ଇତିହାସର ଅସହଯୋଗରେ 'ସନାତନ' ନାମକ ନିମ୍ନ ମଧ୍ୟବିତ୍ତ ଚରିତ୍ରକୁ ଖୋଜି ପାଇଛନ୍ତି । କବି ସନାତନର ପରିଚୟ ଦେଇ କହିଛନ୍ତି ।

'ଯିଏ ମା, ଭାଇ, ଭଉଣୀ ପାଇଁ
ବିକି ଦେଇଛି ନିଜର ଜୀବନ
ତା'ରି ନାଁତ ସନାତନ ।
(ଟ୍ରକଡ଼ାଲାରେ ସନାତନ)

ସନାତନ ସାଧାରଣ ଓଡ଼ିଆ ଘରର ପିଲା । ପରିବାର ପୋଷିବା ପାଇଁ ଯିଏ ଯାଏ ଦାଦନ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଶାର ଗ୍ରାମ୍ୟ ଅର୍ଥନୀତିର ପ୍ରତୀକ ହେଉଛି ସନାତନ । ପେଟ ପୋଷିବା ପାଇଁ ତା ’ ଗାଆଁରେ ସଂବଳ ନାହିଁ । ଚାଷ ଜମି ନାହିଁ, ଘରେ ଚେକା ମାଡ଼ି ବସିଛି ଦୁଃଖ । ବାପା ପାଇଁ ଅଫିମ, ମା ପାଇଁ ବଟିକା, ଅନ୍ଧାରକୁ ମାଟି ତେଲ, ପେଟ ପାଇଁ ଦାନା, ଦେହକୁ କନା ସନ୍ଧାନରେ ଆଜି ଦାଦନ । ଟ୍ରକଡ଼ାଲାରେ ବସି ସେ ଯାଏ ଖଣି ଖାଦନକୁ ମୂଲଲାଗି । ଓଡ଼ିଆ ମାନେ ରେଙ୍ଗୁନ, କଲିକତା, ଆସାମର ଚା’ ବଗିଚାରେ ମୂଲ ଲାଗୁଥିଲେ । ଏଚିତ୍ର ୧୯୯୦ ମସିହାରେ ମଧ ଉପଲବ୍ଧ । ପଡ଼ୋଶୀ ରାଜ୍ୟ ମାନଙ୍କର ଇଟାଭାଟି, ସୂତାକଳରେ କାମ କରିବାକୁ ରାଜପଥରେ ଓଡ଼ିଆଙ୍କ ଲଙ୍କା ପଟୁଆର ଠିଆହୁଏ । କବି ଦାଦନ ଯାଉଥିବା ଓଡ଼ିଆ ମାନଙ୍କୁ ସନାତନ ଭିତରେ ଚିହ୍ନଟ କରିଛନ୍ତି ।

‘ଟ୍ରକଡ଼ାଲାରେ ବସି କୁଆଡ଼େ ଯାଉଛୁରେ ସନାତନ ?
ଥେରୁଭାଲି ନା ଦାମନ ଯୋଡ଼ି ?
ଯୂଆଡ଼େ ଯା’ ସବୁଠି ପାହାଡ଼
ସବୁଠି ପାହାଡ଼ ଭାଙ୍ଗି କରିବାକୁ ହେବ ଧୂଳି ।’
(ଟ୍ରକଡ଼ାଲାରେ ସନାତନ)

କବି ପ୍ରସନ୍ନ ମିଶ୍ରଙ୍କ କାବ୍ୟ ଯାତ୍ରାର ଉତ୍ତରଣ ଭାବରେ ‘ଟ୍ରକଡ଼ାଲାରେ ସନାତନ’ ସୃଷ୍ଟି ହୋଇଛି । ଓଡ଼ିଆ ମାନଙ୍କ ଜୀବନ ଦୁର୍ଦ୍ଦଶା ପ୍ରଦର୍ଶନ କରିବାରେ ଆଉ କୌଣସି କବିତା ସଙ୍କଳନ ‘ଟ୍ରକଡ଼ାଲାରେ ସନାତନ’ ପରି ପାଠକୀୟ ସଫଳତା ପାଇ ନାହାନ୍ତି । ଅନ୍ୟପକ୍ଷରେ ‘ ମନିକାର ପ୍ରିୟ’ ଏକ ପ୍ରେମକବିତା ଗ୍ରନ୍ଥଭାବରେ ପ୍ରକାଶ ପାଇଛି । ପ୍ରସନ୍ନ ମିଶ୍ରଙ୍କ ରୋମାଣ୍ଟିକ୍ ବିହ୍ୱଳତା ସହ ଜୀବନ ଦର୍ଶନର ଏକ ସମନ୍ୱିତ କାବ୍ୟରୂପ ‘ମନିକାର ପ୍ରିୟ’ ରେ ପ୍ରକାଶ ପାଇଛି । ‘ମନିକାର ପ୍ରିୟ’ ଅନ୍ୟ ପ୍ରେମ କବିତା ମାନଙ୍କ ପା ସାଧାରଣ ସ୍ତରର ପ୍ରେମ ନୁହେଁ । ଏଥିରେ ପ୍ରେମର ତଲ୍ଲୀନତା ଓ ସୌନ୍ଦର୍ଯ୍ୟ ବୋଧର ଏକ ମହିମାନ୍ୱିତ ପ୍ରତିକ୍ରିୟା ରହିଛି । କବି ‘ମନିକା’ କୁ ପ୍ରେମର ଦେବୀ ଭାବରେ ଉପସ୍ଥାପନା କରିଛନ୍ତି । ପ୍ରେମିକାର ଆଗମନ ନିମନ୍ତେ କବିଙ୍କ ପୂର୍ବରାଗ ଜନିତ ପ୍ରଦ୍‌ତୁତିକୁ ଲକ୍ଷ୍ୟ କରନ୍ତୁ:

‘ତୁମେ ଆସିଲେ
ସ୍ୱର ହରାଉଥିବା ବଂଶୀମାନେ
ହୋଇଯିବେ ସ୍ୱରମୟ
ହେବ ଏ ବସ୍ତିରେ ନେତ୍ରୋତ୍ସବ
ଯେତେବେଳେ
ମନିକାର କୁକୁରେ ବୁକୁ ମିଳାଇ
ପାଦରେ ପାଦ ବାହୁରେ ବାହୁଛନ୍ଦି
ମହାସୁଖର ସମୁଦ୍ରରେ ଢ଼େଉ ଭାଙ୍ଗିବ
ମନିକାର ପ୍ରିୟକବି ।’
(ମନିକାର ପ୍ରିୟ)

"ମନିକାର ପ୍ରିୟ' ସଂପର୍କରେ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଧାର୍ଯ୍ୟ କରିବା ଠିକ୍ ନୁହେଁ । ଏହା ହୃଦୟ ସହିତ ଯୋଡ଼ି ହୋଇଥିବାରୁ ପାଠକ ନିଜକୁ ଏଥିରେ ଆବିଷ୍କାର କରିବ । ପୁରାଣ ବା ଇତିହାସର ଧାର ନଧାରି ନିରୁତା ସାମାଜିକ ଓ ସମକାଳୀନ ଚରିତ୍ର ପ୍ରୟୋଗରେ ମନିକାର ପ୍ରିୟର ଅର୍ଥକତା ରହିଛି । ମନିକା ସିରିସ୍‌ର କବିତା ଗୁଡ଼ିକ ବର୍ଷ ବର୍ଷ ଧରି ଓଡ଼ିଆ ପାଠକଙ୍କୁ ଆବୃଷ୍ଟ କରିଛି ଓ ଅନେକ କବି ଏହାଦ୍ୱାରା ଉଦ୍‌ବୁଦ୍ଧ ହୋଇ କବିତା ରଚନା କରିଛନ୍ତି, ଏହାହିଁ ମନିକାର ପ୍ରିୟ ଓ ପ୍ରସନ୍ନ ମିଶ୍ରଙ୍କ ବଡ଼ ସାଫଲ୍ୟ । କବିଙ୍କ 'ଷଷ୍ଠ ମହଲାର ସ୍ତ୍ରୀ ଲୋକ' ଚାଲିବାର ଗୀତ ' ନିଜତର ଫରୁ ଶୋକ ପ୍ରସ୍ତାବ', 'ଜନପଦ' ଆଦି କବିତା ମାନଙ୍କର କବି ସାମାଜିକ ବାସ୍ତବତାକୁ ପ୍ରମୁଖତା ସହ ପ୍ରୟୋଗ କରିଛନ୍ତି । ସମକାଳୀନ ସକାଜ ବ୍ୟବସ୍ଥାରୁ ଉତ୍ପନ୍ନ ବିଭିନ୍ନ ବ୍ୟବହାରିକ କ୍ରିୟା-ପ୍ରତିକ୍ରିୟାରେ ତାଙ୍କର ଏହି କବିତା ଗୁଡ଼ିକ ସମୃଦ୍ଧ ହୋଇଛି । ପ୍ରସନ୍ନ ମିଶ୍ରଙ୍କ କବିତା ଗୀତିମୟ । କାବ୍ୟ ଭାଷା ସହ କଥ୍ୟଭାଷାର ସମନ୍ୱୟରେ ଏକ ନାଟକୀୟ ପରୀବୃତ୍ତ ତାଙ୍କ କବିତା ସୃଷ୍ଟି କରେ । ପ୍ରସନ୍ନଙ୍କ କବିତାରେ ଚିତ୍ରକଳ୍ପ ପ୍ରୟୋଗା ଉତ୍କର୍ଷ ଦେଖାଯାଏ । ଚିତ୍ର ମାଧ୍ୟମରେ ଚେତନାର ବିସ୍ତରଣରେ ସେ ବିଶ୍ୱାସ କରନ୍ତି । କବି ପ୍ରସନ୍ନ କୁମାର ମିଶ୍ର ଆଧୁନିକ ଓଡ଼ିଆ କାବ୍ୟ ପରମ୍ପରାର ଜଣେ ଗୁରୁତ୍ୱ ପୂର୍ଣ୍ଣ କବି । ବିଶେଷଭାବରେ ୧୯୯୦-୨୦୧୦ କୋଡ଼ିଏ ବର୍ଷ ତାଙ୍କ କାବ୍ୟ ରଚନାରେ ଚରମ ଉତ୍କର୍ଷ ସାଧନ କରିପାରିଛି । ନାରୀ ମନସ୍ତତ୍ତ୍ୱ ଓ ତାର ନନ୍ଦନବୋଧ କିପରି ଜଟିଳ ସମୟ ପାଖରେ ଝାଉଁଳି ପଡ଼େ, ତାର ପରିଚୟ ହେଉଛି 'ବେବି ବରଗଡ଼ରେ' କବିତା ।

## ୧.୧ 'ବେବି ବରଗଡ଼ରେ' କବିତାରେ ପୃଷ୍ଠଭୂମି ବିଚାର

କବି ପ୍ରସନ୍ନ କୁମାର ମିଶ୍ରଙ୍କ 'ଷଷ୍ଠ ମହଲାର ସ୍ତ୍ରୀ ଲୋକ' ୧୯୯୮ ମସିହାରେ ପ୍ରକାଶିତ ହୁଏ । ଏହି ସଙ୍କଳନଟି କବିଙ୍କର ବହୁଚର୍ଚ୍ଚିତ 'ମନିକାର ପ୍ରିୟ' (୧୯୯୭) କବିତା ଗ୍ରନ୍ଥ ପରେ ପରେ ପ୍ରକାଶ ପାଇଛି । ମନିକାର ପ୍ରିୟରେ ମନିକା ଚରିତ୍ରକୁ ନେଇ କବି ପ୍ରେମର ପରମ ନିୟତି ସଂପର୍କରେ ବାଖ୍ୟା କରିଥିଲେ । ଏଥିରେ ପରକୀୟା ପ୍ରେମର ସୌନ୍ଦର୍ଯ୍ୟ ଓ ସଂଘର୍ଷ ଥିଲା ସତ କିନ୍ତୁ ନାରୀ ସମାଜରେ ଭୋଗୁଥିବା ଜଟିଳ ସମସ୍ୟାର ରୂପାୟନ ନ ଥିଲା । ଏହି ଅଭାବବୋଧକୁ ପରବର୍ତ୍ତୀ କବିତା ଗ୍ରନ୍ଥ 'ଷଷ୍ଠ ମହଲାର ସ୍ତ୍ରୀ ଲୋକ' ପୂରଣ କରିପାରିଛି । ଏଥିରେ ଷଷ୍ଠ ମହଲାରେ କାମ କରୁଥିବା ସ୍ତ୍ରୀ ଲୋକ, ବେବି ବରଗଡ଼ରେ, ସୁଷମା , ପ୍ରିୟମ୍ୱଦା, ରାନୁ ପରି ନାରୀ ଚିରତ୍ର ମାନେ ଅଛନ୍ତି । ଏହିସବୁ ନାରୀ ଚରିତ୍ର ଗୁଡ଼ିକ ସମାଜର ଭିନ୍ନଭିନ୍ନ ପରିବେଶ ଓ ସଂଘର୍ଷ ଭିତରୁ ଆସିଛନ୍ତି । ସମକାଳୀନ ନାରୀ ମାନଙ୍କର ବିମର୍ଷ କହିବାରେ ଶ୍ରେଣୀୟଗ୍ରନ୍ଥ । ସମକାଳର ନାରୀମାନେ ଘର, କାର୍ଯ୍ୟାଳୟ, ଦାମ୍ପତ୍ୟ ଜୀବନରେ ଭୋଗୁଥିବା ବହୁବିଧ ସମସ୍ୟାର ସ୍ୱରୂପ ଏହି ସବୁ କବିତା ମାନଙ୍କରେ ପ୍ରକାଶ ପାଇଛି । ସ୍ୱାମୀ ପ୍ରତାରିତା, ସ୍ୱାମୀଦ୍ୱାରା ନିର୍ଯ୍ୟାତିତା ଓ ମନଭାଙ୍ଗି ଯାଉଥିବା ନାରୀ ମାନଙ୍କର ମାନସିକ ଯନ୍ତ୍ରଣାର ନିଷ୍କର୍ଷକୁ ନେଇ 'ଷଷ୍ଠ ମହଲାର ସ୍ତ୍ରୀ ଲୋକ' ରୂପପାଇଛି । ନାରୀ ମାନଙ୍କର ବିପର୍ଯ୍ୟୟ ଓ ମୁକ୍ତିକୁ ନେଇ ଓଡ଼ିଆ କାବ୍ୟ ଧାରାରେ ଲହା ଲକ ପ୍ରତିନିଧି ମୂଳକ କବିତା ଗ୍ରନ୍ଥ । ଜଗତୀକରଣ (୧୯୯୧) ପରେ ସମାଜରେ ଯେଉଁ ବୈଷୟିକ ବସ୍ତୁଗତ ପରିବର୍ତ୍ତନ ସୃଷ୍ଟି ହେଲା, ସେପରି ଏକ ବ୍ୟବସ୍ଥାରେ ନାରୀନିଜର ପାରମ୍ପାରିକ ଜୀବନସତ୍ତାକୁନେଇ ନୂତନ ପରିବେଶ ରେ ବଞ୍ଚିବା କଷ୍ଟକର ହୋଇପଡ଼ିଲା । ଶିକ୍ଷା ଓ ସଭ୍ୟତାରେ ପୁରୁଷ କ୍ଷମ ନାରୀ ଚାହିଁଲା ଅନ୍ୟ ପୁରୁଷ ମାନଙ୍କ ପରି ନିର୍ଭୀକତା ଓ ନିରାପତ୍ତା । ୟୁରୋପର ନାରୀ ମାନଙ୍କୁ ଆକର୍ଷିତ କଲା । ଜଗତୀକରଣ ସମଗ୍ର ବିଶ୍ୱକୁ ଯୋଡ଼ି ଦେବା ପରେ ସଭ୍ୟତା ଓ ସାଂସ୍କୃତିକ ବିନିମୟର ବାଟ ଫିଟିଗଲା ।

ରାଜନୈତିକ ସ୍ତରରେ ବହିଳା ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ, ଶିକ୍ଷା, ଚାକିରୀ, ଗମନାଗମନ ଆଦିରେ ନାରୀ ସଂରକ୍ଷଣ ନାରୀମାନଙ୍କର ସାମାଜିକ ସ୍ଥିତି ସୁଧାରିବାରେ ସାହାର୍ଯ୍ୟ କଲା । 'ମହିଳା କମିଶେନ' 'ଘରୋଇ ହିଂସା

ପ୍ରତିରୋଧକ ଆଇନ' ନାରୀକୁ ପୂର୍ବପେକ୍ଷା ଅଧିକ ସମୃଦ୍ଧ ଓ ସଶକ୍ତି କରିବାରେ ସାହାର୍ଯ୍ୟ କଲା । ନାରୀ ସୁରକ୍ଷା ଓ ନାରୀ ସ୍ୱାଧୀନତା କ୍ରମରେ ଅନେକ ରାଜନୈତିକ ସାମାଜିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଲା । ବିଂଶ ଶତାବ୍ଦୀର ଶେଷ ଦଶକରେ ଜରେ ନାରୀ ତାର ଅବଚେତନୀୟ ଇଛି, ଜୀବନ ଶୈଳୀ, ଅବଷୋସ ଆଦିକୁ ସ୍ପଷ୍ଟ ରୂପରେ ପ୍ରକାଶ କରିପାରିଲା । ଏହିକ୍ରମରେ କବିତା ଓ ଅନ୍ୟ ସର୍ଜନଶୀଳ କୃତୀ ମାନଙ୍କର ନାରୀର ମୁକ୍ତ ଓ ଅମାଧ ଇଚ୍ଛାକୁ ପ୍ରଧାନ୍ୟ ଦିଆଯାଇ ରଚନା କରାଗଲା । ଆଲୋଚ୍ୟ କବିତା ' ବେବି ବରଗଡ଼ରେ' ଏହିପରି ଏକ ମୁକ୍ତ ମାନସିକତାର ଭୂମିରୁ ଉତ୍ପନ୍ନ ହୋଇଛି । ସ୍ୱାମୀ ସଂସାର କରିଥିବା 'ବେବି' ର ମନ ଅନ୍ଧାରରେ ଲୁକ୍‌କାୟିତ ଇଛା ମାନଙ୍କର କାବ୍ୟରୂପ ଏହି କବିତାର ସଧାଂଶ । ଏହି କବିତାଟିକୁ ପରିବର୍ତ୍ତିତ ସାମାଜିକ ପାଣିପାଗ ଜନିତ ପୃଷ୍ଠଭୂମିରେ ବୁଝିବାକୁ ପଡ଼ିବ ।

## ୧.୨ କବିତାର ମୂଳପାଠ ଅଧ୍ୟୟନ

'ବେବି ଏବେ ବରଗଡ଼ରେ ଅଛି ।
ତା'ର ବର ସହିତ ଭଡ଼ାଘରେ ।
କୋଳରେ ପିଲାଟିଏ ଚୋଚୁମୁଚି ।'

କବିତାର ଆରମ୍ଭରେ କବି ପ୍ରସନ୍ନ କୁମାର ମିଶ୍ର ବେବିର ପରିଚୟ ଓ ତାର ସ୍ଥିତି ସଂପର୍କରେ ସ୍ୱଷ୍ଟ କରି ଦେଇଛନ୍ତି । ବେବି ବିବାହିତା ଓ ତାର ଅତି ସାନ ପିଲାଟି କହିଦେଉଚି ତାର ଦାମ୍ପତ୍ୟ ଅନ୍ନ ଅତୀତର । ବିବାହ ପୂର୍ବର ବେବି ଓ ମା' ବେବି ଭିତରେ ବହୁତ ଫରକ । ପିଲାଦିନୁ ବେବିର ଅନେକ ସ୍ୱଷ୍ଟ ଥିଲା ।

'ସେ ତ ପିଲାବେଳୁ
ଗାଧୋଇବା ବାହାନାରେ
ପୋଖରୀର କଇଁ ଫୁଲ ଦେଖୁଥିଲା
ସାଙ୍ଗକୁ କହୁଥିଲା
ଅଜଣା ରାଇଜର ଗପ
ଯେଉଁଠି ଫୁଲ ଫୁଟେ ରାତିଦିନ ।'

ଅବିବାହିତ ବେବିର ଏସ୍ୱପ୍ନ କିନ୍ତୁ ବେଶୀଦିନ ରହିଲା ନାହିଁ । ବରଗଡ଼ରେ କଇଁ ପୋଖରୀ ବଦଳରେ କଳପାଣି । ଯାହାପୁଣି ବାଲ୍‌ଟିଏ ପାଇଁ ଘଣ୍ଟେ ଅପେକ୍ଷା କରିବାକୁ ପଡ଼େ । ନାରୀର ଜୀବନ ବଡ଼ ବିଚିତ୍ର । ଝିଅ ସମୟରେ କଇଁ ପୋଖରୀ ସ୍ତ୍ରୀ ହେବାପରେ କଳପାଣିରେ ବଦଳିଯାଏ । ଏତେ ପରିବର୍ତ୍ତନ ଭିତରେ ତାର କୁମାରୀ ମନ କିନ୍ତୁ କଇଁ ପୋଖରୀ ପାଖରେ ବନ୍ଧା ପଡ଼ିଥାଏ । ସୌନ୍ଦର୍ଯ୍ୟ ଓ ସୁଖ ପାଇଁ ସେ ଅତୀତକୁ ଧାଁଏ । ଏ କବିତାରେ ମଧ ଠିକ୍ ସେୟା ହୋଇଛି । ବରଗଡ଼ର କଳକାରଖାନା ମଣ୍ଡିତ ଶିଳ୍ପ ସଭ୍ୟତା ଗ୍ରାମ୍ୟ କିଶୋରୀ ବେବିକୁ ଭଲ ଲାଗିନାହିଁ । ନାରୀ ଯେତେବେଳେ ନିଜର ପ୍ରବୃତ୍ତି ମୁତାବକ ପରିବେଶ ପାଏନାହିଁ ସେତିକିବେଳେ ତାର ଦାମ୍ପତ୍ୟ ଭୁସୁଡ଼ି ପଡ଼େ । ନାରୀ ଜୀବନର ଏହା ଏକ ଚରମ ବିପର୍ଯ୍ୟାୟ । ନିଜର କୋମଳତା ଓ ସୌନ୍ଦର୍ଯ୍ୟ ବୋଧକୁ ସୁରକ୍ଷିତ କରିବା ଗୋଟିଏ ସ୍ୱର୍ଶକାତର ପ୍ରସଙ୍ଗ । ଏହି କବିତାରେ ବେବି ନିଜର ଗୋପନୀୟ ନୈରାଶ୍ୟ କିପରି ବ୍ୟକ୍ତ କରିଛି ଦେଖାଯାଉ ।

'ବେବିକୁ ଲଣ୍ଡାପାହାଡ଼ ଶୁଖିଲା ନଈ
ଘୋ ଘୋ ବଜାର ଭୁ ଭାଁ ସଡ଼କ
ଭଲ ଲାଗେନା ।
ବେଶୀ ଖରା ବେଶୀ ଶୀତ ବେଶୀ ଧୂଳି
ଭଲ ଲାଗେନା ବୋଲି
ଚାହୁଁ ନଥିଲା ସିଏ
ସିମେଣ୍ଟ କମ୍ପାନୀରେ ଯିଏ ଅଛି
ସେଇ ତା ' ବର ହେଉ ।'

ଗୋଟାଏ ସୌନ୍ଦର୍ଯ୍ୟ ହୀନ, ପ୍ରେମହୀନ, ନିଁସବୁଜ ପରିବେଶ ବେବି ଚାହୁଁ ନଥିଲା ବୋଲି ସିମେଣ୍ଟ କମ୍ପାନୀ ବର ତାର ପସନ୍ଦ ନ ଥିଲା । ବେବି ଏବେ ସଂସାରୀ । ପିଲାର ମା' । ତଥାପି ବେବି ଅସୁଖୀ । ମନେ ପଡ଼ିଯାଏ ତାର କଇଁ ପୋଖରୀ ରଙ୍ଗ ପ୍ରଜାପତି, ପିଲାଦିନ । ଏହି ଦୁଇ ଭାବର ବିରୋଧ ବିଶ୍ଳେଷଣ ନେଇ ଏହି କବିତାଯି ଏକ ବାସ୍ତବବାଦୀ ରୋମାଣ୍ଟିକ୍ ଦ୍ୱନ୍ଦ ପାଠକ ସାମ୍ନାରେ ସୃଷ୍ଟି କରିଛି । ଗୋଟିଏ ପଟେ ଜୀବନର ନାନ୍ଦନିକତା ଅନ୍ୟପକ୍ଷରେ ବାସ୍ତବତା । ଏହି ଦୁଇ ବାସ୍ତବିକତାର ଦ୍ୱନ୍ଦ କବିତାକୁ ସମୃଦ୍ଧ କରିଛି । ସ୍ୱପ୍ନ ଓ ବାସ୍ତବତା ନାରୀ ଜୀବନର ଦୁଇଟି ସତ୍ୟ । ପ୍ରାକ୍ ବିବାହ ଜୀବନରେ ପ୍ରେମାନୁଭବ ବିବାହ ପରେ ଛାତି ଭିତରେ ଜମାଟ ବାନ୍ଧିଯାଏ । ଦାମ୍ପତ୍ୟ ଜୀବନର ଧୂସରତା ଭିତରୁ ବେଳେ ବେଳେ ଏହି ଶ୍ୟାମଳାମା ଉଙ୍କିମାରେ । ଏହି ଦୁଇ ଚେତନାର ସଂଘର୍ଷ ଓ ସମୀକରଣରେ ନାରୀ ବଞ୍ଚିରହେ । ଏହାହିଁ 'ବେବି ବରଗଡ଼ରେ' କବିତାର ସାରାଂଶ । କବିତାର ଶେଷ ପର୍ଯ୍ୟାୟରେ ଏକ ଲୋକମିଥ୍ ବରଗଡ଼ର ଧନୁ ଯାତ୍ରା ପ୍ରସଙ୍ଗର ପ୍ରୟୋଗ କରି କବି ବେବିର ମାନସିକ ଆଶ୍ୱସ୍ତିର ସୂଚନା ପ୍ରଦାନ କରିଛନ୍ତି । କଂସ ରୂପକ ଧୂସରତାକୁ କୃଷ୍ଣ ରୂପକ ପ୍ରେମିଳତା ପ୍ରତିବର୍ଷ ହତ୍ୟା କରୁଥିବାରୁ ବେବିର ବରଗଡ଼ ରହଣି ସମ୍ଭବ ହୋଇପାରିଛି । କୁମାରୀ ଜୀବନର କାମନା ବୈବାହିକ ଜୀବନରେ ବିଫଳ ହୋଇଯିବା ପରେ ନାରୀଟିର ଦାମ୍ପତ୍ୟ ବିପର୍ଯ୍ୟୟ ଓ ଅସହାୟତା ଏହି କବିତାରେ ଚିତ୍ରଣ ହୋଇଛି ।୧

## ୧.୩ କବିତାର ଆତ୍ମିକ ଚେତନାର ବିଶ୍ଳେଷଣ

'ବେବି' ନଗର ଜୀବନ ସଂଭୂତ ସଂଭ୍ରାନ୍ତ ମହିଳା ମାନଙ୍କର ପ୍ରତିନିଧିତ୍ୱ କରେ । ବେବିର ଦୁଃଖ ଆତ୍ମିକ । ତାର ସ୍ୱାମୀ, ସଂସାରକୁ ନେଇ ସେ ଅସନ୍ତୁଷ୍ଟ । ବେବି ପ୍ରକୃତି ପ୍ରେମିକା । ସ୍ୱାମୀତାର ବସ୍ତୁବାଦୀ, କମ୍ପାନୀ ମଣିଷ, କାମ ଆଉ କାମ । ସେଠି ପ୍ରେମ ଓ ସୌନ୍ଦର୍ଯ୍ୟ ପାଇଁ ସମୟ କାହିଁ ? ଶିଳ୍ପନଗରୀର ଅପ୍ରାକୃତିକ ସୁଖ ବେବିର ପସନ୍ଦ ନୁହେଁ । ସେ ଆଶା କରିଥିବା ଜହ୍ନରାତି, ଶିଶିର ସ୍ନାତ ଦୁବଘାସ, କୃଷ୍ଣଚୂଡ଼ାର ରକ୍ତ ଆଖି, ମଳୟପବନ ସବୁ ସିମେଣ୍ଟ କାରଖାନାର ଧୂଆଁ ପାଲଟିଯାଏ । ଗୋଟିଏ ପ୍ରେମିକ ସବୁଜ ପ୍ରାଣ ସହିତ ବସ୍ତୁବାଦୀ ଜୀବନର ସଂଘର୍ଷ କବିତାର ଶେଷ ପର୍ଯ୍ୟାୟରେ ନାଟକୀୟ ଉପଲବ୍ଧି ପ୍ରଦାନ କରିଛି ।

' ବେବି ବରଗଡ଼ରେ ତଥାପି ଅଛି
ଆଶ୍ଚର୍ଯ୍ୟ କଥା

ସେଠି ଫି ବର୍ଷ
ମୁକୁଟ ପିନ୍ଧି ବାହାରେ କଂସ
ଓହୋ ! କଂସ ପଟରେ / କେତେଲୋକମ !
ବଲୁଆ, ନିଶୁଆ, ମୁହଗରିଆ
ବେବିକୁ ଡ଼ରଲାଗେ
ସାଙ୍ଗରେ ସ୍ୱାମୀ ତିଲେ କଣ ହେବ ।
ବେବିତ ସତକୁ ସତ
ମୂର୍ଚ୍ଛା ଯାଆନ୍ତା, ଯଦି
ବାହାରୁ ନଥାନ୍ତା କୃଷ୍ଣ ।
ଫି ଦନ ଧୁମ ଧଡ଼ାକ କରି
ଫି ସନ ମରୁଚି ବୋଲି କଂସ
ବେବି ବରଗଡ଼ରେ ରହି ପାରିଚି ।'

ନାରୀ ଯାହା ଚାହେଁ ତାହା ପାଇନଥାଏ । ସ୍ୱାମୀ ବାହାରକୁ ସିନ୍ଦୂର ହୋଇ ଶୋଭାପାଏ । ପ୍ରେମିକ ଛାତି ଭିତରେ ରକ୍ତ ହୋଇ ଝରୁଥାଏ । ସବୁ ପାଇବା ଗୋଟାଏ ଚକତ୍କାର ହରେଇବା । ବେବି ପାଇନି । ଯାହା ପାଇଚି ତାକୁ ଯରେଇବାକୁ ପ୍ରସ୍ତୁତ । ବେବିର ଇଚ୍ଛାବରୁଦ୍ଧର ଘଟଣାସବୁ 'କଂସ' ପରି ତାକୁ ଆକ୍ରମଣ କରନ୍ତି ଅଥଚ 'କୃଷ୍ଣ' ରୂପକ ପ୍ରେମପଣଟିଏ ଏସବୁକୁ ଧ୍ୱଂସକରି ତାକୁ ବଞ୍ଚିବା ଶିଖାଏ । ବେବି ସବୁ ସତ୍ତ୍ୱେ ସ୍ୱାମୀ ସଂସାରରେ ସନ୍ତୁଷ୍ଟ ହୋଇରହେ । କୁମାରୀ ଜୀବନର ପ୍ରକୃତ୍ତି ସବୁ ତାକୁ ଆକ୍ରମଣ କଲାବେଳେ ହୁଏତ ତା'ର ସ୍ୱାମୀର ପ୍ରେମପଣ କୃଷ୍ଣସାଜି ଗୋଟିଏ ବଡ଼ ଅଘଟଣରୁ ତାକୁ ଉଦ୍ଧାର କରେ । ଭାରତୀୟ ନରୀର ଶାସ୍ତ୍ରୀୟତା ଏଠାରେ ପ୍ରକାଶ ପାଇଛି । ମନଗହନରେ ନିଆଁ ମନରେ ମରିଲେ ହିଁ ନାରୀ କଳ୍ପ ଲକ୍ଷ୍ମୀ ପାଲଟି ନିଜ ଚିତ୍ତବୃତ୍ତିକୁ ନିୟନ୍ତ୍ରଣ କରିଛି । ସ୍ୱପ୍ନକୁ ଛାତିରେ ଯାକି ଅସହାୟ ଜୀବନ ବଞ୍ଚୁଥିବା ନାରୀମାନଙ୍କର କଥା ବେବି ମାଧ୍ୟମରେ କବି ଉନ୍ମୋଚନ କରିଛନ୍ତି ।

## ୧.୪ ନିଷ୍କର୍ଷ

'ବେବି ବରଗଡ଼ରେ' ଏକ ନାରୀ ଚେତନା ଧର୍ମୀ କବିତା ସମକାଳୀନ ନାରୀର ମାନସିକ ନିଃସଙ୍ଗତା ସହ ଏକ ବିପରୀତ ପରିସ୍ଥିତିରେ ବଞ୍ଚିବାର ଉପଲବ୍ଧି ଏଥିରେ ପ୍ରକାଶ ପାଇଛି । ଦାମ୍ପତ୍ୟ ନାରୀ ଜୀବନର ସ୍ୱରୂପକୁ ବଦଳାଇଦିଏ । ନାରୀକୁ ଏକ ନୂଆ ଜୀବନପ୍ରଦାନ କରେ । ନାରୀ ଥରେ ପତ୍ନୀ ହୋଇଗଲାପରେ ତା' ଭିତରେ ଉତ୍ତର ଦାୟିତ୍ୱ ସୃଷ୍ଟି ହୁଏ । ସେ କ୍ରମଶଃ ଜାୟାରୁ ଜନନୀ ଓ ଅନ୍ୟାନ୍ୟ ସାମାଜିକ ଭୂମିକାରେ ନିଜକୁ ଆବିଷ୍କାର କରେ । ଅତଏବ କୁମାରୀ ମନର ତାର ସମସ୍ତ ସ୍ୱପ୍ନ ପରବର୍ତ୍ତୀ ଜୀବନରେ ପରାହତ ହେଉଥିଲେ ହେଁ ଏକ ବୃହତ୍ତର ଭୂମିକାରେ ତାର ଉପସ୍ଥିତିକୁ ନେଇ ସେ ପୂର୍ବକଥାକୁ ପାଶୋରିବସେ । ବର୍ତ୍ତମାନର ବାସ୍ତବତା ଫାଙ୍କରୁ କେବେ କେବେ ଅତୀତ ମନେ ପଡ଼ିଲେ, ନାରୀ ହୃଦୟରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୁଏ, ତାହା ଏହି କବିତାରେ ପ୍ରକାଶ ପାଇଛି । ଏହି କବିତାର ଅନ୍ୟତମ ଆକର୍ଷଣ ହେଉଛି ଏହାର ସଂରଚନା ପଦ୍ଧତି । ଛୋଟ ଛୋଟ ପଦ୍ୟାଶଂରେ ସଂପୂର୍ଣ୍ଣ କବିତା ଭାବାତ୍ମକ ସଂଯୋଜନା ହୋଇଥିଲା ବେଳେ ପ୍ରତୀକତ୍ମକ ଭାଷା ପ୍ରୟୋଗ ଏହାର ବିଶେଷତ୍ୱ । ଏହି କବିତାରେ 'ଲଣ୍ଡା ପାହାଡ଼', 'ଶୁଖିଲାନଈ', 'ଘୋ ଘୋ

ବଜାର', ବଲୁଆ, ନିଶୁଆ, ମୁହଗରିଆ, କଂସ, କୃଷ୍ଣ, ଧନୁଯାତ୍ରା ଆଦି ଭିନ୍ନ ଭିନ୍ନ ଅର୍ଥ ପ୍ରତୀକରେ ବ୍ୟବହୃତ ହୋଇଛନ୍ତି । କବିତାର ଶେଷରେ ବରଗଡ଼ ଧନୁଯାତ୍ରାକୁ ନେଇ ଏକ ଲୋକମିଥ୍ର ସଂଯୋଜନା କରାଯାଇଛି । ବେବିର ଦେହ ଯେମିତି ଏକ ଧନୁଯାତ୍ରା ପଡ଼ିଆ । କଂସ ଭାବନା ଓ କୃଷ୍ଣପଣ ଦୁଇଟି ବିପରୀତ ଚେତନାର ଯୁଦ୍ଧସର୍ବଦା ଲାଗିରହିଛି ବେବି ବଞ୍ଚିରହିଛି । ଚେତନ । ଓ କଳା ପ୍ରକରଣ ଦୃଷ୍ଟିରୁ ବିଚାର କଲେ 'ବେବି ବରଗଡ଼ରେ' ଏକ ସାର୍ଥକ କବିତା ରୂପେ ପ୍ରତୀୟମାନ ହୁଏ ।

### ୧.୫ ଆଦର୍ଶ ପ୍ରଶ୍ନାବଳୀ

୧. କବି ପ୍ରସନ୍ନ କୁମାର ମିଶ୍ରଙ୍କ କବି ପ୍ରତିଭାର ଆକଳନ ସହ 'ବେବି ବରଗଡ଼ରେ' କବିତାର ଭାବବସ୍ତୁ ବିଶ୍ଲେଷଣ କର ।

୨. ନଗର ଜୀବନ ବଞ୍ଚୁଥିବା ଏକ ନିଃସଙ୍ଗ ନାରୀ ଚରିତ୍ର ହେଉଛି 'ବେବି' – ପଠିତ କବିତା ଭିତ୍ତିରେ ଆଲୋଚନା କର ।

୩. ବେବିବରଗଡ଼ରେ  କବିତାରେ ପ୍ରୟୋଗ ହୋଉଥିବା ଭାଷା, ପ୍ରତୀକ, ମିଥ୍ ସଂପର୍କରେ ଆଲୋଚନା କର ।

–୦–

# ଉଦ୍ୟାନ ରକ୍ଷକର ଗୀତ

**କବି : ସୌଭାଗ୍ୟକୁମାର ମିଶ୍ର**

**ସୂଚନା :**

କବି ସୌଭାଗ୍ୟକୁମାର ମିଶ୍ର ପ୍ରୟୋଗବାଦୀ କାବ୍ୟଧାରାରେ ଜଣେ ଛାମୁଆ କବି ଭାବରେ ପ୍ରତିଷ୍ଠିତ । କବିତାରେ ନାନାବିଧ ପରୀକ୍ଷା ନିରୀକ୍ଷା ସହିତ ବ୍ୟଞ୍ଜନା ଧର୍ମୀ ଭାଷା ପ୍ରୟୋଗରେ ତାଙ୍କର ସିଦ୍ଧହସ୍ତତା ଓଡ଼ିଆ କବିତାକୁ ନୂଆ ପରିଚୟ ପ୍ରଦାନ କରିଛି । ନିରୁତା ଗଦ୍ୟଧର୍ମୀ କବିତା ରଚନା କରୁଥିଲେ ମଧ୍ୟକବି ସୌଭାଗ୍ୟ ଅନ୍ୟ ସମକାଳୀନ କବିମାନଙ୍କ ପରି ଦୁର୍ବୋଧ ନୁହଁନ୍ତି । 'ଉଦ୍ୟାନରକ୍ଷକର ଗୀତ' କବିତାଟି କବିଙ୍କ ଦ୍ୱାସୁପର୍ଣ୍ଣା (୧୯୮୪) କବିତା ସଂଗ୍ରହରୁ ଚୟନ କରାଯାଇଛି । ଭାରତୀୟ ଉପନିଷେଦ ମାନଙ୍କର ଦ୍ୱାସୁପର୍ଣ୍ଣା ଦ୍ୱୈତସତ୍ତାର ପ୍ରତୀକ ଭାବରେ ପ୍ରୟୋଗ ହୋଇଛନ୍ତି । ପାପ ଓ ପୁଣ୍ୟ, ପ୍ରାପ୍ତ ଓ ଅପ୍ରାପ୍ତି, ଆଲୋକ ଓ ଅନ୍ଧାର ମଧ୍ୟରେ ଅଣନିଃଶ୍ୱାସୀ ହେଉଥିବା ବ୍ୟକ୍ତିସତ୍ତା ପ୍ରକୃତରେ ଉପନିଷଦର ଦ୍ୱାସୁପର୍ଣ୍ଣା । ଆଧୁନିକ ଜୀବନ ମଣିଷର ବ୍ୟକ୍ତିସତ୍ତାକୁ ବଦଳେଇ ଦେଇଛି । ସେ ଗୋଟିଏ ହାତରେ ପୁଣ୍ୟକରେ. ଅନ୍ୟହାତ ପାପରେ ବୁଡ଼ାଏ । ପାପ ଓ ପରକୀୟା ମତ୍ତ ଜୀବନରେ ଆଧାତ୍ମିକ ଓଁକାର ପରିକଳ୍ପନା କରେ । ଏପରି ଦୈତ ଜୀବନରେ ସନ୍ଧିକ୍ଷଣରେ ବଞ୍ଚୁଥିବା ନାୟକ ପାଇଁ ସବୁ ଅସ୍ଥିର ପାଲଟିଯାଏ । ଆଜିର ମଣିଷ ପାଖରେ ବୃହତ ଅନୁଭବ, ବୁନି ଆଦିପଣ ସବୁ ବୃଥା । ଉପଭୋଗୀ ଓ ତତ୍କାଳସୁଖ ସନ୍ଧାନୀ ମଣିଷ ପାପର ଯେତିକି ପବିତ୍ର ପୁଣ୍ୟରେ ସେତିକି ପାପବିଦ୍ଧ । 'ଦ୍ୱାସୁପର୍ଣ୍ଣା' ସଙ୍କଳନର କବିତା ମାନଙ୍କରେ ଏହି ଆଧୁନିକତମ ସତ୍ରସ୍ଥବୋଧର ପରିଚୟ ରହିଛି । କବି ସୌଭାଗ୍ୟ କୁମାର ମିଶ୍ର ୧୯୮୦ ମସିହା ପରବର୍ତ୍ତୀ କବିତା ମାନଙ୍କରେ ଅଧିକ ସମାଜନିଷ୍ଠ ମାନବିକତା ଲକ୍ଷ୍ୟ କରାଯାଏ । କବିଙ୍କ 'ଆତ୍ମନେପଦୀ', 'ମଧ୍ୟପଦ ଲୋପୀ' କବିତା ମାନଙ୍କ ଅପେକ୍ଷା 'ଦ୍ୱାସୁପର୍ଣ୍ଣା' ଓ 'ବଜ୍ରଯାନ'ର କବିତା ଗୁଡ଼ିକ ଅଧିକ ସମକାଳୀନ ମନେହୁଅନ୍ତି । ସତୁରୀ ଦଶକରେ କବି ଯେଉଁ କଂକ୍ରିଟ୍ ପ୍ରୟୋଗବାଦୀ କବିତା ରଚନା କରିଛନ୍ତି, ସେଥିରେ ସାଧାରଣ ମଣିଷ ଓ ସମାଜର ପ୍ରତିଛବି ବିରଳ । ଅନ୍ୟ ପ୍ରୟୋଗ ପ୍ରମୁଖ କବିମାନଙ୍କ ପରି ସୌଭାଗ୍ୟଙ୍କ ଉତ୍ତର ଅଶି କବିତାରେ ବ୍ୟବହାରିକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇପାରିବ ।'ଉଦ୍ୟାନରକ୍ଷକର ଗୀତ' କବିଙ୍କ ଏହି ପରିବର୍ତ୍ତନର ପ୍ରତୀକ । ଏହି କବିତାଟି ଯେତିକି ସାଧାସିଧା ସେତିକି ଅଭିଜାତ । ଗୋଟିଏ ବୃହତ ଅର୍ଥପ୍ରତ୍ୟୟ ସହିତ ଏକ ଲୌକିକ ଅର୍ଥବୋଧରେ ଏହା କବିତାର ପ୍ରାଞ୍ଜଳ ଅବବୋଧ ନିମନ୍ତେ ଏକ ବିଶ୍ଳେଷଣ ସାରଣୀ ନିମ୍ନରେ ପ୍ରସ୍ତୁତ କରାଯାଇଛି ।

୧:୦ କବି ସୌଭାଗ୍ୟ କୁମାର ମିଶ୍ରଙ୍କ କବି ପରିଚୟ ।

୧:୧ 'ଉଦ୍ୟାନରକ୍ଷକର ଗୀତ' ପୃଷ୍ଠଭୂମି ବିଚାର ।

୧:୨ 'ଉଦ୍ୟାନରକ୍ଷକର ଗୀତ' – ମୂଳପାଠ ଅଧ୍ୟୟନ ।

୧:୩ 'ଉଦ୍ୟାନରକ୍ଷକର ଗୀତ' – ଆତ୍ମିକ ଓ ଆଙ୍ଗିକ ପରୀକ୍ଷଣ ।

୧:୪ ନିଷ୍କର୍ଷ ।

୧:୫ ଆଦର୍ଶ ପ୍ରଶ୍ନାବଳୀ ।

ଉପରୋକ୍ତ କ୍ରମାନୁଯାୟୀ କବିତାର ଅଧ୍ୟୟନ କରାଯିବା ସହ ଲହି କବିତାର ସୌନ୍ଦର୍ଯ୍ୟ, ବକ୍ତବ୍ୟ ଓ ବିଶେଷତ୍ୱ ଗୁଡ଼ିକୁ ପର୍ଯ୍ୟାୟକ୍ରମେ ଆଲୋଚନା କରାଯିବ । ୧୯୮୦ ମସିହା ପରେ ଓଡ଼ିଆ କାବ୍ୟଧାରାରେ ଆସିଥିବା ଲାକ୍ଷଣିକ ପରିବର୍ତ୍ତନ କିପରି ଏହି କବିତାରେ ପ୍ରବେଶ ପାଇଛି, ତାହା ଆଲୋଚନା ଭିତରେ ସ୍ଥାନ ପାଇବ । କବି ସୌଭାଗ୍ୟ କୁମାର ମିଶ୍ରଙ୍କ ବିଶେଷତ୍ୱ କରାଯାଇ ଶେଷରେ ଏକ ନିଷ୍କର୍ଷ ପ୍ରସ୍ତୁତ କରାଯିବ ।

**୧:୦ କବି ସୌଭାଗ୍ୟ କୁମାର ମିଶ୍ରଙ୍କ କବି ପରିଚୟ ।**

ଷାଠିଏ ଦଶକରୁ ନିରବଚ୍ଛିନ୍ନ ଭାବରେ ଓଡ଼ିଆ କାବ୍ୟଧାରାରେ ଆତ୍ମପ୍ରକାଶ କରି ଆଙ୍ଗିକ ଓ ଆତ୍ମିକ ଦୃଷ୍ଟି କୋଣରୁ ଓଡ଼ିଆ କବିତାକୁ ବହୁଭାବରେ ସମୃଦ୍ଧ କରିଥିବା କବି ସୌଭାଗ୍ୟ କୁମାର ମିଶ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆଧୁନିକ ଅଭିରୁଚି, ପରିବର୍ତ୍ତିତ ସାମାଜିକ ଓ ସାଂସ୍କୃତିକ ପାଣିପାଗରେ ସୌଭାଗ୍ୟଙ୍କ କାବ୍ୟମାନସ ସର୍ବଦା ନଗଦ ଚିନ୍ତା ଚେତନାକୁ ପ୍ରଧାନ୍ୟ ଦେଇ ଆସିଛି । ଆଧୁନିକ ମଣିଷର ଉପଭୋଗ ପିପାସା  ସ ତଦ୍‌ଜନିତ କ୍ରିୟା ପ୍ରତିକ୍ରିୟାରୁ ତାଙ୍କର ଏପରି କବିତା ଗୁଡ଼ିକ ରୂପ ପାଇଛନ୍ତି । କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ଗରିଷ୍ଠ ଗଦ୍ୟ ଛନ୍ଦ ଓ  ଗୁରୁପ୍ରସାଦ ମହାନ୍ତିଙ୍କ ମୁକ୍ତଛନ୍ଦ ପ୍ରୟୋଗକୁ କବି ସୌଭାଗ୍ୟ ଗ୍ରହଣ କରି ଏଥିରେ ବିମ୍ବ ପ୍ରତୀକର ସମନ୍ୱୟ କରି ଚିତ୍ର ବ୍ୟଞ୍ଜନା ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି । ଅନେକ ସମୟରେ ସୌଭାଗ୍ୟଙ୍କ କବିତାର ବକ୍ତବ୍ୟ ଅପେକ୍ଷା ଭାଷାବସାଣ ଓ ଛନ୍ଦ ଲାଳିତ୍ୟ ପାଠକକୁ ଆମୋଦିତ କରେ । ଅନ୍ୟପକ୍ଷରେ ସୌଭାଗ୍ୟ କବିତା ଭିତରେ ହାସ୍ୟ ରସ ଓ କାରୁଣ୍ୟଭାବ ସୃଷ୍ଟି କରିବାର ଭରପୁର ସାମର୍ଥ୍ୟ ରଖନ୍ତି । ପ୍ରୟୋଗବାଦୀ କବିତାର ଏହି ଉପେକ୍ଷିତ ଦୁର୍ବଳତାଟି ସୌଭାଗ୍ୟଙ୍କ ଦ୍ୱାରା ସବୃଦ୍ଧ ହୋଇଛି । ଚରିତ୍ର କବିତା ରଚନା କରିବା ଓ ଏହାକୁ ପୂର୍ଣ୍ଣତା ପ୍ରଦାନ କରିବାରେ ସ୍ୱକୀୟ ସିଦ୍ଧି ରହିଛି । ପ୍ରୟୋଗବାଦୀ କବିତାରୁ ଅବହେଳିତ ଏକାଧିକ ଘଟଣାକ୍ରମ ସୌଭାଗ୍ୟଙ୍କ କବିତାରେ କାବ୍ୟ ରୂପ ଗ୍ରହଣ କରିଛି । ଗଦ୍ୟଛଳରେ ଲେଖା ଯାଇଥିବା  ସୌଭାଗ୍ୟଙ୍କ କବିତାଗୁଡ଼ିକ ଏହାର ପ୍ରଣଧର୍ମାତା ଯୋଗୁ ପାଠକଙ୍କ ଆକୃଷ୍ଟ କରିବାରେ ସଫଳ ହୁଅନ୍ତି । ବ୍ୟକ୍ତି ଜୀବନର ବ୍ୟକ୍ତିଗତ ବିମର୍ଷ ସହ ସାମଗ୍ରିକ ସାମାଜିକ ବିଫଳତା ମାନଙ୍କୁ ଏକାଠି କରି କବି ଗୁରୁତ୍ୱ ପୂର୍ଣ୍ଣ କବିତା ରଚନା କରିପାରନ୍ତି ।

ସୌଭାଗ୍ୟଙ୍କ କବିତା ପତ୍ରିକା ଓ ପୁସ୍ତକ ଆକାରରେ ନିୟମିତ ପ୍ରକାଶ ପାଇ ଆସୁଛି । କବିଙ୍କ କବିତା ସଂଗ୍ରହ 'ଆତ୍ମନେପଦୀ' (୧୯୬୫) 'ମଧ୍ୟପଦଲୋପୀ' (୧୯୭୧) 'ନଈପହଁରା'(୧୯୭୩) 'ଅନ୍ଧମହୁମାଛି' (୧୯୭୭) 'ବଜ୍ରଯାନ' (୧୯୮୧) ଦ୍ୱାସୁପର୍ଣ୍ଣା (୧୯୮୪) 'ମଣିକର୍ଣ୍ଣିକା'(୧୯୯୦) 'ଅନ୍ୟତ୍ର' (୧୯୯୪) 'ଚରାଚର' (୧୯୯୯) 'ଉଜ୍ଜୟିନୀ' (୨୦୦୫) ନିରନ୍ତର ଭାବରେ ପ୍ରକାଶ ପାଇ ଓଡ଼ିଆ କବିତାର ସମୃଦ୍ଧିରେ ଉର୍ବର ପ୍ରମାଣିତ ହୋଇଛି ।

ପ୍ରଥମ କବିତା ସଂଗ୍ରହ ଭାବରେ ପ୍ରକାଶ ପାଇଥିବା 'ଆତ୍ମନେପଦୀ' ପ୍ରୟୋଗବାଦୀ କବିତାର ନିଚୋଳ ସୌନ୍ଦର୍ଯ୍ୟରେ ସନ୍ତୁଷ୍ଟ । ସଚ୍ଚି ରାଉତରାୟ – ଗୁରୁପ୍ରସାଦ–ଭାନୁଜୀ – ରମାକାନ୍ତ– ସୀତାକାନ୍ତ– ଦୀପକ– କମଳାକାନ୍ତ– ବେଣୁଧର ରାଉତଙ୍କ ପରି ଯଶସ୍ୱୀ କବିମାନଙ୍କ କବିତା ଭିତରେ ଆତ୍ମନେପଦୀ ତାର ପରିଚୟ ସାବ୍ୟସ୍ତ କରି ପାରିଛି । ସୌଭାଗ୍ୟ କବିତାର ବିଶେଷତ୍ୱ ତାଙ୍କ ଭାଷା ଓ କାବ୍ୟ ଆବେଗ, ଆତ୍ମନେପଦୀର 'ମେଘ' କବିତାକୁ ଲକ୍ଷ୍ୟ କରାଯାଉ ।

' ନିର୍ବାସିତ ଯକ୍ଷ ଆଜି କାନ୍ଦିପାରେ ଝରକା ପାଖରେ କାଠଯୋଡ଼ି ନଈକୂଳେ ପଞ୍ଚାବନ ବନ୍ୟା ଆସିପାରେ ମୁଁ ମୋର ରହିବି ବ୍ୟସ୍ତ ତୁମଦେହ ତ୍ରସ୍ତ ଉପକୂଳେ ହଜାର ଚେତନା ମୋର କଳା କେଶ ଗହନ ବୁଦାରେ ନିଜକୁ ସନ୍ଧାନ

କରି କଳାକଳା ମେଘର ଅନ୍ଧାରେ । ’

(ମେଘ : ଆତ୍ମନେପଦୀ : ସୌଭାଗ୍ୟ କୁମାର ମିଶ୍ର)

ଆତ୍ମନେପଦୀର ଭାଷା ଓ କବିତାବନ୍ଧ ପରବର୍ତ୍ତୀ କବିତା ସଂଗ୍ରହ ‘ମଧ୍ୟପଦ ଲୋପୀ’ ବେଳକୁ କ୍ରମଶଃ କ୍ଷୟ ପାଇ ଏକ ଦୀର୍ଘ ଗଦ୍ୟ ବନ୍ଧରେ ପରିଣତ ହୋଇଛି । କବିତାର ପ୍ରତୀକାତ୍ମକ କାବ୍ୟଭାଷା ପୂର୍ବଠାରୁ ଆହୁରି ଶାଷିତ ହୋଇଥିବା ବେଳେ କବିତା ନିର୍ମାଣରେ କବି ଆହୁରି ଜୀବନ ନିଷ୍ଠ ମନେହୁଅନ୍ତି । ଅନ୍ୟଅର୍ଥରେ କହିବାକୁ ଗଲେ ବଳିଷ୍ଠ କାବ୍ୟ ଚେତନା ଦୃଷ୍ଟିରୁ ‘ମଧ୍ୟପଦଲୋପୀ’ କବିଙ୍କୁ କାବ୍ୟ ଧାରାରେ ପ୍ରତିଷ୍ଠ ପ୍ରଦାନ କରିଛି । ଆଧୁନିକ ମଣିଷର ବିଭୋର ନିଃସଙ୍ଗତା ବ୍ୟକ୍ତ କରିବାରେ ‘ମଧ୍ୟପଦଲୋପୀ’ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ପାପବୋଧ, ପରକୀୟା, ମୃତ୍ୟୁବୋଧର ଭଉଁରୀ ଭିତରେ ଏସବୁ କବିତାର କାୟା ବିସ୍ତାର । ଯୌନ ପ୍ରବଣତା ଓ ତହିଁ ସଂଜାତ ପରକୀୟା ଓ ଭୟବୋଧ ସୌଭାଗ୍ୟ ଏହି ପର୍ଯ୍ୟାୟ କବିତାରେ ପ୍ରାଧାନ୍ୟ ପାଇଛି ।

‘ ସାଧାରଣତଃ ଏ ସହର ମୂକ
ଏକ ଖରାବେଳର କଥା ବାର୍ତ୍ତା ନିମିତ୍ତ,
ହିଂସା ଶୋକର ପ୍ରଖର ଅନଧିକାର ବାର୍ତ୍ତା କେବେ
ପହଞ୍ଚି ଯାଇପାରେ କୋକାକୋଲା
ବୋତଲର ଥଣ୍ଡା ଯୌନତାରେ ।’
(ଅନଧିକାର ! ମଧ୍ୟପଦଲୋପୀ)

ଯୌନତା ଓ ଭୟବୋଧ ମଧ୍ୟପଦ ଲୋପୀ କବିତା ମାନଙ୍କରେ ମୃତ୍ୟୁ ମାନସିକତା ସୃଷ୍ଟି କରିଛନ୍ତି । ଏହି ଭୟାବହତା କ୍ରମଶଃ ଆତ୍ମହତ୍ୟା ପ୍ରବଣତା ପରବର୍ତ୍ତୀ ଅବସ୍ଥାରେ ସୃଷ୍ଟି କରିଛି । କବିତାଙ୍କର ‘ନଈ ପହଁରା’ ଗ୍ରନ୍ଥରେ ଏହି ଅବସ୍ଥାର ଚିତ୍ରଣ କରିଛନ୍ତି ।

‘କୂଳରେ ଆଉ ଅଛି କ’ଣ
ଆ’ ଡ଼େଇଁ ପଡ଼ିବା ପାଣିକି,’
(ନଈ ପହଁରା: ସୌଭାଗ୍ୟ କୁମାର ମିଶ୍ର)

ଏପରି ଆତ୍ମବିସର୍ଜନର କାରଣ ଭାବରେ ଉତ୍କଟ ସମୟକୁ କାଠଗଡ଼ାରେ କବି ଠିଆ କରାଇଛନ୍ତି । ଏହି ସମୟରେ କୌଣସି ଭଲକଥା ଘଟିପାରେ ନାହିଁ । ବଂଶୀ ବାଜିଲେ ଏଠି ଉତ୍ତେଜନା ବଦଳରେ ରକ୍ତଝରେ ।

‘ବଂଶୀ ବାଜିଲେ ଦିଗ୍‌ବଳୟର
ମୁହଁରୁ ରକ୍ତ ବୁହେ
ଗଛ କଟାର ଶବ୍ଦରେ ଭର୍ତ୍ତି ହୁଏ ପୃଥିବୀ
ପୁରୁଣା ଶୋକର ଦଲିଲ୍ ଓ ଦସ୍ତାବିଜ୍
ପଢାହୁଏ ନଗର ସୀମାନ୍ତରେ ସୂର୍ଯ୍ୟ ତୋରଣ ତଳେ

আকাশ তা'ର ନିଜର କପାଳ ନୁହେ, ନୀବି
ପିତୃ ପୁରୁଷ ଆସ୍ଥାନ ନୁହେ ।'
(ସେ ଏ ପରି ମୋହଗ୍ରସ୍ତ : ନଈ ପହଁରା)

ସବୁଜିମା ହୀନ ସମୟଠାରୁ କବି ଅଧିକ କିଛି ଆଶା କରିପାରନ୍ତି ନାହିଁ । ଶେଷରେ କବିଙ୍କୁ ନଈ ପହଁରାର ଆଶ୍ରୟ ନେବାକୁ ହୁଏ । 'ନଈପହଁରା'ରେ ପ୍ରକାଶିତ କାବୁସ୍ଥ ସମୟର ଯନ୍ତ୍ରଣାକ୍ତ ସ୍ୱର ବର୍ଣ୍ଣ ଅନ୍ଧମହୁମାଛିର କବିତା ମାନଙ୍କରେ ଆହୁରି ବିଭସ୍ୱ ମନେହୁଅନ୍ତି ।

'ଅନ୍ଧ ମହୁମାଛି
ଉଡୁଥା, ବୁଲୁଥା,ବୁଲୁଥା
କିଛି ଦେଖିନା, ଦେଖିନା, ଦେଖିନା
ଯାହାପାରୁଛୁ ଶୁଣ୍ଡ ପୁରାଇ ଚୋଷିନେ, ଚୋଷିନେ
ହିସାବ ହେବାପରେ
ତୋ' ମୃତ୍ୟୁର ବର୍ଣ୍ଣ ବୋଧ, ବ୍ୟାକରଣ, ମାନସଙ୍କ
ପୁଣି ଶିଶୁ ପୃଥିବୀ ଶିଖୁଥିଲା ବେଳେ ।'
(ଅନ୍ଧମହୁମାଛି : ସୌଭାଗ୍ୟ କୁମାର ମିଶ୍ର)

ଉପଭୋଗୀ ମଣିଷ ସାମ୍ନାରେ ବିବର୍ଣ୍ଣ ପୃଥିବୀ । ତଥାପି ତାକୁ ବଞ୍ଚିବାକୁ ହେବ । ବଞ୍ଚିବା ସାମ୍ନାରେ ନିୟମ, ମୃତ୍ୟୁ, ପ୍ରାରବ୍ଧର କିଛି ଅର୍ଥ ନାହିଁ ।ଅନ୍ଧମହୁମାଛି ପରି ସୁଖ ସାଉଁଟୁଥିବା ମଣିଷ ମାନଙ୍କ ପ୍ରତି ଏହି କବିତାରେ ବ୍ୟଞ୍ଜନ ରହିଛି । ବାସ୍ତବର ବିନ୍ୟାସ ସହିତ ବ୍ୟଞ୍ଜନାର ପ୍ରୟୋଗ ସୌଭାଗ୍ୟଙ୍କ କବିତାକୁ ଶାଣିତ ଓ ଶକ୍ତିଶାଳୀ କରିଥାଏ । ଆଧୁନିକ ମଣିଷର ବ୍ୟଞ୍ଜନାଶୀଳ ବିପର୍ଯ୍ୟୟ କହିବାରେ ସୌଭାଗ୍ୟ ଅନନ୍ୟ । ଦେଖନ୍ତୁ :

' ଆମର ଅସହାୟତା ଏମିତି ଯେ
ଜୀବନକୁ ଜୀବନ ଦେଇ ହୁଏନା
ନା ମୃତ୍ୟୁକୁ ମୃତ୍ୟୁ
ଅହଙ୍କାରକୁ ଅହଙ୍କାର ସାଙ୍ଗରେ ଯୋଡ଼ି ହୁଏନା ।'
(ପ୍ରତ୍ୟାବର୍ତ୍ତନ : ବଜ୍ରଯାନ)

ସମକାଳୀନ ମଣିଷର ମାନସିକ ବିଷାଦର ବର୍ଣ୍ଣମାଳା ରେ ସୌଭାଗ୍ୟଙ୍କ କବିତା ସମୃଦ୍ଧ । କବିଙ୍କ ଏହି ମଣିଷ ଅଧ୍ୟୟନ ପଦ୍ଧତି ଶୁକ ଦେବଜେନା , ସୋମନାଥ, ହରପ୍ରସାଦ ଆଦି ଚରିତ୍ର ମାନଙ୍କୁ ନେଇ ଜୀବନ ବିମର୍ଷର ନୂଆ ନୂଆ ତଥ୍ୟ ପ୍ରଦାନ କରିଛି । କବିଙ୍କର ଉତ୍ତର ଅଶି କବିତା ମାନଙ୍କରେ ଏହି ଅଧ୍ୟୟନ ପଦ୍ଧତି ଆହୁରି ସମକାଳୀନ ଓ ବ୍ୟଞ୍ଜନା ମାଧ୍ୟମରେ ବିସ୍ତାର ପାଇଛି । ପଠିତ କବିତା 'ଉଦ୍ୟାନରକ୍ଷକରେ ଗୀତ' ଏପରି ମଣିଷ ଅଧ୍ୟୟନ ପଦ୍ଧତିର ଅନ୍ୟତମ ଉଦାହରଣ ।

## ୧.୧ : 'ଉଦ୍ୟାନରକ୍ଷକର ଗୀତ' ପୃଷ୍ଠଭୂମି ବିଚାର

'ଉଦ୍ୟାନରକ୍ଷକର ଗୀତ' କବିତା ସାମାଜିକ ବାସ୍ତବତାରୁ ସୃଷ୍ଟି । ସୌଭାଗ୍ୟ କୁମାର ମିଶ୍ରଙ୍କ କବିତାରେ ସାଧାରଣ ମଣିଷର ବିମର୍ଷ ଏକ ଅଭିଜାତ କାବ୍ୟ ଆଙ୍ଗିକ ନେଇ ଆତ୍ମପ୍ରକାଶ କରିଥାଏ । ଅତଏବ ବାମପନ୍ଥୀ ବା ମାନବ ସଂବେଦୀ କବିମାନଙ୍କ ପରି ସୌଭାଗ୍ୟଙ୍କ କବିତାରେ ଦରଦ ପରିଲକ୍ଷିତ ହୁଏ ନାହିଁ । କବି ଅଭିଜାତ ଉପସ୍ଥାପନ ମାଧ୍ୟମରେ ବ୍ୟକ୍ତ କରନ୍ତି । ଉଦ୍ୟାନରକ୍ଷକର ଗୀତ ଏହି ଭାବବୋଧର ଏକ ମନୋଜ୍ଞ କବିତା । ଏହି କବିତାରେ ଉଦ୍ୟାନରକ୍ଷକ ହିଁ ନିଜେ ପ୍ରଥମେ ବଚନରେ ନିଜର ଦୁଃଖ ବ୍ୟକ୍ତ କରୁଛି । ଏହାପୂର୍ବରୁ ସୌଭାଗ୍ୟଙ୍କ ଅନ୍ୟାନ୍ୟ କବିତା ଗ୍ରନ୍ଥ ମାନଙ୍କରେ ପୁରୁଷ ଚରିତ୍ର ମାନଙ୍କୁ ନେଇ ପ୍ରୟୋଗ କରାଯାଇଛି । ଶୁକଦେବ ଜେନା, ଧ୍ରୁବ (ମଧ୍ୟପଦଲୋପୀ) ହରପ୍ରସାଦ (ଅନ୍ଧମହୁମାଛି) ସୋମାନାଥ (ବଜ୍ରଯାନ) ଆଦି ଚରିତ୍ରମାନେ ଭିନ୍ନଭିନ୍ନ ଦୃଷ୍ଟିକୋଣରୁ ସୌଭାଗ୍ୟଙ୍କ କବିତାର ପ୍ରତିନିଧିତ୍ୱ କରିଛନ୍ତି । କବି ନିମ୍ନବିତ୍ତ ମଣିଷମାନଙ୍କ ପ୍ରତି ସଚେତନା ଓ ସଂବେଦନ ଶୀଳ । ଦ୍ରୁତ ଶିଳ୍ପାୟନର ରାହୁଗ୍ରାସରେ ପୀଡ଼ିତ ନିମ୍ନବିତ୍ତ ମାନଙ୍କର ଦୁର୍ଦ୍ଦଶାକୁ କବି ଉପସ୍ଥାପନା କରନ୍ତି । ରାଜନୈତିକ ବ୍ୟବସ୍ଥା ଈଶ୍ୱରଙ୍କ ସୃଷ୍ଟିତତ୍ତ୍ୱ ଓ ସାମାଜିକ ସୁଷମବଣ୍ଟନ ଆଦି ବ୍ୟବସ୍ଥା ପ୍ରତି ଏଥିରେ ବ୍ୟଙ୍ଗ ଦୃଷ୍ଟି ଥାଏ । କବିଙ୍କର ପ୍ରତିବାଦ ଓ ବିରୋଧ ଅତି କଳାତ୍ମକ । 'ସୋମନାଥ' ପ୍ରତି କବିଙ୍କର ସଂବେଦନା ଓ ବ୍ୟବସ୍ଥା ପ୍ରତି ବିଦ୍ରୁପକୁ ନିମ୍ନ କବିତାରୁ ଲକ୍ଷ୍ୟ କରାଯାଇପାରିବ ।

' ସୂର୍ଯ୍ୟକୁ କହିବା, ଚାଲ, ସୋମନାଥ
ସୂର୍ଯ୍ୟ କୌଣସି ରାଜନୈତିକ ଦଳର ଚାମଚା ନୁହେଁ
ମନ୍ତ୍ରିତ୍ୱ ତାର ଅନିର୍ଦ୍ଦିଷ୍ଟ
ସେ ସ୍ୱରହୀନ ଜନତାର ସ୍ୱରକୁ
ଅଧିକ କ୍ଷୀଣ କରିଦିଏ, ଏବଂ
ଉଚ୍ଚାଟ ଚିତ୍ରକାରରେ ଅଭ୍ୟସ୍ତ
ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଜାମାରେ ଦିନେ ଦିନେ
କଳାବ୍ୟାଜ୍ ପିନ୍ଧାଇଥାଏ ।'
(ସୋମନାଥ : ବଜ୍ରଯାନ : ସୌଭାଗ୍ୟ କୁମାର ମିଶ୍ର)

ରାଜନୈତିକ ବ୍ୟବସ୍ଥା ଓ ଆମଲାତନ୍ତ୍ରକୁ ଏହି କବିତାରେ ବିରୋଧ କରାଯିବା ସହ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅଳ୍ପ କବିତା ରଚନା କଲେ ମଧ୍ୟ ସେହି କବିତା ଗୁଡ଼ିକ ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗ ବିଶେଷଙ୍କର ବିମର୍ଷ ଅଧ୍ୟୟନରେ ଉପଯୋଗୀ ସାବ୍ୟସ୍ତ ହୋଇପାରିଛି । 'ଉଦ୍ୟାନରକ୍ଷକର ଗୀତ' କବିତାରେ ଜଣେ ଜଗୁଆଳୀ ଚରିତ୍ରର ବେଦନା, ବିଫଳତାକୁ ପାଠକ ଭେଟିବ । ଜଣେ ସାଧାରଣ ଉଦ୍ୟାନ ରକ୍ଷିକ ଚରିତ୍ରର ପୁଞ୍ଜିଭୂତ ପ୍ରତିକ୍ରିୟା ସହ ତାର ବୁନିଆଦି ଅନୁସନ୍ଧାନ ଏହି କବିତାର ଉତ୍ସ । କବିତାଟି ଉଦ୍ୟାନରକ୍ଷକର ନିଅଣ୍ଟିଆ ପରିସ୍ଥିତିକୁ ପ୍ରତିନିଧିତ୍ୱ କରୁଥିବା ବେଳେ ଏଥିରେ ଥିବା ରହସ୍ୟାତ୍ମକ ଅନୁସନ୍ଧାନ କବିତାକୁ ନୂଆ ବ୍ୟାପ୍ତି ଦେଇଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭୋଗ ଓ ସୌନ୍ଦର୍ଯ୍ୟ ପାଇଁ ବଳି ପଡୁଥିବା ଅବଶିଷ୍ଟ ଆୟୁଷ ଓ ପୁରୁଷ ମାନଙ୍କର ଅଧ୍ୟୟନ ଏହି କବିତାର ପୃଷ୍ଠଭୂମି ।

### ୧.୨ ‘ଉଦ୍ୟାନରକ୍ଷକର ଗୀତ’ – ମୂଳପାଠ ଅଧ୍ୟୟନ

‘ମତେ ତାଗିଦ୍ କରି ଦିଆଯାଇଚି
ଫୁଲକେହି ତୋଳିବେ ନାହିଁ ଯେମିତି
ଫଳକେହି ପାରିବେନାହିଁ ଯେମିତି
ଗେଟ୍‌ଖୋଲି ପଶିଆସିବ ନାହିଁ ଯେମିତି
କୌଣସି ଅଭିସାର
କୌଣସି ଗଭାମଣ୍ଡିନ ହୋଇଯାଏ ଯେମିତି
ଉପଶମ ନ ହୋଇଯାଏ କୌଣସି କ୍ଷୁଧାର ।’

କବିତାର ଆରମ୍ଭରେ ଉଦ୍ୟାନରକ୍ଷକର ଏପରି ଗୋଟିଏ ସ୍ୱିକାରୋକ୍ତି ପ୍ରକାଶ ପାଇଛି । ସେ ଏପରି ଗୋଟିଏ ଉଦ୍ୟାନର ରକ୍ଷକ ଯେଉଁ ଉଦ୍ୟାନ ଆଉ କାହାର ଆତ୍ମତୃପ୍ତିରେ ବ୍ୟବହୃତ ହୁଏ ନାହିଁ । ଉଦ୍ୟାନଟି ତେବେ କାହାର ? କାହା ପାଇଁ ଏ ଉଦ୍ୟାନ । କବି ସୌଭାଗ୍ୟ କୁମାର ମିଶ୍ର ଏଠାରେ ‘ଉଦ୍ୟାନ’ କୁ ଜୀବନ ବଞ୍ଚିବାର ବିକଳ୍ପ ଭାବରେ ପ୍ରତୀକାତ୍ମକ ପ୍ରୟୋଗ କରିଛନ୍ତି । ଏହାର ଫୁଲରେ ଅଭିସାର ଫଳରେ କ୍ଷୁଧା ନିବାରଣ ହେବାକଥା ଅଥଚ ଏ ଉଦ୍ୟାନ କ୍ଷୁଧା, ତୃଷ୍ଣା, ସୌନ୍ଦର୍ଯ୍ୟ ଠାରୁ ଦୂରତର ଉପଭୋଗ ମଣିଷର ଉଦ୍ୟାନ ସୌନ୍ଦର୍ଯ୍ୟ ଭୋଗ କରିବାର ଏକଚାଟିଆ ଅଧିକାର । ପୀଡ଼ିତ ମାନଙ୍କର ଉଦ୍ୟାନ ସଂପତ୍ତିରେ ଅଧିକାର ନାହିଁ । ସୁଖ କେବେ ସାଧାରଣ ନୁହେଁ । ସୁଖ ଅପହଞ୍ଚ ହୋଇ ରହେ ବୋଲି କ୍ଷମତାଶାଳୀ ବ୍ୟକ୍ତି ପ୍ରସନ୍ନ ଦିଶେ । ଏଠାରେ ‘ଉଦ୍ୟାନ’ ‘ ସାମାଜିକ ସଂପତ୍ତି’ ର ପ୍ରତୀକ । ଏ ସଂପତ୍ତିରେ ସାଧାରଣ ଜନତାର ଭାଗିଦାରୀ ନାହିଁ । ପୃଥିବୀର ଫୁଲ,ଫଳ, ମାଟି, ଶସ୍ୟ, ଜିହ୍ନ, ପ୍ରଜାପତି କୁ ଧନୀ ମଣିଷ ମାନେ ବାଣ୍ଟି ନେଇଛନ୍ତି । ସାଧାରଣ ମଣିଷ ଠାରୁ ଏ ସବୁକୁ ଦୂରେଇ ରଖିବା ଉଦ୍ୟାନ ରକ୍ଷକର ଦାୟିତ୍ୱ ।

ଉଦ୍ୟାନର ରକ୍ଷକତ ଜଣେ ସାଧାରଣ ବର୍ଗର ମଣିଷ । ସେ ଦୁଃଖମୁ ଚିହ୍ନେ । ଉଦ୍ୟାନର ପାଚିଲା ଫଳ ଦେଖିଲେ କ୍ଷୁଧିତ ଜଠର ସବୁ ତାର ମନେପଡ଼େ । ଫୁଲ ଭଅଁର ଭେଟ ହେଲେ ତରୁଣ ପ୍ରେମୀ ଯୁଗଳ ତାର ମନେପଡ଼େ । ଉଦ୍ୟାନ ରକ୍ଷକରୁ ସେ ପାଲଟିଯାଏ ପ୍ରେମିକ ତରୁଣ । ଅଥଚ ସେ ଉଦ୍ୟାନର ରକ୍ଷକ । ଅନ୍ୟର ଆଦେଶରେ ଅସ୍ତ୍ର ଧରିଥିବା ଆଜ୍ଞାବାହୀ ନାୟକ । ସକାଳରୁ ସଂଜ୍ଞ କେବଳ ଦାୟିତ୍ୱର ଦାସ ଉଦ୍ୟାନରକ୍ଷକ ଏମିତିକି ରାତି, ନିଦ ତାର ନିଜର ନୁହେଁ । ଅର୍ଥପତିର ବିତ୍ତ ଜଗୁଆଳୀର କଣ ନିଦଥାଏ ?

‘ଶୁଖିଲା ପତ୍ର ଉପରେ ନୈଋତ କୋଣ, କିନ୍ନରୀ ଆଦି ଚିତ୍ର ପ୍ରତୀକ ମାଧ୍ୟମରେ ଉଦ୍ୟାନ ରକ୍ଷକ ଜୀବନର ବିପର୍ଯ୍ୟୟ ଓ ଅମଙ୍ଗଳ ବୋଧକୁ ସୂଚେଇ ଦେଇଛନ୍ତି । ଶୁଖିଲା ପତ୍ର (ସଂଭାବନ ହୀନ ମୃତବତ୍ ଜୀବନ) ନୈଋତ କୋଣ(ମୃତ୍ୟୁ, ଭୟ, ପାପ ବୋଧର ସଂଭାବ୍ୟ ଦିଗ) କିନ୍ନରୀ (ଅସୃଜନ, ଅସଂପୂର୍ଣ୍ଣ ମଣିଷ) ଆଦି ପ୍ରତୀକ ଗୁଡ଼ିକ ନିମ୍ନ ବର୍ଗ ମଣିଷ ପ୍ରତି ଅଭିପ୍ରେତ ହେବାସହ ଅସମାଜିକ ସମୟର ପ୍ରତିନିଧିତ୍ୱ କରନ୍ତି । ଏ ପରି ଏକ ଭୟଙ୍କର ବିଭ୍ରାଟକୁ କଣ ଉଦ୍ୟାନରକ୍ଷକ ରୋକି ପାରିବ ? ତେଣୁ ସେ କହେ :

‘ମୁଁ କେବେ ଶିଖି ପାରିନି
ଏସବୁଙ୍କୁ ବଶ କରିନେବାର ଉପାୟ ।’

ଉଦ୍ୟାନରକ୍ଷକ କ୍ଷୁଧା, ଲୋଭ, ଅଭିସାରକୁ ରୋକିପାରେ ଉଦ୍ୟାନମଧ୍ୟକୁ ପଶିଆସୁଥିବା କିନ୍ନରୀ ମାନଙ୍କୁ ସେ ଅଟକାଇବ କେମିତି ? ନିଜର ଅସହାୟତା ବ୍ୟକ୍ତ କରିବା ସହ ଉଦ୍ୟାନରକ୍ଷକ ନିଜର ବନ୍ଧୁହୀନ, ଜ୍ଞାତିହୀନ ଜୀବନ ସଂପର୍କରେ କହିଛି । କେହି ତାର ନିଜର ନ ଥିବା ବେଳେ ସେ କେବଳ ଫୁଲ, ଫଳ, ପତ୍ରଙ୍କ ଜନ୍ମ, ମୃତ୍ୟୁ ଦେଖିବା ଜାଣିଛି । ସେ ଏମିତି ଏକ ବଗିଚାର ଦାୟିତ୍ୱରେ ଅଛି, ଯେଉଁଠୁ ଫୁଲ, କଣ୍ଟା, ପ୍ରଜାପତି କେହି ତାର ନିଜର ନୁହଁନ୍ତି । ଜଗୁଆଳୀର କଣ ସଂସାର ଥାଏ ? ପ୍ରିୟ ମଣିଷଙ୍କ ପାଇଁ ତାର କଣ ସମୟ ଥାଏ ? ଉଦ୍ୟାନ ଦାୟିତ୍ୱରେ ବନ୍ଧା ପଡ଼ିଥିବା ରକ୍ଷକ ନିଜର ଅସହାୟତା ଏଠାରେ ବ୍ୟକ୍ତ କରିଛି ।

ଉଦ୍ୟାନରକ୍ଷକର ସ୍ଥିତି ଇତିହାସକୁ ଆହୁରି ଲମ୍ବା କରିବାପାଇଁ କବି ତାର ଯନ୍ତ୍ରଣା ଓ ଅସହାୟତାକୁ ଏକ ପ୍ରଲମ୍ବିତ ରୂପ ପ୍ରଦାନ କରିଛନ୍ତି ।

‘ମୋର ବନ୍ଧୁ କହିଲେ କେବଳ ସେମାନେ
ଯେଉଁ ମାନେ ଭାସି ଆସିଥିଲେ
ମୋର ଆଗରେ ପଛରେ
ଅନ୍ଧାରର ସମୁଦ୍ରରେ
ସେମାନେ କେତେଜଣ ମୁଁ ଜାଣେ ନାହିଁ
ଶୁଣିଚି ତିନିଜଣ ବୋଲି ।’

କବିତାର ଏହି ପର୍ଯ୍ୟାୟଟି ରହସ୍ୟ ଯୁକ୍ତ ଓ ବ୍ୟଞ୍ଜନା ମୂଳକ । ଉଦ୍ୟାନରକ୍ଷକର ଜନ୍ମ ସ୍ଥିତି ସହ କବି ସମଗ୍ର ମାନପବ ସଭ୍ୟତାର ସୃଷ୍ଟିକୁ ସଂଲଗ୍ନ କରିଦେଇଛନ୍ତି । ସ୍ୱର୍ଗର ନନ୍ଦନକାନନ() ରେ ସଇତାନର ପ୍ରରୋଚନାରେ ଆବାସ ଓ ଇଭ୍ ସେହି ନିଷିଦ୍ଧ ଫଳ ଖାଇବା ପରେ ତାଙ୍କର ଆଦିମ ଶୃଙ୍ଗରରୁ ଯେମିତି ଜନ୍ମ ହୋଇଛି ଏହି ଉଦ୍ୟାନରକ୍ଷକ । କେଉଁ ଅନ୍ତତ କାଳରୁ ଅନ୍ଧାରର ସମୁଦ୍ରରେ ଭାସି ଆସିଥିବା ତାର ଆଦିମ ପିତା, ମାତାଙ୍କ ସହ ତାର ଜନ୍ମ ଲଗ୍ନକୁ ମନେପକାଇଛି ଉଦ୍ୟାନରକ୍ଷକ । ସୃଷ୍ଟିର ଆରମ୍ଭରୁ ‘ଉଦ୍ୟାନ’ ‘ଉପଭୋଗୀ’ ‘ ସାଧାରଣଜନତା’ ଓ ‘ଜଗୁଆଳୀ’ ର ପରମ୍ପରା ସୃଷ୍ଟି ହୋଇ ଚାଲିଛି । ଅୟୁତ ଲୋକଙ୍କ ଭିଡ଼ ଭିତରେ ଜଗୁଆଳୀ ମଣିଷଙ୍କ ଖୋଜୁଛି ତାର ଆଦି ସତ୍ତା । ପିତୃବ୍ୟଙ୍କ ପରିଚୟ । କାହାନ୍ତି ସେମାନେ ? କଣ ପାଇଁ ଏ ବଗିଚା ଛାଡ଼ି ଯାଇ ପାରୁନି ସେ ନିଜର ପ୍ରିୟ ମଣିଷଙ୍କୁ ଖୋଜିବା ପାଇଁ :

‘କାରଣ ଏଠି ବସନ୍ତଋତୁ ଚିରକାଳ
କାରଣ ଏଠି ପତ୍ର ପୁଷ୍ପ ଫଳ ଚିରକାଳ
କାରଣ ଏଠି ଭ୍ରମରର ଗୁଞ୍ଜନ ଚିରକାଳ ।
କାରଣ ଏଠି ରକ୍ତର ବିପୂଳ ସ୍ୱପ୍ନ ଚିରକାଳ ।’
ଏପରି ଏକ ଅପ୍ରାକୃତିକ ବଗିଚା ସଂମ୍ଭବ ହେଲା କେମିତି ?

କବି ସୌଭାଗ୍ୟଙ୍କ ଏହି ବଗିଚାଟି ସାଂପ୍ରତିକ ଜୀବନ ବୋଧର ପ୍ରତୀକାଉପଭୋଗୀ ମଣିଷର ବସ୍ତୁ ସାମଗ୍ରୀ ହେଉଛି ବଗିଚା । ଉପଭୋଗର  କୌଣସି ଋତୁ ନାହିଁ । ଭୋଗ ସର୍ବସ୍ୱ ବ୍ୟକ୍ତି ପାଇଁ ସବୁବେଳେ ବସନ୍ତ ଋତୁ । ଉପଭୋଗୀ ମଣିଷ ତାର ଭୋଗବାଦୀତାକୁ ସୁରକ୍ଷା ଦେବାକୁ ଯାଇ ଉଦ୍ୟାନରକ୍ଷକ ନିଯୁକ୍ତି କରେ  । ଉଦ୍ୟାନରକ୍ଷକ ଭୋଗବାଦୀର ସୁରକ୍ଷା କରୁକରୁ ସେହି ବଗିଚାରେ ତାର ପିତୃବ୍ୟଙ୍କ କବର ଖେଳିଦିଏ । ନିଜର ସଂସାରକୁ ପୋତିଦିଏ ସେ । ହଜେଇ ଦିଏ ଯନ୍ତ୍ରଣାର ସ୍ରୋତରେ । ଆଉ ଯିଏ ତାକୁ ଛାଡ଼ିଚାଲି ଯାଇଥା, ତାରି ଫେରିବାପଥକୁ ପ୍ରତୀକ୍ଷା କରେ । ସେ କଣ ଫେରେ ?

‘ସାରା ଖରାବେଳ ଯାକ ବଂଶୀ ବଜାର ବଜାର
ମୁଁ ତାର ଅପେକ୍ଷାରେ ରହିଚିଏତେଦିନ
ସେ କଣ କେବେ ଆସିବ ?
ଆମେ କଣ ଯାଇ ଭାସିପାରିବୁ
ଆମ ପରିଧି, ପରିଚୟ ବାହାର ସମୁଦ୍ରରେ ?’

କବିତାର ଶେଷ ପର୍ଯ୍ୟାୟରେ ଉଦ୍ୟାନରକ୍ଷକ ହୃଦୟରେ ଥିବା ପ୍ରେମଭାବ ସଂପର୍କରେ ପାଠକ ପରିଚୟ ପାଏ । କର୍ତ୍ତବ୍ୟର ଦାୟତ୍ୱବଦ୍ଧତାରେ ସମସ୍ତ ପ୍ରିୟଜନଙ୍କୁ ପାଶୋରି ଥିବା ସତ୍ତ୍ୱେ ଜଣକପାଇଁ ସେ ଖରାବେଳେ ବଂଶୀ ବଢାଏ । କିଆବଣ ସେପାଖ ଗାଁରେ ପୁତ୍ରକଳତ୍ର ସଂସାର କରୁଥିବା ସେ ସ୍ତ୍ରୀ ଲୋକ କଣ ଫେରିଆସିବ। । ଯଦିବା ସେ ଫେରେ ସେମାନେ କଣ ଉଦ୍ୟାନରକ୍ଷକର କର୍ତ୍ତବ୍ୟ ଭୂଲି ସମୁଦ୍ର ଆଡ଼କୁ ଯାଇ ପାରିବେ । ଏପରି ଅନେକ ସଂଭାବନା ଓ ଦ୍ୱନ୍ଦଭିତରେ ଉଦ୍ୟାନରକ୍ଷକର ଜୀବନ । ଅନ୍ୟର ସୁଖପାଇଁ ନିଜକୁ ତିଳତିଳ ଉତ୍ସର୍ଗ କରିଦେଇଥିବା ଅଘରୀ ମଣିଷର ଜୀବନନାମା ହେଉଛି ଏହି କବିତା ।

ଆଲୋଚ୍ୟ କବିତାର ପାଠକ ଉଦ୍ୟାନରକ୍ଷକର ଆତ୍ମକଥା ଶୁଣିବା ସହ ସାମାଜିକ ବୈଷମ୍ୟ ଜନିତ ତାର କ୍ଷୟ କ୍ଷତିକୁ ଅକଳନ କରିବାର ସୁଯୋଗ ପାଇବ। ପ୍ରତିଟି ସୁଖକୁ ସୁରକ୍ଷା ଦେବାକୁ ଥାଆନ୍ତି ଜଣେ ଜଣେ ରକ୍ଷକ । ହେଲେ ରକ୍ଷକର ସୁଖ କେବେ କେହି ଦେଖେକି ? ତାର ଜନ୍ମ, ମୃତ୍ୟୁ, ସଂସାର, ଜୀବନ ନେଇ କେହି ସ୍ୱପ୍ନ ଦେଖେନା । ଏପରି ଅନେକ ପ୍ରଶ୍ନର ଉତ୍ତର ଅଛି ଏହି କବିତାରେ.

### ୧.୩ ଉଦ୍ୟାନରକ୍ଷକର ଗୀତ – ଆତ୍ମିକ ଓ ଆଙ୍ଗିକ ପରୀକ୍ଷଣ

‘ଉଦ୍ୟାନରକ୍ଷକର ଗୀତ’ କୁ ଏକ ଚରିତ୍ର କବିତା ଭାବରେ ଆଲୋଚନା କରାଯାଇପାରିବ । ଉଦ୍ୟାନରକ୍ଷକ ଏଠାରେ ମୁଖ୍ୟ ଚରିତ୍ର । ଉଦ୍ୟାନରକ୍ଷକର କ୍ଷୋଭ ଓ କାରୁଣ୍ୟ ଏହି କବିତାରେ ପ୍ରକାଶ ପାଇଛି । ଅପର ପକ୍ଷରେ ଏହି କବିତାରେ କବି କେତେଗୁଡ଼ିଏ ରହସ୍ୟମୟ ଉପଲବ୍ଧ ମାନଙ୍କର ଅବତାରଣା କରିଛନ୍ତି । ଉଦ୍ୟାନ, ଉଦ୍ୟାନ ମାଲିଙ୍କ କଥା ଏହି କବିତାରେ ଉହ୍ୟ ରହିଛି । ଏହାଛଡ଼ା ଉଦ୍ୟାନରକ୍ଷକର ପୁର୍ବପରିଚୟ ଓ ଜ୍ଞାତିଜନ କ୍ରମରେ ‘ଅନ୍ଧାର ସମୁଦ୍ର ଡ଼େଇଁ ’ସେମାନେ ଆସିଥିବା ତିନିଜଣଙ୍କ ପ୍ରସଙ୍ଗର ଉଲ୍ଲେଖ ରହିଛି । ଏ ତିନି ଜଣ କେଉଁ ମାନେ ? କବି ଯେଉଁ ଉଦ୍ୟାନର ସୂଚନା ଦେଇଛନ୍ତି, ତାହା ଦେବଲୋକର ନନ୍ଦନକାନନ (Eden Garden)ନୁହେଁତ ।ଉଦ୍ୟାନରକ୍ଷକ କଣ ସେଇ ସୈତାନ ଚରିତ୍ର ଯିଏ ଆଦାମ ଓଇଭ୍‌ଙ୍କୁ ନିଷିଦ୍ଧ ଫଳ ଭକ୍ଷଣ କରିବାକୁ ଉତ୍ସାହିତ  କରିଥିଲା । କେଉଁ ଦେବତାଙ୍କ ଅଭିଶପ୍ତ ହୋଇ କଣ ସେହିଦିନୁ ସେ ଉଦ୍ୟାନ ଜଗିବସିଛି କି ? ସୌଭାଗ୍ୟଙ୍କ ଉଦ୍ୟାନ ଦେବଲୋକ ଉଦ୍ୟାନ ପରି ପ୍ରତ୍ୟୟ ହୁଏ ।

‘କାରଣ ଏଠି ମାସର ଉର୍ଦ୍ଧ୍ୱଗମନ ଚିରକାଳ
କାରଣ ଏଠି ଅସ୍ଥିର ପ୍ରସନ୍ନ ଗତି ଚିରକାଳ
କାରଣ ଏଠି ଏଇ ବଗିଚାରେ
ମୁଁ କବର ଦେଇଚି ମୋର ମୃତ ବନ୍ଧୁକୁ ।’

ନିତ୍ୟବସନ୍ତ, ଭ୍ରମରର ଗୁଞ୍ଜନ ଓ ପତ୍ରଫଳ ଶୋଭିତ ବଗିଚା ଆଉ ମିଳିବ କେଉଁଠି ? ସୈତାନ ବୁଦ୍ଧିରେ ଫଳ ଭୁକ୍ତ ହୋଇ ଆଦାମ ଓ ଇଭ୍ ସଂସାରୀ ହେବା ଓ ପୃଥିବୀ ସୃଜନମୟ ହୋଇଥିବା ବାଇବେଲ୍‌ର କାହାଣୀର ପ୍ରାସଙ୍ଗିକତା ଏଠାରେ ପରିଲକ୍ଷିତ ହୁଏ । ଏଇ ବଗିଚାରେ ଆଦାମ୍ ନିଜର ଦେବତ୍ୱକୁ କବର ଦେଇ ମାନବିକ ଗୁଣାବଳୀ ଗ୍ରହଣ କଲେ । ଏହା କେବଳ ସମ୍ଭବ ହେଲା ସୈତାନ (ଉଦ୍ୟାନରକ୍ଷକ) ଯୋଗୁ ।

ଏପରି ଏକ ଗାଭୀର୍ଯ୍ୟ ପୂର୍ଣ୍ଣ ଅର୍ଥବୋଧ ସହ କବତାର ଲୌକିକ ଚେତନାଟିକୁ ସାବ୍ୟସ୍ତ କରିବାକୁ ପଡ଼ିବ । ‘ଉଦ୍ୟାନ’ ରୂପକ ଉତ୍ପାଦିତ ସୁଖକୁ ଜଗିବା ପାଇଁ ନିଯୁକ୍ତି ଉଦ୍ୟାନରକ୍ଷକର ଜୀବନ କାହାଣୀ ଏଥିରେ ପ୍ରତିପାଦିତ । ହୁଏତ ଦେବଲୋକର ସୈତାନର ତ୍ରୁଟି ପାଇଁ ଆଜି ସେ ଉଦ୍ୟାନରକ୍ଷକର ସାଜିଛି । ସେଦିନ ସେ ବଗିଚାର ନିଷିଦ୍ଧଫଳ ଭକ୍ଷଣ କରି ତା’ ରକ୍ତରେ ପ୍ରବାହିତ ଭୋଗବାଦୀତା ଆଜି ଉତ୍କଟ ରୂପ ଧାରଣ କରିଛି । ସେହି ଭୋଗବାଦୀ ବ୍ୟବସ୍ଥା ପାଖରେ ଉଦ୍ୟାନରକ୍ଷକର ବ୍ୟକ୍ତିଗତ ଜୀବନ ଭୁସୁଡ଼ି ପଡ଼ିଛି । ଚେତନା ସ୍ତରରେ ଏହି କବିତାରେ ଉପରୋକ୍ତ ଦୁଇଟି ଚେତନାର ସମୀକରଣକୁ ବୁଝିବାକୁ ପଡ଼ିବ ।

ସୌଭାଗ୍ୟ କୁମାର ମିଶ୍ରଙ୍କ କବିତାର ଅନ୍ୟତମ ବିଶେଷତ୍ୱ ହେଉଛି ତାଙ୍କର କାବ୍ୟ ଆଙ୍ଗିକ । ଏହି କବିତାରେ ଉପସ୍ଥାପନା ଶୈଳୀ ଜନିତ ଆଙ୍ଗିକରେ ନାଟକୀୟତା ଫୁଟି ଉଠିଛି । ପ୍ରଥମ ପର୍ଯ୍ୟାୟରେ ଉଦ୍ୟାନରକ୍ଷକର ଦାୟିତ୍ୱ ଓ କର୍ତ୍ତବ୍ୟ ରୂପାୟିତ ହୋଇଥିବା ବେଳେ, ଅନ୍ଧାର ରାତ୍ରୀରେ ସେ ଶୋଇଥିବା ବେଳେ ତା’ ଚରିତ୍ରର ଦ୍ୱିତୀୟ ପର୍ଯ୍ୟାୟର ସୂଚନା ରହିଛି । ଉଦ୍ୟାନରକ୍ଷକର ସ୍ୱପ୍ନ ବିଡ଼ମ୍ବିତ ବାସ୍ତବତାକୁ କବି ପ୍ରତୀକାତ୍ମକ ଉପସ୍ଥାପନା କରିଛନ୍ତି ।

‘କିନ୍ନରୀର ମୁହଁପରି ମୁହଁଟିଏ
ଦପ୍‌କିନା ଜଳିଉଠେ ଅନ୍ଧାରରେ
ନିଭିଗଲା ଐଶାନରେ ତ

ଥଣ୍ଡା ପବନର ଚାପା ଆସି ଘେରିଗଲାଣି ବେକକୁ ।’

ଉଦ୍ୟାନରକ୍ଷକ କାହାକୁ ସ୍ୱପ୍ନ ଦେଖେ । ସେ ନାରୀ ନା ପୁରୁଷ । ପତ୍ନୀ ନା ପ୍ରତାରିକା । ପ୍ରିୟଜନଙ୍କ ମୁହଁ ଅସ୍ପଷ୍ଟ ହୋଇଯାଏ ତା’ଆଗରେ । ଥଣ୍ଡା ପବନରେ ଚାପା (ଜୀବନର ଅନ୍ତିମ ଲଗ୍ନର ସୂଚନା) ଅନୁଭବ କରୁଥିବା ଉଦ୍ୟାନରକ୍ଷକ ପାଇଁ ସ୍ୱପ୍ନ କିନ୍ନରୀ (ଅଧାନାରୀ) ସାଜେ । କାବ୍ୟଚେତନାକୁ ସମୃଦ୍ଧ କରିବା ପରି କାବ୍ୟ ଆଙ୍ଗିକର ନିର୍ମାଣ କବି ସୌଭାଗ୍ୟ କରିଛନ୍ତି । ଆଙ୍ଗିକର ଅନ୍ୟତମ ଆକର୍ଷଣ ହେଉଛି କବିଙ୍କର ଗଦ୍ୟଛନ୍ଦ ଗ୍ରଥିତ ବ୍ୟଞ୍ଜନାତ୍ମକ ଭାଷା । ଏସବୁ କାବ୍ୟ ଭାଷା ନହୋଇଥିଲେ ମଧ୍ୟ କେତେ ସଂପ୍ରସାରଣଶୀଳ ଓ ଶ୍ରୁତି ମଧୁର ଲକ୍ଷ୍ୟ କରନ୍ତୁ :

(କ) ଗେଟ୍ ଖୋଲି ପଶିଆସିବନାହିଁ ଯେମିତି କୌଣସି ଅଭିସାର ।

(ଖ) ତୋପକମାଣ ଫୁଟିଲେ ଯାଇ ତା'ର ନିଦ ହୁଏ ।

(ଗ) ସାରା ଖରାବେଳଯାକ ବଂଶୀ ବଜାଇ ବଜାଇ ମୁଁ ତାର ଅପେକ୍ଷାରେ ରହିଚି ଏତେଦିନ ।

ଆଙ୍ଗିକ ଓ ଆତ୍ମିକ ଦୃଷ୍ଟି କୋଣରୁ ବିଚାର କଲେ 'ଉଦ୍ୟାନରକ୍ଷକର ଗୀତ' ଏକ ସାର୍ଥକ କବିତା ଭାବରେ ପରିଗଣିତ ହେବା ଚେତନା ସ୍ତରରେ ନିମ୍ନ ବୃତ୍ତିଧାରୀ ମଣିଷର ଅସହାୟତାକୁ ଏଥିରେ ଯେପରି ଉପସ୍ଥାପନା କରାଯାଇଛି, ଏହା ସବୁବର୍ଗର ପାଠକଙ୍କୁ ଆକୃଷ୍ଟ କରିବ ।

## ୧.୪ ନିଷ୍କର୍ଷ

ସମଗ୍ର କବିତାଟି ପ୍ରଥମ ପୁରୁଷରେ ରଚିତ ହୋଇଛି । 'ଉଦ୍ୟାନରକ୍ଷକ' ର ଚରିତ୍ର ବିଶ୍ଳେଷଣ ସହ କବି ତାର ବିମର୍ଷନ ବିପର୍ଯ୍ୟାୟ ପାଠକ ସାମ୍ନାରେ ଉପସ୍ଥାପନ କରିଛନ୍ତି । ସୌଭାଗ୍ୟ ମିଶ୍ରଙ୍କ ଅନ୍ୟ ଚରିତ୍ର କବିତା ମାନଙ୍କରେ ଯେଉଁ ଦାର୍ଶନିକ ଯୁକ୍ତି ଓ ଶ୍ଳେଷ ଥାଏ, ଏହି କବିତାରେ ସେସବୁ ଅନୁପସ୍ଥିତ ଥିଲେ ମଧ୍ୟ କବି ଏକାଧିକ ପ୍ରତୀକ ମାଧ୍ୟମରେ କବିତାକୁ ଗତି ପ୍ରଦାନ କରିଛନ୍ତି । ଜଣେ ଅନ୍ୟର ଆନନ୍ଦ ଜଗିବା ପାଇଁ ନିଜର ବ୍ୟକ୍ତିଗତ ଆନନ୍ଦକୁ କିପରି ଜଳାଞ୍ଜଳି ଦିଏ । ତାର ଏକ ମନୋଜ୍ଞବୀକ୍ଷଣ ହେଉଛି ଏହି କବିତା । ଅନ୍ୟ ପକ୍ଷରେ ସମଗ୍ର କବିତାରେ ଉଲ୍ଲେଖ ନଥିବା କେତୋଟି ରହସ୍ୟମୟ ଉପସ୍ଥାପନା କବିତାର ସୌନ୍ଦର୍ଯ୍ୟ ବୃଦ୍ଧି କରିଛନ୍ତି । ଏପରି ରହସ୍ୟସୂଚକ ବର୍ଣ୍ଣନାଗୁଡ଼ିକ କାବ୍ୟ ଅବବୋଧ ନିମନ୍ତେ ସ୍ପଷ୍ଟ ହୋଇନଥିଲେ ମଧ୍ୟ, ଏହା କବିତାର ଗାମ୍ଭୀର୍ଯ୍ୟ ବୃଦ୍ଧିରେ ସହାୟତା କରୁଛି । କବି ସୌଭାଗ୍ୟ ମିଶ୍ର ଅଭିଜାତ ମଣିଷର ବିପର୍ଯ୍ୟୟ, ଯୌନତା, ପାପବୋଧ, ମୃତ୍ୟୁ ଓ ଭୟ ଆତୁରତାକୁ ନେଇ ଅନେକ ସଫଳ କବିତା ରଚନା କରିଛନ୍ତି ସାମାଜିକ ସମସ୍ୟା ମୂଳକ କବିତା ରଚନା କରିବା ବେଳେ ତାଙ୍କର ପ୍ରକାଶ ଶୈଳୀଟି ଅଭିଜାତ ରହିଯାଉଥିବାରୁ କବିତାର ମୁଖ୍ୟଚେତନା ସହ ଅନ୍ୟାନ୍ୟ ଚେତନାର ସମାକରଣ ସୃଷ୍ଟି ହୁଏ । 'ଉଦ୍ୟାନରକ୍ଷକର ଗୀତ' ଏହି କ୍ରମରେ ଗୋଟିଏ ଚେତନା ପ୍ରବାହୀ କବିତା ସୀକୃତି ପାଇବ ।

## ୧.୫ ଆଦର୍ଶ ପ୍ରଶ୍ନାବଳୀ

### ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

୧)'ଉଦ୍ୟାନରକ୍ଷକର ଗୀତ' କବିତାରେ ପ୍ରତିଫଳିତ ଚେତନାର ବିକେନ୍ଦ୍ରୀକରଣ ଓ କେନ୍ଦ୍ରୀକରଣ ସଂପର୍କରେ ଆଲୋକପାତ କର ।

୨)ପଠିତ କବିତା ଭିତ୍ତିରେ 'ଉଦ୍ୟାନରକ୍ଷକ' ର ଚରତ୍ର ଚିତ୍ରଣ କର ।

୩)କବି ସୌଭାଗ୍ୟ କୁମାର ମିଶ୍ରଙ୍କ କାବ୍ୟ କୃତିତ୍ୱ ବିଚାର କରିବା ସହ ପଠିତ କବିତା ଭିତ୍ତିରେ କବିଙ୍କର ବର୍ଣ୍ଣନା ଶୈଳୀର ପରିଚୟ ପ୍ରଦାନ କର ।

୪) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ (ଭାବ ସଂପ୍ରସାରଣ କର)

କ) କୌଣସି ଗଭା ମଣ୍ଡି ନ ହୋଇଯାଏ ଯେମିତି ଉପଶମ ନ ହୋଇଯାଏ କୌଣସି କ୍ଷୁଧାର ।

ଖ) ସେମାନେ କେତେଜଣ ମୁଁ ଜାଣେ ନାହିଁ ଶୁଣିଚି ତିନିଜଣ ବୋଲି ।

ଗ) ସାରାଖରା ବେଳଯାକ ବଂଶୀବଜାଇ ବଜାଇ ମୁଁ ତାର ଅପେକ୍ଷାରେ ରହିଚି ଏତେଦିନ ।

# ଦ୍ରୌପଦୀର ଜହ୍ନ

**କବି: ସୌରୀନ୍ଦ୍ର ବାରିକ**

**ସୂଚନା:**

'ଦ୍ରୌପଦୀରଜହ୍ନ' କବି ସୌରୀନ୍ଦ୍ର ବାରିକଙ୍କର ଏକ ପାଠକପ୍ରିୟକବିତା ଭାବରେ ବେଶ୍ ଆଦୃତ । ମହାଭାରତର କଥା, ଉପକଥା ଗୁଡ଼ିକୁ ନେଇ କବି ସୌରୀନ୍ଦ୍ର ବାରିକ ଅନୁଭାରତ ଓ ଉପଭାରତ ନାମରେ ଦୁଇଟି କବିତା ଗ୍ରନ୍ଥର ପରିକଳ୍ପନା କରିଛନ୍ତି । ଏହିସବୁ କବିତା ମାନଙ୍କରେ କବି ମହାଭାରତୀୟ ଚରିତ୍ର ଓ ଘଟଣା ଗୁଡ଼ିକୁ ନୂଆ ଭାବରେ ଉପସ୍ଥାପନା କରିବାକୁ ଚାହିଁଛନ୍ତି । ଚରିତ୍ର ମାନଙ୍କର ମନସ୍ତାତ୍ତ୍ୱିକ ବିଶ୍ଳେଷଣକୁ କବି ପ୍ରାଧାନ୍ୟ ଦେଇଛନ୍ତି । ଚରିତ୍ର ଗୁଡ଼ିକୁ ସମକାଳୀନ ପାଣିପାଗରେ ପ୍ରାଣବନ୍ତ କରିବା ପାଇଁ ସେସବୁକୁ ମିଥ୍‌ମୂଲ୍ୟ ପ୍ରଦାନ କରିଛନ୍ତି । ପୁରାକଳ୍ପର ସେହି ରୂପରସ ଆହରଣ କରି ପଲ୍ଲବିତ ହୋଇଛନ୍ତି । ଏହି ଦୃଷ୍ଟିକୋଣରୁ ବିଚାର କଲେ 'ଦ୍ରୌପଦୀରଜହ୍ନ' ଏକମିଥ୍ ଧର୍ମ୍ୟ କବିତା । କବି ଅତୀତର ଦ୍ରୌପଦୀର ମନ କଥା କହିବାକୁ ଯାଇ ବର୍ତ୍ତମାନର ନାରୀମାନଙ୍କର ଦ୍ରୌପଦୀ ପରି ମନର ଭାବନାକୁ ବ୍ୟକ୍ତ କରିବାକୁ ଚାହିଁଛନ୍ତି । ଚେତନା ଓ ସ୍ଥାପତ୍ୟ ଦୃଷ୍ଟିରୁ ଏହା ଏକ ଉତ୍ତୀର୍ଣ୍ଣ କବିତା । ଏକ କ୍ଷୁଦ୍ର ପରିସରରେ ବୃହତ ଭାବନାମାନଙ୍କର କିପରି ପରିପ୍ରକାଶ ଘଟିପାରେ ଏହି କବିତା ତାହାର ଉଦାହରଣ । ଆଲୋଚନା ଓ ଅବବୋଧା ସୂକ୍ଷ୍ମତା ଦୃଷ୍ଟିରୁ ସମଗ୍ର କବିତାଟିକୁ ନିମ୍ନ ସାରଣୀ କ୍ରମରେ ବିଶ୍ଳେଷଣ କରାଯାଉଅଛି ।

୧:୦ କବି ସୌରୀନ୍ଦ୍ର ବାରିକଙ୍କ କବି ପରିଚୟ ।

୧:୧ 'ଦ୍ରୌପଦୀରଜହ୍ନ' କବିତାର ଭାବଭୂମି ବିଶ୍ଳେଷଣ ।

୧:୨ 'ଦ୍ରୌପଦୀରଜହ୍ନ' ମୂଳପାଠ ଅଧ୍ୟୟନ ।

୧:୩ କବିତାର ଭାବବସ୍ତୁ ବିଶ୍ଳେଷଣ ।

୧:୪ ନିଷ୍କର୍ଷ

୧:୫ ଆଦର୍ଶ ପ୍ରଶ୍ନାବଳୀ

ପଠିତ କବିତା ଦ୍ରୌପଦୀରଜହ୍ନ ମହାଭାରତୀୟ ପୃଷ୍ଠଭୂମିରୁ ଆସି ଆମର ସମକାଳୀନ ଜୀବନଧାରା ସହିତ ପ୍ରବାହିତ ହେଉଥିବାରୁ ଉପରୋକ୍ତ ସଂରଚନା ପଦ୍ଧତିରେ  ସମଗ୍ର କବିତାରେ ଭାବପକ୍ଷ ଓ କଳାପକ୍ଷକୁ ବିଶ୍ଳେଷଣ କରାଯିବ ।

## ୧:୦ କବି ସୌରୀନ୍ଦ୍ର ବାରିକଙ୍କ କବି ପରିଚୟ

ସ୍ୱାଧୀନତା ପରବର୍ତ୍ତୀ କାବ୍ୟ ଧାରାରେ କବି ସୌରୀନ୍ଦ୍ର ବାରିକ ଜଣେ ନିଆରା ସ୍ଥପତି ଭାବରେ ମୌଳିକ କବିତା ରଚନା କରି ପାଠକ ମାନଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରୟୋଗବାଦୀ କବିତା ଯେଉଁ ସମୟରେ ଚରମ ଉତ୍କର୍ଷ ସାଧନ କରିଥିଲା ଠିକ୍ ସେହି ସମୟରେ କବି ସୌରୀନ୍ଦ୍ର ପ୍ରୟୋଗବାଦୀଧାରାରେ ଆଉ ଏକ ପରୀକ୍ଷା ନିରୀକ୍ଷା ଆରମ୍ଭ କଲେ । ମହାଭାରତୀୟ କଥାବସ୍ତୁ ସହ ବ୍ୟବହୃତ ବସ୍ତୁ (ସାଇକଲେ) ସହ ମଣିଷର ଆତ୍ମିକ ସଂପର୍କ ନିରୂପଣ କଲେ । କବି

ଜୀବନର ପରିପକ୍ୱ ପର୍ଯ୍ୟାୟରେ ଏହି ଆତ୍ମିକ ବନ୍ଧନ ପକ୍ଷୀ, ବୃକ୍ଷ ଆଦି ପ୍ରସଙ୍ଗ ଗୁଡ଼ିକୁ କେନ୍ଦ୍ରକରି ଅଧିକ ପଲ୍ଲବିତ ହୋଇଛି । କବି ଷାଠିଏ ପରବର୍ତ୍ତୀ କାଳରୁ କବିତା ରଚନା କରିଥିଲେ ହେଁ ୧୯୮୦ ପରବର୍ତ୍ତୀ ତିନିଦଶକ ତାଙ୍କ କାବ୍ୟ ରଚନାର ଉର୍ବର କାଳ ।

କବିଙ୍କ ପ୍ରଥମ କବିତା ସଙ୍କଳନ 'ସାମାନ୍ୟକଥନ' ୧୯୭୫ ମସିହାରେ ପ୍ରକାଶ ପାଏ । ପ୍ରୟୋଗବାଦୀ କବିତା ଦ୍ୱାରା ପ୍ରଭାବିତ ଏସମ୍ର କବିତା ମାନଙ୍କରେ ସୌରୀନ୍ଦ୍ର ବାରିକଙ୍କର ମୌଳିକତା ବାରିହୁଏ ନାହିଁ । ଅତଏବ ୧୯୭୫ ମସିହାପରେ ପ୍ରକାଶିତ କବିଙ୍କ ଉପଭାରତ (୧୯୮୧) ଆକାଶ ପରିନିବିଡ଼ (୧୯୮୫) ଗୁଣୁଗୁଣୁ ଚିତ୍ରପଟ (୧୯୮୬) ଲୁହଠୁ ବି ଅନ୍ତରଙ୍ଗ (୧୯୮୯) ଅନୁଭାରତ (୧୯୯୦) ଆମେଦୁହେଁ (୧୯୯୧) ଚହଲା ଛାଇରେ ଘଡ଼ିଏ (୧୯୯୫) ପଢ଼ ବା ନପଢ଼ (୧୯୯୭) ହଳଦୀ ବସନ୍ତ (୧୯୯୯) ଆମ ଦୁହିଁଙ୍କ କଥା (୨୦୦୧) ଯେତେସବୁ ବୀଥିକୁ ନେଇ (୨୦୦୩) ଆଦି କବିତା ଗ୍ରନ୍ଥ ମାନଙ୍କରେ ସୌରୀନ୍ଦ୍ରଙ୍କ ପ୍ରକୃତ କାବ୍ୟ ଦକ୍ଷତାର ପରିଚୟ ମିଳେ ।

କବି ସୌରୀନ୍ଦ୍ର ବାରିକ ଜଣେ ବହୁଦର୍ଶୀ କରି ଭାବରେ ପରିଚିତ । ବ୍ୟକ୍ତିଚେତନା ଠାରୁ ଆରମ୍ଭ କରି ବସ୍ତୁ, ମାନବେତର ଓ ପ୍ରକୃତି ପର୍ଯ୍ୟନ୍ତ ତାଙ୍କ କବିତାର ପରିଧି ବିସ୍ତୃତ । ଜଣେ ନିର୍ଭେଜାଲ କବି ଭାବରେ ସେ କବିତା ରଚନାରେ ଏକାଧିକ ସ୍ପର୍ଶକାତର ଇଲାକାକୁ ସ୍ପର୍ଶ କରିଛନ୍ତି । ଗୋଟିଏ ଦୃଶ୍ୟସଭା ଭିତର ଦେଇ ଏକ ପ୍ରଲମ୍ବିତ ଜୀବନର କଥା କବି ସୌରୀନ୍ଦ୍ର କହିପାରନ୍ତି । 'ହଳଦୀବସନ୍ତ' କବି ଚେତନାରେ ପଲ୍ଲୀ ସୌରୀନ୍ଦ୍ର ଓ ଜୀବନନାମାର ପ୍ରତୀକ ପାଲଟି ଯାଏ ।

'ତୋତେ ଦେଖିଲେ ଲାଗେ
ହଳଦୀ ଗୁରୁଗୁରୁ ଗାଁ ବୋହୂଟିଏ
ଅବା ହଳଦୀ ମାଖି, କଜ୍ଜଳ ନାଇ
କଅଁଳ ଖରାରେ ଖେଳୁଥିବା କଅଁଳା ଛୁଆଟେ ।'
X X X X X X X X
ହଳଦୀବସନ୍ତ ହେବାକୁ ଭାରି ମନହୁଏ
ଏ ଜନ୍ମରେ ନ ହେଲେ ଅନ୍ତତଃ ଆର ଜନ୍ମରେ ।'
(ହଳଦୀବସନ୍ତ : ପୃ - ୦୩)

କବି ସୌରୀନ୍ଦ୍ର ବାରିକଙ୍କ କବିତା ଭଲ ପାଇବାରୁ ସୃଷ୍ଟି ହୁଏ । ଏଥିରେ କୌଣସି ତତ୍ତ୍ୱ ବା ଛଳନା ନାହିଁ । କବିଙ୍କ ହୃଦୟ ହେଉଛି ତାଙ୍କ କବିତାର ଏନ୍ତୁଡ଼ିଶାଳ । ହଳଦୀବସନ୍ତର ସୌନ୍ଦର୍ଯ୍ୟପଣରେ ମୁଗ୍ଧ ହୋଇ କବି ଯେପରି ହଳଦୀବସନ୍ତ ଜନ୍ମ ନେବାକୁ ଇଚ୍ଛା କରିଛନ୍ତି, ଠିକ୍ ସେହି ପରି ନିଜର ପୁରୁଣା ଅଚଳ ସାଇକେଲ୍ ପ୍ରତି ତାଙ୍କର ପ୍ରେମ ଓ ପ୍ରତିବଦ୍ଧତା ପ୍ରଚୁର । କବିଙ୍କ ପ୍ରେମକୁ ମନେପକାଇ ସାଇକେଲ୍ କହିଛି:

'ସିଏ ମୋର କଣ ଥିଲେ
ମୁନିବ, ସବାର ,ବନ୍ଧୁ ନା ଆଉ କିଛି ?
ସବୁ ଜିନିଷ ପରି

ମୁଁ କ'ଣ ଖାଲି ଜିନିଷଟିଏ ଥିଲି ?
ମୁଁ ତ ଥିଲି ତାଙ୍କର ଅଙ୍ଗଟିଏ
ମନର ମନ, ସ୍ୱପ୍ନର ସ୍ୱପ୍ନଟିଏ ।
(ଆମେ ଦୁହେଁ : ପୃ-୧୨)

ନିଜର ପୁରୁଣା ସାଇକେଲ୍‌କୁ ପ୍ରେମିକ ପରି ଭଲ ପାଇବା ଓ ତାକୁ ଛାଡ଼ି ଫରୁଆରେ ସାଇତି ରଖି କବିତା ରଚନା କରିବା ଏକ ମହତ କବିପଣିଆ । ସୌରୀନ୍ଦ୍ରଙ୍କ କବିତାର ଏହି ବିବିଧତା ଗୁଣଟି ତାଙ୍କୁ ସମକାଳୀନ କାବ୍ୟଧାରାରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ । ସେହିପରି 'ଗଛ' କୁ ନେଇ ଓଡ଼ିଆ କବିତାରେ କାଁ ଭାଁ କବିତା ରଚନା କରାଯାଇଥିବା ବେଳେ ସୌରୀନ୍ଦ୍ର ସ୍ୱତନ୍ତ୍ର ଭାବରେ 'ଚହଲାଚାଇରେ ଘଡ଼ିଏ' ନାମରେ କବିତା ଗ୍ରନ୍ଥଟିଏ ସୃଷ୍ଟି କରିଛନ୍ତି । ଗଛପରିବାର ସହିତ କବି ଚେତନାର ତଲ୍ଲୀନପଣ ଏଥିରେ ପ୍ରକାଶ ପାଇବା ସହ ବୃକ୍ଷଚ୍ଛେଦନ ଜନିତ ପାରିପାର୍ଶ୍ୱିକ ପ୍ରତିକ୍ରିୟା ଏଥିରେ ପ୍ରମୁଖତା ସହ ସ୍ଥାନ ପାଇଛି । ପୃଥିବୀରୁ ବୃକ୍ଷ ମାନଙ୍କର ବଂଶ ବୁଡ଼ିବାକୁ ବସିଥିବା ବେଳେ କବିଙ୍କ ଏପରି ଗ୍ରନ୍ଥ ଉପାଦେୟ ମନେହୁଏ । ଗଛକଟା ଯିବା ପରେ ଗଛର ସଂସାର (ପକ୍ଷୀ, ଜହ୍ନ, ଆକାଂଶ, ପଥିକ) କେମିତି ବିପର୍ଯ୍ୟସ୍ତ ହୋଇଯାଇଛି, ସୌରୀନ୍ଦ୍ରଙ୍କ ଏହି କବିତାରୁ ଲକ୍ଷ୍ୟ କରାଯାଇପାରିବ ।

'ତା ମଥାନ ଉପରେ
ଘଡ଼ିଏ ଅଟକି ରହିଛି ପୁନେଇ ଜହ୍ନ !
କିନ୍ତୁ ଯେତେବେଳେ ଅନାଥ ଚଢ଼େଇ ସବୁ
ତାଙ୍କ ଘରର ଘରକୁ ଖୋଜି ଖୋଜି
ଦିଗ୍‌ବଳୟ ଆଡ଼କୁ ଉଡ଼ି ଯାନ୍ତି
ଛେଉଣ୍ଡ ପିଲାଟି ପରି ମୁଁ ଖାଲି ଚାହିଁରହେ
ଚାହିଁରହେ ସେଇଠିକି
ଯେଉଁଠି ସେଦିନେ ଲୀଳା ଲଗାଇଥିଲା ।'
(ଚହଲା ଛାଇରେ ଘଡ଼ିଏ, ପୃ-୧୪)

କେବଳ ପକ୍ଷୀ, ସାଇକେଲ୍, ବୃକ୍ଷ ନୁହଁ ମଣିଷ ସହିତ ନିବିଡ଼ତମ ସଂପର୍କକୁ ନେଇ ସୌରୀନ୍ଦ୍ର କବିତା ରଚନା କରିଛନ୍ତି । ପ୍ରୟୋଗବାଦୀ କବିତାର ଗଦ୍ୟଧର୍ମୀ ରୁକ୍ଷତା ଠାରୁ ନିଜକୁ ଦୂରେଇ ରଖି କବି ଗ୍ରାମୀଣ, ପ୍ରାକୃତିକ ଓ ମାନବିକତା ସଂପନ୍ନ କବିତା ରଚନା କରିଛନ୍ତି । ଏଥିପାଇଁ କବି ସୌରୀନ୍ଦ୍ର ତତ୍ତ୍ୱର ନୁହଁନ୍ତି ମାନବିକତାର କବି ଭାବରେ ପ୍ରତିଷ୍ଠିତ ।

'ମୋ' କବିତା ତ ଏଇ ଅଜଣା ପାଇବାଟିଏ
ବୁଦ୍ଧିର ଖଣିକୁ ଖୋଳି ଖୋଳି ନୁହେଁ
ପଡ଼ିଆ ପଡ଼ିଥିବା ମନରେ ସ୍ୱପ୍ନର ମଞ୍ଜିବୁଣି
ଯାହା ମିଳିଥାଏ ତା'ରି ପାଇବାଟିଏ ।'
(ଆକାଶ ପରିନିବିଡ଼ : ପୃ -୨୯)

କବି ସୌରୀନ୍ଦ୍ର ବାରିକଙ୍କର କବିପଣ ଓ ବିଚାର ଦୃଷ୍ଟିକୁ ବିଶ୍ଳେଷଣ କରି ଜଣେ ସଂବେଦନଶୀଳ ମାନବତା ଦୃଷ୍ଟିସଂପନ୍ନ କବି ଭାବରେ ତାଙ୍କୁ ବୁଝିବାକୁ ହେବ। ସମକାଳୀନ କାବ୍ୟଧାରାରେ ପରିମାଣ ଓ ଗୁଣାତ୍ମକ ଦୃଷ୍ଟିରୁ ପ୍ରଶଂସିତ କବି ସୌରୀନ୍ଦ୍ର ଓଡ଼ିଆ ପାଠକମାନଙ୍କର ଅଗ୍ରଗଣ୍ୟ ପ୍ରିୟକବି, ଏକଥା ସ୍ୱୀକାର କରିବାକୁ ପଡ଼ିବ ।

## ୧:୧ 'ଦ୍ରୌପଦୀରଜହ୍ନ' କବିତାର ଭାବଭୂମି ବିଶ୍ଳେଷଣ

ଏହି କବିତାଟି ମିଥ୍‌କୁ ଆଶ୍ରୟ କରି ରଚନା କରାଯାଇଛି । ପୁରାଣ ଓ ଇତିହାସରେ କୌଣସି ଘଟଣା ବା ଚରିତ୍ରକୁ ସମକାଳୀନ ପାଣିପାଗରେ ସଂଯୋଜିତ କରି ଏକ ପ୍ରଲମ୍ବିତ ପୃଷ୍ଠଭୂମିରେ ତାହାକୁ ବିସ୍ତୃତ ପ୍ରଦାନ କରିବାକୁ ପୁରାକଳ୍ପ ବା ମିଥ୍ କୁହାଯାଏ । ଏଥିରେ ମୂଳଚରିତ୍ର ଓ ସମୟ ସହ ବର୍ତ୍ତମାନର ସମୟକୁ ସମାନ୍ତରାଳ ଭାବରେ ବିଶ୍ଳେଷଣ କରାଯାଇଥାଏ । ଆଧୁନିକ ଓଡ଼ିଆ କାବ୍ୟଧାରାରେ ମିଥ୍‌କୁ ମାଧ୍ୟମ କରି ଅନେକ  ଗୁରୁତ୍ୱପୂର୍ଣ୍ଣ କାବ୍ୟ, କବିତା ରଚନା କରାଯାଇଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ କବିତାରେ ଯେଉଁ ପରୀକ୍ଷା ନିରୀକ୍ଷା କରାଗଲା. ସେଥିରେ ମିଥ୍ ଏକ ବ୍ୟାପକ ଭୂମିକା ଗ୍ରହଣ କରିଛି । କବି ସଚ୍ଚିଦାନନ୍ଦ ରାଉତରାୟ, ଗୁରୁପ୍ରସାଦ ମହାନ୍ତି, ରମାକାନ୍ତ ରଥ ଓ ସୀତାକାନ୍ତ ମହାପାତ୍ର ଆଦି କବି ମାନେ ମହାଭାରତୀୟ ମିଥ୍‌କୁ ନେଇ କବିତା ରଚନା କରିଛନ୍ତି । ସଚ୍ଚିଦାନନ୍ଦଙ୍କ 'ଦ୍ରୌପଦୀର ଶାଢ଼ୀ' ଗୁରୁପ୍ରାସଦଙ୍କ 'କାଳପୁରୁଷ' ରାମାକାନ୍ତଙ୍କ 'ନବଗୁଞ୍ଜର' ସୀତାକାନ୍ତଙ୍କ 'ଅଷ୍ଟପଦୀ' । ଏହି ଦୃଷ୍ଟି କୋଣରୁ ଦୃଷ୍ଟାନ୍ତ ମୂଳକ ମିଥ୍ ରଚନା ଭାବରେ ସୀକୃତି ଲାଭ କରିଛି । ଆଧୁନିକ ଜୀବନର ବିଭିନ୍ନ ମାନସିକ ସଙ୍କଟ, ଆବେଗ, ଉତ୍କଣ୍ଠାର ସମାଧାନ ପାଇଁ ପୁରାଣ ଓ ଇତିହାସକୁ ଏକ ସାହିତ୍ୟିକ ଆଧାର (Literary reference) ଭାବରେ ପ୍ରୟୋଗ କରାଯାଇଥାଏ । ଏପରି ପ୍ରୟୋଗ ଯୋଗୁ ବର୍ତ୍ତମାନର ଚରିତ୍ରଟି ଅଧିକ ସ୍ପଷ୍ଟ, ବୋଧ୍ୟ ଓ ବଳିଷ୍ଠ ହୋଇଯାଏ । ଆଲୋଚ୍ୟ କବିତାଟି ଏହି ଭାବବୋଧରୁ ସୃଷ୍ଟି ହୋଇଛି ।

ସୌରୀନ୍ଦ୍ର ବାରିକ 'ଦ୍ରୌପଦୀ'କୁ ମିଥ୍ ଭାବରେ ନେଇ କବିତା ରଚନା କରିବା ପୂର୍ବରୁ ଏହି ପ୍ରସିଦ୍ଧ ଚରିତ୍ରଟି କବି ସଚ୍ଚିଦାନନ୍ଦ ରାଉତରାୟଙ୍କ ଦ୍ୱାରା  'ଦ୍ରୌପଦୀ ଶାଢ଼ୀ'ନାମକ କବିତାରେ ପ୍ରସିଦ୍ଧ  ହୋଇ ସାରିଥିଲା । କବି ରାଉତରାୟ 'ଦ୍ରୌପଦୀ ଶାଢ଼ୀ' କୁ କାମନାର ପ୍ରତୀକ ଭାବରେ ପ୍ରୟୋଗ କରିଥିଲେ । ପୁରୁଷ ରୂପକ ଦୁଃଶାସନର ବସ୍ତ୍ରହରଣରେ ଏହାର ଯେମିତି ଶେଷ ନାହିଁ । ଯାହା କୁରୁସଭାରେ ସତ୍ୟ ଆଜିମଧ୍ୟ ଏହା ଆମର ସମାଜରେ ସତ୍ୟ । ସୌରୀନ୍ଦ୍ରଙ୍କ 'ଦ୍ରୌପଦୀ' କିନ୍ତୁ ସଚ୍ଚିଦାନନ୍ଦଙ୍କ 'ଦ୍ରୌପଦୀ' କିନ୍ତୁ ସଚ୍ଚିଦାନନ୍ଦଙ୍କ ଦ୍ରୌପଦୀ ଠାରୁ ଅଗ୍ରଗଣ୍ୟ ଓ ଆଧୁନିକା । ସଚ୍ଚିବାବୁଙ୍କ କବିତାରେ ଦ୍ରୌପଦୀ ଥିଲା ଏକ ପ୍ରତୀକ ମାତ୍ର ସୌରୀନ୍ଦ୍ରଙ୍କ କବିତାରେ ଦ୍ରୌପଦୀ ମୁଖ୍ୟ ଚରିତ୍ର । ନିଜ ସ୍ୱାମୀମାନଙ୍କ ପ୍ରେମକୁ ସେ ବିଶ୍ଳେଷଣ କରିପାରେ । ନିଜମନ ପାଠଙ୍କରେ ସ୍ୱାମୀ ଭିନ୍ନ ଆଉ କାହାର ପ୍ରତିବିମ୍ବ ଦେଖିପାରେ । ଆଜିର ଦ୍ରୌପଦୀ ଉଚ୍ଚ ଶିକ୍ଷିତା, ପ୍ରଗତିଶୀଳା । ସେ କାମବତୀ ଯେତିକି, ବାମାବାଦୀ ସେତିକି । ୧୯୮୦ ମସିହା ପରବର୍ତ୍ତୀ ବିକଶିତ  ଓଡ଼ିଶାର ଅର୍ଥନୈତିକ ସାମାଜିକ ଭୂମିରୁ ଏହି ନୂଆ ନାରୀ ଚେତନାର ବିକାଶ । ଉଚ୍ଚଶିକ୍ଷା ସହ ସ୍ୱାବଲମ୍ବୀତା ତାକୁ ସ୍ୱାଧୀନତା ଦେଇଛି । ସେ ନିଜ ସଂପର୍କରେ ନିଷ୍ପତ୍ତି ନେବାରେ ସମର୍ଥ । ନିଜର ପ୍ରେମ, ଦାମ୍ପତ୍ୟ, ପରକାୟାକୁ ନେଇ ଗର୍ବ କରି ପାରେ । ଦାମ୍ପତ୍ୟ ଜୀବନରେ ସେ ଆଉ Second sex ନୁହେଁ ବରଂ ତାର ପ୍ରାଧାନ୍ୟ ଜାହିର କରେ । ନାରୀ ମନଗହନର ଅବସ୍ଥିତି ପ୍ରକାଶ କରିବାରେ କାର୍ପଣ୍ୟ କରେ ନାହିଁ । ଏହି ଅତୀ ଆଧୁନିକ ମାନସିକତା ସହ ଦ୍ରୌପଦୀ ଚରିତ୍ରର ବିଶ୍ଳେଷଣ ହେଉଛି ଏହି କବିତାର ପୃଷ୍ଠଭୂମି ।

## ୧:୨ 'ଦ୍ରୌପଦୀର ଜହ୍ନ' ମୂଳପାଠ ଅଧ୍ୟୟନ

'ରୂପାଥାଳି ଜହ୍ନ ଉଇଁଲେ
ମନରେ ମୋର ଭରିଯାଏ
ଉଆଁସ ଅନ୍ଧାର ।
ପୁରା ଜହ୍ନ ତଳେ
ନିଜ ଲୋକଟିର ଚିହ୍ନା ଛାତିରେ
ଆଖିବୁଜି ରାତିସାରା ଚାହିଁ ରହିବାକୁ
ଭାରି ଇଚ୍ଛାହୁଏ ।'

କବି ସୌରୀନ୍ଦ୍ର ବାରିକ କବିତାରେ ଏପରି ଆରମ୍ଭ କରିଛନ୍ତି । ପୂର୍ଣ୍ଣଜହ୍ନ ଦେଖିଲେ ଦ୍ରୌପଦୀର ମନ ଜୁଆରରେ ଯାଏ । ଆକାଶର ମାଟିକୁ ଓହ୍ଲେଇପଡ଼େ ତୋଫା ଜହ୍ନରାତି ଅଥଚ ଦ୍ରୌପଦୀର ମନ ଭିତରେ ଅମାବାସ୍ୟାର ଅନ୍ଧାର ଘୋଟିଯାଏ । ଏଇ ଜହ୍ନ ରାତିରେ ପ୍ରିୟମଣିଷର ଛାତିରେ ମୁଣ୍ଡରଖି ଦାମ୍ପତ୍ୟ ବିତାଇବାକୁ ମନକରେ ଦ୍ରୌପଦୀ । ମନର ଅନ୍ଧାର ତଳୁ କାମନାର ଜହ୍ନରାତି ଭିଡ଼ିମୋଡ଼ି ହୁଏ । ଦ୍ରୌପଦୀର ନିଜ ଲୋକ କିଏ ? କେଉଁ ଛାତି ତାର ନିଜର ? ଦ୍ରୌପଦୀ ମାନଙ୍କ ପାଇଁ ତ ପୁରୁଷ ବଦଳି ଚାଲିଥାଏ । ନୂଆ ନୂଆ ପୁରୁଷ ସ୍ୱାମୀ ବେଶରେ ଆସନ୍ତି । ପ୍ରିୟ ପୁରୁଷର ସୁଖ ଭୋଗୁ ଭୋଗୁ ରାତି ପାହିଯାଏ । ପ୍ରିୟ ପୁରୁଷର ବିରହରେ ଛଟପଟ ହେଉ ନ ହେଉଣୁ ନୂଆ ପୁରୁଷଟି ବାଟ ଆଗୁଳେ । ଅଥଚ ଦ୍ରୌପଦୀର ମନକଥା ଟିଏ ବୁଝିପାରିବନି ? ସବୁ ସ୍ୱାମୀ ମାନେ ଦ୍ରୌପଦୀର ଦେହକୁ ଭୋଗନ୍ତି – ଅଥଚ ତାରମନ ! ଦ୍ରୌପଦୀର ଜହ୍ନରେ କେଉଁ ପୁରୁଷର ମୁହଁଦିଶେ ? ଯାହାକୁ ଦ୍ରୌପଦୀ ଜୀବନତମାମ ଝୁରିହୁଏ । ଜହ୍ନ ପରି ସେ ମଧ୍ୟ ପ୍ରିୟ ମଣିଷ ସହ ସୁଖରେ ସମାହିତ ହେଉଥିବା ବେଳେ ବୁଡ଼ି ଯାଆନ୍ତା ।

'କିନ୍ତୁ ମୋ ଜହ୍ନତ ପାଞ୍ଚଫାଳ
ଜିକି ଜିକି ଅନ୍ଧାର ଚିରୁକା
ତହିଁରେ ନା ଜୋଛନା ଥାଏ
ନା ତାକୁ ଦେଖି ଗୋଟିଏ ଛାତିରେ
ମଥା ରଖି ଶୋଇହୁଏ ମନଇଚ୍ଛା ସବୁଦିନ ପାଇଁ ।'

ପାଞ୍ଚ ସ୍ୱାମୀ ନେଇ ସଂସାର ବାନ୍ଧିଥିବା ଦ୍ରୌପଦୀର ଜହ୍ନ ପାଞ୍ଚଫାଳ । ପୂର୍ଣ୍ଣଚନ୍ଦ୍ରରେ ପାଞ୍ଚଟି ପ୍ରତିବିମ୍ବ । ଏହି ପାଞ୍ଚ ଜଣଙ୍କ ଭିତରୁ କିଏ ତାର ପ୍ରିୟ ? କାହାକୁ ସେ ଚାହିଁଛି ? ବାହାରେ ଜହ୍ନରାତି ଅଥଚ ଦ୍ରୌପଦୀ ପାଞ୍ଚଟା ସ୍ୱାମୀ ନେଇ ଗର୍ବ କରିପାରୁନି ଆଜି । ଜହ୍ନରାତି ତା ପାଇଁ ଫିକା ପଡ଼ିଯାଇଚି । ଜହ୍ନସାରା ଅନ୍ଧାର । ଦ୍ରୌପଦୀର ମନ ଅମାବାସ୍ୟା । ଜହ୍ନରାତି ଆଜି କୌଣସି ଉନ୍ମାଦନା ସୃଷ୍ଟି କରିପାରୁନି ତା ' ପାଇଁ । ଏହା ତ ନାରୀର ଭାଗ୍ୟ । ନାରୀ ଯାହା ଚାହେଁ ତାହା ପାଏନି । ଯାହା ପାଏ ତାକୁ ହରେଇ ଦିଏ । ସବୁ ପାଇବା ନାରୀ ପାଇଁ ଗୋଟଇଏ ଚମତ୍କାର ହରେଇବା । ଦ୍ରୌପଦୀ ପରି ଆଜିର ନାରୀ, ଯାହାକୁ ସେ ମନଭରି ଇଚ୍ଛାକରି ସେ ଅପହଞ୍ଚ ହୋଇଯାଏ । ଜଣେ ଅଦରକାରୀ, ଅପ୍ରେମୀ ପୁରୁଷ ତାର ସ୍ୱାମୀ ପାଲଯିଯାଏ । ଜୀବନର ଏହି ଅବସ୍ଥାକୁ ନାରୀ ସବୁଦିନ ଧରିରଖେ । ଅପ୍ରାପ୍ତିରୁ ସୃଷ୍ଟ ନିଃସଙ୍ଗତରକୁ ନେଇ

ସୁଖୀ ଦାମ୍ପତ୍ୟର ଅଭିନୟ କରେ । ଦ୍ରୌପଦୀ ମାନଙ୍କର ଅସହାୟତା, ବିମର୍ଷ ଓ ନିଃସଙ୍ଗତା ଏଠାରେ ବର୍ଣ୍ଣନା କରାଯାଇଛି । ଦାମ୍ପତ୍ୟ ଅସୁଖ ଓ ଇଚ୍ଛାବିରୁଦ୍ଧ ପୃଥିବୀ ନାରୀ ପାଇଁ କେତେ ଅନୁର୍ବର, ଏଠାରେ କବି ସୌରୀନ୍ଦ୍ର ବାରିକ ତାହା ବର୍ଣ୍ଣନା କରିଛନ୍ତି । କବିତାର ଶେଷ ପର୍ଯ୍ୟାୟରେ ଦ୍ରୌପଦୀର ନିଃସଙ୍ଗତାର ଆବେଗଦୀପ୍ତ ପରିପ୍ରକାଶ ଘଟିଛି ।

'ମୋ' ଜହ୍ନର ଭଙ୍ଗା ଦର୍ପଣରେ
ମୁହଁ ଦିଶେ ପାଞ୍ଚ ପ୍ରକାରର
ଜୋଛନାର ଭଙ୍ଗା ଦୁକୁ ଦୁକୁ
ମୋତେ ଦିଏ ନୂଆ ନିଃସଙ୍ଗତା
ପାଞ୍ଚଟି ଛାତିର ।'

ଦ୍ରୌପଦୀର ଦର୍ପଣ ଭାଙ୍ଗିଯାଇଛି । ଏ ଦର୍ପଣ ହେଉଛି ମନ। ପାଞ୍ଚଜଣ ସ୍ୱାମୀଭିତରୁ ସେ ଜଣଙ୍କୁ ମନସ୍ଥ କରିପାରୁନାହିଁ । ନାରୀର ଭାଗ୍ୟ ଅସ୍ଥିର । ପ୍ରତିକ୍ଷଣରେ ତା ପାଇଁ ସ୍ୱାମୀ ବଦଳି ଯାଉଛି । ଜଣେ ବ୍ରତତୀ ନାରୀ ପରି ଗୋଟିଏ ସ୍ୱାମୀ ସହ ଜହ୍ନ ରାତିରେ ତଲ୍ଲୀନ ହେବାର ସୌଭାଗ୍ୟ ତାର ନାହିଁ । ଜହ୍ନରାତିର ଉନ୍ମାଦନାରେ ଦ୍ରୌପଦୀ ଭିତରେ ନୂଆ ନିଃସ୍ୱଙ୍ଗତା ଜନ୍ମନିଏ । ଜହ୍ନରାତିରେ ଜଳି ଯାଏ ଦ୍ରୌପଦୀ । ବନ ପୋଡ଼ି ଗଲେ ସମସ୍ତେ ଜାଣନ୍ତି କିନ୍ତୁ ମନ ପୋଡ଼ିଗଲେ କେହି ଜାଣିପାରନ୍ତି ନାହିଁ । ପାଞ୍ଚଟି ଛାତିର ନିଃସଙ୍ଗତା ନେଇ ଦ୍ରୌପଦୀ ବଞ୍ଚି ରହେ । ନାରୀର ଏହି ନିଃସଙ୍ଗତାର କୌଣସି ନିଦାନ ନାହିଁ । ମନ ଅନ୍ଧାର ତଳର କ୍ଷତତାକୁ ଚିରଦିନ ଅସୁଖୀ କରିଦିଏ । ମହାଭାରତ ଏହି ପ୍ରମୁଖ ନାରୀ ଚରିତ୍ର ଭିତରେ ଆତ୍ମଗୋପନ କରିଥିବା ଅସହାୟତା, ଅପ୍ରାପ୍ତି, ରୋମାଣ୍ଟିକ୍ ନିଃସଙ୍ଗତାକୁ କବି ସୌରୀନ୍ଦ୍ର ବାରିକ ବାସ୍ତବ ପରିବେଷଣ କରିଛନ୍ତି । ପଞ୍ଚୁପାଣ୍ଡବଙ୍କ ଭିତରୁ ପ୍ରିୟତମ ପାଣ୍ଡବଙ୍କୁ ସର୍ବକାଳୀନ ପତି ରୂପେ ପାଇବାକୁ ଦ୍ରୌପଦୀର ଇଚ୍ଛା ପୂରଣ ହୁଏ ନାହିଁ । ଏହା ହିଁ ନାରୀର ଭାଗ୍ୟ । କୁମାରୀ ଜୀବନର ସ୍ୱପ୍ନ ବାପଘରରେ ବସି ହୋଇଯାଏ । ନୂଆସଂସାର ଦିଏ ତାକୁ ଚିହ୍ନା ନିଃସଙ୍ଗତା । ଏହି ମୂଳ ପାଠସହ ଏହାର ଭାବବସ୍ତୁ ଓ ମିଥ୍ ମୂଲ୍ୟକୁ ଆକଳନ କଲେ କବିତାର ଅର୍ଥ ଏକ ବୃହତଭାବ-ବଳୟ ସୃଷ୍ଟି କରିବ ।

### ୧:୩ କବିତାର ଭାବବସ୍ତୁ ବିଶ୍ଳେଷଣ

ଏକ ମିଥ୍ ଧର୍ମୀ କବିତା ଭାବରେ ଏହି କବିତାଟିକୁ ବିଶ୍ଳେଷଣ କଲେ ଏହାର ଅବବୋଧ ଅଧିକ ବଳିଷ୍ଠ ହେବା ସହ ଏହା ବୃହତ୍ତର ଭାବବୋଧ ସୃଷ୍ଟି କରିବ । ଏଠାରେ ଆଲୋଚିତ ଦ୍ରୌପଦୀ କେବଳ ପାଣ୍ଡବଙ୍କର ପତ୍ନୀ ଦ୍ରୌପଦୀ ନୁହଁନ୍ତି । ସମକାଳୀନ ସମାଜରେ ବହୁ ପୁରୁଷଙ୍କ ଦ୍ୱାରା ଭୋଗ୍ୟ ନାରୀର ଆକୁଳ କାକୁତିକୁ ମଧ ଅନ୍ୟପକ୍ଷରେ ନିଜ ମନପସନ୍ଦର ପ୍ରେମିକକୁ ସ୍ୱାମୀ ଭାବରେ ନ ପାଇ ଅନ୍ୟଜଣେ ଅପରିଚିତ ପୁରୁଷ ସହ ଘଟଣାକ୍ରମେ ଦାମ୍ପତ୍ୟ ବିତାଉଥିବା ଅସୁଖୀ ନାରୀଟିକୁ ଦ୍ରୌପଦୀର ମାନସିକ ସ୍ଥିତିର ଯୋଡ଼ି ବିଚାର କରାଯାଇପାରିବ । ମୋଟା ମୋଟି ଭାବରେ ଜଣେ ନାରୀ ଜୀବନରେ ଆସିଥିବା ଏକାଧିକ ପୁରୁଷ ମାନଙ୍କ ମଧ୍ୟରୁ କିଏ ତାର ପ୍ରିୟ ଏପରି ଚିରନ୍ତନ ଦ୍ୱନ୍ଦର ଚିତ୍ର ହେଉଛି ଆଲୋଚ୍ୟ କବିତା । ମହାଭାରତର ଦ୍ରୌପଦୀ ସହ ସମକାଳୀନ ନାରୀ ଚରିତ୍ରର ସଂଯୋଗ କରି ଏହି କବିତାକୁ ଏକ ବ୍ୟାପକ ପୃଷ୍ଠଭୂମିରେ ଆଲୋଚନା କରାଯାଇପାରିବ ।

ଦ୍ରୌପଦୀଙ୍କ ଜୀବନରେ ଅନେକ ପୁରୁଷ ଆସିଛନ୍ତି । ଅଯୋନି ସଂଭୂତା ଯାଜ୍ଞ ସେନୀ ଜନ୍ମ ଲଗ୍ନରୁ କୃଷ୍ଣଙ୍କ ସହ ପରିଚିତ ହୋଇଆସିଛନ୍ତି । କୃଷ୍ଣଙ୍କର ବାନ୍ଧବୀ ସେ କୃଷ୍ଣା । ଦୁହିଁଙ୍କ ମଧ୍ୟରେ ଏକ ଅବଚେତନୀୟ ତୃଷ୍ଣା । ସେ ତାଙ୍କର ସଖା, ପ୍ରିୟମଣିଷ । ପ୍ରତିପକ୍ଷ କର୍ଣ୍ଣଙ୍କ ପ୍ରତି ମଧ୍ୟ ଦ୍ରୌପଦୀଙ୍କର ପ୍ରବଳ ଆକର୍ଷଣ । ଦ୍ରୌପଦୀଙ୍କୁ ଅର୍ଜନ କରିଥିବା ଅର୍ଜ୍ଜୁନଙ୍କୁ ସେ ଚାହାଁନ୍ତି । ମାତ୍ର କୁନ୍ତୀଙ୍କ ନିର୍ଦ୍ଦେଶ କ୍ରମେ ପାଞ୍ଚଭାଇଙ୍କର ସେ ପତ୍ନୀ ହୋଇ ଯାଆନ୍ତି । ଜନ୍ମ ଲଗ୍ନର ବିବାହ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଦ୍ରୌପଦୀଙ୍କ ଜୀବନରେ ପ୍ରବେଶ ଘଟିଛି । ସାରଳାଦାସଙ୍କ ମହାଭାରତରେ ଏ ସଂପର୍କରେ ଗୋଟିଏ କୌତୁକ ଉପାଖ୍ୟାନ ଅଛି । ଦ୍ରୌପଦୀଙ୍କ ମନକଥା ଜାଣିବା ପାଇଁ କୃଷ୍ଣ 'ସତ୍ୟଆମ୍ବ'ର ପରିକଳ୍ପନା କଲେ । ପାଣ୍ଡବ ମାନେ ନିଜର ଅବଗୁଣ୍ଠିତ ମନର କଥା ପ୍ରକାଶ କଲେ । ଦ୍ରୌପଦୀ ଏହି କ୍ରମରେ ଶେଷରେ ନିଜମନ କଥା କହିଛନ୍ତି ।

ସାରାଳା ଦାସ ପ୍ରଥମ ଓଡ଼ିଆ କବି ଭାବରେ ଦ୍ରୌପଦୀଙ୍କ ପଞ୍ଚୁପତି ସଂପର୍କିତ ମନର କଥା ପ୍ରକାଶ କରିଛନ୍ତି । ଦ୍ରୌପଦୀ ପ୍ରସଙ୍ଗରେ ନାରୀ ଜାତିର ମନନେଇ କେଶବଙ୍କ ମୁହଁରେ କବି ଯାହା କହିଛନ୍ତି, ତାହା ଏଠାରେ ପ୍ରଣିଧାନ ଯୋଗ୍ୟ ।

ଅତଏବ ନାରୀ ସୁନ୍ଦର ଓ ସମର୍ଥ ପୁରୁଷ ଦେଖିଲେ ଯେ ଚହଲିଯାଏ, ଏହା ନିଶ୍ଚିତ । ଏପରି ଏକ ମାନସିକତାରେ ଯଦି ତାର ଦାମ୍ପତ୍ୟ ଅପ୍ରାପ୍ତି ଘଟେ । ତାହାହେଲେ ନିଃସଙ୍ଗ ହୋଇଯାଏ ନାରୀ । ଦ୍ରୌପଦୀଙ୍କ ପରି ଦାମ୍ପତ୍ୟ ପୀଡ଼ା ଭୋଗୁଥିବା ନାରୀ ମାନଙ୍କର କଣ ଆମ ସମାଜରେ ଅଭାବ ଅଛି । ଏହି କବିତାରେ ଦ୍ରୌପଦୀଙ୍କ କଥାକଣ ଓ ଆଧୁନିକ ଦ୍ରୌପଦୀ ମାନଙ୍କର କଥା ଅଧିକ କୁହାଯାଇଛି । ପୁରୁଷକୁ ନେଇ ନାରୀ ମନରେ ସବୁବେଳେ ଦ୍ୱନ୍ଦ ଓ ସଂଘର୍ଷ ସୃଷ୍ଟି ହୁଏ । ଏହି ଅନ୍ଧାର ତଳୁ ଜୀବନରେ ବାସ୍ତବତା ପ୍ରତିଭାତ ହୁଏ । 'ଦ୍ରୌପଦୀର ଜହ୍ନ' କବିତା ନାରୀ ଜୀବନର ଏହି ଦ୍ୱନ୍ଦ ଓ ନିଃସଙ୍ଗତାର ପ୍ରତିନିଧିତ୍ୱ କରିଛି ।

### ୧:୪ ନିଷ୍କର୍ଷ

ନାରୀର ମନ ଓ ମଗଜ ଆଧାରିତ ଏହା ଏକ ସଫଳ ମିଥ୍ ଧର୍ମୀ କବିତା । ଏଠାରେ ଦ୍ରୌପଦୀ ଚରିତ୍ରର ବାହ୍ୟ ବିଶ୍ଳେଷଣ, ଗଳ୍ପଗୁମ୍ଫନ ଅପେକ୍ଷା ମନୋ ବିଶ୍ଳେଷଣକୁ ପ୍ରାଧାନ୍ୟ ଦିଆଯାଇଛି । ମହାଭାରତର ଏହି ଉଜ୍ଜଳ ନାରୀ ଚରିତ୍ର ପ୍ରକୃତରେ କେତେ ନିଃସଙ୍ଗ ଓ ଦୁଃଖୀ ଏଠାରେ ତାହାର ପରିପ୍ରକାଶ ଘଟିଛି । ସଂସାର କରି ନଥିବା କିଶୋରୀ ସଂସାର କରିବାକୁ ବ୍ୟଗ୍ର ହୁଏ । ସଂସାର ଜୀବନର ସୁଖ ଓ ସ୍ୱାମୀ ସୋହାଗ ନେଇ ବିଭୋର ହୁଏ । ଥରେ ସଂସାରୀ ହୋଇଗଲେ ଦୂର ପର୍ବତ ସୁନ୍ଦର ପରିତାର ଏହି ସୁଖ ଭାଙ୍ଗିଯାଏ ଠିକ୍ ଦ୍ରୌପଦୀ ପରି । ପାଞ୍ଚଟା ସ୍ୱାମୀ ପାଇ ସେ ଅତୃପ୍ତା । ଏକା ଏବଂ ଏକାଏକା । ଜହ୍ନରାତିରେ ଆଶା ଦେବା ପରି ପୁରୁଷଟେ ପାଇପାରୁନି ଦ୍ରୌପଦୀ । ଭାଗ୍ୟର  ଏହି ବିଡ଼ମ୍ବିତ ପର୍ଯ୍ୟାୟରେ ଦ୍ରୌପଦୀର ନିଃସଙ୍ଗତା ସମଗ୍ର କବିତାରେ  ପ୍ରାଧାନ୍ୟ ବିସ୍ତାର କରିଛି । ଜନ୍ମ ଠାରୁ ବିବାହ ପର୍ଯ୍ୟନ୍ତ ନାରୀ ଜୀବନର ନୂଆ ନୂଆ ଉନ୍ମାଦନ ଓ ତଦ୍‌ଜନିତ ନିରାଶା ଏହି କବିତାରେ ପ୍ରତୀକାତ୍ମକ ଭାବରେ ପ୍ରୟୋଗ ହୋଇଛି । ସୌରୀନ୍ଦ୍ର ବାରିକଙ୍କର ଅନ୍ୟ କବିତା ପରି ଏହା ସଂକ୍ଷିପ୍ତ, ସଂପ୍ରସାରଣଶୀଳ ଓ ସ୍ୱଚ୍ଛ। ଛୋଟ ଛୋଟ ରୂପକଳ୍ପ ଓ ପ୍ରତୀକ ମାଧ୍ୟମରେ କବିତାର ବିନ୍ୟାସ ଘଟିଛି । ସମଗ୍ର କବିତାର କେନ୍ଦ୍ରୀୟତା ଦ୍ରୌପଦୀ ମିଥ୍ ଉପରେ ଆଧାରିତ ହୋଇଥିବାରୁ ଏହାର ଭାଷା ହୋଇଛି ପ୍ରତୀକାତ୍ମକ ଓ କାବ୍ୟ ଭାଷା । ମନର ଭାବନା ବ୍ୟକ୍ତ କରିବା ପାଇଁ ଯେଉଁ ଆବେଗ ଲୋଡ଼ା, ଏହି କବିତାରେ ତାର ପ୍ରୟୋଗ ରହିଛି । ଆଙ୍ଗିକ ଓ ଆତ୍ମିକ ଚେତନା ଦୃଷ୍ଟିରୁ 'ଦ୍ରୌପଦୀର ଜହ୍ନ' ଏକ ସଫଳ କବିତା ବୋଲି ସ୍ୱୀକାର କରିବାକୁ ପଡ଼ିବ । କବିଙ୍କ 'ଅନୁଭାରତ' (୧୯୯୦) ଗ୍ରନ୍ଥରେ ଥିବା ଏହି କବିତା ସହ ସମଗ୍ର ଗ୍ରନ୍ଥଟି ଓଡ଼ିଆ କବିତା ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

**୧:୫ ଆଦର୍ଶ ପ୍ରଶ୍ନାବଳୀ**

**ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ :**

୧) ଏକ ମିଥ୍‌ଧର୍ମୀ କବିତା ଭାବରେ ପଠିତ କବିତାର ସାର୍ଥକତା ପ୍ରତିପାଦନ କର ।

୨) 'ନାରୀର ମନ ଏକ ଭଙ୍ଗାଦର୍ପଣ ସଦୃଶ' ପଠିତ କବିତା ଭିତ୍ତିରେ ପ୍ରମାଣ କର ।

୩) ଦ୍ରୌପଦୀଙ୍କର ନିଃସଙ୍ଗତା ଓ ଅସହାୟତାର ବାସ୍ତବ ପ୍ରତିକ୍ରିୟା ଉଲ୍ଲେଖ କର ।

**ସଂକ୍ଷିପ୍ତ ଉତ୍ତର ଦିଅ ।**

(କ) କିନ୍ତୁ ମୋ ଜହ୍ନ ତ ପାଞ୍ଚଫାଳ – ଅର୍ଥ ବୁଝାଇ ଲେଖ ।

(ଖ) 'ମନରେ ମୋର ଭରିଯାଏ ଭଅଁର ଅନ୍ଧାର' – କାହିଁକି ଏପରି ଘଟିଛି ।

–୦–

# ଚତୁର୍ଥ ୟୁନିଟ୍
# ପ୍ରସଙ୍ଗ : ଶ୍ରୀରାଧା

**କବି : ରମାକାନ୍ତ ରଥ**

**ସୂଚନା :**

କବି ରମାକାନ୍ତ ରଥଙ୍କ କବିତା ଗ୍ରନ୍ଥ 'ଶ୍ରୀରାଧା' କେବଳ ଓଡ଼ିଶାରେ ନୁହେଁ ଭାରତ ବର୍ଷରେ ସୁପରିଚିତ । କାବ୍ୟଚେତନା ଓ କଳାପ୍ରକରଣ ଦୃଷ୍ଟିରୁ ଭାରତୀୟ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିଗ୍ରହଣ କରିଛି । 'ଶ୍ରୀରାଧା' ପାଠକୀୟ ଆଦୃତି ସ୍ୱରୂପ ବିରଳ 'ସରସ୍ୱତୀ ସମ୍ମାନ'ରେ ସମ୍ମାନିତ ହୋଇଛି । ଭାରତରେ ରାଧା ଓ କୃଷ୍ଣଙ୍କୁ ନେଇ ବୈଷ୍ଣବ କବିମାନେ ଅନେକ ସମୃଦ୍ଧ ସାହିତ୍ୟ ସୃଷ୍ଟି କରିଛନ୍ତି । ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଏକାଧିକ ଉର୍ବର କୃଷ୍ଣକାବ୍ୟ ଓ ରାଧାକାବ୍ୟ ରଚନା କରାଯାଇଛି । ଆମ କାବ୍ୟ ପରଂପରାର ଏହି ଉର୍ବର ପୃଷ୍ଠଭୂମି ଉପରେ କବି ରମାକାନ୍ତ ରଥଙ୍କ 'ଶ୍ରୀରାଧା' ରଚିତ ହୋଇଛି । ଶ୍ରୀରାଧା ପାରଂପାରିକ ରାଧାକାବ୍ୟ ନୁହେଁ କି ସ୍ୱତନ୍ତ୍ର କବିତାମାନଙ୍କର ସମାହାର ନୁହେଁ । ଏଥିରେ ନିରବଚ୍ଛିନ୍ନ ଭାବଧାରାରେ ଏକାଧିକ କବିତା ଗୁନ୍ଥା ହୋଇଛନ୍ତି । ଶୀର୍ଷକ ବିହୀନ ଏସବୁ କବିତା ଶ୍ରୀରାଧା ମୁଖ୍ୟ ଶୀର୍ଷକଙ୍କୁ ଅନୁସରଣ କରି ସୃଷ୍ଟି ହୋଇଛି । ଏହାକୁ ଦୀର୍ଘ କବିତା ଭାବରେ ଗ୍ରହଣ କରାଯାଇପାରିବ । ଏହି ସବୁ କବିତା ରାଧା ଓ କୃଷ୍ଣଙ୍କ ସଂପର୍କରେ ଲେଖା ଯାଇଥିଲେ ସୁଦ୍ଧା ଏହାର ଚରିତ୍ର ପୁରାଣ ବର୍ଣ୍ଣିତ ରାଧାକୃଷ୍ଣ ନୁହଁନ୍ତି । ବୈଷ୍ଣବ କବିମାନେ ଯେଉଁ ରାଗାନୁଗା ପ୍ରଣୟ ଭକ୍ତି ରସର ବିନ୍ୟାସ ପାଇଁ ରାଧା, କୃଷ୍ଣ ମିଳନ-ବିରହ ବାଖ୍ୟା କରିଥାଆନ୍ତି କବି ରମାକାନ୍ତଙ୍କ ଶ୍ରୀରାଧାରେ ସେପରି କୌଣସି ବର୍ଣ୍ଣନା ଦୃଶ୍ୟମାନ ହୁଏ ନାହିଁ । କବି ରମାକାନ୍ତଙ୍କ ଶ୍ରୀରାଧା ପୁରାଣର ନାମ, ଗୁଣ ଗ୍ରହଣ କରିଥିଲେ ସୁଦ୍ଧା ସେ ସମକାଳର ଜଣେ ସଂଭ୍ରାନ୍ତ ମହିଳା । ବର୍ତ୍ତମାନର ଉଜୁଡ଼ା ଜୀବନରେ ନୈସର୍ଗିକ ଆଶାର ସଂଚାର ପାଇଁ ସେ ପାଲଟି ଯାଇଛନ୍ତି କୃଷ୍ଣପ୍ରିୟା । କୃଷ୍ଣ କେହି ଜଣେ ବ୍ୟକ୍ତି ବିଶେଷ ନୁହଁନ୍ତି – ଏକନିତ୍ୟ ସତ୍ୟ । ଏକ ଅନ୍ତହୀନ ଆନନ୍ଦର ଆଦିମ ଉତ୍ସ । ଯେଉଁ ଆନନ୍ଦରେ ଥରେ ଦଗ୍ଧୀଭୂତ ହେଲେ ମାୟା ସଂସାର ଅଳୀକ ମନେହୁଏ । କୃଷ୍ଣପ୍ରାପ୍ତି ହେବା କଣ ସହଜ କଥା ? କେଉଁ ମାର୍ଗରେ ଗଲେ ମିଳିପାରିବ ମୋକ୍ଷ ? ଘରସଂସାର ଓ ମାୟା ଜଞ୍ଜାଳ କାଟି ଚେନାଏ ଆକାଶକୁ ଉପଲବ୍ଧ କରିବା କଣ ସହଜ କଥା ? ଏତେ ସବୁ ପ୍ରଶ୍ନର ଗୋଟିଏ ଉତ୍ତର ରମାକାନ୍ତ ରଥଙ୍କ ଶ୍ରୀରାଧା ।

ଏହି ମର୍ମରେ ଛାତ୍ରଛାତ୍ରୀମାନଙ୍କ ଭାବ ଅବଗତି ନିମନ୍ତେ ନିମ୍ନରେ ଏକ ଆଲୋଚନା ଖସଡ଼ା ପ୍ରସ୍ତୁତ କରାଯାଉଛି । ଏହା 'ଶ୍ରୀରାଧା' କବିତାର ଆଙ୍ଗିକ ଓ ଆତ୍ମିକ ଚେତନା ଅବବୋଧରେ ସହାୟକ ହୋଇପାରିବ ।

୧.୧ – କବି ରମାକାନ୍ତ ରଥଙ୍କ କବି ପରିଚୟ

୧.୧ – 'ଶ୍ରୀରାଧା'ର ପୃଷ୍ଠଭୂମି ଓ ପରିସର

୧.୨ – 'ଶ୍ରୀରାଧା' ଅଧ୍ୟୟନ

୧.୩ – 'ଶ୍ରୀରାଧା'ରେ ମହାର୍ଘ ପ୍ରେମର ଅନୁଭୂତି

୧.୪ – 'ଶ୍ରୀରାଧା'ରେ ମିଥ ପ୍ରସଙ୍ଗର ଅନୁଧ୍ୟାନ

୧.୫ – 'ଶ୍ରୀରାଧା'ଙ୍କ ଚରିତ୍ର ଚିତ୍ରଣ

୧.୬ – 'ଶ୍ରୀରାଧା' ଦୀର୍ଘ କବିତାର ଆଙ୍ଗିକ ବିଚାର

୧.୭ – ନିଷ୍କର୍ଷ

୧.୮ – ପରିଶିଷ୍ଟ

(କ) ଆଦର୍ଶ ପ୍ରଶ୍ନାବଳୀ

## ୧.୦ – କବି ରମାକାନ୍ତ ରଥଙ୍କ କବି ପରିଚୟ

କବି ରମାକାନ୍ତ ରଥ ଓଡ଼ିଆ ସାହିତ୍ୟରେ ଜଣେ ପ୍ରତିଭା ସଂପନ୍ନ କବି ଭାବରେ ଆତ୍ମପ୍ରକାଶ କରି କିଛି ବର୍ଷର କାବ୍ୟ ସାଧନା ପରେ ଜଣେ ଅଗ୍ରଗଣ୍ୟ କବିସ ଭାବରେ ନିଜକୁ ପ୍ରତିଷ୍ଠା କରିପାରିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ କାଳରେ କବି ସଚ୍ଚିଦାନନ୍ଦ ରାଉତରାୟ ଓଡ଼ିଆ କବିତାରେ ଯେଉଁ ପରୀକ୍ଷା ନିରୀକ୍ଷା ଆରଂଭ କରିଥିଲେ, ସେହି ପ୍ରୟୋଗ ଧର୍ମୀତାକୁ ପ୍ରତିଷ୍ଠା ଦେବାରେ କବି ଗୁରୁ ପ୍ରସାଦ ମହାନ୍ତିଙ୍କ ସହ ରମାକାନ୍ତ ରଥଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଆମ ରାଜନୈତିକ ଓ ସାମାଜିକ ଜୀବନ ଧାରାରେ ଉତ୍ତର ସ୍ୱାଧୀନତା କାଳୀନ ସମୟଟି ଭାରି ସ୍ୱର୍ଶକାତର ଓ ସମସ୍ୟାବହୁଳ । ନୂଆ ନୂଆ ସମସ୍ୟା ରାଷ୍ଟ୍ରଜୀବନରେ ଯେପରି ସଂଘଟିତ ହୋଇଛି ଏହା ଅନୁରୂପ ଭାବରେ ବ୍ୟକ୍ତିଗତ ସ୍ତରରେ ପ୍ରତିଫଳିତ ହୋଇଛି । ରାଷ୍ଟ୍ରୀୟ ଜୀବନ ଧାରାକୁ ନିୟନ୍ତ୍ରଣ ଓ ଉନ୍ନତ କରିବାପାଇଁ ସାଧାରଣ ନିର୍ବାଚନ, ପଞ୍ଚବାର୍ଷିକ ଯୋଜନା ପ୍ରଣୟନ କରାଯାଇଛି । ଅନ୍ୟ ପକ୍ଷରେ ସ୍ୱାଧୀନ ଭାରତରେ ଜାତିଗତ ଓ ଧର୍ମଦଙ୍ଗା, ନାରୀ ଦୁଷ୍କର୍ମ, ଖାଦ୍ୟାଭାବ, ପ୍ରାକୃତିକ ବିପର୍ଯ୍ୟୟ, ସୀମାଯୁଦ୍ଧ ଓ ସ୍ୱାଧୀନତାର ମୋହଭଙ୍ଗ ଜନିତ  କ୍ଷୋଭ ବ୍ୟକ୍ତି ସ୍ତରରେ ସୃଷ୍ଟି ହୋଇଛି । ଆନ୍ତର୍ଜାତିକ ସ୍ତରରେ ଘଟୁଥିବା ରାଜନୈତିକ – ସାଂସ୍କୃତିକ ବିବର୍ତ୍ତନର ପ୍ରଭାବ ଭାରତ ବର୍ଷରେ ପ୍ରତିଭାତ ହୋଇଛି । ମଣିଷ କ୍ରମଶଃ ମୂଲ୍ୟବୋଧ ପରିହାର କରି ଉତ୍ପାଦନଶୀଳ ଏକ ଯନ୍ତ୍ରରେ ପରିଣତ ହେବାରେ ଲାଗିଛି । ଏପରି ଜୀବନ ଧାରାକୁ ପ୍ରଭାବିତ କରିବା ପାଇଁ ଗାନ୍ଧି–ବୁଦ୍ଧ–ବିବେକାନନ୍ଦଙ୍କ ବଦଳରେ କାମ୍ୟୁ–କାଫକା–ନିତେଶ–ଫ୍ରଂୟେଡ ଚିନ୍ତାରାଜ୍ୟରେ ପ୍ରବେଶ କରିଛନ୍ତି । ଆମର ସାହିତ୍ୟାଦର୍ଶ ଭାବରେ ସୀକୃତି ପାଇଥିବା ମାନବିକତା, ମୂଲ୍ୟବୋଧ, ପ୍ରେମ, ପରମାର୍ଥ ପ୍ରାର୍ଥନା ବଦଳରେ ନିଃସଙ୍ଗତାବୋଧ, ଅମଙ୍ଗଳ ଓ ପାପବୋଧ, ମୃତ୍ୟୁ ଭାବନା, ଈଶ୍ୱରହୀନତା, ସ୍ଥିତିହାନୀ ଆଦି ନୂତନ ପ୍ରସଙ୍ଗ ଗୁଡିକ ସାହିତ୍ୟ କ୍ଷେତ୍ରକୁ ପ୍ରବେଶ କରିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ କବି ସଚ୍ଚିଦାନନ୍ଦ ରାଉତରାୟ ଏହି ସବୁ ନୂତନ କାବ୍ୟଭାବନା ଗୁଡ଼ିକୁ ପାଠକଙ୍କ ନିକଟରେ ପରିଚୟ କରିଥିବା ବେଳେ କବି ରମାକାନ୍ତ ରଥ ଏସବୁକୁ ବୃହତ ପରିସରରେ ପ୍ରତିଷ୍ଠା ଦେଇଛନ୍ତି । ଏସବୁ ଦୃଷ୍ଟିକୋଣରୁ କବି ରମାକାନ୍ତ ରଥଙ୍କ ଭୂମିକା ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା କ୍ଷେତ୍ରରେ ବହୁ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି ।

କବି ରମାକାନ୍ତ ରଥ ଷଷ୍ଠଦଶକ ଆରଂଭରୁ ନିରବଧି କବିତା ରଚନା କରିବା ସହ ସମକାଳୀନ କାବ୍ୟଧାରାରେ ଏବେ ମଧ୍ୟ ସକ୍ରିୟ ଅଛନ୍ତି । କବିଙ୍କର ପ୍ରଥମ କବିତା ସଂଗ୍ରହ ଭାବରେ 'କେତେ ଦିନର' ୧୯୬୨ ମସିହାରେ ପ୍ରକାଶ

ପାଇ ପରୀକ୍ଷାଧର୍ମୀ କବିତାର ଇସ୍ତାହାର ପ୍ରକାଶ କଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୫-୩୯) ପରବର୍ତ୍ତୀ ଜୀବନ ବୋଧର ଏକାଧିକ ଜଟିଳତା ଏଥିରେ ଉନ୍ମୋଚିତ ହେଲା । ଏଥିରେ ଥିବା ଭୟ, ବାଘାବଲୋକନ, ଗରୁଡ଼, ଚିଲ, ପାରିଷଦର ରାତ୍ରୀ, ଲଣ୍ଠନ, ଚନ୍ଦ୍ରମାର ଚୂଡ଼ି, ମଟର ଭିତରୁ ରାସ୍ତାର ସୌନ୍ଦର୍ଯ୍ୟ ଆଦି କବିତା ମାନଙ୍କରେ ଆଧୁନିକ ଜୀବନର ଜଟିଳ ମାନସାଙ୍କର ଚିତ୍ର ସୃଷ୍ଟି ହେଲା । ନଗର କେନ୍ଦ୍ରିକ ଜୀବନ ବଂଚୁଥିବା ଅଭିଜାତ ମଣିଷର ମନ ଭିତରର ଗୁଂଫିତ ଚିତ୍ତ ସଂଘର୍ଷ ପ୍ରମୁଖତା ସହ ଏସବୁ କବିତାମାନଙ୍କରେ ପ୍ରକାଶ ପାଇଲା । ସହରୀ ମଣିଷର ଜ୍ୱଳନକୁ କବି ରମାକାନ୍ତ 'ଲଣ୍ଠନ' ପ୍ରତୀକ ମାଧ୍ୟମରେ କିପରି ବ୍ୟକ୍ତ କରିଛନ୍ତି ଲକ୍ଷ୍ୟ କରନ୍ତୁ ।

ତମେ ଯିଏ ମୌସୁମୀର ଆଳସ୍ୟକୁ ପତାତଳେ ଖନ୍ଦି
ଡ଼ୋଳା ସଂଚାଳନ ପାଇଁ ପ୍ରାଣପଣେ ପରିଶ୍ରମକର
ଏବଂ ଗହଳ ବାଳତଳେ ଲେସି ଦେଇଚ ଚମ୍ପକ
ତମେ କେବେ ଦେଖିପାର ପ୍ରଜ୍ୱଳିତ ଅସ୍ତିତ୍ୱ ମୋହର ?
ଅନୁମାନ କରିପାର, ମୁଁ ଜଳୁଚି ଓ ଜଳୁଚି ତୀବ୍ର ଦରଜରେ,
ମିଡ଼ିୟମ ଧୋତି ଏବଂ ଇସ୍ତୀକରା ଅଧାକବିଜରେ ?
(ଲଣ୍ଠନ ! କେତେ ଦିନର : ପୃ-୪୩)

କବିତାର ଆତ୍ମ ପ୍ରକରଣରେ ନୂଆ ନୂଆ ପ୍ରୟୋଗ ସହିତ ବ୍ୟକ୍ତି ଜୀବନର ସକଳ ସଂଘର୍ଷ ରମାକାନ୍ତଙ୍କ କବିତାରେ ଆତ୍ମପ୍ରକାଶ କରିବା ଆରମ୍ଭ କରିଛି । ଜୀବନ ବଂଚିବାର ବ୍ୟର୍ଥତା, ସ୍ଥିତି ପାଇଁ ସଂଘର୍ଷ, ନିରୁତା ପ୍ରେମ ପାଇଁ ଅପ୍ରମିତ ମୋହଭଂଗ ସହିତ ମୃତ୍ୟୁ ପ୍ରତି ଏକ ଦାର୍ଶନିକ ଦୃଷ୍ଟିକୋଣ ନେଇ ରମାକାନ୍ତଙ୍କ ପ୍ରାରମ୍ଭିକ କବିତା ସବୁ ସୃଷ୍ଟି ହୋଇଛନ୍ତି । ଏପରି କାବ୍ୟ ଚେତନାକୁ ଧାରଣକରିବା ପାଇଁ କବି ନୂଆ ଆଂଗିକ ନିର୍ମାଣ କରିଛନ୍ତି । ଗଦ୍ୟ ଶୈଳୀରେ ରଚିତ ଏସବୁ କବିତା ନୂତନ ଭାବାତ୍ମକ ଚିତ୍ରକଳ୍ପ ଦ୍ୱାରା ସମୃଦ୍ଧ ହୋଇଛି । ରମାକାନ୍ତଙ୍କ ନିରୁତା ଗଦ୍ୟଭାଷା ଓ ଚିତ୍ରକଳ୍ପର ସମନ୍ୱୟରେ କିପରି କାବ୍ୟ ଭାଷା ପ୍ରସ୍ତୁତ ହୋଇଛି ଲକ୍ଷ୍ୟ କରନ୍ତୁ ।

'ସମୁଦ୍ର ନାଚୁଚି ଅବା ନାଚୁଚନ୍ତି ଝିଅମାନେ ପଞ୍ଚମ ଶ୍ରେଣୀର
ସମୁଦ୍ର କୂଳର ଦେହେ ଘଷିହୁଏ ଆଲୁଅରେ ବାଦୁଡ଼ି ଯେମିତି
ସମୁଦ୍ର ଗଡ଼େଇ ହୁଏ ବାଳିଶେଯେ ଅବା ଏକ ଅହିଂସ୍ର ଭୁଜଗ
ସମୁଦ୍ର ଅପେକ୍ଷା କରେ, କ୍ଳାନ୍ତ ନାରୀ, ତମରି ସମ୍ମତି ।'
(ବୋଇତ ବନ୍ଦାଣ : କେତେ ଦିନର : ପୃ-୬୪)

ସମୁଦ୍ରର ସ୍ଥିତି ଓ ଦୃଶ୍ୟ ମାନତାକୁ ବଖାଣିବା ପାଇଁ କବି ଚାରୋଟି ସମାନ୍ତରଳ ଚିତ୍ରକଳ୍ପ ସୃଷ୍ଟି କରିଛନ୍ତି । କବିତା ଏଠି ବର୍ଣ୍ଣିତ ଗଦ୍ୟ ଭିତରେ ନାହିଁ ବରଂ ଚାରୋଟି ଚିତ୍ରକଥାର ଅଦୃଶ୍ୟ ଆବେଗ ଭିତରେ ଅବଗାହନ କରିଛି । କବି ରମାକାନ୍ତ କାବ୍ୟ ଚେତନା ପ୍ରୟୋଗରେ ନୂତନ ଉନ୍ମାଦନା ସୃଷ୍ଟି କରିବା ପରି ପ୍ରକରଣ ବିନ୍ୟାସରେ ନୂତନତା ପ୍ରଦର୍ଶନ କରିଛନ୍ତି । ଏହିସବୁ ନୂତନ କାବ୍ୟା ବେଗ ପାଇଁ କବି ରମାକାନ୍ତ ରତ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କାବ୍ୟଧାରାରେ ନିଜକୁ

ପ୍ରତିଷ୍ଠା କରିପାରିଛନ୍ତି । କବିଙ୍କ 'କେତେଦିନର' କବିତା ସଂଗ୍ରହ ପରେ 'ଅନେକ କୋଠରୀ' (୧୯୬୭) ସଂଦିଗ୍ଧ ମୃଗୟା (୧୯୭୧) ସପ୍ତମ ଋତୁ (୧୯୭୭) ସଚିତ୍ର ଅନ୍ଧାର (୧୯୮୨) ଶ୍ରୀରାଦା (୧୯୮୫) ଶ୍ରୀ ପଳାତକ (୧୯୯୬) ସୀମାନ୍ତବାସ (୨୦୦୨) ଫେରି ଚାହିଁଲେ (୨୦୦୪) ଆଦି ଗୁରୁତ୍ୱ ପୂର୍ଣ୍ଣ କବିତା ସଙ୍କଳନ ମାନ ପ୍ରକାଶ ପାଇଛି । କବି ଏବେ ମଧ୍ୟ ସର୍ଜନଶୀଳ । ଓଡ଼ିଆ କବିତାକୁ ନୂଆ ବିଭବରେ ସମୃଦ୍ଧ କରିବା ପାଇଁ ତାଙ୍କର ଅବିରତ ପ୍ରୟାସ ଜାରି ରହିଛି । ଯେଉଁ ନୂତନ କାବ୍ୟ ଭାବକଗୁଡିକୁ କବି 'କେତେ ଦିନର' ପର୍ଯ୍ୟାୟ କବିତା ମାନଙ୍କରେ ପ୍ରକାଶ କରିଥିଲେ, ସେ ସବୁ ପରବର୍ତ୍ତୀ କବିତା ମାନଙ୍କରେ ଅଧିକ ଘନୀଭୂତ ହୋଇ ସମକାଳୀନ ମଣିଷର ବ୍ୟର୍ଥତା ପ୍ରଦର୍ଶନରେ ସହାୟକ ହୋଇ ପାରିଛି । 'ଅନେକ କୋଠରୀ' ଓ 'ସଂଦିଗ୍ଧ ମଅଗୟା'ର କବିତା ମାନଙ୍କରେ ପ୍ରାପବୋଧ ଓ ମୃତ୍ୟୁ ଭାବନା ପ୍ରାଧାନ୍ୟ ବିସ୍ତାର ।କରିଛି । ଏହି ଦୁଇ ଯନ୍ତ୍ରଣାର ଝର୍କାଦେଇ କେବେ କେବେ ସ୍ୱକୀୟ ଓ ପରକୀୟା ସତ୍ତାର ଚିତ୍ତ ସଂଘର୍ଷରୁ କବିତା ସୃଷ୍ଟି ହୋଇଛି । ବସ୍ତୁବାଦୀ ମଣିଷ କ୍ରମଶଃ ସାମାଜିକ ସ୍ରୋତରୁ ବିଛିନ୍ନ ହୋଇ ବ୍ୟକ୍ତିଗତ ବିମର୍ଷରେ ଘାଣ୍ଟିହେବା ସହ ତୁରନ୍ତ ମୃତ୍ୟୁ ପ୍ରତି ଅନାବିଳ ଆଗ୍ରହ ପ୍ରକାଶ କରିବା ଏକ ଉଲ୍ଲେଖନୀୟ ଘଟଣା । 'ସଂଦିଗ୍ଧ ମୃଗୟା' କବିତା ଗ୍ରନ୍ଥଟି ଏହି ଦୃଷ୍ଟିକୋଣରୁ ଜୀବନ ବିଫଳତାର ପ୍ରତିନିଧିତ୍ୱ କରେ । ମୃତ୍ୟୁ ସଂପର୍କରେ କବି କହିଛନ୍ତି –

'ମୃତ୍ୟୁକୁ ଦେଖିଲେ ଖାଲିହସ ମାଡ଼େ
ମୃତ୍ୟୁ ଏକ ଚପଳ ବାଳକ
ଅଙ୍କାବଙ୍କା ଅକ୍ଷରରେ ବାଜେ କଡା ଲେଖୁଛି କାନ୍ଥରେ
ବାର୍ଦ୍ଧକ୍ୟ ଟାପରା ଅବା ଦାସୀମାନଙ୍କର ।'
(ଗ୍ରୀଷ୍ମ ଋତୁରେ ରେଳଯାତ୍ରା ! ସଂଦିଗ୍ଧ ମୃଗୟା)

ରମାକାନ୍ତଙ୍କ କବିତାରେ ଜୀବନ ବ୍ୟର୍ଥତାର ପ୍ରଲଂବିତ ଚିତ୍ରପଟ୍ଟ ଦେଖିବାକୁ ମିଳେ । ବ୍ୟକ୍ତି ଜୀବନର ଇପ୍‌ସିତ ସୁଖ ବଦଳରେ ଯାହା ସବୁ ମିଳେ – ସେ ସବୁ ଅପ୍ରାପ୍ତି, ଅତୃପ୍ତି ଗୁଡ଼ିକୁ ନେଇ କଣ ଜୀବନ ବଂଚିହୁଏ ? ଏହି ପ୍ରଶ୍ନ ବାରଂବାର ପଚାରନ୍ତି କବି ରମାକାନ୍ତ ରଥ । ଦ୍ୱିତୀୟ ବିଶ୍ୱ ଯୁଦ୍ଧତ୍ତୋର ସମୟ ଜୀବନ ଧାରଣ କରିବା ପାଇଁ ଆଦୌ ସହଜ ନୁହେଁ । ପରମାଣୁବୋମା ନିପାତ କୁହୁଳା ଭୂଇଁ (Waste land)ର ବାସ୍ନା ଆସେ । ଯୁଦ୍ଧ, ପ୍ରାକୃତିକ ବିପ୍ୱାତ, ମଧୁର ଶତ୍ରୁତାରେ ପୃଥିବୀବାସୀ ନିମଗ୍ନ । ସମସ୍ତେ ନିଜ ସ୍ଥିତି ପାଇଁ ସଂଘର୍ଷଶୀଳ । ମଣିଷ ନିରୁତା ଜୀବନ ବଂଚିବା ପାଇଁ ଚେନାଏ ନୀଳ ଆକାଶ, ପୁଳାଏ ସବୁଜ ମାଟି, ମନଲୋଭା ଜହ୍ନରାତି ନିଅଣ୍ଟ ପଡୁଛି । ଛଅଋତୁ ବଦଳରେ 'ସପ୍ତମଋତୁ' ପାଇଁ କାମନା କରେ କବି । ରମାକାନ୍ତଙ୍କ 'ସପ୍ତମଋତୁ'ରେ ସମୟ ନିଅଣ୍ଟବୋଧଟି ଅତି ସୃଷ୍ଟ ଭାବରେ ପ୍ରକାଶ ପାଇଛି ।

'ସମୟ କୃପଣ କେତେ । ମନା କରିଦେଲା
ଆଉ ଏକ ଚନ୍ଦ୍ରପକ୍ଷ ରାତି ମୋ ଦେହକୁ ।
କୋଇଲିର ତଣ୍ଟିଚିପି ଦେଲା, ତା ମତରେ
ଗୋଟିଏ ଗୀତ ହିଁ ଖୁବ୍ ।'
(ଉଜ୍ଜ୍ୱଳ ଭବିଷ୍ୟତ ! ସପ୍ତମ ଋତୁ : ପୃ–୪୯)

୧୯୮୨ ମସିହାରେ ପ୍ରକାଶିତ 'ସଚିତ୍ର ଅଂଧାର' ପର୍ଯ୍ୟାୟ କବିତା ମାନଙ୍କରେ କବି ରମାକାନ୍ତ ଏପରି ଅନିକେତ ସମୟ ପାଖରୁ ଓହରି ଯାଇ ଯନ୍ତ୍ରଣାରୁ ମୁକ୍ତିର ମାର୍ଗ ଅନ୍ୱେଷଣରେ ଆପାତଃତ ଆଶାବାଦୀ ମନେ ହେଲେଣି । ଯନ୍ତ୍ରଣାବୃତ୍ତରୁ ବ୍ୟକ୍ତିସତ୍ତାକୁ ଏକ ଉତ୍ତରିତ ଅନୁବୋଧ ଦେବା ପାଇଁ କବିଙ୍କ ପ୍ରୟାସକୁ 'ସଚିତ୍ର ଅଂଧାର'ରୁ ଲକ୍ଷ୍ୟ କରାଯାଇ ପାରିବ ।

'ଏଠାକୁ ତ ବାଟ ଘାଟ କିଛି ନାହିଁ,
ତଥାପି କିପରି
ମୁଁ ଏଠାକୁ ଆସିଲି ? ଏଠାରେ
ପୃଥିବୀର ସବୁଲୋକ, ସବୁ ପଶୁପକ୍ଷୀ
ମୋ ଭିତରେ ଏବଂ ତୋ ଭିତରେ
ରହିଛନ୍ତି, ସବୁ ନଦୀ, ଗଛ ଓ ପର୍ବତ
ଗୋଟିଏ ମାତ୍ରକ ନଦୀ ଗଛ ପର୍ବତରେ
ଚାହୁଁ ଚାହୁଁ ହେଲେ ପରିଣତ,
ମୁଁ ସେ ଗଛ ଛାଇତଳେ ବିଶ୍ରାମ କରୁଛି
ତତେ ଜାକି ମୋ ଓଦା ଛାତିରେ ।'
(ଯଶୋଦା ! ସଚିତ୍ର ଅନ୍ଧାର : ପୃ – ୦୭)

ମହାଚେତନାର ଉପଲବ୍ଧିରେ ବ୍ୟକ୍ତି ଚେତନାର ଯାତ୍ରା ଆରଂଭ ହେବା ପରେ କବି ରମାକାନ୍ତ ମୋଟା ମୋଟି ଭାବରେ ଜଣେ ଭିନ୍ନ କବିରେ ରୂପାନ୍ତରିତ ହୋଇଯାଇଛନ୍ତି । ଏ ପର୍ଯ୍ୟନ୍ତ କବି ବ୍ୟକ୍ତିଗତ ବିମର୍ଷ ଓ ଅନିକେତ ସମୟ ସୃଷ୍ଟ ମୃତ୍ୟୁ ଓ ବ୍ୟର୍ଥତାର କଥା କହୁଥିବା ବେଳେ ସଚିତ୍ର ଅନ୍ଧାର ଅର୍ଥାତ୍ ଉତ୍ତର ଅଶିକବିତା ମାନଙ୍କରେ ନୂଆ କାବ୍ୟ ଦୀପ୍ତି ନେଇ ଠିଆ ହୋଇଛନ୍ତି ଏହି ଦୃଷ୍ଟିରୁ 'ସଚିତ୍ର ଅନ୍ଧାର' (୧୯୮୨) କାବ୍ୟ ଚେତନାର ଏକ ସନ୍ଧିକ୍ଷଣ ରୂପେ ପ୍ରତିପାଦ୍ୟ ହେବ । ଏହି ସଙ୍କଳନରେ ରମାକାନ୍ତ 'ତମେହିଁ' ଶୀର୍ଷକରେ ଦଶଟି ପ୍ରେମ କବିତା ସୃଷ୍ଟି କରିଛନ୍ତି । ଏସବୁ ପ୍ରେମ କବିତା ଗୁଡିକ ମୁଁ ତୁମେ ଭିତରେ ପ୍ରଶ୍ନାଙ୍କୁରିତ ହୋଇ ଦେହ ଦାହରେ ନିମଜ୍ଜିତ ହୋଇ ଯାଇଛି । ଏଠାରେ ଲକ୍ଷ୍ୟ କରିବା କଥା ଏହା ଯେ ନିରୁତା ଗଦ୍ୟ କବିତା ବିଶ୍ୱାସୀ ରମାକାନ୍ତ କ୍ରମଶଃ ସରଳ ଓ ସଂକ୍ଷିପ୍ତ ପଦ ପ୍ରୟୋଗରେ କବିତା ରଚନା କରିଛନ୍ତି । ଆଙ୍ଗିକ ପରିବର୍ତ୍ତନ ସହ କବି କାବ୍ୟାନୁଭବରେ ମଧ୍ୟ ପରିବର୍ତ୍ତନର ସୂଚନା ପ୍ରଦାନ କରିଛନ୍ତି । କବିଙ୍କ ପରବର୍ତ୍ତୀ କ୍ଲାସିକ୍ କବିତା 'ଶ୍ରୀରାଧା' ପ୍ରକାଶନ ପୂର୍ବରୁ ସଚିତ୍ର ଅନ୍ଧାର କବିତା ଗ୍ରନ୍ଥକୁ ଶ୍ରୀରାଧାର ଏନ୍ତୁଡ଼ି ଶାଳ ଭାବରେ ଗ୍ରହଣ କରାଯିବ । କବି ସଚିତ୍ର ଅନ୍ଧାର ଗ୍ରନ୍ଥରେ ଯେଉଁ ଦଶଟି ଦେହବାଦୀ ପ୍ରେମ କବିତା ରଚନା କରିଛନ୍ତି, ଶ୍ରୀରାଧା ପର୍ଯ୍ୟାୟକୁ ଏସବୁ ଦେହଡ଼ୋର ଅନୁଭବରେ ଅମୂର୍ତ୍ତ ହୋଇ ଯାଇଛି ।

'ଶ୍ରୀରାଧା' (୧୯୮୫) ରମାକାନ୍ତଙ୍କ ସମଗ୍ର କାବ୍ୟ ପରିଧିରେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ । କବି ଯେମିତି କେବଳ 'ଶ୍ରୀରାଧା' ଲେଖିବା ପାଇଁ କେତେ ଦିନର (୧୯୬୨) ପ୍ରୟାସ କରୁଥିଲେ । ପାପ ଓ ଅମଙ୍ଗଳ ଅଭିବ୍ୟକ୍ତି, ପରକୀୟା ଦେହଭୋଗ, ନର୍କଭାବନାରୁ ଓହରି ଶ୍ରୀରାଧା ଏକ ସକରାତ୍ମକ କାବ୍ୟ ଚେତନା ଭାବରେ ଆତ୍ମ ପ୍ରକାଶ କରିଛି । ୧୯୮୫ ମସିହାରେ ପୁସ୍ତକ ଆକାରରେ ପ୍ରକାଶିତ ଶ୍ରୀରାଧାର କବିତା ସବୁ ସାଧାରଣପାଠକକୁ ମୋହିତ

କରିବା ।ସହ ବୌଦ୍ଧିକ ପାଠକ ପାଇଁ ଏହା ଅବିକଳ୍ପ ଚିନ୍ତାରାଜ୍ୟକୁ ବାଟ କମାଇ ନିଏ । ଭଲ ପାଇବାରା ଭାଷା ଯେ ନୀରବତା ଏହା ଶ୍ରୀରାଧା ପ୍ରମାଣକରିଛି । ଶ୍ରୀରାଧା ରଚନା ପୂର୍ବରୁ ଓଡ଼ିଆ କାବ୍ୟଧାରାରେ ଯେଉଁ ଦେହବାଦୀ ପ୍ରଣୟ ଉଦ୍ଦୀପକ କବିତା ରଚନା କରାଯାଉଥିଲା, ଶ୍ରୀରାଧା ପ୍ରକାଶନ ସହିତ ସେସବୁ ସମାପ୍ତ ହୋଇଗଲା । ପ୍ରେମରେ ପାଇବା ଠାରୁ ତ୍ୟାଗ ଯେ ଅଧିକ ଐଶ୍ୱର୍ଯ୍ୟମୟ, ଏହା ପ୍ରତିଷ୍ଠା ପାଇଲା ।

‘ଯାଅ ଯାଅ ମୋ ଦୁଆରୁ ତମେ ଏଠି ରହିଲେ ତମକୁ
ଲୋଡିବାର ଦିନ ଥିବ ରାତି ଥିବ ବୟସ ବି ଥିବ
ଖରା ଧାଁସ ମରିବାର ଧାଁସ ବାଜି ତମ
ଚିତ୍ତଚୋରା ନିରାକାର ମୁହଁ ଶୁଖିଯିବ ।’
(ଶ୍ରୀରାଧା (୩୫) ପୃ-୭୦)

କବି ରମାକାନ୍ତ ‘ଶ୍ରୀରାଧା’ ମାଧ୍ୟମରେ ଓଡ଼ିଆ କବିତାର ଏକ ନୂଆ ପରିଚୟ ସୃଷ୍ଟି କଲେ । ଓଡ଼ିଆ କବିତା ପୁଣି ସରଳ, ସୁଖପାଠ୍ୟ ଓ ଗୀତିମୟ ହୋଇ ପାଠକ ପାଖକୁ ଫେରିଆସିଲା । ଶ୍ରୀରାଧା ପରବର୍ତ୍ତୀ ରମାକାନ୍ତଙ୍କର ଦୁଇଟି କବିତା ସଙ୍କଳନ ‘ଶ୍ରୀପଳାତକ’ (୧୯୯୬) ଓ ସୀମାନ୍ତବାସ (୨୦୦୨) ଜୀବନବ୍ୟାପ୍ତିର ନୂତନ ଦିଗ ସନ୍ଧାନ କରିବାରେ ମଗ୍ନ । କବି ‘ଶ୍ରୀପଳାତକ’ ଦୀର୍ଘ କବିତାରେ ଜଣେ ଶାସ୍ତ୍ରୀୟ ମହାମାନବଙ୍କ କଥା କୁହନ୍ତି । ସମୟକୁ ନିୟନ୍ତ୍ରଣ କରୁଥିବା ଏହି ସ୍ୱୟମ୍ଭୁ ସ୍ରଷ୍ଟା ନିଜେ ସମୟ ଗହ୍ୱରରେ ହଜିଯାଆନ୍ତି । ଜୀବନ ବୃତ୍ତରୁ ପଳାୟନ କରି ଆଉ ଏକ ମହାଜୀବନର ସଂଧାନ କରିବା ‘ଶ୍ରୀପଳାତକ’ର ମୂଳ କାବ୍ୟ ପିପାସା ଏହି କାବ୍ୟ ଭାବନାର ଉତ୍ତରତାମୁଖି ଅନୁସଂଧାନ ‘ସୀମାନ୍ତ ବାସ’ରେ ସଂପୂର୍ଣ୍ଣ ହୋଇଛି । ଜୀବନର ସକଳ ତୁଚ୍ଛତାକୁ ଫୋପାଡ଼ି କବି ସୀମାନ୍ତ ସଂଧାରେ ମଗ୍ନ । ଏହି ସଂଭାବନାଟି କବିଙ୍କ ‘ସଂଦିଗ୍ଧ ମୃଗୟା’ ଓ ‘ସପ୍ତମଋତୁ’ ପର୍ଯ୍ୟାୟ କବିତା ମାନଙ୍କରେ ଦେଖା ଯାଇଥିଲା । ‘ସୀମାନ୍ତବାସ’ର ଦୀର୍ଘ କବିତାମାନଙ୍କରେ କବି ବିଗତ ଜୀବନର ବିଫଳ ଅନୁଶୋଚନା ସହ ଏକ ନିର୍ବିକଳ୍ପୀୟ ମହାଜାଗତିକରେ ଈଶ୍ୱରଙ୍କ କରୁଣା କାମନା କରିଛନ୍ତି । କବିଙ୍କ  ଏହି ଅମୃତ ଏଷଣାର ବ୍ୟାକୁଳତାକୁ ଲକ୍ଷ୍ୟ କରନ୍ତୁ –

‘ଘୋଡ଼ାରୁ ଓହ୍ଲାଇ ପଡ଼
ଖୋଜିନିଅ ଜଙ୍ଗଲ ଭିତରେ
ବୁଦାଲତା ଉହାଡ଼ରେ କେଉଁଠାରେ ଥିବ
ସେ ଜାଗା, ଯେଉଁଠି ତମକୁ
ମୁଁ ଭେଟି ପାରନ୍ତି, କିମ୍ବା ଫିଙ୍ଗିଦେଇ
ସର୍ବସ୍ୱ ମରିପାରନ୍ତି ମୋ ପରମାୟୁର
ସବିଶେଷ ସୀମାଠାରୁ କିଞ୍ଚିତ୍ ଦୂରରେ ।’
(ସୀମାନ୍ତବାସ (୧୫) ପୃ-୨୨)

‘ଶ୍ରୀପଳାତକ’ରେ କାବ୍ୟ ନାୟକର ସମୟ ପାଖରେ ସମର୍ପଣ ସହ ଯେଉଁ ସଂଦିଗ୍ଧ ବିମର୍ଶ ରହିଛି ‘ସୀମାନ୍ତବାସ’ ପର୍ଯ୍ୟାୟକୁ ଏହା ସୁଷ୍ପଷ୍ଟ ସନ୍ଦେଶ ନେଇ ମୃତ୍ୟୁଞ୍ଜୋରା ଜୀବନ ଉପଲବ୍ଧିର ନକ୍ସା ଆଙ୍କି ପାରିଛି । ଅତଏବ ‘ଶ୍ରୀରାଧା’ ଂରୁ

'ଶ୍ରୀପଳାତକ ଓ ସୀମାନ୍ତବାସ ଦେଇ କବି ରମାକାନ୍ତଙ୍କ କାବ୍ୟ ବୋଧରେ ଏକ ସଂଘର୍ଷମୟ ଉତ୍ତରତା ଲକ୍ଷ୍ୟରେ ରମାକାନ୍ତ ଏକମାନଙ୍କ ଓଡ଼ିଆ କାବ୍ୟ ମାର୍ଗ ପ୍ରସ୍ତୁତ କରିଛନ୍ତି, ଯାହାକି ତାଙ୍କ ସମକାଳୀନ ଓ ଅନୁଜ କବିମାନଙ୍କ ପାଇଁ ଗ୍ରହଣୀୟ ହୋଇ ପାରିଛି ।

## ୧.୧. ଶ୍ରୀରାଧାର ପୃଷ୍ଠଭୂମି ଓ ପରିସର

କବି ରମାକାନ୍ତ ରଥଙ୍କ 'ଶ୍ରୀରାଧା' ପଠନ ଓ ଅଧ୍ୟୟନ ନିମନ୍ତେ ଏହାର ବ୍ୟାପକ ପୃଷ୍ଠଭୂମି ସଂପର୍କରେ ଆଲୋକପାତ କରିବା ଆବଶ୍ୟକ । ରମାକାନ୍ତଙ୍କ 'ଶ୍ରୀରାଧା' (୧୯୮୫) ସାଂପ୍ରତିକ ସମୟ ଖଣ୍ଡର ସୃଷ୍ଟି । ଏ ରାଦା ଗୋପବାଳାର ବ୍ୟଥା ବହନ କଲେବି ଏହାର ପରିଚୟ ସେତିକିରେ ସୀମାବଦ୍ଧ ନୁହେଁ । ସ୍ୱାଧୀନ ଭାରତ ବର୍ଷର ସ୍ଥିତି ସଂପନ୍ନ ଓ ରୁଚିସଂପନ୍ନ ଜଣେ ମହିଳାଙ୍କର ନିରବ ପ୍ରେମର ହିଲ୍ଲୋଳ ଏଥିରୁ ଲକ୍ଷ୍ୟ କରାଯାଇପାରେ । ଯଦିଓ ଗୋପ, କୃଷ୍ଣ, ଯମୁନା, ଅଷ୍ଟପାଟରାଣୀ ଆଦି ବର୍ଣ୍ଣନା ଏହାକୁ ପୌରାଣିକ ପଟ୍ଟଭୂମି ପ୍ରଦାନ କରୁଛି, ତଥାପି ଏହା ଯେ ଗୋଟାପଣେ ବୈଷ୍ଣବୀୟ ରାଧା କାବ୍ୟ ଏପରି ବିଶ୍ୱାସ କରାଯାଇପାରେନା । ପୁରାଣର ବିସ୍ତୃତ ଭୂମି ଉପରେ ରମାକାନ୍ତ ଆଧୁନିକ ନାରୀ ହୃଦୟର ଆକୁଳ ଆକୁତି ପ୍ରୟୋଗ କରିଛନ୍ତି । ଏହି ମର୍ମରେ 'ଶ୍ରୀରାଧା'ର ପୃଷ୍ଠଭୂମିଗତ ଅଧ୍ୟୟନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ।

ଭାରତୀୟ ପୁରାଣ, କୃଷ୍ଣଚରିତ ଓ ଲୋକକଥା ମାନଙ୍କରେ 'ଶ୍ରୀରାଧା'ଙ୍କ ଆଦିଉତ୍ସର ବର୍ଣ୍ଣନା ରହିଛି । 'ଶ୍ରୀରାଧା'ଙ୍କୁ ବ୍ରହ୍ମ ସ୍ୱରୂପିଣୀ ଭାବରେ ଜ୍ଞାନ ମିଶ୍ରାସାଧକମାନେ ଚିତ୍ରଣ କରିଛନ୍ତି । ଶ୍ରୀକୃଷ୍ଣଙ୍କ ଧରାବତରଣ ଜନିତ ଅଲୌକିକ ଲୀଳା ପ୍ରଦର୍ଶନରେ ଶ୍ରୀରାଧାଙ୍କ ଭୂମିକା ଅତିବ ଗୁରୁତ୍ୱପୂର୍ଣ୍ଣ ବୋଲି ପୁରାଣଶାସ୍ତ୍ର ମାନଙ୍କରେ ବାଖ୍ୟା ରହିଛି । କବି ଜୟଦେବଙ୍କ 'ଗୀତ ଗୋବିନ୍ଦ' ରଚନା ପର୍ଯ୍ୟନ୍ତ ଶ୍ରୀରାଧା ଜ୍ଞାନ ସଂପନ୍ନ ଦେବୀ ଭାବରେ ବନ୍ଦିତ ହୋଇ ଆସୁଥିଲେ । କବି ଜଗନ୍ନାଥ ଦାସଙ୍କ 'ଭାଗବତ' ଅଚ୍ୟୁତାନନ୍ଦ ଦାସଙ୍କ 'ହରିବଂଶ'ରେ ରାଧାଙ୍କର ଯେଉଁ ସ୍ୱରୂପଟିକୁ ପାଠକ ପାଏ ତାହା ତତ୍ତ୍ୱ ଓ ପ୍ରେମଭାବର ସମନ୍ୱିତ ସ୍ୱରୂପ ।

ଶ୍ରୀକ୍ଷେତ୍ରରେ ଶ୍ରୀଚୈତନ୍ୟ ପ୍ରବେଶ କରିବା ପରେ ଓଡ଼ିଶାରେପ୍ରଚଳିତତ ବୈଷ୍ଣବ ଧର୍ମବାଦରେ ପରିବର୍ତ୍ତନ ଆସିଛି । ଚୈତନ୍ୟ ବୈଷ୍ଣବ ଉପାସକ ମାନଙ୍କୁ ପ୍ରେମ ଭକ୍ତିଭାବ ବୋଧରେ ବାଂଧି ନବଧାପ୍ରେମ ମାଧ୍ୟମରେ କୃଷ୍ଣପ୍ରାପ୍ତି କରିବା ପାଇଁ ପରାମର୍ଶ ଦେଇଛନ୍ତି ।

> 'ଶ୍ରବଣଂ କୀର୍ତ୍ତନଂ ବିଷ୍ଣୁ ସ୍ମରଣଂ ପାଦସେବନମ୍
> ଅର୍ଚ୍ଚନଂ ବନ୍ଦନଂ ଦାସ୍ୟ ସଖ୍ୟମାତ୍ମନିବେଦନମ୍ ।' (ନବଧା ଭକ୍ତିସୂତ୍ର)

ଓଡ଼ିଶାରେ ବୈଷ୍ଣବ ଧର୍ମ ଗୌଡ଼ୀୟ ଓ ଉତ୍କଳୀୟ ଭେଦରେ ବିଭକ୍ତ ହୋଇ ଯାଇଛି । ଶ୍ରୀଚୈତନ୍ୟ ପନ୍ଥୀମାନେ ନବଧା ଭକ୍ତି ମାଧ୍ୟମରେ ବୃନ୍ଦାବନ ବିହାରୀ କୃଷ୍ଣ ଓ ତାଙ୍କର ସକା, ସଖୀ, ପ୍ରେମିକାଙ୍କୁ ନେଇ ପ୍ରେମ ଭାବନାର କାବ୍ୟ, କବିତା ସୃଷ୍ଟି କରିଛନ୍ତି । ଏହି ସୂତ୍ରରେ ଓଡ଼ିଆ କାବ୍ୟ ପରଂପରାକୁ ଶ୍ରୀରାଧାଙ୍କ ପ୍ରପେଶ ଘଟିଛି । ଷୋଡ଼ଶ ଶତାବ୍ଦୀରେ କୃଷ୍ଣ ଓ ରାଧାଙ୍କର ଓଡ଼ିଆ କାବ୍ୟ କ୍ଷେତ୍ରକୁ ପ୍ରବେଶ ଘଟିଛି । କୃଷ୍ଣ ଓ ରାଧାଙ୍କୁ ନେଇ ପ୍ରେମଭକ୍ତି ଧାରାର ପ୍ରୟୋଗ ଆରମ୍ଭ ହୋଇଛି । ପଂଚସଖା ସାହିତ୍ୟର ଜ୍ଞାନମିଶ୍ରା ପୁରାଣ ରଚନା ଅବକାଶରେ କୃଷ୍ଣ ଓ ରାଧାଙ୍କର ପ୍ରେମ ସ୍ୱରୂପ ବର୍ଣ୍ଣନା କରାଯାଇ ଓଡ଼ିଆ କାବ୍ୟ ପରଂପରାରେ ଗୌଡୀୟ ବୈଷ୍ଣବବୋଧକୁ ପ୍ରତିଷ୍ଠା ଦିଆଯାଇଛି । ଏହି ମର୍ମରେ କବି ଦେବଦୁର୍ଲଭ ଦାସଙ୍କ 'ସହସ୍ୟ ମଞ୍ଜରୀ' ଏକ ପ୍ରଣିଧାନ ଯୋଗ୍ୟ ଗ୍ରନ୍ଥ ପ୍ରେମଭକ୍ତି ସଂପର୍କରେ କବି କହନ୍ତି –

‘ଚାରିଭକ୍ତି ମଧ୍ୟେ ପ୍ରେମଭକ୍ତି ଅଟେସାର
ସେ ଭକ୍ତି ଅଟଇ କୋଠ ଗୋପୀମାନଙ୍କର
ଗୋପୀଙ୍କି ଭଜିଲା ଉଦ୍ଧବ, ପ୍ରେମଭକ୍ତି ପାଇ
ବିନା ପ୍ରେମଭକ୍ତିରେ ଦର୍ଶନ ମୋତେ ନାହିଁ ।’

ପ୍ରେମଭକ୍ତି ମାଧ୍ୟମରେ ପୁରୁଷର ଲିଙ୍ଗ ପରିବର୍ତ୍ତନ ହୋଇ ନାରୀରେ ପରିଣତ ହୋଇଯିବା ସଂପର୍କରେ ‘ରହସ୍ୟ ମଞ୍ଜରୀ’ରେ ବର୍ଣ୍ଣନା ରହିଛି । ଅର୍ଥାତ୍ କୃଷ୍ଣ ପ୍ରାପ୍ତିର ପରମ ମାର୍ଗ ହୋଉଛି ପ୍ରେମମାର୍ଗ ଓ ନାରୀ ଭାବ । ନିଜକୁ ନାରୀରେ ପରିଣତ କରି କୃଷ୍ଣପାଦ ସେବାରେ ସମର୍ପି ଦେଲେ କୃଷ୍ଣ ପ୍ରାପ୍ତି ସହଜ ହୋଇଥାଏ । ବୈଷ୍ଣବ କବିର ଏହି ନାରୀ ରୂପାନ୍ତରୀ କରଣକ୍ରିୟାଟି କେବଳ ନିରୁତା ଲୋଡିବା ପର ଦ୍ୱାରା ସଂଭବ ହୋଇଥାଏ । ‘ଶ୍ରୀରାଧା’ ପ୍ରେମ ମାର୍ଗର ସର୍ବଶ୍ରେଷ୍ଠ ସାଧିକା ହୋଇଥିବାରୁ ବୈଷ୍ଣବ କବିମାନେ ସେମାନଙ୍କ କୃଷ୍ଣକାବ୍ୟରେ ରାଧାଙ୍କୁ ଆଦର୍ଶ ଭାବରେ ଗ୍ରହଣ କଲେ । ରାଧାଙ୍କ ରୂପ ଓ ଗୁଣ ବର୍ଣ୍ଣନା, ପ୍ରେମରେ ତ୍ୟାଗ ଓ ଲୋଡିବା ପଣକୁ ବିଶ୍ଳେଷଣ କଲେ । କୃଷ୍ଣପ୍ରାପ୍ତି ପାଇଁ ନିଜକୁ ରାଧା ମନେକରି କାବ୍ୟ, କବିତା, ପଦାବଳୀ ରଚନା କଲେ । ଏହିପରି କୃଷ୍ଣଙ୍କ ସହ କୃଷ୍ଣପ୍ରିୟା ଶ୍ରୀରାଧା ଓଡ଼ିଆ କାବ୍ୟ ମଣ୍ଡଳକୁ ପ୍ରବେଶ କଲେ । ରାଧାଙ୍କ ରୂପ ସହ ସ୍ୱରୂପ ବର୍ଣ୍ଣନା ଆରଂଭ ହେଲା । ଗୌଡୀୟ ବୈଷ୍ଣବ କବି କହ୍ନାଇ ଖୁଣ୍ଟିଆଙ୍କ ‘ମହାଭାବ ପ୍ରକାଶ’ ଗ୍ରନ୍ଥରେ ଏନେଇ ଉଲ୍ଲେଖ ରହିଛି । ରାଧା ହେଉଛନ୍ତି ମହାଭାବଶ୍ୱରୀ । ରାଧା ନାମ ଶ୍ରବଣ ଓ ଉଚ୍ଚାରଣରେ ମଣିଷ ଅସୀମ ଆନନ୍ଦ ଅନୁଭବ କରିବା ସହିତ ମହାଭାବରେ ଆଚ୍ଛନ୍ନ ହୁଏ ବୋଲି କବି କହ୍ନାଇ ଖୁଣ୍ଟିଆ ପ୍ରକାଶ କରିଛନ୍ତି ।

‘ରାଦା ଯେ ଭାବ ରୂପସୀ ଭାବର ଆକର
ଭାବମୟୀ ଯେଣୁ ନାମ ଅଟେ ତାହାଙ୍କର ।’

କୃଷ୍ଣପ୍ରାପ୍ତି ପାଇଁ ‘ରାଧାଭାବ’ ଏକ ମାର୍ଗ ବୋଲି ବୈଷ୍ଣବ କବିମାନେ ସ୍ଥିର କରିନେଇଛନ୍ତି । ସ୍ଥଳ ବିଶେଷରେ ରାଧାଙ୍କୁ ଜ୍ଞାନ ଯୋଗିନୀ ଭାବରେ ଗ୍ରହଣ କରାଯାଇଥିଲେ ସୁଦ୍ଧା ଷୋଡଶ ଶତାବ୍ଦୀର ଶେଷ ଓ ସପ୍ତଦଶ ଶତକରୁ ଆରମ୍ଭ ବେଳକୁ ରାଧା ସଂପୂର୍ଣ୍ଣ ଭାବରେ ପ୍ରେମ ସ୍ୱରୂପିଣୀରେ ବଦଳି ଯାଇଛନ୍ତି । କବି ଦୀନକୃଷ୍ଣ ଦାସଙ୍କ ‘ଅନୁରାଗ ରତ୍ନାକର ଚଉତିଶା’ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ‘ପ୍ରେମ ଚିନ୍ତାମଣି ଚଉତିଶା’ କବି କେଶବଙ୍କ ‘ରାଧା ବିରହ ଚଉତିଶା’ ମାନଙ୍କରେ ଜ୍ଞାନମିଶ୍ରାରୁ ପ୍ରେମ ଭକ୍ତିରେ ବଦଳି ଯାଇଥିବା ରାଧାଙ୍କ ବର୍ଣ୍ଣନା ରହିଛି । କାବ୍ୟ ଯୁଗରେ ରଚନା କରାଯାଇଥିବା ବୃହତ କାବ୍ୟମାନଙ୍କରେ ରାଧାଙ୍କର ସକ୍ରିୟ ଯୋଗଦାନ ରହିଛି । ଦୀନକୃଷ୍ଣ ଦାସଙ୍କ ‘ରସକଲ୍ଲୋଳ’ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ‘ବିଦଗ୍ଧ ଚିନ୍ତାମଣି’ ଭକ୍ତ ଚରଣ ଦାସଙ୍କ ‘ମଥୁରା ମଙ୍ଗଳ’ ବଳଦେବ ରଥଙ୍କ ‘କିଶୋର ଚନ୍ଦ୍ରାନନ୍ଦ ଚଂପୁ, ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ‘ପ୍ରେମଚିନ୍ତାମଣି’ ଚଉତିଶାରେ ରାଧାଙ୍କ ପ୍ରେମ-ବିରହ-ପରକୀୟା ଆଦି ଲୀଳାର ରସସିକ୍ତ ବର୍ଣ୍ଣନା ରହିଛି । ରାଧା ନିଜର ସକଳ ପାଣ୍ଡିତ୍ୟ, ତାତ୍ତ୍ୱିକତା, ଗାଂଭୀର୍ଯ୍ୟ ଫୋପାଡ଼ି ଏହି ପ୍ରର୍ଯ୍ୟାୟରେ ପ୍ରେମ ପ୍ଲାବିନୀ ସ୍ରୋତସ୍ୱୀନରେ ବଦଳି ଯାଇଛନ୍ତି । ରାଧାଙ୍କର ଗୋଟିଏ ଲକ୍ଷ୍ୟ କୃଷ୍ଣ ରୂପକ ସମୁଦ୍ରରେ ତଲ୍ଲୀନ ହୋଇଯିବା । ଏଥିପାଇଁ ତାଙ୍କୁ କୂଳ ପ୍ଲାବିନୀ, କୁଳଟା, କଳଙ୍କିନୀ ହେବାକୁ ଯଦିହୁଏ, ତେବେ ସେ ପଛେଇଯାଇ ନାହାଁନ୍ତି । ପ୍ରେମ ମଣିଷକୁ ବିପ୍ଳବିନୀ କରିଦିଏ । ପ୍ରତୀକ୍ଷାର ନିର୍ଜନତା ଭିତରେ ନୀରବ ବିପ୍ଳବ କୁହୁଳୁଥାଏ, ଏହା ରାଧାଙ୍କ ଚରିତ୍ରରୁ ଏଠାରେ ଲକ୍ଷ୍ୟ କରାଯାଇ ପାରିବ । ପୋଥିରୁ ବାହାରି ରାଧାଙ୍କୁ ଲୌକିକ ସ୍ତରରେ ପଦାର୍ପଣ କରାଇବା ରୀତି ଯୁଗୀୟ କବିମାନଙ୍କର ଏକ ବଡ଼ ଅବଦାନ । ରୀତିକାବ୍ୟ ପରବର୍ତ୍ତୀ ପଦାବଳୀ ସାହିତ୍ୟରେ ରାଧାକୃଷ୍ଣଙ୍କ ପ୍ରଣୟ ପିପାସାକୁ ନେ

ଅନେକ ଲୋକ ପ୍ରିୟ ପଦାବଳୀ ରଚନା କରାଯାଇଛି । ଏସବୁ ପଦାବଳୀ ମାନଙ୍କରେ ରାଧା ଆହୁରି ନିତ ପ୍ରେମକୁ ଦୃଢ଼ କରି ସାମାଜିକତାକୁ ଭ୍ରୁକ୍ଷେପ କରିନାହାନ୍ତି । କବି ଗୋପାଳ କୃଷ୍ଣଙ୍କ ପଦାବଳୀମାନଙ୍କରେ ରାଧାଙ୍କର ଏହି ପ୍ରେମପ୍ଲାବିନୀ ସ୍ୱରୂପ ସୁଷ୍ଟ ଭାବରେ ପ୍ରକାଶିତ :

> 'ଶ୍ୟାମ ଅପବାଦ ମୋତେ ଲାଗିଥାଉ, ପ୍ରାଣ ସହି,
> ନିତି ସେହି ଚିନ୍ତାରେ ମୋ ଦିନ ଯାଉ ।' (ଗୋପଳକୃଷ୍ଣ ପଦାବଳୀ)

ରାଧା ଏବେ ଅପବାଦ ପାଇଁ ପ୍ରସ୍ତୁତ । ଜୀବନର ଲକ୍ଷ୍ୟ ହାସଲରେ ସେ ଅଗ୍ରସର । ଏଇଠିତ ଲକ୍ଷ୍ୟ ଗୋଟିଏ କୃଷ୍ଣ। ସେଇଠି ନିଜକୁ ସମର୍ପଣ କରିଦେଲେ ଜୀବନ ଧନ୍ୟ ହୋଇଯିବ । ଜଣେ ସାଧାରଣ କିଶୋରୀ ପରି ରାଧା ମଲ୍ଲୀମାଳ ଶ୍ରାମକୁ ଦେବାପାଇଁ ବାହାରି ପଡିଛନ୍ତି ।

> 'ମଲ୍ଲୀମାଳ ଶ୍ୟାମକୁ ଦେବି ମନ ତୋଷିବ
> ଗ୍ରୀଷମ ହୋଇଲେ ବାସ ଚନ୍ଦନ ମୁଁ ଲେପିବି ।
> ତା ଅଙ୍ଗରୁ ସ୍ୱେଦ ବାରି ଯଦି ପଡୁଥିବ ଝରି
> ମୋ ଦୃଷ୍ଟି ପଡନ୍ତେ କାନି ପଣନ୍ତରେ ପୋଛିବି ।
> ସେ ଯେବେ କରିବ ମାନ ଭାଙ୍ଗି ଭୁଞ୍ଜାଇବି ପାନ
> ଗଣ୍ଡେ ଦେଇଣ ଚୁମ୍ବନ ହରଷ କରାଇବି ।
> ତାକୁ କରି ଗଳାହାର ସେବିବି ତାର ପୟର
> ସେ ଯେବେ ହୋଇବ ବର ହର ପୂଜା କରିବି ।
> ଉପଇନ୍ଦ୍ର ଭଞ୍ଜ କହି ରମଣୀ ରତନ ସହି
> ତାହାର ଚରଣ ଧ୍ୟାୟୀ ଶରଣାଗତ ହେବି ।
> (ମଲ୍ଲୀମାନ ଶ୍ୟାମକୁ ଦେବି : ଉପେନ୍ଦ୍ର ଭଞ୍ଜ)

ରାଧାଙ୍କ ଚରିତ୍ରରେ ଆସିଥିବା ପରିବର୍ତ୍ତନ ଓ ବିସ୍ମୟ ଗୁଡିକୁ ଉପରୋକ୍ତ ପଦାବଳୀ ମଧ୍ୟରୁ ଲକ୍ଷ୍ୟ କରାଯାଇ ପାରିବ । ଯେଉଁ ରାଧା ବ୍ରହ୍ମସ୍ୱରୂପିଣୀ ଓ ମହାଭାବ ପ୍ରକାଶର ମାଧମ ଥିଲେ ଅଷ୍ଟାଦଶ ଶତକର ଶେଷ ପର୍ଯ୍ୟାୟ ଓ ଊନବିଂଶ ଶତକରେ ସେହି ରାଧା ନିଜ ପ୍ରେମର ସୁରକ୍ଷା ପାଇଁ ସବୁକିଛି କରିବା ପାଇଁ ପ୍ରସ୍ତୁତ । ସାମାଜିକ ସୂଚୀବଦ୍ଧତା, ପରଂପରା, ରକ୍ଷଣ ଶୀଳତାର ଏରୁଣ୍ଡି ଡେଇଁ ପ୍ରିୟତମର ସାନିଧ ପାଇଁ ସେ ବ୍ରତତୀ । କବି କହ୍ନାଇ ଖୁଣ୍ଟିଆଙ୍କ ରାଧାଙ୍କ ମହାଭାବତତ୍ତ୍ୱ ଓ ଦେବଦୁର୍ଲଭ ଦାସଙ୍କ ପ୍ରେମ ଭକ୍ତି ଭାବ ଉପେନ୍ଦ୍ର ଭଂଜଙ୍କ ପାଖରେ ଚୁମ୍ବନରେ ପରିଣତ ହୋଇଛି । ପ୍ରେମ କ୍ରମଶଃ ବିସ୍ତାରିତ ହୋଇ ସମ୍ମୋହନ ଓ ସମର୍ପଣରେ ଶେଷ ହୋଇଛି । ଓଡ଼ିଆ କାବ୍ୟ ପରଂପରାରେ ରାଧା ପରଂପରାର ଉନ୍ମେଷ, ବିବର୍ତ୍ତନ ଓ ବିକାଶ ଧାରା ଆଲୋଚନା କ୍ରମରେ ଏସବୁ ତଥ୍ୟ ଗୁଡିକର ତର୍ଜମା କରାଯାଇ ପାରିବ । କବି ରମାକାନ୍ତ ରଥଙ୍କ 'ଶ୍ରୀରାଧା' ପରିପ୍ରେକ୍ଷିରେ ଏହି ପୃଷ୍ଠ ଭୂମିର ଅବତାରଣା ଆବଶ୍ୟକ ମନେହୁଏ । ରାମାକାନ୍ତଙ୍କ 'ରାଧା' ପ୍ରେମର ସୁରକ୍ଷା ଓ ସଂରକ୍ଷଣରେ ଯେଉଁ ପ୍ରତିବଦ୍ଧତା ପ୍ରକାଶ କରିଛି, ସେସବୁ ଏହି ଉର୍ବର ପୃଷ୍ଠଭୂମିର ଫଳ ଶ୍ରୁତି । ଦେବଦୁର୍ଲଭ,

ବଳଦେବ ରଥ, ଭକ୍ତ ଚରଣ ଦାସ, ଗୋପାଳକୃଷ୍ଣଙ୍କ ପରି କବିମାନଙ୍କ ରାଧା ବୋଧର ଉତ୍ତର ସାଧକ କ୍ରମରେ ରମାକାନ୍ତ 'ଶ୍ରୀରାଧା'ଙ୍କୁ ସୃଷ୍ଟି କରିଛନ୍ତି ।

### ୧.୧.୧. ଆଧୁନିକ ଦୃଷ୍ଟିକୋଣ :

୧୯୮୫ ମସିହାରେ ରଚିତ ହୋଇଥିବା ଶ୍ରୀରାଧା ପ୍ରାଚୀନ କୃଷ୍ଣକାବ୍ୟ ପରଂପରାରୁ ଉତୁରି ଆସିଥିଲେ ହେଁ ଏହାର ଏକ ଆଧୁନିକ ପୃଷ୍ଠଭୂମି ରହିଛି । ରମାକାନ୍ତଙ୍କ ଶ୍ରୀରାଧା ଯେଉଁ ଅସହାୟତା, ଆତ୍ମଦ୍ୱନ୍ଦ, ପାପବୋଧ ଓ ନିର୍ଜନତାକୁ ସାମ୍ନା କରିଛନ୍ତି, ଏସବୁକୁ ଅତୀତର ରାଧାମାନେ ସାମ୍ନା କରି ନ ଥିଲେ । ରମାକାନ୍ତଙ୍କ ରାଧା ହେଉଛନ୍ତି ଶ୍ରୀମତୀ ଶ୍ରୀରାଧା । ଚନ୍ଦ୍ରସେଣାକୁ ସ୍ୱାମୀ ରୂପେ ବରଣ କରିଥିବା ରାଧା ପ୍ରକୃତରେ କୃଷ୍ଣଙ୍କ ପାଖରେ ହୃଦୟ ହରେଇ ଦେଇଛି । ଘର ପୁରୁଷ ଓ ପରପୁରୁଷ (ପ୍ରିୟପୁରୁଷ) ନେଇ ଯେଉଁ ନୂତନ ଦ୍ୱନ୍ଦଟିକୁ ରମାକାନ୍ତ ପ୍ରାଥମିକ ଦେଇଛନ୍ତି, ଏହା ଏକ ଶାସ୍ତ୍ରୀୟ ପୃଷ୍ଠଭୂମିର ସର୍ବସ୍ୱ ନୁହେଁ । ଏଥିରେ ଆଧୁନିକ ଅନୁଚିନ୍ତା, ଚିତ୍ତ ସଂଘର୍ଷ, ମନସ୍ତତ୍ତ୍ୱ, ନାରୀ ଆନ୍ଦୋଳନର ସମାନ୍ତରାଳ ସହଯୋଗ ରହିଛି । ଏହି ଆଧୁନିକ ଅବବୋଧ ସଂପନ୍ନ ପୃଷ୍ଠଭୂମିଟି ଅନେକାଂଶରେ 'ଶ୍ରୀରାଧା' ପାଇଁ ଉପଯୁକ୍ତ ମନେହୁଏ ।

ଓଡ଼ିଆ ପଦାବଳୀ ସାହିତ୍ୟ ପରେ ରାଧା ଓ କୃଷ୍ଣ ଓଡ଼ିଆ କାବ୍ୟ ପରଂପରାରୁ ବାଦ ପଡିଗଲେ । ଆଧୁନିକ ଚିନ୍ତା ଚେତନାର ଜାଗରଣରେ କାବ୍ୟ ନାୟିକାମାନେ ରାଧାନାଥ କାଳରେ ରାଜା, ସାମନ୍ତ ପରଂପରାରୁ ଆସିଥିବାବେଳେ ପରବର୍ତ୍ତୀ କାଳରେ ସାଧାରଣ ବର୍ଗର ପ୍ରତିନିଧିତ୍ୱ ଏଥିରେ ପ୍ରତିଫଳିତ ହେଲା । କବିତା ହେଲା ଅଧିକ ଜୀବନବନ୍ଧ । ବାସ୍ତବତାର ଭାବଭୂମିରୁ ଉତ୍ପନ୍ନ ଏସବୁ କବିତାରେ କୃଷ୍ଣଙ୍କ ବଂଶୀ ବଦଳରେ ଜଠର ପୀଡ଼ନର ସ୍ୱର ଅଧିକ ସ୍ପଷ୍ଟ ହେଲା । ମାନସିଂହ ଧୂପର ପ୍ରେମିକା ସ୍ୱାଧୀନତା ପରବର୍ତ୍ତୀ କବିତାରେ ଅଳକାସାନ୍ୟାଲ, ପ୍ରତିମାନାୟକ, ଚନ୍ଦ୍ରା ବେହେରାଣୀ, ମିନତୀ, ମୀରା ସାଜି ଦେହକୁ ଉଝେଇ ଦେଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୪୫) ପରବର୍ତ୍ତୀ ସ୍ଥିତିହାନୀ ଓ ନିଃସଙ୍ଗତ । ମଣିଷକୁ ନିଜ ସଂପର୍କରେ ପୁଣିଥରେ ଚିନ୍ତା କରିବାକୁ ସୁଯୋଗ ଦେଲା । ଫ୍ରୟଡ଼ଙ୍କ ଯୌନ ବିଶ୍ଳେଷଣ, କିର୍କେ ଗାର୍ଡଙ୍କ ମଣିଷର ଅସ୍ତିତ୍ୱ ବର୍ଣ୍ଣନା ବ୍ୟକ୍ତିକୁ ପୁଣିଥରେ 'ମୁଁ' ସର୍ବସ୍ୱ ଭୋଗବାଦୀ ବ୍ୟବସ୍ଥା ଆନକୁ ଆକର୍ଷିତ କଲା । ନାରୀମାନଙ୍କ କ୍ଷେତ୍ରରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭୟଙ୍କର ଅଭିଶାପରେ ପରିଣତ ହେଲା । ନାରୀ ଓ ମଦ୍ୟ ହେଲା ପୁରୁଷର ପ୍ରଧାନ ବିଳାସ କ୍ଷେତ୍ର । ପୁରୁଷର ସକଳ ଔଦ୍ଧତ୍ୟ ପାଇଁ ନାରୀ ନିଜକୁ ପରଷିବାରେ ବ୍ୟୟ ହେଲା । ପଶ୍ଚିମ ରାଷ୍ଟ୍ରମାନଙ୍କରେ ନାରୀର ଜୀବନ ନିର୍ବାହ ଓ ଅସ୍ତିତ୍ୱକୁ ନେଇ ଆନ୍ଦୋଳନ ଆରମ୍ଭ ହେଲା । ସେ କେବଳ second sex ନୁହେଁ ତାର ବି ଦେହ, ମନ, ଇଚ୍ଛା, ସ୍ୱପ୍ନ, କାର୍ଯ୍ୟକ୍ଷେତ୍ର ଅଛି, ଏ ନେଇ ଆନ୍ଦୋଳନ ଦାନା ବାନ୍ଧିଲା । ନାରୀ ନିଜ ଇଚ୍ଛାମୁତାବକ ବରପାତ୍ର ବାଛିବା, ଛାଡ଼ ପତ୍ରଦେବା, ପ୍ରେମ କରିବାର ମୌଳିକ ଅଧିକାର ପାଇଲା । ଦ୍ୱିତୀୟ ବିଶ୍ୱଯୁଦ୍ଧର ପାଉଁଶ ଗଦାରୁ ସୃଷ୍ଟ 'ବାମାବାଦୀ ଆନ୍ଦୋଳନ' ଭାରତରେ ୧୯୮୦ ମସିହା ପରେ ନାରୀ ଜାଗରଣ ପାଇଁ ସହାୟକ ସାବ୍ୟସ୍ତ ହୋଇଛି । ସରକାରୀ ସ୍ତରରେ ନାରୀମାନଙ୍କ ପାଇଁ ସମ୍ମାନ, ସଂରକ୍ଷଣ ଓ ସହାୟତାର ବ୍ୟବସ୍ଥା କରାଯାଇଛି । ନାରୀମାନେ ଅଧିକ ଆତ୍ମନିର୍ଭର ହେବା ସହ ପରିବାର ଓ ସମାଜରେ ନିଜର ସ୍ଥିତି ସୁଦୃଢ଼ କରିପାରିଛନ୍ତି । ଜଣେ ଶିକ୍ଷିତା ନାରୀ ତା ଇଚ୍ଛାକୁ ବଂଚାଇ ରଖିବା ପାଇଁ ସ୍ୱାମୀକୁ ବିଦ୍ରୁପ କରିବାକୁ ପଛାଇ ନାହିଁ । ପ୍ରେମିକ ପାଇଁ ତମାମ ତ୍ୟାଗ କରିବାର ସାହାସ ସେ ସମାଜରୁ ପାଇଛି । ଏହି ମର୍ମରେ ଜୟଦେବଙ୍କ ରାଧା ଓ ରମାକାନ୍ତଙ୍କ ଶ୍ରୀରାଧା ଭିତରେ ବହୁ ବିଭେଦା ଦୁହେଁ ରାଧା ହୋଇ ପାରନ୍ତି କିନ୍ତୁ ସମୟ ଏକା ନୁହେଁ । ସ୍ୱାମୀ ପରିବାରକୁ ଏଡ଼ାଇ ପ୍ରେମିକ ସହ ସମୟ କାଟୁଥିବା ରାଧା ସ୍ୱାମୀର ଶାସନ ଓ ଆନୁଗତ୍ୟକୁ କିପରି ତାଚ୍ଛଲ୍ୟ କରିଛି ଲକ୍ଷ୍ୟ କରନ୍ତୁ –

'କାଲି ମୋର ସ୍ୱାମୀ ମୋର ବାଳ ଝିଙ୍କିଲେ
ମୁଣ୍ଡକୁ କାନ୍ଥରେ ବାରମ୍ବାର କଚାଡିଲେ
ମୁଁ କେଉଁଠି ପୂର୍ବରାତି ବିତାଇଲି ତାହା
ସାଫସାଫ୍ ମାନିଯିବା ଲାଗି କହୁଥିଲେ ।
× × ×
କହିଲି ହାୟରେ ବିଧି ଏଡ଼େ ନିର୍ବୁଦ୍ଧିଆ
ସ୍ୱାମୀ ଲେଖିଥିଲକୁ ମୋ କପାଳେ ।
ମୋର ଅବିଶ୍ୱସ୍ତତାର ପ୍ରମାଣ ଖୋଜୁଛି
ଶରୀରରେ, ପୁଣି ଦିନ ବେଳେ ।'
(ଶ୍ରୀରାଧା (୨୫) ପୃ. ୫୪)

ଉପେନ୍ଦ୍ର ଭଂଜଙ୍କ ରାଧା ପ୍ରେମିକକୁ ମଲ୍ଲୀମାଳ ଦେବାପରେ ପ୍ରେମିକର ଶ୍ରମ ଲାଘବ ପାଇଁ ଚୁମ୍ବନ ଦେବାକୁ ମନସ୍ଥ କରିଥିଲା । ରମାକାନ୍ତଙ୍କ 'ଶ୍ରୀରାଧା' ବିବାହିତ ହୋଇ ସୁଦ୍ଧା ପର ପୁରୁଷ ସହ ରାତ୍ରୀ ଯାପନରେ ଗୌରବାନ୍ୱିତ ମନେକରେ । ଏହାର କାରଣ କଣ ? କବି ଉପେନ୍ଦ୍ର ଭଂଜ ଓ ଗୋପାଳକୃଷ୍ଣଙ୍କ ଠାରୁ ରମାକାନ୍ତ ରଥଙ୍କ ପର୍ଯ୍ୟନ୍ତ ଏକ ପଲଂବିତ ପୃଷ୍ଠଭୂମିରେ ବିଚାରକଲେ ଏକ ନିଛକ ଆଧୁନିକ ଦୃଷ୍ଟିକୋଣଟି ଉପୁନ୍ନ ହୁଏ । ଏହି ଆଧୁନିକ ଅଧିକ ମାତ୍ରାରେ ପଶ୍ଚିମ । ପ୍ରେମ ଓ ଛାଡ଼ପତ୍ର (Love and separetion) ପଶ୍ଚିମ ସଭ୍ୟତାର ଏକ ଅଂଶ । ଭାରତୀୟ ପରଂପରାରେ ସ୍ୱାମୀ ସିନ୍ଦୂର, ସ୍ୱାମୀ ସ୍ୱର୍ଗ ଓ ଈଶ୍ୱର । ଭାରତୀୟ ସ୍ୱାମୀ ବାଦକୁ ପଶ୍ଚିମ ସଭ୍ୟତା ପ୍ରତ୍ୟାଖାନ କରେ । ୧୯୮୦ ଖଣ୍ଡରେ ଉଚ୍ଚଆୟବର୍ଗ, ବଣିକ ସଂସ୍କୃତି କ୍ଷେତ୍ରରେ ପଶ୍ଚିମ ସଭ୍ୟତାର ପ୍ରଭାବ ଅନୁଭୂତ ହେଲାଣି । ନାରୀ ଘରୁ ବାହାରି ନିଜର ସ୍ୱପ୍ନ ଚରିତାର୍ଥ କରିବାକୁ ସକ୍ଷମ ହେଲାଣି । ଶିକ୍ଷିତା ନାରୀ ଆଉ କଂକ୍ରିଟ୍ କୋଠରୀ ଭିତରେ ବନ୍ଦୀ ହେବାକୁ ଚାହେଁ । ସେ ଚାହେଁ ମୁକ୍ତି । ସ୍ୱପ୍ନର ମାନସାଙ୍କ ଆଙ୍କିବାରେ ମଗ୍ନ । ରମାକାନ୍ତଙ୍କ ଶ୍ରୀରାଧା ଏହି ପୃଷ୍ଠଭୂମିର ଜଣେ ଶିକ୍ଷିତା, ସଂଭ୍ରାନ୍ତ ମହିଳା । ସୁଖ ସଂଧାନୀ ଏହି ନାରୀ ସତ୍ତା ଚାହେଁ ଜଣେ ସମର୍ଥ ପୂର୍ଣ୍ଣ ପୁରୁଷ, ନାରୀ ନିଜକୁ ଜଣେ ସଚ୍ଚୋଟ, ସମର୍ଥ ପୁରୁଷ ପାଖରେ ସମର୍ପି ଦେବାକୁ ପସନ୍ଦ କରେ । କୃଷ୍ଣଙ୍କ ଠାରୁ ସମର୍ଥ ପୁରୁଷ କିଏ ହୋଇପାରେ । କାଳେ କାଳେ ଚନ୍ଦ୍ରସେଣାମାନେ ପରାସ୍ତ ହୁଅନ୍ତି । ଜଣେ ମାଟି ଆଉ ଜଣେ ଆକାଶ । ମାଟି ଆଉ ଆକାଶକୁ ଯୋଡୁଥିବା ସୀମାରେଖା ହିଁ ଶ୍ରୀରାଧା, ସମାଜରେ ନିଜର ସ୍ୱତନ୍ତ୍ର ସ୍ଥିତି, ସୁରକ୍ଷା, ସ୍ୱାଧୀନତା, ଅସ୍ମିତା ଖୋଜୁଥିବା ନାରୀମାନେ ରମାକାନ୍ତଙ୍କ ଶ୍ରୀରାଧା ଭିତରେ ନିଜକୁ ଆବିଷ୍କାର କରିପାରିବେ । ସ୍ୱାଧୀନତା ପରବର୍ତ୍ତୀ ଅର୍ଥ ନୈତିକ-ସାମାଜିକ ପୃଷ୍ଠଭୂମିରେ ଆସିଥିବା ନାନାବିଧ ପରିବର୍ତ୍ତନରେ ସମୃଦ୍ଧ ଭାରତୀୟ ନାରୀମାନଙ୍କର ପରିଚୟର ପ୍ରତିଲିପି ହେଉଛି 'ଶ୍ରୀରାଧା' ।

କବି ରମାକାନ୍ତ ରଥଙ୍କ 'ଶ୍ରୀରାଧା' ଅଧ୍ୟୟନ ପୂର୍ବରୁ ଭାରତୀୟ ପରିବେଶ ଓଡ଼ିଆ କୃଷ୍ଣ କାବ୍ୟ ପରଂପରା ସହ ଆଧୁନିକ ପାଣିପାଗର ସମନ୍ୱୟ ଧର୍ମ୍ୟ ପୃଷ୍ଠଭୂମି ଆକଳନ କରିବା ଆବଶ୍ୟକ । ପୁରାଣର ପ୍ରସାରିତ ପୃଷ୍ଠ ଭୂମି ସହ ଆଧୁନିକ ଅଭିଜାତ ଦୃଷ୍ଟି କୋଣରେ 'ଶ୍ରୀରାଧା' ସମୃଦ୍ଧ ହୋଇ ପାରିଛି ।

## ୧.୨. 'ଶ୍ରୀରାଧା' ଅଧ୍ୟୟନ

କବି ରମାକାନ୍ତ ରଥଙ୍କ 'ଶ୍ରୀରାଧା' ଓଡ଼ିଆ ତଥା ଭାରତୀୟ ସାହିତ୍ୟ ପାଇଁ ଏକ ଅମୂଲ୍ୟ ସଂପଦ ଭାବରେ ପରିଗଣିତ ହୋଇଛି । ୧୯୮୫ ମସିହାରେ ପ୍ରକାଶିତ ଏହି ସୃଜନ ୧୯୯୨ ମସିହା ପାଇଁ ଭାରତର ସର୍ବୋଚ୍ଚ ସାହିତ୍ୟ ସମ୍ମାନ 'ସରସ୍ୱତୀ ସମ୍ମାନ'ରେ ଭୂଷିତ ହୋଇଛି । ହିନ୍ଦୀ ସାହିତ୍ୟର ବିଖ୍ୟାତ କବି ଡକ୍ଟର ଧର୍ମବୀର ଭାରତୀ 'କାନୁପ୍ରିୟା' ରଚନା କରି ରାଧାଙ୍କ ଆଧୁନିକ ରୂପସହ ଭାରତୀୟ ପାଠକଙ୍କୁ ପରିଚିତ କରିଥିଲେ । ରମାକାନ୍ତଙ୍କ 'ଶ୍ରୀରାଧା' ପାରଂପାରିକତାର ସମସ୍ତ ବନ୍ଧନ ତୁଟାଇ ସମକାଳୀନ ଜୀବନ ବୋଧର ନିଚ୍ଛକ ପ୍ରତିବିମ୍ବ ପାଲଟି ଯାଇଛି । ଏହିସବୁ ଦୃଷ୍ଟିକୋଣରୁ ବିଚାର କଲେ 'ଶ୍ରୀରାଧା' ଏକ ବୃହତ୍ତର ଅର୍ଥ ପରିଧି ଭିତରେ ଜୀବନର ନକ୍ସା ଆଙ୍କେ । କବି ରମାକାନ୍ତ ଅର୍ଥବୋଧ ଦୃଷ୍ଟିରୁ ଯେତିକି ଯତ୍ନବାନ ହୋଇଛନ୍ତି କବିତାର ସଂରଚନା ଦୃଷ୍ଟିରୁ ସେତିକି ଦାୟିତ୍ୱବାନ ମନେହୁଅନ୍ତି । ଶ୍ରୀରାଧା କାବ୍ୟ ନୁହେଁ କି ଖଣ୍ଡ କବିତା ନୁହେଁ । ଏହା ଏକ ଦୀର୍ଘ କବିତାଗ୍ରନ୍ଥ । ଗୋଟିଏ ଶୀର୍ଷକରେ ଗୁଚ୍ଛ କବିତା ରଚନା କରିବାର ଏହା ଏକ ଆଧୁନିକ କଳା । ଓଡ଼ିଆ ସାହିତ୍ୟରେ ଏହି କାବ୍ୟଶୈଳୀକୁ ସଚ୍ଚିଦାନନ୍ଦ ରାଉତରାୟ ଓ ଗୁରୁପ୍ରସାଦ ମହାନ୍ତି ସଫଳତାର ସହ ପ୍ରୟୋଗ କରିଛନ୍ତି । ରମାକାନ୍ତ ଶ୍ରୀରାଧା ଶୀର୍ଷକରେ ସମୁଦାୟ ୬୧ ଗୋଟି କବିତା ରଚନା କରିଛନ୍ତି । ଏହି କବିତା ଗୁଡ଼ିକ କେହି କାହାଠାରୁ ବିଚ୍ଛିନ୍ନ ନୁହଁନ୍ତି । ଆବେଗର ଅନ୍ତସ୍ରୋତ ସମସ୍ତ କବିତା ଗୁଡ଼ିକୁ ଏକତ୍ର ବାନ୍ଧି ରଖିଛି । କବିତା ଆରମ୍ଭ ଶେଷ ପର୍ଯ୍ୟନ୍ତ ଗୋଟାଏ ମୁଖ୍ୟ କାହାଣୀ । ଭିନ୍ନ ଭିନ୍ନ ପର୍ଯ୍ୟାୟ ଓ ଆବେଗରେ ରୂପ ପାଇଛନ୍ତି । ଏହି ୬୧ ଗୋଟି ଟୁନା ଟୁନା ସାରାଂଶକୁ ଗୋଟାଇ ଆଣିଲେ 'ଶ୍ରୀରାଧା' ଏକ ବୃହତ୍ତର ବିନ୍ୟାସରେ ପ୍ରତ୍ୟୟ ହୁଅନ୍ତି । ଶ୍ରୀରାଧାର କାହାଣୀ ମୁଖ୍ୟ ନୁହେଁ । ପରିବେଶ ଓ ଆବେଗର ଯେଉଁ ଉଚ୍ଚାଙ୍ଗ ସମନ୍ୱୟ କବି ପ୍ରକାଶ କରିଛନ୍ତି, ତାହାହିଁ ଶ୍ରୀରାଧାର ସାଫଲ୍ୟ । ଗତାନୁଗତିକ ରାଧା କାବ୍ୟ ପରି ଏଥିରେ ପୂର୍ବରାଗ, ପ୍ରେମ, ବିରହ, ପୁର୍ନମିଳନ ଆଦିର ଧରାବନ୍ଧା ଫର୍ମୁଲା ନାହିଁ । ନୂତନ ଜୀବନ ବୋଧ ସ ସମକାଳୀନତାର ପ୍ରୟୋଗ ଦୃଷ୍ଟିରୁ କବି ଅତି ସଚେତନ ଭାବରେ ଶବ୍ଦଚୟନ ଓ ଭାଷା ପ୍ରୟୋଗ କରିଛନ୍ତି । ନିମ୍ନରେ 'ଶ୍ରୀରାଧା' ଦୀର୍ଘ କବିତାର ପର୍ଯ୍ୟାୟକ୍ରମିକ ଆଲୋଚନା କରାଯାଉଛି ।

(୧)

'ଅନ୍ୟ ସବୁ ସକାଳଠୁଁ ଆଜିର ସକାଳ
କାହିଁକି କେଜାଣି ଲାଗେ ଅଲଗା ଅଲଗା ।

ଶ୍ରୀରାଧା ଦୀର୍ଘ କବିତାର ଏହାହିଁ ପ୍ରଥମ ପାଦ । କବି ସିଧାସଳଖ ଭାବରେ ଶ୍ରୀରାଧାଙ୍କ ଅନୁଭବରେ ସକାଳର ଦୃଶ୍ୟ ବର୍ଣ୍ଣନା କରିବାକୁ ଚାହାଁନ୍ତି, ଖରାରେ କି ଦୁଃସାହାସ, ପବନରେ ଅନ୍ୟମନସ୍କତା, ଦେଶାନ୍ତରୀ ପ୍ରେମିକ ଛଦ୍ମବେଶଧରି ଆଖ ପାଖରେ ରହିବା ଆଦି ଆବେଗିକ ବର୍ଣ୍ଣନା ଭିତରେ ରାଧାଙ୍କର ପୂର୍ବରାଗ ଜନିତ ପ୍ରତିକ୍ରିୟାକୁ ବଖାଣିଛନ୍ତି । ରାଧାଙ୍କର ଏହି ପ୍ରତିକ୍ରିୟାଟି ବୈଷ୍ଣବ ଚିତ୍ତ ସୁଲଭ ପ୍ରତିକ୍ରିୟା ନୁହେଁ । ସଖୀମାନଙ୍କ ଗହଣରେ ଯମୁନାକୁ ଜଳ ଆଣିଯିବା ଓ ବାଟରେ କଳାକାହ୍ନୁଙ୍କୁ ଦେଖି ବଶୀଭୂତ ହୋଇଯିବା ପରି ଅନୁରାଗ ନୁହେଁ । ରାଧା ଏଠାରେ ଶ୍ରୀମତୀ । ବିବାହିତା ଓ ସଂସାରୀ । ସଂସାର ଜୀବନର ଜଞ୍ଜାଳ ଭିତରୁ ଦିନେ ଦିନେ ପ୍ରିୟତମ ମନେପଡ଼େ । ସେହିଦିନ ଅନ୍ୟଦିନ ଅପେକ୍ଷା ଅନନ୍ୟ ହୋଇଯାଏ । ଅତଏବ ପ୍ରିୟତମର ସ୍ମୃତି ଜୀବନରେ ସବୁଜିମା ଭରିଦିଏ । ଏଠାରେ ରାଧାଙ୍କର ଯାହା ଅନୁଭବ ତାହା ସବୁ ନାରୀମାନଙ୍କର ଅନୁଭବ । ନାରୀ ତା' ଜୀବନର ପ୍ରଥମ ପ୍ରେମକୁ କେବେ ପାଶୋରି ପାରେ ନାହିଁ । ନିତ୍ୟ ନିୟମିତ ଜୀବନ ଭିତରେ

ଦିନେ ଦିନେ ପ୍ରେମର ଅବସ୍ଥିତି ଅନୁଭୂତ ହୁଏ । ସେ ବହିଯାଏ ଠିକ୍ ଯମୁନା ପରି । କିଆ, କେତକୀ, କୁଂଜବନ ଦେଇ ଫ୍ରକ୍ ପିନ୍ଧା ବୟସ ପାଖକୁ । ଏତେଦିନ ପରେ ଦେଶାନ୍ତରୀ ପ୍ରେମିକ ଫେରି ଥିବାରୁ ରାଦା ଆଜି ଅନ୍ୟ ମନସ୍କ । ଏହି ଅନ୍ୟମନସ୍କତାରୁ ଆରମ୍ଭ ହୋଇଛି 'ଶ୍ରୀରାଧା' ।

(୨)

'ତମେ ଆସିଅଛ ବୋଲି ଶୁଣିଲା ବେଳକୁ
ଦିନ ବେଶ୍ ହୋଇ ଯାଇଥିଲା ।'

ରମାକାନ୍ତ ସକାଳ ପରବର୍ତ୍ତୀ ସମୟର ଚିତ୍ର ଏଠାରେ ବର୍ଣ୍ଣନା କରିଛନ୍ତି । ଗାଁ ଦାଣ୍ଡର ଜୀବନ ଠିକ୍ଠାକ୍ ଚାଲୁଥିବା ବେଳେ କେବଳ ନାରୀମାନେ ହିଁ ଅନ୍ୟମନସ୍କ ଥିଲେ । ଗାଇଗୋରୁ, ପୁରୁଷମାନେ ନିଜ ନିଜ ଇଲାକାକୁ ଫେରି ଯାଇଥିଲେ । ଗୋପର ସମସ୍ତ ନାରୀମାନେ କିନ୍ତୁ ପ୍ରେମଶୀଳାରେ ବଦଳି ଯାଇଥିଲେ । ସେମାନେ ବାଟ ହୁଡ଼ିଯାଇ ନିଜ ସତ୍ତାକୁ ଫେରି ପାରୁ ନ ଥିଲେ । ନିଜକୁ ଅନ୍ତସାର ଶୂନ୍ୟବୋଲି ଅନୁଭବ କରୁଥିଲେ । ନଈରେ ଗାଧେଇବା ବେଳେ ଦେହ ହିତଗଲା । ଏ ଶରୀର ନିଜର ନୁହେଁ ବୋଲି ମନେ ହେଲା । ପ୍ରିୟତମର ସୀମାହୀନ ବାହୁ ଭିତରେ ଉତ୍‌କଣ୍ଠିତ ଶୂନ୍ୟସ୍ଥାନ ଟିଏ ପରି ଅନୁଭବ ଆସିଲା । ଏହି ପରିପୂର୍ଣ୍ଣ ଶୂନ୍ୟତା ଭାଗ୍ୟବୋଲି ଶ୍ରୀରାଧା ଭାବି ନେଇଛନ୍ତି । କବି ରମାକାନ୍ତ ଦ୍ୱିତୀୟ କବିତାରେ କୃଷ୍ଣଗତ ଅନୁଭବକୁ ଚମତ୍କାର ଭାବରେ ପରିବେଷଣ କରିଛନ୍ତି । ବୃହତ୍ତର ସତ୍ତା ପାଖରେ ବ୍ୟକ୍ତି ସତ୍ତାମ୍ଳାନ ହୋଇ ଶୂନ୍ୟରେ ବଦଳି ଯିବା ହିଁ ପ୍ରକୃତ ସମର୍ପଣ । କୃଷ୍ଣଙ୍କ ଅନୁଭବ ଜନିତ ଆନନ୍ଦରେ ନାରୀ ସତ୍ତାର ଯେଉଁ ରୂପାନ୍ତର ଘଟେ, ତାହା ଏଠାରେ ବର୍ଣ୍ଣନା କରାଯାଇଛି ।

(୩)

'କେତେ ଯେ ଘାତକ ଆସିଗଲେ କେତେ ଛଦ୍ମବେଶ କିମ୍ଵା
କେତେ ବିଧ ଅସ୍ତ୍ର ଧରି ତମ ପାଟି ଫିଟିବା ପୂର୍ବରୁ
ସବୁଦିନ ଲାଗି ତାକୁ ବନ୍ଦ କରିବାକୁ ।'

ପ୍ରିୟତମ ପୁରୁଷକୁ ପାଖରେ ପାଇ ପୁର୍ନବାର ହରେଇ ଦେବାର ଦ୍ୱନ୍ଦ ଏହି ପର୍ଯ୍ୟାୟରେ ପ୍ରକାଶ ପାଇଛି । ସତରେ କଣ କୃଷ୍ଣଙ୍କ ଆସିବା ସତ ହେବ । ଯାହାର ଜନ୍ମଠାରୁ ଘାତକ, ରାକ୍ଷସ, ଯୋଗିନୀ ମାନଙ୍କର ଷଡଯନ୍ତ୍ର ଜାରି ରହିଛି, ସିଏ କଣ ସତରେ ଆଜି ଏଠି ତିଷ୍ଠି ରହି ପାରିବ । ସତରେ କଣ କୃଷ୍ଣ ସବୁଥର ପରି ଏଥର ସେମାନଙ୍କୁ ବଧ କରିପାରିବେ । ବସ୍ତୁବାଦୀ ଯନ୍ତ୍ରଣା ଭିତରେ ମିଳିଥିବା ଟିକିଏ ପରମାନନ୍ଦ ଆଦି ମିଳେଇ ଯିବନିତ ? ଏହିସବୁ ଆଶଙ୍କା ଓ ଅମଙ୍ଗଳ ଭାବନା ଭିତରେ ତୃତୀୟ ପର୍ଯ୍ୟାୟର କବିତା ଶେଷ ହୋଇଛି ।

(୪)

'ତମ ନାଆଁ ସବୁବେଳେ
ସେମାନଙ୍କ ତୁଣ୍ଡରେ ।'

କୃଷ୍ଣଙ୍କର ବୀରତ୍ୱ ଓ ମହିମା ଶ୍ରୀରାଧାଙ୍କ ମୁହଁରେ ଏଠାରେ ବର୍ଣ୍ଣନା କରାଯାଇଛି । କ୍ରମାଗତ ଭାବରେ ଅସୁରମାନଙ୍କ ଉତ୍ପୀଡନ, ଦେବତାଙ୍କ ଦୌରାତ୍ମ୍ୟ, କାଳନ୍ଦୀହ୍ରଦରେ କାଳିଆ ନାଗର ଦଂଶନ ଆଦିରୁ କୃଷ୍ଣ ଗୋପବାସୀ ମାନଙ୍କୁ ଉଦ୍ଧାର

କରିଛନ୍ତି । ସମସ୍ତେ ଏବେ ବିପଦମୁକ୍ତ ସ୍ୱଚ୍ଛନ୍ଦ ଜୀବନ ନିର୍ବାହ କରୁଛନ୍ତି । ଅଥଚ ଶ୍ରୀରାଧା କୃଷ୍ଣମୟ ହେବା ମାତ୍ରେ ତାଙ୍କ ସଂସାର ପଣ ଭାଙ୍ଗି ପଡୁଛି । କୃଷ୍ଣନାମ ଉଚ୍ଚାରଣମାତ୍ରେ ରାଧାଙ୍କ ଜିଭ ଶୁଖି ଯାଉଛି । ଗାଈଗୋରୁ ସଂସାର ପାଳନରେ ଆଗ୍ରହ ମରିଯାଉଛି । ଏମିତି କାହିଁକି ହୁଏ ! ରାଧା, କୃଷ୍ଣଙ୍କର କୃତିତ୍ୱ ଲୋକ ମୁଖରେ ଶୁଣିବାକୁ ଭଲ ଲାଗୁଛି – ଅଥଚ ନିଜେ କୃଷ୍ଣଙ୍କୁ ପ୍ରଶଂସାତ  ଦୂରର କଥା, ଭାବିବା ମାତ୍ରେ ନିଜର ଅସ୍ତିତ୍ୱ ଅଦୃଶ୍ୟ ହୋଇ ଯାଉଛି । କବି ରମାକାନ୍ତ ଏହି ପର୍ଯ୍ୟାୟରେ ରାଧାଙ୍କର ବିବଶତାକୁ ବାଖ୍ୟା କରିଛନ୍ତି ।

(୫)

'ସଭିଏଁ ଶୁଣିଲେ ତମ ବଂଶୀସ୍ୱର, ସଭିଏଁ ଭାବିଲେ
ତମେ ତାଙ୍କୁ ଡାକ ନାଆଁ ଧରି ।'

ମୋହନବଂଶୀର ମାୟାରେ ତମାମ ଗୋପନାରୀ ବେଶ ଭୂଷା ହୋଇ କୃଷ୍ଣ ସାନ୍ନିଧ ପାଇବା ଆଶାରେ ଘରୁ ବାହାରି ଯାଆନ୍ତି । ସେମାନେ ନିଜକୁ ବୋହୂ ବେଶରେ ସଜେଇ ଅଳଙ୍କାର ମଣ୍ଡିତ ହୋଇ କୃଷ୍ଣ କୃଷ୍ଣ ଉଚ୍ଚାରଣ କରି ତାଙ୍କ ଦର୍ଶନ ।ପାଇଁ ବାହାରି ପଡନ୍ତି । ମୋହନବଂଶୀ ବାଜିବା ମାତ୍ରେ ଘର, ସଂସାର, ସ୍ୱାମୀ, ସାମାଜିକତା ସବୁ ମୁହୂର୍ତ୍ତକରେ ତୁଚ୍ଛ ହୋଇଯାଏ । କୃଷ୍ଣଙ୍କ ସବୁଠାରୁ ବେଶୀ ବେଶୀ ଚାହୁଁଥିବା ଶ୍ରୀରାଧା କିନ୍ତୁ ଅନ୍ୟମାନଙ୍କ ପରି ନିଜର ଆବେଗକୁ ଅନ୍ୟମାନଙ୍କ ଆଗରେ ବ୍ୟକ୍ତ କରି ପାରନ୍ତି ନାହିଁ । ପ୍ରେମର ଭାଷା ନୀରବ । ରାଧା ଜାଣନ୍ତି କୃଷ୍ଣଙ୍କର ବେଦନା । ଟିକିଏ ସୁଖ ପାଇଁ କେତେ ସଂଘର୍ଷ କରିବାକୁ ପଡ଼େ କୃଷ୍ଣଙ୍କୁ । ରାଧାଙ୍କ ମତରେ ସମସ୍ତେ ଶୋଇଗଲା ପରେ ସେ ଯାଇ କୃଷ୍ଣଙ୍କ ଦୁଃଖ ହରଣ କରନ୍ତେ । ନିଜକୁ ନିଃଶେଷ ହେବା ପର୍ଯ୍ୟନ୍ତ ସମର୍ପି ଦିଅନ୍ତି । କୃଷ୍ଣଙ୍କ ପରିପୂର୍ଣ୍ଣ ଶୂନ୍ୟତାରେ ହଜି ଯାଆନ୍ତେ । ସତରେ ଏମିତି ହୋଇ ପାରେନା, ରାତି ପାହି ସକାଳ ହୁଏ । ରାଧା ଓ କୃଷ୍ଣଙ୍କ ଭିତରର ଶୂନ୍ୟସ୍ଥାନ ଆହୁରି ବଢ଼ିଯାଏ ।

(୬)

'ତମେ ମତେ ଯେଉଁ ଥର ପ୍ରଥମେ ଛୁଇଁଲ
ମୋ ଭିତରେ ରହିଥିବା ସବୁ ଶୂନ୍ୟସ୍ଥାନ
ହଠାତ୍ ମୁଖର ହେଲା ।'

ଅନନ୍ତ ପ୍ରତୀକ୍ଷା ପରେ କୃଷ୍ଣଙ୍କ ପ୍ରଥମ ସ୍ପର୍ଶରେ କିପରି ପୁଲକିତ ହୋଇ ଉଠିଛନ୍ତି ଶ୍ରୀରାଧା, ଏଠାରେ ସେ ସବୁ ବର୍ଣ୍ଣନା କରାଯାଇଛି । ଯେଉଁ ସୁଖ ପାଇଁ ଏତେକାଳ ଅନନ୍ତ ପ୍ରତୀକ୍ଷା ତାହା ମିଳିଯିବା ପରେ ଶ୍ରୀରାଧାଙ୍କ ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଆସିଛି । ସମଗ୍ର ପୃଥିବୀ ରାଧାଙ୍କ ଆଡ଼କୁ ଲଂବି ଆସୁଛି। ବୋଲି ତାଙ୍କର ମନେହେଲା । ଉଲ୍ଲସିତ ରାଧା, କୃଷ୍ଣଙ୍କର ଏହି ସ୍ପର୍ଶକୁ ସବୁଦିନ ମନେ ରଖିବା ସହ ନିଜର ଲୋଭିବାଦ ପଣରେ କୃଷ୍ଣଙ୍କୁ ଚମକୃତ କରିଦେବେ ବୋଲି ମନସ୍ଥ କରିଛନ୍ତି ।

(୭)

'ତମକୁ ପ୍ରଥମ ଥର ଛୁଇଁବାକୁ ଗଲାବେଳେ ମୋର
ହାତ ହଠାତ୍ ରହିଗଲା, ଚାରିଆଡ଼ ଅନ୍ଧାର ଦିଶିଲା ।

କୃଷ୍ଣଙ୍କ ପାଖରୁ ପ୍ରଥମ ଛୁଆଁ ପାଇବା ପରେ ଏବେ ରାଧା ତାର ପ୍ରତିଦାନ ଦେବା ପାଇଁ କୃଷ୍ଣଙ୍କ ନିକଟବର୍ତ୍ତି ହୋଇଛନ୍ତି । ଅଥଚ ଛୁଇଁବି ଛୁଇଁବି ହୋଇ ହୋଇ ତାଙ୍କ ହାତ ଅଟକି ଯାଉଚି । ଏତେ ଦିନର ପ୍ରତୀକ୍ଷା, ଅବସୋସ ଟିକିଏ

ଛୁଆଁରେ ନଷ୍ଟ ହୋଇଯିବନି ତ ? ଏପରି ଏକ ସନ୍ଧିକ୍ଷଣରେ ପଡିଛନ୍ତି ଶ୍ରୀରାଧା । ଥରେ ଛୁଇଁଦେଲା ପରେ ଆଉ କଣ ବଂଶୀଧରି ତାଙ୍କ ପଛରେ ଗୋଡ଼ାଇବେ କୃଷ୍ଣ ? ଓଦାଲୁଗା ପିନ୍ଧା ତାଙ୍କ ଦେହକୁ ଦେଖିବେ ? ସବୁଠାରୁ ଭଲ ହେଉଛି ପରସ୍ପର ଦୂରତ୍ୱରେ ରହିବା ଓ ଛୁଅଁ ଛୁଅଁ କହି ଛୁଇଁବା ବେଳକୁ ପ୍ରାଣବାୟୁ ଉଡ଼ିଯାଇଥିବ । ଶ୍ରୀରାଧାଙ୍କ ବ୍ୟକ୍ତି ଚରିତ୍ରର ପ୍ରତିବଦ୍ଧତାକୁ କବି ଏଠାରେ ପ୍ରକାଶ କରିଛନ୍ତି । ନିଜ ଦେହ ଓ ଅନାଦୃତ ସୌନ୍ଦର୍ଯ୍ୟର ଗୁରୁତ୍ୱ ସହ ପାପବୋଧ ଓ ପବିତ୍ରତା ବୋଧର ଦ୍ୱନ୍ଦ ଏହି ପର୍ଯ୍ୟାୟରେ ପ୍ରକାଶ ପାଇଛି ।

(୮)

'ଆକାଶରେ ମେଘନାହିଁ, ଶୀତଳ ପବନ
ଶୀର୍‌ଶୀର୍ ଚାଲିଯାଏ ପତ୍ର ଗହଳରେ ।'

କୃଷ୍ଣ ଏକ ଶୀତଳ ଅନୁଭବ । କିଛିକ୍ଷଣ ଗୋପବାଳାଙ୍କ ସାନିଧ୍ୟରେ ରହିବା ପରେ ସେ ପୁଣି ଅଦୃଶ୍ୟ ହୋଇ ଯାଆନ୍ତି । ଯେତେବେଳେ ସମସ୍ତ ଗୋପବାଳା କୃଷ୍ଣବିରହରେ ଯନ୍ତ୍ରଣା ପାଆନ୍ତି ଠିକ୍ ସେତିକି ବେଳେ ରାଧା ବେଶୀ ବେଶୀ କୃଷ୍ଣ ମନସ୍କ ହୋଇ ଯାଆନ୍ତି । କୃଷ୍ଣଙ୍କ ଅବର୍ତ୍ତମାନରେ ଆକାଶ, ମାଟି, ଜହ୍ନରାତି, ପବନ ସବୁଠି କୃଷ୍ଣମୟତା ବିଛାଡ଼ି ହୋଇ ପଡିଛି । କୃଷ୍ଣଙ୍କ ସାନିଧ୍ୟ ମନେପକାଇ ଗୋପୀମାନେ ମୂର୍ଚ୍ଛା ଯାଉଛନ୍ତି । ସମସ୍ତଙ୍କ ବିରହ ଅଲକ୍ଷ୍ୟରେ ରାଧା ଲୁଚି ଲୁଚି କୃଷ୍ଣଙ୍କୁ ଅନୁଭବ କରୁଛନ୍ତି ।

(୯)

'ଥରେ ମାତ୍ର ଦିଶିଥିଲ ସ୍ୱପ୍ନରେ, ତାପରେ
ମୁଁ ପାଦ କାଢ଼ିଲି ଏହି ଆଦିଅନ୍ତ ନଥିବା ବାଟକୁ !

ରାଧାଙ୍କ ମନ ଭିତରେ କୃଷ୍ଣଙ୍କ ପ୍ରତିଥିବା ଅନୁରକ୍ତି ଗୁଡିକର କାବ୍ୟିକ ପରିପ୍ରକାଶ ନବମ ପର୍ଯ୍ୟାୟ କବିତା ମାନଙ୍କରେ ଘଟିଛି । ସ୍ୱପ୍ନମିଳନ ସରିବା ପରେ ରାଧା ସତକୁ ସତ କୃଷ୍ଣପ୍ରିୟ ହେବା ପାଇଁ ମନ ବଳାଇଛନ୍ତି । ସେହି ରାସ୍ତାରେ ସେ ଏବେ ଜଣେ ଅଜଣା ବାଟୋଇ । ସବୁ ମାୟା ତୁଟେଇ ସେହି ବାଟରେ ଗଲାବେଳେ ପୁରୁଣା ସ୍ମୃତିସବୁ ସତେଜ ହୋଇଉଠୁଛି । ମୋହ ତୁଟେଇ ଯିବା ଲୋକର ଦ୍ୱନ୍ଦ ଏହି ପର୍ଯ୍ୟାୟରେ ପ୍ରକାଶ ପାଇଛି ।

(୧୦)

'ଅସ୍ଥିରୁ ଉତାରି ଦେଲି
ଜରୀଦେହ ସୂତା ଦେହ ରେଶମର ଦେହ ।'

ନିଜ ଶରୀର ଓ ଆତ୍ମାକୁ ସଂପୂର୍ଣ୍ଣ ଭାବରେ କୃଷ୍ଣଙ୍କୁ ସମର୍ପଣ କରି ମହାଆନନ୍ଦରେ ପ୍ରମତ୍ତ ହେବାର ମାହେନ୍ଦ୍ର ଅନୁଭବ ଏଥିରେ ପ୍ରକାଶ ପାଇଛି । ରାଧା ଅନୁଭବ କରୁଛନ୍ତି ଆଜିର ରାତିର ସକାଳ ନଆସୁ । ଆହୁରି ଲଂବା ହେଇଯାଉ ମିଳନ ବେଳା । ଦକ୍ଷିଣା ପବନ ପରି କୃଷ୍ଣ ତାଙ୍କ ଦେହରେ ପହଁରି ଯାଉଛନ୍ତି । କୃଷ୍ଣମୟ ହୋଇ ଯିବାପରେ ରାଧାଙ୍କର ଏହି ଅନୁଭବଟି ଅତିସୂକ୍ଷ୍ମ । ଏହା ଲୌକିକ ଦେହ ମିଳନର ଦୃଶ୍ୟ ନୁହେଁ ବରଂ ପ୍ରିୟ ପୁରୁଷକୁ ଅନୁଭବ କରି ତାର ସତ୍ତା ସହ ଏକୀଭୂତ ହେବାର ଅଭୁଲା ମୁହୂର୍ତ୍ତଟିଏ ।

(୧୧)

'ଏବେ ଖୁବ୍ ରାତି, ଏବେ ମୁଁ ପୁଣି ତରଳି

ଯାଏ, ପୁଣି ଭୁଲିଯାଏ ମୋ କୂଳ ମହତ ।'

ଗୋଟିଏ ମହାଭାବ ସହ ସଂଯୋଜିତ ହେବା ପରେ ଲୌକିକ ଜୀବନ ରାଧାକୁ ତୁଚ୍ଛ ମନେ ହୋଇଛି । ରାତି ହେବାମାତ୍ରେ ଦିବସ ଗୋଟାକର ବିରକ୍ତିକୁ ପଛରେ ଫୋପାଡ଼ି ରାଧା ଯୋଡ଼ି ହୋଇ ଯାଉଛି ସେହି ଅନନ୍ତ ଆନନ୍ଦ ସହିତ । କୂଳ, ପରଂପରା, ସ୍ୱାମୀ, ସଂସାର ସବୁ ଭାସି ଯାଉଛନ୍ତି । ରାଧା ନିଜେ ଭାସି ଯାଉଛି ରାତିର ଅଂଧାର ସୁଅରେ । ରାଧା ଏହି ପର୍ଯ୍ୟାୟରେ ସଂପୂର୍ଣ୍ଣ କୃଷ୍ଣମୟ ହୋଇ ଯାଇଥିବା ଲକ୍ଷ୍ୟ କରାଯାଇ ପାରିବ ।

(୧୨)

'ଖାଲି ଆମେ ଦୁହେଁଥିଲୁ ଗୋଟିଏ ନାହାରେ ।'

ଶ୍ରୀରାଧାଙ୍କର ଅନ୍ତରତମ ଅଭିବ୍ୟକ୍ତି ଏହି ପର୍ଯ୍ୟାୟରେ ପ୍ରକାଶ ପାଇଛି । କୃଷ୍ଣଙ୍କ ସହ ସ୍ୱପ୍ନମିଳନ ପରେ ରାଧା ତାଙ୍କ ସହ ନୌକା ବିହାରରେ ବାହାରି ଯାଇଛନ୍ତି । ଆକାଶ ଯେଉଠି ଶେଷ ହେବାପରି ଲାଗେ, ଦୁହେଁ ସେହି ବିଂଦୁରେ ପହଂଚିଛନ୍ତି । ଅପୂର୍ବାସ ଉପଲବ୍ଧି, ସୂର୍ଯ୍ୟ, ଚନ୍ଦ୍ର, ତାରାଙ୍କ ଚାନ୍ଦୁଆ ତଳେ ନାଆରେ ସେହି ଦୁଇଜଣଙ୍କ ଯୁଗଳ ମୂର୍ତ୍ତି । ଏହି ଅପୂର୍ବ ଯାତ୍ରାର ଉପଲବ୍ଧି କେବଳ କୃଷ୍ଣ । ପାଣି, ପବନ, ସମୁଦ୍ର, ସମୟର ଶେଷାନ୍ତରରେ ଗୋଟିଏ ଦୃଶ୍ୟ ବିରାଜମାନ– ତାହା ହେଉଛି କୃଷ୍ଣ । ଏପରି ଏକ ଅନୁଭବରୁ ମନ ଫେଡ଼ି ରାଧା କୂଳକୁ ଫେରିବାକୁ ଚାହାଁନ୍ତି ନାହିଁ । ପୁନଶ୍ଚ ମାୟା ସଂସାରରେ ଯୋଡ଼ି ହେବାକୁ ଇଚ୍ଛା କରନ୍ତି ନାହିଁ ।

(୧୩)

'ସଖୀ ଜଣେ ପଚାରିଲା

ତମକୁ କାହିଁକି ଏତେ ଭଲ ପାଏ ବୋଲି ।'

ରାଧାଙ୍କର କୃଷ୍ଣପ୍ରୀତି କ୍ରମଶଃ ସଖୀମାନଙ୍କ ପାଖରେ ପହଁଚି ଯାଇଛି । ନାରୀ ତାର ଇପ୍‌ସିତ ପ୍ରେମକୁ ସୁରକ୍ଷିତ କରିବା ପାଇଁ ବାଣ୍ଟେ । ସଖୀମାନଙ୍କ ଆଗରେ ପ୍ରିୟତମର ଗୁଣ ବର୍ଣ୍ଣନା କରି ସୁଖ ପାଏ । ସଖୀମାନଙ୍କ ପ୍ରଶ୍ନର ଉତ୍ତର କିନ୍ତୁ ତା' ପାଖରେ ନ ଥାଏ । ସତରେ ପ୍ରିୟତମକୁ ସମର୍ପି ଦେଇଥିବା ପ୍ରେମକୁ କଣ ମାପିହୁଏ ? ବୁଝିହୁଏ ସିନା କଣ ବୁଝେଇ ହୁଏ ।

(୧୪)

'ସେ ଦିନ ସନ୍ଧ୍ୟା ମୁଁ କେବେ ଭୁଲି ପାରିବକି ?

ତମମେ ପହଞ୍ଚିବା ମାତ୍ରେ ଜହ୍ନ ଉଇଁଥିଲା ।'

ରାଧା ଗୋଟିଏ ରମଣୀୟ ସଂଜର ଅନୁଭୂତି ଏଠାରେ ବାଖ୍ୟା କରୁଛନ୍ତି । କାମନାର କାରୁକାର୍ଯ୍ୟରେ ତାତି ଯାଇଥିବା ରାଧାଙ୍କ ଦେହ ଜହ୍ନ ଆଲୁଅରେ ବତୁରି ଥରି ଉଠୁଥିଲା । ଏ ଅନୁଭବ ଏତେ ପ୍ରଖର ଯେ ଅତିପ୍ରିୟ ଆତ୍ମୀୟଟି ମରିଗଲେ ମଧ୍ୟ ମନକଷ୍ଟ ହେଲାନାହିଁ । ରାଧା ନିଜର ଶରୀର, ଯନ୍ତ୍ରଣା, ଉପଲବ୍ଧି କୃଷ୍ଣଙ୍କୁ ସମର୍ପି ଦେଇ ପର୍ବତ ଶିଖରରୁ ଜହ୍ନ କିରଣର ଝର୍ଣ୍ଣା ପରି ବହି ଯାଇଛନ୍ତି ।

(୧୫)

'ଚୁମା ଦେଇଦିଅ କିନ୍ତୁ ଭାବ ଯଦି ଆମେ
ବହୁତ ଆଗରୁ ଭେଟିଥାନ୍ତୁ ପରସ୍ପରେ ।'

ଚନ୍ଦ୍ରଯାମିନୀରେ କୃଷ୍ଣଙ୍କ ସହ ଏକୀଭୂତ ହୋଇ ଯାଇଥିବା ଶ୍ରୀରାଧା ଅଜଣା ଆତଙ୍କରେ ଶିହିରି ଉଠୁଛନ୍ତି । ଚୁମାଟିଏ ଦେବା ପାଇଁ କୃଷ୍ଣଙ୍କ ନିମନ୍ତ୍ରଣ ପ୍ରଲୁବ୍ଧ କରିବା ବଦଳରେ ଶଂକାଗ୍ରସ୍ତ କରି ପକଉଛି । ଏପରି କାର୍ଯ୍ୟ ବହୁତ ପୂର୍ବରୁ କରାଯାଇ ପାରିଥାଆନ୍ତା । ସରିଆସୁଥିବା ଆୟୁଷ ଓ ମିଳନର ସଂଭାବନାହୀନ ସମୟ ପାଖରେ ଗୁହାରି କରିବା ଛଡ଼ା ଏବେ ଆଉ ଅଧିକ କଣ ଅଛି । ରାଧା ଭାବୁଛନ୍ତି ତୁମେ ସିନା ଚୁମା ଦେଇ ନିରାକାର, ନିର୍ଲିପ୍ତ ହୋଇଯିବ, ତେବେ ତାପରେ ମୋ ଅବସ୍ଥା କଣ ହେବ ? ତମ ମଧୁର ସ୍ମୃତିକୁ ସାଇତି ତମ ଅବର୍ତ୍ତମାନ ତାରେ କେମିତି ବଂଚିବି ମୁଁ ? ଏପରି ଅନେକ ପ୍ରଶ୍ନ ସମୀକ୍ଷାରେ ସମୃଦ୍ଧ ଏହି ପର୍ଯ୍ୟାୟର କବିତା ।

(୧୬)

'ଜାଣେ ଜାଣେ ତମେ ଦିନେ ଚାଲିଯିବ ଆଉ ଫେରିବନି ।'

ତମ ଆତ୍ମହତ୍ୟା ସଦୃଶ ଚୁମାରେ ମୁଁ ବଂଚିବି କେମିତି ? ମୁଁ ଜାଣିଚି ତମେ ଏତେ ଦୂର ଚାଲିଯିବ ଯେ, ସେଠୁ ତମେ ଆଉ ଫେରିବ ନାହିଁ । ତମେ ମୟ ହୋଇ ବଂଚିବା କେତେ କଷ୍ଟ । ଶ୍ରୀରାଧାଙ୍କର କୃଷ୍ଣ ଅବର୍ତ୍ତମାନୀୟ ଅନୁଚିନ୍ତା ।ଏଠାରେ ପ୍ରାଧାନ୍ୟ ବିସ୍ତାର କରିଛି ।

(୧୭)

'ସବୁ କିଛି ଯଦି ତମ କଳ୍ପନା ପ୍ରସୂତ
ହେ ମହାମହିମ ତେବେ ମୋ କୋଳକୁ କାହିଁକି ଆସୁଛ ?

କୃଷ୍ଣ କଣ କେବେ ଛାଡ଼ି ଯାଆନ୍ତି ତାଙ୍କ ପ୍ରିୟ ମଣିଷକୁ ? ତମକୁ ଭୁଲି ବସିବା ବେଳକୁ ତମେ ବାରଂବାର ପଶି ଆସୁଛ ମୋ ମନ ଭିତରକୁ । କୃଷ୍ଣଭାବର ମାହାତ୍ମ୍ୟ ଏଠାରେ ବର୍ଣ୍ଣିତା ଯିଏ ଥରେ କୃଷ୍ଣ ପ୍ରାଣଗତାହୁଏ ସିଏ ସର୍ବଦା କୃଷ୍ଣକୁ ହିଁ ଅନୁଭବ କରେ । ଜଗତ କୃଷ୍ଣମୟ ହୋଇଯାଏ । ରାଧାଙ୍କର କୃଷ୍ଣଙ୍କ ପ୍ରତି ଥିବା ଗଭୀର ଅନୁରାଗ ଓ ତର୍ଜମା ଏହି ପର୍ଯ୍ୟାୟରେ ଲକ୍ଷ୍ୟ କରାଯିବ ।

(୧୮)

'ଯଦି ଏଇ ନଈକୂଳ ମିଛ ସବୁ ଫୁଲ ମିଛ ଆମେ
ଲୁଚି ଲୁଚି ଆସୁଥିବା କୁଞ୍ଜବନ ଯଦି ମିଛ ହୁଏ ।

କୃଷ୍ଣଙ୍କ ସହ ସ୍ୱପ୍ନ ମିଳନ ପରେ ରାଧା ତାଙ୍କ ପ୍ରେମକୁ ଏକ ସ୍ୱତନ୍ତ୍ର ସମ୍ମାନ ଦେବାକୁ ଚାହାଁନ୍ତି । ତାଙ୍କର ମନେ ହୋଇଛି ଏ ପୃଥିବୀରେ ସବୁ ଦେଖାଯାଉଥିବା ବସ୍ତୁ ମିଛ। ତେବେ ତାଙ୍କ ପ୍ରେମ କଣ ମିଛ । ଯଦି ତାଙ୍କୁ କୃଷ୍ଣ ଓ ଅବଶିଷ୍ଟ ପୃଥିବୀରୁ କେଉଁଟିକି ବାଛିବାକୁ କୁହାଯାଏ ତେବେ ସେ କୃଷ୍ଣଙ୍କୁ ହିଁ ବାଛିବେ । ଜୀବନର ଆତଙ୍କିତ ମୁହୂର୍ତ୍ତମାନଙ୍କରେ ତାଙ୍କୁ କେବଳ କୃଷ୍ଣ ହିଁ ଉଦ୍ଧାର କରିଛନ୍ତି । ଦୁନିଆ ଗୋଟାର ମିଛ ସଂପର୍କ ଭିତରୁ କୃଷ୍ଣ ସମ୍ବନ୍ଧ ମିଛ ନୁହେଁ ବୋଲି ରାଧାଙ୍କର ପ୍ରତ୍ୟୟ ହୋଇଛି ।

(୧୯)

'ନିଅ ନିଅ ମୋ ପରମାୟୁର

ଅବଶିଷ୍ଟ ମୁହୂର୍ତ୍ତରୁ ଅଧେ ନେଇଯାଅ ।'

ଚେନାଏ କୃଷ୍ଣ ପ୍ରାପ୍ତି ପାଇଁ ରାଧା ନିଜକୁ ଉତ୍ସର୍ଗ କରି ଦେବାକୁ ଚାହାଁନ୍ତି । ନିଜ ଜୀବନକୁ କୃଷ୍ଣମୟ କରିବା ପାଇଁ ସର୍ବସ୍ୱ ତ୍ୟାଗ କରିବାକୁ ପ୍ରସ୍ତୁତ ହୋଇପଡନ୍ତି । କଳାଘନ ହୋଇ ମାଟିକୁ ଲଂବି ଆସନ୍ତୁ କୃଷ୍ଣ । ସେହି କଳାଘୁମର ମେଘରେ ଅଧା ଅଧା ଓଦା ହୋଇ ଯାଆନ୍ତୁ ରାଧା । ମୃତ୍ୟୁ ପର୍ଯ୍ୟନ୍ତ ଏହିପରି ଗୋଟାଏ ପ୍ରଲଂବିତ ଆନନ୍ଦ ସହ ବଂଚିବାକୁ ଚାହାଁନ୍ତି ରାଧା ।

(୨୦)

'ଏ ଦେହ ଭିତର ଖୁବ୍ ନୀରବ ଯେହେତୁ

ଏ ଦେହ ଭିତରେ ଖୁବ୍ କୋଳାହଳ ଅଛି ।'

ଏ ଦେହ ଭିତରେ ତମ ପାଇଁ ଗୋଟିଏ ନିରାପଦ ଜାଗାଅଛି । ଏ ଦେହର ଭୋକ, ଚିତ୍କାର, ବିକ୍ଷୁବ୍ଧତା ତମ ସ୍ପର୍ଶରେ ବାଟ ହୁଡ଼ି ଆଲୋକିତ ହୋଇଯାଏ, ବାହାରକୁ ଶାନ୍ତଦିଶୁଥିବା ସମୁଦ୍ରର ଗଭୀରତା କଣ ମାପିହୁଏ ? ନାରୀର ଦେହ ଗୋଟିଏ ବିକ୍ଷୁବ୍ଧ ସମୁଦ୍ର । ତମ ସ୍ପର୍ଶରେ ସମୁଦ୍ର ଛାତିରେ ଜହ୍ନ ଉଇଁବ । ରାଧା ଏପରି କୃଷ୍ଣଙ୍କୁ ଆହ୍ୱାନ କରିଛନ୍ତି ।

(୨୧)

'ମୋ ସମଗ୍ର ଅତୀତଠୁ ଦୀର୍ଘତର ସାରା

ରାତି ବିତିଗଲା ତମ ବାଟ ଚାହିଁ ଚାହିଁ ।'

କୃଷ୍ଣଙ୍କୁ ଅନୁଭବ କରିବା ଯେତିକି ସହଜ ପାଇବା ସେତିକି କଷ୍ଟ । ପ୍ରତୀକ୍ଷାର ରାତି ଏତେ ଲଂବା ଯେ ସେଠି ମିଳନର ଲଗ୍ନ ଗୁଡିକ ମଳିନ ଦିଶେ । ରାଧା କହୁଛନ୍ତି ଦିନେନା ଦିନେ ମୁଁ ଦରବୁଢ଼ୀ ହୋଇଯିବି । ତମକୁ ପାଇବାର ବ୍ୟାକୁଳତା ମନରୁ ମରିଯିବ । ତଥାପି ତମକୁ ଅପେକ୍ଷା କରିବାର ଶେଷ ନ ଥିବ । ରାଧାଙ୍କର କୃଷ୍ଣ ବିରହ ଏଠାରେ ପ୍ରକାଶ ପାଇଛି ।

(୨୨)

'କାଲି ରାତିସାରା ଶୋଇ ନ ଥିବାରୁ ବୋଧେ

ସକାଳେ ଆକାଶା ଏତେ ଲାଲ ଦିଶୁଅଛି ।'

ରାତିସାରା ରାଧା ଅନିଦ୍ରା ରହି କୃଷ୍ଣ ବିରହରେ ଥିଲେ । ଅଥଚ ସେହି ଅପ୍ରାପ୍ତିର ରାତି ପାହି ଆକାଶ ଲାଲ । ଯେମିତି ରାଧାଙ୍କ ମନକଷ୍ଟ ଲାଘବ ପାଇଁ କୃଷ୍ଣ ଏକ ନୀଳବର୍ଣ୍ଣ ଉଲ୍ଲାସର ରାତି ପ୍ରସ୍ତୁତ କରୁଛନ୍ତି । ଅପ୍ରାପ୍ତି ଓ ଅନିଶ୍ଚିତ ଚିନ୍ତା ଜଡିତ ରାଧା କୃଷ୍ଣଙ୍କ ସହ ସାକ୍ଷାତ୍ ହେବା ପାଇଁ ତାଙ୍କ ମନର ନକ୍ସା ପ୍ରକାଶ କରିଛନ୍ତି ।

(୨୩)

'ଶୋଇ ରହ ଆଉ କିଛି ବେଳ ଶୋଇ ରହ

ଅବିଳମ୍ବେ ଛାୟାଟିଏ ହେବ ଯେଉଁ ବାହୂ ସେ ବାହୂରେ ।'

ଛାୟା ବନ୍ଧନ ଭିତରେ ଶ୍ରୀରାଧା ବାନ୍ଧି ରଖିବାକୁ ଚାହାଁନ୍ତି କୃଷ୍ଣଙ୍କୁ । ପାଠକ ଏଠାରେ ଅନୁଭବ କରିବ ଯେମିତି କୃଷ୍ଣ ରାଧାଙ୍କ କଥା ମନେ ପକାଇ ରାତିରେ ତାଙ୍କ ପୁରରେ ପ୍ରବେଶ କରିଛନ୍ତି । ରାଧା ମନଭରି ତାଙ୍କ ପ୍ରିୟ ପୁରୁଷକୁ ପ୍ରସନ୍ନ କରୁଛନ୍ତି । ସତରେ ସେମିତି କିଛି ହେଉନାହିଁ । ଏହା ରାଧାଙ୍କ ଏକ ସ୍ୱପ୍ନ ମିଳନ । ସବୁକଥା ଏକ ଅତିନ୍ଦ୍ରିୟ ଜଗତରେ ସାଧିତ ହେଉଛି । ମାଟି ଓ ଆକାଶ ମଧ୍ୟରେ ସ୍ୱପ୍ନର ଶିଢ଼ି ଚଢ଼ି ଉଭୟଙ୍କ ମିଳନ ସମ୍ଭବ ହେଉଛି । ଏସବୁ ଗୋଟିଏ ରାତିର ଘଟଣା । ଜୀବନ ସାରା ସଂଚିଥିବା ପୁଣ୍ୟ ଓ ବଂଚିଥିବା ଅବଶିଷ୍ଟ ଆୟୁଷ ମାଧ୍ୟମରେ ରାଧା ଏସବୁକୁ ସଂଚିବାକୁ ଚାହାଁନ୍ତି ।

(୨୪)

'ଜାଣେ ଜାଣେ ଆଜି ରାତି ପାହିବା ମାତ୍ରକେ
ମହା ଘୋର ଅପବାଦ ଅଛି ମୋ ଭାଗ୍ୟରେ ।'

ଗୋଟିଏ ରାତି ଭିତରେ ପ୍ରେମ, ପ୍ରାର୍ଥନା, ମିଳନ, ବିରହ, ପୁର୍ନମିଳନକୁ ସାମ୍ନା କରନ୍ତି ଶ୍ରୀରାଧା । ଗୋଟିଏ ରାତିର ଛାତିଚିରି ରକ୍ତାକ୍ତ ସକାଳ ସାମ୍ନାକୁ ଆସେ । ଅଥଚ ଏହି ତୃପ୍ତ ନିଃସଙ୍ଗ ରାତି ପାହିବା ମାତ୍ରେ ଲୌକିକ ସଂସାରକୁ ନାନାମତେ ସାମ୍ନା କରିବାକୁ ପଡ଼ିବ । ଆଜି ପର୍ଯ୍ୟନ୍ତ ସକଳ ଉନ୍ମାଦନା, ଅତୃପ୍ତିକୁ ଛାତିତଳେ ଚାପିଥିବା ସତ୍ତ୍ୱେ ରାଧା କେବେ ବାଟହୁଡ଼ି ନ ଥିଲା । ଅଥଚ ଏଇ ଗୋଟିଏ ରାତି ତା' ଜୀବନର ଅର୍ଥ ବଦଳେଇ ଦେଲା । ତଥା କଥିତ ପାପ, ପୁଣ୍ୟ, ଜରା, ମୃତ୍ୟୁର ପ୍ରତିବଦଳରେ ସେ ଅର୍ଜିଥିବା ଶାଶ୍ୱତ ସୁଖ କେତେ ଶ୍ରେୟସ୍କର । ରାତି ପାହିବା ମାତ୍ରେ ସକଳ ଅପବାଦ ସହିବାକୁ ରାଧା ପ୍ରସ୍ତୁତ, କିନ୍ତୁ ପ୍ରସ୍ତୁତ ନୁହେଁ ଫୋପାଡିବାକୁ ରାତିର ଅମୃତ ।

(୨୫)

'କାଲି ମୋର ସ୍ୱାମୀ ମୋର ବାଳ ଝିଙ୍କିଲେ ଓ
ମୁଣ୍ଡକୁ କାନ୍ଥରେ ବାରମ୍ବାର କଚାଡିଲେ ।'

ଯାହା ରାଧାଙ୍କର ଆକଳନ ଥିଲା, ସେ ସବୁ ସତ ହେଲା । ସ୍ୱାମୀ ରାଧାର ଶରୀରରେ ସତୀତ୍ୱର ପ୍ରମାଣ ଦିନବେଳା ଖୋଜିଲେ । ଦେହରେ ଅଙ୍ଗ ପ୍ରତ୍ୟଙ୍ଗର ସତୀତ୍ୱ ପରୀକ୍ଷା କଲେ । ସନ୍ଦେହୀ ସ୍ୱାମୀର ଦଂଶନରେ ରାଧାଲହୁ ଲୁହାଣ ହେଲା । ଏପରି ଯନ୍ତ୍ରଣା ସତ୍ତ୍ୱେ ଚନ୍ଦନ ଲେପନ ପରି ଲାଗିଲା ପୂର୍ବ ରାତିର ଆନନ୍ଦ । କବି ରମାକାନ୍ତ ଏହି କବିତାରେ ଅପାର୍ଥିକ ଆନନ୍ଦ ସହି ପାର୍ଥିବ ଯନ୍ତ୍ରଣାର ତୁଳନାତ୍ମକ କାବ୍ୟକଥା ପ୍ରସ୍ତୁତ କରିଛନ୍ତି ।

(୨୬)

'କେତେଦିନ ଯାଏଁ ପକ୍ଷୀ ପ୍ରାୟ ଉଡ଼ି
ବସୁଥିଲି ଡାଳୁଁ ଡାଳ ।'

ସ୍ୱାମୀର ଶାରୀରିକ ଯନ୍ତ୍ରଣାପରେ ନିଜର ଗାର୍ହସ୍ଥ ଜୀବନ ନେଇ ରାଧାଙ୍କର ଅନୁଶୋଚନା ଏହି କବିତାରେ ପ୍ରକାଶ ପାଇଛି । ସ୍ୱାମୀ, ସଂସାରର ଘର ବାନ୍ଧିଥିବା ରାଧା ଆଜି କଳଙ୍କିନୀ ବୋଲି ସମାଜରେ ପରିଚିତ । ଏତେ ଟିକିଏ ସୁଖ ପାଇଁ ଯଦି ଏତେ ଦଣ୍ଡମିଳେ ତେବେ ସେ ରସିକାମାନଙ୍କର ଶିରୋମଣି ରାଧିକା ହେବାରେ ଅସୁବିଧା କେଉଁଠି ? ରାଧାଙ୍କୁ କେହି ନବୁଝି ପାରିବାର ସାର୍ଥକତାରେ ସେ ସାର୍ଥକ ହେବେ । ସମାଜ ତାଙ୍କୁ କୂଳଟା କହୁ ପଛେ ସେ ଏକ କୂଳରେ ଲାଗିଗଲେ ବୋଲି ତାଙ୍କର ବିଶ୍ୱାସ ସୃଷ୍ଟି ହୋଇଛି ।

(୨୭)

'ହେ ଅସ୍ଥିର ମହୁମାଛି, କେତେ ଇଚ୍ଛାହୁଏ

ତମ ଡେଣା ଭାଙ୍ଗିଦେବି, ତମେ ଆଉ ଚାଲିଯିବ ନାହିଁ ।'

ଜଣେ ଚିରାଚରିତ ପ୍ରେମିକା ପରି ରାଧାଙ୍କ ମନର ଭାବନା ଏଠାରେ ପ୍ରକାଶ ପାଇଛି । ସ୍ୱାମୀ, ସଂସାରରେ ରାଧା ନିନ୍ଦା ପାଇବା ପରେ ନିଜ ପ୍ରେମକୁ ଖୋଲି ପ୍ରକାଶ କରିଛନ୍ତି । ଏମିତିକି ତାଙ୍କ ପ୍ରେମିକ କେବଳ ତାଙ୍କର । ଅନ୍ୟ ସବୁ ବିପ୍ରଲବ୍ଧାମାନଙ୍କୁ ବିଷଦେଇ ମାରିଦେବାକୁ ସେ ମନ କରନ୍ତି । ଏମିତିକି ମହୁମାଛି ପରି ଫୁଲରୁ ଫୁଲ ଉଡିବୁଲୁଥିବା କଳା କାହ୍ନୁର ଡେଣା ଭାଙ୍ଗିଦେବା କଥା କହନ୍ତି । ଏଠାରେ ଜଣେ ଇର୍ଷାତୁରା ପ୍ରେମିକା ଭାବରେ ରାଧା ନିଜର ମନ ବେଦନାକୁ ପ୍ରକାଶ କରିଛନ୍ତି ।

(୨୮)

'ଦୂରେ ରହ ଦୂରେ ରହି ଶିଖଣ୍ଡଚୁଳିଆ

ହସ ହସ ସୁନ୍ଦର ପ୍ରେମିକ ।'

ପ୍ରେମିକାର ବଡ଼ ଅସ୍ତ୍ର ହେଉଛି ଇର୍ଷା । ପ୍ରିୟତମକୁ ନ ପାଇବାର ହତାଶା ତାକୁ ଆହୁରି ହିଂସ୍ର କରି ପକାଏ । ରାଧାଙ୍କ ଅବସ୍ଥା ଠିକ୍ ସେୟା । ପାଖରେ କୃଷ୍ଣକୁ ପାଇଲେ ଯେମିତି ତାଙ୍କୁ ଆକ୍ରମଣ କରିବେ । ନିଜର ସମସ୍ତ ଇଚ୍ଛାଗୁଡିକୁ ଦିନ ତମାମ ବୋହି ହତାଶ ହୋଇପଡୁଥିବା ରାଧା କୃଷ୍ଣଙ୍କ ପ୍ରତି ପ୍ରତିକ୍ରିୟାଶୀଳ ହୋଇ ପଡୁଛନ୍ତି । ଏସବୁ ପ୍ରେମ ପ୍ରତୀକ୍ଷାର ପାର୍ଶ୍ୱ ପ୍ରତିକ୍ରିୟା । କବି ରମାକାନ୍ତ ରାଧାଙ୍କର ମନୋଭାବକୁ ଏଠାରେ ସାର୍ଥକ ଚିତ୍ରକଳ୍ପ ମାଧ୍ୟମରେ ରୂପ ଦେଇଛନ୍ତି ।

(୨୯)

'ଯେତେବେଳେ ସେ କହିଲେ ମୋର ସୌନ୍ଦର୍ଯ୍ୟର

ପଟାନ୍ତର ନାହିଁ ପ୍ରାଣ ଥିଲା। ଯାଏଁ

ସେ ଭଲ ପାଇବେ ନାହିଁ ଆଉ କାହାରିକୁ ।'

ରାଧାଙ୍କ ପ୍ରତୀକ୍ଷାର ଅନ୍ତ ଘଟାଇ କୃଷ୍ଣ ପ୍ରବେଶ କରିଛନ୍ତି ଓ ରାଧାଙ୍କୁ ସୌନ୍ଦର୍ଯ୍ୟମୟ ଭାବରେ ପ୍ରଶଂସା କରିଛନ୍ତି । ଅନ୍ୟସବୁ ଚତୁର ପ୍ରେମିକଙ୍କ ପରି କୃଷ୍ଣ ରାଧାଙ୍କ ମନ ରଖିଛନ୍ତି । ଏହି ଗୋଲାପୀ ମିଛକୁ ବିଶ୍ୱାସ କରି ରାଧା ଅସୀମ ଆନନ୍ଦର ସମୁଦ୍ର ଭିତରେ ଆତ୍ମଲୀନ ହୋଇଯାଇଛନ୍ତି । ତାରାମାନେ ଛାତିତଳେ ଝିଲମିଲ୍ କରିବା ଓ କାଦୁଅ ଉପରେ ରକ୍ତପରି ବୋହୁଥିଲା ନଈପରି ରାଧାଙ୍କ ମନର ଅବସ୍ଥା । ଏତେ ଟିକିଏ କଥାରେ ରାଧାଙ୍କ ପରମାୟୁ ତୋଫା ଚନ୍ଦ୍ର କିରଣରେ ଦିଗ୍‌ବଳୟ ଡେଇଁ ଲଂବି ଯାଉଁଥିଲା । ପ୍ରେମିକର ଚେନାଏ ପ୍ରତିଶ୍ରୁତିରେ ରାଧା ଆମରତ୍ୱରେ ତମାଦି ହୋଇଯିବା ଯିବାର ଚିତ୍ର କବି ଉପସ୍ଥାପନ କରିଛନ୍ତି ।

(୩୦)

'ସେ ରାତି ମୋ ମନେଅଛି ଯେତେବେଳେ ତମେ

ଚୁପ୍ ଚାପ୍ ଏକୁଟିଆ ଠିଆ ହୋଇଥିଲ ।'

ପ୍ରେମ ଜର ଜର ଦୁଇ  ହୃଦୟର ଶିହିରିତ ଆତଙ୍କ ଏଠାରେ ପ୍ରକାଶ ପାଇଛି । ପ୍ରେମ ସେମାନଙ୍କ ପ୍ରବାହମାନ ଜୀବନକୁ ସ୍ତବ୍ଧ କରି ଦେବନିତ । କୃଷ୍ଣ ବିଷାଦଗ୍ରସ୍ତ, ପରମାୟୁ ସରିଯିବା ପରେ ମରି ନ ଥିବା ଗୋଟାଏ ମଣିଷର ମୁହଁ ପରି

ଦିଶୁଛନ୍ତି କୃଷ୍ଣ । ଚିହ୍ନା ଚିହ୍ନା ନିର୍ଜନତାରେ ପୂର୍ଣ୍ଣ ଏରାତି । ରାଧାଙ୍କ ପ୍ରେମରେ କୃଷ୍ଣ ବଂଧାପଡ଼ି ଯିବେନିତ ? ଏପରି ଏକ ସଂଶୟକୁ କବି ଏଠାରେ ଉପସ୍ଥାପନା କରିଛନ୍ତି ।

(୩୧)

'ମୁଁ ତୁମକୁ ଦିନ ଦିନ ରାତି ରାତି ଚାହିଁ ରହେ କିନ୍ତୁ
ତମେ ଜମା ଦେଖା ଦିଅନାହିଁ ।'

ଶ୍ରୀରାଧା ଯେଉଁ ରୂପରେ କୃଷ୍ଣଙ୍କୁ କାମନା କରନ୍ତି ପ୍ରକୃତରେ ସେପରି ପାଆନ୍ତି ନାହିଁ । କୃଷ୍ଣଙ୍କ ସ୍ୱରୂପ ପ୍ରତିଥର ତାଙ୍କୁ ନୂଆ ନୂଆ ଲାଗେ । କୃଷ୍ଣଙ୍କ ଯେଉଁ ରୂପକୁ ସେ ମାନସ ସ୍ତରରେ ସଂଧାନ କରିବାକୁ ଚାହାଁନ୍ତି, ବ୍ୟକ୍ତିଗତ ଅଶାନ୍ତିରୁ ତାହା ଅସ୍ପଷ୍ଟ ଓ ଅଧା ଦିଶେ । ଶ୍ରୀରାଦାଙ୍କ ପାରିବାରିକ ମାନସିକ ଅଶାନ୍ତି କିପରି ତାଙ୍କର କୃଷ୍ଣପ୍ରାପ୍ତିରେ ପ୍ରତିବଂଧକ ହେଉଛି, ଏହି ପର୍ଯ୍ୟାୟରେ ତାହା ଆଲୋଚନା କରାଯାଇଛି ।

(୩୨)

'କେହିଛୁଇଁ ନାହୁଁ କାହାକୁ, ପଦେବି
କଥା କହିନାହୁଁ କେହି,
କିଏ ସେ ପରତେ ଯିବ ଯେ ଏପରି
ସାରାରାତି ଗଲା ପାହି ?'

ସମାଜରେ ରାଧା ନିନ୍ଦିତା । କୃଷ୍ଣଙ୍କ ସହ ରାତ୍ରୀ ଯାପନ କରିଛି ବୋଲି ସାମାଜିକ ଯନ୍ତ୍ରଣା, ସତରେ କଣ କରିଚି ରାଧା ସେ ରାତିରେ ? ପରସ୍ପରକୁ ବୁଝୁ ବୁଝୁତ ସବୁକଥା ଅବୁଝା ରହିଗଲା । ଛୁଇଁବା କି କଥା ହେବା ଆଗରୁ ରାତି ପାହିଗଲା । ଏକଥା କେମିତି ବୁଝାଇ ହେବ ଅନ୍ୟମାନଙ୍କୁ । ସେ'ତ ନୀଳକଇଁ । ରଂଗ ଛୁରୀରେ ମୋ ଆତ୍ମାକୁ ଚିରିଦେଇ ଯାଆନ୍ତି । ଆତ୍ମାରୁ ଝରୁଥିବା ରକ୍ତବୁନ୍ଦା ଭିତରେ ସେ ନିଜେ ହିଁ ଦୃଶ୍ୟମାନ ହୁଅନ୍ତି । ଏପରି ଭଲ ପାଇବାକୁ କଣ ଲୋକମାନଙ୍କୁ ବୁଝାଇ ହେବ । ସେମାନଙ୍କ ଆଖିରେ ଯାହା କଳଙ୍କ ବୋଲି ଦିଶୁଚି ପ୍ରକୃତରେ ସେସବୁ ସୌନ୍ଦର୍ଯ୍ୟର କଳାଜାଇ । ରାଧାଙ୍କର ଦିବ୍ୟ ପ୍ରେମବୋଧ ଓ ଏହାକୁ ବୁଝିବାରେ ଅନ୍ୟମାନଙ୍କ ଅକ୍ଷମତାକୁ ନେଇ ଏଠାରେ ଆଲୋଚନା କରାଯାଇଛି ।

(୩୩)

'ରାତି ପାହି ଆସିଲାଣି, ଏଥର ମୁଁ ଯାଏଁ
ଏଥର ତମେ ବି ଯାଅ ।'

ଗୋଟିଏ ରାତି କଣ ଯଥେଷ୍ଟ ପ୍ରିୟତମକୁ ବୁଝିବା ପାଇଁ ? ନିରୁତ୍ତର ଥିବା ଏହି ରାତି ଅନେକ ପ୍ରଶ୍ନର ଜନନୀ । ଦିନର ବିଚ୍ଛେଦକୁ ରାଧା ଗ୍ରହଣକରିବାକୁ ପ୍ରସ୍ତୁତ ନୁହଁନ୍ତି । ଥରେ କୃଷ୍ଣମୟ ହୋଇଗଲାପରେ କୃଷ୍ଣବିରହ ବଡ଼କଷ୍ଟ । ଦିନ ତମାମ ଅନେକ ବିଫଳତା ସହ ରାଧାଙ୍କର ମୁହାଁମୁହିଁ ହେବ । କୃଷ୍ଣଙ୍କର ଅନନ୍ୟ ଆଚରଣ ସବୁମନେ ପଡ଼ିବ । କୃଷ୍ଣ କଣ ଚାହାଁନ୍ତି ରାଧା ସବୁଦିନେ ତାଙ୍କ ସଂପର୍କରେ ଅଜ୍ଞ ଓ ବିସ୍ମୟ ହୋଇ ରହନ୍ତୁ । ସମସ୍ତ ପରମାୟୁ ସରିଗଲେ ମଧ୍ୟ ସେ କୃଷ୍ଣଙ୍କୁ ବୁଝିପାରିବେ ନାହିଁ ବୋଲି ରାଧାଙ୍କର ଧାରଣା ସୃଷ୍ଟି ହୋଇଛି ।

(୩୪)

'ସେ ଦିନେ ପିନ୍ଧାଇ ଦେଲେ ଆଙ୍ଗୁଠିରେ ମୋର

ମୁଦିଟିଏ । ତାକୁ କାଢ଼ିଦେଲି ।'

ମୁଁ କଣ ତୁମକୁ ପତ୍ନୀ ପରିଦିଶିଲି ବୋଲି ରାଦା, କୃଷ୍ଣଙ୍କୁ ପ୍ରଶ୍ନ ପଚାରିଛନ୍ତି । ଆଙ୍ଗୁଠିରେ ମୁଦି ପିନ୍ଧାଇବାର ଅର୍ଥ ଆଉ କଣ ହୋଇପାରେ ? କେଉଁ ମାଙ୍ଗଳ ମୁହୂର୍ତ୍ତକୁ ଦୁହେଁ ମୁଦିବଦ୍ଧ କରିବାକୁ ଚାହାଁନ୍ତି । ମୋ ହୃଦୟ ଫାଙ୍କାରେ ମୁହଁ ଗୁଂଜି ମୋର ତମାମ ଆୟୁଷକୁ ପୁଷ୍ପବାନ କରିଦେଲେ ସେ। ପରିଚୟ ସଙ୍କଟ ଓ ପ୍ରେମର ଅସ୍ଥାୟୀତ୍ୱକୁ ନେଇ ଦ୍ୱନ୍ଦରେ ପଡୁଥିବା ରାଧାଙ୍କ ହାତରେ ମୁଦି ପିନ୍ଧାଇ କୃଷ୍ଣତାଙ୍କର ଲୋଡିବାପତାକୁ ସୀକୃ ତି ପ୍ରଦାନ କରିଛନ୍ତି ।

(୩୫)

'ଯାଅ ଯାଅ ମୋ ଦୁଆରୁ ଯାଅ ।'

ପ୍ରେମରେ ଦନ୍ତ୍ରିଭୂତା ଶ୍ରୀରାଧାଙ୍କର କୃଷ୍ଣଙ୍କ ପ୍ରତି ଏକାନ୍ତ କଟାକ୍ଷ ଏଠାରେ ପ୍ରକାଶ ପାଇଛି । ଯିଏ ଯାହାକୁ ଯେତେ ଭଲପାଏ ସିଏ ସେତିକି ତାକୁ ତିରସ୍କାର କରେ । ଏଠି ଯାଅ ଯାଅର ଅର୍ଥ ଆଦୌ ଯଅ ନାହିଁ । ତୁମେ ଚାଲିଗଲା ପରେ ମୁଁ ମୋର ନିତ୍ୟନିୟମିତ ଜୀବନଚର୍ଯ୍ୟା ଆରମ୍ଭ କରିବି । ତମେ ଏଠି ରହିଲେ କେବଳ ମୁଁ ତୁମକୁ ଲୋଡୁଥିବି । ରାଧାଙ୍କ ମତରେ ତାଙ୍କର କୃଷ୍ଣ ଦର୍ଶନର କିନ୍ତୁ ଏପରି ସବୁ ସମୟରେ ଉପଲବ୍ଧ ହେଲେ ସେ ଝୁରିବେ କାହାକୁ । ପାଖରେ ପାଇଲେ ଭଲ ପାଇବା ମ୍ଲାନ ଦିଶିବ । ପ୍ରେମର ପରାକାଷ୍ଠା ଦ୍ୱାରା ଦୂର ପ୍ରିୟତମକୁ ସେ ପାଖକୁ ଟାଣି ଆଣିବେ । ଏହାହିଁ ରାଧାଙ୍କର ସ୍ୱୀକାରୋକ୍ତି ।

(୩୬)

'ଜାଣିଥିଲି ତମେ ଦିନେ ଚୁପ୍ ହୋଇଯିବ

ହଠାତ୍ ଦିନେ ତମେ ଆଉ ହସିବନି ।'

କୃଷ୍ଣ ପ୍ରେମରେ ନିମଜ୍ଜିତ ଶ୍ରୀରାଧାଙ୍କ ମନରେ ଅନେକ ପ୍ରଶ୍ନ । ଆଜି ଯେଉଁ ପ୍ରେମ ତାଙ୍କ ପାଇଁ ଉପଲବ୍ଧ ହେଉଛି ହୁଏତ ଦିନ ଆସିବ ସେ ପ୍ରେମ ଉଭେଇ ଯିବ । ସେତେବେଳେ ଶ୍ରୀରାଧା ପ୍ରାଣଧରି ପାରିବେତ ? ପ୍ରେମର ଚିରନ୍ତନ ମୁହୂର୍ତ୍ତକୁ ଅପେକ୍ଷା କଲେବି ହୁଏତ ତାହା ଆଉ ଫେରିବନାହିଁ । ପ୍ରିୟତମର ଚୁପ୍ ହୋଇ ଯିବା, ହସ ବନ୍ଦ ହୋଇଯିବା, ସାକ୍ଷାତ୍ ନ ହେବା ଆଦି ଦୁର୍ଘଟଣାକୁ ଆଜିଠାରୁ ସହିବାକୁ ପଡିବ । ଏସବୁ ଦୁର୍ଦ୍ଦିନ ଦେଖିବା ଅପେକ୍ଷା ବରଂ ମୃତ୍ୟୁରେ ଏ ସବୁର ସମାପନ ହୋଇଯିବା ଭଲ ବୋଲି ରାଧାଙ୍କର ମନେ ହେଉଛି ।

(୩୭)

'ଯେତେ ଥର ମୁଁ ପହଞ୍ଚେ ତମ ନିକଟରେ

ସେତେଥର ଆପେ ଆପେ ଚୁପ୍ ହୋଇଯାଏ ।'

ପ୍ରଗଲ୍ଭା ପ୍ରେମିକ ପ୍ରିୟତମ ନିକଟରେ ପହଂଚିଗଲା ପରେ ଯାହାସବୁ ଭାବିଥାଏ, ତାକୁ ଭୁଲିଯାଏ । କେତେ କେତେ ମାନ, ବିଷାଦ ଆପଣାଛାଏଁ ଧୋଇଯାଏ । ସେହି ମହାଚେତନା ପାଖରେ ନିଜର ହାଲକା ବ୍ୟକ୍ତିତ୍ୱ ଓ ସ୍ଥିତିହୀନ ଆତ୍ମସତ୍ତା ଦେଖି ମନରେ ବିଭ୍ରାଟ ସୃଷ୍ଟି ହୁଏ । ଅନ୍ୟପକ୍ଷରେ ପ୍ରେମିକର ସତ୍ତା ଓ ସାମଗ୍ରିକତାକୁ ବର୍ଣ୍ଣନା କରିବାର ଦମ୍ଭ ରାଧାଙ୍କର ନାହିଁ । ପ୍ରେମମୟଙ୍କ ସାମ୍ନାରେ ନିଜର ସତ୍ତା ଶୂନ୍ୟ ହେବା ଓ ପ୍ରିୟତମକୁ ବର୍ଣ୍ଣିନ ପାରିବାର ଅକ୍ଷମତା ରାଧାଙ୍କର

ପ୍ରେମର ଗୌରବ । ଏହି ପର୍ଯ୍ୟାୟରେ କୃଷ୍ଣଙ୍କ ସାମ୍ନାରେ ରାଧା କିପରି ହତବାକ୍ ହୋଇ ଯାଆନ୍ତି, ସେ ସବୁର ବର୍ଣ୍ଣନା ପ୍ରକାଶ ପାଇଛି ।

(୩୮)

'କେତେ ବାଟ ଆସିଲିଣି ? ଲାଗୁଚି ଯେପରି
ଏଠାକୁ ଆସିଲି ଉଡ଼ି ଉଡ଼ି ପବନରେ ।'

ଅନେକ ପ୍ରଶ୍ନକୁ ପଛରେ ପୋପାଡ଼ି ଶ୍ରୀରାଧାା ନଈକୂଳେ ପ୍ରତୀକ୍ଷା କରିଛନ୍ତି କୃଷ୍ଣଙ୍କ ଦର୍ଶନ ପାଇଁ ? ହେଲେ କୃଷ୍ଣ କାହାଁନ୍ତି ? ସବୁ ସାମାଜିକ ବଂଧନ, ଅପବାଦର ଏରୁଣ୍ଡି ଡେଇଁ ସେ ଆସିଛନ୍ତି । କୃଷ୍ଣ କଣ ମିଳନର ଜାଗା ବଦଳେଇ ଦେଲେ । ଆହୁରି ପ୍ରତୀକ୍ଷା କରିବା କଣ ମୋ ଭାଗ୍ୟରେ ଅଛି କି ? ଏପରି ପ୍ରଶ୍ନ ଆନ୍ଦୋଳିତ କରୁଛି ରାଧାଙ୍କୁ । ବୟସର ଅପରାହ୍ଣରେ ପହଂଚିଥିବା ରାଧାା ନିଜ ପ୍ରେମର ସାଫଲ୍ୟକୁ ନେଇ ବିବ୍ରତ ହୋଇ ପଡୁଥିବାର ଏଠାରେ ଲକ୍ଷ୍ୟ କରାଯାଇ ପାରିବ ।

(୩୯)

'ମୁଁ ବା କଣ ? ଶୂନ୍ୟରେ କେବଳ
କ୍ଷଣେ ଅଛି କ୍ଷଣେ ନାହିଁ ଏପରି ଆଲୋକ ।'

ପୂର୍ବବର୍ତ୍ତୀ କବିତା (୩୮)ର ଏହା ଦୀର୍ଘତମ ସଂଯୋଜନା ଭାବରେ ବିଚାର କରାଯିବ । କୃଷ୍ଣଙ୍କୁ ଅପେକ୍ଷାରତା ରାଧା କହୁଛନ୍ତି ଯେ ଏମିତି କେତେ ମାସ, ବର୍ଷ, ଜନ୍ମ ତୁମକୁ ପାଇବା ପାଇଁ ଅପେଥକ୍ଷା କରିବାକୁ ପଡ଼ଇବ ମୁଁ ଜାଣିନି । ଅପେକ୍ଷା କରି କରି ମୋ ଦେହର ମାଂସର, ହାଡ଼ ସବୁ ବିଗଳିତ ହୋଇ ଯିବେ । ତମ ସହ ଯେତେବେଳେ ସାକ୍ଷାତ ହେବ ସେତିକିବେଳେ ମୁଁ 'ରାଧା'ବୋଲି ତମକୁ କି ପରିଚୟଦେବୀ । ତମେ କଣ ମୋତେ ଚିହ୍ନି ପାରିବ । ତମକୁ ପାଇବା ପାଇଁ ମୋତେ ପୁଣି ପୃଥିବୀକୁ ଫେରିବାକୁ ପଡ଼ିବ । ଘଟଣା ଓ ଦୁର୍ଘଟଣାର ଦୁର୍ଗ ଡେଇଁ ତମକୁ ଖୋଜିବାକୁ ହେବ । ଏଠାରେ ରାଧାଙ୍କର ବିଶ୍ୱାସ ହୋଇଛି ଯେ କୃଷ୍ଣ ଆଉ ଫେରିବେ ନାହିଁ ହୁଏତ ତମାମ ଜୀବନ ପ୍ରତୀକ୍ଷାରେ ରାଧାଙ୍କୁ କାଟିବାକୁ ହେବ । ମୃତ୍ୟୁପରେ ପୁଣି ଥରେ କୃଷ୍ଣ ସଂଧାନରେ ଜନ୍ମ ନେବାକୁ ପଡିବ ।

(୪୦)

'ମୁଁ ଜାଣିଛି ତମେ କେଉଁ ଦିଗରୁ ଆସିବ
ଜହ୍ନ ଆଲୁଅରେ ତୋଫା ହୃଦୟର ପୂର୍ବଦିଗୁଁ ତମେ ନିଶ୍ଚୟ ଆସିବ ।'

କୃଷ୍ଣଙ୍କ ଆସିବା ନ ଆସିବାର ଦ୍ୱନ୍ଦ ମଧ୍ୟ ଏହି କବିତାରେ ରହିଛି । ରାଧା ଏ ପର୍ଯ୍ୟନ୍ତ ବିଶ୍ୱାସ କରିପାରୁ ନାହାନ୍ତି ଯେ କୃଷ୍ଣ ତାଙ୍କ କଥା ରକ୍ଷାକରି ଆସିବେ । ଅଧିକନ୍ତୁ ତାଙ୍କର ହୃଦବୋଧ ହୋଇଛି ସେ ନିଶ୍ଚୟ ଆସିବେ । ଏ ଆସିବାଟା କିନ୍ତୁ ପୂର୍ବ ଆସିବାଠାରୁ ସଂପୂର୍ଣ୍ଣ ଭିନ୍ନ । ରାଧାଙ୍କର କଳ୍ପ ନାତୀତ ଚେତନାରେ ଆକୃତି ବିହୀନ ଏକ ଅଣାକାର ଚୈତନ୍ୟ ରୂପରେ କୃଷ୍ଣ ଆସିବେ । ଏବେ ଏପରି ପ୍ରାପ୍ତି ହିଁ ରାଧାଙ୍କର କାମ୍ୟ । ଏଠାରେଲକ୍ଷ୍ୟ କରିବାର କଥାଏହି ଯେ ରାତିର ମିଳନ ଅଭିସାର, ସ୍ୱପ୍ନ ସଙ୍ଗମ, ଚୁଂବନ ନିମନ୍ତ୍ରଣ ପରେ ରାଧାଙ୍କର ପାଇବା ପଣରେ ଏକ ଉତ୍ତରିତ ଆରୋହଣ ପ୍ରତିଫଳିତ । ପ୍ରେମ ପରିପକ୍ୱ ହେଲେ କ୍ରମଶ ! କାୟା ମୁକ୍ତି ଓ ନିର୍ବିକଳ୍ପ ହୋଇଯାଏ, ରାଧାଙ୍କ ଭାବନା ଏହାର ପ୍ରମାଣ ।

(୪୧)

'ଆସ ମୁଁ ତମକୁ ବେଶ କରିଦିଏଁ ମୋର

ଉପାଦାନ ମାନଙ୍କରେ ।'

ଏହି କବିତାଯି ରାଦା, କୃଷ୍ଣଙ୍କ ଉଦ୍ଦେଶ୍ୟରେ ପ୍ରୟୋଗ କରିଛନ୍ତି । କବି ରମାକାନ୍ତଙ୍କ କାବ୍ୟିକତା ଏଥିରେ ପ୍ରତିଫଳିତ ହୋଇଛି । କୃଷ୍ଣଙ୍କୁ ପ୍ରତୀକ୍ଷାକରି ଯେଉଁ ବ୍ୟର୍ଥତା ସବୁ ରାଧାଙ୍କ ଅନୁଭବ ହୋଇଛି, ସେଥିରେ ସେ କୃଷ୍ଣଙ୍କୁ ସଜେଇ ଦେବାକୁ ଚାହାଁନ୍ତି । ରାଧାନିଜ ଦୀର୍ଘ ନିଃଶ୍ୱାସରେ କୃଷ୍ଣଙ୍କ ଶ୍ରୀଅଙ୍ଗକୁ ପୋଛି ଦେବେ । ନିଜର ଭାବାନ୍ତର, ଅସହାୟତା, ପାପବୋଧ ଓ ଲୋଡିବା ପଣ କୃଷ୍ଣଙ୍କ ପାଇଁ ଅଳଙ୍କାର ପାଲଟିଯିବ । ଏହାପରେ ରାଧା ଓ କୃଷ୍ଣ ଗୋଟିଏ ବୃତ୍ତର ପରିଧିଭିତରେ ବନ୍ଦୀ ହୋଇଯିବେ ।

(୪୨)

'ତମକୁ ଈଶ୍ୱର ବୋଲି କିଏ କହେ ? ତମେ

ଲବଣୀ ପିତୁଳାଟିଏ ।'

କୃଷ୍ଣଙ୍କର ଈଶ୍ୱର ହେବା ପ୍ରସଙ୍ଗକୁ ରାଧା ଆଦୌ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । ତାଙ୍କ ମତରେ କୃଷ୍ଣଙ୍କୁ ଲୋକେ ଈଶ୍ୱର କହିବା ହେତୁ ସେ ଅନେକ ଯନ୍ତ୍ରଣା ପାଇଲେଣି । ଶତାବ୍ଦୀ ବ୍ୟାପି ହାହାକାରରୁ ତାଙ୍କର ମୁକ୍ତି ନାହିଁ । ଏତେ କଷ୍ଟ ଓ ଯନ୍ତ୍ରଣା ଭୋଗିବା ଅପେକ୍ଷା ସେ ଲବଣୀ ପିତୁଳାଟିଏ ହୋଇଯିବା ଭଲ । ଫାଶୀ ଖୁଣ୍ଟ ରୂପକ ଯନ୍ତ୍ରଣାରୁ ଓହରି ଆସି ଗୋପଦାଣ୍ଡରେ ବଇଁଶୀଧରି ଯିବାପାଇଁ ରାଧାଇଚ୍ଛା କରିଛନ୍ତି । ରାଧା, କୃଷ୍ଣଙ୍କୁ ଜଣେ ସମ୍ରାଟ ନୁହେଁ – ପ୍ରେମିକ ଭାବରେ ଦେଖିବାକୁ ଚାହାଁନ୍ତି । ଏହାହିଁ ବୟାଳିଶିତମ କବିତାର ମୂଳପାଠ ।

(୪୩)

'ତମେ ହିଁ ଈଶ୍ୱର କିନ୍ତୁ ଏପରି ଈଶ୍ୱର

ଯାହାଙ୍କ ରାଜତ୍ୱ ସୁରୁହେବ ତାଙ୍କ ମରିବାର କାଳକାଳ ପରେ ।'

ଈଶ୍ୱର ଭାବରେ କୃଷ୍ଣଙ୍କ ପ୍ରତିଷ୍ଠାକୁ ରାଧା ଗ୍ରହଣ କରିପାରୁ ନାହାଁନ୍ତି । ପ୍ରେମ ଓ ଲୋଡିବାପଣ ଯାର ମନ୍ତ୍ର ସେ କିପରି ଶାସକ ହୋଇ ପାରିବ ? ହୁଏତ କୃଷ୍ଣ ମରିଗଲାପରେ ପୃଥିବୀରେ ତାଙ୍କ ଲୋକପ୍ରିୟତାର ସାମ୍ରାଜ୍ୟ ପ୍ରତିଷ୍ଠା ହେବ । ଶାତ୍ରୁ ଓ ମିତ୍ର ସମସ୍ତେ ଯାର ଭକ୍ତ ସେ କିପରି ଈଶ୍ୱର ହୋଇପାରିବ ବୋଲି ରାଧା ପ୍ରଶ୍ନ କରୁଛନ୍ତି । କୃଷ୍ଣ ମହାକାଳରେ ହଜି ଯିବାପରେ କେଉଁଠି ନା କେଉଁଠି ରାଧାଙ୍କ ସହ ମିଳନ ହେବ ବୋଲି ରାଧା ବିଶ୍ୱାସ ରଖନ୍ତି । କୃଷ୍ଣଙ୍କ ଗୋଟିଏ ଚୁମାରେ ପୋତି ହୋଇ ଯାଇଥିବା ସମସ୍ତ ଶରୀର ତାଙ୍କର ପୁଣି ଶିହିରି ଉଠିବ ବୋଲି ରାଧାବିଶ୍ୱାସ କରିଛନ୍ତି ।

(୪୪)

'ଆଜିକାଲି ମୁଁ ତମକୁ ବାହୁରେ ବାହୁକୁ

ଛନ୍ଦିକରି ଧରିଥିଲା ବେଳେ

ମନେହୁଏ ତମେ ତମ ଦେହରୁ ବାହାରି

ପହଂଚି ଯାଉଛ କେଉଁ ଅନାଗତ କାଳେ ।'

କୃଷ୍ଣଙ୍କ ନିଜ ହତାଶାରା ପରିପୂର୍ଣ୍ଣ ରୂପ ବୋଲି ରାଧା ଗ୍ରହଣ କରିନେଇଛନ୍ତି । ନିଜର ଏତେ ହତାଶା ଭିତରେ ସେ କିନ୍ତୁ କୃଷ୍ଣଙ୍କ ସଂପର୍କରେ ସମସ୍ତ ତଥ୍ୟ ରଖିଛନ୍ତି । କୃଷ୍ଣଙ୍କ ବିଷାଦିତ ମୁହୂର୍ତ୍ତ ଗୁଡିକୁ ଚୁମାମୟ କରିଦେବାକୁ ପ୍ରସ୍ତୁତ ହୋଇଛନ୍ତି । କୃଷ୍ଣଙ୍କ କାୟାକଳ୍ପରେ ନଈ ଆଉ ବାୟୁ ହୋଇ ବନ୍ଦୀ ହେବାକୁ ସେ ପସନ୍ଦ କରିଛନ୍ତି । କୃଷ୍ଣଙ୍କର ତମାମ ଲୁହକୁ ସୂର୍ଯ୍ୟସମ ଉତ୍ତପ୍ତ ଚୁମାରେ ଶୁଖାଇ ଦେବାକୁ ରାଧା ପ୍ରସ୍ତୁତ ହୋଇଛନ୍ତି । ଏହାକିନ୍ତୁ ଘାଟ  ନାହିଁ । ରାଧାଙ୍କ ବାହୁ ଯୁଗଳରୁ ବାହାରି କୃଷ୍ଣ ଆଉ କୁଆଡ଼େ ଚାଲି ଯାଆନ୍ତି । କ୍ରମଶଃ କୃଷ୍ଣ ଅସ୍ପଟେ ହୋଇପଡନ୍ତି ରାଧାଙ୍କ ପାଖରେ । କୃଷ୍ଣ ଯେମିତି ନିକଟରୁ ଅନେକ ଦୂରକୁ ଲଂଵିଯିବାକୁ ରାଧାଙ୍କୁ ଆହ୍ୱାନ ଜଣାନ୍ତି ।

(୪୫)

'ଥରେ ତେମେ ଦିଶିଥିଲ ଯେପରି କି ଜଣ ଜଣ କରି
ଆମସଭିଙ୍କର ଆକ୍ଷିଭିତରକୁ ଚାହିଁ ରହିଥିଲ
ତମର ନୀରବ ଶେଷ କଥା ପଦକରେ
ସମସ୍ତଙ୍କ ଠାରୁ ଚିର ବିଦାୟ ମାଗିଲ ।'

କୃଷ୍ଣଙ୍କର ବିଦାୟ ବେଳାର ବ୍ୟଥା ଏଠାରେ ବର୍ଣ୍ଣିତ । ଏ ବିଦାୟ ଆଉ ଏକ ନୂତନ ଯାତ୍ରାର ଆରମ୍ଭ । ସବୁ ମାୟା ତୁଟେଇ ସେ ଚାଲିଗଲେ । ଯିବା ବେଳର ନିର୍ଲିପ୍ତତାରୁ ବୁଝାପଡୁଥିଲା ସେ ସେ ଏମାନଙ୍କ ସହିତ ନଥିଲେ । ତାହାହିଁ କୃଷ୍ଣଙ୍କ ବିଶେଷତ୍ୱ । ଲୀଳା ରଚନା କରି ପୁନଶ୍ଚ ନିର୍ଲିପ୍ତ ହେବା ତାଙ୍କର ଅସଲ ସ୍ୱରୂପ । କୃଷ୍ଣଙ୍କ ଏହି ଯୋଗୀପଣ ଏଠାରେ ବର୍ଣ୍ଣନା କରାଯାଇଛି ।

(୪୬)

'ରାତି ତ ଅଧାରୁ ବଳି ପଡିଲାଣି ଆଉ
କାନ୍ଦୁଥିବା କେତେବେଳେ ଧରି ?'

କୃଷ୍ଣଙ୍କ ଅବର୍ତ୍ତମାନତାରେ ରାତି ବଡ କରୁଣ । ଯେଉଁ ସବୁ ରାତି କୃଷ୍ଣଙ୍କ ସାନ୍ନିଧ୍ୟରେ ବାସି ଉଠୁଥିଲା ଆଜି ସେ ରାତି ସବୁ କେତେ କରୁଣ । ରାଧାର ଆକ୍ଷି ଭିତରକୁ । ଆତ୍ମା ଭିତରକୁ କୃଷ୍ଣ ପୁଣି ପ୍ରବେଶ କରନ୍ତୁ ବୋଲି ରାଧା ପ୍ରକାଶ କରିଛନ୍ତି । ବସ୍ତୁମୟ ଜୀବନରେ ରାତିର ଅର୍ଥ କିଛି ଥାଇ ନପାରେ । ପ୍ରେମର ରାତି ସବୁବେଳେ ଓଦା । ରାତିକୁ ନେଇ ରାଧାଙ୍କର ଦାର୍ଶନିକତା ଏଠାରେ ପ୍ରକାଶ ପାଇଛି ।

(୪୭)

'ସିନ୍ଦୂରା ଫାଟିବାମାତ୍ରେ ମୁଁ ଲେଉଟି ଆସେ
ପୁଣି ଥରେ ଆଲୁଅର ଆଜ୍ଞାଧୀନ ହୁଏ ।'

ରାତି ପାହିବାମାତ୍ରେ ପୁଣି ବାସ୍ତବତା ଫେରି ଆସେ । ରାଧା ଜୀବନର ବାସ୍ତବତା ଅତି ଉତ୍କଟ । ରଙ୍ଗ ନ ଥିବା ରାତି ବୃଥା ଲାଗୁଛି । ରାତିସାରା ଦୌଡୁଥାଏ ରାଧା । କେଉଁଠି ଆତ୍ମଗୋପନ କରିଛନ୍ତି ପ୍ରିୟ ପୁରୁଷ ? ସେ କଣ ଭୁଲିଗଲେ କାଟିଥିବା ସୁଂଦର ରାତିସବୁ । ସିନ୍ଦୂରାଫାଟୁ ଫାଟୁ ଆଜ୍ଞାଧୀନ ପରି ଅଭିନୟ କରେ ଶ୍ରୀରାଧା । ପୁନଶ୍ଚ ରାତି ଆସିବା ମାତ୍ରେ ସେ ରୂପାନ୍ତରିତ ହୋଇଯାଏ ରାଧାରେ । ଏଠାରେ ରାତି, ରାଧା ଓ କୃଷ୍ଣଙ୍କୁ ନେଇ  ପ୍ରତୀକାତ୍ମକ ଭାବରେ ପ୍ରେମର ଆବେଗକୁ ବର୍ଣ୍ଣନା କରାଯାଇଛି ।

(୪୮)

'ପବନ ବୋଇଲା ବେଳେ
ଗଛରେ ଲଟକି ଥିବା ଅଧାଶୁଖା ପତ୍ରଙ୍କ ଭିତରେ
ଜଣାଯାଏ ତମେ ଅବା ମୋ ପାଖକୁ ଆସ
ଚାଲିଚାଲି ଯମୁନାର ଆଣ୍ଠୁଏ ପାଣିରେ ।'

ଏହା ପ୍ରେମର ନିମଜ୍ଜନ ଅବସ୍ଥା । ଯେଉଁଠି ଜଣାପଡ଼େ ଯେ ପ୍ରିୟ ପୁରୁଷ ସର୍ବତ୍ର ବିଜେ କରିଛି । ପାଣି, ପବନ, ବର୍ଷା, ବସନ୍ତ ସବୁଠି ରହିଛି ତାହାର ଅସ୍ତିତ୍ୱ । ନ ଆସିବାକୁ ଥିବା ଲୋକ ପାଇଁ ରାଧାଙ୍କର ପ୍ରତୀକ୍ଷା ତାଙ୍କୁ ଏପରି ଏକ ଅବସ୍ଥାରେ ପହଞ୍ଚାଇ ଦେଇଛି ଯେ ସେ ସବୁଠି କୃଷ୍ଣମୟତା ଲକ୍ଷ୍ୟ କରୁଛନ୍ତି ।

(୪୯)

'ତମେ ମୋର ପରମାୟୁ ବାଟେ ଚାଲିଯାଇ
ଅଯଥା ଉଠାଇ ଦେଲ, ଏତେ ଆଲୁଅରେ ।'

ଏଠାରେ ରାଧା ତାଙ୍କ ଜୀବନରେ କୃଷ୍ଣଙ୍କ ବିଶେଷତ୍ୱ ସଂପର୍କରେ କହିଛନ୍ତି । ଜଣେ ସାଧାସିଧା ଗୋପାଳୁଣୀ ଜୀବନ ବିତାଉଥିବା ରାଧା କେବଳ କୃଷ୍ଣଙ୍କ ସାନ୍ନିଧରେ ମହାରସିକାରେ ପରିଣତ ହେଲେ । ସେହିଁ ତାଙ୍କୁ ଅଂଧାରରୁ ଆଲୋକ ଆଡ଼କୁ ରାସ୍ତା ଦେଖେଇଲେ, ରାଧାଙ୍କ ଜୀବନ ରେଖା ଭିତରକୁ ଆସି କୃଷ୍ଣତାଙ୍କୁ ନୂତନ ଜୀବନ୍ୟାସ ଦେଲେ । ଏତେ ସବୁ ଅବଦାନ ପରେ ଯେତେବେଳେ ରାଧା ନିଜକୁ ତାଙ୍କ ନିକଟରେ ସମର୍ପଣ କରିବାକୁ ଚାହାଁନ୍ତି, ସେ ଅଦୃଶ୍ୟ ହୋଇ ଯାଆନ୍ତି କ୍ଷଣକରେ । କୃଷ୍ଣଙ୍କ ପ୍ରତି ରାଧାଙ୍କ ଆନୁଗତ୍ୟ ଏଠାରେ ପ୍ରକାଶ ପାଇଛି ।

(୫୦)

'କେଉଁଠାକୁ ଯିବି ? ସବୁଠାରେ
ମୋର ଠିଆ ହେବା ସ୍ଥାନ ଦେଖାଯାଏ ରେଖାଙ୍କିତ ହୋଇ ।'

ଯାହାକୁ ସମର୍ପିଦେବା ପାଇଁ ରାଧା ଅପେକ୍ଷା କରିଛନ୍ତି, ତାକୁ ନ ପାଇ ବିବ୍ରତ ହୋଇ ପଡ଼ିଛନ୍ତି । ସେ ଏସବୁ ଛାଡ଼ି ଯିବାକୁ ବାହାରିଛନ୍ତି ସତ ହେଲେ ତାଙ୍କପାଇଁ ଯେମିତି ପୂର୍ବରୁ ପ୍ରସ୍ତୁତ ହୋଇ ରହିଛି ସବୁ ଘଟଣା । ଗଛ, ପତ୍ର, ପକ୍ଷୀ, ପାହାଡ଼, ଜନପଦ ସବୁଠି ରାଧାପାଇଁ ମନ୍ତ୍ରଣା ବସିଛି । ସମସ୍ତଙ୍କୁ ଛାଡ଼ି ଯାହାକୁ ଆଶ୍ରାକରି ରାଧା ଆସିଥିଲା, ଏବେ ପୁଣି ସେଠାକୁ ଫେରିବା କଣ ସମ୍ଭବ ? ଭାବନାର ଦୋଛକିରେ ରାଧା ଆଗନ୍ତୁକ ଜୀବନର ଭୟାବହତାକୁ ମନେ ପକେଇଛି । ଏପରି ଆତଙ୍କ ମୃତ୍ୟୁର ଆତଙ୍କଠାରୁ ବଡ଼ ବୋଲି ରାଧାର ମନେ ହୋଇଛି ।

(୫୧)

'ସୂର୍ଯ୍ୟ ବୁଡ଼ିଲେଣି କିନ୍ତୁ ଆଉ କିଛି ବେଳ
ଏ ଆକାଶ ଲାଲ୍ ଦିଶୁଥିବ ।'

କୃଷ୍ଣ ନ ଥିଲେ କଣ ହେଲା, ଏଜଗତ ସବୁଦିନ କୃଷ୍ଣମୟ ହୋଇ ରହିବ । ସେମିତି ପୂର୍ବବତ୍ ବଂଶୀ ବାଜୁଥିବା ଯମୁନା ଗୀତ ଗାଇବ, ଗୋରୁ ପଲ ବନସ୍ତକୁ ଯିବେ । ରାଧା ସେମିତି ନଈକୂଳକୁ ଆସୁଥିବ ଓ ତାକୁ ଲାଗିବ ଟିକିଏ ଆଗରୁ

ଏଇଠି ବୋଧେ କୃଷ୍ଣ ଥିଲେ । ଏହା ଏକ ବିରଳ ଅନୁଭବ । ଜଣେ ନାରୀ ରାଧା ସ୍ତରକୁ ଉତ୍ତୀର୍ଣ୍ଣ ହେଲେ ହିଁ କେବଳ ଏହି ଅନୁଭବକୁ ନିଜର କରି ପାରିବ ।

(୫୨)

'କେତେବେଳେ ଆସିଥିଲେ ପୁଣି କେତେବେଳେ
ଯେଉଁ ଗୀତ ଆଉ କେବେ ଶୁଭିବନି ତାର ।'

କୃଷ୍ଣଙ୍କ ଅବର୍ତ୍ତମାନତାକୁ ଗ୍ରହଣ କରିପାରୁ ନ ଥିବା ରାଧା କହୁଛି ଯେକୃଷ୍ଣ ଆସି ବୋଧେ ପଳାଇ ଗଲେଣି । ମୋର ବାୟାଣୀ ପଣରୁ ମୁଁ ବୋଧେ ତାଙ୍କୁ ଧରି ପାରିଲି ନାହିଁ । ଏଥର ତାଙ୍କ ସହ ସାକ୍ଷାତ ହେଲେ ତାଙ୍କୁ ଗଣ୍ଠିଧନ କରି ରଖିବି । ମାନସ ସ୍ତରରେ କୃଷ୍ଣଙ୍କ ସହ ସଂଯୋଜିତ ହୋଇ ଯାଇଥିବା ଶ୍ରୀରାଧା ଭାବୁଛନ୍ତି ତାଙ୍କ ଆସିବା ମାତ୍ରେ ମଣିଷ କର୍ମଫଳ ଓ ଅମଙ୍ଗଳରୁ ମୁକ୍ତି ପାଇଥାଏ । ଏଠାରେ ରାଧା ସ୍ଥଳ ଚେତନା ଓ ସୂକ୍ଷ୍ମ ସୌନ୍ଦର୍ଯ୍ୟ ଭିତରେ ଦ୍ୱନ୍ଦରେ ପଡ଼ିଥିବା ଲକ୍ଷ୍ୟ କରାଯାଇ ପାରିବା ଗୋଟିଏ ପାର୍ଥିବ ଶରୀର ଅନ୍ୟ ଗୋଟିଏ ଅପାର୍ଥିବ ତତ୍ତ୍ୱ ସହ ଯୋଡ଼ି ହେବାର ସଙ୍କଟ ଓ ସମ୍ଭାବନାକୁ ଲକ୍ଷ୍ୟ କରାଯିବ ।

(୫୩)

'ବାଲି ବାଲି ଖାଲି ବାଲି । ବାଲି ପୃଥିବୀର
ଏକରଙ୍ଗୀ ଧୂଳିସାତ୍ ଆତ୍ମା ।'

ଏ ପୃଥିବୀ ଖାଲି ବାଲିମୟ । ହା, ହା କାର ନିସ୍ତରଙ୍ଗ ମାଟି । କ୍ଷୟିଷ୍ଣୁ ସଭ୍ୟତା । ମାଟିରେ ମାଟିଏ ଶୋଷ ଅଥଚ ପାଣି ମୁନ୍ଦେ କେଉଁଠି ମିଳୁନି । କାହିଁକି ଏତେ ବନ୍ଧ୍ୟାତ୍ୱ ପୃଥିବୀକୁ ଘୋଟିଛି । କୃଷ୍ଣଙ୍କ ଅବର୍ତ୍ତମାନତାରେ ନଈଗୀତ ଗାଇବା ଭୁଲି ଯାଇଛି । ରାଧା ପାଶୋରି ବସିଚି ଜୀବନର ଛନ୍ଦ । ବାଲିର ଦୁର୍ଗ ଡେଇଁ ତାରାମାନେ ପୁର୍ନବାର ଉଇଁବାର ଆଶା ଅଛି । କୃଷ୍ଣପୁଣି ଥରେ ଫେରି ଆସିବେ ଏହି ନିସ୍ତରଂଗ ଦୁନିଆକୁ । ଏ ବିଶ୍ୱାସ ଶ୍ରୀରାଧାଙ୍କର ।

(୫୪)

'କେତେ ଦିନୁ ଆଉ ନାହିଁ
କାହା ପ୍ରତି ଅସନ୍ତୋଷ ।'

ଥରେ ନିଜର ପରିଚୟ ପାଶୋରି ଦେଲା ପରେ ଆଉବା କଣ ଦର୍ଶର ହୁଏ । ଏ ଜୀବନରେ କାହା ପ୍ରତି ଅଭିଯୋଗ, ଆକ୍ଷେପ ନାହିଁ । ରାଧାସବୁ ଶୁଣି ଶୁଣି ନିଜକୁ ପାହାଡ଼ ପରି ମଜବୁତ୍ କରି ଦେଇଛି । ବାହାରକୁ ଦିଶୁଥାଏ ପାହାଡ଼ ଭିତରେ ପ୍ରେମର ଝର୍ଣା ଯେ ଝରିଯାଉଚି, ଏହା ଅନ୍ତମାନଙ୍କୁ କେବଳ ଦିଶୁଛି ।

(୫୫)

'ତମେ ଯେଣୁ ଏଠି ନାହଁ ଯେଣୁ ତମେ ଏଠାକୁ କଦାପି
ଫେରିବନି ତମ ଲାଗି ମୋର ଦୁଶ୍ଚିନ୍ତାର ଶେଷନାହିଁ ।'

କୃଷ୍ଣଙ୍କର ଜୀବନଚର୍ଯ୍ୟାକୁ ନେଇ ରାଧାଙ୍କର ଦୁଶ୍ଚିନ୍ତା ଏଠାରେ ପ୍ରକାଶ ପାଇଛି । ରାଜକାର୍ଯ୍ୟ କରି ଥକି ପଡୁଥିବା ବେଳେ କିଏ ତାଙ୍କ ମନକଥା ବଝିବ ? ଅବଶିଷ୍ଟ ଜୀବନ କଷ୍ଟ ପାଉଥିବା କୃଷ୍ଣ ଥରେ ଫେରି ଆସନ୍ତକି ! ଜୀବନ କାଳ

ଭିତରେ ଥରେ ନିଜ ଜାଗାରେ ପ୍ରିୟତମଙ୍କୁ ପାଇବାର କାମନା ଏଠାରେ ପ୍ରକାଶ ପାଇଛି । ରାଧାଙ୍କର ଏପରି ପ୍ରେମ କୃଷ୍ଣଙ୍କ ମଙ୍ଗଳ ପାଇଁ ସମର୍ପିତ । ନିଜକୁ ଉତ୍ସର୍ଗ କରି କୃଷ୍ଣଦାସୀ ହେବାରେ ତାଙ୍କର ଚରମ ଆନନ୍ଦ ।

(୫୬)

'କିଏ ଜଣେ କହିଲା ଯେ
ତମେ ଫେରି ଆସୁଛ ଏଠାକୁ ।'

କୃଷ୍ଣ ଫେରି ଆସିବା ସମ୍ବାଦରେ ରାଧାଙ୍କର ପ୍ରତିକ୍ରିୟା ଏଠାରେ ବର୍ଣ୍ଣନା କରାଯାଇଛି । କୃଷ୍ଣ ଆସିବ ବୋଲି ନଈ ଆଉ ପବନରେ ନୂଆ ଚଞ୍ଚଳତା ଦେଖା ଦେଲାଣି, ଅପାଙ୍ଗ, ବୃନ୍ଦା ମାନେ ନିଜକୁ ପ୍ରସ୍ତୁତି କରିନେଲେଣି, ଏ ଖବର ପ୍ରଚାର ହେବା ମାତ୍ରେ ମରିଯାଇଥିବା ଲୋକମାନେ ଫେରିବାକୁ ପ୍ରସ୍ତୁତି ହେଲାଣି । ଏତେ ସବୁ ବ୍ୟସ୍ତତା ସତ୍ତ୍ୱେ ରାଧା ଚାହୁଁଛନ୍ତି ଯେ କୃଷ୍ଣ ଆଉ ନଫେରନ୍ତୁ । ଭୁଲିଯାଇଥିବା ଲୋକଟି ଏବେ କେବଳ ରାଧା ସ୍ମୃତି ପଛିରେ ରହିଛି । ଉତ୍କଣ୍ଠିତ ସବୁ ଲୋକଙ୍କ ଭିଡ଼ ଭିତରେ ରାଧାପଣ ଫିକା ପଡ଼ିଯିବା ଜଣେ ନିଷ୍ଠାପର ପ୍ରେମିକ ଯେପରି ନିଜ ପ୍ରେମରେ କାହାକୁ ବାଣ୍ଟିଦିଏ ନାହିଁ । ସେପରି ମାନସିକତା ରାଧା ଚରିତ୍ରରେ ଏଠାରେ ପ୍ରକାଶ ପାଇଛି ।

(୫୭)

'ମୁଁ ଜାଣିଛି ତମେ ମତେ ଭଲପାଅ ତେଣୁ
ତମେ ଦିନେ ମୋ ମନରେ ଜାଗା ହେଲା ଭଳି ସ୍ମୃତି ଟିଏ ।'

ସବୁତକ ଗ୍ଲାନି ଓ ଅବସୋସ ସତ୍ତ୍ୱେ ଏଠାରେ ଶ୍ରୀରାଧା କୃଷ୍ଣଙ୍କୁ କୃତଜ୍ଞତା ଜଣାଇବାକୁ ଭୁଲିନାହାଁନ୍ତି । ଶ୍ରୀରାଧାଙ୍କ ସୁଖ ପାଇଁ କୃଷ୍ଣ ନିଜକୁ ସଙ୍କୁଚିତ  କରି ପ୍ରକାଶିତ କରିଥିବାରୁ ଆଜି ସେ ତାଙ୍କ ସାନ୍ନଧ ପାଇପାରିଛନ୍ତି । ଜୀବନ କାଳ ଭିତରେ ସେ କୃଷ୍ଣଙ୍କୁ ସବୁଦିନେ ସାଇତି ରଖିବେ । କୃଷ୍ଣ ତାଙ୍କ ଇଛାକୁ ପୁରଣ କରନ୍ତୁ ବା ନ କରନ୍ତୁ ତାଙ୍କର ସହୃଦୟ ତାକୁ ସେ ପାଶୋରି ପାରିବେ ନାହିଁ । କୃଷ୍ଣ ଇଛା କରିଥିଲେ ସମୟକୁ ନିଜ ମନମୁତାବକ  ବ୍ୟବହାର କରିପାରିଥାନ୍ତେ । ସେ ସେମିତି କରିନାହାନ୍ତି । ଅନ୍ୟ ସମସ୍ତଙ୍କ ପରି ବଞ୍ଚିବା ପାଇଁ ନିଜ ଇଶ୍ୱରୀୟ ସତ୍ତାକୁ ସଙ୍କୁଚିତ କରି ଲୌକିକ ସ୍ତରରେ ପ୍ରକାଶ ହୋଇଛନ୍ତି ବୋଲି ରାଧାଙ୍କ ଧାରଣା ଦୃଢ଼ ହୋଇଛି । ପୂର୍ବ କବିତା ମାନଙ୍କରେ ରାଧାଙ୍କ ମନର ବ୍ୟାକୁଳତା ଏହି ପର୍ଯ୍ୟାୟରେ ଏକ ନିର୍ଦ୍ଦିଷ୍ଟ ପରିଣତି ଆଡ଼କୁ ଗତି କରୁଥିବା ଲକ୍ଷ୍ୟ କରାଯିବ ।

(୫୮)

'ପଥରର ସୁବାସ ହେ
ହାହାକାର ପ୍ରତ୍ୟେକ ଫୁଲର ।'

କୃଷ୍ଣଙ୍କର ସାର୍ବଭୌମତ୍ୱ ସହ ଏକାକାର ହୋଇଗଲା ପରେ ରାଧାଙ୍କର କୃଷ୍ଣଙ୍କ ବ୍ୟାପକତା ସଂପର୍କିତ ଏକ ଧାରଣା ଏଠାରେ ଆଲୋଚନା କରାଯାଇଛି । ମନେ ହୁଏ ଏଠାରେ ରାଧା ଲବଣୀ ପତୁଳା କୃଷ୍ଣଙ୍କର ପରମାର୍ଥିକ ସତ୍ତାଟିକୁ ଗ୍ରହଣ କରିନେଇଛନ୍ତି । କୃଷ୍ଣ ହେଉଛନ୍ତି 'ଜ୍ୱଳନ୍ତ ସୂର୍ଯ୍ୟର ଶୀତଳତା' ବୋଲି ରାଧା ମନେ କରନ୍ତି । ରମାକାନ୍ତ ଏଠାରେ ବିପରୀତ ଧର୍ମ୍ୟ ବିଶେଷଣ ମାଧମରେ ଗୁଣ ବର୍ଣ୍ଣନା କରିଛନ୍ତି । ଶ୍ରୀରାଧାରେ ଏପରି ଅନେକ ବିରୋଧାଭାସୀ ଅଳଙ୍କାର ପ୍ରୟୋଗ ରହିଛି । କୃଷ୍ଣଙ୍କ ବ୍ୟାପକତା ବାଖ୍ୟା କରିବା ପାଇଁ ଏଠାରେ କବି ବହୁ ରୂପକଳ୍ପ ଓ ପ୍ରତୀକର ପ୍ରୟୋଗ କରିଛନ୍ତି ।

(୫୯)

'ଫେରାଅ ଫେରାଅ ତାଙ୍କୁ
ତମର ଜୀବନକାଳ ପରିଚ୍ଛୋଟକାଟ
କଇଦୀଖାନାରେ ତାଙ୍କ ପାଇଁ ଜାଗା କାହିଁ ?'

କୃଷ୍ଣଙ୍କର ବ୍ୟାପକତା ସଂପର୍କରେ ରାଧାଙ୍କର ଚେତନା ଉଦୟପରେ ସେ ତାଙ୍କୁ କୌଣସି କ୍ଷୁଦ୍ରତା ଭିତରେ ବାନ୍ଧି ରଖିବାକୁ ଚାହାଁନ୍ତି ନାହିଁ । ପ୍ରେମିକ କୃଷ୍ଣ ଆଜି ସମ୍ରାଟ୍ କୃଷ୍ଣ ରେ ପରିଣତ ହୋଇଛନ୍ତି । ସବୁ ସମ୍ରାଟ୍ଙ୍କ ପାଇଁ ଜୀବନର ଶେଷ ପର୍ଯ୍ୟାୟରେ ତାଙ୍କ ପାଇଁ ଅପ୍ରମିତ ଦୁଃଖ ଅପେକ୍ଷା କରିଛି । ଯେଉଁ ମାନେ ତାଙ୍କୁ ରାଜକୀୟ ମାୟାରେ ବାନ୍ଧିବା ପାଇଁ ଚାହାଁନ୍ତି, ସେମାନଙ୍କ ପ୍ରତିରୋଧ ତାସ୍ଚଲ୍ୟ କରି କୃଷ୍ଣଙ୍କୁ ମୁକ୍ତ କରିବାକୁ ଆହ୍ୱାନ ଜଣାଇଛନ୍ତି । ପ୍ରଥମଥର ପାଇଁ ନିଜକୁ କୃଷ୍ଣଙ୍କର ପତ୍ନୀରୂପେ ଦାବିକରି ଉଚିତ୍ ପରାମର୍ଶ ଦେବା ପାଇଁ ମନ କରିଛନ୍ତି । ଅଷ୍ଟପାଟ ରାଣୀଙ୍କ ଗହଣରେ ଥାଇକି କୃଷ୍ଣ ଯେ ଦୁଃଖି ଏ ବିଶ୍ୱାସ ରାଧାଙ୍କର ସୃଷ୍ଟି ହୋଇଛି । ସେଥିପାଇଁ ସେ ନିଜକୁ କୃଷ୍ଣଙ୍କ ପତ୍ନୀ ରୂପେ ଘୋଷଣା କରି କୃଷ୍ଣ ମୁକ୍ତି ପାଇଁ ଅଣ୍ଟା ଭିଡ଼ିଛନ୍ତି । କୃଷ୍ଣଙ୍କ ବାର୍ଦ୍ଧକ୍ୟ ନେଇ ଚିନ୍ତିତ ରାଧାଙ୍କ ବିମର୍ଷତା ଏଠାରେ ପ୍ରକାଶ ପାଇଛି ।

(୬୦)

'ତମେ ସାଙ୍ଘାତିକ ଭାବେ
ଆହତ ହୋଇଛ ବୋଲି ଖବର ଆସିଛି ।'

ରାଧାଙ୍କର ଆଶଙ୍କା ସତରେ ପରିଣତ ହୋଇଛି । କୃଷ୍ଣ ସାଂଘାତିକ ଭାବରେ ଆହତ ହୋଇଛନ୍ତି ବୋଲି ଖବର ଆସିଛି । ରାଜକାର୍ଯ୍ୟ ଭିତରେ ଏପରି ଗୋଟିଏ ସମୟ ଆସିପାରେ ବୋଲି ରାଧାଙ୍କର ବ୍ୟାକୁଳତା ଥିଲା । ପୁନଶ୍ଚ ରାଧା ଭାବୁଛନ୍ତି ସିଏତ ସବୁର ସ୍ରଷ୍ଟା, ତାଙ୍କୁ ପୁଣି ଆଘାତ ଦେବ କିଏ ? ସମୟକୁ ନିୟନ୍ତ୍ରଣ କରିପାରିଲେ ନାହିଁ ? ରାଧାଙ୍କର ଧାରଣା ସୃଷ୍ଟି ହେଲାଣି ଯେ କୃଷ୍ଣଙ୍କର ଏହା ବାହୁଡ଼ିବାର ପ୍ରକ୍ରିୟା । ବୋଧହୁଏ ଏମିତି କୃଷ୍ଣ ଜଗତରୁ ବିଦାୟ ନେଇ ଯିବେ । ରାଧା ଇଚ୍ଛାକରୁଛନ୍ତି ଏହି ଯନ୍ତ୍ରଣାକ୍ତ ମୁହୂର୍ତ୍ତରେ ସିଏ କୃଷ୍ଣଙ୍କ ପାଖରେ ଉପସ୍ଥିତ ରୁହନ୍ତେ । ଅତୀତର ମିଠାମିଠା ଅନୁଭବକୁ ପୁଣି ଥରେ କୃଷ୍ଣଙ୍କୁ ସମର୍ପି ଦିଅନ୍ତେ । ସେମାନଙ୍କ ଛୋଟ ଛୋଟ ଦୁଷ୍ଟାମିର ସୁଖଦ ରାତିକୁ ମନେ ପକାଇ ରୋମାଞ୍ଚିତ ହୁଅନ୍ତେ । କୃଷ୍ଣ ବୋଧ ହୁଏ ଆଉତାଙ୍କୁ ସେ ସୁଯୋଗ ଦେବେନାହିଁ । ପ୍ରଥମ ଉଷୁମ ହାତ ବଢ଼ାଇ ଦେଇଥିବା କୃଷ୍ଣ ଏବେ ତାଙ୍କ ହାତର ଛାଇ ଧରି ବଞ୍ଚିବା ଶିଖାଇଛନ୍ତି । ଏହା ରାଧାଙ୍କ ପ୍ରେମ । ଏହି ପର୍ଯ୍ୟାୟରେ କବିତାରେ କୃଷ୍ଣଙ୍କ ଅମଙ୍ଗଳ ଶ୍ରବଣରେ ରାଧାଙ୍କ ଉତ୍କଣ୍ଠା ଶୀର୍ଷରେ ପହଞ୍ଚିଯାଇଛି ।

(୬୧)

'ତମେ ଆଉ ନାହଁ ବୋଲି ଖବର ଆସିଛି ।'

'ଶ୍ରୀରାଧା' ଦୀର୍ଘ କବିତାରେ ଏହା ଶେଷ ପର୍ଯ୍ୟାୟ । ଶ୍ରୀକୃଷ୍ଣ ମରିଯାଇଛନ୍ତି ବୋଲି ରାଧା ଖବର ପାଇଛନ୍ତି । କୃଷ୍ଣଙ୍କ ମୃତ୍ୟୁ ସମ୍ବାଦ ରାଧାଙ୍କ ମନରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଛି, ସେସବୁକୁ କବି ରମାକାନ୍ତ ରଥ ଏଠାରେ ବ୍ୟକ୍ତ କରିଛନ୍ତି । ରାଧା ଅନ୍ୟ ବିଧବା ପତ୍ନୀ ମାନଙ୍କ ପରି ନୁହଁନ୍ତି କି ପ୍ରିୟଜନ ପରି ଶବାଧାରାର ଯିବା ଲୋକ ନୁହଁନ୍ତି । ଦ୍ୱାରକାରେ ମୃତ୍ୟୁ ଲାଭ କରିଥିବା କୃଷ୍ଣଙ୍କ ଠାରୁ ବୃନ୍ଦାବନରେ ଥିବା ରାଧା ବହୁ ଦୂରରେ । ଅଥଚ ଏଠି ତଥାକଥିତ

ଦେଖଣାହାରୀଙ୍କ ପରି ରାଧା ହେବାକୁ ଚାହିଁନଥାନ୍ତି । ଭଲ ପାଉଥିବା ବ୍ୟକ୍ତିର ମୃତ୍ୟୁରେ କଣ କାନ୍ଦି ହୁଏ ? କୃଷ୍ଣଙ୍କ ସହିତ ତାଙ୍କର ଅମର୍ତ୍ତ୍ୟ ସଂପର୍କ ସ୍ଥିର ହୋଇଥିବାବେଳେ ଏହି ତୁଚ୍ଛ ଦେହବସାନ ପାଇଁ ରାଧା କାନ୍ଦିବେ କାହିଁକି ? ଆଜି ଠାରୁ କୃଷ୍ଣ କେବଳ ରାଧାଙ୍କର । ପ୍ରିୟଜନମାନେ ଦଶାହ କର୍ମ ପର୍ଯ୍ୟନ୍ତ କାନ୍ଦି ପାଶୋରି ଯିବେ । କୃଷ୍ଣ ସମସ୍ତଙ୍କ ଠାରୁ ଦୂରେଇ ଆସିବା ପରେ ଏକା ରାଧାଙ୍କର ହୋଇଯିବେ । କୃଷ୍ଣ ପ୍ରେମରେ ଆଉ ଅଂଶୀଦାର ହେବାକୁ କେହି ରହିବେ ନାହିଁ । ଯଦିଓ ରାଧା ତାଙ୍କର ପତ୍ନୀ ନୁହଁନ୍ତି କିନ୍ତୁ ବଧୂବେଶ ହେବା ପାଇଁ ଇଚ୍ଛା ହେଉଛି । କନ୍ୟାପରି ଅଳଙ୍କାର, ପାଟ ପୀତାମ୍ବରୀ ପିନ୍ଧି ସେ କୃଷ୍ଣଙ୍କ ପାଇଁ ପ୍ରତୀକ୍ଷା କରିଛନ୍ତି । କୃଷ୍ଣ ଆଜି ଆଉ କାହାର ପିତା, ପୁତ୍ର, ସ୍ୱାମୀ ଓ ସମ୍ରାଟ୍ ନୁହଁନ୍ତି । ରାଧାବି ଆଉ କାହାର କନ୍ୟା କି ପତ୍ନୀ ନୁହେଁ । ତାକୁ କୂଳଶ କହି ଗାଳି ଦେଉଥିବା ମଣିଷଙ୍କ ସାମ୍ନାରେ ଚୂଡ଼ିଝମ ଝମ କରି ଆଜି ରାଧା ପ୍ରତିବାଦ ଜଣାଇବ । କୃଷ୍ଣ ବିୟୋଗ ପରି କରୁଣତମ ଦୃଶ୍ୟଟିକୁ ରାଧା ଅତି ସକାରାତ୍ମକ ଭାବରେ ଗ୍ରହଣ କରିନେଇଛନ୍ତି । କୃଷ୍ଣ ନାହାଁନ୍ତି ବୋଲି ଜାଣିଥିବା ଏଦୁନିଆକୁ ପଛରେ ପକାଇ ରାଧା ଏବେ ମନଭରି କୃଷ୍ଣଙ୍କ ସାନିଧ୍ୟ ପାଇପାରିବ । ନଈକୁ ଯିବାବାଟରେ ପୁଣି ଦୁହିଁଙ୍କର ଭେଟ ହେବ । ରାଧା ତାଙ୍କ ଶରୀରକୁ କୃଷ୍ଣଙ୍କ ପାଇଁ ଉତ୍ସର୍ଗ କରିବାରେ କୁଣ୍ଠା ପ୍ରକାଶ କରିବେ ନାହିଁ । ରାଧାଙ୍କର ଏପରି ଚିନ୍ତା ବିମର୍ଷ 'ଶ୍ରୀରାଧା' କବିତାକୁ ନୂଆ ଆଧୁନିକତାର ପ୍ରୟୋଗ ମାନ୍ୟତା ଦେଇଛି । କୃଷ୍ଣଙ୍କ ଶବ ଶୋଭାଯାତ୍ରା ସମୟରେ ରାଧାଙ୍କ ବଧୂ ବେଶ ଓ ମିଳନ ସମ୍ଭାବନା କବିତା ସମଗ୍ରକୁ ନୂଆ ଚିନ୍ତନ ଯୋଗାଇ ଦେଇଛି । ରାଧାଙ୍କ ସ୍ୱପ୍ନ ପ୍ରବଣ ଲୋଡ଼ିବା ପଣରେ କବିତା ଶେଷ ହୋଇଛି ।

ଶ୍ରୀରାଧା ଏକ ଦୀର୍ଘ କବିତା ଗ୍ରନ୍ଥ । ଏଥିରେ ସନ୍ନିବେଶିତ ଥିବା ୬୧ ଗୋଟି କବିତାରେ ଶ୍ରୀରାଧା ହିଁ ମୁଖ୍ୟ ଭାବରେ ବିଦ୍ୟମାନ । ସମଗ୍ର କବିତା ସଙ୍କଳନରେ କେଉଁଠି କୃଷ୍ଣଙ୍କ ନାମ ନିଆ ନ ଗଲେ ମଧ୍ଯ କୃଷ୍ଣ ଏ କବିତାରେ ନାୟକ । କବିତାରେ ତମେ, ପ୍ରିୟ ଆଜି ସର୍ବ ନାମ ଭିତ୍ତିକ ସମ୍ବୋଧନ ଗୁଡ଼ିକ କୃଷ୍ଣଙ୍କ ନିମନ୍ତେ ଅଭିପ୍ରେତ । ରାଧା ଓ କୃଷ୍ଣଙ୍କର ଅପ୍ରାକୃତିକ ପ୍ରେମଚର୍ଚ୍ଚାକୁ ଏଠି ଲୌକିକ ସ୍ତରରେ ବ୍ୟକ୍ତ କରାଯାଇଛି । କୃଷ୍ଣ କାବ୍ୟ ମାନଙ୍କରେ ଶୃଙ୍ଗାର ଓ ସୌନ୍ଦର୍ଯ୍ୟର ପ୍ରାଧାନ୍ୟ ପ୍ରକାଶ ପାଉଥିବାବେଳେ, ଏଠାରେ ମଧ୍ଯ ଅନୁରୂପ କଥା ଲକ୍ଷ୍ୟ କରାଯାଇପାରିବ । ପୌରାଣିକ ଆଖ୍ୟାନ ଦେହରେ ନୂତନ ଆଧୁନିକ ଚିନ୍ତାଦର୍ଶର ସମନ୍ୱୟ କରି କବି ରମାକାନ୍ତ ରଥ ଶ୍ରୀରାଧାଙ୍କୁ ବୈଷ୍ଣବ ଧର୍ମଦର୍ଶନର ବନ୍ଧନୀ ଭିତରୁ ବାହାର କରିବାର ପ୍ରୟାସ କରିଛନ୍ତି । ଅନେକ ସମୟରେ କବିତା ମାନଙ୍କରେ ଶ୍ରୀରାଧାଙ୍କ ବ୍ୟବହାର ଜଣେ ଆଧୁନିକ ରୁଚି ସଂପନ୍ନ ସଂଭ୍ରାନ୍ତ ମହିଳାର ପରି ମନେ ହୁଏ । ଶ୍ରୀରାଧାର କାହାଣୀ ଓ ଘଟଣାଚକ୍ର ପାରିପାରିକ ହେଲେ ହେଁ ଏହାର ଭାଷା, ଚିତ୍ର, ପରିବେଷଣ ସଂପୂର୍ଣ୍ଣ, ନୂଆ ଓ ମୌଳିକ । ଚେତନାଗତ ଦୃଷ୍ଟି କୋଣରୁ 'ଶ୍ରୀରାଧା' ର ଅନ୍ୟାନ୍ୟ କାବ୍ୟ ଉତ୍କର୍ଷମାନଙ୍କ ସଂପର୍କରେ ନିମ୍ନରେ ଆଲୋଚନା କରାଗଲା ।

## 'ଶ୍ରୀରାଧା'ରେ ମହାର୍ଘ ପ୍ରେମର ଅନୁଭୂତି:

ପ୍ରେମ ହୃଦୟ ମନ୍ଥନର ଅମୃତମୟ ଫଳଶ୍ରୁତି, ହୃଦୟର ଆକୂଳ ଆକୁତିରେ ପ୍ରେମର ବନସ୍ପତି ବିକଶିତ ହୁଏ । ଦୁଇଟି ହୃଦୟର ନିବିଡ଼ ସଂକ୍ରମଣରେ ପ୍ରେମର ଫଲଗୁ ପ୍ରବାହିତ ହୁଏ । ହୃଦୟ ଭିତରେ ସଂଗୋପିତ ରହସ୍ୟ ଓ ଆବେଗକୁ ନେଇ ପ୍ରେମର ନୂଆ ଏକ ନିଳୟ ସୃଷ୍ଟି ହୁଏ । ବିକଳ୍ପ ଜୀବନ ପରିଚୟ ଏଇଠୁ ଆରମ୍ଭ ହୁଏ । ଦେହ ଓ ଶାରୀରିକ ସୌନ୍ଦର୍ଯ୍ୟ ବୋଧର ବିନ୍ଦୁରୁ ଆରମ୍ଭ ହୋଇ ଏ ପ୍ରେମ କ୍ରମଶଃ ଲାଭକ୍ଷତିର ପୃଥିବୀ ବାହାରେ ଏକ ବିକଳ୍ପ ବିଶ୍ୱଆଡ଼କୁ ଗତି ପ୍ରାପ୍ତ ହୁଏ । ପ୍ରେମରେ ଯେଉଁଠି ବ୍ୟକ୍ତିଗତ ବିଳାସ ଓ ହିସାବ କଥା ଆସେ ସେଇଠି ହୃଦୟ ଭାଙ୍ଗିଯାଇ କେବଳ ସଂପର୍କ ସୂତା ଖିଏ ରେ ବଞ୍ଚିରହେ । ମହାର୍ଘ ପ୍ରେମ ଆଖିରେ ଫୁଲେ । ନିଃଶ୍ୱାସରେ ବଢ଼େ । ମହାଶୂନ୍ୟରେ କେନେଇ ଯାଏ । ଦାଣ୍ଡ ଧୂଳିକୁ ଚନ୍ଦନ କରି ଦେହରେ ଲିପେ । ଚନ୍ଦ୍ରରୁ ଅମୃତ ପିଏ । ପତ୍ରଙ୍କ ଶେଯରେ ପବନର ଦୋଳିରେ ଖେଳେ । ମୁଁ,

ମୋର, ତମର ବଦଳରେ 'ଆମର' ଆଡ଼କୁ କ୍ରମଶଃ ରୂପାନ୍ତରିତ ହୋଇଯାଏ । ଏ ଜନ୍ମରେ ନୁହେଁ ଜନ୍ମାନ୍ତ ରହେଁ ମିଳନର ପିପାସା ସୃଷ୍ଟି ହୁଏ । ସବୁ ପାଇବା ଗୋଟିଏ ଚମତ୍‌କାର ହରେଇବା ଓ ହରେଇ ପୁଣି ପାଇବାର ପ୍ରତିବଦ୍ଧତା ହେଉଛି ମହାର୍ଘ ପ୍ରେମର ଫଳଶ୍ରୁତି । ଓଡ଼ିଆ କାବ୍ୟ ପରମ୍ପରାରେ ଏପରି ପ୍ରେମ ବିରଳ । ସୈନ୍ଦର୍ଯ୍ୟ ଓ ପ୍ରବୃତ୍ତିର ଭଉଁରୀ ଭିତରେ ପ୍ରେମ ମ୍ଲାନ ପଡ଼ିଯିବା ଏକ ସାଧାରଣ କାବ୍ୟକ୍ରିୟା । ଉପେନ୍ଦ୍ରଭଞ୍ଜଙ୍କ ଠାରୁ ଆରମ୍ଭ କରି ରାଧାନାଥଙ୍କ କାବ୍ୟ ପର୍ଯ୍ୟନ୍ତ ପ୍ରେମ ଦେହ ଭୋଗର ବାସନାକୁ ଛାଡ଼ି ପାରିନାହିଁ । ସବୁଜ ପରୀମାନଙ୍କ ସ୍ୱପ୍ନର ଖିଆଲି ପୃଥିବୀ ଠାରୁ ଧୂସର ଦୁନିଆର ପ୍ରତିମା-ଅଳକା-ଚନ୍ଦ୍ରମା ମାନଙ୍କ କଥା ନିଆରା । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କାବ୍ୟଧାରାରେ ନାରୀମାନଙ୍କ ପ୍ରେମଚିନ୍ତା ଦେହପଣ୍ୟରେ ବଦଳି ଯାଇଛି । ନାରୀ ନିଜ ଯୌବନ ବଣରେ ନିଆଁ ଲଗାଇ କେବେ ସୁଖୀ ହୋଇନାହିଁ କିମ୍ବା ତାର ଜଠର ଯନ୍ତ୍ରଣା ଉପଶମ ପାଇଁ ଦେହକୁ ବିକଳ୍ପ ଭାବରେ ମାନିନେଇ କ୍ଷୁଧା ଉପଶମ କରିପାରିନାହିଁ । 'ଅଳକା ସାନ୍ୟାଲ-ପ୍ରତିମା ନାନକ-ମିନତୀ-ମିରା-ପ୍ରଭାତିଜୀ-ଚନ୍ଦ୍ରା ବେହେରାଣୀ' ଆଜି ସମାଜର ବିଭିନ୍ନ ବର୍ଗର ଚରିତ୍ର ମାନେ ପ୍ରେମର ମିଛ ଆଭିଜାତ୍ୟ ପଛରେ ଅଣନିଃଶ୍ୱାସୀ ହୋଇ ଧାଇଁ ଧାଇଁ ଶେଷରେ ମୁଠାଏ ଶୂନ୍ୟତାକୁ ଭେଟିଛନ୍ତି । ରମାକାନ୍ତ ରଥଙ୍କ 'ଶ୍ରୀରାଧା' ରେ ଦେହମୁକ୍ତିର ପିପାସା ଏହି ଶୂନ୍ୟ ତମ ବିନ୍ଦୁରୁ ଆରମ୍ଭ ହୋଇ ଚେତନାର ମହାଶୂନ୍ୟ ଆଡ଼କୁ ଅଗ୍ରଗତି ଲାଭ କରିଛି ।

ରମାକାନ୍ତ ରଥଙ୍କ 'ଶ୍ରୀରାଥା' ପ୍ରେମରେ ଦେହମୁକ୍ତିର କଥା କହିବା ସହ ପ୍ରେମର ଅମରତ୍ୱ ପ୍ରତିଷ୍ଠା ଦିଗରେ ଏକ ଉଦାହରଣ ପାଲଟି ଯାଇଛି । ପ୍ରେମର ଦୁଇଟି ଦିଗ ରହିଛି । ଗୋଟିଏ ଅତି ଲୌକିକ ସ୍ତରରେ । ପ୍ରେମରୁ ଆରମ୍ଭ ହୋଇ ସଂସାର ଲୀଳାର ଅସନ୍ତୋଷ, ଆତ୍ମତୃପ୍ତି, ପ୍ରଜନନ, ମୃତ୍ୟୁ ଭିତରେ ସୀମିତ ହୋଇଯିବା । ଅନ୍ୟ ଦିଗଟି ହେଉଛି ଏସବୁକୁ ଉପେକ୍ଷା କରି ପ୍ରେମକୁ ଏକ ବ୍ରତତୀ ନାରୀ ପରିପାଳନ କରିବା । ଏଜନ୍ମରେ ଜଣେ ଅନୁବ୍ରତୀ ପ୍ରେମିକ ରୂପେ ପ୍ରେମର ପବିତ୍ର ଦୀପ ଜାଳି ଏହାକୁ ଜନ୍ମ-ଜନ୍ମାନ୍ତର ପାଇଁ ସାଇତି ରଖିବା । ଏପରି ପ୍ରେମରେ ନିକଟଠାରୁ ଦୂରରେ ଉପାସନା ହୁଏ । ଦେହରୁ ବିଦେହକୁ ନିରବଧି ଯାତ୍ରା ଆରମ୍ଭ ହୁଏ । ଏପରି ପ୍ରେମର ଦାର୍ଶନିକ ପ୍ରୟୋଗ ଓଡ଼ିଆ କାବ୍ୟ ପରମ୍ପରାରେ ରହିଆସିଛି । ଲକ୍ଷ୍ୟ କରନ୍ତୁ :

(କ) 'କେତେ ଦୂରେ ଚନ୍ଦ୍ର
କେତେ ଦୂରେ କୁମୁଦୁନୀ
ପ୍ରୀତି ଅଭେଦ ତାଙ୍କର
ଯେତେଦୂରେ ଥିଲେ
ଯିଏ ଯାହାର ସିଏ ତାହାର ।'
(ପ୍ରେମ ସୁଧାନିଧି : ଉପେନ୍ଦ୍ରଭଞ୍ଜ)

(ଖ) 'ପ୍ରେମ ନୁହେଁ ଦେହ
ଦେହ ଭୋଗୁ ଅନ୍ୱେଷଣ
ପ୍ରେମ ଏକ ଆତ୍ମାପ୍ରତି
ଅନ୍ୟର ବନ୍ଧନ
ପ୍ରେମପୂର୍ଣ୍ଣ ସମର୍ପଣ

ଏକ ଆନପାଇଁ

ପ୍ରେମରେ ପ୍ରେମରେ ଦେବା ନିଜକୁ ହଜାଇ ।'

(ଧୂପ : ମାୟାଧର ମାନସିଂ)

ଓଡ଼ିଆ କାବ୍ୟ ପରମ୍ପରାରେ ଦୁଇ ପ୍ରଚଣ୍ଡ ଦେହ ମିଳନର କବି ଦେହୋତ୍ତର ଅନୁଭବର ମହାର୍ଘତା ସଂପର୍କରେ ଯେଉଁ ଚିନ୍ତା ପ୍ରକଟ କରିଛନ୍ତି, ତାହା ଏକାନ୍ତ ସତ୍ୟ । ଉପେନ୍ଦ୍ର ଭଞ୍ଜଙ୍କ କବିତାରେ 'ଦୂରତା' ଓ ମାନସିଂଙ୍କ କବିତାରେ 'ଦେହୋତ୍ତର' ଉପଲବ୍ଧି ପ୍ରେମର ମହାର୍ଘ ଅନୁଭୂତିକୁ ବ୍ୟକ୍ତ କରୁଛି । ବୈଷ୍ଣବ ପ୍ରେମ କାବ୍ୟ ମାନଙ୍କରେ ଲୌକିକ ଦେହ ବର୍ଣ୍ଣନା ଥିବା ବେଳେ ଏହା ଅତିମାନସ ସ୍ତରରେ ଅଭିନୀତ ବର୍ଣ୍ଣନା ଧର୍ମୀ କାବ୍ୟ ଗୁଡ଼ିକ ଅନେତ୍ର ଦେହଦାହର ଉତ୍ତେଜନା ପ୍ରକାଶ କରୁଥିଲେ ମଧ୍ୟ, ସେହି ବ୍ୟୁହରୁ ଫିଟି ବିଦେହର ପ୍ରତୀକ୍ଷା ପାଇଁ ଚରମ ଉତ୍କଣ୍ଠା ପ୍ରକାଶ କରିଛନ୍ତି । ପ୍ରେମର ଅପୂର୍ଣତା ଅନୁଭବ କରୁଥିବା ରାଧା ନିଜ ଜୀବନ ଗଲାପରେ ତାଙ୍କ ପ୍ରେମର ଜୀବନ୍ୟାସ ନେଇ ସଖୀମାନଙ୍କୁ କିପରି ନିର୍ଦ୍ଦେଶ ଦେଇଛନ୍ତି ଲକ୍ଷ୍ୟ କରନ୍ତୁ :

'ଜୀବନ ଗଲେ ଏତିମି କରିବ

ଶ୍ୟାମ ନାମ ମୋ ହୃଦୟରେ ଲଭିବ

ଶ୍ୟାମ ରୂପ ମୃତ୍ତିକାରେ ଲଦାଇ

ଶ୍ୟାମ ଗତିପଥେ

ମୋ ଶବ ପୋତିବ ଆପଣାହାତେ

ତେବେ ଏମନ୍ତ କରି ନ ପାରିବ

ତମାଳେ କୋଳ କରାଇ ଥୋଇବ

କୃଷ୍ଣବଂଶୀ ଶୁଭୁଥିବ ଯେଣିକି

କର୍ଣ୍ଣ ଡ଼େରି ଦେଇଥିବ ତେଣିକି

ସବୁ ସଜନୀଙ୍କି

ହାତ ଧରି ମୁଁ ମାଗୁଛି ଏତିକି ।'

(ବିଦଗ୍ଧ ଚିନ୍ତାମଣି : ଅଭିମନ୍ୟୁ ସାମନ୍ତସିଂହାର)

ଜୀବନ ଯିବା ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରେମ କିପରି ବଞ୍ଚିରହୁଛି ତାହାହିଁ ମହାର୍ଘ ପ୍ରେମର ବଡ଼ ଉପଲବ୍ଧି । କବି ରମାକାନ୍ତ ରଥ 'ଶ୍ରୀରାଧା' ରେ ବୈଷ୍ଣବୀୟ ଭାବନା ଅନୁରୂପ ବ୍ୟାପ୍ତି, ବିରହ, ବ୍ୟାକୁଳତାକୁ ରୂପ ଦେଇଛନ୍ତି । 'ଶ୍ରୀରାଧା' ରେ କୃଷ୍ଣଙ୍କ ମୃତ୍ୟୁର ବିବରଣୀ ରହିଛି । ରାଧା ନିଜ ମୃତ୍ୟୁ କଥା ନଭାବିବା କୃଷ୍ଣଙ୍କ ମୃତ୍ୟୁପରେ ତାଙ୍କ ପ୍ରେମ ଜନିତ ପ୍ରତିବଦ୍ଧତାର ଯେଉଁ ତଥ୍ୟ ଦେଇଛନ୍ତି, ତାହା ତାଙ୍କ ପ୍ରେମ ବୋଧକୁ ଉଚ୍ଚତମ ଶିଖରରେ ସ୍ଥାପନା କରିପାରିଛି ।

'ମୁଁ କିନ୍ତୁ ପାରୁନି ଆଉ

ରୋକି ମୋର ସୁଖସନ୍ତୋଷକୁ

ତମେ ଯଦି ତାଙ୍କ ପାଇଁ ନମରିଥାନ୍ତ ମୁଁ

ଗୋଟାପଣେ ପାଇଥାନ୍ତି କିପରି ତମକୁ ? (ଶ୍ରୀରାଧା-୬୧)

ରାଧାଙ୍କ ପ୍ରେମ କୁମାରୀ ଜୀବନର ପ୍ରେମ ନୁହେଁ । ବୈଷ୍ଣବ କବିମାନେ ରାଧାଙ୍କର ବାଲ୍ୟ-କିଶୋରୀ-ନାରୀ ଅବସ୍ଥାର ପ୍ରେମ ବର୍ଣ୍ଣନା କରିଛନ୍ତି । କବି ରମାକାନ୍ତ 'ଶ୍ରୀରାଧା' ରେ କେବଳ ନାରୀ (ସ୍ତ୍ରୀ) ଜୀବନର ଅନୁଭୂତି ବ୍ୟକ୍ତ କରିଛନ୍ତି । ଏହି ପ୍ରେମଟି ପୁଣି ପରକୀୟା ଓ ପାପ ବୋଧ ରୁ ସୃଷ୍ଟି । ରାଧା ଓ କୃଷ୍ଣ ଉଭୟ ବିବାହିତା । ଦୁଇଟି ବୈବାହିକ ସତ୍ତା ପରସ୍ପର ପ୍ରତି ଆକୃଷ୍ଟ ହୋଇ ପ୍ରୀତି ପାଳିବାର ଏହା ବିରଳ ନମୁନା । ରାଧା ତମାମ ଜୀବନ କାଳ ଶିଷ୍ଟତାର ସଂଭ୍ରମତା ସହ କୃଷ୍ଣଙ୍କ ଜୀବନ କି ପରିବାରରେ ଧସେଇ ପଶିନାହାଁନ୍ତି । ଜଣେ ସାଧିକା ଭାବରେ ଅନନ୍ତ କାଳ ପାଇଁ ପ୍ରତୀକ୍ଷା କରିବାକୁ ଚାହାଁନ୍ତି । ଅନ୍ୟର ସ୍ୱାମୀ, ପିତା ,ସମ୍ରାଟଙ୍କୁ ସେ କାହିଁକି ନିଜର କରିବେ ? ପବନକୁ କେହି କଣ ଅଣ୍ଟିରେ ବାନ୍ଧି ପାରେ ? ସେଥିପାଇଁ ରାଧା ଅପେକ୍ଷା କରିଛନ୍ତି ଆଉ ଗୋଟିଏ ଜନ୍ମ ପାଇଁ । ଯେଉଁଠି ଦୁହେଁ ପରିଚୟ ଓ ବନ୍ଧନ ମୁକ୍ତ ହୋଇ ଏକାଠି ହେବେ । ଅତଏବ କୃଷ୍ଣଙ୍କ ମୃତ୍ୟୁ ଖବର ପାଇବା ମାତ୍ରେ ରାଧା ପାଟପୀତାମ୍ବରୀ ପିନ୍ଧିବା ସହିତ ଯୁବତୀ ମାନଙ୍କ ପରି ବଧୂବେଶରେ ସଜ୍ଜିତ । ପରିଚୟ ମୁକ୍ତ କୃଷ୍ଣ ଏବେ ରାଧାଙ୍କର । ପ୍ରିୟଜନ ଓ ପ୍ରଜାମଣ୍ଡଳର ସ୍ମୃତିରୁ କ୍ରମଶଃ ସେ ହଜିଗଲା ପରେ କେବଳ ରାଧାଙ୍କ ସ୍ମୃତିରେ ସେବଞ୍ଚି ରହିବେ । ରାଧା ଏହି ଆବେଗିକ ଅନୁଭବ ସଂପର୍କରେ କହୁଛନ୍ତି :

'କାହାରିକୁ ଜଣାନାହିଁ ତମେ ଅଛ, ତେଣୁ
ମୁଁ ନଈକୁ ଆସିବା ବାଟରେ
ପଛେ ପଛେ ଆସିବେନି କେହି
ସେମାନେ ସମସ୍ତେ ମୋତେ ଭୁଲିଯିବେ କିମ୍ବା
ଶୋଇଥିବେ ଅଚେତନ ହୋଇ ।' (ଶ୍ରୀରାଧା - ୬୧)

କୃଷ୍ଣ ଗୋପ ଛାଡ଼ିବା, ମଥୁରାରେ କଂସ ବଧ କରିବା ଓ ଦ୍ୱାରକାରେ ପତ୍ନୀପୁତ୍ର ସଂସାର ସହ ସାମ୍ରାଜ୍ୟ ପ୍ରତିଷ୍ଠା କରିବାର ପ୍ରଲଂବିତ ଯନ୍ତ୍ରଣାକୁ ଭୋଗ କରିଛନ୍ତି ରାଧା । ନିଃସଙ୍ଗତା ସହ ଲୁଚକାଳି ଖେଳି ବଞ୍ଚି ରହିଛି ତାଙ୍କର ଅସ୍ତିତ୍ୱ । ସତୀତ୍ୱର ପରୀକ୍ଷା ଦେବା ପାଇଁ ସ୍ୱାମୀଠାରୁ ମାଡ଼ ଖାଇଛନ୍ତି ରାଧା । ଏତେ ସବୁ ବେଦନା ସତ୍ତ୍ୱେ ନିଜ ପ୍ରେମ ଅଙ୍ଗୀକାରରୁ ସେ ପଛେଇ ନାହାନ୍ତି । ସ୍ୱାମୀ ବାହାରକୁ ସିନ୍ଦୂର ହୋଇ ଶୋଭାପାଇଛି, ପ୍ରେମିକ ଛାତି ଭିତରେ ରକ୍ତ ହୋଇ ଝରିଛି । ସିନ୍ଦୂର ଓ ରକ୍ତର ନିରବଧି ଶୂନ୍ୟସ୍ଥାନ ଭିତରେ ଅଟକି ରହିଛି ଶ୍ରୀରାଧା । ରମାକାନ୍ତଙ୍କ ସମଗ୍ର କବିତାରେ ପ୍ରେମର ଏହି ଅଗ୍ନି ପରୀକ୍ଷା ନୂଆ ନୂଆ ଯୁକ୍ତି ସହ ପ୍ରକାଶ ପାଇଛି । କୃଷ୍ଣଙ୍କଠାରୁ ଦେହ ଦୂରତା ରକ୍ଷା କରିବା ପାଇଁ ରାଧାଙ୍କ ଯୁକ୍ତିକୁ ଦେଖନ୍ତୁ :

'ତୁମକୁ ଛୁଇଁଲେ ତମେ
ମିଶିଯିବ ମୋ ରକ୍ତ ଭିତରେ
ଆଉ କଣ ଆଗପରି ବଇଁଶୀ ଖଣ୍ଡିଏ
ଧରି ଚାଲୁଥିବ ପ୍ରତିଦିନ ମୋ' ପଛରେ ? (ଶ୍ରୀରାଧା :-୭)

ପରପୁରୁଷ କୃଷ୍ଣଙ୍କୁ ଛୁଇଁବାର ସାମାନ୍ୟତମ ଲାଳସା ରାଧାଙ୍କର ନାହିଁ । ସେ ତାଙ୍କର ପ୍ରେମକୁ ଦୂରରେ ରଖି ପ୍ରିୟତମକୁ ଉପାସନା କରିବାକୁ ଚହାଁନ୍ତି । ଏହି ତପସ୍ୟା ରେ ତାଙ୍କୁ ମିଳିଛି ସାମାଜିକ କଳଙ୍କ, ଯନ୍ତ୍ରଣା, ପାରିବାରିକ ତିରସ୍କାର । ଆତ୍ମିକ ସ୍ତରରେ ପାଇଛନ୍ତି ପର୍ବତ ପ୍ରମାଣ ଯନ୍ତ୍ରଣା । ରାଧା ଭଲଭାବରେ ଜାଣନ୍ତି ଏସବୁରୁ ତାଙ୍କର ମୁକ୍ତି ନାହିଁ । ଶୂନ୍ୟତା ହିଁ ପ୍ରାପ୍ତି ଭାବରେ ଗ୍ରହଣ କରି ରାଧା ତାଙ୍କର ପ୍ରେମ ବୋଧକୁ ଅମୃତମୟ କରିବାକୁ ଚାହିଁଛନ୍ତି । ପ୍ରିୟତମ

ବିନା ପ୍ରେମିକା କେତେ କାଙ୍ଗାଳୁଣୀ ସତରେ ? ପାଟପୀତାମ୍ବରୀ ଭିତରେ ତାର ଦେହ ଫୁଟିଦିଶୁଥାଏ । ସୁଖର ସାମ୍ରାଜ୍ୟ ଭିତରେ ଦୁଃଖର ଚିନ୍ତା ସୃଷ୍ଟି ହୁଏ । ପ୍ରେମିକାର ଏହି କାଙ୍ଗାଳୁଣୀ ସତ୍ତା ତାକୁ ଅମରତ୍ୱ ଆଣିଦିଏ ।

'ମୁଁ ସର୍ବଦା କାଙ୍ଗାଳୁଣୀ, ଅନ୍ତରୀକ୍ଷ ଯାଏଁ
ପ୍ରସାରିତ ମୋର ଦୁଇ ସୀମାହୀନ ବାହୁଙ୍କ ଭିତରେ
ମୁଁ ଉଦ୍‌ଗ୍ରୀବ ଶୂନ୍ୟସ୍ଥାନ ଟିଏ ।
ଖାଲି ଶୂନ୍ୟସ୍ଥାନ ଟିଏ ହୋଇ ରହିଯିବା
କାହା କାହା କପାଳେ ତ ଥାଏ ।' (ଶ୍ରୀରାଧା :-୨)

ଶ୍ରୀରାଧାଙ୍କ ପ୍ରାପ୍ତି ହିଁ ଏତିକି । ଶୂନ୍ୟସ୍ଥାନ ହିଁ ତାଙ୍କର ସୌଭାଗ୍ୟ । ପ୍ରେମର ଏହି ମହାର୍ଘ ଅନୁଭବ ତାଙ୍କ ପ୍ରେମକୁ ଅମରତ୍ୱ ପ୍ରଦାନ କରିଛି । ସମକାଳୀନ ସମାଜରେ ପରକୀୟା ଓ ପାପବୋଧ ସଂଜାତ ବିବାହ ପରବର୍ତ୍ତୀ ପ୍ରେମ ସଂପର୍କରେ ଯୋଡ଼ି ହେଉଥିବା ଚରିତ୍ର ମାନଙ୍କ ପାଇଁ ଶ୍ରୀରାଧାରେ ଅଛି ସତ୍ ପ୍ରେମର ନକ୍‌ସା । ଜଣେ ବିବାହିତା ନାରୀର ପରପୁରୁଷ ପ୍ରତି ନୈତିକ ଆନୁଗତ୍ୟ ଓ ଜନ୍ମାନ୍ତରର ଅଭିଜାତ ସଂପର୍କ ଏଥିରେ ପ୍ରକାଶ ପାଇଛି । ପ୍ରେମର ଅନ୍ୟନାମ ତ୍ୟାଗ ଓ ତପସ୍ୟା ଦୂରତା ଓ ଦେହୋତ୍ତର ଉପଲବ୍ଧି । ଏସବୁକୁ ପୁଞ୍ଜି କରି 'ଶ୍ରୀରାଧା'ର ପ୍ରେମ ପାଲଟିଛି ଅମୃତ ।

**୧.୪ : 'ଶ୍ରୀରାଧା' ରେ ମିଥ୍ ପ୍ରସଙ୍ଗର ଅନୁଧ୍ୟାନ**

ପ୍ରାଚୀନ କାହାଣୀ, ପୁରାଣ, ଇତିହାସ ଲୋକକଥାର ଚରତ୍ର ଓ ଘଟଣା ସହ ଯୋଡ଼ି, ପ୍ରକାଶ କରିବାର କଳାକୁ ପୁରାକଳ୍ପ ବା ମିଥ୍ (myth) ବୋଲି ବିବେଚନା କରାଯାଏ । ଏଥିରେ ମୂଳ ଚରିତ୍ର ବା ଘଟଣାର ବର୍ତ୍ତମାନ କୁହାଯାଉଥିବା ଘଟଣା ସହିତ ସାମ୍ୟତା ପ୍ରତିଷ୍ଠା ପାଇଥାଏ । ଏହି ସାଦୃଶ୍ୟତା କଳାତ୍ମକ ଓ ଶାସ୍ତ୍ରୀୟ ନହେଲେ ଏହା ମିଥ୍ ପର୍ଯ୍ୟାୟଭୁକ୍ତ ହୁଏ ନାହିଁ । ଭାରତୀୟ ଲୋକକଥା ଓ ପୁରାଣରେ ପ୍ରତିଷ୍ଠିତ ରାଧାକୃଷ୍ଣ ଲୀଳାର ଏକ ପ୍ରମୁଖଚରିତ୍ର ହେଉଛନ୍ତି ରାଧା । କୃଷ୍ଣଙ୍କ ପ୍ରେମ ଓ ତ୍ୟାଗ ଅପେକ୍ଷା ରାଧାଙ୍କ ତ୍ୟାଗ ଓ ପ୍ରତୀକ୍ଷା ତାଙ୍କ ରାଧା କୃଷ୍ଣ ପ୍ରେମବଳୟରେ ଅଧିକ ପ୍ରାଧାନ୍ୟ ପ୍ରଦାନ କରିଛି । ଏହି ପରକୀୟା ପ୍ରେମ ନାନ୍ଦନିକତାର ଅଧୁନାତମ ଅଧ୍ୟୟନ ହେଉଛି ଏହାର ମିଥ୍ କଳା । ସଂପ୍ରତି ଶିକ୍ଷିତା ନାରୀଟି କିଶୋରୀ ବୟସର ପ୍ରେମ କରି ସୁଦ୍ଧା ଜୀବନ ସାଥୀ ଭାବରେ ତାର ପ୍ରିୟପୁରୁଷକୁ ପାଇ ପାରେନାହିଁ । ପାରିପାରିକ ବିଡ଼ମ୍ବନା, ସାମାଜିକ ରକ୍ଷଣଶୀଳତା, ଜାତି, ଧର୍ମ, ବର୍ଣ୍ଣ, ବିଚାର ଧାରା ଭେଦରେ ଏହି ବ୍ୟବଧାନ ସୃଷ୍ଟି ହୁଏ । ପରନ୍ତୁ ଏହି ଆଦ୍ୟ କିଶୋରୀ ଅନ୍ୟତ୍ର ବିବାହ କରି ସୁଦ୍ଧା ତାର ପ୍ରେମିକ ପୁରୁଷକୁ ଝୁରିହୁଏ । ସାରାଜୀବନ ତାରି ପାଇଁ ଅନ୍ତହୀନ ପ୍ରତୀକ୍ଷାରେ କଟିଯାଏ । ସ୍ୱାମୀ, ସଂସାରପଣ ଭିତରେ ଏହି ପରକୀୟା ପ୍ରୀତି ପ୍ଳାବନ ହୃଦୟରେ ରକ୍ତ ହୋଇଝରେ । ଏଇଠି ଶ୍ରୀରାଧାଙ୍କ ସହ ଆଧୁନିକା ରମଣୀର ସାମ୍ୟତା ସୃଷ୍ଟି ହୁଏ । 'ଶ୍ରୀରାଧା'ର ମିଥ୍ ମୂଲ୍ୟଟି ଏହି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ।

ସ୍ୱାମୀ ସଂସାର ଭିତରେ ଆବଦ୍ଧ ହୋଇ ନିଜର ପ୍ରେମିକା ସତ୍ତାକୁ ବଞ୍ଚାଇ ରଖିବା ସହଜକଥା ନୁହେଁ । କିଶୋରୀ ରାଧିକା ଓ ଶ୍ରୀମତୀ ଶ୍ରୀରାଧାଙ୍କ ଭିତରେ ଆକାଶ ପାତାଳ ପ୍ରଭେଦ । ପ୍ରେମିକା ଥରେ ପତ୍ନୀ ହୋଇଗଲା ପରେ ଘରର ଏରୁଣ୍ଡି ଡ଼େଇଁ ପ୍ରିୟ ପୁରୁଷ (ପରପୁରୁଷ) ପାଖକୁ ଯିବା ସହଜ କଥା ନୁହେଁ । ଶ୍ରୀରାଧା ସେଇଥିପାଇଁ ଏମିତି ଏକ ରାତି, ଯେଉଁ ରାତିର ସକାଳ ନାହିଁ । ପାର୍ଥିକ ସୁଖ, ଦୁଃଖରେ ବଦଳିଗଲାପରେ ଯେତେବେଳେ ସେ ଅପାର୍ଥିକ ସୁଖ ହୋଇଛି । ପରପୁରୁଷ ସହିତ ସଂପର୍କ ସନ୍ଦେହରେ ଆଜିବି ବହୁତ ମହିଳା ସ୍ୱାମୀନିର୍ଯ୍ୟାତିତା । ମନର କଥା ପ୍ରକାଶ ପାଇଗଲେ ଅନେକ ନାରୀଙ୍କର ସୁନାର ସଂସାର ଚୂନା ହୋଇଯିବ । ନାରୀ ଯଦି ତାର ଅତୀତକୁ ରୋମନ୍ଥନ କରି ସମୟର କରାଳ ପ୍ରହାରଣ' ଦେହରେ ଦାଗ ବସାଇଦେବ ।

'କାଲି ମୋର ସ୍ୱାମୀ ମୋର ବାଳଝିଙ୍କିଲେ ଓ
ମୁଣ୍ଡକୁ କାନ୍ଥରେ ବାରମ୍ବାର କଚାଡ଼ିଲେ
ମୁଁ କେଉଁଠି ପୂର୍ବରାତି ବିତାଇଲି ତାହା
ସାଫ୍ ସାଫ୍ ମାନିଯିବା ଲାଗି କହୁଥିଲେ ।' (ଶ୍ରୀରାଧା : ୨୫)

ସମକାଳୀନ ସମାଜରେ ଘଟୁଥିବା ଅନେକ ଘାରୋଇ ହିଂସା, ନାରୀନିର୍ଯ୍ୟାତନାକୁ ବିଚାରି ଥିଲେ । ପ୍ରେମକୁ ଛାତିରେ ସାଇତି ରଖିଥିଲେ ବୋଲି ତାଙ୍କୁ ବାରମ୍ବାର ମୂଲ୍ୟ ଦେବାକୁ ହେଇଥିଲା । ବସ୍ତୁବାଦୀ ଜୀବନରୁ ମୁକ୍ତି ଖୋଜୁଥିବା ଯେ କୌଣସି ସମକାଳୀନ ନାରୀସତ୍ତା ନିଜକୁ ଶ୍ରୀରାଧାଙ୍କ ଭିତରେ ଆବିଷ୍କାର କରିପାରିବ । ସାମାଜିକ ସୁରକ୍ଷା ଓ ଘରୋଇହିଂସା ଭୟରେ ମୁହଁ ନ ଖୋଲି ନିଜ ପ୍ରେମକୁ ହୃଦୟରେ ସାଇତି ରଖିଥିବା ନାରୀଟିର ଏକମାତ୍ର ଇଚ୍ଛା ଏଥର ନହେଲା ନାହିଁ ଆଗଜନ୍ମରେ ନିଜର ଇପ୍ସିତ ପୁରୁଷ ସହ ମିଳନ ହେବ । ଏହି ସମ୍ମୋହନର ବଶବର୍ତ୍ତୀ ହୋଇ ତମାମ ବର୍ତ୍ତମାନକୁ ସେ ନିଃସଙ୍ଗତାରେ କାଟିଦିଏ । ଶ୍ରୀରାଧା ନିଜର ତିଳତିଳ ଜାଳି ଦେଇଛନ୍ତି । ବଞ୍ଚୁଥିବା ଜୀବନର ଅତୃପ୍ତି ପ୍ରିୟତମ ପାଖକୁ ବାଟ କଢ଼େଇ ନେଲାବେଳେ ସାମାଜିକତାର ଭୟରେ ଅଟକି ଯାଇଛନ୍ତି ଶ୍ରୀରାଧା ।

'ମୁଁ କଣ ରୋକିନି ମୋର ଉନ୍ମାଦନା ଯେତେ
ଏଦେହ ଅଥୟ ହେଉଥିଲା ଅତୃପ୍ତିରେ ?
ମୁଁ କଣ ଅସଂଖ୍ୟ ଥର ଦୁଆର ମୁହଁରୁ
ଫେରି ଯାଇ ନାହିଁ ବାଟ ବୁଡ଼ିବା ଭୟରେ ?
(ଶ୍ରୀରାଧା :-୨୪)

ସାମାଜିକ ଶୃଙ୍ଖଳ ଭିତରେ ବଞ୍ଚୁଥିବା ଅନେକ ନାରୀ ଆଜି ଅତୃପ୍ତ । ଯେଉଁ ମାନେ ଶୃଙ୍ଖଳ ହୋଇଛନ୍ତି ତମାମ ଜୀବନ କେବଳ କୁହୁଳିଛନ୍ତି । ରାଧାଙ୍କ ପରି ବର୍ତ୍ତମାନର ନାରୀ ଭାଗ୍ୟରେ କୁହୁଳି ବାହିଂ ସାରକଥା । ପ୍ରେମିକକୁ ଝୁରିଝରି ବଞ୍ଚିବା କାହା ଭାଗ୍ୟରେ ଥାଏ । ଅତଏବ ରାଧାଙ୍କ ସେଦିନର ଜୀବନଧାରାକୁ ଆଜିର ନାରୀ ଜୀବନ ଭିତରେ ଆଙ୍କିବସିଲେ କେଉଁଠିନା କେଉଁଠି ରାଧାବୋଧଟି ଧରାପଡ଼ିଯାଏ ।

କବି ରମାକାନ୍ତ 'ଶ୍ରୀରାଧା' କୁ ଧର୍ମକାବ୍ୟ ଭାବରେ ପ୍ରତିଷ୍ଠା ଦେବାକୁ ଚାହିଁ ନାହାଁନ୍ତି । ରାଧାଙ୍କ ସଂମ୍ପର୍କରେ ଏତେଗୁଡ଼ିଏ ଉଚ୍ଚାଙ୍ଗ ସୃଷ୍ଟି ଭାରତୀୟ ସାହିତ୍ୟରେ ଥିବା ବେଳେ ରମାକାନ୍ତ ପୁଣି କାହିଁକି ଏହାକୁ ରଚନା କରିଛନ୍ତି । ଏହାର ଜୀବନ୍ୟାସ ଦେଇ ରାଧାଙ୍କର ପ୍ରାଚୀନତାକୁ ଆହୁରି ବ୍ୟପ୍ତିମନ୍ତ୍ର କରିବା । ଏହି ଦୃଷ୍ଟିକୋଣରୁ 'ଶ୍ରୀରାଧା'ର ମିଥ୍ ମୂଲ୍ୟ ପ୍ରାସଙ୍ଗିକ ଓ ଯୁକ୍ତି ସମ୍ମତ ମନେହୁଏ ।

**୧.୫ : ଶ୍ରୀରାଧାଙ୍କ ଚରିତ୍ର ଚିତ୍ରଣ :**

'ଶ୍ରୀରାଧା' ଦୀର୍ଘ କବିତାର ସମସ୍ତ କବିତା ରାଧାଙ୍କ ସଂପର୍କରେ କବିତା ଆରମ୍ଭ (୧) ରୁ ଶେଷ (୬୧) ପର୍ଯ୍ୟନ୍ତ ସମସ୍ତ କବିତାରେ ରାଧା ପ୍ରଥମ ବଚନରେ କହୁଥିବା ଲକ୍ଷ୍ୟ କରାଯିବ । ଏହା ରାଧାଙ୍କ ସ୍ୱୀକାରୋକ୍ତ ଆତ୍ମକଥନ ପର୍ଯ୍ୟାୟର । ବୃନ୍ଦାବନରେ ଥିବା ଶ୍ରୀରାଧା ଓ ଦ୍ୱାରକାରେ ଥିବା କୃଷ୍ଣଙ୍କ ମଧ୍ୟରେ ଦୂରତା ଅନେକ । ଆଜି ଉଭୟ ନିଜ ନିଜ ମଧ୍ୟରେ ଦୂରତା ସେମାନଙ୍କର ଗର୍ବ କରିବା ପାଇଁ କେବଳ ରହିଛି ଅତୀତର କିଛି ମଧୁର ଅନୁଭବ । ଏସବୁ ଅନୁଭବ କିଶୋରୀ

ଜୀବନର । ସେଦିନର କଳାଜାଇ ଏବେ ସେହିସବୁ ମଧୁରରାତି, ଯମୁନାକୂଳ, ବଂଶୀସ୍ୱନ, ଚିତ୍ରଚୁମ୍ବନକୁ ଝୁରି ହେଉଛନ୍ତି । ଦିଗ୍‌ବଳୟକୁ ତ ପୁଣି କେବେ ଶୂନ୍ୟକୁ ହାତ ବଢ଼ାଉଛନ୍ତି । ସବୁଠି ତାଙ୍କୁ କୃଷ୍ଣମୟ ମନେ ହେଉଛି । ହେଲେ ଶୋଷ ମେଣ୍ଟୁନି । ରାଧାଙ୍କ ଅତୃପ୍ତି ଓ ଆତ୍ମତୃପ୍ତିର ଯେଉଁ ଦ୍ୱନ୍ଦତାଙ୍କ ମନମଗଜରେ ସଂଘଟିତ ହେଉଛି, ତାହାହିଁ ଶ୍ରୀରାଧା କବିତାରେ ତାଙ୍କ ଚାରିତ୍ରିକ ବିଶେଷତ୍ୱ ଭାବରେ ଆତ୍ମପ୍ରକାଶ କରିଛି ।

ରମାକାନ୍ତ କବିତାର ଆରମ୍ଭ ଉତ୍କଣ୍ଠାରେ କରିଛନ୍ତି । ବର୍ଷିୟସୀ ରାଧା ମହାବିରହରେ କୃଷ୍ଣଙ୍କୁ ପ୍ରତୀକ୍ଷା କରିଛନ୍ତି । ତାଙ୍କୁ ପ୍ରତିଦିନ କୃଷ୍ଣ ଆସିବେ  ଆସିବେ ଲାଗେ, କିନ୍ତୁ ସେ ଆସନ୍ତି ନାହିଁ । ଆଜିର ସକାଳ କାହିଁକି ଅଲଗା ଲାଗୁଛି । ବୋଧହୁଏ କୃଷ୍ଣ ଆଜି ଦ୍ୱାରକାରୁ ବୃନ୍ଦାବନକୁ ଫେରିଛନ୍ତି । କବିତାରେ ଆରମ୍ଭରେ ଜଣେ ବ୍ରତତୀ ପ୍ରେମିକାର ସବୁତକ ପରାକାଷ୍ଠା ରାଧା ଚରିତ୍ରରେ ପ୍ରତିଫଳିତ ହୋଇଛି । ରାଧାଙ୍କ ବିରହ ତପସ୍ୟାର ଫଳଶ୍ରୁତି ରୂପେ ଯେମିତି କୃଷ୍ଣ ବୃନ୍ଦାବନକୁ ଆସିଛନ୍ତି । କୃଷ୍ଣଙ୍କ ଅନୁଭବକୁ ନେଇ ରାଧା ରୋମାଞ୍ଚିତ ହୋଇପଡ଼ିଛନ୍ତି । କିଶୋରୀ ବୟସରେ ଅମାନିଆ କୃଷ୍ଣ କିପରି ତାଙ୍କ ସହ ରାତି ରାତି କାଟୁଥିଲେ ଓ ଗୋପନୀୟ ଇଲାକାରେ ପହଞ୍ଚି  ଯାଉଥିଲେ, ସେସବୁକୁ ମନେ ପକାଇ ରୋମାଞ୍ଚିତ ହୋଇଛନ୍ତି । ପ୍ରେମର ପ୍ରତିଦାନ ସ୍ୱରୂପ କୃଷ୍ଣ ତାଙ୍କୁ ମୁଦିଟିଏ ପିନ୍ଧାଇବାକଥା ମନେ ପକାଇଛନ୍ତି । ପତ୍ନୀକୁ ମୁଦି ପିନ୍ଧାଯାଏ, ପ୍ରେମିକାକୁ ନୁହେଁ ବୋଲି କହି ରାଧା ମୁଦି କାଢ଼ି ଦେଇଛନ୍ତି । ଅନ୍ୟ ପକ୍ଷରେ ତାଙ୍କୁ ଚୁମା ଦେବା ପାଇଁ ଜିଦ୍ କରୁଥିବା କୃଷ୍ଣଙ୍କୁ ସେ ବାସ୍ତବ ଉତ୍ତର ପ୍ରଦାନ କରିଛନ୍ତି ।

‘ଚୁମା ଦେଲେ ଦିଅ କିନ୍ତୁ ଭାବ ଯଦି ଆମେ
ବହୁତ ଆଗରୁ ଭେଟିଥାନ୍ତୁ ପରସ୍ପରେ
ଓଠର ଉତ୍ତାପ ପାଇଁ ଟିକିଏ ସମୟ
ଆଜିକଣ ମାଗୁଥାନ୍ତୁ ସମୟ ପାକରେ ?’
(ଶ୍ରୀରାଧା –୧୫)

ପ୍ରେମ ବିରହିଣୀ ଶ୍ରୀରାଧା ନିଜକୁ ନିର୍ଲ୍ଲଜ ଭାବରେ କୃଷ୍ଣଙ୍କ ନିକଟରେ ସମର୍ପି ଦେଇ ନାହାଁନ୍ତି । ପରନ୍ତୁ ଜଣେ ସ୍ୱାଭିମାନୀ ପ୍ରେମିକା ପରି ସମୟ ଓ ସାମାଜିକତାକୁ ସମ୍ମାନ ଜଣାଇ ଅଗ୍ରସର ହୋଇଛନ୍ତି । ଶ୍ରୀରାଧାରେ ଯଦିଓ ଚୁମ୍ବନ ଓ ଦେହ ସୁଖର ବାସ୍ନା ଅଛି ତଥାପି ମୁଦି ପିନ୍ଧା ପ୍ରସଙ୍ଗ ଓ ଚୁମ୍ବନ ପ୍ରସଙ୍ଗରେ ଶ୍ରୀରାଧା ନିଜର ସ୍ୱାଭିମାନ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ସମସ୍ତ ପ୍ରେମିକାଙ୍କ ପରି ଶ୍ରୀରାଧା ତାଙ୍କର ପ୍ରିୟତମକୁ କାହାରିକୁ ବାଣ୍ଟ ବସେଇ ଦେବାକୁ ବିରୋଧ କରିଛନ୍ତି । ନିଜ ପ୍ରେମିକକୁ ଗୋଟାପଣେ ପାଇବା ପାଇଁ ଶ୍ରୀରାଧାଙ୍କ ପ୍ରତିକ୍ରିୟାତ୍ମକ ଅଭିବ୍ୟକ୍ତି ତାତ୍ପର୍ଯ୍ୟ ପୂର୍ଣ୍ଣ ।

‘ବିଷ ଦେଇ ମାରିଦେବି ସମସ୍ତଙ୍କୁ ଯେଉଁମାନେ ତମ
ଆଗ୍ରହରେ ରହିଥାନ୍ତି, ଯେଉଁମାନେ ନିଜର ଅପେକ୍ଷା
ବଖାଣି ବସନ୍ତି ତମ କାନପାଖେ ଚାପିଲା ଗଳାରେ
କିନ୍ତୁ ଯଦି ତମ ପାଇଁ ଉଡ଼ିଯିବ କିଛି କ୍ରମିକତା
ନଥିବା ମୋ ସମୟ ବାହାରେ ।’
(ଶ୍ରୀରାଧା – ୨୩)

ନିଜ ପ୍ରେମରେ ସେ ଆଉ କାହାରିକୁ ଅଂଶୀଦାର ହେବାକୁ ଦେବେନାହିଁ । ରାଧାଙ୍କ ଚରିତ୍ରର ସବୁଠାରୁ ମହତ୍ତର ଦିଗଟି ହେଉଛି କୃଷ୍ଣଙ୍କ ଦ୍ୱାରା ଉପେକ୍ଷିତ ହେଲେ ମଧ୍ୟ କୃଷ୍ଣଙ୍କର ବ୍ୟାପକତାକୁ ସେ ଗ୍ରହଣ କରି ନେଇଛନ୍ତି । ପ୍ରାରମ୍ଭିକ ଅବସ୍ଥାରେ କୃଷ୍ଣଙ୍କୁ ନେଇ ତାଙ୍କ ଚରିତ୍ରରେ ଥିବା ଦ୍ୱନ୍ଦଟି କବିତାର ପରିଣତି ବେଳକୁ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟକୁ ପ୍ରତିଷ୍ଠା ଦେଇଯାଇଛି ।

‘ତମେ ଆଉ ନୁହଁ କାହା
ପିତା, ପୁତ୍ର, ସ୍ୱାମୀ
ଆମର ବିଦାୟଦିନ ପୂର୍ବରାତିପରି
ଆଜି ତମେ ଶୁଦ୍ଧ ଚଗଲାମି ।’
(ଶ୍ରୀରାଧା -୬୧)

କୃଷ୍ଣଙ୍କ ମୃତ୍ୟୁପରେ ସେ କେବଳ ଏକା ଶ୍ରୀରାଧାଙ୍କର ହୋଇଯାଇଛି । ଯେ ପର୍ଯ୍ୟନ୍ତ ସେ ସାମାଜିକ ବନ୍ଧନ ଭିତରେ ଥିଲେ, ସେ ପର୍ଯ୍ୟନ୍ତ ରାଧା ତାଙ୍କଠାରୁ ଦୂରରେ ରହିଥିଲେ । ଆଜି ଲୋକଚେତନାରେ ମୃତ କୃଷ୍ଣଙ୍କୁ ଆପଣେଇ ନେବାରେ ତାଙ୍କର ପ୍ରବଳ ଇଚ୍ଛା । ଏହାହିଁ ଶ୍ରୀରାଧା ଚରିତ୍ରର ସ୍ୱତନ୍ତ୍ରତା । ପ୍ରେମର ସାଫଲ୍ୟ, ସଚେତନ ଭାବରେ ଶ୍ରୀରାଧାଙ୍କର ବିଭିନ୍ନ ଚାରିତ୍ରିକ ବୈଶିଷ୍ଟ୍ୟ ଏଥିରେ ପ୍ରତିପାଦିତ ହୋଇଛି ।

୧. ଗୃହିଣୀ ଶ୍ରୀରାଧା

୨. ପ୍ରେମିକା ଶ୍ରୀରାଧା

୩. ସୌନ୍ଦର୍ଯ୍ୟ ରସିକା ଶ୍ରୀରାଧା

୪. ଦେହୋତ୍ତର ସାଧିକା ଶ୍ରୀରାଧା

୫. ସ୍ୱାଭିମାନୀ ଶ୍ରୀରାଧା

ବି:ଦ୍ର (ଶ୍ରୀରାଧା ଚରିତ୍ର ସଂପର୍କରେ ଅଧିକ ଜାଣିବା ପାଇଁ ମୂଳପାଠର ଆଲୋଚନା ଅଧ୍ୟୟନ କରିବାକୁ ହେବ)

## ୧.୬ ‘ଶ୍ରୀରାଧା’ ଦୀର୍ଘ କବିତାର ଆଙ୍ଗିକ ବିଚାର:

କବିତାର ଆତ୍ମିକ ଚେତନା ପରି ଆଙ୍ଗିକ ପ୍ରକରଣ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । କାବ୍ୟ ଚେତନାକୁ ଉଚିତ୍ ମାର୍ଗରେ ପ୍ରକାଶିତ ହେବାପାଇଁ ଉପଯୁକ୍ତ ଆଙ୍ଗିକର ଆବଶ୍ୟକତା ପଡ଼ିଥାଏ । କବିତାର ଭାଷା ପ୍ରୟୋଗ, ଛନ୍ଦ ବିଚାର, ଅଳଙ୍କାର ପ୍ରୟୋଗ ଆଦି ଆଙ୍ଗିକ ପରିପ୍ରେକ୍ଷିରେ କବି ରମାକାନ୍ତ ରଥଙ୍କ କାବ୍ୟ ଆଙ୍ଗିକ ଶିଳ୍ପକୁ ବିଚାର କଲେ ଶ୍ରୀରାଧା ବ୍ୟତିକ୍ରମ ମନେହୁଏ । କବି ରମାକାନ୍ତ ତାଙ୍କ କବିତାରେ ପ୍ରୟୋଗ କରୁଥିବା ଏକାଧିକ ଆଧୁନିକ କାବ୍ୟ ଭାବନା ପାଇଁ ଏକ ସଂଭ୍ରାନ୍ତ କାବ୍ୟ ଆଙ୍ଗିକ ପ୍ରୟୋଗ କରିଥାଆନ୍ତି । ନିଶେଳଗଦ୍ୟ ଛନ୍ଦସହ ଅଭିଜାତ କାବ୍ୟ ଭାଷାର ସମନ୍ୱୟ ତାଙ୍କର ସର୍ବାଧିକ କବିତା ମାନଙ୍କରେ ଦେଖାଯାଏ । ଅତ୍ୟନ୍ତ ବ୍ୟକ୍ତବାଦୀ ପ୍ରତୀକ ଓ ଅର୍ନ୍ତଚେତନା ଧର୍ମୀ ଚିତ୍ରକଳ୍ପ ପ୍ରୟୋଗ ଯୋଗୁ କବିତା ଦୁର୍ବୋଧ ହୋଇଯାଏ । ‘ଶ୍ରୀରାଧା’ ପର୍ଯ୍ୟାୟରେ କବି ସେସବୁ କାବ୍ୟ ଆଙ୍ଗିକ ପରିହାର କରି ଏହାର ଆବେଦନକୁ

ଶତାମୁଖୀ କରିବା ପାଇଁ ସିଧାସାଧା କାବ୍ୟ ଆଭିମୁଖ୍ୟର ପ୍ରୟୋଗ କରିଛନ୍ତି । ଶ୍ରୀରାଧା ର ଏହି ଆଙ୍ଗିକ ବୈଶିଷ୍ଟ୍ୟ ଗୁଡ଼ିକୁ ନିମ୍ନରେ ଆଲୋଚନା କରାଗଲା ।

**ଭାଷା :**

ଶ୍ରୀରାଧା ସଫଳତା ମୁଖ୍ୟତଃ ଏହାର ଭାଷା ପ୍ରୟୋଗ ଉପରେ ନିର୍ଭରଶୀଳ । ଶ୍ରୀରାଧାର ଭାଷା ହୃଦୟର ଭାଷା ପ୍ରକାଶ ପାଉଥିବା ବେଳେ ଏଥର ହୃଦୟର ଭାଷା ପ୍ରକାଶ ପାଇଛି । ପ୍ରେମପରି ଆବେଗମୟ ଘଟଣାମାନଙ୍କର ବିକାଶ ଓ ପ୍ରକାଶ ପାଇଁ ଏହି ଭାଷାର ଆବଶ୍ୟକତା ରହିଛି । ସାଧାରଣ ମଣିଷଙ୍କ କଥିତ ଭାଷା ସହିତ ସାମାନ୍ୟ କାବ୍ୟ ଭାଷାର ମିଶ୍ରଣ କରି କବି ଏହାକୁ ପ୍ରୟୋଗ କରିଛନ୍ତି । ଏହି ଭାଷା ପତ୍ରୋଚିତ ଓ ସମୟ ନିରେପେକ୍ଷା ରାଧା ଗଉଡୁଣୀର ଭାଷା ସହିତ ଜଣେ ଅଭିଜାତ ବର୍ଗର ଅଧୁନାତନ ରମଣୀର ଭାଷା ଏଥିରୁ ପାଇହୁଏ । ରମାକାନ୍ତଙ୍କ ଏହି ପ୍ରୟୋଗଟିକୁ ଦେଖନ୍ତୁ :

‘ଏବେଖୁବ୍ ରାତି, ଏବେ ମୁଁ ପୁଣି ତରଳି
ଯାଏ, ପୁଣି ଭୁଲିଯାଏ ମୋ କୁଳମହତ ।’
(ଶ୍ରୀରାଧା –୧୧)
‘ସେ ଖୁବ୍ ଅଥବ ଦିଶେ , ଖୁବ୍ ହିଂସ୍ରଦିଶେ
ଚାହାଣିରେ ଖିନ୍‌ଭିନ୍ କରେ ପବନକୁ
ସତେ କି ପବନ କେଉଁ ଗୁମ୍ଫାରେ ଲୁଚାଇ
ରଖିଛି ତା ପ୍ରାର୍ଥନା ସବୁକୁ ।’
(ଶ୍ରୀରାଧ –୨୮)

ଉପରୋକ୍ତ କାବ୍ୟଶଂ ଗୁଡ଼ିକରେ ସାଧାରଣ ଭାଷା ଓ କାବ୍ୟ ଭାଷାର ସମନ୍ୱୟରୁ କବିତାର ଭାଷା ଚିତ୍ର ପରି ପ୍ରତ୍ୟୟ ହେଉଛି । ‘ଏବେ ଖୁଇ ରାତି’ ହୋଇଥିବାରୁ ‘ରାଧା ତରଳିଗଲେ’ । ପ୍ରଥମଟି କାରଣ ଓ ଦ୍ୱିତୀୟଟି ତାର ପ୍ରୟୋଗ । ‘ତରଳିଯିବା’ ବଦଳରେ ଅର୍ଟ ବୋଧ ପାଇଁ ଯାହା ପ୍ରଯୋଗ କରିଥିଲେ ତାହା ତରଳିଯିବା ପରି ଆବେଗ ପ୍ରବଣ, ସାଙ୍କେତିକ ଶ୍ରୁତି ମଧୁର ଓ ଶକ୍ତିଶାଳୀ ହୋଇପାରି ନଥାନ୍ତା । ତରଳିଯିବା ଏଠାରେ ବହୁ ବ୍ୟଞ୍ଜନାରେ ବର୍ଣ୍ଣରାଗରେ ବିଧୂର । ସେହିପରି ‘ପବନ ଗୁମ୍ଫାରେ ପ୍ରାର୍ଥନା ସବୁକୁ ଲୁଚାଇ ରଖିବା’ ଅନୁରୂପ ବ୍ୟଞ୍ଜନାକୁ ବ୍ୟବହାର କରୁଛି, କାବ୍ୟ ଭାଷା ଭାବାର୍ଥରେ ବ୍ୟଞ୍ଜନା ସୃଷ୍ଟି କରେ । ବିନା ବ୍ୟଞ୍ଜନାରେ କବିତା ଶକ୍ତିଶାଳୀ ହୋଇ ପାରେ ନାହିଁ । ଶ୍ରୀରାଧା ସଂକଳନରେ ଏହି କାବ୍ୟ ଭାଷା ଓ ବଞ୍ଜନାର ବହୁବିଧ ପ୍ରୟୋଗ ଲହାକୁ ଆଙ୍ଗିକ ଅର୍ଥରେ ସଫଳତା ପ୍ରଦାନ କରୁଛି ।

**ସାଙ୍ଗୀତିକତା :**

ଶ୍ରୀରାଧାର ଅନ୍ୟତମ ଆଙ୍ଗିକ ବୈଚିତ୍ର୍ୟ ହେଉଛି ସାଙ୍ଗୀତିକତା । ପ୍ରେମର ଅନ୍ୟ ଅର୍ଥ ହେଉଛି ସଙ୍ଗୀତ । ହୃଦୟରେ ଭାଷା ଓ ଭାବକୁ କବି ଗୀତ ମାଧ୍ୟମରେ କେତେକ କବିତାରେ ପ୍ରୟୋଗ କରିଛନ୍ତି । ଯେମିତି,

‘ତମେ ନୀଳ କଇଁ ରଙ୍ଗର ଛୁରୀ
ମତେ ଚିରି ଦେଇ ଯାଅ

ଚାହିଁଲା ବେଳକୁ ମୁଁ ନୁହେଁ ତମେ ହିଁ
ରକ୍ତରେ ବୁଡ଼ିଥାଅ ।'
(ଶ୍ରୀରାଧା - ୩୨)

ଗୀତ ମାଧ୍ୟମରେ ଏହା ରଚିତ ହୋଇଥିବାରୁ ଏହାର ଭାଷା ଅନ୍ୟ କବିତା ମାନଙ୍କ ଅପେକ୍ଷା ଅଧିକ କୋମଳ ଓ ସଂପ୍ରସାରିତ । ହୃଦୟର ନିଶ୍ୱବଦ ଭାବକୁ ବ୍ୟକ୍ତ କରିବାରେ ଏହା ଫଳପ୍ରଦ ହୋଇପାରିଛି ।

**ଚିତ୍ରକଳ୍ପର ପ୍ରୟୋଗ :**

ଶ୍ରୀରାଧାରେ ପ୍ରକାଶ ପାଇଥିବା କେତେ ଗୁଡ଼ିଏ ଚିତ୍ରକଳ୍ପ ରାଧାଙ୍କ ଲୋଡ଼ିବାପଣ ଓ କୃଷ୍ଣପ୍ରାପ୍ତିର ଭାବନା ଉପରେ ପର୍ଯ୍ୟବେସିତ । ଏହା ରାଧାଙ୍କର ବ୍ୟକ୍ତିଗତ ଅନୁଭବ ହୋଇଥିବାରୁ କବି ରମାକାନ୍ତ ଯଥାସମ୍ଭବ ଯୁକ୍ତିଯୁକ୍ତ ସଂକ୍ଷିପ୍ତ ଚିତ୍ର ମାଧ୍ୟମରେ ହୃଦୟରେ ଅବସ୍ଥା ବୁଝାଇବାକୁ ଚେଷ୍ଟା କରିଛନ୍ତି । ଶ୍ରୀରାଧାର ପ୍ରୟୋଗ ଚିତ୍ରକଳ୍ପ ଗୁଡ଼ିକ ଅନ୍ୟକବିତା ଅପେକ୍ଷା ଅଣପାରମ୍ପାରିକ ଓ ମୌଳିକ । ଏହି ଚିତ୍ରକଳ୍ପର ସାମର୍ଥ ରହିଛି ଭାଷା ଓ ଆବେଗରେ ।

'ଖରାରେ କି ଦୁଃସାହସ ! ଆଜି ପବନରେ
ଅନ୍ୟମନସ୍କତା ଯାହା ନୁହେଁ ଆଗପରି ।
ସତେବା ଫେରିଛି କେଉଁ ଦେଶାନ୍ତରୀ ପ୍ରେମିକ, ରହୁଛି
ଆଖପାଖ କେଉଁଠାରେ ଛଦ୍ମବେଶ ଧରି ।'
(ଶ୍ରୀରାଧା -୦୧)

ପ୍ରଥମଧାଡ଼ି ଗୋଟିଏ ପ୍ରଶ୍ନ ପରି ଯାହାର ଉତ୍ତର ଅଛି ଦ୍ୱିତୀୟ ଧାଡ଼ିରେ । ଦ୍ୱିତୀୟଧାଡ଼ି ଗୋଟିଏ କାରଣ, ଯାହାର ଉଦାହରଣ ଅଛି ତୃତୀୟ ଧାଡ଼ିରେ । ସମଗ୍ର ତିନିଧାଡ଼ିରେ ଦ୍ୱିତୀୟଧାଡ଼ିଟି ଉପର ଓ ତଳ ପଦକୁ ନିୟନ୍ତ୍ରଣ କରିବା ସହ ଦୁଇଟି ନୂତନ ଚିତ୍ରକଳ୍ପ ସୃଷ୍ଟିରେ ସହାୟକ ହୋଇପାରିଛି । ଏପରି ଚିତ୍ର ପରିକଳ୍ପନା ଶ୍ରରାଧା ପାଁ ସଫଳତା ଆଣି ଦେଇଛି । ଏପରି ଚିତ୍ର ପରିକଳ୍ପନା ଶ୍ରରାଧା ପାଇଁ ସଫଳତା ଆଣି ଦେଇଛି । ଏପରି ଏକାଧିକ ଉର୍ବର ଚିତ୍ରବନ୍ଧରେ ଶ୍ରରାଧାର ଆଙ୍ଗିକ ସମୃଦ୍ଧ ହୋଇଛି ।

ମୁକ୍ତିଛନ୍ଦରେ ଲେଖାଯାଇଥିବା ଶ୍ରୀରାଧାର କବିତା ଗୁଡ଼ିକ ପାଖ ଓ ଶ୍ରାବ୍ୟ ଦୃଷ୍ଟିରୁ ସମସ୍ତଙ୍କୁ ଆକୃଷଟ କରନ୍ତି । ସରଳ ଶବ୍ଦ ବସାଣ, ଚିତ୍ରଭାଷା ଓ ଚିତ୍ରକଳ୍ପର ନୂତନ ନିର୍ମାଣ ସହ ସଂଗୀତିକତାର ପ୍ରୟୋଗ ଶ୍ରୀରାଦା ଆଙ୍ଗିକର ଗୁରୁତ୍ୱପୂର୍ଣ୍ଣ ଉପକରଣ । ଶ୍ରୀରାଧାଙ୍କ ହୃଦୟଭରା ପ୍ରେମ ଓ ଆଖି ଏ ଲୁହକୁ ଧରି ପାଠକୁ ମହୁମୁହାଣ ଓ ଲହୁ ଲୁହାଣ କରିବାରେ ଶ୍ରୀରାଧାର କାବ୍ୟ ଆଙ୍ଗିକ ସମର୍ଥ ହୋଇଛି ।

**୧.୭ ନିଷ୍କର୍ଷ:**

ରମାକାନ୍ତ ରଥଙ୍କ 'ଶ୍ରୀରାଧା' କାବ୍ୟଚେତନା ଓ ଆଙ୍ଗିକ ଦୃଷ୍ଟି କୋଣରୁ ଓଡ଼ିଆ କାବ୍ୟ ଧାରାରେ ନୂତନ ଏକ ଶୈଳୀରୁ ପ୍ରତିଷ୍ଠା ଦେଇଛି । ଦୀର୍ଘ କବିତା ରଚନା କରିବା ସହ ଏହାକୁ ସମକାଳୀନ ପାଣି ପାଗ ସହ ଯୋଡ଼ି ମିଥ୍ ମୂଲ୍ୟ ନିର୍ଣ୍ଣୟ କରିବାରେ ରମାକାନ୍ତଙ୍କ କାବ୍ୟିକ ଉଦ୍ୟମ ସଫଳ ହୋଇଛି । ଶ୍ରୀରାଧା ସଙ୍କଳନର ସମସ୍ତ କବିତା ରାଧାଙ୍କ

ସଂପର୍କରେ । ପୁରାଣ ଓ କିଂ ବଦଂତି ରେ ପ୍ରତିଷ୍ଠିତ ରାଧାଙ୍କ ବିରହକୁ ନେଇ ରମାକାନ୍ତ କେବଳ ଏହି ଗ୍ରନ୍ଥର ପରିକଳ୍ପନା କରିନାହାଁନ୍ତି ବରଂ ସମକାଳୀନ ନାରୀ କିପରି ଅତୀତର ରାଧା ପରି ବିପ୍ରଲବ୍ଧା ତାକୁ ଆବିଷ୍କାର କରିବା ପାଇଁ ରାଧାର ଆଶ୍ରୟ ନେଇଛନ୍ତି । ରାଧାଙ୍କ ଆଚରଣ ଓ ଉଚ୍ଚାରଣ ମାଧ୍ୟମରେ ତାଙ୍କର ପ୍ରେମକଳା ଓ କୃଷ୍ଣଙ୍କ ବ୍ୟକ୍ତିତ୍ୱ ସଂପର୍କରେ ବହୁତଥ୍ୟ ସେ ନିଜେ ଉନ୍ମୋଚିତ କରିଛନ୍ତି । କୃଷ୍ଣ କେବଳ ଜଣେ ବ୍ୟକ୍ତି ନୁହଁନ୍ତି ଗୋଟିଏ ବିପୁଳ ଶକ୍ତି ବୋଲି ତାଙ୍କର ପ୍ରତ୍ୟୟ ହୋଇଛି । କୁଳୀନ ଓ ଶାସ୍ତ୍ରୀୟ ମର୍ଯ୍ୟଦା ସହିତ କିପରି ବୈବାହିକ ଜୀବନ ପରବର୍ତ୍ତୀ ପର୍ଯ୍ୟାୟରେ ନିଜର ପ୍ରେମକୁ ସୁରକ୍ଷା ଦିଆଯାଇପାରେ, ତାର ମୂର୍ତ୍ତିମନ୍ତ ଉଦାହରଣ ହେଉଛନ୍ତି ଶ୍ରୀରାଧା । ଓଡ଼ିଆ ସାହିତ୍ୟରେ ରଚିତ ସମସ୍ତ ରାଧାକାବ୍ୟ ତୁଳନାରେ ଶ୍ରୀରାଧା ତାର ସର୍ବକାଳୀନ ମୂଲ୍ୟବୋଧ ପାଇଁ ଚର୍ଚ୍ଚାରେ ରହିଆସିଛି । ସରସ୍ୱତୀ ସମ୍ମାନ ପ୍ରାପ୍ତ ଏହି କବିତା ପୁସ୍ତକ ଜାତୀୟସ୍ତରରେ ଓଡ଼ିଆ କବିତାରେ ପ୍ରତିନିଧିତ୍ୱ କରିଆସୁଛି । ଶ୍ରୀରାଧାରେ ପ୍ରେମ ଯେତିକି ଲୁହବି ସେତିକି । ପ୍ରତିକ୍ଷା ଓ ପ୍ରତିବଦ୍ଧତାର ଉଦାହରଣ ପାଲଟି ଯାଇଛନ୍ତି ପ୍ରେମମୟୀ ଶ୍ରୀରାଧା ।

## ୧.୮ ପରିଶିଷ୍ଟ :

### (କ) ଆଦର୍ଶ ପ୍ରଶ୍ନାବଳୀ :

୧. କବି ରମାକାନ୍ତଙ୍କ କବି ପରିଚୟ ବର୍ଣ୍ଣନା କର ।

୨. ଶ୍ରୀରାଧା କବିତାର ପୃଷ୍ଠଭୂମି ଆକଳନ କର ।

୩. ମିଥ୍ କବିତା ଭାବରେ ଶ୍ରୀରାଧାର କାବ୍ୟ ମୂଲ୍ୟ ନିରୂପଣ କର ।

୪. ଶ୍ରୀରାଧାଙ୍କ ଲୋଡ଼ିବାପଣର ଚିତ୍ର ପଠିତ କବିତା ଭିତ୍ତିରେ ପ୍ରଦାନ କର ।

୫. ପଠିତ କବିତା ଅନୁଯାୟୀ ଶ୍ରରାଧାଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ ସଂପର୍କରେ ଉଲ୍ଲେଖ କର ।

### (ଖ) ସଂକ୍ଷିପ୍ତ ପ୍ରଶ୍ନାବଳୀ

୧. ଶ୍ରୀରାଧା କେଉଁ ମସିହାରେ ପ୍ରକାଶ ପାଇଥିଲା ।

୨. ଶ୍ରୀରାଧା କେଉଁ ଜାତୀୟ ସମ୍ମାନର ଅଧିକାରୀ ।

୩. ଉକ୍ତ କବିତା ବହିରେ ସମୁଦାୟ କେତୋଟି କବିତା ଅଛି ।

୪. କୃଷ୍ଣଙ୍କ ମୃତ୍ୟୁ ସମ୍ବାଦ ଶ୍ରବଣ ପରେ ରାଧାଙ୍କ କିପରି ପ୍ରତିକ୍ରିୟା ହୋଇଥିଲା ।

୫. କୃଷ୍ଣ ରାଧାଙ୍କୁ ମୁଦି ପିନ୍ଧାଇବାର ଉତ୍ତରରେ ରାଧା କଣ କହିଥିଲେ ।

୬. ରାଧା କାହିଁକି କୃଷ୍ଣଙ୍କୁ ନ ଛୁଇଁବାକୁ କହିଛନ୍ତି ।

୭. କୃଷ୍ଣ ଜୀବନର ଶେଷ ପର୍ଯ୍ୟାୟ କେଉଁଠାରେ ଅତିବାହିତ କରିଥିଲେ ।

୮. ଶ୍ରୀରାଧାଙ୍କୁ କାହିଁକି ସ୍ୱାମୀ ସନ୍ଦେହ କଲେ ।

୯. ମିଥ୍ କହିଲେ ଆମେ କଣ ବୁଝୁ ।

୧୦. ରାଧାଙ୍କୁ ନେଇ ଓଡ଼ିଆ ସାହିତ୍ୟରେ ରଚିତ ଦୁଇଟି କାବ୍ୟର ନାମ ଲେଖ ।

–୦–

# ପଞ୍ଚମ ୟୁନିଟ୍

# ପ୍ରସଙ୍ଗ : ଶବରୀ

**କବି : ପ୍ରତିଭା ଶତପଥୀ**

**ସୂଚନା :**

ଓଡ଼ିଆ ଦୀର୍ଘ କବିତା ପରଂପରାରେ କବି ପ୍ରତିଭା ଶତପଥୀଙ୍କ 'ଶବରୀ' (୧୯୯୧) କବିତା ଗ୍ରନ୍ଥସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ କବିତା ରଚନା କରି ଓଡ଼ିଆ ସାହିତ୍ୟରେ ବହୁ ବିଜ୍ଞାପିତ ଓ ପ୍ରତିଷ୍ଠିତ କବି ପ୍ରତିଭା ଶତପଥୀ 'ଶବରୀ' କବିତା ଗ୍ରନ୍ଥ ପାଇଁ ଭାରତୀୟ ସାହିତ୍ୟ ଜଗତରେ ସୁନାମ ଅର୍ଜନ କରିଛନ୍ତି । ପ୍ରତିଭା ଶତପଥୀଙ୍କ କବିତାରେ କ୍ରମାନ୍ୱୟରେ ନାରୀ ଚରିତ୍ର ମାନଙ୍କର କଥା ପ୍ରଦର୍ଶିତ ହୋଇଥାଏ । ପୁରାଣର ସାବିତ୍ରୀ, ଅହଲ୍ୟା, ସୀତାଙ୍କ ପାଖରୁ ବର୍ତ୍ତମାନର ଯନ୍ତ୍ରଣାକ୍ତ ନାରୀ ଜୀବନର ବ୍ୟଥା ତାଙ୍କ କବିତାରେ ପ୍ରାଧାନ୍ୟ ପାଇଥାଏ । ସେହି ମର୍ମରେ 'ଶବରୀ' ଏକ ଉତ୍ତରଣ ମୁଖି କାବ୍ୟ ପ୍ରୟାସ । ପୁରାଣ ବର୍ଣ୍ଣିତ ଏହି ନାରୀ ସତ୍ତା ଭିତରେ ଈଶ୍ୱର ପ୍ରାପ୍ତିର ଅନ୍ତହୀନ ଅନ୍ୱେଷଣ ସହ ସମଗ୍ର ପୃଥିବ୍ୀର ମାଙ୍ଗଳିକ ମାଧୁର୍ଯ୍ୟର ପରିକଳ୍ପନା ହେଉଛି ଶବରୀ କବିତା ଗ୍ରନ୍ଥର ମୁଖ୍ୟ ଉଦ୍ଦେଶ୍ୟ । ଏହି କବିତା ରାମାୟଣର ପୃଷ୍ଠାରୁ ବାହାରି ବିଂଶ ଶତକର ସାମାଜିକ ପାଣିପାଗ ପର୍ଯ୍ୟନ୍ତ ପ୍ରବାହିତ । ଶବରୀ ନିଜ ପାଇଁ ନୁହେଁ ବରଂ ସମଗ୍ର ମାନବ ସଭ୍ୟତା ପ୍ରତି ସମର୍ପିତ । ନାରୀ ଜୀବନର ଏହି ନିର୍ମୋହ ରୂପାନ୍ତରଟି ଶବରୀ କବିତା ଗ୍ରନ୍ଥରେ ପ୍ରମୁଖତା ସହ ପ୍ରକାଶ ପାଇଛି । ଶବରୀଙ୍କ ଜୀବନର ପ୍ରାନ୍ତି ପାଇଁ ପ୍ରତୀକ୍ଷା, ପ୍ରାପ୍ତିର ଅନ୍ୱେଷଣ, ପ୍ରାପ୍ତିର ପ୍ରକୃତି ଓ ସ୍ୱରୂପ ବିଶ୍ଳେଷଣ ଓ ପରିଶେଷରେ ପ୍ରାପ୍ତିହୀନ ପାର୍ଥନା ସମଗ୍ର ଶବରୀ କବିତାମାନଙ୍କୁ ଏକ ନୂତନ ଅର୍ଥ ପ୍ରଦାନ କରିଛି । ଅତଏବ ଶବରୀକୁ କେବଳ ଏକ ପୌରାଣିକ ଚରିତ୍ର ବା ସାମାଜିକ ଆବେଗ ଭିତରେ ସୀମାବଦ୍ଧ କଲେ ବୁଝିହେବ ନାହିଁ । ଅତୀତକାଳରୁ ସମକାଳ ପର୍ଯ୍ୟନ୍ତ ଏକ ପ୍ରଲଂବିତ ନାରୀପ୍ରତୀକ୍ଷା ଓ ମଙ୍ଗଳ ଦୃଷ୍ଟିରୁ କବିତା ଭାବରେ 'ଶବରୀ' ପ୍ରତିପାଦିତ ହେବ । ଶବରୀର ପ୍ରେମ ଆଦୌ ମୁଖ୍ୟ ପ୍ରସଙ୍ଗ ନୁହେଁ । ପ୍ରିୟତମକୁ  ପାଇବା ।ପାଇଁ ଶବରୀଙ୍କ ତମାମ ତପସ୍ୟା ଓ ତପସ୍ୟାଲବ୍ଧ ପୁଣ୍ୟକୁ ପୃଥିବୀକୁ ପବିତ୍ର ଓ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ପ୍ରୟୋଗ କରିବା ହିଁ ଅସଲ ଉଦ୍ଦେଶ୍ୟ । ଏହି ମର୍ମରେ 'ଶବରୀ' ଦୀର୍ଘ କବିତାର ଅବବୋଧ ପାଇଁ ନିମ୍ନରେ ଏକ ସଂରଚନା ପ୍ରଣାଳୀ ପ୍ରସ୍ତୁତ କରାଯାଇ ତଦନୁଯାଇ ବିଶ୍ଳେଷଣ କରାଯାଉଅଛି ।

୧.୦ : କବି ପ୍ରତିଭା ଶତପଥୀଙ୍କ କବି ପରିଚୟ

୧.୧ : ଶାବରୀ କବିତାର ପୃଷ୍ଠଭୂମି ଓ ପରିସର

୧.୨ : ଶବରୀ ଅଧ୍ୟୟନ

୧.୩. : ଶବରୀର ଚରିତ୍ର ଚିତ୍ରଣ

୧.୪ : ଶବରୀର ଆଙ୍ଗିକ ବିଚାର

୧.୫ : ନିଷ୍କର୍ଷ

୧.୬ : ଆଦର୍ଶ ପ୍ରଶ୍ନାବଳୀ

**୧.୦ : କବି ପ୍ରତିଭା ଶତପଥୀଙ୍କ କବି ପରିଚୟ**

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କାବ୍ୟ ଧାରାକୁ ଯେଉଁ କେତେଜଣକବି ସ୍ୱପ୍ରତିଭା ବଳରେ ସମୃଦ୍ଧ କରିଛନ୍ତି, ସେମାନଙ୍କ ମଧ୍ୟରେ କବି ପ୍ରତିଭା ଶତପଥୀ ଅନ୍ୟତମ । ଆଧୁନିକ ସଂସ୍କୃତିର ପ୍ରଭାବରେ ଆମ ଜୀବନରେ ସୃଷ୍ଟି ହେଉଥିବା ଭିନ୍ନ ଭିନ୍ନ ପରିବର୍ତ୍ତନ ପ୍ରତିଭା ଶତପଥୀଙ୍କ କବିତାରେ ପ୍ରମୁଖତା ସହ ପ୍ରକାଶ ପାଇ ଆସୁଅଛି । କବିଙ୍କ କାବ୍ୟଚେତନା ପ୍ରାରମ୍ଭିକ ପର୍ଯ୍ୟାୟରେ ସୌନ୍ଦର୍ଯ୍ୟ ଓ ପ୍ରେମ ଦୃଷ୍ଟି ସଂପନ୍ନ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହା ବ୍ୟାପକ ଭୂମିଗ୍ରହଣ ସହ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଗ୍ରହଣ କରିପାରିଛି । ବିଂଶ ଶତାବ୍ଦୀର ଶେଷ ଦୁଇଦଶକରେ ପ୍ରତିଭା ଜଣେ ପରିପକ୍ୱ କବି ମନ ନେଇ ନୂଆ କାବ୍ୟମନନ ଓ ସ୍ଥାପତ୍ୟ ସଂପନ୍ନ ଅଭିଜାତ କଳାମଣ୍ଡିତ କବିତା ସୃଷ୍ଟି କରିଛନ୍ତି । କବିଙ୍କ କାବ୍ୟ ଯାତ୍ରାର ଆରମ୍ଭ 'ଆମ କବିତା' (୧୯୬୨) ଅସ୍ତଜହ୍ନର ଏ ଲିଜି (୧୯୭୦) ଠାରୁ ଆରମ୍ଭ ହୋଇ ରୋମାଣ୍ଟିକ୍ ବିହ୍ୱଳତାକୁ ନୂତନ ପ୍ରାଣ ପ୍ରତିଷ୍ଠା ଦେଇଛି । ପ୍ରତିଭାଙ୍କ ପରବର୍ତ୍ତୀ କବିତା ସଂଗ୍ରହ 'ଗ୍ରସ୍ତ ସମୟ' (୧୯୭୪) ସାହାଡ଼ା ସୁନ୍ଦରୀ (୧୯୭୮) ନଜ୍ଞିୟତ ବସୁଧା (୧୯୮୦) 'ନିମିଷେ ଅକ୍ଷର (୧୯୮୫) ଆଧୁନିକ ସଭ୍ୟତା ଉତ୍ପନ୍ନ ଜୀବନ ନାମାକୁ ନେଇ ନୂଆ ନୂଆ ବିଷାଦ ବୋଧକ ଜନ୍ମ ଦେଇଛି । ବିଶେଷତଃ ନାରୀ ଜୀବନର ବହୁବିଧ ସମସ୍ୟା ଏସବୁ କବିତାରେ ପ୍ରାଧାନ୍ୟ ପାଇଛି । ପ୍ରତିଭାଙ୍କ କାବ୍ୟ ଯାତ୍ରାର ତୃତୀୟ ପର୍ଯ୍ୟାୟରେ 'ମହାମେଘ' (୧୯୮୮) 'ଶବରୀ' (୧୯୯୧) ତନ୍ମୟଧୂଳି (୧୯୯୬) ଅଧା ଅଧାନ ନକ୍ଷତ୍ର (୨୦୦୧) ନାରୀ ଜୀବନର ଉତ୍ତରଣକୁ ନେଇ ପ୍ରସ୍ତୁତ ହୋଇଛି । ପ୍ରତିଭାଙ୍କ କବିତାର ମୂଳକେନ୍ଦ୍ରଟି ନାରୀ ହୋଇଥିଲେ ହେଁ ବିଭିନ୍ନ ସାମାଜିକ ସ୍ଥିତିରେ ତାର ପରୀକ୍ଷମାଣ ବ୍ୟକ୍ତି ସତ୍ତାର ମନସ୍ତାତ୍ତ୍ୱିକ ଓ ମାନବିକ ମୂଲ୍ୟାୟନ ହେଉଛି ତାଙ୍କ କବିତା ପ୍ରସ୍ତୁତିର ମୁଖ୍ୟକର୍ମ ।

କବି ପ୍ରତିଭା ଶତପଥୀଙ୍କ ପ୍ରାରଂଭିକ କାବ୍ୟ ବୋଧ ରୋମାଣ୍ଟିକ୍ ଭାବାଦର୍ଶକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ବେଳେ ବେଶାକିଛି ବର୍ଷ ପରେ ଏହା ବିଷାଦବାଦୀ ଚିନ୍ତା ଧାରାରେ ବଦଳି ଯାଇଛି । 'ଅସ୍ତ ଜହ୍ନ ଏ ଭିଜି'ର ପ୍ରଣୟାନୁଭୂତି ପରବର୍ତ୍ତୀ 'ଗ୍ରସ୍ତ ସମୟ' କବିତାମାନଙ୍କରେ ଜୀବନର ଜଟିଳତାଗୁଡିକୁ ସାମ୍ନାକରୁ କରୁ ସୌନ୍ଦର୍ଯ୍ୟ ବୋଧକୁ ଭୁଲିଯାଇଛି । ନାରୀ ଜୀବନର ସୌନ୍ଦର୍ଯ୍ୟ ପ୍ରାଣତା ଓ କମନୀୟକଳା ଦୃଷ୍ଟି କିପରି ବାସ୍ତବତା ସହ ବାରଂବାର ପରୀକ୍ଷିତି ହୋଇ ସ୍ୱରୂପ ଦୂରେଇ ବସେ, ତାହାର ପ୍ରମାଣ ଏସବୁ କବିତା ମାନଙ୍କରେ ଉପଲବ୍ଧ ହୁଏ । ନାରୀ ଜୀବନର ଏହି ସଂଗ୍ରାମଶୀଳ ସ୍ୱପ୍ନଭଙ୍ଗର କାହାଣୀକୁ କବି 'ସାହାଡ଼ା ସୁନ୍ଦରୀ' କବିତାରେ ରୂପ ଦେଇଛନ୍ତି ।

'ତୁ' କଣ<br>
ସକାଳରଗାସ ପତର ଉପରେ<br>
କାକରର ଆବେଗମୟ ସ୍ୱେଦକୁ ଖୋଜୁଛୁ<br>
ସୋତ ସୂର୍ଯ୍ୟର ହାତ ସଫେଇ ।'<br>
(ସାହାଡ଼ା ସୁନ୍ଦରୀ : ପ୍ରତିଭା ଶତପଥୀ)

ସମାଜ ଦ୍ୱାରା ଶାପଗ୍ରସ୍ତର ସମକାଳୀନନାରୀ ସତ୍ତାଭିତରେ କବି ସାହାଡ଼ା ସୁନ୍ଦରୀ କୁ ହିଁ ଭେଟନ୍ତି । କଂକ୍ରିଟ୍ କୋରଡ଼ ଭିତରେ ନଜର ବନ୍ଦୀ ଜୀବନ କାଟୁଥିବା ଆଜିର ନାରୀ ଜୀବନ ସାହାଡ଼ା ସୁନ୍ଦରୀ ପରି ନିଃସଙ୍ଗ ଓ ଯନ୍ତ୍ରଣାକ୍ତ ବୋଲି ପ୍ରତିଭା ଚିତ୍ରଣ କରିଛନ୍ତି । ପ୍ରତିଭାଙ୍କ ଅଶିଦଶକର କବିତାମାନଙ୍କରେ ନୋରୀ ଜୀବନର ପାରିବାରିକ, ଦାଂପତ୍ର ଓ ସାମାଜିକ ସମସ୍ୟାମାନଙ୍କର ବହୁବର୍ଣ୍ଣ ଚିତ୍ରାୟନ ଦେଖିବାକୁ ମିଳେ । ୧୯୮୫ ମସିହାରେ ପ୍ରକାଶ ପାଇଥିବା 'ନିମିଷେ ଅକ୍ଷରକ୍ଷ' କବିତା ଗ୍ରନ୍ଥ କବିଙ୍କ କାୟା ପରିବର୍ତ୍ତନର ସୂଚନା ପ୍ରଦାନ କରେ । ଏ ପର୍ଯ୍ୟନ୍ତ କବି ନାରୀ ଜୀବନର ନୟାନ୍ତକ ଚିତ୍ର ହିଁ କେବଳ ଆଙ୍କି ଚାଲିଥିଲେ ନାରୀର ଜୀବନ ଯେତା'ର ବ୍ୟକ୍ତିଗତ ଜୀବନଠାରୁ ବୃହତ୍ତର, ଏପରି ଏକ ବିଶ୍ୱାସ 'ନିମିଷେ ଅକ୍ଷର' ପର୍ଯ୍ୟାନ୍ତରେ ଆରମ୍ଭ ହୋଇଛି । ତମାମା ଦୁଃଖ, ଦୁର୍ବିପାକ ସତ୍ତ୍ୱେ ନାରୀ ସକଳ ବସୁଧା ।ପାଇଁ ନିଜକୁ ସମର୍ପି ଦେଇପାରେ, ଏହି ଧାରଣାର ବଶବର୍ତ୍ତୀ ହୋଇ କବି ପ୍ରତିଭା ଶତପଥୀଙ୍କ ନବମ ଦଶକର କବିତା ଗୁଡିକ ପ୍ରକାଶ ପାଇଛି । କବିଙ୍କ ଏହି ଭାବ ପ୍ରକାଶକୁ ଲକ୍ଷ୍ୟ କରନ୍ତୁ :

'ହୃଦୟ ହିଁ ଜହ୍ନରାତି ମୋର
ବ୍ୟାପିଥିଲା ସମାଗରା ଧରା
ରକ୍ତ ମୋର ନଈ ପରିନାଚୁଥିଲା
ତା ମଝିରେ ମୋ ଭଲ ପାଇବା
ନୌକା ହୋଇ ଭାସୁଥିଲା
କି ଅବୋଧ ଛନ୍ଦଟି ଫୁଟାଇ
ମୋ ଆବେଗ କମ୍ପୁଥିଲା ପବନ ସମାନ
ସତରେ ମୋ ନିଜ ଛଡ଼ା
ନଥିଲେ ସେଠାରେ ଆଉ କେହି ବୋଲି କେହି ।'
(ନିଷ୍କଳ ଅଭିସାର ! ନିମିଷେ ଅକ୍ଷର ! ପ୍ରତିଭା ଶତପଥୀ)

ପ୍ରଥମ ଥର ପାଇଁ ନାରୀ ଜୀବନର ବ୍ୟାପ୍ତିକୁ ପ୍ରତିଭା ଏଠାରେ ବ୍ୟକ୍ତ କରିଛନ୍ତି । 'ସାହାଡ଼ା ସୁନ୍ଦରୀ' ପର୍ଯ୍ୟାୟ କବିତା ମାନଙ୍କରେ ନାରୀ ଜୀବନର ବିମର୍ଷତାର କାହାଣୀ ଏଠାରେ ପରିଦୃଶ୍ୟ ହୁଏ ନାହିଁ । ପରନ୍ତୁ ବିଷାଦର ବହ୍ନିମାନ ବେଦୀରୁ କ୍ରମଶଃ ଆଲୋକ ଆଡ଼କୁ ନାରୀ ସତ୍ତାର ନିରବଧି ଯାତ୍ରା ଏଠାରୁ ଆରମ୍ଭ ହୋଇଛି । ନିଜକୁ ସମଗ୍ର ବିଶ୍ୱ ପାଇଁ ମାନବ ସଭ୍ୟତା ପାଇଁ ସମର୍ପଣ କରିଦେବାର କାବ୍ୟିକ ପ୍ରତିବଦ୍ଧତା ପ୍ରକାଶ ପାଇଛି । ଅତଏବ ପ୍ରତିଭାଙ୍କ କାବ୍ୟ ଯାତ୍ରାର ତୃତୀୟ ପର୍ଯ୍ୟାୟରେ ପ୍ରକାଶିତ ମହାମେଘ, ଶବରୀ ତନ୍ମୟଧୂଳି, ଅଧା ଅଧା ନକ୍ଷତ୍ର ଆଦି କବିତା ସଂଗ୍ରହ ଗୁଡିକ ଏହି ଅବବୋଧକୁ ଅଧିକ ସମୃଦ୍ଧ କରିଛନ୍ତି ।

ନାରୀ ବ୍ୟକ୍ତିସତ୍ତାରୁ ମୁକ୍ତ ହୋଇ ମହାବ୍ୟାପ୍ତି ପ୍ରାପ୍ତି ପାଇଁ କବିଙ୍କ ପ୍ରାର୍ଥନାକୁ ଲକ୍ଷ୍ୟ କରନ୍ତୁ :

'ତୁମେ ମତେ ମୁକୁଳାଇ ଦିଅ
ମୋ ସକଳ କ୍ଷୁଦ୍ରତାରୁ

ସ୍ୱାର୍ଥ ଆଉ ଅହଙ୍କାର ଠାରୁ
ପ୍ରସ୍ତ ପ୍ରସ୍ତ ମୋହ ପଟଳରୁ
ସମୟର କର୍କଶ ହାତରୁ
ଆସ ଆସ ମତେ ଆଜି ମୁକୁଳାଇ ଦିଅ ।'
(ଭବିଷ୍ୟତ ଠାରୁ ବୃତଉର : ମହାମେଘ : ପ୍ରତିଭା ଶତପଥୀ)

ନାରୀ ଜୀବନର ଏକ ମୋହ ମୁକ୍ତ ରୂପାନ୍ତର କାମନା କରିଛନ୍ତି କବି । ବ୍ୟକ୍ତିଗତ କ୍ଷୁଦ୍ରତାରୁ ଓହରି ସିଏ ଆଜି ଜଗତ୍ ଜନନୀରେ ପରିଣତ ହେବା ପ୍ରତିଭାଙ୍କ କାବ୍ୟ ନାୟିକା ପ୍ରାରଂଭରୁ ପ୍ରେମିକ ପୁରୁଷ ପ୍ରତି ସମର୍ପିତ ଥିବାବେଳେ ଏହି ପର୍ଯ୍ୟାୟରେ ତାହା ପରମାର୍ଥ ପ୍ରୀତିରେ ପରିବର୍ତ୍ତିତ ହୋଇଯାଇଛି । ଶ୍ରାବଣର ଅସରା ଅସରା ମେଘରାତି ଆଉ କବିଙ୍କୁ ଆକୃଷ୍ଟ କରୁନାହିଁ ବରଂ 'ମହାମେଘ'ର ବ୍ୟାପକତା ଭିତରେ ତଲ୍ଲୀନ ହୋଇ ଯିବାର ମୋହ କବିଙ୍କର ସୃଷ୍ଟି ହୋଇଛି । ପ୍ରତିଭାଙ୍କ 'ଶବରୀ' (୧୯୯୧) ଏହି ଭାବ ବିନ୍ଦୁକୁ ସିନ୍ଧୁରେ ପରିଣତ କରି ଦେଇଛି । ନାରୀଥରେ ସଂସାର ବିମୁଖ ହୋଇ ମହାସଂସାର ଅନୁବ୍ରତୀ ହେଲେ ଜାଗତିକ ଜୀବନ ତାକୁ ତୁଚ୍ଛ ମନେ ହୁଏ । ସମସ୍ତ ଲୌକିକ ସୁଖକୁ ଫୋପାଡ଼ି ପରମ ପୁରୁଷର ସାନ୍ନିଧ ପାଇବା ପାଇଁ ଯୁଗବଦ୍ ପ୍ରତୀକ୍ଷା କରେ । 'ମହାମେଘ'ର ମହାକାଶ ମୁଖି ନାରୀ ସତ୍ତା 'ଶବରୀ'ରେ କେବଳ ଅନନ୍ତ ପ୍ରତୀକ୍ଷା କରିଛି । ସମସ ସରିଯାଉଛି ହେଲେ ତାର ପ୍ରତୀକ୍ଷାର ଶେଷ ନାହିଁ ।

'ଏଭଳି ଗୋଟିଏ ରାତି
ଗୋଟିଏ ଶତାବ୍ଦୀ ହୋଇଯାଏ ।
ରାତିଟି ଭିତରେ
ମୋ ଦେହରୁ ବାହାରି ମୁଁ
କେତେ ତର ଝୁଣ୍ଟି ପଡିଥାଏ ।'
(ବ୍ୟତୀତକାଳ : ଶବରୀ: ପ୍ରତିଭା ଶତପଥୀ)

ସଂସାରର ଛୋଟ ଛୋଟ ସୁଖକୁ ଛାଡି ଶବରୀ ଅନନ୍ତ ସୁଖ ପ୍ରାର୍ଥୀନୀ । ଏପରି ସୁଖ ପାଇଁ ଆୟୁଷ ନିଅଣ୍ଟ ପଡ଼େ । ପ୍ରତିଭାଙ୍କ ନାରୀ ସଂସାରୀ ପଣରୁ ମୁକ୍ତ ହୋଇ ଶାବରୀ ସାଜି ପରମ ପ୍ରେମକୁ ପ୍ରତୀକ୍ଷା କରିବା ଏହି ସମୟର ସବୁଠାରୁ ଉଲ୍ଲେଖନୀୟ ଘଟଣା । 'ଶବରୀ' ପରବର୍ତ୍ତୀ ଦୁଇ କବିତା ସଂଗ୍ରହ 'ତନ୍ମୟଧୂଳି, ଓ ଅଦା ଅଧାନକ୍ଷତ୍ର'ରେ ମଧ୍ୟ ନାରୀ ଜୀବନର ଉତ୍ଥାନ ପ୍ରକ୍ରିୟା ଚାଲୁ ରହିଛି । ଏକ ଆଦି ଭୌତିକ ରହସ୍ୟ ଜଗତରେ ନାରୀ ନିଜକୁ ନିର୍ଲିପ୍ତ ଭାବରେ ସ୍ଥାପନା କରିଛି ।

'ବର୍ଷା
ତାର ଚୁପ୍‌ଚାପ୍ ସାମ୍ରାଜ୍ୟକୁ
ହାତ ଧରି ଟାଣି ନିଅନ୍ତା ନାଇଁ
ମତେ ।'
(ସାଧାରଣ କଥା : ତନ୍ମୟ ଧଳି : ପ୍ରତିଭା ଶତପଥୀ)

'ଶବରୀ'ର ଅନନ୍ତ ପ୍ରତୀକ୍ଷାପରେ 'ତନ୍ମୟଧୂଳି'ର କାବ୍ୟ ବକ୍ତବ୍ୟ ଏତେଟା ଗୁରୁତ୍ୱପୂର୍ଣ୍ଣ ମନେ ହେବ ନାହିଁ । ଯେଉଁ ଶିକର ସ୍ୱାଦର କଥା 'ଶବରୀ'ରେ ପ୍ରକାଶ ପାଇଛି, ତନ୍ମୟ ଧୂଳିରେ ଅନେକ ସମୟରେ ଏସବୁର ବିରୋଧାଭାସ ରହିଛି । ଶବରୀଙ୍କ ଅପ୍ରାପ୍ତି ଓ ଅସହାୟତାରୁ ଏସବୁ କବିତା ଜନ୍ମନେବା ପରି ଲାଗିବ । ଶବରୀ ନିଜକୁ ସମଗ୍ର ବିଶ୍ୱ କଲ୍ୟାଣ ପାଇଁ ସମର୍ପିଦେବା ପରେ କିଛି କିଛି ବିଷାଦ, ଅବସୋସ ଏହି କବିତା ମାନଙ୍କରେ ପ୍ରାଧାନ୍ୟ ବିସ୍ତାର କରିଛି । 'ଅଧା ଅଧାନକ୍ଷତ୍ର' କବିତା ସଙ୍କଳନରେ ପୂର୍ବ ବ୍ୟର୍ଥତା ପାଖରୁ ମୁକୁଳି ଯିବାର ପ୍ରୟାସ ରହିଛି । ଏସବୁ କବିତାମାନଙ୍କରେ କବି ପୁର୍ନବାର ପରମାର୍ଥିକ ମହାବ୍ୟାପ୍ତି ପାଖରେ ନିଜକୁ ସମର୍ପି ଦେବା ପାଇଁ ବ୍ୟାକୁଳତା ପ୍ରକାଶ କରିଛନ୍ତି । ଅନନ୍ତ ବ୍ରହ୍ମାଣ୍ଡରେ ଏକୀଭୂତହେବା ପାଇଁ ତାଙ୍କର ଉଚ୍ଚତର କାମନା ପ୍ରକାଶିତ ।

'ପରାର୍ଦ୍ଧ ପର୍ବତ ଉପରେ

ଜଳୁଥାଏ ପରାର୍ଦ୍ଧ ଦିହୁଡି

ଏକାକିନୀ ସ୍ତ୍ରୀଲୋକ ଗୋଟିଏ

କଂପୁଥାଏ ଅନ୍ଧାରରେ

ପାଦଦେଶରେ ।'

(ତୁମେ ଅଛ : ଅଧା ଅଧା ନକ୍ଷତ୍ର : ପ୍ରତିଭା ଶତପଥୀ)

କବି ନାରୀ ଜୀବନର ଉର୍ଦ୍ଧତମ ଅଭିଳାଷ ଭିତରେ ତାର କାୟାମୁକ୍ତି ପରିକଳ୍ପନା କରିଛନ୍ତି । ଯେଉଁ ନାରୀ ତମାମ ଜୀବନ 'ଶବରୀ' ପରି ପ୍ରତୀକ୍ଷାମାଣ ଥିଲା ସିଏ ପୁଣିଧୂଳି ପରିତନ୍ମୟୀ ହୋଇ ମାଟିର ମାୟାରେ କିଛିକାଳ ମୋହଗ୍ରସ୍ତ ପିପାସାରୁ ମୁକ୍ତ ହୋଇ ଅଧା ଅଧା ଦୃଶ୍ୟମାନ ନକ୍ଷତ୍ର ଆଡ଼କୁ ଦ୍ରୁତଗତି ଆରଂଭ କରିଛି । ଅତଏବ ନାରୀ ଜୀବନର ଉତ୍ତରାୟଣରେ କାୟା ମୁକ୍ତିର କାମନା କରିଛନ୍ତି କବି ପ୍ରତିଭା ଶତପଥୀ, ଶବରୀ ହୋଇ ସମଗ୍ରବିଶ୍ୱର ଯନ୍ତ୍ରଣାକୁ ଉପଶମ କରୁଥିବା ମମତାମୟୀ ନାରୀ ଏବେ ନକ୍ଷତ୍ର ପିପାଶୀ ଅଧା ଅଧା ଦିଶୁଥିବା ନକ୍ଷତ୍ର ଆଡ଼କୁ ଅଗ୍ରସର ହୋଇ ପୂର୍ଣ୍ଣତା ପ୍ରାପ୍ତ ପାଇଁ ତାର ପ୍ରୟାସ । ମାଟିରୁ ମହାକାଶ ଆଡ଼କୁ ଏଯାଏ । ନାରୀ ଜୀବନର ଏପରି ଆରୋହଣ-ଅବତରଣର ଛାଇ ଆଲୁଅ ଖେଳରେ ପ୍ରତିଭାଙ୍କ କବିତା ଗୁଡିକ ସମୃଦ୍ଧ । ନାରୀ ଜୀବନର ବହୁବିଧ ବିସ୍ତରଣ ଏସବୁ କବିତାର ଉଦ୍ଦେଶ୍ୟ ।

କବି ପ୍ରତିଭା ଶତପଥୀ ଆଧୁନିକ ଓଡ଼ିଆ କାବ୍ୟଧାରାରେ ନିଜର ସ୍ୱତନ୍ତ୍ର କାବ୍ୟସ୍ୱର ପାଇଁ ସୁପ୍ରତିଷ୍ଠା ଅର୍ଜନ କରିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ ପ୍ରୟୋଗବାଦୀ କାବ୍ୟ ଧାରାରେ ଜଣେ ସଫଳ ନାରୀକବି ଭାବରେ ନାରୀ ଜୀବନର ଆଚରଣ ଓ ଉଚ୍ଚାରଣକୁ ସେ ପ୍ରତିନିଧିତ୍ୱ ଦେଇଛନ୍ତି । ଅନେକ ସମୟରେ ତାଙ୍କର ବ୍ୟକ୍ତିସତ୍ତା ଓ କାବ୍ୟ ସତ୍ତା ଏକ ଓଅଭିନ୍ନ ପରି ମନେହୁଏ । ଜଣେ ନାରୀ ଭାବରେନାରୀ ଜୀବନର ଆବେଗ, ଯନ୍ତ୍ରଣା, ଅସହାୟତା, ଆମଗ୍ଲାନି, ସ୍ୱପ୍ନ ଓ ସ୍ୱପ୍ନଭଙ୍ଗକୁ ସେ ଯଥାର୍ଥ ପ୍ରତିନିଧିତ୍ୱ କରିପାରିଛନ୍ତି । କବିଙ୍କ ପ୍ରାରମ୍ଭିକ କାବ୍ୟ ଜୀବନରେ ରୋମାଣ୍ଟିକ ଭାବାଦର୍ଶ ପ୍ରକାଶ ପାଇଥିଲେ ହେଁ ଏହା ପରବର୍ତ୍ତୀ ସମୟରେ ପ୍ରଭାବଶାଳୀ ହୋଇ ପାରିନାହିଁ । ପରନ୍ତୁ ଏହି ରୋମାଣ୍ଟିକ୍ ବିଳାସ ଉତ୍ପନ୍ନ ବିଷାଦ ବ୍ୟର୍ଥତା ଭିତରୁ ତାଙ୍କ କାବ୍ୟ ନାୟିକା ଜୀବନ ବଂଚିବାର ନୂଆ ବିକଳ୍ପ ନକ୍ସା ଖୋଜି ପାଇବାରେ ସମର୍ଥ ହୋଇଛନ୍ତି । କବିଙ୍କ ମହାମେଘ, ଶବରୀ, ତନ୍ମୟଧୂଳି, ଅଧା ଅଦାନକ୍ଷତ୍ର ଆଦି କବିତା ସଂଗ୍ରହ ଗୁଡିକ ଏହି ଦୃଷ୍ଟି କୋଣରୁ

ଗୁରୁତ୍ୱ ପୂର୍ଣ୍ଣ ମନେହୁଅନ୍ତି । ଅନେକ ଜାତୀୟ ଓ ପାଦେଶିକ ସମ୍ମାନରେ ସମ୍ମାନିତ କବି ପ୍ରତିଭା ଶତପଥୀ ଜଣେ କବି, ପ୍ରାବଂଧିକାଓ ଗବେଷିକା ଭାବରେ ଓଡ଼ିଆ ସାହିତ୍ୟରେ ସୁଖ୍ୟାତି ଅର୍ଜନ କରିଛନ୍ତି । କବିଙ୍କ କ୍ଲାସିକ୍ ସୃଷ୍ଟି ଭାବରେ 'ଶବରୀ' ଭାରତୀୟ ପାଠକମାନଙ୍କୁ ଆକୃଷ୍ଟ କରି ଆସୁଛି । ଜଣେ ସଂବେଦନଶୀଳ କବି ଭାବରେ ପ୍ରତିଭା ଶତପଥୀଙ୍କ ପରିଚୟ ସ୍ୱତନ୍ତ୍ର ।

## ୧.୧ : ଶବରୀ କବିତାର ପୃଷ୍ଠଭୂମି ଓ ପରିସର

'ଶବରୀ' ଦୀର୍ଘ କବିତାର ପୃଷ୍ଠଭୂମି ଭାରତୀୟ ପୁରାଣ ସାହିତ୍ୟ ଓ ଲୋକକଥା ଉପରେ ପର୍ଯ୍ୟବେସିତ । ବନବାସ ସମୟରେ ରାମଚନ୍ଦ୍ରଙ୍କୁ ଆତିଥ୍ୟ ପ୍ରଦାନ କରି ତାଙ୍କ କରୁଣା ପ୍ରାର୍ଥିନୀ ହେବା ଶବରୀ ଚରିତ୍ରର ବିଶେଷତ୍ୱ । ଯୁବରାଜ ରାମଚନ୍ଦ୍ର ବନଚାରୀ ବେଶରେ ଅତି ଅଯତ୍ନରେ  ବନଚାରଣ କରୁଥିବାବେଳେ ଶବର-ଶବରୀଙ୍କ ସାନ୍ନିଧ ତାଙ୍କ ଜୀବନରେ ଆନନ୍ଦ ଖେଳାଇ ଦେଇଛି । ଶବରୀ ନିଜେ ଖଟାମିଠା ଫଳ ପରଖିବା ପରେ ରାମଚନ୍ଦ୍ରଙ୍କୁ ଉଚ୍ଛିଷ୍ଟ ଫଳ ଖାଇବାକୁ ଦେଇଛି । ଏହା ହିଁ ଉଭୟଙ୍କ ମହାନତା, ଜଣେ ଉଚ୍ଛିଷ୍ଟ ପ୍ରଦାନ କରିଛି – ଅନ୍ୟ ଜଣେ ତାଙ୍କୁ ଆନନ୍ଦରେ ଗ୍ରହଣ କରିଛି । ରାମଚନ୍ଦ୍ରଙ୍କ ଈଶ୍ୱରତ୍ୱ ବଦଳରେ ଶବରୀ ତାଙ୍କୁ ଜଣେ ଲୌକିକ ବ୍ୟକ୍ତିତ୍ୱ ଭାବରେ ଭକ୍ତି କରିଛନ୍ତି । ଅଜ୍ଞାନରେ ଜ୍ଞାନପ୍ରାପ୍ତି ହେବା ଶବରୀ ଚରିତ୍ରର ଆଉ ଏକ ବିଶେଷତ୍ୱ । ଶବରୀ  ଯଦି ଜାଣି ପାରିଥାଆନ୍ତା ସେ ଯାହାକୁ ଉଚ୍ଛିଷ୍ଟ ଯାଚନା କରୁଛି, ସିଏ ହେଉଛନ୍ତି ସ୍ୱୟଂ ପରମବ୍ରହ୍ମ ଲୀଳାପୁରୁଷ-ହୁଏତ ଶବରୀ ଜ୍ଞାନବଶତଃ ତାହା କରିପାରି ନ ଥାନ୍ତା । ଶବରୀ ଜୀବନର ଏହି ଅହଂଶୂନ୍ୟ ଲୋଡ଼ିବାପଣ ଓ ଶୁଦ୍ଧ ଭକ୍ତି ଭାବନା ଭକ୍ତ ଓ ଭଗବାନଙ୍କ ସଂପର୍କକୁ ନେଇ ଉଦାହରଣରେ ପରିଣତ ହୋଇଛି । ଜଣେ ଅଶିକ୍ଷିତ, ଇତରା ନାରୀ ଈଶ୍ୱରଙ୍କୁ ଅତି ନିକଟରୁ ପାଇ ପାରେ, ଏହା ଶବରୀ ଚରିତ୍ରର ସବୁଠାରୁ ବଡ଼ ସଫଳତା । ଯୋଗୀ, ଋଷୀମାନେ ବର୍ଷତମାମ ତପସ୍ୟା କରି ଯାହାଙ୍କ ସ୍ୱରୂପ ସାନ୍ନିଧ ପାଇ ପାରୁ ନାହାଁନ୍ତି ତାହା ଶବରୀ ପକ୍ଷରେ କିପରି ସଂଭବ ହେଲା  ? ଏହି ରହସ୍ୟ ହିଁ ଶବରୀ କବିତାର ମୂଳ ପୃଷ୍ଠଭୂମିକା ।

ସଂସ୍କୃତ ରାମାୟଣରେ ଶ୍ରୀରାମ ଓ ଶବରୀ ଉପାଖ୍ୟାନ ସଂପର୍କରେ ବିସ୍ତୃତ ବର୍ଣ୍ଣନା ରହିଛି  । ଏହି ବର୍ଣ୍ଣନା ଶବରୀଙ୍କ ଭକ୍ତିପ୍ଲୁତ ଲୋଡିବା ପଣ ଓ ରାମଚନ୍ଦ୍ରଙ୍କ ମର୍ଯ୍ୟଦା ବୋଧକୁ ନେଇ ସୃଷ୍ଟି ହୋଇଛି । ଭାରତୀୟ ପ୍ରାନ୍ତୀୟ ପୁରାଣ ସାହିତ୍ୟ ମାନଙ୍କରେ ମୂଳ ସଂସ୍କୃତ ରାମାୟଣର କଥାବସ୍ତୁ ଆଧାରରେ ଏହି ପ୍ରସଙ୍ଗର ବାଖ୍ୟା ଦେଖିବାକୁ ମିଳେ । କବି ବଳରାମ ଦାସକୃତ 'ଜଗମୋହନ ରାମାୟଣ' କବି ଅର୍ଜୁନ ଦାସଙ୍କ 'ରାମବିଭା' କବି ଧନଞ୍ଜୟ ଭଞ୍ଜଙ୍କ 'ରଘୁନାଥ ବିଳାସ' କବି ଉପେନ୍ଦ୍ରଭଂଜଙ୍କ 'ବୈଦେହିସ ବିଳାସ' ଆଦି ରାମକାବ୍ୟ ମାନଙ୍କରେ ରାମ ଚରିତ୍ରର ବିଶେଷତ୍ୱ ବର୍ଣ୍ଣନା ପାଇଁ 'ଶବରୀ' ଚରିତ୍ର ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପ୍ରୟୋଗ ହୋଇଛି । ରାମକାବ୍ୟ ମାନଙ୍କରେ ରାମ ଓ ସୀତାଙ୍କ ସଂପର୍କରେ ବର୍ଣ୍ଣନା କରାଯାଇ ଥିବାରୁ ଶବରୀ ପରି ଜଣେ ଆଦିବାସୀ ସଂପ୍ରଦାୟର  ନାରୀର ଉପସ୍ଥାପନ ସିମୀତ । 'ଜଗମୋହନ ରାମାୟଣ' ବ୍ୟତୀତ ଓଡ଼ିଆ ସାହିତ୍ୟରେ 'ଶବରୀ' ସଂପର୍କରେ ବିଶେଷ ସାହିତ୍ୟ ପରିଲକ୍ଷିତ ହୁଏ ନାହିଁ । ବୈଷ୍ଣବ ଧର୍ମର ପ୍ରଭାବରେ ଓଡ଼ିଆ ସାହିତ୍ୟରେ କୃଷ୍ଣ କାବ୍ୟର ପ୍ରାଧାନ୍ୟ ଦେଖାଯାଏ । କୃଷ୍ଣ ଓ ରାଧାଙ୍କ ସଂପର୍କରେ ବର୍ଣ୍ଣନା କରିବାରେ କବି ପାଇଁ ଯେତିକି ସ୍ୱାଧୀନତା ଅଛି 'ଶବରୀ' ଚରିତ୍ର ବିଶ୍ଳେଷଣରେ ସେହି ସବୁ ସୁବିଧା କବି ପାଏ ନାହିଁ । ଅନ୍ୟପକ୍ଷରେ ରାମାୟଣର ନାୟକ ଶ୍ରୀରାମ ଜଣେ ସଂଯତ ଓ ମର୍ଯ୍ୟଦା ପୁରୁଷ ହୋଇଥିବାରୁ ସେଠାରେ ପରକୀୟା ପ୍ରେମ ବର୍ଣ୍ଣନା ପାଇଁ ସୁଯୋଗ ସୃଷ୍ଟି ହୁଏ ନାହିଁ । ଶ୍ରୀକୃଷ୍ଣଙ୍କ ପୂର୍ବବର୍ତ୍ତୀ ଅବତାରରେ ଶ୍ରୀରାମ ଜଣେ ପ୍ରଜ୍ଞାଶୀଳ, ସ୍ଥିତ ପ୍ରଜ୍ଞ ଚରିତ୍ର ଭାବରେ ପ୍ରତିଷ୍ଠିତ । ପ୍ରେମ ବଦଳରେ ଭକ୍ତି ହିଁ ତାଙ୍କୁ ପାଇବାର ମାର୍ଗ  । ଜଣେ ଆଦର୍ଶ ପିତା ଅନୁରକ୍ତ, ପ୍ରଜାବତ୍ସଳ ଭାବରେ ତାଙ୍କର ସୁଖ୍ୟାତି ।

ଅତଏବ ଶବରୀ ପାଇଁ 'ଶ୍ରୀରାଧା' ଚରିତ୍ରର ସଂଭାବନା ସେଠାରେ ସୃଷ୍ଟି ହୋଇ ପାରିନାହିଁ । ରାମ, କୃଷ୍ଣ, ଶବରୀ, ରାଧାଓ ତ୍ରେତୟା, ଦ୍ୱାପର ଯୁଗ ଭିତରେ ଅନେକ ପାର୍ଥକ୍ୟ । ଉଭୟ ସମୟର ଉପାସନା ମାର୍ଗ ଟି ନିଆରା ।

ତ୍ରେତୟା – ପ୍ରତୀକ୍ଷା – ଭକ୍ତି – ପରମାର୍ଥ ପ୍ରାପ୍ତି

ଦ୍ୱାପର – ବିରହ–ପ୍ରେମ–ପରମାର୍ଥ ପ୍ରାପ୍ତି

ଏଇଠି ଲକ୍ଷ୍ୟ କରିବାରକଥା ଯେ ତ୍ରେତୟାର ଶବରୀ ହେଉଚି 'ସେବିକା' ଓ ଦ୍ୱାପରର ଶ୍ରୀରାଧା ହେଉଛନ୍ତି 'ପ୍ରେମିକା' । ଏ ଦୁହେଁ ନାରୀ ଦୁଇ ଜଣକର ଦର୍ଶନ ଓ ଲୋଡିବାପଣର ମାର୍ଗ ନିଆର । ଉଭୟଙ୍କ ଉଦ୍ଦେଶ୍ୟ ଗୋଟିଏ ହେଲେ ମଧ୍ୟ ମାର୍ଗ ନିଆରା, ଶାବରୀ ଅଜ୍ଞ, ଅବହେଳିତ, ତୃଣ ମୂଳସ୍ତରୀୟ ନାରୀ । ଜୀବନ ତମାମ ସେ କେବଳ ଅପେକ୍ଷା କରି ଜାଣିଛି । ଏ ଅପେକ୍ଷାରେ ଭରି ରହିଚି ପ୍ରଚୁର ଅପାର୍ଥିବ ପୁଲକ । ନିଜର ସକଳ ପୁଣ୍ୟ ସମୟକୁ ସମର୍ପିଦେଇ ଈଶ୍ୱରଙ୍କୁ ନିଜର କରି ପାରିଛି ଶବରୀ, ଜୀବନର ଏକମାତ୍ର ଲକ୍ଷ୍ୟ ହେଉଛି ଗୋଟିଏ ବୃହତ୍ତର ବ୍ୟକ୍ତିତ୍ୱ ପାଖରେ ନିଜର କ୍ଷୁଦ୍ରତାକୁ ସମର୍ପଣ କରିଦେବା, ଏକଥା ଶବରୀ ବୁଝୁଛି । ଅନ୍ୟ ପକ୍ଷରେ ଶ୍ରୀରାଧା ପ୍ରେମ ସ୍ୱରୂପିଣୀ । ପ୍ରିୟତମକୁ ପାଇବା ପାଇଁ ପରକୀୟା ତାଙ୍କର ଅସ୍ତ୍ର । ସମସ୍ତ ଲୌକିକ ବାସନ୍ଧ ସତ୍ତ୍ୱେ ସେହି ଅନନ୍ତ ବ୍ୟକ୍ତିତ୍ୱ ସହ ଏକୀଭୂତ ହେବା ତାଙ୍କର ଏକମାତ୍ର ଇଚ୍ଛା । ଏହି ପୃଷ୍ଠଭୂମିରେ 'ଶବରୀ' ଜଣେ ସାଧିକା–ରାଧା ଜଣେ ପ୍ରେମିକା । ରାଧାଙ୍କ ଅପେକ୍ଷା ଶବରୀଙ୍କ ଜୀବନ କମ ଘଟଣା ବହୁଳ ହେଲେ ମଧ୍ୟ ନିଜର ପରାକାଷ୍ଠା ଓ ପ୍ରତିବଦ୍ଧତା ଜନିତ ପ୍ରାପ୍ତ ଯନ୍ତ୍ରଣାରେ ସେ ଅଧିକ ଉଜ୍ଜ୍ୱଳ ମନେ ହୁଅନ୍ତା । ଭକ୍ତି ମାଧମରେ ଈଶ୍ୱରଙ୍କୁ ବଶୀଭୂତ କରାଯାଇପାରେ 'ଶବରୀ' ତାର ଶ୍ରେଷ୍ଠ ଉଦାହରଣ । ପୁରାଣ ଓ କିଂବଦଂତିର ଏହି ଲୋକପ୍ରିୟ ପୃଷ୍ଠଭୂମିକୁ କବି ପ୍ରତିଭା ଶତପଥର ଗ୍ରହଣ କରି ସେଥିରେ ଆଧୁନିକ ଜୀବନାଦର୍ଶର ପ୍ରତିଫଳନ କରିବାର ପ୍ରୟାସ କରିଛନ୍ତି ।

'ଶବରୀ' ପରି ଗୋଟିଏ ଅବହେଳିତ, ଅପାଙ୍‌କ୍ତେୟ ଚରିତ୍ର ସଂପର୍କରେ ସମକାଳୀନ ସମୟରେ ଏତେ ସବୁକବିତା ରଚନା କରିବାର ଆବଶ୍ୟକତା କଣ ଅଛି ? ଶବରୀ କଣ ବର୍ତ୍ତମାନର ସମାଜ ଓ ପାଠକ ମାନଙ୍କ ପାଇଁ କିଛି ମୂଲ୍ୟ ରଖେ କି ? ଶବରୀ ଚରିତ୍ରର କେଉଁ ଦୁଃଖ, ଦଂଶନ, ଅମୃତ ଏଷଣା, ଜୀବନ ଦର୍ଶନ ସହିତ ସମକାଳୀନ ନାରୀ ଜୀବନକୁ ସଂଯୋଜିତ କରାଯାଇ ପାରିବ ? ଏହିପରି ଅନେକ ପ୍ରଶ୍ନ ଶବରୀର ସମକାଳୀନ ପୃଷ୍ଠଭୂମି ସଂପର୍କରେ ସୃଷ୍ଟି ହୁଏ । କବି ପ୍ରତିଭା ଶତପଥୀ ସଚେତନ ଭାବରେ ତ୍ରେତୟା ଯୁଗର ଏହି ଶବରୀ ରମଣୀର ଚରିତାୟନ କରିବା ସହ ତାକୁ ସମକାଳୀନ ପାଣିପାଖରେ ପୃଥ୍ୱୀରୂପା କରିବାର ପ୍ରୟାସ କରିଛନ୍ତି । କବିତାର ଶେଷ ପର୍ଯ୍ୟାୟରେ ଶବରୀର ସକଳ ପୁଣ୍ୟ, ପ୍ରତୀକ୍ଷାା ଜଗତ କଲ୍ୟାଣପାଇଁ ସମର୍ପିତ ହୋଇଯାଇଛି । ବ୍ୟକ୍ତିଗତ ଲାଭକ୍ଷତିର ଦୁନିଆରୁ ବାହାରି ସକଳ ସଭ୍ୟତା ପ୍ରତି ସମର୍ପିତ ହେବା ପ୍ରତିଭାଙ୍କ ଶବରୀ ଚରିତ୍ରର ଏକ ବିଶେଷତ୍ୱ । ଏପରି ଭାବନା ପୁରାଣ ବର୍ଣ୍ଣିତ ଶବରୀଙ୍କ ଠାରେ ଦେଖାଯାଏ ନାହିଁ । ଶବରୀର ଏହି ନୂତନ ଭୂମିକା ପାଇଁ କବି ବିଂଶ ଶତାବ୍ଦୀର ବିକ୍ଷୁବ୍ଧ ବିଶ୍ୱକୁ ପୃଷ୍ଠଭୂମି ଭାବରେ ଗ୍ରହଣ କରିନେଇଛନ୍ତି ।

ପ୍ରଥମ ବିଶ୍ୱସମର ଜନିତ କ୍ଷୟକ୍ଷତି (୧୯୧୪–୧୮) ଠାରୁଦ୍ୱିତୀୟ ବିଶ୍ୱ ସମରର ପରମାଣବିକ ଆତଙ୍କ (୧୯୩୯)–୪୫) ପୃଥିବୀକୁ ଅଧିକ କ୍ଷତିଗ୍ରସ୍ତ କଲା । ପ୍ରାଚୀନ ସଭ୍ୟତା ଗୁଡିକ ଯୁଦ୍ଧତ୍ରସ୍ତ ହୋଇ ପୋତି ହୋଇ ପଡିବା ସହ ବିଧବା, ଅନାଥ, ବାର୍ଦ୍ଧକ୍ୟ, ଜରାଗ୍ରସ୍ତ, ଅନାହାରର ତାଡ଼ନାରେ ସବୁଜ ବିଶ୍ୱ ପାଣ୍ଡୁର ପଡ଼ିଗଲା । ସବୁଠି ଧ୍ୱଂସ,

ଲୁଣ୍ଠନ, ନିର୍ଯ୍ୟାତନାର ମାନଚିତ୍ର ଶ୍ୟାମଳ ସଂପର୍କର ଖିଅ ବିଶ୍ୱ ସଭ୍ୟତାରୁ ହଜିଗଲା । ସଂସ୍କୃତିର ପୋଲ ଭାଙ୍ଗିଗଲା, ଅତୀତ ସହ ଯୋଗ ସୂତ୍ରହୀନ ମଣିଷ ଗୋଟିଏ ଉଦ୍‌ଭଟ୍ଟ ଓ ଅପ୍ରାସଙ୍ଗିକ ମୂଲ୍ୟବୋଧ ନେଇ ବଂଚି ରହିଲା । ନୂଆଖଲି, ଦିଲ୍ଲୀ, ଗୁଜୁରାଟ, ଆମେରିକା, ଇରାକ୍, କ୍ୟୁବା, ଚୀନ୍ ସବୁଠି ମାନବିକତାର ଗଣ ସଂହାର ଚାଲିଲା । ରାଷ୍ଟ୍ର, ରାଷ୍ଟ୍ର ମଧ୍ୟରେ ଯୁଦ୍ଧ, ସଂତ୍ରାସ, ଅସହଯୋଗ ସହ ବ୍ୟକ୍ତି, ବ୍ୟକ୍ତି ମଧ୍ୟରେ ଅବିଶ୍ୱାସ, ଈର୍ଷା, ଅହଙ୍କାର ପ୍ରାଧାନ୍ୟ ବିସ୍ତାରକଲା । ନାରୀ ଏପରି ପରିସ୍ଥିତିରେ ପ୍ରେମ କି ଉପାସନାର ଉପାଦ୍ୟ ହୋଇ ରହିଲା ନାହିଁ । କ୍ଷମତା ଲିପ୍‌ସୁ ମଦମତ୍ତ, ଯୁଦ୍ଧ ମୁହାଁ ସମୟ ନାରୀର ନାରୀତ୍ୱ ଓ ସ୍ଥିତିକୁ ବିପନ୍ନ କରିବାକୁ ଲାଗିଲା । ବିଡ଼ମ୍ବିତ ଯୌବନ, ଅତ୍ୟାଚାରିତ ଆୟୁଷ ନେଇ ନାରୀର ଜୀବନ ନର୍କ ପାଲଟିଗଲା । ସାମାଜିକ ସ୍ତରରେ ଓ ପାରିବାରିକ ସ୍ତରରେ ନାରୀ ଜୀବନର ମାଧୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ଅପସରି ଗଲା । ଏପରି ଏକ ଯନ୍ତ୍ରଣାକ୍ତ ଓ ପାପବିଦ୍ଧ ଜୀବନରୁ କିପରି ସଂଭବ ହେବ ତାର ମୁକ୍ତି ? ଯୁଦ୍ଧ, ଶରଣାର୍ଥୀ, ପୀଡନ, ମାତୃତ୍ୱ, ଦାଂପତ୍ୟ, କୁମାରୀତ୍ୱ, ଜୀବନ ସଂଘର୍ଷରୁ କିଏ ଦେବତାକୁ ମୁକ୍ତି ? ଆଉ ଥରେ କଣ ଆସିବେ କି ପ୍ରଭୁ ଶ୍ରୀରାମ ? କ୍ଷୀର ସମୁଦ୍ରରୁ କଣ ଆସିବେ ବିଷ୍ଣୁ ।

ଈଶ୍ୱରଙ୍କ ଅବତାର ନେବା କଣ ଆଉ ସଂଭବ ? କିଏ ଦେବ ଏହି ପିଡ଼ୀତା ନାରୀମାନଙ୍କୁ ମୁକ୍ତି ? କବି ପ୍ରତିଭା ଶତପଥୀ ନାରୀ ଜୀବନର ଏହି ଗଣ ଅସହାୟତାକୁ ନୂଆ ରୂପରେ ଜୀବନ୍ୟାସ ଦେବାର ପ୍ରୟାସ କରିଛନ୍ତି । ବ୍ୟକ୍ତିଗତ ମୁକ୍ତି ଅପେକ୍ଷା ନାରୀ ଜଗତ ପାଇଁ ଉନ୍ମୁକ୍ତ ହେଇଯାଉ ବୋଲି କବି କାମନା କରିଛନ୍ତି । ଥରେ ଜଗତ ଜନନୀ ହୋଇଗଲେ ବ୍ୟକ୍ତିଗତ ବିମର୍ଷ ସବୁ ଆପଣାଛାଏଁ ଅପସରି ଯିବ ବୋଲି କବି ବିଶ୍ୱାସ କରିଛନ୍ତି । ଏଇ ପ୍ରସଙ୍ଗରେ କବି ଶବରୀ କବିତାର ଶେଷ ପର୍ଯ୍ୟାୟରେ 'ପୃଥ୍ୱୀରୂପା' ପ୍ରସଙ୍ଗକୁ ଯୋଗ କରିଛନ୍ତି । ସମକାଳର ନାରୀ ଠିକ୍ ଜଣେ ଶବରୀ ପରି । ନିତ ତମାମ ତପସ୍ୟା (ପ୍ରତୀକ୍ଷା) ରପୁଣ୍ୟ ଦ୍ୱାରା ଉତ୍ତପ୍ତ ବିଶ୍ୱକୁ ଅନନ୍ତ ଶୀତଳତା ପ୍ରଦାନ ପାଇଁ ନିଜର ବ୍ୟକ୍ତିଗତ ଜୀବନକୁ ଉତ୍ସର୍ଗ କରିବା ପାଇଁ କବି ନାରୀ ସମାଜକୁ ଆହ୍ୱାନ ଦେଇଛନ୍ତି । ଜାଗତିକ ଜୀବନ ଓ ବସ୍ତୁବିଳାସ ଯେତେବେଳେ ଜଣେ ନାରୀ ପାଇଁ ତୁଚ୍ଛ ହୋଇଯାଏ, ସେତେବେଳେ ସିଏ ଏହି ମହତ୍ତର ମାନବିକତାକୁ ବୁଝିପାରେ ବୋଲି କବି କହିଛନ୍ତି ।

ସାଂପ୍ରତିକ ବିକ୍ଷୁବ୍ଧ ସମାଜ ଜୀବନ ବିଶେଷତଃ ସ୍ୱାଧୀନତା ପରବର୍ତ୍ତୀ ଭାରତ ବର୍ଷରେ ନାରୀ ଜୀବନର ଅବମୂଲ୍ୟାୟନ ପରିପ୍ରେକ୍ଷୀରେ ପ୍ରତିଭା ଶତପଥୀଙ୍କ 'ଶବରୀ' ଜଣେ ଆଦର୍ଶ ସ୍ଥାନୀୟ ନାରୀ ଭାବରେ ଠିଆ ହୋଇଛି । ଅନେକ ଆତ୍ମବିଶ୍ୱାସ ହରା ନାରୀ ମାନଙ୍କ ପାଇଁ 'ଶବରୀ' ଆଦର୍ଶ ହୋଇପାରିବା ପୁରାଣଠାରୁ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ଏହିପରି ଏକ ପ୍ରଲଂବିତ ପୃଷ୍ଠ ଭୂମିରେ 'ଶବରୀ' କବିତାର ସଂରଚନା ହୋଇଛି । ଏହା ପୁରାଣର ନିର୍ମୋକ ଫିଙ୍ଗି କବିତାର ଶେଷ ପର୍ଯ୍ୟାୟ ଆଡ଼କୁ କ୍ରମଶଃ ଅତି ସାଂପ୍ରତିକ ହୋଇ ଯାଉଥିବା ଲକ୍ଷ୍ୟ କରାଯାଇ ପାରିବ ।

### ୧.୨ : 'ଶବରୀ' ଅଧ୍ୟୟନ

ପ୍ରତିଭା ଶତପଥୀଙ୍କ 'ଶବରୀ' ପୁସ୍ତକ ଆକାରରେ ୧୯୯୧ ମସିହାରେ ପ୍ରକାଶିତ ହୁଏ । ଶବରୀ ଏକ ଦୀର୍ଘ କବିତାଗ୍ରନ୍ଥ । କବି ଚାରୋଟି ଶୀର୍ଷକରେ (ବ୍ୟତୀତ କାଳ, ନିମୀଳନ, ମନ୍ତ୍ରସିଦ୍ଧା, ପୃଥ୍ୱୀରୂପା) ଶବରୀ ଜୀବନର ଚରିତ୍ରାୟନ କରିଛନ୍ତି । କବିତାର ପ୍ରତିଟି ପର୍ଯ୍ୟାୟ ସ୍ୱତନ୍ତ୍ର ଭାବ ବଂଧନରେ ବଂଧା । ପ୍ରଥମ ପର୍ଯ୍ୟାୟରୁ ଚତୁର୍ଥ ପର୍ଯ୍ୟାୟ ପର୍ଯ୍ୟନ୍ତ କବିତାର ଏକ ଧାରାବାହିକ ବିବରଣ ସହ ଚେତନାର ଉତ୍ତରଣ ପରିଲକ୍ଷିତ ହୁଏ । ଜଣେ ସାଧାରଣ ନାରୀର ବ୍ୟକ୍ତିଗତ ସ୍ୱପ୍ନ, ସଂଭାବନା ଠାରୁ ତାକୁ ପୃଥକ୍ କରି ସମଗ୍ର ପୃଥିବୀ ପାଇଁ ପ୍ରେରିତ କରିବାର ପଥିକୃତ୍ ପ୍ରୟାସ ରହିଛି ଶବରୀ କବିତା ସମଗ୍ରରେ । ଅତଏବ ସମଗ୍ର କବିତାମାନଙ୍କରେ ଶବରୀଙ୍କ ଅନୁଭବ, ସଙ୍କଟ ଓ ସଂଭାବନା ସବୁକୁ ପ୍ରଥମ ବଚନରେ

ବ୍ୟବହାର କରାଯାଇଛି । ଶବରୀ କେବଳ ନିଜ କଥା କହି ନାହାଁନ୍ତି, ଯାହାଙ୍କ ପାଇଁ ତାଙ୍କର ପ୍ରତୀକ୍ଷା, ସେ ସଂପର୍କରେ ମଧ୍ୟ ଭାବାବିଷ୍ଟ ତଥ୍ୟ ପ୍ରଦାନ କରିଛନ୍ତି । ନିମ୍ନରେ ଶବରୀ କବିତାର ଭାବ ବସ୍ତୁଗୁଡିକୁ ପର୍ଯ୍ୟାୟକ୍ରମେ ଆଲୋଚନା କରାଯାଇଛି ।

**ବ୍ୟତୀତ କାଳ :**

ଏହି ପର୍ଯ୍ୟାୟର କବିତାମାନଙ୍କରେ ଶବରୀଙ୍କ ଧରାବତରଣ ସହ ଯୌବନ ଓ ଜୀବନ ଯାପନର ପରିଚୟ ରହିଛି । ଯେଉଁ ଉଦ୍ଦେଶ୍ୟ ପାଇଁ ଶବରୀ ବାରଂବାର ଏ ପୃଥିବୀରେ ଜନ୍ମ ନେଉଛନ୍ତି, ସେ ଉଦ୍ଦେଶ୍ୟ ତାଙ୍କର ପୁରଣ ହୋଇ ପାରୁ ନାହିଁ । ଗୋଟିଏ ମହତ୍ତର ଆଭିମୁଖ୍ୟ ନେଇ ପୃଥିବୀକୁ ଆସୁଥିବାର ଯନ୍ତ୍ରଣା ସେ ଭୋଗୁଛନ୍ତି । ପରନ୍ତୁ ପ୍ରିୟତମଙ୍କ ପ୍ରିୟତମଙ୍କ ବ୍ରତୀତ ତାଙ୍କୁ ବଂଚିବାକୁ ପଡୁଛି । ଏପରି ବ୍ୟତୀତକାରେ ଜୀବନ ବଂଚିବାରା ଯନ୍ତ୍ରଣା ଏଠାରେ ପ୍ରାଧାନ୍ୟ ବିସ୍ତାର କରିଛି । କବିତାର ଆରମ୍ଭରେ ଶବରୀ ତାଙ୍କର ଜନ୍ମବୃତ୍ତାନ୍ତ ଓ ଈଶ୍ୱରଙ୍କ ସହ ନିଜ ସଂପର୍କ ବିଷୟରେ ସ୍ୱୀକାରୋକ୍ତି ପ୍ରଦାନ କରିଛନ୍ତି ।

‘ତୁମ ସହ ଘନିଷ୍ଠତା
ନୂଆ ନୁହେଁ ।
କେବେ ଠାରୁ
କେତେ ଜନ୍ମ ଆଗରୁ
ମୁଁ ଏକ ଓ ଅଭିନ୍ନ ଥିଲି ।’ (ବ୍ୟତୀତ କାଳ-୧)

ଶବରୀ ବାରଂବାର ପୃଥିବୀରେ ଜନ୍ମ ଗ୍ରହଣ କଲେ ମଧ୍ୟ ନିଜର ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ନାହାଁନ୍ତି । ଈଶ୍ୱରଙ୍କ ନେତ୍ର ପାଖୁଡ଼ାରୁ ତାଙ୍କର ସୃଷ୍ଟି ବୋଲି ସେ କହିଛନ୍ତି । କେଉଁ ଅନାଦିକାଳରୁ ଶବରୀର ଉପସ୍ଥିତି । ସେ ଯେଉଁ ଅନନ୍ତ ସ୍ରୋତରୁ ଖସି ପୃଥିବୀକୁ ଆସି ମାନବୀରୂପ ଧାରଣ କରିଛି-ପୁନଶ୍ଚ ସେଇଠିକୁ ଫେରିବାକୁ ଚାହୁଁଛି ଶବରୀ । ଆଖିରୁ ବୋହି ଆସିଥିବା ଲୁହ ବୁନ୍ଦା କଣ ଫେରି ପାରେ ଆଖିକି । ଫେରିବା ପାଇଁ ତମାମ ବ୍ୟାକୁଳତାରେ ଉଚ୍ଛନ୍ନ ହେଉଛି ଶବରୀପ୍ରାଣ । ଶବରୀ କହୁଛି ଦଶ ସହସ୍ର ସମ୍ବତ୍ସର ହେଲାଣି ସେ ଅପେକ୍ଷା କରିଛନ୍ତି ଅଥଚ ତାଙ୍କର ସାନ୍ନିଧ ପାଇପାରୁ ନାହାଁନ୍ତି । ଶବରୀଙ୍କର ପ୍ରତୀକ୍ଷା ଅନନ୍ତକାଳ ପର୍ଯ୍ୟନ୍ତ । ସେ ଭାବିଥିଲେ ସେ ଯେଉଁ ଈଶ୍ୱରଙ୍କୁ ଛାଡ଼ି ଯାଉଛନ୍ତି ପୁଣି ପୁର୍ନଜନ୍ମ ନେବା ବେଳକୁ ସେ ପୁଣି ଏ ଧରାରେ ପୂର୍ବବତ୍ ଥିବେ । ଜନ୍ମ ପରେ ଜନ୍ମ ନେଇ ଈଶ୍ୱରଙ୍କୁ ଖୋଜିଲେ ସେ ମିଳୁ ନାହାଁନ୍ତି । ମଣିଷ ମନର ଈର୍ଷା, ଲଂପଟତା, କ୍ରୋଦ, ଅହଂକାର, ବିକୃତି, ଲାଳସାର ଦୁର୍ଲଂଘ୍ୟ ପାଚେରୀ ଅତିକ୍ରମ କରି ଈଶ୍ୱରଙ୍କର ଧରାବତରଣ ସଂଭବ ହେଉନାହିଁ । ଏସବୁର ଅନ୍ତଘାଟେଇ ଈଶ୍ୱର ଯେବେ ଆସିବେ, ସେତେବେଳକୁ ପାମରୀ ଶବରୀ କଣ ଆଉ ମାଟିରେ ଥିବ ବୋଲି ଶବରୀ ପ୍ରଶ୍ନ ପଚାରୁଛନ୍ତି । ‘ଶବରୀ’ ଗୋଟିଏ ନାରୀରନାମ ମାତ୍ର । ନାରୀ ନିଜ ଜୀବନର ଚରିତାର୍ଥ ପାଇଁ ପ୍ରତି ଜନ୍ମରେ ପୁରୁଷୋତ୍ତମକୁ ହିଁ ପ୍ରତୀକ୍ଷା କରିଛି । ଏହି ପ୍ରଲଂବିତ ପ୍ରତୀକ୍ଷାର ପ୍ରତୀକ ହେଉଛି ଶବରୀ । କବିତା ଆରଂଭକରି କବି ପ୍ରତିଭା ଶତପଥୀ ଏହି ଅନୁଭବକୁ ସ୍ଥାପନା କରିଛନ୍ତି ।

ଶବରୀଙ୍କର ଜନ୍ମ-ଜନ୍ମାନ୍ତର କଥାକୁ ନେଇ ବ୍ୟତୀତକାଳର ଦ୍ୱିତୀୟ କବିତା ବିକଶିତ ହୋଇଛି । ପ୍ରତିଥର ଶବରୀ ଯେଉଁ ସଂଭାବନା ନେଇ ପୃଥିବୀକୁ ଆସି ଥାଆନ୍ତି, ସେସବୁ କ୍ରମଶଃ ଅପସରି ଯାଏ । ଗୋଟିଏ ଜନ୍ମ କେବଳ ତାଙ୍କରି

ପ୍ରତୀକ୍ଷାରେ କାଟି ସାରିଲାପରେ ଗଭୀର ନିରାଶା ଭିତରେ ଏ ମାଟିରୁପୁଣି ବିଦାୟ ନେବାକୁ ହୁଏ । ଆପଣାର ବୋଲି କେହି ନ ଥିବା ପୃଥିବୀରେ ଜୀବନ ବଂଚିବା କେତେ କଷ୍ଟ, ଏକଥା ଶବରୀ ଅନୁଭବ କରନ୍ତି । କେବଳ ସେହି ଦିବ୍ୟ ମୁହୂର୍ତ୍ତ ଯାହା କୋଟି କୋଟି ବର୍ଷରେ ଥରଟେ ଆସେ, ତାକୁ ଶବରୀ ଅପେକ୍ଷା କରି ବଂଚି ରହନ୍ତି । 'ସକାଳୁ ସକାଳୁ ଅଶ୍ରୁସ୍ନାତ ଦିଗ୍‌ବଳୟ ତଳେ ଈଷତ୍ ହଳଦୀକୁ ହୁଡ଼ି ଘେରି ଯାଏ । ଏପରି ମାୟା ମୁହୂର୍ତ୍ତଟିଏ ଦେଖିବା ପାଇଁ ଶବରୀ ଅପେକ୍ଷା କରନ୍ତି । ସେହି ମୋହିନୀ ସମୟ ସହ ତାଙ୍କର ସଂପର୍କ କଣ ?

ଶବରୀ ଏ ସଂପର୍କରେ କହନ୍ତି :

'କିଏ ବୋଲି ପଚାରୁଚୁ, ଶୁଣ୍<br>
ସେ ପରା ମୋ ଭିତରର<br>
ଆଲୋକ ବର୍ଷ ବର୍ଷର<br>
ନିବିଡ଼ ଦୂରତ୍ୱ<br>
ପୁଣି ମୁଖରିତ ଏକା  ଏକା ପଣ ।' (ବ୍ୟତୀତକାଳ-୨)

ଏହି ନିବିଡ଼ ଦୂରତ୍ୱ ହିଁ କବିଙ୍କ ଏକ୍ଲାପଣକୁ ମୁଖରିତ କରୁଛି । ସବୁତକ ଶୂନ୍ୟତା ଭିତରେ ତାକୁ ପାଇବା ପାଁ ଶବରୀର ବ୍ୟାକୁଳତା ଏହି କବିତାରେ ପ୍ରକାଶ ପାଇଛି ।

ପ୍ରିୟ ଈଶ୍ୱରଙ୍କ ସଂଧାନରେ ଜନ୍ମ ପରେ ଜନ୍ମ ଗ୍ରହଣ କରୁଥିବା ଶବରୀ ଜୀବନର ବ୍ୟର୍ଥତା ଏହି କବିତାରେ ପ୍ରକାଶ ପାଇଛି । ପ୍ରତିଟି ପୁର୍ନଜନ୍ମ ପରେ ସଂସାର ବାଂଧିବା ଓ ସଂସାର ମାୟାରେ ମଜ୍ଜି ନିଜକୁ ସତର୍କ ଦୂରତାରେ ନିର୍ଜନ ରଖିବା କଣ ସହଜ କଥା ? ତଥାପି ଶବରୀ ପ୍ରତିଟି ଜନ୍ମରେ ତାଙ୍କ ମୁହଁରୁ ଗୋଟିଏ ପ୍ରିୟ ଶବ୍‌ଦ ଶୁଣିବାପାଇଁ ପ୍ରତୀକ୍ଷା କରିଛନ୍ତି ।

'ଆକାଶକୁ ହାତପାତି<br>
ଭିକାରୁଣୀ ପରି<br>
ମାଗିଲି ଶଦ୍ଦଟେ ଦିଅ<br>
ଦିଅ ଗୋ, ଦିଅ ଗୋ ।' (ବ୍ୟତୀତ କାଳ-୩)

ଶବରୀଙ୍କର ଅସହାୟତାକୁ କବି ଏଠାରେ ରୂପ ଦେଇଛନ୍ତି । ବାରଂବାରଏହି ପୃଥିବୀକୁ ଫେରୁଥିବା ନାରୀର ଲୋଡ଼ା କେବଳ ଗୋଟିଏ ଶବ୍ଦ । କଣ ସେ ଶବ୍ଦ ? ଯେଉଁ ଗୋଟିଏ ଶବ୍ଦ ଭିତରେ ବିଶ୍ୱ ବ୍ରହ୍ମାଣ୍ଡ ଲୁଚି ରହିଥିବା ପାଟିରୁ ସେ ଶବ୍ଦ ବାହାରୁ ବାହାରୁ ଫୁଲ ବର୍ଷା ହେବ । ଦିଗ୍‌ବଳୟରେ ଛାଇଯିବ ହଳଦୀ କୁହୁଡ଼ି । ସେଇ ଶବ୍‌ଧର ସମ୍ମୋହନରେ ବାରଂବାର ଜନ୍ମ ଗ୍ରହଣ କରୁଥିବା ଶବରୀର ଜୀବନ ଧନ୍ୟ ହେବା ଅମୃତ ବର୍ଷା ହେବ ଆକାଶରୁ । ପ୍ରତୀକ୍ଷାର ଚରମ ସୀମାରେ ଉଚନୀଚ, ଶବରୀକର ବେଦନା ଏଠାରେ ପ୍ରକାଶ ପାଇଛି ।

ଗୋଟିଏ ବିଶ୍ୱାସରେ ଶବରୀ ମାଟିକୁ ଓହ୍ଲେଇ ଆସୁଛନ୍ତି ଯେ କେବେନା କେବେ ତାଙ୍କର ଈଶ୍ୱରଙ୍କ ସହ ପୁର୍ନମିଳନ ହେବ । ସେତ ତାଙ୍କର ନରମ ଆଖି ପାଖୁଡ଼ାରୁ ଜନ୍ମ ହୋଇଛନ୍ତି । ନିଜକୁ ଈଶ୍ୱରଙ୍କ ସେବିକା ଭାବରେ ସମର୍ପି ଦେଇଛନ୍ତି ।

କୌଣସି ଏକ ମୁହୂର୍ତ୍ତରେ ତାଙ୍କ ପ୍ରତୀକ୍ଷାର ମୂଲ୍ୟ ଈଶ୍ୱର ତାଙ୍କୁ ଫେରେଇ ଦେବେ । ଏହି ପୁର୍ନମିଳନର ପ୍ରତି ବଦ୍ଧତାକୁ ଲକ୍ଷ୍ୟ କରାଯାଉ :

‘ତୁମେ ବି ବିଶ୍ୱାସ କର
କୌଣସି ସକାଳେ
ଅବିରରେ ମୁହଁ ଧୋଇ
ଆସିବେ ସେ
ଛିଡ଼ା ହୋଇ ଯିବେ
ଏଇ ମ୍ଳାନ ଚକ୍ରବାକ ତଳେ ?’ (ବ୍ୟତୀତ କାଳ-୪)

ଶବରୀଙ୍‌ଟକ କାୟା ତାଙ୍କ ଦେହରୁ ବିଚ୍ଛିନ୍ନ ହୋଇ ରାତିରେପରିଣତ ହେଉଛି ଓ ଏହି ରାତି ନିଜକୁ ସୁନ୍ଦରୀ ପରି ସଜେଇ ପ୍ରିୟ ମିଳନ ପାଇଁ ଚାଲି ଯାଉଛି । ଶବରୀଙ୍କର ମିଳନ ଉତ୍କଣ୍ଠା ଆବେଗିକସ୍ତର ବାସକସଜ୍ଜା ନାୟିକା ପରି ପ୍ରିୟ ସହ ମିଳନ ପାଇଁ ପ୍ରତୀକ୍ଷା କରିଛି । ପ୍ରିୟ ପୁରୁଷର ସାନ୍ନିଧ ପାଇବା ପାଇଁ ନାରୀ ସବୁବେଳେ ସଜେଇ ହୋଇଥାଏ । ତା’ର ମନ ଭିତରେ ପ୍ରେମର ଗଙ୍ଗୋତ୍ରୀ ପ୍ରବାହିତ ହେଉଥାଏ । ବେଳେ ବେଳେ ଏହି ଅନ୍ୟମନସ୍କତା ଲୌକିକ ସମାଜ ଆଖିରେ ଧରାପଡ଼ିଯାଏ । ଶବରୀଙ୍କର ଅବସ୍ଥା ଏଠାରେ ଠିକ୍ ସେହିପରି । ପ୍ରତୀକ୍ଷିତ ପୁରୁଷକୁ ନ ପାଇଁ ସ୍ୱପ୍ନସ୍ତରରେ ବିଚରିତ ତାଙ୍କ ମନ ବାସ୍ତବ ଜଗତରେ ଉପସ୍ଥିତ ହୋଇଛି । ଶବରୀଙ୍କର ଜନ୍ମ ହେବାର ଏକମାତ୍ର ଇଚ୍ଛା ହେଉଛି ପୁର୍ନ ସାନ୍ନିଧ୍ୟ । ଇପ୍‌ସିତ ସୁଖ ପାଇଁ ନାରୀମନରେ ସଂଗୋପିତ ସତ୍ୟ ଓ ରହସ୍ୟ ଏଠାରେ ବର୍ଣ୍ଣନା କରାଯାଇଛି ।

ବ୍ୟତୀତ କାଳର ପଞ୍ଚମ ପର୍ଯ୍ୟାୟରେ ଶବରୀଙ୍କର ଅଭିସାରୀକା ସାଜିଥିବା ରାତିର ବର୍ଣ୍ଣନା ରହିଛି । ସ୍ୱପ୍ନରେ ପ୍ରିୟତମ ପାଇଁ ପ୍ରଣୟିନୀ ପରି ସଜେଇହୋଇ ପ୍ରତୀକ୍ଷା କରିବାର ନିଶା, ସେହି ରାତିକୁ ଗୌରବମୟ କରିଛି । ଏପରି ରାତି ଆଉ ଜୀବନରେ ନ ଆସିପାରେ ବୋଲି ଶବରୀଙ୍କର ଅନୁଭବ ହେଉଛି ।

‘ଏଇ ରାତି ଆଉ ଥରେ ଆସିବ କି ?
ଏଇ ରାତି,
ବ୍ୟତୀତ କାଳର
କୋଟି କୋଟି ରାତିରୁ ଗୋଟିଏ ।
ଯେତେବେଳେ
ମୁଁ ଅତି ଅଦ୍‌ଭୁତ
ଭୁତୁଣୀ ସମାନ
ଅଧାଛାଇ ଅଧା ଆଲୁଅରେ
ଛପି ଛପି
ବୁଦାରୁ ବୁଦାକୁ ଚିପି

ଘୁରୁଥାଏ,
ବାଟ ଘାଟ ଭୁଲି
କଣ୍ଟାରେ ଝଟାରେ
ଘୁରୁଥାଏ ସାରାବଣ ସାରରାତି ।’ (ବ୍ୟତୀତକାଳ – ୫)

ଏହି କବିତାକୁ ପୂର୍ବ କବିତା (୪) ସହ ବିଚାର କଲେ ପୂର୍ବ କବିତାର ଗଭୀରତା ଏଠାରେ ବୁଝାପଡ଼ିବ । ପ୍ରିୟତମ ସହ ମିଳନର ପ୍ରତୀକ୍ଷା ଶବରୀଙ୍କୁ ଜ୍ଞାନଶୂନ୍ୟ କରି ପକେଇଛି । ପୂର୍ବରୁ ନିଜକୁ ପାମରୀ, ବାୟାଣୀ କହିଥିବା ଶବରୀ ଏଠାରେ ‘ଭୁତୁଣୀ’ ବୋଲି ସ୍ୱୀକାର କରିଛନ୍ତି । ଯେଉଁ ହଳଦୀ କୁହୁଡ଼ି (୨)ର ଦର୍ଶନ ପାଇଁ ଶବରୀଙ୍କର ଏତେ ଜନ୍ମ, ଏତେ ଗେଯନ୍ତ୍ରଣା ତାରି ଦର୍ଶନ ପାଇଁ ତମାମ ବ୍ୟର୍ଥ ବ୍ୟାକୁଳତା ଏଠାରେ ପ୍ରକାଶ ପାଇଛି । ଶବରୀଙ୍କର ଏପରି ବାସକ ସଜ୍ଜା ବେଶମଧ୍ୟ ନୂଆ ଓ ନିଆରା । ବ୍ୟତୀତ କାଳର କୋଟି କୋଟି ରାତିମାନଙ୍କ ଠାରୁ ଏହା ଅଲଗା ବୋଲି ଶବରୀ କହିଛନ୍ତି । ଶବରୀ କେବେ ଈଶ୍ୱରଙ୍କ ପାଇଁ ନିଜକୁ ପ୍ରେୟସୀ ପରି ସଜେଇ ନ ଥବଲେ । ନିଜ ଆବେଗର ଯୁଇରେ ଜଳୁଥିବା ଶବରୀ ଆଜି ଜହ୍ନକରିଣ ଜଳି ଯାଉଚନ୍ତି । ଏ ରାତି ମହାନ ହେଉ । ରାତିର ଜୟ ହେଉ ବୋଲି ଶବରୀ କାମନା କରିଛନ୍ତି । ନିଜକୁ ଝରଣା କୂଳର ପଥରରେପରିଣତ କରି ପ୍ରିୟ ପୁରୁଷଙ୍କ ରକ୍ତଚଳନ ପାଦର ସ୍ପର୍ଶ ପାଇଁ ପ୍ରତୀକ୍ଷା କରିଛନ୍ତି ।

ପ୍ରିୟତମଙ୍କୁ ଅନୁଭବ କରିବା ଓ ଏହି ମଧୁରତାରେ ନିଜକୁ ଉଚ୍ଚାଟିତ କରିବାର ସମ୍ମୋହନ ବ୍ୟତୀତ କାଳର ଷଷ୍ଠ କବିତାରେ ପ୍ରକାଶ ପାଇଛି । ଅନ୍ୟ ପକ୍ଷରେ ବାରଂବାର ମଣିଷ ଜନ୍ମ ପାଇ ନିଜକୁ କ୍ଷୁଦ୍ରତା ଭିତରେ ବାଂଧି ସେ କେବଳ ଖର୍ଚ୍ଚ ହୋଇ ଚାଲିଛନ୍ତି ବୋଲି ଶବରୀଙ୍କର ବିଶ୍ୱାସ ହୋଇଛି । ଉଷ୍ମାତାରେ କୁହୁଳିବା ଓ ସାରାରାତି ଉଜାଗର ହେବାରେ ତାଙ୍କର ସମୟ ସରି ଯାଇଛି । ମିଛ ସ୍ୱପ୍ନର ନାୟିକା ହେବା ଶବରୀଙ୍କ ଭାଗ୍ୟ । ପ୍ରତିଥର ତାଙ୍କର ପ୍ରସ୍ତୁତି ଯେମିତି ବୃଥା ପ୍ରୟାସରେ ପରିଣତ ହୋଇଛି । ନଈ ଆରପଟର ବଂଶୀ ସ୍ୱନର ନିମନ୍ତ୍ରଣରେ ବାଟହୁଡ଼ି ଯାଇଥିବା ଶବରୀ ନିଜ ପଣତରେ ଆଞ୍ଜୁଳାଏ ଶୂନ୍ୟତା ନେଇ ଫେରିଛନ୍ତି । ପ୍ରିୟତମକୁ ପ୍ରତୀକ୍ଷା କରି ପ୍ରିୟମୟ ହୋଇଯିବା ଶବରୀର ଭାଗ୍ୟ । ଅଥଚ ପ୍ରିୟ ମଣିଷକୁ ଖୋଜି ଖୋଜି ସେ ଯାହାକୁ ପାଇଛି ସେଥିରେ ତାର ଅପ୍ରାପ୍ତି । ପ୍ରତିଟି ଜନ୍ମରେ ସେ ଯେଉଁ ପୁରୁଷର ସ୍ପର୍ଶ ପାଇଛି ସେ ସ୍ପର୍ଶ ପ୍ରିୟତମର ନୁହେଁ ବୋଲି ବିଶ୍ୱାସ ହୋଇଛି । ଏହି ମୋହ ଭଂଗରୁ ଶବରୀଙ୍କର ପୁନଃ ପ୍ରତୀକ୍ଷାର ଆରଂଭ ଘଟିଛି । ବାରଂବାର ଲାଂଛିତ ହୋଇ ପ୍ରିୟତମଙ୍କୁ ପ୍ରତୀକ୍ଷା କରିବାର ଯନ୍ତ୍ରଣା କେତେ ସଂଘର୍ଷ ପୂର୍ଣ୍ଣ ଦେଖନ୍ତୁ ।

‘ଥରୁ ଥିଲି ଗୋଟାପଣେ
ମୋ ଭିତରେ କେହି
ନିଃସଙ୍ଗ ହାହା କାରରେ
ଖଣ୍ଡ ଖଣ୍ଡ ଭାଙ୍ଗି ଯାଉଥିବା
ଶୁଣି ପାରୁଥିଲି
ତଥାପି ଘୁଷୁରୁ ଥିଲି
କାଦୁଅରେ ଘାଣ୍ଟି ହେଇ
ବାଟ ଖୋଜୁଥିଲି । (ବ୍ୟତୀତ କାଳ –୬)

ଶବରୀଙ୍କ ଜୀବନରେ ଏହିସଂଘର୍ଷ ହିଁ ସତ୍ୟ । ହୃଦୟ ଭିତରେ ପ୍ରାପ୍ତିର ମହୋତ୍ସବ ଆରଂଭ ହେବା ବେଳେ ନିଃସଙ୍ଗ ହାହାକାର ଶୁଭେ । ଶବରୀ ଜାଣିପାରନ୍ତି ଏ ସ୍ପର୍ଶ, ନିବିଡତା ପ୍ରିୟତମ ମଣିଷର ନୁହେଁ । ଗୋଟାଏ ଉତ୍ତପ୍ତ ଆଲିଙ୍ଗନରୁ ଖାଁ ଖାଁ ଖରାବେଳରେ ବଦଳି ଯିବା ହେଉଛି ଶବରୀଙ୍କର ଭାଗ୍ୟ । ନାରୀ ଜୀବନ ତମାମ ଯାହା ଖୋଜୁଥାଏ – ତାହା ପାଏ ନାହିଁ । ସବୁ ପାଇବା ଗୋଟାଏ ଚମତ୍କାର ହରେଇବା । ଥରେ ହରେଇ ଦେଲେ ଆଉ କଣ ମିଳେ ? ନାରୀଟି ଶବରୀ ସାଜି ଯୁଗବତ୍ ପ୍ରତୀକ୍ଷା କଲେ ବି ପ୍ରିୟ ପୁରୁଷର ସାନ୍ନିଧ ମିଳେ ନାହିଁ । ଅବଚେତନର ସ୍ୱପ୍ନ–ସତ ହୁଏ ନାହିଁ । ନାରୀ ଜୀବନର ଏହି ପ୍ରାପ୍ତି–ଅପ୍ରାପ୍ତି ଜନିତ ଚିତ୍ତ ସଂଘର୍ଷର ଚିତ୍ର ଏଠାରେ ପ୍ରକାଶ ପାଇଛି । ଶବରୀମାନେ କେବଳ ହାରି ହାରି ବଂଚିବା ଶିଖନ୍ତି । ବ୍ୟର୍ଥତାର ରାତି ଭିତରୁ ସବୁଜ ସୂର୍ଯ୍ୟୋଦୟର କାମନା କରନ୍ତି । ଖଣ୍ଡଖଣ୍ଡ ଭାଙ୍ଗି ଯାଇ ପୁଣି ଯୋଡ଼ି ହୋଇ ଯାଆନ୍ତି । ଯାହା ଶବରୀଙ୍କର ଭାଗ୍ୟ ତାହା ପ୍ରତିଟି ନାରୀର ଭାଗ୍ୟ । ନାରୀ ଜୀବନର କଳ୍ପନା ଓ ବାସ୍ତବତା ମଧ୍ୟର ବ୍ୟବଧାନ ଜନିତ ସଂଘର୍ଷ ଏଠାରେ ପ୍ରତିଫଳିତ ।

ବ୍ୟର୍ଥ ପ୍ରଣୟର ଅନୁଶୋଚନା କିପରି ନାରୀ ଜୀବନକୁ ବିପନ୍ନ କରେ ଏହି କବିତାରେ (୭) ସେସବୁ ବର୍ଣ୍ଣନା କରାଯାଇଛି । ଶବରୀ ଯାହାଙ୍କ ପ୍ରେମ ପାଇଁ ଏ ପୃଥିବୀକୁ ଫେରୁଛନ୍ତି, ପ୍ରକୃତରେ ତାଙ୍କ ସଂସ୍ପର୍ଶରେ ଆସିବା ପୂର୍ବରୁ ଅନେକ ପବିତ୍ର ପାପବୋଧରେ ନିଜର ଦେହକୁ ନଷ୍ଟ କରିଛନ୍ତି । ନାରୀ କଣ ତାର ଇପ୍‌ସିତ ପୁରୁଷ ପାଇଁ ତାର ଦେହ ଦେଉଳକୁ ସାଇତି ରଖିପାରିବ ? ତା' ଦେହର କଳଙ୍କ ସବୁକୁ କଳାଜାଇରେ ପରିଣତ କରିପାରୁଥିବା ଈଶ୍ୱର ନ ଆସିବା ପର୍ଯ୍ୟନ୍ତ ନିଜକୁ ନିବୃତ୍ତ ରଖି ପାରିବ ? ଯାହା ଶବରୀ ପାଇଁ ସତ୍ୟ ତାହା ସମକାଳୀନନାରୀ ମାନଙ୍କ ପାଇଁ ମଧ୍ୟ ଅଭିପ୍ରେତ । ଶବରୀ କିପରି ଦେହ ନିର୍ଯ୍ୟାତିତ ହୋଇଛି ବାରମ୍ବାର ଲକ୍ଷ୍ୟ କରନ୍ତୁ :

'କେତେବାର ମୁଁ ଆସିଲି
ଏଇ ଝାଡ଼ ଜଙ୍ଗଲରେ
ହାତଗୋଡ଼ ବନ୍ଧା ପଶୁପରି
ଘୁଷୁରିଲି
ବିଷାକ୍ତ ଚୋଟ ସହିଲି
ଲୁହ ଲାଳ ଏକ ଖଣ୍ଡହେଲି
ଦୀର୍ଘ ଶ୍ୱାସ ପରି
ପବନେ ହଜିଲି
ତୁମ ବାଟଜଗି ବସିବାକୁ
ନୂଆ ଦେହ ଧରି ମୁଁ ଆସିଲି ।' (ବ୍ୟତୀତ କାଳ–୭)

ନାରୀ ନିଜର ପବିତ୍ର ଦେହକୁ ପ୍ରିୟତମ ପାଇଁ ସୁରକ୍ଷିତ କରିପାରେ ନାହିଁ । ଏପରି ଅପବିତ୍ର ଦେହ ଧାରଣ କରି କଣ 'ହଳଦୀ କୁହୁଡ଼ି'ର ସାମ୍ନା କରିହେବ । ଏଥିପାଇଁ ତାକୁ ବାରମ୍ବାର ମରିବାକୁ ହୁଏ । ନୂଆ ଜନ୍ମନେଇ ଦେହକୁ ପବିତ୍ର କରିବାକୁ ପଡ଼େ । ପାପବିଦ୍ଧ ଦେହକୁ ଫୋପାଡି ପ୍ରତିଥର ଶବରୀ ନୂଆ ଦେହଟି ନେଇ ଏ ଧରାକୁ ଆସୁଛନ୍ତି । ହୁଏତ ପ୍ରିୟ ମଣିଷର ସ୍ପର୍ଶରେଏ ଦେହ ମହକ ଉଠିବ । ଶବରୀଙ୍କର ଏହି ପୁର୍ନଜନ୍ମ କାମନା ସଫଳ ହୁଏନାହିଁ । ପ୍ରିୟତମ ମିଳନ୍ତି ନାହିଁ

– ଦେହରେ କଳଙ୍କ ଲାଗିଯାଏ । ଏପରି ଜ୍ୱଳନର ବେଦୀରେ ବସିଥିବା ଶବରୀମାନଙ୍କର ଜୀବନ କୁହୁଳାପଣକୁ ଏହି କବିତାରେ ପ୍ରୟୋଗ କରାଯାଇଛି ।

ଏହି ସୁକ୍ଷ୍ମତର ଅନୁଭବର ସୁରକ୍ଷା ଶବରୀଙ୍କ ଜୀବନରେ ଘଟିନଥିବାରୁ ସେ ସମାଜ ଆକ୍ଷିରେ ଦୋଚାରୁଣୀର ମାନ୍ୟତା ପାଇଛନ୍ତି । ସ୍ୱାମୀ, ସଂସାର ରେ ଘରବାଂଧିଥିବା ନାରୀ କିପରି କିପରି ଏ ମାୟାରୁ ନିଜକୁ ଫେଡ଼ି ପାରିବ । ସ୍ୱାମୀ ସଂସାରର ବଳାତ୍କାର ପାଖରୁ ନିଜ ଦେହକୁ ପ୍ରିୟତମ ପାଇଁ ସାଇତି ରଖିବା କଣ ସହଜ ? ଶବରୀମାନଙ୍କ ପାଇଁ ସମାଜର ଅନେକ ପ୍ରଶ୍ନ ।

‘କାହିଁକିତୁ
କନ୍ଦାଖୋଳା, ଫଳତୋଳା
ସଂସାର ସେବାକୁ
ସର୍ବସ୍ୱ ମାନି ନେଉନୁ
ଦୋଚାରୁଣୀ
କାହାକୁ ଖୋଜୁଚୁ ? (ବ୍ୟତୀତ କାଳ-୮)

ଏତେ ସବୁ ପ୍ରଶ୍ନର ଉତ୍ତର କଣ ଶବରୀ ପାଖରେ ଅଛି ? ଗାଁ ଦାଣ୍ଡରେ ମଙ୍ଗଳ ବାଦ୍ୟ ବାଜିଲେ ତାର ଓଠ କାହିଁକି ବକ୍ର ହୋଇଯାଏ । ସଂସାର ବାଂଧି ସୁଦ୍ଧା ସେ କାହିଁକି ଅସଂସାରୀ ଆଚରଣ କରେ । ନାରୀ ଜୀବନର ଏହି ଦ୍ୱିରୁକ୍ତି ଏଠାରେ ପ୍ରକାଶ ପାଇଛି । ନାରୀର ମନ ଗହନର ସଂଗୋପିତ ରହସ୍ୟକୁ କେହି ବୁଝନ୍ତି ନାହିଁ । ନାରୀଟିଏ ହେବା ସହଜ କିନ୍ତୁ ଶବରୀ ହେବା ବଡ଼ କଷ୍ଟ । ନାରୀ ଓ ଶବରୀ ଏହି ଦୁଇ ସତ୍ତାର ସଂଘର୍ଷ ଏଠାରେ ପ୍ରତିଫଳିତ ।

ବ୍ୟତୀତ କାଳର ଶେଷ କବିତା (୯)ରେ କବି ପ୍ରତିଭା ଶତପଥୀ ଶବରୀଙ୍କ ଇପ୍‌ସିତ ଇଚ୍ଛାର ଏକ ମଧୁର ନକ୍‌ସା ଆଙ୍କିଛନ୍ତି । ଯେଉଁ ସ୍ୱର୍ଗୀୟ ସୁଖ ପାଇଁ ଶବରୀ ବାରମ୍ବାର ଏ ଧାରାରେ ଅବତରଣ କରୁଛନ୍ତି, ସେହି କାଳ୍ପନିକ ରହସ୍ୟର ସଂଧାନରେ କିପରି ଆମୋଦିତ ହୋଇ ଉଠୁଛି ତାଙ୍କରି ସମଗ୍ର ସତ୍ତା, ସେ ସବୁ ଏହି କବିତାରେ ପ୍ରକାଶ ପାଇଛି ।

‘ମୁଁ ସ୍ତମ୍ଭିତ ହେଲି
ମୋର ବିନ୍ଦୁ ବିନ୍ଦୁ ଜଳଯୁକ୍ତ କେଶରାଶି
ପୁଚ୍ଛପରି ବିସ୍ତାରିତ ଉଡୁଥିଲା
ଶ୍ୟାମଳ ମୟୁର ସେକି
ଶ୍ୟାମଳ କିଶୋର
ମୋ କୋଳରେ ମୁହଁ ଗୁଂଜି କଂପୁଥିଲା
ଦେହ ସାରା ତାର
ମେଘ-ମୋତି ଗୁନ୍ଥା ହେଇଥିଲା ।’ (ବ୍ୟତୀତ କାଳ-୯)

ଅପାର୍ଥିବ ଚେତନାର ପ୍ରଣୟ ନିବିଡତାରେ ବାଂଧି ହେବାକୁ ଶବରୀଙ୍କର ସମସ୍ତ କାମନା ଯେମିତି ଏଇଠି ପୂର୍ଣ୍ଣତା ପାଇବା ପରି ମନେ ହୋଇଛି । ଆଜି ପର୍ଯ୍ୟନ୍ତ ସମସ୍ତ ଜନ୍ମ-ଜନ୍ମାନ୍ତରର ବଂଧନ ଡେଇଁ ସେ ପ୍ରିୟର ସାନ୍ନିଧ ପାଇଛନ୍ତି । ଏଇ ଗୋଟିଏ ଅନୁଭବରେ ଦଶ ସହସ୍ର ବର୍ଷ ତମାମ ପ୍ରତୀକ୍ଷାର ଅନ୍ତ ଘଟିଛି । ବ୍ୟତୀତ କାଳର ଯନ୍ତ୍ରଣା ପାଶୋରି ଶବରୀ ଯେମିତି ନୂଆଜନ୍ମ ପାଇଛନ୍ତି । ଶବରୀଙ୍କର ରୂପାନ୍ତର ଆରଂଭ ହୋଇଛି । ନାରୀ ଥରେ ତାର ପ୍ରିୟସୁଖ ହାସଲ କରି ପାରିଲେ ତା' ଜୀବନରେ ରୂପାନ୍ତର ଆସେ । ଯାହା ଜୀବନରେ ରୂପାନ୍ତର ଆସେ ନାହିଁ ସିଏ ଅଧାବାଟରେ ଅଟକି ଯାଏ । ଶବରୀର ପରବର୍ତ୍ତୀ କବିତା ଗୁଡିକ ଏହି କାଳ୍ପନିକ ସନ୍ତୋଷର ପ୍ରତିପ୍ରିୟାରୁ ସୃଷ୍ଟି ହୋଇଛନ୍ତି ।

**ନିମୀଳନ :**

ପ୍ରତୀକ୍ଷାମାତା ଶବରୀ ଏକଦା ସ୍ୱପ୍ନ ସୁଖରେ ପ୍ରମତ୍ତ ହୋଇ ପରମା ପୁରୁଷର ସାନ୍ନିଧ ପାଇ ସାରିବା ପରେ ତା' ଭିତରର ସବୁ ଅପ୍ରାପ୍ତି, ଅବସୋସ ନୂତନ ସଂଭାବନାରେ ପୁରି ଉଠିଛି । ସେ ଆଉ ବ୍ୟତୀକ କାଳର ବିରହୀ ଶବରୀ ନୁହେଁ । ଏବେ ଏକ ଆସନ୍ନ ସୁକ ପିପାସୀ ପ୍ରେୟସୀ । ଶବରୀର ଏହିମାନସିକ ସମୃଦ୍ଧି କବିତାରେ ନିମୀଳନ ଭାବ ସୃଷ୍ଟି କରିଛି । ପ୍ରେମରେ ତଲ୍ଲୀନ ହୋଇଯିବା ସହ ନିଜ ତରଫରୁ ନିମଜ୍ଜିତ ହେବାର ସକର୍ମ ଅଭିବ୍ୟକ୍ତି ଶବରୀ ଚରିତ୍ରରେ ନିମୀଳନ ମୁଦ୍ରା ସୃଷ୍ଟି କରିଛି । ଲୋଡିବା ପଣରେ ସର୍ବସ୍ୱ ସମର୍ପି ନିର୍ଲିପ୍ତ ହୋଇ ଯାଇଥିବା ନାରୀ ସତ୍ତା ହେଉଛି ଶବରୀ । ଜଣେ ଅହଂଶୂନ୍ୟ, ସ୍ଥିତି ଶୂନ୍ୟ, ପୂର୍ଣ୍ଣ ସମର୍ପିତା, ପରମ ସଂତୋଷୀ ପ୍ରେମିକାର ମହାସୁକ ମୁଦ୍ରା ହିଁ ନିମୀଳନ । ନିଜର ଦୁଇ ଆଖିବନ୍ଦ କଲାପରେ ଶବରୀ ହୃଦୟରେ ଯାହାସବୁ ସଂଘଟିତ ହୋଇଛି, ସେସବୁର ରଂଗମୟ ବାଖ୍ୟା ହେଉଛି 'ନିମୀଳନ' ପର୍ଯ୍ୟାୟ କବିତା ।

'ନିମୀଳନ' ପର୍ଯ୍ୟାୟର ପ୍ରଥମ କବିତାରେ ଶବରୀଙ୍କର ପ୍ରଥମ ପ୍ରତିକ୍ରିୟା ଶ୍ରୀରାମଙ୍କ ଆଗମନକୁ ନେଇ ପ୍ରକାଶ ପାଇଛି । ସ୍ୱପ୍ନାବିଷ୍ଟ ଶବରୀର ଅନୁଭବ ହେଇଛି ଯେ 'ଶ୍ରୀରାମ' ଆସୁଛନ୍ତି । ସେହି ପରମପୁରୁଷଙ୍କ ଆଗମନ ନିମନ୍ତେ ଶବରୀ ନିଜ ହୃଦୟକୁ ଦୀପ କରି ଜାଳିଛି । ଫୁଲ, ପକ୍ଷୀ, ବୃକ୍ଷଲତା ପାହାଡ଼, ନଦନଦୀ ସମସ୍ତଙ୍କୁ ଏ ସଂବାଦ ଜଣାଇଛି । ଶବରୀର ହୃଦ୍‌ବୋଧ ହୋଇଛି ଯେତାରି ପରି ସମସ୍ତେ ଯେମିତି ତାଙ୍କ ଆସିବା ବାଟକୁ ଅନାଇ ରହିଛନ୍ତି । କବି ପ୍ରତିଭା ଶତପଥୀ 'ଶବରୀ'ର ଯେଉଁ ଉତ୍କଣ୍ଠା ଓ ଅନ୍ୟମନସ୍କାତର ଚିତ୍ରଣ ଏହି କବିତାରେ କରିଛନ୍ତି, ତାହା କେବଳ ଶବରୀର ନୁହେଁ । ପ୍ରିୟତମକୁ ଅପେକ୍ଷା କରିଥିବା ଯେ କୌଣସି ନାରୀର ଏହା ହିଁ ବାସ୍ତବ ଚିତ୍ର । ପ୍ରିୟକୁ ଅପେକ୍ଷା କରିବାର ମଧୁର ଯନ୍ତ୍ରଣା ଖୁବ୍ ନିକଟତର ହେଲେ କିପରି ଗୋପନୀୟ ଅନ୍ୟମନସ୍କତାରେ ବଦଳି ଯାଏ ତାହା ଏହି ପର୍ଯ୍ୟାୟରେ ପ୍ରୟୋଗ କରାଯାଇଛି । ଅନ୍ୟପକ୍ଷରେ 'ଶବରୀ' ନିଜର ଇପ୍‌ସିତ ପୁରୁଷ ରାମଚନ୍ଦ୍ରଙ୍କ ଅବତାର, ଈଶ୍ୱର ବୋଧ ସହ ବନଚାରୀ ବେଶ ସଂପର୍କରେ ସୂଚନା ଦେଇଛନ୍ତି । ରାମଚନ୍ଦ୍ରଙ୍କ ବନବାସୀ ବେଶ ଶବରୀଙ୍କୁ କଷ୍ଟ ଦେଇଚି । ସେ କଣ ଈଶ୍ୱରଙ୍କର ଏପରି ଅବତାର କାମନା କରିଥିଲେ ।

'ବନ ଫୁଲ ମାନା
ମଉଳି ଗଲାଣି ଦେଖ ମୋ ଗଳାରେ
ଆକ୍ଷି ମୋର
ଲୁହ ଛଳ ଛଳ

ମୋ ପାଦରେ ପଥଶ୍ରମ

ମୋ ହୃଦରେ ହତାଶାର ଛାଇ

ମୋ ଜଠରେ ଭୋକ ଶୋଷ

ମୋ କଣ୍ଠରୁ

ଭାଷା ଫିଟୁ ନାହିଁ ।' (ନିମୀଳନ :୧)

ଦଶ ସହସ୍ର ବର୍ଷ ଧରି ଶବରୀଙ୍କ ପ୍ରତୀକ୍ଷାର ଶେଷରେ ନିଜର ପ୍ରିୟ ପୁରୁଷଙ୍କ ଏପରି ଶୋକପୂର୍ଣ୍ଣ ପରିପାଟୀ ତାଙ୍କୁ ଆନନ୍ଦ ଦେଇ ପାରିନାହିଁ । ପୁନଶ୍ଚ ପାଇବା ପଣର ସମ୍ମୋହନରେ ଏହି ଗୌରିକ ଦୀନତାକୁ ପାଶୋରି ସେହି ରହସ୍ୟ ପୁରୁଷଙ୍କ ଦିବ୍ୟତ୍ୱ ପ୍ରକାଶରେ ଆମୋଦିତ ହୋଇଛନ୍ତି । ଗୋଟିଏ ପଦ୍ମ ନାଡ଼ରେ 'ସହସ୍ରୋକ ଶତଦଳ' ଲାଲ, ନୀଳ, ଶ୍ୱେତ, ହରିଦ୍ରା ବର୍ଣ୍ଣର ଫୁଟିଛି । ରାମଚନ୍ଦ୍ରଙ୍କ ଆସିବାର ଏସବୁ ସୂଚନା ବହନ କରୁଛି ବୋଲି ଶବରୀ ପ୍ରକାଶ କରିଛି । ଏହି କବିତାରେ ଶ୍ରୀରାମ'ଙ୍କ ସଂପର୍କରେ ବର୍ଣ୍ଣନା ରହିଛି । ତମାମ କବିତାରେ ଉହ୍ୟ ରହିଥିବା ସେହି 'ତମେ' ଟିଯେ ଶ୍ରୀରାମ, ଏଇଠି ତାହା ସ୍ପଷ୍ଟ ହୋଇଛି ।

ଶ୍ରୀରାମଙ୍କ ଆଗମନ ନେଇ ବିଭୋର ଶବରୀ ନିଜ ଜନ୍ମ-ଜନ୍ମାନ୍ତରର ଯୁଗପତ୍ ଯନ୍ତ୍ରଣାକୁ ପାଶୋରିବାକୁ ପ୍ରୟାସ କରିଛି । ସ୍ୱପ୍ନରେ ଦେଖିଥିବା ଘଟଣା ସବୁ ଯେ ସତ୍ୟ ହେବ, ଏ ବିଶ୍ୱାସ ଶବରୀର ସୃଷ୍ଟି ହୋଇଛି । ରାତିର ମଧ୍ୟ ଭାଗରେ ଶବରୀର ସ୍ୱପ୍ନରେ ସେ ଆସିଛନ୍ତି । ପ୍ରିୟତମର ସାନ୍ନିଧ୍ୟ ପାଇବା ପରେ ଏହି ଲୌକିକ ଦେହର ସମସ୍ତ ବିଡ଼ମ୍ବନାକୁ ତ୍ୟାଗ କରି ତାଙ୍କ ସହ ପଳାଇଯିବା ପାଇଁ ପ୍ରସ୍ତୁତ ହୋଇଚି ଶବରୀ ଯୁଗ ଯୁଗର ଯନ୍ତ୍ରଣା ଶବରୀକୁ ଦୋଚାରୁଣୀ କରି ବସିଚି । ନାରୀ ଚାହେଁ ମୁକ୍ତି । ଯେଉଁ ମୁକ୍ତିରେ ଅମୃତମୟ ଅନୁଭୂତିର ଉତ୍ପନ୍ନ ହୁଏ ସେହି ମୁକ୍ତି। ଶବରୀର ସକଳ ପ୍ରାର୍ଥନା ପାଖରେ ଈଶ୍ୱର ଭିନ୍ନ ଯୁକ୍ତି ବାଢ଼ନ୍ତି । ଶବରୀ ପରି ଅଗଣିତ ଦୁଃଖୀ ମଣିଷ ଏହି ପୃଥିବୀରେ ଅଛନ୍ତି । ଶବରୀ ଏ ପୃଥିବୀକୁ ଛାଡିଯିବା ପରେ ଏ ମାଟିର ଦୁଃଖ ସରି ଯିବନାହିଁ ବୋଲି କହିଛନ୍ତି । ଶବରୀ ଏପରି ଯୁକ୍ତିର ଉତ୍ତର ଫେରେଇଛି ଈଶ୍ୱରଙ୍କୁ ।

'ପ୍ରଭୁ, ଆଉ ନୁହେଁ

ଏ ପୃଥିବୀକୁ

ଯେ ଇଚ୍ଛା ସେ ଭୋଗୁଥାଉ

ଛଟପଟ ହେବା ପାଇଁ

ୟେ ଶବରୀ ନ ରହୁ ନ ରହୁ ।' (ନିମୀଳନ-୨)

ଶବରୀର ମାନସିକ ସ୍ଥିତି ସ୍ୱପ୍ନ ମାଧ୍ୟମରେ ପରିପ୍ରକାଶ ଘଟିଛି । ଯୁଗବଦ୍ଧ ଯନ୍ତ୍ରଣାକୁ ଫୋପାଡି ନିଜର କାୟା ମୁକ୍ତି କରିବା ପାଇଁ ଶବରୀର ଇପ୍‌ସିତ ଇଚ୍ଛା ଏଠାରେ ପ୍ରକାଶ ପାଇଛି । ଏହି ଇଚ୍ଛାର ଉତ୍ତରରେ ଈଶ୍ୱରଙ୍କ ଯୁକ୍ତିଟି ପ୍ରଣିଧାନ ଯୋଗ୍ୟ। ଅନ୍ୟ ପୀଡିତା ନାରୀମାନଙ୍କ ପରି ସେ ପୃଥିବୀବାସିନ୍ଧା ହେବ । ମାଟିରୁ ପଳାୟନରେ ଜୀବନର ସମସ୍ୟା ସମାଧିତ ହୁଏ ନାହିଁ । ଈଶ୍ୱରଙ୍କ ଏପରି ପରାମର୍ଶ ଶବରୀଙ୍କର ଚାରିତ୍ରିକ ଉତ୍ତରଣାରେ ସହାୟକ ସାବ୍ୟସ୍ତ ହୋଇଛି ।

ମୁକ୍ତି ବ୍ୟାକୁଳତା ମଗ୍ନା ଶବରୀ ପ୍ରକୃତରେ ନିଜର ପ୍ରେମ ନେଇ ଯେତିକି ତତ୍ପର ସେତିକି ମୁକ୍ତି ପାଇଁ ନୁହେଁ । ପ୍ରେମରେ ନିମୀଳନ ଭାବ ହିଁ ତାଙ୍କର ମୁକ୍ତି । ଯେଉଁ ଅମୃତ ଲଗ୍ନକୁ ସେ ଯୁଗ ଯୁଗ ଧରି ଅପେକ୍ଷା କରିଥିଲେ ତାର ଆଗମନରେ ପୁଣି ମୁକ୍ତି କଣ ? ଯୁଗ ଯୁଗ ଧରି ନିଜର ସାଇତା ପ୍ରେମକୁ ଈଶ୍ୱରଙ୍କୁ ଅର୍ପଣ କରିବାରେ ଶବରୀ ଜୀବନର ଚରମ ସାର୍ଥକତା ।

'ସୁମଧୁର ରସ ଟଳମଳ
ସୁପକ୍ୱ ଫଳ ସମ ମୋ ପ୍ରେମ
ଅଭିମାନ, ସହିଷ୍ଣୁ ପଣକୁ
ତୁମ ପାଇଁ ସଂପାଦି ରଖିଚି ।' (ନିମୀଳନ -୩)

ବନବାସୀ ଈଶ୍ୱରଙ୍କର 'ରକ୍ତଚନ୍ଦନ ଚରଣ'ରୁ ଧୂଳି ପୋଛି ଦେବା ପାଇଁ ଶବରୀ ସ୍ୱପ୍ନ ଦେଖୁଚି । ତମାମ ପ୍ରତୀକ୍ଷିତ ଦିନମାନଙ୍କର ଯେତେ ସବୁ ଅଭିମାନ, ସହିଷ୍ଣୁତା ଗୁଡିକୁ ଆଜି ସେ ପ୍ରେମିକଙ୍କୁ ଭେଟି ଦେବେ । ପ୍ରିୟତମକୁ ଅପେକ୍ଷା କରି ବଂଚି ରହିବା କଣ କମ୍ ଯନ୍ତ୍ରଣାର ଉପଲବ୍ଧି । ଜଣେ ଶୁଦ୍ଧ ପ୍ରେମିକା ପରି ସିଏ ନିଜର ଈପ୍ସିତ ପୁରୁଷଙ୍କୁ ପୀଡା ଦେବାକୁ ଚାହାଁନ୍ତି ନାହିଁ । ଈଶ୍ୱରଙ୍କ ଅବର୍ତ୍ତମାନତାରେ ସବୁତକ ଅଭିଯୋଗ ସାଇତି ରଖିଥିବା ଶବରୀ ପ୍ରକୃତରେ ସେପରି କିଛି କରିବେ ନାହିଁ । ସେ ଜାଣନ୍ତି ଲୀଳାମୟ ପୁରୁଷ କେତେ ଅସହାୟ ଓ ଏକୁଟିଆ । ପର୍ବତ ପ୍ରମାଣ ହତାଶା ଅବସାଦରେ ବଂଚୁଥିବା ଈଶ୍ୱରଙ୍କୁ ସେ ଆଉ କି ଗୁହାରି ହେବେ । ନିଜ ଅବସୋସକୁ ପୁଷ୍ପ ଅଞ୍ଜୁଳାଟିଏ କରି ସିଏ ଈଶ୍ୱରଙ୍କୁ ସମର୍ପିଦେବେ । ଏହି କବିତାରେ ଶବରୀଙ୍କର ଅଭିମାନ ଓ ପ୍ରେମ ଅନୁରାଗର ଏକ ଚିତ୍ତ ସଂଘର୍ଷ ପ୍ରକାଶ ପାଇଛି । ଶ୍ରୀରାମଙ୍କ ପ୍ରତି ଶବରୀଙ୍କର ପ୍ରତିବଦ୍ଧତା ଏଥିରୁ ଫୁଟି ଉଠିଛି ।

ନିମୀଳନର ଚତୁର୍ଥ କବିତାରେ ଶ୍ରୀରାମଙ୍କ ଆସିବା ଜନିତ କାବ୍ୟିକ ଆବେଗ ଓ ତଦ୍‌ଜନିତ ଶବରୀଙ୍କର ସମର୍ପିତ ଅନୁରାଗ ପ୍ରକାଶ ପାଇଛି । ଶବରୀଙ୍କର ଉତ୍କଣ୍ଠାକୁ ଅର୍ଥମୟ କରି ଶ୍ରୀରାମ ଆସିବାର ସୂଚନା ମିଳିବା ମାତ୍ରେ ଶବରୀ ଶେଯରୁ ଉଠି ପାଦଚିହ୍ନ ପରଖିବାରେ ଲାଗି ପଡିଛନ୍ତି । ଆସିବାକୁ ଥିବା ମଣିଷ ସବୁବେଳେ ଆସୁଚି ବୋଲି ମନେହୁଏ । ପ୍ରେମର ଏହି ନିମୀଳନ ପରରୁ ଲୋଡିବା ପଣର ଅଙ୍ଗୀକାର ଦାନାବାଂଧେ । ଶବରୀ ଭାବିଛି ଆସିଛନ୍ତି ଯେତେବେଳେ ଦଉଡିଟିଏ ଆଣି ପାଦରେ ତାଙ୍କର ଛନ୍ଦି ଦେବି ଯେ, ସେ ସବୁଦିନ ପାଇଁ ଏଇଠି ଅଟକି ଯିବେ । ପ୍ରିୟତମଙ୍କ ପ୍ରତି ଲୋମକୂର୍ପରେ ଆଞ୍ଜୁଳାଏ ଉଷ୍ଣତା ହୋଇ ସେ ଭେଦି ଯିବାକୁ ଚାହାଁନ୍ତି । ପ୍ରିୟତମର ପାଦ ଚିହ୍ନ ଶବରୀଙ୍କ ପାଇଁ ପ୍ରେମର ପିତୁଳା ପାଲଟି ଯାଇଛି । ବହୁ ପ୍ରତୀକ୍ଷିତା ଶବରୀର ଉଷ୍ମପ୍ରବଣତାକୁ ଲକ୍ଷ୍ୟ କରନ୍ତୁ :

କେହି ନ ଥିଲେ କୋଉଠି
ଶୂନ୍ୟତା ହିଁ
ତାଚ୍ଛଲ୍ୟରେ ହସୁଥିଲା ।
ମାଟିରେ ଶୋଇପଡି ମୁଁ
ପାଦଚିହ୍ନ ଓଠରେ ଛୁଇଁଲି
ଚୁମା ଦେଉଦେଉ

ହରାଇ ବସୁଥିଲିତ
ପୁନର୍ବାର
ପାଇ ଯାଉଥିଲି ।' (ନିମୀଳନ-୪)

ହୃଦୟର ଅନ୍ତହୀନ ଅନ୍ୱେଷଣ କିପରି ଏକ ପରିକଳ୍ପିତ ସ୍ୱପ୍ନ ପାଖରେ ନିବିଷ୍ଟ ହୋଇଯାଏ, ଉପରୋକ୍ତ ଉପାଖ୍ୟାନରେ ତାହା ଦର୍ଶାଇ ଦିଆ ଯାଇଛି । ପାଇ ହରେଇ ବାର ଲୁଚିକାଳି ଖେଳ ଭିତରେ ଶବରୀ ତାର ପ୍ରିୟତମକୁ ଖୋଜୁଛି । ଏହି ପରମ ସୁଖ ଟିକକ ଶବରୀଙ୍କର ସୌଭାଗ୍ୟରେ ଯୁଟିନାହିଁ । ବାସ୍ତବ ସ୍ତରରେ ଅପହଂଚ ସୁଖ ବି ସ୍ୱପ୍ନସ୍ତରରେ ବାରମ୍ବାର ରୂପାୟିତ ହୋଇ ଚାଲିଛି ।

କ'ଣ ପାଇଁ ଈଶ୍ୱର ଅବତାର ଗ୍ରହଣ କରନ୍ତି ? ପ୍ରତି ଅବତାରରେ ଜଣେ ଜଣେ ଶବରୀ ତାଙ୍କ ବାଟକୁ ଅନେଇ ବସିଥାଏ । ସେ ଫେରିବାର କଥା ଦେଇ ଯାଆନ୍ତି, କିନ୍ତୁ ଫେରନ୍ତି ନାହିଁ । ଠିକ୍ ଏହି ପ୍ରଶ୍ନ ପଚାରିଛି ଶବରୀ, ଝଡ଼ର ଝଙ୍କାର, ସମୁଦ୍ର ଗର୍ଜନ ହୋଇ ଈଶ୍ୱର ଯେମିତି ଆହ୍ୱାନ ଜଣାନ୍ତି ସେମିତି ସୁଶୀତଳ ଚଂଦ୍ର କିରଣ ହୋଇ ଆଉଁଷି ଦିଅନ୍ତି । ଚନ୍ଦ୍ର ଶୀତଳତାରେ ଶବରୀ ବିକଶିତ ହେବା ବେଳକୁ ସେ ଆଉ ନ ଥାନ୍ତି । ଶବରୀ ଯୁଗବତ୍ ଅପେକ୍ଷା କରିଛି କେବଳ ଏହି ରହସ୍ୟକୁ ଉନ୍ମୋଚନ କରିବା ପାଇଁ ।

'ମୋ ସ୍ୱରକୁ କୋଳକରି ନିଅ
ଢ଼ୋକ ଦିଅ
ଆପଣାଠି ଲୀନ କରିଦିଅ
ପର ମୁହୂର୍ତ୍ତରେ ପୁଣିମତେ ଛାଡ଼ି,
ନିଜବାଟେ ଏକା ଚାଲିଯାଅ ।' (ନିମୀଳନ -୫)

ଶବରୀଙ୍କ ଜୀବନର ବାସ୍ତବତା ଏହି କବିତାରେ ପ୍ରକାଶ ପାଇଛି । ଯାହାଙ୍କ ପ୍ରୀତି ପ୍ଲାବନରେ ଶବରୀ ପୁଷ୍ଫୁଟିତ, ହାତ ପାତିଲା ବେଳକୁ ସେ ଅପହଞ୍ଚ । ପ୍ରିୟତମକୁ ଝୁରି ହେଉଥିବା ଶବରୀମାନଙ୍କ ଭାଗ୍ୟରେ ଏପରି କାରୁଣ୍ୟ ସୃଷ୍ଟି ହୋଇଥାଏ ।

ଈଶ୍ୱରଙ୍କୁ ସ୍ଥୂଳରୂପେ ନ ପାଇଲେ କଣ ହେଲା ତାଙ୍କ ଭିତରେ ସର୍ବଦା ଈଶ୍ୱତା ଅନୁଭୂତ ହୁଏ ବୋଲି ଶବରୀ ପ୍ରକାଶ କରିଛନ୍ତି । ଛାତି ଭିତରେ କେଁଠି ନୀଳ ରକ୍ତର ଧାରଟିଏ ଚାଲୁଥାଏ ବୋଲି ଶବରୀ କହିଛି । ଯଦି ତାଙ୍କ ଭିତରେ ପରମସତ୍ତାଙ୍କ ରୋମାଞ୍ଚ ନ ଥାନ୍ତା, ତାହାଲେ ସିଏ କଣ ଏତେ ଯୁଗ ଧରି ତାଙ୍କୁ ଅପେକ୍ଷା କରି ପାରି ଥାଆନ୍ତେ । ଶାବରୀଙ୍କ ପ୍ରାପ୍ତ ପୁଲକକୁ ଦେଖନ୍ତୁ ।

'ମୋ ହୃଦୟ ଅନ୍ତଃପୁର
ଦ୍ୱାରସମ
ମୋର ଦୁଇ ଆକ୍ଷି
ବୁଜି ବୁଜି ଆସେ ।' (ନିମୀଳନ-୬)

ଅନୁଭବର ଏହି ସ୍ନିଗ୍ଧତା ଶବରୀଙ୍କୁ ବଂଚେଇ ରଖିଛି । ସବୁ ଅପ୍ରାପ୍ତି ଓ ଶୂନ୍ୟତା ସତ୍ତ୍ୱେ, ସେ ତାଙ୍କର ଫେରିବା ବାଟକୁ ଅପେକ୍ଷା କରିଛନ୍ତି ।

ଶବରୀଙ୍କର ବିଶ୍ୱାସ ହେଉଛି ଯେ ସିଏ ଓ ଈଶ୍ୱର ଏକ ଓ ଅଭିନ୍ନ । ମୋର ଶୂନ୍ୟତାର ବଳୟ ଭିତରେ ତାଙ୍କର ଅବିରତ ଆତଯାତ ଚାଲିଛି । ଜୀବନର ପ୍ରତିକ୍ଷଣରେ ସେ, ତାଙ୍କୁ ଅନୁଭବ କରୁଛନ୍ତି । ଉଭୟ ଗୋଟିଏ ବୃକ୍ଷର ଦୁଇଟି ଶାଖା ସଦୃଶ । ଯଦି ଏପରି ହୋଇ ନ ଥାନ୍ତା ତାହାଲେ ସ୍ୱପ୍ନରେ କିପରି ସେ ସେହି ପରମ ପ୍ରିୟଙ୍କ ସହ ଛନ୍ଦି ହୋଇ ଯାଆନ୍ତେ । ଯୁଗ ଯୁଗ ଧରି ତାଙ୍କ ସାନିଧ ଠାରୁ ଦୂରେଇ ରହିଲେ ମଧ କିପରି ତାଙ୍କୁ ଅନୁଭବ କରିପାରନ୍ତେ ? ଏହି ମର୍ମରେ ଶବରୀ ବଳିଷ୍ଠ ଯୁକ୍ତି ବାଢ଼ନ୍ତି ।

'କୋଟି କୋଟି ଅଂଶରେ
ମୁଁ ବିଭାଜିତ ହୋଇ
ମହାଶୂନ୍ୟ ପଥେ ଲିଭିଯାଏଁ
ତୁମ ଗୌରବ ତୁମର ଆଶ୍ୱାସ
ତୁମର ସାନ୍ନିଧ -କଳ୍ପନା ଠାରୁ
ସ୍ୱାଧୀନ ହୋଇ ମୁଁ
ମୋ ରହିବା ପଣ ଭୁଲିଯାଏ ।' (ନିମୀଳନ-୭)

ନିଜର ସ୍ଥିତି ପାଶୋରି ବସୁଥିବା ଶବରୀ ଅନୁଭବ କରିଛି ଯେ ତା' ଭିତରେ ଅବିରତ ଅମୃତ ବର୍ଷା ହେଉଛି । ଏହି ମୁଗ୍ଧ ଅନୁଭବ ହିଁ ତାଙ୍କୁ ଏତେ ବଡ଼ ଶୂନ୍ୟତା ସହ ସଂଗ୍ରାମ କରିବା ପାଇଁ ଶକ୍ତି ଯୋଗାଉଛି । ଏଠାରେ ଶବରୀଙ୍କ ଜୀବନ ଯନ୍ତ୍ରଣା ଓ ଅପ୍ରାପ୍ତି ଜନିତ ପ୍ରତିକ୍ରିୟା ସବୁ ଏକ  ସକରାତ୍ମକ ପ୍ରକ୍ରିୟାରେ ରୂପାୟିତ ହୋଇଛନ୍ତି । ବଂଚିବା ପାଇଁ ଯେଉଁ ସଜୀବ ଜୀବନ ଶକ୍ତି ଲୋଡା ଏହା ଶବରୀଙ୍କ ଭିତରେ ସୃଷ୍ଟି ହୋଇଛି । ଶବରୀଙ୍କ ସ୍ୱପ୍ନ ଦର୍ଶନ, ଚୁଂବନ, ଆଲିଙ୍ଗନ, ପ୍ରତୀକ୍ଷା ଏହି ସକରାତ୍ମକ ପ୍ରସ୍ତୁତିର ଗୋଟିଏ ଗୋଟିଏ ପରିଣତି । ପ୍ରିୟତମର ପୁଲକହିଁ ପ୍ରେମିକାକୁ ପ୍ରତୀକ୍ଷା ପାଇଁ ଶକ୍ତିଦିଏ । ପ୍ରେମିକା ବା ସାଧିକା ଏହା ଉଭୟଙ୍କ ପାଇଁ ସତ୍ୟ ।

ଈଶ୍ୱରଙ୍କୁ ଅନ୍ତଃକରଣରେ ଅନୁଭବୁଥିବା ଶବରୀ ବାସ୍ତବ ଜୀବନରେ ସଂଶୟାସକ୍ତ ହୋଇପଡିଛି । ନାରୀ ଚାହେଁନା ଗୋପନରେ ତାର ପ୍ରେମବନ୍ଧୁ । ଯାହାକୁ ନେଇ ବା ଯାହା ପାଇଁ ସେ ଆଜି ଏତେ ଉତ୍ସବ ମୁଖର ସେ ସଂପର୍କ କଥା ନଗ୍ରବାସୀ ଜାଣନ୍ତୁ । ଏହି ସାମୟିକ ଘଟଣା ବହୁଳତାରେ ତାର ଆନନ୍ଦ । ଅତଏବ ସ୍ୱପ୍ନ ସ୍ତରରେ ଈଶ୍ୱରଙ୍କୁ ଭେଟୁଥିବା ଶବରୀ ବାସ୍ତବ ଜୀବନରେ ନପାଇ ଭାଂଗି ପଡିଛନ୍ତି । ଲୌକିକ ଦୁନିଆ ଶବରୀଙ୍କ ନିଶବ୍ଦ ପ୍ରାପ୍ତିକୁ ବୁଝିପାରି ନାହାଁନ୍ତି । ଜଗତରେ ଯେଉଁଠି ବସ୍ତୁ ସୁଖ ପ୍ରାଧାନ୍ୟ ବିସ୍ତାର କରିଛି, ସେଠାରେ ନୈସର୍ଗିକ ସୁଖର ଅର୍ଥ କଣ ? ଅତଏବ ଅତି ଚେତନ ସ୍ତରରେ ଶବରୀର ସକଳ ଅନୁଭବ, ଲୌକିକ ସ୍ତରରେ ପ୍ରଳାପ ପରି ପ୍ରତ୍ୟୟ ହୋଇଛି । ଏପରି ଅସହାୟତା ପ୍ରକାଶ କରି ଶବରୀ କହିଛି :

'ସେମାନେ କହିବେ, ଦେଖ
ପାଗଳୀ ଶବରୀ
କି ଆଶ୍ଚର୍ଯ୍ୟ କଥା କହେ !
ଅନ୍ୟ ମନସ୍କ ଆଖିରେ ଅନାଏଁ
ଅଧେ କଥା ଭୁଲିଭାଲି ଯାଏ
ଏକୁଟିଆ ବେଳେ ବସି
କାହାକୁ ସଙ୍ଖୁଳୁ ଥାଏ
ଗୁଣୁ ଗୁଣୁ ଗୀତ ଗାଉଥାଏ ।' (ନିମୀଳନ-୮)

ନାରୀ ନିଜ ହୃଦୟର ସଂଗୋଷିତ ସୁଖ ଅନ୍ୟ ଆଗରେ ପ୍ରକାଶ କରି ସୁଖ ପାଉଥିବାବେଳେ, ଶବରୀଙ୍କର ସମସ୍ତ ବର୍ଣ୍ଣନା ସମାଜରେ ଭ୍ରାନ୍ତି ସୃଷ୍ଟି କରେ । କେବେ ଦେଖିନ ଥିବା ସୁଖରେ ଆନନ୍ଦର ଅନ୍ତରାଳେ ବିଷାଦ ଆତ୍ମଗୋପନ କରିଥାଏ। ଏହି ବିଷାଦର ବୃତ୍ତ ଭିତରେ ଛନ୍ଦି ହୋଇପଡୁଥିବା ଶବରୀ ଜୀବନର ଅସହାୟତା ଏହି କବିତାରେ ପ୍ରକାଶ ପାଇଛି ।

'ନିମୀଳନ'ର ଶେଷ କବିତାରେ ବିଦାୟ ବେଳାର ବିଷାଦ ସଂପର୍କରେ ବର୍ଣ୍ଣନା କରାଯାଇଛି । ଶବରୀଙ୍କ ମିଳନ ଯେପରି ଆତ୍ମ କାଳ୍ପନିକ ବିଦାୟ ମଧ୍ୟ ଆତ୍ମଘୋଷିତ । ସ୍ୱପ୍ନରେ ପ୍ରିୟତମକୁ ପାଇଯାଇଥିବା ଶବରୀ ତାଙ୍କ ବିଦାୟ ବେଳାରେ ସ୍ତବ୍ଧ ହୋଇଯାଆନ୍ତି । ପ୍ରିୟତମଙ୍କ ଫେରିବା ପାଇଁ ନିଜ ପ୍ରେମକୁ ଦୀପକରି ଜାଳିଦିଅନ୍ତି । ଜଣେ ଆଜ୍ଞାଧୀନ ପ୍ରେୟସୀ ପରି ତାଙ୍କର ଫେରିବା ବାଟକୁ ପ୍ରତୀକ୍ଷା କରନ୍ତି । ଏହି କବିତାରେ ଶ୍ରୀରାମଙ୍କର ପରିଚୟ ଓ ସ୍ୱରୂପ ସଂପର୍କରେ ବର୍ଣ୍ଣନା ରହିଛି । ଜଣମୟ ଶ୍ରୀରାମଙ୍କ ଦର୍ଶନରେ ବନପକ୍ଷୀ, ପାହାଡ଼, ଜଙ୍ଗଲ ମୁଗ୍ଧ ହୋଇଛନ୍ତି । ଶ୍ରୀରାମଙ୍କ ଫେରିବା ଖବର ପାଇବା ମାତ୍ରେ ସମସ୍ତେ ଲୁହ ଛଳଛଳ ହୋଇ ଉଠିଛନ୍ତି । ନିଜ ହୃଦୟକୁ ଶ୍ରୀରାମଙ୍କ ପାଖରେ ଓଜାଡ଼ି ଦେଇ ଶବରୀ ଆଶ୍ୱସ୍ତ ହେଉଛନ୍ତି । ଏତେ ସବୁ ସଂଭାବନା ସତ୍ତ୍ୱେ ଶ୍ରୀରାମଙ୍କ ବିଦାୟ ପର୍ବ ମାଟିକୁ ଲୁହମୟ କରିଦେଇଛି ।

'ଝଡ଼ର ପ୍ରବଳ ଗତିପଥ ପରି
ତୁମ ଗତିପଥ
ନୂତନ ଦିଗନ୍ତ ଆଡ଼େ
ଲଂବିଗଲା ବେଳେ
ସଚରାଚର ଯେ ବନଭୂମି
ଇତସ୍ତତଃ
ଲୁହ ଛଳ ଚଳ ।' (ନିମୀଳନ-୯)

'ନିମୀଳନ'ର କବିତା ଗୁଡ଼ିକ ଶବରୀଙ୍କର ହୃଦୟକୁ ବିଶ୍ଳେଷଣ କରିବାରେ ସହାୟକ ହୋଇଛି । ଶ୍ରୀରାମଙ୍କ ସହ ଅତିଚେତନ ସ୍ତରରେ ସଂଯୋଜିତ ହେବା ପରେ ସେ ଆଉ ନିଜକୁ ନିଆରା ବୋଲି ଭାବୁ ନାହାନ୍ତି । ଅତଏବ ଶ୍ରୀ ରାମମୟ ଶବରୀଙ୍କର ହୃଦୟ ଆକୃତି ଏହି ପର୍ଯ୍ୟାୟରେ ଅତିମାନସୀୟ ରହସ୍ୟମୟତା ଭିତରେ ଆତ୍ମ ପ୍ରକାଶ କରିଛି ।

**ମନ୍ତ୍ରସିଦ୍ଧା :**

'ମନ୍ତ୍ରସିଦ୍ଧା' ପର୍ଯ୍ୟାୟ କବିତାମାନଙ୍କରେ ଯେଉଁ ଶବରୀଙ୍କ ସଂପର୍କରେ ବର୍ଣ୍ଣନା କରାଯାଇଛି, ସେ ଶବରୀ ଭାରତୀୟ ପୁରାଣ, କିଂବଦଂତିର ଶବରୀ ନୁହଁନ୍ତି । ସମଗ୍ର ବିଶ୍ୱବାସୀଙ୍କ ପାଇଁ ଆତୁରିତ ବାତ୍ସଲ୍ୟମୟୀ ।ବରୀଙ୍କର ପୃଥ୍ୱୀରୂପ ଏଠାରେ ପରିଲକ୍ଷିତ ହୁଏ । ପୃଥ୍ୱୀନାରୀ ସ ଶବରୀସତ୍ତା ଏକ ଓ ଅଭିନ୍ନ ବୋଲି ଏଠାରେ ପ୍ରତୀତ ହୋଇଛି । ଶବରୀ ନିଜର ବ୍ୟକ୍ତିସତ୍ତାରୁ ବାହାରି ଯାଇ ମାଟି ମୁଠାଏ ହୋଇଯିବା ସହ ସମଗ୍ର ନାରୀ ସମାଜର ପ୍ରତିନିଧିତ୍ୱ କରିବାପାଇଁ ଆଗେଇ ଆସିଛି । ନିଜର ଯନ୍ତ୍ରଣା, ବେଦନା ଓ ବିଷଣ୍ଣତାକୁ ଫୋପାଡି ଜଗତ୍ ଜନନୀ ପରି ସମଗ୍ର ମାନବ ସଭ୍ୟତାର ଉତ୍ଥାନ ଓ ମଙ୍ଗଳ ପାଇଁ ନିଜକୁ ନିୟୋଜିତ କରିଛି । ଶବରୀର ଚରିତ୍ରାୟନରେ କବି ପ୍ରତିଭା ଶତପଥୀଙ୍କର ଏହା ଏକ ନୂଆ ଓ ନିପୁଣ ସଂଯୋଜନା । ଶବରୀକୁ ଅତି ସାଂପ୍ରତିକ କରିବା ସହ ଈଶ୍ୱର ଆଶ୍ରିତ ତାର ତମାମ ପୁଣ୍ୟକୁ ଜଗତ ଉଦ୍ଧାର ନିମନ୍ତେ ବ୍ୟୟ କରିବା ପାଇଁ କବି ଯୋଜନା କରିଛନ୍ତି । ଅତଏବ ଶବରୀ ଏଠାରେ ଶ୍ରୀରାମଙ୍କ ଦର୍ଶନାଭିଳାଷୀ ବିପ୍ରଲବ୍ଧା ନାୟିକା ନୁହେଁ ବରଂ ସମକାଳୀନ ବିଷଣ୍ଣ ସାମାଜିକ ଭୟାବହତାରୁ ମାଟି ଓ ମଣିଷଙ୍କୁ ଉଦ୍ଧାର କରିବା ନିମନ୍ତେ ଆଗୁସାର ଜଣେ ଅନନ୍ୟ ଦେବୀ ପ୍ରତିମା । ଶବରୀ ନିଜର ଅମଙ୍ଗଳବୋଧ ସହ ପୃଥ୍ୱୀର ଅସହାୟତା ଓ ସକଳ ନାରୀ ସମାଜର ବିଷାଦ ବୋଧକୁ ମିଶାଇ ସଂବେଦନା ସୃଷ୍ଟିକରିଛି । ଶବରୀ ଓ ପଥ୍ୱୀ ଏକାତ୍ମ ହୋଇଯିବା ପରେ ଶବରୀଙ୍କର ନୂତନ ଭୂମିକାଟି ସ୍ପଷ୍ଟ ହୋଇ ଯାଇଛି ।

'ସମୟର ସୀମାହୀନ ସ୍ଥିତି
ପୃଥ୍ୱୀର ଆକୁତି
ଶୁଣିବି ଦେଖିବି
ଭୋଗିବି ମୋ ହଅଦୟରେ
ତିଳେ ତିଳେ ।' (ମନ୍ତ୍ରସିଦ୍ଧା–୧)

ନିଜର ବ୍ୟକ୍ତିଗତ ଅସହାୟତାକୁ ପୃଥ୍ୱୀର ନିର୍ଜନତା ସହ ମିଶାଇ ଦେବା ପରେ ଶବରୀଙ୍କର ଗୋଟାଏ ବୃହତ୍ତମ ଭୂମିକା ସୃଷ୍ଟିହୁଏ । ସମାଜରେ ସୃଷ୍ଟ କାଳସର୍ପକୁ ନିଜର ସତେଜ ପ୍ରେମର ରକ୍ତବର୍ଣ୍ଣ କିଶଳୟ ଦ୍ୱାରା ବଶ କରିବାକୁ ଶବରୀ ଇଚ୍ଛା ପୋଷଣ କରିଛନ୍ତି । ଯୁଗ ଯୁଗ ଧରି ନିଜ ଅର୍ଜିତ ପ୍ରେମ ସଂପତ୍ତିକୁ ପଅଥ୍ୱୀର କଲ୍ୟାଣ ନିମନ୍ତେ ବ୍ୟୟ କରିବା ପାଇଁ ମନସ୍ଥ କରିଛନ୍ତି । ଅତଏବ ଯୁଗ ଯୁଗ ଧରି ଶବରୀଙ୍କ ଜନ୍ମଗ୍ରହଣ କରିବା, ଈଶ୍ୱରଙ୍କୁ ପ୍ରେମ କରି ପୁଣ୍ୟ ସଂଚିବା ଆଦି ନିଷ୍ପାପର ପ୍ରକ୍ରିୟା ଗୁଡିକ ତାଙ୍କର ବ୍ୟକ୍ତିଗତ ସୁଖ ପାଇଁ ଉଦ୍ଦିଷ୍ଟ ନ ଥିଲା । ଶବରୀ ନିଜକୁ ପୋଡି ପୃଥିବୀକୁ ଆଲୋକିତ କରିବା ପାଇଁ ଚାହାନ୍ତି । ଏହାହିଁ ଥିଲା ତାଙ୍କର ତମାମ ପ୍ରତୀକ୍ଷାର ସିଦ୍ଧାନ୍ତ । ମନ୍ତ୍ରସିଦ୍ଧାର ପ୍ରଥମ କବିତାରେ ଶବରୀଙ୍କର ଏହି ନୂଆ ଭୂମିକାଟି ସୃଷ୍ଟି ହୋଇଛି ।

ମନ୍ତ୍ରସିଦ୍ଧାର ଦ୍ୱିତୀୟ କବିତାରେ ପୃଥିବୀର ଅସହାୟତା ପ୍ରକାଶ ପାଇଛି । ଏଠାରେ ଯେଉଁ ସମୟର କଥା ବର୍ଣ୍ଣନା କରାଯାଇଛି ତାହା ତ୍ରେତୟା ଯୁଗର ନୁହେଁ । ଯୁଦ୍ଧ ପରବର୍ତ୍ତୀ ପରମାଣୁ ବିଧ୍ୱସ୍ତ କୁହୁଳା ଭୂଇଁର ବାସ୍ନାରେ କିପରି ମାନବ ସଭ୍ୟତା ବିପନ୍ନ, ତାର ଚିତ୍ର ରହିଛି । ଏପରି ଏକ ପାପବିଦ୍ଧ ସମୟରେ କେହି କଣ ପରମ ତପସ୍ୱିନୀ ହୋଇ ପାରେ । ତପସ୍ୟା କରିବା ଅପେକ୍ଷା ତ୍ୟାଗ ଏଠାରେ ମୂଲ୍ୟବାନ୍ ସାବ୍ୟସ୍ତ ହୁଏ । ଶବରୀ ସମୟର ଏହି ନୟାନ୍ତକ ଆଭିମୁଖ୍ୟରେ ଅଧିର ହୋଇପଡିଛନ୍ତି ।

'ଆଜିକାଲି
ପିଲାଏ କାନ୍ଦି ଉଠନ୍ତି
ରାତି ଅଧଟାରେ
ନିଆଁରେ ଫୁତ୍କାର
ଅସ୍ତ୍ର ରଣଝଣ
ନିସ୍ତବ୍ଧତା ଥରହର ହୁଏ
ଯନ୍ତ୍ରଣା, ଆର୍ତ୍ତନାଦରେ
ଶରବିଦ୍ଧ ପକ୍ଷୀ ପରି
ରାତିହୁଏ ଆକୁଳ ଅଥୟ
ଇତସ୍ତତଃ ଛିନ୍ନ ଭିନ୍ନ ଅବୟବ
ଆଶ୍ରମ ହିଁ ପୁତିଗନ୍ଧମୟ ।' (ମନ୍ତ୍ରସିଦ୍ଧା-୨)

ଯୁଦ୍ଧ ପରବର୍ତ୍ତୀ ବିଶ୍ୱରେ ଉପଲବ୍ଧ ରକ୍ତପାତ, ସାମ୍ରାଜ୍ୟ ପିପାସା, ଯୁଦ୍ଧଖୋରୀ, କ୍ଷମତା ଭିଳାସ, ଦେହଭୋଗ, ବୈଷୟିକ ବ୍ୟାପ୍ତି, ମଦ ମହୋତ୍ସବ, ନାରୀ ପିପାସା ଏ ସମୟରୁ ସମସ୍ତ ମଙ୍ଗଳବୋଧକୁ ହଜେଇ ଦେଇ ପାପବୋଧର ଶିକୁଳି ପିନ୍ଧାଇ ଦେଇଛି । ଆଶ୍ରମ ପରି ପବିତ୍ର ସ୍ଥାନରୁ ପଚାଗନ୍ଧ ଆସୁଛି । ଏତେ ଏତେ ରାକ୍ଷସ ମାନଙ୍କୁ ଅବତାରୀ ପୁରୁଷ ବଧ କଲାପରେ ବି ନୂଆ ନୂଆ ଅସୁର ସୃଷ୍ଟି ହେଉଛନ୍ତି । କିଏ ଏମାନଙ୍କୁ ବଧ କରିବ ? ସେହି ଅତ୍ୟାଚାରିତମାନଙ୍କୁ କି, ସାନ୍ତ୍ୱନା ଦେବ ? 'ଶବରୀ' ଏହି କ୍ରମରେ ପୀଡ଼ିତ ଜନତାର ଉଦ୍ଧାରପାଇଁ ଆଗେଇ ଆସିଛି ।

'ମୋ ହାତରେ
ଦାନା ମୁଠିଏ ଧରି ମୁଁ
ଖିଳ ଅଖିଳ ପୃଥ୍ୱୀର
ପ୍ରାଣର ନିଃଶବ୍ଦ ଚଳପ୍ରଚଳକୁ
ଅନୁଭବି ପାରେ
ଓଁ ନମୋ ବିଶ୍ୱ ଦେବାୟ
ମସ୍ତକେ ଲଗାଏ ।' (ମନ୍ତ୍ରସିଦ୍ଧା-୩)

ଯେଉଁ ଶାବରୀ ନିଜ ଇପ୍‌ସିତ ପୁରୁଷ ଶ୍ରୀରାମଙ୍କୁ ମିଠା ଫଳ ଖୁଆଇ ଖୁସି କରିଥିଲା, ଆଜି ସେ ବିଶ୍ୱର କ୍ଷୁଧା, ତୃଷ୍ଣା, ନିପୀଡିତ କଟୁ ନିଜ ହାତରେ ମିଠା ଫଳ ଖୁଆଇ ଖୁସି କରିବାକୁ ଚାହୁଁଛି । ଶବରୀ ଏଣିକି ଏକ ନିର୍ଦ୍ଦିଷ୍ଟ ପରିଚୟରେ ବଂଧା ନୁହଁନ୍ତି । ଥରେ ସେ ନିମୀଳନ ମୁଦ୍ରାରୁ ବାହାରି ଆସିଲା ପରେ ମନ୍ତ୍ରସିଦ୍ଧା ହୋଇ ଜଗତ କଲ୍ୟାଣୀ ବେଶରେ ଉଭା ହୋଇଛନ୍ତି ।

ଆମେ ବଂଚୁଥିବା ସମୟର ଅତି ଖରାପ ବ୍ୟବସ୍ଥା ସଂପର୍କରେ ଶବରୀର ବ୍ୟତିବ୍ୟସ୍ତା ଏହି କବିତାରେ ପ୍ରତିଫଳିତ ହୋଇଛି । କବି ପ୍ରତିଭା ଶତପଥୀ 'ପେଚା କୁହାଟ' 'ଭେରଣ୍ଡା ରଡିବା' 'ଶାଗୁଣା ଡେଣା' ଓ 'ଆକାଶ ହତଶ୍ରୀ'' ଦେଖିବା ପରି ପ୍ରତୀକ ପ୍ରୟୋଗ କରି ଖରାପ ସମୟର ଚିତ୍ରକୁ ଆହୁରି ବୀଭତ୍ସ ରୂପ ପ୍ରଦାନ କରିଛନ୍ତି । ଏପରି ଅସୁସ୍ଥ ସମୟ ମଣିଷ ପାଇଁ ଯେପରି କଷ୍ଟଦାୟକ, ଈଶ୍ୱରଙ୍କ ପାଇଁ ଅନୁରୂପ ପୀଡ଼ା ପୂର୍ଣ୍ଣ ବୋଲି ଶବରୀଙ୍କର ବିଶ୍ୱାସ ହୋଇଛି। ଏପରି ହତଶ୍ରୀ ସମୟରେ ଅବତାରୀ ଈଶ୍ୱର ସବୁ ଅମଙ୍ଗଳ ସହ ଲଢ଼ି ଲଢ଼ି କେତେ ଲହୁ ଲୁହାଣ ହୋଇ ନ ଥବବେ ସତରେ ! କଣ ଜଙ୍ଗଲରେ ବିଚରଣ କରୁଥିବା ଶ୍ରୀରାମ କେତେ ମାୟାବୀ ଅସୁର, ଅଧମ ରାକ୍ଷସୀମାନଙ୍କ ଚକ୍ରବ୍ୟୁହରେ ଯନ୍ତ୍ରଣା ପାଇଛନ୍ତି । ଏତେ ସବୁ ଯୁଦ୍ଧ, ଯନ୍ତ୍ରଣା ପରେ ବି ଏ ପୃଥିବୀରେ ସୁସ୍ଥ ସମୟ ଆସିଛି କି ? ପୁନଶ୍ଚ ନୂଆ ନୂଆ ଦୁଃଖରେ ପୃଥିବୀ ସମୃଦ୍ଧ ହୋଇଛି । ଶବରୀ ଏହି କବିତାରେ ନିଜର ପ୍ରିୟ ପୁରୁଷ ରାମଚନ୍ଦ୍ରଙ୍କ ପାଇଁ ବ୍ୟାକୁଳତା ପ୍ରକାଶ କରିଛି । ରାମ ଚନ୍ଦ୍ରଙ୍କ ପ୍ରତିଟି ବିଜୟ ଏକ ବୃହତ୍ତର ବିଫଳତା ବୋଲି ଶବରୀ ପ୍ରକାଶ କରିଛି । ପ୍ରତିଟି ଯୁଦ୍ଧ ଆଉ ଏକ ଯୁଦ୍ଧକୁ ଜନ୍ମଦିଏ । ଯୁଦ୍ଧର ଶେଷ ନ ଥାଏ । ଯୁଦ୍ଧ ବିଜୟୀ ହେବା ହିଁ ସବୁଠାରୁ ବଡ଼ ବିଫଳତା । ଶବରୀ ଏଥିପାଇଁ ଶ୍ରୀରାମଙ୍କୁ ଆହ୍ୱାନ କରିଛି ଆସି ତା' କୋଳରେ ଆଶ୍ରୟ ନେବା ପାଇଁ । ପୃଥିବୀର ଅନ୍ୟ ଅବଶ ନରନାରୀଙ୍କ ପରି କ୍ଷତାକ୍ତ ଈଶ୍ୱରଙ୍କର ବି ଶାନ୍ତି ଦର୍କାର । ସେହି ଶାନ୍ତି ଟିକକ ସମର୍ପି ଦେବା ପାଇଁ ଶବରୀ ଆହ୍ୱାନ କରିଛି ଶ୍ରୀରାମଙ୍କୁ ।

'ଭୁଲିଯାଅ ବିଫଳତା
ଯୁଦ୍ଧ ଭୁଲିଯାଅ
ରାକ୍ଷସ ରାକ୍ଷସୀ କୂଟ
ଭୁଲିଯାଅ
ବୀରତ୍ୱର ମର୍ଯ୍ୟାଦାର ଅହଙ୍କାର
ଆସ ମୋର ସନ୍ନିଧିକୁ
ମୋ ଚାତିରେ ମଥାରଖ
କ୍ଷଣେ ଲୋଟିପଡ଼ ।' (ମନ୍ତ୍ରସିଦ୍ଧା-୪)

ଶବରୀ ନିଜର ପ୍ରିୟତମ କହିଛି ଯେ 'ଯୁଗବ୍ୟାପୀ ସଂଗ୍ରାମ ଅପେକ୍ଷା ମୁହୂର୍ତ୍ତକ ଆଶ୍ୱାସନା ସ୍ମରଣୀୟ ହୋଇ ରହିଯାଏ ।' ସମଗ୍ର ବିଶ୍ୱ କଲ୍ୟାଣ ପାଇଁ ସମର୍ପିତା ଶବରୀଙ୍କ ପାଇଁ ଶ୍ରୀରାମ ଜଣେ ପୀଡିତ ବ୍ୟକ୍ତିତ୍ୱ । ଯୁଦ୍ଧ ବିପନ୍ନ ମଣିଷ। ଏଠାରେ ପୂର୍ବରୁ ଭକ୍ତିଶୀଳା ଶବରୀ ବଦଳରେ ଜଣେ ବାତ୍ସଲ୍ୟମୟୀ ଶବରୀକୁ ଶ୍ରୀରାମ ଓ ପାଠକ ଭେଟନ୍ତି ।

ଶବରୀଙ୍କର ଏହି ନୂତନ ଭୂମିକା ସତ୍ତ୍ୱେ ଶ୍ରୀରାମଙ୍କ ପ୍ରତି ତାଙ୍କ ହୃଦୟରେ ସୁରକ୍ଷିତ ଥିବା ସମସ୍ତ ପ୍ରେମ ବେଳେ ବେଳେ ତାଙ୍କୁ ଅନ୍ୟମନସ୍କକରେ । ସେ ଠିକ୍ ଜାଣନ୍ତି ଏପରି ଗୋଟିଏ ଭୂମିକା ପାଇଁ ତାଙ୍କୁ ହିଁ ଶ୍ରୀରାମ ପ୍ରେରଣା ପ୍ରଦାନ କରିଛନ୍ତି । ଶବରୀଙ୍କ ଜୀବନର ସମସ୍ତ ଐଶ୍ୱର୍ଯ୍ୟ କେବଳ ଶ୍ରୀରାମଙ୍କ ପାଇଁ ସଂଭବ ହୋଇଛି । ତାଙ୍କରି ପ୍ରରୋଚନାରେ ବ୍ୟର୍ଥତାକୁ ସେ ସାଫଲ୍ୟରେ ପରିଣତ କରିଛନ୍ତି । ଶ୍ରୀରାମଙ୍କ ଠାରୁ ସେ ଅଭିନ୍ନ ନୁହଁନ୍ତି । ଯୁଦ୍ଧତ୍ରସ୍ତ ଶ୍ରୀରାମଙ୍କ ଦୁଃଖରେ ଶବରୀ ସହଭାଗୀ ହେବା ସହ ନିଜର ନିବିଷ୍ଟତା ନେଇ ତଲ୍ଲୀନ ହୁଅନ୍ତି । ଶବରୀ ଯଦିଓ ଜାଣନ୍ତି ଶ୍ରୀରାମ ଆଉ ଫେରିବେ ନାହିଁ, ତଥାପି ପରମ ଆହ୍ଲାଦର ସହ ଶବରୀ ତାଙ୍କରି ଫେରିବା ପଥକୁ ପ୍ରତୀକ୍ଷା କରନ୍ତି । ନିଜର ଆତ୍ମୀୟତାକୁ ଶବରୀ ପ୍ରକାଶ କରନ୍ତି ।

‘କୁହୁଡ଼ି ପରି
ବା ଇନ୍ଦ୍ରଧନୁ ପରି
ବିମ୍ବପରି
ତୁମ ସ୍ଥିତି ମୋ’ ଠାରେ ଜଡିତ ।’ (ମନ୍ତ୍ରସିଦ୍ଧା-୫)

ସକାଳର କୁହୁଡ଼ି ଓ ଅପରାହ୍ନର ଇନ୍ଦ୍ରଧନୁ ମାଟି ଓ ଆକାଶ ମଧ୍ୟରେ ଯେଉଁ ନିବିଡ଼ତା ପ୍ରକାଶ କରେ ତାହା କ୍ଷଣିକଓ ଅସ୍ଥାୟୀ । ଅଥଚ ଏହି ଅସ୍ଥାୟୀ ସମ୍ପର୍କର ଆତ୍ମୀୟତାକୁ କଣ ଅଲଗା କରିହୁଏ ? ମୁହୂର୍ତ୍ତ ହିଁ ଏଠାରେ ମୋହିନୀ ପାଲଟି ଯାଏ । କ୍ଷଣିକ ସୌନ୍ଦର୍ଯ୍ୟ ଜୀବନର ବ୍ୟର୍ଥ ବିଷାଦକୁ ଦୂରେଇ ଦିଏ । ଏଠାରେ ଶବରୀ ନିଜର ଅନ୍ତରଙ୍ଗତା ସଂପର୍କରେ ସ୍ୱୀକାରୋକ୍ତି ପ୍ରଦାନ କରିଛନ୍ତି ।

ଶବରୀ ମନ୍ତ୍ରସିଦ୍ଧା ହେବାକୁ ଇଚ୍ଛା କରିଛନ୍ତି । ନିଜର ଇପ୍‌ସିତ ପରୁଷଙ୍କୁ ଗୁହାରି କରିଛନ୍ତି ତାଙ୍କୁ ମନ୍ତ୍ରମଣ୍ଡିତା କରିବା ପାଇଁ । ସମଗ୍ର ବିଶ୍ୱ ଓ ବିଶ୍ୱପତି ପୀଡ଼ାଗ୍ରସ୍ତ ହୋଇଥିବା ବେଳେ କେବଳ ଶବରୀ ହିଁ ମହାମାତୃତ୍ୱରେ ସକଳ ଜନଙ୍କୁ ଉଦ୍ଧାର କରି ପାରିବା ଏଥିପାଇଁ ଅଧିକ ଶକ୍ତି, ଉତ୍ସାହ, ସ୍ନେହମୟୀ ହେବାକୁ ପଡ଼ିବ ଶବରୀକୁ । କଣ ପାଇଁ ଶବରୀ ଚାହାଁନ୍ତି ଜଣେ ମାନ୍ତ୍ରିକ ନାରୀ ହେବା ପାଇଁ ? ମନ୍ତ୍ରସିଦ୍ଧାର ପ୍ରଥମରୁ ପାଞ୍ଚଟି କବିତା ଭିତରେ ଏହାର କାରଣ ଲୁଚି ରହିଛି । ଅସୁସ୍ଥ ସମୟରୁ ଜଗତବାସୀଙ୍କ ଉଦ୍ଧାର ସହ ନିଜ ପ୍ରିୟ ପୁରୁଷଙ୍କୁ ସ୍ନେହସିକ୍ତ କରିବା ପାଇଁ ତାଙ୍କର ମନ୍ତ୍ରସିଦ୍ଧା ସ୍ୱରୂପ । ପ୍ରତିଭା ଶତପଥୀଙ୍କ ‘ଶବରୀ’ ବିଶ୍ୱେ ସଭ୍ୟତାର ଜୟଗାନ ପାଇଁ ଶତମୁଖ । ମୃତ୍ୟୁ ପାଖରୁ ଅମୃତ ଉପଲବ୍ଧି ପାଇଁ ତାର ଯାତ୍ରା ।

ମନ୍ତ୍ରସିଦ୍ଧା ପର୍ଯ୍ୟାୟରେ ଶବରୀ ସାଧାରଣ ନାରୀ ଜନ୍ମରୁ ଜଣେ ମନ୍ତ୍ରସିଦ୍ଧା ହେବାକୁ ଇଚ୍ଛା ପ୍ରକାଶ କରିଛି । ଏହାର କାରଣ ଅତିସ୍ପଷ୍ଟ । ଯେଉଁ ସମୟରେ ଈଶ୍ୱରଙ୍କୁ ବଂଚିବା ପାଇଁ ସଂଗ୍ରାମ କରିବାକୁ ପଡେ, ସେଠାରେ ସାଧାରଣ ଲୋକଙ୍କ ଜୀବନ ଧାରଣ ଅତି ବିପନ୍ନ । ଶବରୀ ଶକ୍ତିମୟୀ ହୋଇ ସମଗ୍ର ଘଟଣାଗୁଡିକୁ ଜଗତ କଲ୍ୟାଣ ନିମନ୍ତେ ପ୍ରୟୋଗ କରିବା ପାଇଁ ଆତୁର ହୋଇ ପଡିଛନ୍ତି । ବାହାରକୁ କମନୀୟ ଲାବଣ୍ୟ ଦିଶୁଥିବା ଶବରୀ ନିଜ ଭିତରେ ପର୍ବତ ପ୍ରମାଣ ଶକ୍ତି ଠୁଳ କରିଛନ୍ତି ।

‘ମୁଁ ଝରଣା ମଝିର ପଥର
ଭିତରେ ଯେ ମୋର
କଠିନତା
ଜମାଟ ଓ ନିଦା କଠିନତା
ଅଥଚ ଏ ଝରଣାର ସୁଅ
ମୋ ମଂଜକୁ
ଆନ୍ଦୋଳି ନ ପାରି
କି ବିଫଳ ଆକ୍ରୋଶରେ
ମୁଣ୍ଡ ପିଟନ୍ତି ।’ (ମନ୍ତ୍ରସିଦ୍ଧା-୬)

ସମୟର ଚକ୍ରବ୍ୟୂହ ଭିତରେ ନିଜର ସ୍ଥିତିକୁ ସଜାଡ଼ି ସ୍ଥିର ରୂପା ପଥର ଖଣ୍ଡପରି ଶବରୀ । ସମୟ ସ୍ରୋତରେ ସେ ଭାସି ଯିବାକୁ ଚାହାଁନ୍ତି ନାହିଁ । ସମୟକୁ ବଦଳେଇବା ପାଇଁ ନିଜକୁ ସିଦ୍ଧ ଯୋଗିନୀରେ ପରିଣତ କରିବାକୁ ଇଚ୍ଛାକରନ୍ତି । ଏଠାରେ ଶବରୀଙ୍କ ଇଚ୍ଛା ପଛରେ ପୂର୍ବରଚାରଟି କବିତା (ମନ୍ତ୍ରସିଦ୍ଧା ୧,୨,୩,୪)କୁ କାରଣ ଭାବରେ ଗ୍ରହଣ କରାଯିବ । ନିଜର ପ୍ରିୟ ଈଶ୍ୱର ଶ୍ରୀରାମ ଓ ଜଗତବାସୀଙ୍କ ତମାମଦୁଃଖ ଦୂର କରିବା ପାଇଁ ଶବରୀ ଆଜି ଋତୁ ଓ ନିୟମର ଊର୍ଦ୍ଧ୍ୱରେ ନିଜକୁ ସ୍ଥାପନା କରିବେ । ଏପରି ଏକ ଶକ୍ତିମୟୀ ମନ୍ତ୍ରସିଦ୍ଧା ସ୍ୱରୂପ ଶବରୀ କାମନା କରନ୍ତି । ଶବରୀଙ୍କର ସର୍ଜନଶୀଳା ସ୍ୱରୂପ ଏହି କବିତାରେ ବିଦ୍ୟମାନ ।

ଶବରୀ ମନ୍ତ୍ରସିଦ୍ଧା ହେଲା ପରେ ତାଙ୍କର ଭୂମିକା କଣ ହେବ, ଏହି କବିତାରେ ତାର ପ୍ରମାଣ ରହିଛି । ନିଜେ ବଂଚିଥିବା ପୃଥିବୀକୁ ନେଇ ଅସନ୍ତୁଷ୍ଟ ଶବରୀ ନିଜ ଯୋଜନା ମୁତାବକ ସୁସ୍ଥ ସମୟର କାମନା କରନ୍ତି । ଜଣେ ମାନବୀ ହୋଇ ଈଶ୍ୱରୀ ହେବାର ସମସ୍ତ ଆକୂଳ କାକୁତି ସତ୍ତ୍ୱେ ସେ ମାନାବୀ ହୋଇ ହିଁ ରହନ୍ତି । ଯେଉଁ ସମୟ ଈଶ୍ୱରଙ୍କ ଦେହରେ ଦାଗ ଲଗାଇ ଦିଏ, ସେ ସମୟରେ ଅନ୍ୟମାନେ ନିରୁପାୟ । ଅତଏବ ଶବରୀ ବିଶ୍ୱାସ କରନ୍ତି ତାଙ୍କ ହାତକୁ ଯଦି ସମୟର ଡୋର ଆସନ୍ତା ପ୍ରଥମେ ସେ ଈଶ୍ୱରଙ୍କୁ ନୂଆ କରି ନିର୍ମାଣ କରନ୍ତେ,

‘ଗଢ଼ିଦେବି ତୁମକୁ ମୁଁ
ଜନ୍ମ ଦେବି
ଅସୁରଠୁଁ ବଳବାନ
ସ୍ୱର ଠୁଁ ସୁନ୍ଦର କରି
ଅଥଚ ନିଷ୍ଠୁରତା ଠୁଁ
ଦେବତ୍ୱର ଅହଙ୍କାର ଠାରୁ
ସମର୍ପିତା ନାରୀଟିକୁ ଦଣ୍ଡିବାର
ଉଲ୍ଲାସରୁ ମୁକ୍ତକରି
ଅଲଗା କରି
ସକଳ ସନ୍ଦେହରୁ ।’ (ମନ୍ତ୍ରସିଦ୍ଧା-୭)

ନାରୀ ହିଁ ସୃଜନଶୀଳା । ସେ ଗଢ଼େ-ଭାଙ୍ଗେନା । ଭଙ୍ଗା ଭଙ୍ଗା ମୁହୂର୍ତ୍ତକୁ ସଜାଡ଼ି ମୋହିନୀ ମୁଦ୍ରାରେ ପରିଣତ କରେ । ଶବରୀଙ୍କର ଏହିମାତୃତ୍ୱ ସ୍ୱରୂପ ଏଠାରେ ପ୍ରକାଶ ପାଇଛି । ନିଜର ଇପ୍‌ସିତ ଈଶ୍ୱର ବର୍ତ୍ତମାନର ସମୟ ପ୍ରଭାବରେ ଜଟିଳ, କୁଟିଳ, ଅହଂକାରୀ ହୋଇ ପଡ଼ିଛନ୍ତି । ଏପରି ଈଶ୍ୱରଙ୍କ ଠାରୁ ଆଉ ଦେବତ୍ୱ କାମନା କରିବା ବୃଥା । ସେଥିପାଇଁ ଶବରୀ ପ୍ରଥମେ ଈଶ୍ୱରଙ୍କୁ ନିର୍ମାଣ କରିବେ ଓ ଈଶ୍ୱର ତାଙ୍କ ସୃଷ୍ଟିକୁ ସମୃଦ୍ଧ କରିବେ । ଶବରୀଙ୍କର ମନ୍ତ୍ରସିଦ୍ଧା ହେବାର ପ୍ରକୃତ ଉଦ୍ଦେଶ୍ୟ ଏହି କବିତାରେ ପ୍ରକାଶ ପାଇଛି ।

ମନ୍ତ୍ରସିଦ୍ଧାର ଶେଷ କବିତାରେ ଶବରୀଙ୍କର ସେହି ମନ୍ତ୍ରମୋହିନୀ ରୂପର ପରିଚୟ ରହିଛି । ଆଜି ପର୍ଯ୍ୟନ୍ତ ଅପେକ୍ଷା କରିଥିବା ଈଶ୍ୱର ତାଙ୍କ ପାକକୁ ଆସି ନାହାଁନ୍ତି । ଶବରୀ ବିଶ୍ୱାସ କରନ୍ତି ଯେ ସମୟର ଅସ୍ୱାଭାବିକତା ଯୋଗୁ ଈଶ୍ୱର

ତାଙ୍କର ନିକଟତର ହୋଇ ପାରୁ ନାହାଁନ୍ତି । ଅଥଚ ଈଶ୍ୱରଙ୍କୁ ସେ ନୂଆ କରିନିର୍ମାଣ କରିବା ପରେ ସେ ଫେରିଛନ୍ତି । ଦୁଃସ୍ଥ, ଅସହାୟ, ଜରାଗ୍ରସ୍ତ ଈଶ୍ୱରଙ୍କୁ ଆପଣେଇ ତାଙ୍କୁ ସୁସ୍ଥ କରିବାର ଦାୟିତ୍ୱ ନେଇଛି ଶବରୀ । ଏହାହିଁପ୍ରେମ ସ୍ୱରୂପିଣୀ ଶବରୀଙ୍କର ମନ୍ତ୍ରମାର୍ଗ । ଈଶ୍ୱରଙ୍କୁ ସେନିଜର ପ୍ରେମ ସାନିଧ୍ୟରେ ନୂଆ ରୂପରେ ନିର୍ମାଣ କରିବେ । ଏ ନୂତନ ନିର୍ମାଣରେ କୌଣସି ଯାଦୁକାରୀ ବାସ୍ତବତା (Magic realism) ନାହିଁ ବରଂ ଅଛି ସେବା, ତ୍ୟାଗ ଓ ପ୍ରେମର ପୀତାମ୍ବରୀ।

'ତରିଯାଉଥିବା ତାତି
ଅସହାୟନିଃଶ୍ୱାସକୁ ତୁମ
ରକ୍ତର ଫୁତ୍କାର ଆଉ
କଂପିତ ଦେହକୁ
କୋଳକୁ ଟୋଳି ନେଇ ମୁଁ
ତୀବ୍ରତର ଅନୁଭବିବି ଯେ
ଈଶ୍ୱର ଫିଶ୍ୱର ସବୁ ମିଛକଥା
ଅଜ୍ଞାନ ବାଳୁତ ତୁମେ
ଜର ରୋଗ ଯାତନାରେ
ଆଲୁଳିତ ମଥା ।' (ମନ୍ତ୍ରସିଦ୍ଧା-୮)

ଶବରୀଙ୍କ ପ୍ରେମ ଏଠିମାତୃତ୍ୱରେ ବଦଳି ଯାଇଛି । ନିଜର ପ୍ରିୟ ପୁରୁଷର ଦୁଃଖ ହରଣ ସମୟରେ ନାରୀର ମାତୃତ୍ୱ ସବୁହିଁ ବିକଶିତ ହୁଏ । ସବୁ ପ୍ରେମିକାଙ୍କ ଭିତରେ ଗୋଟାଏ ମାତୃତ୍ୱ ଆତ୍ମଗୋପନ କରିଥାଏ । ଏଠାରେ ଶବରୀ ନିଜର ସମସ୍ତ ପୁଣ୍ୟ ଈଶ୍ୱରଙ୍କୁ ଦେଇତାଙ୍କର ସମସ୍ତ ରୋଗ, ଶୋକ ଆପଣେଇ ନେବାକୁ ବସିଛନ୍ତି । ଶବରୀଙ୍କର ଏହି ତ୍ୟାଗ ଓ ସେବା ତାଙ୍କର ମନ୍ତ୍ରସିଦ୍ଧା ସ୍ୱରୂପା ନିଜ ବିନିମୟରେ ନୂତନ ସର୍ଜନା ତାଙ୍କର ଏକମାତ୍ର କାମନା ।

**ପୃଥ୍ୱୀରୂପା :**

'ଶବରୀ' ଦୀର୍ଘ କବିତାର ଏହା ଶେଷ ପର୍ଯ୍ୟାୟ । ଶବରୀ ଯେଉଁ ସବୁ ସଙ୍କଟ ଓ ସ୍ୱପ୍ନର ସାମ୍ନା କରିଛନ୍ତି ଜୀବନ କାଳ ମଧ୍ୟରେ ସେ ସବୁର ଏକ ପରିପୂର୍ଣ୍ଣ ପ୍ରତିବିମ୍ବ ଏହି ପର୍ଯ୍ୟାୟର କବିତା ମାନଙ୍କରେ ପ୍ରକାଶ ପାଇଛି । 'ପୃଥ୍ୱୀରୂପା' ସମଗ୍ର ଶବରୀ କବିତା ମାନଙ୍କର ନିଷ୍କର୍ଷ ଭାବରେ ପ୍ରୟୋଗିତ । କବି ପ୍ରତିଭା ଶତପଥୀଙ୍କ କାବ୍ୟ ବକ୍ତବ୍ୟ ଏହି ପର୍ଯ୍ୟାୟରେ ଏକ ନିର୍ଦ୍ଦିଷ୍ଟ ତଥ୍ୟ ଓ ଚିତ୍ର ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛି । ନିଜ ଜୀବନର ତମାମ ପ୍ରତୀକ୍ଷା, ପାପବୋଧ, ପରାତ୍ମା ଅନୁଭୂତିକୁ ନେଇ ଅବଶିଷ୍ଟ ଜୀବନ ପାଇଁ ଶବରୀଙ୍କ ଇପ୍‌ସିତ ଇଚ୍ଛା ଏଠାରେ ପ୍ରକାଶ ପାଇଛି । ଏହାହିଁ 'ପୃଥ୍ୱୀରୂପା' କବିତା ମାନଙ୍କର ବୈଶିଷ୍ଟ୍ୟ।

ଶବରୀ ମନ୍ତ୍ରସିଦ୍ଧା ହେବା ପାଇଁ ଯେଉଁ ଇଚ୍ଛାଟି ପ୍ରକାଶ କରିଥିଲେ, ତାହା ଥିଲା ଏକ ସାମୟିକ ଅନୁଭୂତି । ନାରୀ ନିଜ ଇଚ୍ଛା ଅନୁଯାୟୀ ନିଜର ପ୍ରିୟ ପୁରୁଷକୁ ନ ପାଇବା ଓ ତଦ୍‌ଜନିତ କ୍ଷୋଭରୁ ଉତ୍ପନ୍ନ ଏହି ସକରାତ୍ମକ ସବୁଜ ସଂଭାବନାଟି ପରବର୍ତ୍ତୀ ସମୟରେ ଶବରୀଙ୍କ ପାଖରୁ ଦୂରେଇ ଯାଇଛି । ଜଣେ ମନ୍ତ୍ରସିଦ୍ଧା ଶକ୍ତିରୂପା ହେବା ବଦଳରେ ସେ ପୃଥ୍ୱୀରୂପା

ହୋଇ ନିରନ୍ତର ଜଗତ ଉଦ୍ଧାର ପାଇଁ ପ୍ରୟାସ କରିବାକୁ ଆଗେଇ ଆସିଛନ୍ତି । ନାରୀର ଚିରନ୍ତନ ପରିଚୟ ହେଉଛି ସେ ମାଆ, ମାଟି । ସେ ଜନ୍ମ ଓ ଜନନୀ, ସେ ନିଜେ ମାଟି, ପାଣି, ପବନ, ଆକାଶ, ଅଗ୍ନି । ଏପରି ଏକ ବିସ୍ତୃତ ପରିଚୟ ଯାହା ପାଖରେ ଅଛି, ତାର ପୁଣି ମନ୍ତ୍ରସିଦ୍ଧା ହେବାର ଆବଶ୍ୟକତା ବା କଣ ? ଅତଏବ ଶବରୀ ହୋଇଛନ୍ତି ପୃଥ୍ୱୀରୂପା । ପୃଥ୍ୱୀପରି ସେ ସମସ୍ତ ଲାଂଛନା, ନିର୍ଯ୍ୟାତନା, ଅପବାଦ, ଅପେକ୍ଷା ସହିବାକୁ ପ୍ରସ୍ତୁତ । ଶ୍ରୀରାମଙ୍କୁ ପ୍ରତୀକ୍ଷା କରି କରି ସେ'ତ ମାଟି ପାଲଟି ଯାଇଛନ୍ତି । ସେହି ଅମୃତ ପ୍ରତୀକ୍ଷା ନାରୀକୁ ତୀର୍ଥରେ ପରିଣତ କରିଦିଏ । ଜୀବନର ଉତ୍‌ଥାନ ଆରମ୍ଭ ହୁଏ । ମାଟିର ଭାଗ୍ୟରେ ଫୁଲ ଯେତିକି ଲୁହ ତତୋଃଧିକ ଲେଖାଥାଏ ।

'ତୁମ ପ୍ରେମ
ଯାହାର ମୂଲ୍ୟକୁ
ଅଶ୍ରୁ ଆଉ କରୁଣାରେ
ତିଳ ତିଳ ଶୁଝିବାକୁ ହୁଏ ।' (ପୃଥ୍ୱୀରୂପା-୧)

ଶବରୀ ଏପରି ପ୍ରେମ ପାଇଁ ମାଟିରେ ବଦଳିବାକୁ ଚାହାନ୍ତି । ମାନବୀଦେହ ଧାରଣକରି ପ୍ରେମ ସହ ଯୁଝିବା ସହଜକଥାନୁହେଁ । ଆଖିରେ ଆଖିଏ ଲୁହ ନେଇ ଫୁଲ ତୋଳୁ ତୋଳୁ ନିଆଁରେ ହାତ ପୋଡିବା କଣ ସହଜ କଥା ! ଅଥଚ ମୂଳରୁ ମାଟିରେ ପରିଣତ ହୋଇଗଲେ ମାନବ ସ୍ତରର ସାଧାରଣ ଦୁଃଖ ଆଉ ତାଙ୍କୁ ଦ୍ରବୀଭୂତ କରି ପାରିବ ନାହିଁ । ଶବରୀ ସେଥିପାଇଁ ସକଳ ମାନବତ୍ୱ ଫୋପାଡ଼ି ମୁଠାଏ ମାଟି ହେବା ପାଇଁ ଆଗେଇ ଆସିଛନ୍ତି । ଈଶ୍ୱରଙ୍କୁ ପାଇବା ପାଇଁ ପ୍ରତିଥର ନବନାରୀ ରୂପେ ଜନ୍ମ ନେଉଥିବା ଶବରୀଙ୍କୁ ଆଉ ମଣିଷ ଜନ୍ମ ନେବାକୁ ପଡ଼ିବ ନାହିଁ । ଥରେ ମାଟି ହୋଇଗଲେ ଅନନ୍ତ କାଳ ପାଇଁ ପ୍ରତୀକ୍ଷା କରିବାକୁ ତାଙ୍କୁ ସୁଯୋଗ ମିଳିଯିବ । ଶବରୀ ନିଜର ଅସଂପୂର୍ଣ୍ଣ ସ୍ଥିତିକୁ ସଂପୂର୍ଣ୍ଣ କରିବା ପାଇଁ ପୃଥ୍ୱୀରୂପା ହେବାକୁ ଚାହିଁଛନ୍ତି । ଶବରୀଙ୍କ ଏହି ଅନୁଭବ ସମଗ୍ର କବିତାରେ ନୂତନ ଶିହରଣ ସୃଷ୍ଟି କରିଛି ଓ ଏହି ଭାବ ବୋଧ ପରବର୍ତ୍ତୀ କବିତା ମାନଙ୍କରେ ବ୍ୟାପକ ଭାବରେ ବିକଶିତ ହୋଇଛି ।

ପୃଥ୍ୱୀରୂପା ହେବାପାଇଁ ମନସ୍ଥ କରିଥିବା ଶବରୀ ହୃଦୟରେ ଈଶ୍ୱରୀ ହେବାର ଯେଉଁ ଅବଚେତନୀୟ ଗୁଂଫିତ ଆବେଗଟି ରହିଛି, ସେ ସବୁର ପରିପ୍ରକାଶ ଏହି କବିତାରେ ଘଟିଛି । ପୃଥ୍ୱୀରୂପା ହେବା ପୂର୍ବରୁ ଥରେ ଶ୍ରୀରାମଙ୍କ ସହ ସାକ୍ଷାତ୍ କରିବା ପାଇଁ ତାଙ୍କର ଏକାନ୍ତ କାମନା ପ୍ରକାଶ ପାଇଛି । ମାନବ ଶରୀର ଧାରଣ କରି ଏହା ସଂଭବ ହେଉ ନ ଥିବାରୁ ସେ କ୍ରମଶଃ ଦେବୀତ୍ୱ ଅନୁଭବରେ ବଶବର୍ତ୍ତୀ ହୋଇଛନ୍ତି । କବିତାର ଆରଂଭରେ ଐଶୀ ଅନୁରାଗ ପରିବେଶର ବର୍ଣ୍ଣନା କରାଯାଇଛି । ପ୍ରତିଫୁଲ ପାଖୁଡ଼ାରୁ ଟୋପା ଟୋପା ମହୁବର୍ଷା ହେବା, ବିବିଧ ପକ୍ଷୀମାନଙ୍କ କାକଳି, ପତ୍ରର ଫାଙ୍କାଦେଇ ସକାଳର ସୁନାରଂଗି ଖରା ମାଟି ଛୁଇଁବା ଆଦି ବର୍ଣ୍ଣନା ଗୁଡିକ ଶବରୀଙ୍କ ହୃଦୟରେ ପ୍ରିୟତମ ମିଳନର ଦିବ୍ୟ ଅନୁରାଗ ସୃଷ୍ଟି କରିଛି । ଏପରି ପରିବେଶରେ ଶବରୀଙ୍କର ରୂପାନ୍ତର ଆସିଛି । କାୟା ଓ ମନ ତାଙ୍କର ଏହି ଐଶୀମୟତାରେ ପରିବର୍ତ୍ତିତ ହୋଇ ଯାଇଛି ।

'ହଳଦୀ ରଂଗର ତୀରଟିଏ
ମୋ ଦିହ ମୋ ମୁହଁ
ଛୁଇଁଲା କ୍ଷଣି ମୁଁ

ବଦଳିବାରେ ଲାଗିଲି
ମୁଁ ଯେ ଆଉ
ମୁଁ ହେଇ ନ ଥିଲି ।' (ପୃଥ୍ୱୀରୂପା-୨)

ଏ ତୀର କଣ ଶ୍ରୀରାମଙ୍କର ସବୁଜ ନିମନ୍ତ୍ରଣ । ଯେଉଁ ନିମନ୍ତ୍ରଣକୁ ଶବରୀ ଜନ୍ମ ଜନ୍ମ ଧରି ଅପେକ୍ଷା କରିଛନ୍ତି ସେହି ନିମନ୍ତ୍ରଣ କଣ ପ୍ରକୃତି ବୋହି ଆଣିଛି ? ଏହି ଐଶୀମୟତାରେ ଶବରୀ ସ୍ଥିତିଶୂନ୍ୟ ହୋଇ ପଡନ୍ତି । ସଂପୂର୍ଣ୍ଣ ଭାବରେ ଶ୍ରୀରାମଙ୍କ ପ୍ରତି ନିମଜ୍ଜିତ ହୋଇ ତାଙ୍କର ନିକଟବର୍ତ୍ତୀ ହୋଇଛନ୍ତି । ଶବରୀଙ୍କର ପ୍ରିୟ ମିଳନର ଏହି ଚିରନ୍ତନ ପିପାସା ତାଙ୍କୁ ନୂତନ ଅନୁଭବରେ ସମୃଦ୍ଧ କରିଛି । ସେ ନିଜେ ଗୋଟିଏ ପଦ୍ମ ପୋଖରୀରେ ପରିଣତ ହୋଇଛନ୍ତି । ଶବରୀଙ୍କର ଗଭାରେ ସର୍ପକୁଣ୍ଡଳୀ ବାନ୍ଧିଛି । ପୁଷ୍କରଣୀର ଅଭ୍ୟନ୍ତର ପରି ଶବରୀଙ୍କର ଅନ୍ତର ପଙ୍କ କାଦୁଅ ଓ ମାଛ, ଗେଣ୍ଡା ଆଇଷିଆ ଗଂଧରେ ପେରିପୂର୍ଣ୍ଣ । ପଦ୍ମ ପୋଖରୀ ସିନା ବାହାରକୁ ସୁନ୍ଦର ତଳକୁ ତଳ ଅତଳ-ବିତଳ-ପାତାଳ-ରସାତଳ । ଶବରୀ ଠିକ୍ ପଦ୍ମ ପୋଖରୀ ପରି । ଶ୍ରୀରାମଙ୍କୁ ପାଇବା ପାଇଁ ଡେଇଁ ପଡିଛି ସେ ଅଥଳ  ଜଳକୁ । ଶ୍ରୀରାମଙ୍କ ଅବତାରର ଯେତକ ଦୁଃଖ, ତମାମ ।ଯନ୍ତ୍ରଣାକୁ ଆଜି ଶବରୀ ଧୋଇଦେବ । ନିଜକୁ ପଙ୍କରେ ପୋତି, ବେଣୀରେ ସର୍ପକୁଣ୍ଡଳୀ କରିବା ସତ୍ତ୍ୱେ ଶ୍ରୀରାମଙ୍କ ପାଇଁ ନୀଳ, ଲୋହିତ, ରକ୍ତ ପଦ୍ମ ତୋଳି ସାଇତି ରଖିବା –

'ମୁଁ କହିବି ଆସ ଆସ
ମ୍ରିୟମାଣ, ପ୍ରେମ ପାଗଳ ପୁରୁଷ
ଦିଅ ତୁମ କ୍ଳାନ୍ତି
ତୁମ ସବୁତକ ବିଫଳତା, ହାହାକାର
ମତେ ଦେଇଦିଅ
ମୋ ସବୁଜ ସତେଜ  ସ୍ନେହକୁ
ଆଂଜୁଳାରେ ତୋଳିଧର
ଅଧରରେ ଛୁଅଁ
ମୁଁ ପରା ରହିଛି ଏଠି
ଶୀତଳ ସୁଗନ୍ଧ ଜଳ ଝରୀଟିଏ
ପାଦଧୋଇ ଦେବାକୁ ତୁମର ।'

ଶ୍ରୀରାମଙ୍କ ସାନ୍ନିଧ ପାଇବା ସହ ତାଙ୍କର ସେବିକା ହେବାର ସୌଭାଗ୍ୟବତୀ ମୋହରେ ଶବରୀ ଆଜି ପଦ୍ମପୋଖରୀରେ ପରିଣତ ହୋଇଛନ୍ତି । ପାପପଙ୍କ,  ସାପ, ଆଇଁଷ ଗଂଧକୁ ତାଙ୍କର ଡର ନାହିଁ । ଅନନ୍ତକାଳ ପାଇଁ ମାଟି ହୋଇଯିବା ପୂର୍ବରୁ ଥରେ ପ୍ରିୟ ମଣିଷର ସେବିକା ହେବା ଆବଶ୍ୟକ ବୋଲି ଶବରୀଙ୍କର ହୃଦ୍‌ବୋଧ ହୋଇଛି । ଅତଏବ ଶ୍ରୀରାମ ଆସିବା ପର୍ଯ୍ୟନ୍ତ ଶବରୀଙ୍କୁ ଏଇଠି ଅପେକ୍ଷା କରିବାକୁ ହେବ । ମାଟିହେବା ପୂର୍ବରୁ କାଟିବାକୁ ଗୋଟାଏ ନିରୋଳା ମୁହୂର୍ତ୍ତ ।

ପଦ୍ମପୋଖରୀ ପାଳଟିଥିବା ଶବରୀ ପ୍ରିୟତମଙ୍କ ନ ଆସିବା ଗ୍ଲାନିରେ ତାଙ୍କୁ ସଂଧାନ କରିବା ପାଇଁ ଜଗତ ପରିକ୍ରମା କରିବା ପାଇଁ ମନ ବଳାଇଛନ୍ତି । ପବନର ଅଶ୍ୱଚଢ଼ି ଶବରୀଙ୍କର ଏହି ଯାତ୍ରା ଆରଂଭ ହୋଇଛି । ଶବରୀ ମନ ଭିତରେ ଏକ ଲଂବା ଅନ୍ୱେଷଣ ଆରମ୍ଭ କରିଛନ୍ତି । ଏହି ଅନ୍ୱେଷଣରେ ସେ ଲକ୍ଷ୍ୟ କରିଛନ୍ତି ଶ୍ୟାମଳ ପ୍ରକୃତିକୁ । ପ୍ରତିବଦ୍ଧ ଶବରୀଙ୍କ ଲୋଡ଼ିବା ପଣ ଏତେ ତୀବ୍ର ଓ ହୃଦୟ ପୂର୍ଣ୍ଣ ଯେ ସବୁଠି ସେ ଶ୍ରୀରାମଙ୍କୁ ଅନୁଭବ କରିଛନ୍ତି । ଶବରୀଙ୍କର ଏହି ମୁଗ୍ଧ ଅନୁଭବଯି ନିମିଷକେ ଅପସରି ଯାଉଚି । ଯାହା ତାଙ୍କୁ ରାମମୟ ମନେ ହେଉଥିଲା ସେଇଠି ସେ ନିର୍ଜନତା ଓ ଶୂନ୍ୟତାକୁ କେବଳ ସାମ୍ନା କରୁଛନ୍ତି । ଆଦର୍ଶ ପୁରୁଷ ରାମ ଚନ୍ଦ୍ର ବୋଧହୁଏ ଆଦର୍ଶ ଫୋପାଡି ତାଙ୍କ ସହ ଆଉ ଏକାଠି ହେବେ ନାହିଁ ବୋଲି ଶବରୀଙ୍କର ଧାରଣା ସୃଷ୍ଟି ହେଉଛି । ଶ୍ରୀ ରାମଙ୍କ ସମଗ୍ର ଆଦର୍ଶକୁ ପରାହତ କରି ଜଣେ ନିଷ୍ପାପର ପ୍ରେମିକାପରି ତାଙ୍କ କାଂଧରୁ ଧନୁ ଉଠାଇ ଚୁମାରେ ତାଙ୍କୁ ଚିତ୍ରମୟ କରିଦେବା ପାଇଁ ଇଚ୍ଛା ପୋଷର  କରିଛନ୍ତି ।

‘କ୍ଷତିରୁ ଯନ୍ତ୍ରଣା ସବୁ
ପୋଛିଦେଇ ସାରି
ତୁମ ଜୀବନ ଚର୍ଯ୍ୟାରେ
ଯେତକ ଅଭାବ
ଯେତେ ଶୂନ୍ୟସ୍ଥାନ ଅଛି
ମୋ ଚୁମାରେ, ମୋ ହସରେ
ଅଧୈର୍ଯ୍ୟ ଲୁହରେ ମୋର
ସବୁକୁ ମୁଁ ପୂର୍ଣ୍ଣ କରିଦିଏଁ ।’ (ପୃଥ୍ୱୀରୂପା-୩)

ଶବରୀର ଏ ପରିଚୟ ସଂପୂର୍ଣ୍ଣ ଭିନ୍ନ । ସେ ଆଜି ନିଜ ପାଇଁ ପରମେଶ୍ୱରଙ୍କ ପାଖରେ ପ୍ରାର୍ଥନା ପ୍ରାର୍ଥୀନୀ ନୁହେଁ । ପରନ୍ତୁ ଈଶ୍ୱରଙ୍କର ସାମୟିକ ଦୁଃଖର ନିଦାନ ଭାବରେ ଶବରୀଙ୍କର ପ୍ରତୀକ୍ଷା । ଶବରୀଙ୍କର ଏହି ପ୍ରତୀକ୍ଷା ମାତା ସ୍ୱରୂପ କବିତାରେ ନୂତନ ଅର୍ଥ ସୃଷ୍ଟି କରିଛି ।

‘ପୃଥ୍ୱୀରୂପା’ର ଶେଷ କବିତା ହେଉଛି ସମଗ୍ର ‘ଶବରୀ’ ଦୀର୍ଘ କବିତା କ୍ରମର ଶେଷ କବିତା । ଏହି କବିତାରେ କବି ଏକ ବିସ୍ତୃତ ଭାବଭୂମି ଭିତରେ ଶବରୀଙ୍କର ଭିନ୍ନ ଭିନ୍ନ ଭୂମିକାର ମୂଲ୍ୟାୟନ କରିଛନ୍ତି । ଶବରୀ ପ୍ରଥମେ ନିଜର ଆତ୍ମପରିଚୟ କ୍ରମରେ ନିଜର ଦେବୀରୂପା ସଂପର୍କରେ ସୂଚନା ପ୍ରଦାନ କରିଛନ୍ତି । ମହାଶୂନ୍ୟରୁ ଫିଟିଆସିଥିବା ସେ ଜଣେ ନିତ୍ୟନାରୀ । ମାନବୀ ଜନ୍ମ ଭୋଗୁଥିବା ସେ ଜଣେ ଆଦିନାରୀ ସତ୍ତା । ଶବରୀ ଅଭିଶପ୍ତା ହୋଇ ମାଟିକୁ ଓହ୍ଲେଇ ଆସିଛନ୍ତି । ପଥର ପରି କଠୋର ସମୟ ସେ କେବଳ ଜଣେ ପ୍ରିୟ ପୁରୁଷ ପ୍ରତୀକ୍ଷାରେ ଭୋଗି ଚାଲିଛନ୍ତି । ନିଜର ସବୁକିଛି ହରେଇ ଦେଇଥିବା ଶବରୀଙ୍କ ହୃଦୟ ସାରା ଆତ୍ମତ୍ୟାଗ ଓ ତ୍ୟାଗର ସଂଚୟ । ସହସ୍ର ବର୍ଷ ଧରି ଯନ୍ତ୍ରଣାକ୍ତ ପ୍ରତୀକ୍ଷାମାଣ ଶବରୀ ଆଜିର ବାରୁଦ ଧୂଆଁରେ ବିପର୍ଯ୍ୟସ୍ତ । ସମକାଳୀନ ସମୟର  ଦାରୁଣଚିତ୍ର ଶବରୀକୁ ପୃଥ୍ୱୀରୂପା କରିବାକୁ ବାଧ କରିଛି । ନିଜ ଇପ୍‌ସିତ ପୁରୁଷର ସଂତୋଷ ନ ହେଲା ନାହିଁ ସମଗ୍ର ଜଗତର କଲ୍ୟାଣା ନିମନ୍ତେ ଶବରୀ ପ୍ରସ୍ତୁତ ହୋଇଛି । ସମକାଳୀନ ସମାଜର ଯନ୍ତ୍ରଣାକ୍ତ ଚିତ୍ର ଶବରୀକୁ ବ୍ୟଥିତ କରିଛି ।

‘ଦେଖୁଚ କିପରି
ଦୀର୍ଘ ନିଃଶ୍ୱାସର
ହାତରେ ହାତ ରଖି ମୁଁ ଆସିଚି ଯେ
ଛୁରୀ ବାରୁଦର
ବିକଟାଳ ହସରେ
ମୋ ମୃତ୍ତିକାରା ମଂଜ
ଥରହର ।’ (ପୃଥ୍ୱୀରୂପା-୪)

ଏପରି ବର୍ଣ୍ଣନା ଆହୁରି ଉତ୍କଟ ରୂପ ଧାରଣ କରିଛି ଯେଉଁଠି କବି ‘ଶିଶୁଙ୍କର ରୁଗ୍‌ଣ ସ୍ୱର’ ‘ଶତାବ୍ଦୀର ଧ୍ୱଂସସ୍ତୁପ ତଳେ ପବନ ମୂର୍ଚ୍ଛାଯିବା’ ଆଦି ପ୍ରସଙ୍ଗ ଗୁଡ଼ିକର ବର୍ଣ୍ଣନା କରିଛନ୍ତି । ଶବରୀର ଶେଷ କବିତାଟି ଏକ ଯୁଦ୍ଧ କ୍ଷତଗ୍ରସ୍ତ ବିକଳାଙ୍ଗ ସଭ୍ୟତାର କଥା ହିଁ କହିଛି । ଯେଉଁଠି ଶିଶୁ, ବୟସ୍କ, ବୃଦ୍ଧ, ନାରୀ, ସଂସ୍କୃତି, ମାନବିକତା, ସମୟ ସବୁ ବିପନ୍ନ, ଏପରି ଗୋଟିଏ ସମୟକୁ ସ୍ୱାଧୀନତା ପରବର୍ତ୍ତୀ ଭାରତ ବର୍ଷର ସୀମାଯୁଦ୍ଧ, ସଂତ୍ରାସବାଦ, ଜାତି ଓ ଧର୍ମ ଦଙ୍ଗା, ରାଜନୈତିକ ଅପରାଧ, ନାରୀ ଦୁଷ୍କର୍ମ ଆଦି ଘଟଣା ସହିତ ଯୋଡ଼ି ବିଚାର କରାଯାଇ ପାରିବ। ଏଠାରେ ଶବରୀ ଅନନ୍ତକାଳରୁ ଆଧୁନିକତମ ସମୟ ପର୍ଯ୍ୟନ୍ତ ଯନ୍ତ୍ରଣାକ୍ତ ଇତିହାସରେ ପ୍ରତିନିଧିତ୍ୱ କରେ । ଏଥିପାଇଁ ଶବରୀଙ୍କର ମନେ ହୋଇଛି,

‘ମତେ ଲାଗିଲା ଯେ
ଏଇ ଘୂର୍ଣ୍ଣିର ମଝିରେ
ଫେଣ୍ଟା ଫେଣ୍ଟି ପାପପୁଣ୍ୟ
ଯୁଦ୍ଧ, ରକ୍ତପାତ, ଶୋକ
ଘଟଣାଗତ ଶୃଙ୍ଖଳା
ଇତିହାସ କ୍ରମ
ସବୁ ଲିଭିବୁଡ଼ି ଯାଏ ।’(ପୃଥ୍ୱୀରୂପା-୪)

ପୁରାକଳ୍ପର ବଂଧନୀ ଭିତରୁ ବାହାରି ଶବରୀ ଏଇଠି ସମକାଳରେ ଫେଣ୍ଟି ହୋଇ ଯାଆନ୍ତି । ପୃଥିବୀର ଯୁଗବତ୍ ଯନ୍ତ୍ରଣାରେ ନିଜକୁ ସାମିଲ୍ କରି ସେ ପୃଥ୍ୱୀରୂପା ପାଲଟି ଯାଆନ୍ତି । ପୃଥ୍ୱୀରୂପା ହେବା ପୂର୍ବରୁ ସେ ମାନବୀ-ଦେବୀ ଆଦି ଭିନ୍ନ ଭିନ୍ନ ଭୂମିକା ଗୁଡିକୁ ଅତିକ୍ରମି ଆସିଛନ୍ତି । ପ୍ରେମିକା ବଦଳରେ ସେବିକା ହେବାହିଁ ତାଙ୍କର ନିୟତି । ଏହି ସେବିକା ହେବା ପାଇଁ ଶବରୀ ବାରଂବାର ନିଜ ଭିତରେ ଦେବୀରୂପ ଧାରଣ କରିଛନ୍ତି । ନିଜର ଏହି ଐଶୀ ସତ୍ତା ସଂପର୍କରେ ଶବରୀ କହନ୍ତି :

‘ଅନୁରାଗମୟ ନିର୍ଝର ମୁଁ
ଆସ ଆସ ଠିଆହୁଅ
ମୁଁ ସଜାଇ ଦିଏଁ

ଲାଂଛିତ ଗର୍ବକୁ ତୁମ
ତୁମ ଅନ୍ତଃ କରଣର
ବୀତସ୍ପୃହତାକୁ ।' (ପୃଥ୍ୱୀରୂପା-୪)

ଶବରୀଙ୍କର ସମସ୍ତ ଆହ୍ୱାନ ବ୍ୟର୍ଥ ହୋଇଛି । ଆଦର୍ଶ ପୁରୁଷ ନିଜ ମର୍ଯ୍ୟାଦାର ଏରଣ୍ଡୁଡେଇଁ କେବେ ବି ତା' ପାଖକୁ ଆସି ନାହାଁନ୍ତି । ଶବରୀ ଯାହା ପାଇଛି ବା ଯାହା ପାଇବାରା ନକ୍ସା ଆଙ୍କୁଛି ସେ ସବୁ କେବଳ ସ୍ୱପ୍ନ, ସ୍ୱର୍ଗତୋକ୍ତି ପର୍ଯ୍ୟାୟରେ ରହିଯାଇଛି । ଶବରୀଙ୍କର ଲୋଡିବା ପଣରେ ନିଷ୍ଠାର ଅଭାବ ନାହିଁ । ଏହି ନ ପାଇବାର ନିରାଶାରୁ ତ' ସେ କ୍ରମଶଃ ପୃଥ୍ୱୀରୂପାରେ ପରିଣତ ହୋଇଯାଇଛନ୍ତି । ପଦ୍ମ ସରୋବର କୂଳରେ ଯୁଗବଥ ଅପେକ୍ଷା କରି ଥରେ ପ୍ରେମମୟ ପୁରୁଷଙ୍କ ଦର୍ଶନ ଉପରାନ୍ତେ ସେ ତାଙ୍କ ନୂଆ ଭୂମିକା ପାଖକୁ ଫେରିଯିବେ ।

'ମୁଁ ଯିବି, ନିଶ୍ଚୟ ଯିବି
ଧୂଳି ଉପରେ ହିଁ
ରାମନାମ ଲେଖିଦେଲା ପରେ ।' (ପୃଥ୍ୱୀରୂପା-୪)

ଶବରୀଙ୍କର ପ୍ରତୀକ୍ଷା ଜନିତ ନିଃସଙ୍ଗତା ଓ ଯନ୍ତ୍ରଣାକୁ କବି ପ୍ରତିଭା ଶତପଥୀ ବାସ୍ତବ ପରିବେଷଣ କରିଛନ୍ତି । ସମୟ ସ୍ରୋତର ପ୍ରତିକୂଳରେ ଯାଇ ପ୍ରିୟ ପୁରୁଷକୁ ଅପେକ୍ଷା କରିବା କଣ ସହଜ କଥା ? କବି ଏହି ଭୟକୁ 'ନିଆଁର ବିଶାଳ ଦାନ୍ତ' 'କୋଟି କୋଟି ଜିହ୍ୱା 'ସହସ୍ରବାହୁ' ଆଦି ରୂପକଳ୍ପ ମାଧମରେ ପ୍ରସ୍ତୁତ କରିଛନ୍ତି । ସମୟର ଅନନ୍ତ ପ୍ରବାହରେ ଶବରୀ ନିଜର ଅବସୋସ ନେଇ ଅପେକ୍ଷା କରନ୍ତି । ସମୟ ତାଙ୍କୁ ଅବହେଳା କରି ଚାଲିଯାଏ । ଆତ୍ମାର କଠୋର ଶୋକକୁ ଧରି ଭୋର କୁହୁଡ଼ିରେ ଓଦା ହୋଇ ଥୁଣ୍ଟା ଗଛ ଡାଳରେ ପକ୍ଷୀଟିଏ ପରି ଶବରୀ ଥରୁଥାଏ । ପ୍ରିୟତମ ମଣିଷକୁ ପାଇବା ପାଇଁ ଶବରୀ କରୁଥିବା ତମାମ ପ୍ରାର୍ଥନା ପ୍ରକାରନ୍ତରେ ଜଗତବାସୀଙ୍କ ଦୁଃଖ ହରଣ ପାଇଁ ସମର୍ପିତ ହୋଇଯାଏ ।

'କାଳେ ମୋର ପ୍ରାର୍ଥନାରେ
କୋଟି କୋଟି ପ୍ରାଣୀଙ୍କ ଭାଗ୍ୟକୁ
ଘଟୁଥିବା
ଘଟିବାକୁ ଥିବା ଘଟଣାକୁ
ଦୁଃଖ, ହାହାକାର ଠାରୁ
ଯିକେ ଭିନ୍ନ
କରି ଦେଇ ପାରେ ।' (ପୃଥ୍ୱୀରୂପା-୪)

କବିତାରେ ଶେଷ ପର୍ଯ୍ୟାୟରେ ଶବରୀ ନିଜର ବ୍ୟକ୍ତିଗତ ତପସ୍ୟା, ପ୍ରତୀକ୍ଷା, ପାପପୁଣ୍ୟ ଓ ଅବଶିଷ୍ଟ ଆୟୁଷକୁ ପୀଡ଼ିତ ଜଗତବାସୀଙ୍କ କଲ୍ୟାଣ ନିମନ୍ତେ ପ୍ରୟୋଗ କରିଛି । ବ୍ୟକ୍ତି ଶବରୀ ବଦଳି ଯାଇଛି ଗଣଶବରୀରେ । 'ଶବରୀ' ପାଲଟି ଯାଇଛି ପୀଡିତ ମଣିଷର ପ୍ରତିନିଧି । କୁହୁଳା ଭୂଇଁ ଉପରେ ଅମୃତର ଚେନାଏ ଦୃଷ୍ଟିପାତ କରିବା ତାର ଏକାନ୍ତ ଇଚ୍ଛା । ସମଗ୍ର କବିତା ମାନଙ୍କରେ ଶବରୀ ନିଜ ପାଇଁ କିଛି ମାଗି ନାହିଁ । ସେ ଦେଇ ଜାଣିଛି ପାଇନି କିଛି । ସାଧାରଣ

ସ୍ତରର ସାଧିକା କି ପ୍ରେମିକା ମାନଙ୍କ ପରି ପରମ ପୁରୁଷଙ୍କ ବିଶାଳ ସତ୍ତାକୁ ନିଜ ପଣତକାନିରେ ଗଣ୍ଠି ପକାଇବାକୁ ଚାହିଁନାହିଁ । ଶବରୀ ତାଙ୍କ ଅନ୍ୱେଷଣର ସଂଚିତ ତମାମ ପୁଣ୍ୟଫଳ ଯନ୍ତ୍ରଣାକ୍ଲିଷ୍ଟ ମଣିଷର ଉତ୍ଥାନ ପାଇଁ ବ୍ୟୟ କରିଛନ୍ତି । ଏହାହିଁ ଶବରୀଙ୍କର ନୂତନ ପରିଚୟ । ପୁରାଣ ଓ ଲୋକ କଥାର ପୃଷ୍ଠାରୁ ବାହାରି ଯୁଦ୍ଧ କ୍ଷତିଗ୍ରସ୍ତ ବିଶ୍ୱ ଓ ସ୍ୱାଧୀନତା ପରବର୍ତ୍ତୀ ଭାରତ ବର୍ଷର ସାମାଜିକ ପୃଷ୍ଠଭୂମିରେ ସେ ଯୋଡ଼ି ହୋଇ ଯାଇଛନ୍ତି । ଶବରୀ ଏହି ମର୍ମରେ ଜଣେ ଇତରା ନାରୀ ନୁହେଁ ବରଂ ବିଶ୍ୱକୁ ଆଲୋକ ଦେବା ପାଇଁ ପ୍ରସ୍ତୁତ ଜଣେ ଉତ୍ସର୍ଗୀକୃତ ଜନନୀ ।

### ୧.୩ : 'ଶବରୀ'ର ଚରିତ୍ର ଚିତ୍ରଣ

'ଶବରୀ' ଦୀର୍ଘ କବିତାର ମୁଖ୍ୟ ଚରିତ୍ର ହେଉଛି ଶବରୀ । ଏହା ଏକ ନାୟିକା ପ୍ରଧାନ ଦୀର୍ଘ କବିତା । ଶବରୀଙ୍କ ଜୀବନ ଅନୁଭୂତିକୁ ନେଇ ସମଗ୍ର କବିତା ରୂପାୟିତ ହୋଇଛି । କବିତାର ଶେଷ ପର୍ବରେ ଅମୋକ୍ଷତପ ଶୀର୍ଷକ ଗଦ୍ୟ ରଚନାରେ କବି ପ୍ରତିଭା ଶତପଥୀ ଶବରୀଙ୍କ ସଂପର୍କରେ ବକ୍ତବ୍ୟ ରଖିଛନ୍ତି । 'ରାମଚନ୍ଦ୍ରଙ୍କ ଅପେକ୍ଷାରେ ରହିଥିବା' ଶବରୀ ଦଶ ସହସ୍ରବାର ଯେ ପୃଥିବୀରେ ଜନ୍ମିଛନ୍ତି । ପ୍ରତି ଜନ୍ମରେ ଶ୍ରୀରାମଙ୍କ ଦର୍ଶନ ଲାଭ ନିମନ୍ତେ ଅପେକ୍ଷା କରିଛନ୍ତି । କାରଣ ତାଙ୍କ ଗୁରୁ ମାତଙ୍ଗମୁନି ତାଙ୍କୁ କହିଛନ୍ତି ଯେ, ତାଙ୍କତପସ୍ୟା, ତାଙ୍କ ଜୀବନ, ସାଧନା ବୃଥା ଯିବନାହିଁ । ପରମ ପୁରୁଷ ଦିନେ ନା ଦିନେ ଆପଣା ଛାଏଁ ତାଙ୍କ ନିକଟକୁ ଆସିବେ । ସେହି ଅନିର୍ବାପିତ ଆଶାରେ ଶବରୀ ଦଶ ସହସ୍ରବାର ଯେ ପୃଥିବୀକୁ ଭୋଗିଲେ । ଗୋଟିଏ ଜୀବନର ଜ୍ୱାଳା ଓ ସଙ୍କଟକୁ ଅଙ୍ଗେ ନିଭେଇଲା ବେଳେ ଦଶ ସହସ୍ରବାର ଜନ୍ମ ଜନିତ ଜୀବନ ଜ୍ୱାଳାକୁ ଆଂଶିକ ଭାବେ ହେଲେ ମଧ୍ୟ କଳନା କରିହୁଏ । କଳ୍ପନା ଓ ବାସ୍ତବର ଆନୁପାତିକ ଦୃଷ୍ଟିରେ ଚାହିଁଲେ, ଶବରୀଙ୍କ ଜୀବନ ସାଧନା ପ୍ରାୟ ସ୍ପଷ୍ଟତର ହୋଇଥାଏ । (ଅମୋକ୍ଷତପ : ପୃ-୧୪୧) ନିଜର ଇପ୍ସିତ ପୁରୁଷଙ୍କୁ ପାଇବା ପାଇଁ ଶବରୀଙ୍କ ଅନନ୍ତ ପ୍ରତୀକ୍ଷା କେବଳ ପ୍ରତୀକ୍ଷାରେ ହିଁ ରହିଯାଇଛି । ପରମ ପୁରୁଷ ଶ୍ରୀରାମଙ୍କ ସାନ୍ନିଧ ନପାଇ ଶବରୀ ନିଃସଙ୍ଗ ହୋଇ ପଡିଛନ୍ତି । ଅବତାରୀ ଶ୍ରୀରାମ ନିଜର ସୀମାରେଖା ଅତିକ୍ରମ କରି ଶବରୀଙ୍କ ପାଖକୁ ଆସି ପାରି ନାହାଁନ୍ତି । ଲୋଡ଼ିବା ପଣର ଏତେ ସବୁ ବ୍ୟର୍ଥତା ସତ୍ତ୍ୱେ ଶବରୀ କେବେ ବି ଶ୍ରୀରାମଙ୍କୁ ଦୋଷ ଦେଇ ନାହାଁନ୍ତି । ଈଶ୍ୱରଙ୍କ ଅସହାୟତାକୁ ସେ ବୁଝିପାରିଛନ୍ତି । ଶବରୀଙ୍କ ଏହି ଅସହାୟତାକୁ କବି ବିଶ୍ଲେଷଣ କରିଛନ୍ତି । 'ଅବତାରତ ମଣିଷ – ତାଙ୍କର ନିଜସ୍ୱ ଦୁଃଖ ଅଛି । ଅସାମର୍ଥ୍ୟ ଓ ଦୁର୍ଭାଗ୍ୟ ରହିଛି – ଅଛି ପୁଣି ମଣିଷ ଭାବରେ ତାଙ୍କର ନିଷ୍ଠୁରତା, ଅବତାର ହୋଇ ଜନ୍ମି ଥିବାରୁ ରହିଛି ଦେବତ୍ୱର ଅହଙ୍କାର । ଏହିଭଳି କ୍ଲାନ୍ତ, ବିଧୁର, ଦୁର୍ଭାଗ୍ୟଗ୍ରସ୍ତ ଅବତାରଙ୍କ ଠାରୁ ଶବରୀ କ'ଣ ପାଇବାକୁ ଚାହାନ୍ତେ ? (ଅମୋକ୍ଷତପ, ପୃ. ୧୪୨) ଶବରୀଙ୍କ ପାଇବା ପଣ ଏପରି ଏକ ପୁରୁଷଙ୍କ ପ୍ରତି ସମର୍ପିତ ଯିଏ ନିଜେ ଏକ ଦୁଃଖ ପୂର୍ଣ୍ଣ ଜୀବନ ଯାପନ କରୁଛନ୍ତି । ଏପରି ଈଶ୍ୱରଙ୍କୁ ପାଇବା ପାଇଁ ଶବରୀ ମାର୍ଗଟି ପ୍ରେମ ଓ ଭକ୍ତି ଉପରେ ପର୍ଯ୍ୟବେସିତ । କେତେବେଳେ ସେ ଗୋଟାପଣ ପ୍ରେମିକା ପରି ମନେ ହୁଅନ୍ତି ତ ପୁଣି କେତେବେଳେ ଜଣେ ନିଷ୍ପାପର ଭକ୍ତ ପରି ତାଙ୍କର ଗୁଣ କୀର୍ତ୍ତନ କରନ୍ତି । ପ୍ରେମ ଓ ଭକ୍ତିର ମିଳନ–କ୍ଷେତ୍ର ହେଉଛନ୍ତି ଶବରୀ । ଈଶ୍ୱରଙ୍କୁ ପାଇବା ମାର୍ଗଟି ତାଙ୍କର ଏହି ପ୍ରେମିକା ଓ ସାଧିକା ସତ୍ତାକୁ ନେଇ ଗତିଶୀଳ । ଏହି ଦୁଇଟି ସତ୍ତା ଏତେ ନିବିଡ଼ ଭାବରେ ଏକାତ୍ମ ଯେ ଗୋଟିଏରୁ ଅନ୍ୟକୁ ଫେଡ଼ି ଶବରୀଙ୍କୁ ଏକ ନିର୍ଦ୍ଦିଷ୍ଟ ମାର୍ଗର ବୋଲି ମାନ୍ୟତା ଦିଆ ଯାଇ ପାରିବ ନାହିଁ । ଶବରୀଙ୍କ ପ୍ରିୟତମ ପ୍ରତୀକ୍ଷା ଜଣେ ବିପ୍ରଲବ୍ଧ ପ୍ରେମିକା ପରି ମନେହୁଏ ।

'ଏଭଳି ଗୋଟିଏ ରାତି
ଗୋଟିଏ ଶତାବ୍ଦୀ ହୋଇଯାଏ ।

ରାତିଟି ଭିତରେ

ମୋ ଦେହରୁ ବାହାରି ମୁଁ

କେତେଥର ଝୁଣ୍ଟି ପଡିଥାଏ ।'(ବ୍ୟତୀତକାଳ-୫)

ଶବରୀଙ୍କର ସାଧିକା ସ୍ୱରୂପକୁ ଲକ୍ଷ୍ୟ କରାଯାଉ-

'କୁହୁଡ଼ି ପରି

ବାଇନ୍ଦ୍ର ଧନୁ ପରି

ବିମ୍ବପରି

ତୁମ ସ୍ଥିତି ମୋ ଠାରେ ଜଡ଼ିତ ।' (ମନ୍ତ୍ରସିଦ୍ଧା-୫)

ଶବରୀଙ୍କର ଦୁଇଟି ସତ୍ତା ଭିତରେ ଚିତ୍ତ ସଂଘର୍ଷକୁ ପୁଞ୍ଜି କରି ଶବରୀ ଚରିତ୍ରର ନିର୍ମାଣ ଘଟିଛି । ପ୍ରଥମେ ପ୍ରେମିକା ଓ ପରେ ପରେ ପ୍ରେମ ଉପେକ୍ଷିତ ହେବା ପରେ ଜଣେ ମନ୍ତ୍ରସିଦ୍ଧା ସାଧିକା ପରି ବିଶ୍ୱବାସୀଙ୍କ ଉଦ୍ଧାର ନିମନ୍ତେ ପୃଥ୍ୱୀରୂପା ହୋଇ ଯିବାକୁ ଶବରୀ ପସନ୍ଦ କରିଛନ୍ତି । ଅତଏବ ଶବରୀ କ୍ରମଶଃ ସ୍ଥୁଳ ରୂପରୁ ସୂକ୍ଷ୍ମସ୍ତର ଆଡ଼କୁ ଅଗ୍ରସର ହୋଇଛନ୍ତି । ନିଜ ପାଇଁ ଗୋଟାଏ ବୃହତ୍ତର ଭୂମିକା ନିର୍ମାଣ କରିବା ସହ ବ୍ୟକ୍ତି ପ୍ରେମରୁ ବିଶ୍ୱପ୍ରେମ ଆଡ଼କୁ ଆକର୍ଷିତ ହୋଇଛନ୍ତି । ଏହାହିଁ ଶବରୀ ଚରିତ୍ରର ବିଶେଷତ୍ୱ ।

ଶବରୀଙ୍କ ଚରିତ୍ରର ଅନ୍ୟତମ ଉଲ୍ଲେଖନୀୟ ଉଦାରତା ହେଲା ତାଙ୍କ ପ୍ରତୀକ୍ଷା । ଶ୍ରୀରାମଙ୍କ ଦର୍ଶନ ଓ ସାନିଧ୍ୟ ପାଇବା ପାଇଁ ଦଶ ସହସ୍ରବାର ସେ ପୃଥିବୀରେ ଜନ୍ମ ଗ୍ରହଣ କରିଛନ୍ତି । ପ୍ରତିଥର ତାଙ୍କର ସ୍ୱପ୍ନ ଭାଙ୍ଗିଯାଉଚି । ପ୍ରେମ ଓ ଭକ୍ତିକୁ ମାଧ୍ୟମ କରି ଶ୍ରୀରାମଙ୍କର ଯେତେ ନିକଟବର୍ତ୍ତୀ ହେବାକୁ ଇଚ୍ଛା କରିଛନ୍ତି, ଶ୍ରୀରାମ ତାଙ୍କ ଠାରୁ ସେତିକି ଦୂରକୁ ଚାଲି ଯାଇଛନ୍ତି । ଜନ୍ମ ଜନ୍ମ ବ୍ୟାପି ନପାଇବାର ଅସହାୟତା ଓ ପାଇବାର ଆଗ୍ରହ ଭିତରେ ନିର୍ଜନ ହୋଇ ପଡିଛନ୍ତି ଶବରୀ ।

'କେତେ ଜନ୍ମ ବିତିଗଲା

ପଦେ କଥା କେହି ହେଲେ ନାହିଁ

କେତେ କୋଳା ହଳ

କେତେ ଗଁ ଗଁ

ଅର୍ଥହୀନ କେତେ ଉଚ୍ଚାରଣ

ନ ହେଲା ମୋ ଚାରିପାଖେ

ମୋ କଣ୍ଠ ଭିତରେ ।

ମୁଁ ତାଙ୍କୁ କହନ୍ତି ଯାହା

ଉତୁରିଲା ନାହିଁ ମୋ ତୁଣ୍ଡରେ ।' (ବ୍ୟତୀତକାଳ-୩)

ଶବରୀଙ୍କ ଉପରୋକ୍ତ ନିଃସଙ୍ଗତାକୁ ବ୍ୟକ୍ତ କରିବା ସହଜ କଥା ନୁହେଁ । ଅପ୍ରାପ୍ତିର ଗ୍ଲାନି ଭିତରେ କ୍ରମଶଃ ନୀରବ ହୋଇ ଯାଉଥିବା ଶବରୀ କିନ୍ତୁ ନିଜ ଜୀବନକୁ ବ୍ୟର୍ଥ ହେବାକୁ ଦେଇ ନାହିଁ । ଦୁଃଖର ଭଉଁରୀ ଭିତରୁ ନୂତନ ଜୀବନ ଅନ୍ୱେଷଣପାଇଁ ତାରା ଯାତ୍ରା ଆରମ୍ଭ ହୋଇଛି । ନିଃସଙ୍ଗତାକୁ ଶବରୀ ପରମାନନ୍ଦରେ ପରିଣତ କରି ଜଗତ କଲ୍ୟାଣ ନିମନ୍ତେ ନିଜକୁ ଉତ୍ସର୍ଗ କରିଛି ।

‘ପୃଥ୍ୱୀ, ତୋର କ୍ରନ୍ଦସୀ ମୂର୍ତ୍ତିର
ନିର୍ଦ୍ଦୟ ଶୃଙ୍ଖଳ
ପ୍ରାର୍ଥନାର ସ୍ୱରଟିଏମୁଁ କେବଳ
ଶୁଣ, କେଉଁପରି ବିମୂର୍ଚ୍ଛିତ
ପ୍ରକଅତିର ଅଭ୍ୟନ୍ତରେ
ମାନବ ହଅଦୟରେ
ମୁଁ ପୁଣି ଆବହମାନ ପ୍ରସନ୍ନତା
ଏଇମାତ୍ର ଝଲସି ଉଠୁଚି
ଅଗଣିତ ଶିଶୁଙ୍କମୁଖରେ ।’ (ମନ୍ତ୍ରସିଦ୍ଧା-୧)

ଶବରୀ ଚରିତ୍ର ନିର୍ମାଣରେ କବି ଏପରି ଏକ ପ୍ରେମଶୀଳା ଶବରୀକୁ ଆଙ୍କିଛନ୍ତି ଯେ, ସିଏ ସମସ୍ତଙ୍କ ହୃଦୟ ଆଡ଼କୁ ସଂଚରି ଯାଇଛି । ନିଜ୍ ବ୍ୟର୍ଥତାକୁ ପଛରେ ପକାଇ ଜଗତ ମଙ୍ଗଳ ପାଇଁ ନିଜକୁ ନିୟୋଜିତ କରିଛି । ତଥା କଥିତ ମିଥଧର୍ମୀ କବିତା ମାନଙ୍କରେ ନାରୀର ଏହି ନୂତନ ନିର୍ମାଣ ଆପାତଃତ ସମ୍ଭବ ହୁଏ ନାହିଁ । କବି ପ୍ରତିଭା ଶତପଥୀ ସଚେତନ ଭାବରେ ଭାରତୀୟ ପାରଂପାରିକ ମିଥିକୁ ନୂତନ ଭାଷା ପ୍ରଦାନ କରିଛନ୍ତି । ଏହି ନୂତନ ଭୂମିକାରେ ଶବରୀ ଆଉ ଶବରୀ ବାଳୀ ହୋଇ ରହିନାହିଁ । ବର୍ତ୍ତମାନ ସମାଜରେ ଅନ୍ୟମାନଙ୍କ ପାଇଁ କାମ କରୁଥିବା ଜଣେ ସ୍ୱେଚ୍ଛା ସେବୀକା ହୋଇ ଯାଇଚି ଶବରୀ । ସାଂପ୍ରତିକ ଶବରୀର କ୍ଷେତ୍ର ମଧ୍ୟ ବ୍ୟାପକ । ଦଙ୍ଗା ଓ ରକ୍ତପାତରୁ ଜାତ ଅବିଶ୍ୱସ୍ତ ସମୟ ସହ ଲଢ଼ି ମାନବିକତାର ଜୟଗାନ କରିବା ଶବରୀର ଉଦ୍ଦେଶ୍ୟ ।

‘ଜନ୍ମ ହୋଇ ନାହାନ୍ତି
ଯେ ଶିଶୁମାନେ
ମୁଁ ତାଙ୍କର
ଆତଙ୍କରେ ଜୁଡୁବୁଡୁ
କଅଁଳିଆ ସ୍ୱର ଶୁଣିପାରେ ।’ (ମନ୍ତ୍ରସିଦ୍ଧା-୨)

ଶବରୀ ସେହି ଅଭାଗା ଓ ଅସହାୟ ଭବିଷ୍ୟତମାନଙ୍କ ପାଇଁ ମମତାମୟୀ ମା’ ପାଲଟିଯାଇଛି । ନାରୀ ହିଁ ସକଳ ଶକ୍ତି ଓ ମମତାର କେନ୍ଦ୍ର । ନାରୀଥରେ ନିଜକୁ ଆତ୍ମ-ଆବିଷ୍କାର କଲେ ଜୀବନର ତମାମ ସଂକୀର୍ଣ୍ଣତା ଚୁନା ହୋଇଯାଏ । ଏକ ଆକାଶମୁଖି ରାସ୍ତା ଫିଟିଯାଏ । ଶବରୀ ବ୍ୟକ୍ତି ବିମର୍ଷରୁ ବାହାରି ସଂସାର ସଂଗତିରେ ନିଜକୁ ନିୟୋଜିତ କରିବା

ଏହିପରି ଏକ ଉତ୍ତରିତ ଜୀବନ ବୋଧର ପରିଚୟ ପ୍ରଦାନ କରୁଛି । ଏହି ଦୃଷ୍ଟିକୋଣରୁ ସମକାଳୀନ ନାରୀ ପ୍ରାଧାନ୍ୟ କବିତା ମାନଙ୍କ ଭିତରେ ଶବରୀ ଶ୍ରେଷ୍ଠ । ନିଜସ୍ୱ ପ୍ରଲୋଭନକୁ ଉପେକ୍ଷା କରି ଜଗତମୟ ହେବା ସହଜ ସାଧନା ନୁହେଁ ? ଏହା କେବଳ ଶବରୀ କ୍ଷେତ୍ରରେ ସଂଭବ ହୋଇଛି ।

ଶବରୀଙ୍କର ଅନୁଭବ ହୋଇଛି ଯେ ସାମୁହିକ ସୁଖ ହିଁ କେବଳ ସ୍ୱୟଂ ସଂପୂର୍ଣ୍ଣ ସୁଖ । ମୋକ୍ଷ ଜୀବନର ଏକମାତ୍ର ଲକ୍ଷ୍ୟ ନୁହେଁ । ମୋକ୍ଷଠାରୁ ଅଧିକ ପ୍ରଶସ୍ତ ଓ ଯନ୍ତ୍ରଣାଦାୟକ ସୁଖ ପାଇଁ ଶବରୀ ନିଜକୁ ପ୍ରସ୍ତୁତ କରିଛି ।

'ମୁଁ ଏଠାରେ ରହିଥାଏଁ
ତୁମଠୁ ଅଲଗା
ନିଆଁର ବିଶାଳ ଦାନ୍ତ
କୋଟି କୋଟି ଜିହ୍ୱା
ଜ୍ୱଳମାନ ଭୟଙ୍କର ମୁଖର ବିବର
ସହସ୍ରବାହୁ
ବାହୁରେ ଦିବ୍ୟ ଅଳଙ୍କାର
ଧ୍ୱଂସ ପ୍ରବୃତ୍ତ ଯେ କାଳ
ମୁଁ ଏହାର ବକ୍ଷରେ ଆଉଜି
ରହିଥାଏଁ । (ପୃଥ୍ୱୀରୂପା-୪)

ଶବରୀଙ୍କର ଏହି ପ୍ରତି ବଦ୍ଧତା ଓ କାୟା ପରିବର୍ତ୍ତନ ସଂପର୍କରେ କବି କହନ୍ତି, 'ପ୍ରଭୁ, ମଣିଷକୁ ଦୁଃଖ ଦୁର୍ଭୋଗରୁ ତୁମେ ଯଦି ମୁକ୍ତ କରି ନ ପାରୁଛ, ମତେ ଅନ୍ତତଃ ଅନୁମତି ଦିଅ ଯେ ମୁଁ ଏଠାରେ ରହି ତାର ଦୁଃଖର ଅଂଶୀଦାର ହୁଏଁ ଓ ତାର ଦୁର୍ଭୋଗକୁ କିଛିଟା ଊଣା କରିବାରେ ନିଜକୁ ନିୟୋଜିତ କରେ ।' (ଆମୋକ୍ଷତପ-ପୃ-୧୪୪) ଜୀବନରେ ରୂପାନ୍ତର ନ ଆସିଲେ ଜୀବନ ସଫଳ ହୁଏ ନାହିଁ । ଶବରୀଙ୍କ ଜୀବନ ପ୍ରବାହ ଏହି ରୂପାନ୍ତରୀଣ ପ୍ରକ୍ରିୟାର ସର୍ବଶ୍ରେଷ୍ଠ ଉଦାହରଣ । 'ବ୍ୟତୀତ କାଳ'ର ବିରହୀ ଶବରୀ 'ନିମୀଳନ'ରେ ପରମ ପୁରୁଷ ସହ ନିବିଡ଼ ଆବିଷ୍ଟତାରେ ମଜ୍ଜି ପାଇଛନ୍ତି ପରମ ପ୍ରଶାନ୍ତି । ପୁନଶ୍ଚ 'ମନ୍ତ୍ରସିଦ୍ଧା' ହୋଇ ଶ୍ରୀରାମଙ୍କ ସହ ପୃଥିବୀର ଅମଙ୍ଗଳ ଧୋଇ ଦେବା ପାଇଁ ନିଜର ଶକ୍ତିମୟୀତାର ପ୍ରୟୋଗ ପ୍ରୟାସୀ ହୋଇଛନ୍ତି । 'ପୃଥ୍ୱୀରୂପା'ର ଶବରୀ ଆଉ ନାରୀ ନୁହେଁ - ସେ ଆଦି ଜନନୀ । ଶବରୀଙ୍କ ଜୀବନ ଧାରା ବ୍ୟକ୍ତିରୁ ଆରମ୍ଭ ହୋଇ ବିଶ୍ୱ ମୁଖୀ ହୋଇଛି । 'ଶ୍ରୀରାମ' ଆରମ୍ଭରୁ ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିବାବେଳେ କବିତାର ଶେଷ ଆଡ଼କୁ ଶବରୀ ବହୁବିଧ ଲକ୍ଷ୍ୟ ନେଇ ବିସ୍ତୃତ ଭୂମିକାରେ ଦେଖା ଦେଇଛନ୍ତି । ଅତଏବ ପୁରାକଳ୍ପର ଗଣ୍ଡି ଭିତରୁ ବାହାରି ଆସି ଏକ ସାଧାରଣ ଜୀବନ ଯାପନ କରିବା ସହିତ ଜନଗଡଙ୍କର ପ୍ରୀତାର୍ଥେ ନିଜକୁ ପ୍ରୟୋଗ କରିବା ଶବରୀର ସମକାଳୀନତା ଓ ସାର୍ବକାଳୀନତାକୁ ପ୍ରତିଷ୍ଠା ଦେଉଛି । ବ୍ୟକ୍ତିଗତ ପ୍ରାପ୍ତିରୁ ନିଜକୁ ଫେଡିବାର ବ୍ୟାକୁଳତା ଶବରୀଙ୍କ ଚରିତ୍ରର ଏକ ଐଶ୍ୱର୍ଯ୍ୟ ।

ନା - ନା ମତେ ଚୋଳିନିଅ
ମିଥ୍ୟାରୁ କ୍ଷଣିକତାରୁ
ମୋ ହୃଦୟକୁ ସ୍ୱାଧୀନ କର ଗୋ

କେତେ ରକ୍ତ ଝରିଲେ

କେଡ଼େ ଗଭୀର କଳା ପଡ଼ିଗଲେ ମୋ ଓଠ

ବୁଝିବି ମୁଁ

ମୁର୍ଖତାରେ ବିଭ୍ରାନ୍ତିରେ

କେଡ଼େ ମର୍ମାହତ ।' (ବ୍ୟତୀତକାଳ-୬)

ବ୍ୟକ୍ତି ଜୀବନରୁ ବିବ ଜୀବନ ଆଡ଼କୁ ରୂପାନ୍ତରିତ ହୋଇ ଯାଉଥିବା ପ୍ରତି ନାରୀ ହିଁ ଶବରୀ । ନିଜ ପ୍ରେମ, ପୁଣ୍ୟ, ପ୍ରତୀକ୍ଷାକୁ ଜଗତଜନ ପାଇଁ ବାଣ୍ଟିସୁସ୍ଥ ଓ ସବୁଜ ପୃଥିବୀର  କାମନା କରୁଥିବା ନାରୀ ହିଁ ଶବରୀ ।

**୧.୪ : ଶବରୀର ଆଙ୍ଗିକ ବିଚାର :**

ଶବରୀ ଏକ ଦୀର୍ଘ କବିତାସଂଗ୍ରହ । ଗୋଟିଏ କାହାଣୀକୁ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରି କବି ଶବରୀ କବିତାକୁ ପୂର୍ଣ୍ଣ ପରିଚୟ ପ୍ରଦାନ କରିଛନ୍ତି । ଏଥିପାଇଁ କବି 'ବ୍ୟତୀତକାଳ' 'ନିମୀଳନ' 'ମନ୍ତ୍ରସିଦ୍ଧା' 'ପୃଥ୍ୱୀରୂପା' ନାମରେ ଚାରୋଟି ପର୍ଯ୍ୟାୟ କବିତାରେ ସୃଷ୍ଟି କରିଛନ୍ତି । ଏହି ଚାରୋଟି ପର୍ଯ୍ୟାୟ ଦେଇ ଶବରୀଙ୍କର ଜୀବନ ଚଯ୍ୟା, ଜୀବନ ଦର୍ଶନ ଓ ଭବିଷ୍ରତ କାର୍ଯ୍ୟପନ୍ଥା ସ୍ଥିର ହୋଇଛି । ଦୀର୍ଘ କବିତା ଗୁଡିକୁ ଭାବାତ୍ମକ ଦୃଷ୍ଟିରୁ କବି ଚାରୋଟି ପର୍ଯ୍ୟାୟଭୁକ୍ତ କରିଛନ୍ତି । ଭାବର ବିକାଶ ସହିତ କବିତାର ଆଙ୍ଗିକ ନିର୍ମାଣ ସମାନୁପାତିକ କ୍ରମରେ ବିକଶିତ ହୋଇଛି ।

ଶବରୀର ଆଙ୍ଗିକ ବିଚାରକଲାବେଳେ ଏହାର ଭାଷା ପ୍ରୟୋଗ ସଂପର୍କରେ ଆଲୋଚନା କରିବା ଆବଶ୍ୟକ ମନେହୁଏ । ଶବରୀର ସବୁଠାରୁ ବଡ଼ ସୌନ୍ଦର୍ଯ୍ୟ ହେଉଛି ଏହାର କାବ୍ୟଭାଷା । ମାପଚୁପ ଶବ୍ଦ ବସାଣ ସହ ଆବେଗଧର୍ମୀ ଭାଷା ପ୍ରୟୋଗ ଓ ସଂକ୍ଷିପ୍ତ ପଦରଚନା ଶବରୀ କବିତାମାନଙ୍କର ସବୁଠାରୁବଡ଼ ଆକର୍ଷଣ କବି ଦୀର୍ଘବାକ୍ୟ, ଗଦ୍ୟବଂଧ ବଦଳରେ ଚିତ୍ରଭାଷା ଓ କାବ୍ୟଭାଷା ପ୍ରୟୋଗ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । କବିଙ୍କ କାବ୍ୟ ଭାଷାକୁ ଲକ୍ଷ୍ୟ କରାଯାଉ –

(କ) ମୋ ଦେହରୁ ବାହାରି ମୁଁ
କେତେ ଥର ଝୁଣ୍ଟି ପଡିଥାଏ ।

(ଖ) ନିର୍ଜନ ଝରଣା ଜଳେ
ମୋ କେଶାକୁ ପଖାଳିଲା ବେଳେ
ପାଣି ସାରା
ଶିଉଳି ଲତା ପରି
ମୋ କେଶ ମାଡ଼ିଗଲେ ।

(ଗ) 'ସତେ ଅବା
ଧୂଳିକଣା ହିଁ ତୃଷିତ ଥିଲେ ।'

(ଘ) 'ଦେଖ, ଦେଖ
ପୂର୍ବାଶା କ୍ରମଶଃ
ତାର ରକ୍ତିମ ଗଣ୍ଡ ଦେଶରୁ

ପୋଛି ଦେଉଅଛି
କୁହୁଡ଼ିର ଧଳା ଧଳା ଗାର ।'

କାବ୍ୟ ଭାଷାର ସଠିକ୍ ପ୍ରୟୋଗ ଯୋଗୁ ଶବରୀ ଚରିତ୍ର ଅଧିକ ସଂପ୍ରସାରିତ ହୋଇ ପାରିଛି । ଶବରୀ ଜଣେ ଇତରା ରମଣୀ ହୋଇ ଥିବା ବେଳେ କବି ସମଗ୍ର କବିତାରେ ଅଭିଜାତ ଭାଷାର ପ୍ରୟୋଗ କରିଛନ୍ତି । ଶବରୀଙ୍କର ଉଚ୍ଚତର ଜୀବନ ଏଷଣା, ଐଶୀ ଅନୁଭବ ଓ ପାରତ୍ରିକ ପଟ୍ଟଭୂମି ଏପରି ଭାଷା ପ୍ରୟୋଗର ଏକମାତ୍ର କାରଣ । ସଂଯତ ଓ ସଂପାଦିତ ସୃଜନ କର୍ମରେ ଶବରୀର ଆଙ୍ଗିକ ନିର୍ମାଣ ହୋଇଛି । କାବ୍ୟ ଭାଷା ସହ କଥ୍ୟ ଭାଷାର ସୁସମନ୍ୱୟତା ପାଇଁ ଶବରୀର ଅଙ୍ଗ ସୌଷ୍ଠବ ପାଠକକୁ ଆକୃଷ୍ଟ କରିପାରିଛି ।

ଶବରୀ କବିତା ମାନଙ୍କରେ ପ୍ରତୀକ ଓ ଚିତ୍ରକଳ୍ପର ପ୍ରୟୋଗ ରହିଛି । କବି ଅନେକ ରୂପକଳ୍ପର ପ୍ରୟୋଗ କରିଛନ୍ତି, ଯାହାର ଉତ୍ସ ପ୍ରକୃତି ଭିତରେ ରହିଛି । ଶବରୀଙ୍କର ଚିତ୍ତବୃତ୍ତିର ବିଶ୍ଳେଷଣ ନିମନ୍ତେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ଏହି ଚିତ୍ରକଳ୍ପ ଗୁଡିକୁ ବିଶ୍ଳେଷଣ କରିବା ।

'ଗଛଡାଳେ ଲଟିକି ଥିବା
ହଳଦିଆ ପତ୍ର ମୁଁ ଯେ
ପବନର ଗୋଟିଏ ଝାଙ୍କ ହିଁ
ଖୁବ୍ ବେଶୀ ହେବ ।' (ନିମୀଳନ-୮)
'ଜରଣା ପାଣି ମଝିର ପଥର ମୁଁ
ମତେ ଗ୍ରାସ କରିବାକୁ
ଶିଉଳିର ଲହଲହ ଜିଭ
ଚାରିପଟୁ ବେଢ଼ି ଯାଉଥାଏ ।' (ମନ୍ତ୍ରସିଦ୍ଧା-୬)

ଉପର  ବର୍ଣ୍ଣିତ ଚିତ୍ର କଳ୍ପ ଗୁଡିକ ଶବରୀଙ୍କର ବିଭିନ୍ନ ଅବସ୍ଥାକୁ ବୁଝାଇ ଥିଲାବେଳେ, ଏସବୁ ଚିତ୍ର ଶବରୀଙ୍କର ପରିପାଶ୍ୱରୁ ହିଁ ସୃଷ୍ଟି ହୋଇଛି । ବନଚାରୀ ଶ୍ରୀରାମ ଓ ତାଙ୍କୁ ପ୍ରତୀକ୍ଷା କରୁଥିବା ଶବରୀଙ୍କର ସମସ୍ତ ଲୀଳାକ୍ଷେତ୍ର ଜଙ୍ଗଲ ହୋଇଥିବାରୁ ଜାଙ୍ଗଲିକ ଚିତ୍ର ସୁଷମାରେ ଏସବୁ ଚିତ୍ରକଳ୍ପେ ଗୁଡିକ ସମୃଦ୍ଧ ହୋଇଛନ୍ତି । ପାହାଡ଼ୀ ପ୍ରକୃତି ପାହାଡ଼ୀ କନ୍ୟା ଶବରୀ ସହ ଏକୀଭୂତ ହୋଇ ଯାଇଛନ୍ତି । କବିତାକୁ ଯଥେଷ୍ଟ ପ୍ରାକୃତିକ, ସବୁଜ ଓ ସୌନ୍ଦର୍ଯ୍ୟମୟ କରିବା ପାଇଁ ଶବରୀ କବିତା ସାରା ଜଙ୍ଗଲ ସୁଷମାର ପ୍ରୟୋଗ ବିଜ୍ଞାନ ସମ୍ମତ ମନେହୁଏ । ପାତ୍ରୋଚିତ, ବକ୍ତବ୍ୟ ଶୃଙ୍ଖଳଚିତ୍ର ମାଧ୍ୟମରେ ଶବରୀର ଆଙ୍ଗିକ ଅଧିକ ଚିତ୍ରମୟ ହୋଇପାରିଛି ।

ଶବରୀ କବିତାମାନଙ୍କରେ ପ୍ରତୀକ ଓ ଆର୍କିଟାଇପ୍‌ର ବ୍ୟବହାର ରହିଛି । ଚନ୍ଦ୍ର, ସୂର୍ଯ୍ୟ, ପ୍ରଭାତ, ପଦ୍ମ, କାକର ବିନ୍ଦୁ, ନକ୍ଷତ୍ର, ପକ୍ଷୀ, ଆକାଶ ଆଦି ଚିରନ୍ତନ ଭାବସତ୍ତା ଗୁଡିକର ପ୍ରୟୋଗ କବିତାକୁ ଶାଶ୍ୱତ ମର୍ଯ୍ୟାଦା ପ୍ରଦାନରେ ସହାୟକ ହୋଇଛି । 'ଶବରୀ' ଆଙ୍ଗିକ କ୍ଷେତ୍ରରେ ନୂତନତ୍ୱ ଓ ପରିବର୍ତ୍ତନ ସୃଷ୍ଟି କରିବାରେ ସକ୍ଷମ ନ ହେଲେ ମଧ୍ୟ ସଂଯତ ଉପସ୍ଥାପନ ଓ ମାର୍ଜିତ କବି କର୍ମ ଯୋଗୁ ଏହାର ଆଙ୍ଗିକ ଆକର୍ଷଣୀୟ ହୋଇ ପାରିଛି । ଶବରୀର ପାଠକୀୟ ସଫଳତା କ୍ରମରେ ଏହାର ଆଙ୍ଗିକ ସୌନ୍ଦର୍ଯ୍ୟର ଗୁରୁତ୍ୱପୂର୍ଣ୍ଣ ସହଯୋଗ ରହିଛି ।

### ୧.୫ : ନିଷ୍କର୍ଷ :

କବି ପ୍ରତିଭା ଶତପଥୀ 'ଶବରୀ' ଚରିତ୍ରକୁ ଗୋଟିଏ ଗପ ପରି ପ୍ରୟୋଗ ନକରି ଏଥିରେ ସମକାଳୀନ ପାଣିପାଗକୁ ଯୋଡ଼ି ଶବରୀକୁ ନୂତନ ପରିଚୟ ପ୍ରଦାନ କରିଛନ୍ତି । ପ୍ରତିଭା ଶତପଥୀଙ୍କ 'ଶବରୀ' ତ୍ରେତୟାର ରାମ ପ୍ରତିକ୍ଷିତାଶବରୀ କେବଳ ନାହିଁ, ସେ ଯୁଦ୍ଧ ବିକ୍ଷୁବ୍ଧ ଅମଙ୍ଗଳ ଭୋଗୀ ସମକାଳୀନ ବିଶ୍ୱର ମଙ୍ଗଳଠାକୁରାଣୀ । ସେ ମାନବୀ ଯେତିକି ଈଶ୍ୱରୀ ସେତିକି । ନିଜ ବ୍ୟକ୍ତିଗତ ପ୍ରାପ୍ତିକୁ ସମୂହ ପାଇଁ କିପରି ପରିତ୍ୟାଗ କରାଯାଇ ପାରେ ଶବରୀ ତାହାର ଉଦାହରଣ । ସମଗ୍ର କବିତାରେ ଶବରୀର ପ୍ରେମିକା-ସାଧିକା-ମାତୃତ୍ୱ ଆଜି ବିଭିନ୍ନ ସତ୍ତା ଗୁଡିକର ବର୍ଣ୍ଣନା ରହିଛି । ସମଗ୍ର କବିତାରେ ଶବରୀ ପ୍ରାଧାନ୍ୟ ବିସ୍ତାର କରିଥିବା ବେଳେ ତା'ର ଇପ୍‌ସିତ ପୁରୁଷ ଶ୍ରୀରାମଙ୍କ ସଂପର୍କରେ ମଧ୍ୟ ସୂଚନା ରହିଛି । ଆଜିର ବିକ୍ଷୁବ୍ଧ ବିଶ୍ୱର ପାପବୋଧ ଓ ଅମଙ୍ଗଳକୁ ଦୂର କରିବା ପାଇଁ ଈଶ୍ୱର ନିଜର ଅକ୍ଷମତା ପ୍ରକାଶ କରିବାର ସୂଚନା ରହିଛି । ଶବରୀ ଏକ ମଙ୍ଗଳ କାବ୍ୟ । ଏଥିରେ ଜୀବନ ଓ ସଭ୍ୟତାର ଜୟଗାନ ରହିଛି । ସଭ୍ୟତାର ନିରନ୍ତର ପ୍ରଭାବରେ ସ୍ଥୂଳ ଜୀବନ କ୍ରମଶଃ ଉଚ୍ଚତର ଅଭିବ୍ୟକ୍ତି ଆଡ଼କୁ ଅଗ୍ରସର ହେବାର ପ୍ରମାଣ ରହିଛି । ଏହି ସଙ୍କଳନର ସମସ୍ତ କବିତା ଶବରୀଙ୍କୁ ନେଇ ରଚିତ । ଶବରୀଙ୍କର ତ୍ୟାଗ-ତପସ୍ୟା-ପ୍ରେମ ଓ ପ୍ରତିବଦ୍ଧତା ସମଗ୍ର କବିତାର ସାରାଂଶ । ପୁରାଣ ଓ କିଂବଦଂତିର କାରାଗାରରୁ ଶବରୀ ପରି ଜଣେ ଶକ୍ତିମୟୀ ନାରୀକୁ ସମକାଳୀନ ପାଣି ପାଗରେ ସଶକ୍ତ ଉପସ୍ଥାପନା କରିବା ଶବରୀ କବିତା ମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ।

### ୧.୬ : ଆଦର୍ଶ ପ୍ରଶ୍ନାବଳୀ:

### (କ) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ ।

୧. କବି ପ୍ରତିଭା ଶତପଥୀଙ୍କ କବି ପରିଚୟ ପ୍ରଦାନ କରି 'ଶବରୀ' କବିତାର ପୃଷ୍ଠଭୂମି ଆଲୋଚନା କର ।

୨. ଏକ ମିଥ୍ ଧର୍ମୀ କବିତା ଭାବରେ 'ଶବରୀ' କବିତା ସମଗ୍ରର ମୂଲ୍ୟାୟନ କର ।

୩. ଶବରୀ କବିତା ଅବଲମ୍ବନରେ ଶବରୀଙ୍କର ଚରିତ୍ର ବିଶ୍ଳେଷଣ କର ।

୪. 'ଶବରୀ' କବିତା ଗ୍ରନ୍ଥର ନାମକରଣର ସାର୍ଥକତା ପ୍ରତିପାଦନ କର ।

୫. 'ପ୍ରେମ-ପ୍ରତୀକ୍ଷା-ପରମାର୍ଥ, ଶବରୀ କବିତା ମାନଙ୍କରେ କିପରି ପ୍ରକାଶ ପାଇଛି ଆଲୋଚନା କର ।

(ଖ) ସଂକ୍ଷିପ୍ତ ପ୍ରଶ୍ନାବଳୀ

୧ 'ବ୍ୟତୀତ କାଳ' କବିତାମାନଙ୍କର ସାରମର୍ମ ବୁଝାଇ ଦିଅ ।

୨. ଶବରୀ କବିତାର ନାୟକଙ୍କ ସଂପର୍କରେ ସୂଚନା ପ୍ରଦାନ କର ।

୩. ଶବରୀ ବାରମ୍ବାର ମାନବୀ ଜନ୍ମ ଗ୍ରହଣ କରିବାର କାରଣ କଣ ?

୪. ଶବରୀ ପୃଥ୍ୱୀରୂପା ହେବା ପାଇଁ କାହିଁକି ମନସ୍ଥ କଲେ ।

୫. 'ନିମୀଳନ'ର ଅର୍ଥ କଣ ?

୬. କବି ପ୍ରତିଭା ଶତପଥୀଙ୍କର ଅନ୍ୟାନ୍ୟ କବିତା ଗ୍ରନ୍ଥ ସଂପର୍କରେ ସୂଚନା ପ୍ରଦାନ କର ।

-୦-